


**ଦୀପ୍ତି ଶର୍ମା ସବୁଠୁ ଦାମୀ**
▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-152 ♦FRIDAY ♦28 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୫୨ ♦ଶୁକ୍ରବାର ♦୨୮ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ବିଧାନସଭାରେ ଜନପ୍ରତିନିଧିଙ୍କୁ ରାଷ୍ଟ୍ରପତିଙ୍କ ଗୁରୁମନ୍ତ୍ର

# ଉଚ୍ଚାରଣ, ଆଚରଣରେ ସଂଯମ ରହୁ

**ଗୃହରେ କ'ଣ କହୁଛନ୍ତି, କିପରି କହୁଛନ୍ତି ତାହା ସମସ୍ତେ ଜାଣି ପାରୁଛନ୍ତି**

**ଏଠାକାର ଆତ୍ମୀୟ ପରିବେଶ ମୋତେ ଭାବପ୍ରବଣ କରିଦେଇଛି**

**ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି**

**ଓଡ଼ିଶା କୋଳରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି**

**ଏହାର ସଦୁପଯୋଗ ଓଡ଼ିଶାକୁ ଅଗ୍ରଣୀ ପ୍ରଦେଶରେ ପରିଣତ କରିପାରିବ**

■ ଭୁବନେଶ୍ୱର, ୨୭।୧୧ (ସମିସ): ବର୍ତ୍ତମାନ ଟେକ୍ନୋଲୋଜିର ସମୟ, ଜନ ପ୍ରତିନିଧି ଭାବେ ଆପଣମାନେ ସାରା ରାଜ୍ୟରେ ଚିହ୍ନାମୁହଁ। ଆପଣମାନଙ୍କର ବହୁ ପ୍ରଶଂସକ ଏବଂ ଅନୁଗାମୀ ମଧ୍ୟ ରହିଛନ୍ତି। ଆପଣମାନେ କଣ କରୁଛନ୍ତି, କହୁଛନ୍ତି ତାହା ଜାଣିବା ପାଇଁ ସେମାନେ ଉତ୍ସୁକ ଥାଆନ୍ତି। ତେଣୁ ଆପଣମାନଙ୍କର ଉଚ୍ଚାରଣ ଓ ଆଚରଣ ଉଭୟ ମୂଲ୍ୟବାନ। ନେତା ଯାହା କରିବେ ଜନତା ତାହାକୁ ଅନୁସରଣ କରିବେ। ତେଣୁ ଆପଣମାନେ ନିଜ ଆଚରଣ ଏବଂ ଉଚ୍ଚାରଣକୁ ସଂଯମ ରଖିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ବୁଧବାର ଅପରାହ୍ନରେ ବିଧାନସଭାକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି ଯେ ଆଜି ଘରକୁ ଆସିଲା ପରି ଲାଗୁଛି। ଦେଶର ଏକାଧିକ ରାଜ୍ୟ, ରାଜ୍ୟ ବିଧାନସଭା, ବିଶ୍ୱର କେତେକ ଦେଶର ସଂସଦକୁ ସମ୍ବୋଧନ କରିବାର ସୁଯୋଗ ଲାଭ କରିଛି। ମାତ୍ର ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବା ମୋ ପାଇଁ ଖୁସିର ବିଷୟ। ମୁଁ ଗାଁରୁ ଏକ ସାଧାରଣ ଝିଅ ହୋଇ ଆସିଥିଲି। ଏହି ଗୃହ ମୋତେ କଥା କୁହା ଶିଖାଇଛି। ଆଜି ମୁଁ ଯେଉଁଠି ଅଛି ତାହାର ସମସ୍ତ ଶ୍ରେୟ ଏହି ଗୃହର। ଯଦି ଓଡ଼ିଶାର ଜନସାଧାରଣ, ଜଗନ୍ନାଥଙ୍କର ଆଶୀର୍ବାଦ ନଥାନ୍ତା, ତାହେଲେ ମୁଁ ଆଜି ଯେଉଁଠି ଅଛି ସେଇଠି ପହଞ୍ଚି ପାରିନଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ପୁଣି କହିଛନ୍ତି ଯେ ଏହି ଗୃହରେ ମୁଁ ବିଧାୟକ ଭାବେ ପ୍ରଶ୍ନ ପଚାରିଛି। ମନ୍ତ୍ରୀ ଭାବେ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଛି। ବିଭିନ୍ନ ସ୍ଥାୟୀ



କମିଟିର ଅଧ୍ୟକ୍ଷ ତଥା ସଦସ୍ୟ ଭାବେ ମୁଁ ମୋର ଚିନ୍ତା ପ୍ରକଟ କରିବାର ସୁଯୋଗ ପାଇଛି।

ରାଷ୍ଟ୍ରପତି କହିଛନ୍ତି, ଓଡ଼ିଶା କେବଳ ଏକ ପ୍ରାଚୀନ ଭୂଖଣ୍ଡ କିମ୍ବା ଆଧୁନିକ ପ୍ରଦେଶ ନୁହେଁ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରବାହ । ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ଓଡ଼ିଶା ▶ପୃଷ୍ଠା-୧୦


## ରାଷ୍ଟ୍ରପତିଙ୍କ ସାମଗ୍ରିକ ଜୀବନ ଅନୁକରଣୀୟ



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ବିଧାନସଭାରୁ ତାଙ୍କର ସକ୍ରିୟ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ନିଜର କଠୋର ଅଧ୍ୟବସାୟ ଓ ତ୍ୟାଗ ଫଳରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଛନ୍ତି। ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ରାଷ୍ଟ୍ରପତି ଭାବେ ସେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ସାର୍ବଜନୀନ ଏବଂ ରାଜନୈତିକ ଜୀବନ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବିଧାନସଭାରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ପ୍ରରିପେକ୍ଷୀରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରଖି କହିଥିଲେ ଯେ ଦୀର୍ଘ ୭୫ ବର୍ଷର ଓଡ଼ିଶା ବିଧାନ ସଭା ଇତିହାସରେ ପ୍ରଥମ ଥର ପାଇଁ ଦେଶର ପ୍ରଥମ ନାଗରିକ ବିଧାନସଭାକୁ ସମ୍ବୋଧନ ଓ ମାର୍ଗଦର୍ଶନ ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ପ୍ରାୟ ଏକ ଚତୁର୍ଥାଂଶ ଜନଜାତି ସଂପ୍ରଦାୟଥିବା ରାଜ୍ୟ ଓଡ଼ିଶାର ସେହି ସଂପ୍ରଦାୟରୁ ଦେଶର ରାଷ୍ଟ୍ରପତି ▶ପୃଷ୍ଠା-୧୦

## ରାଷ୍ଟ୍ରପତି ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି



ଏ ମାଟିର ଝିଅ ଆଜି ଦେଶର ରାଷ୍ଟ୍ରପତି, ଏଥିପାଇଁ ଏ ମାଟି ଗୌରବାନ୍ୱିତ। ଆହୁରି ଗର୍ବର କଥା ଯେ ସେ ତାଙ୍କର ରାଜନୈତିକ ଜୀବନ ୨୫ ବର୍ଷ ତଳେ ଓଡ଼ିଶା ବିଧାନସଭାରୁ ଆରମ୍ଭ କରିଥିଲେ। ଆଜି ସେ ଦେଶର ରାଷ୍ଟ୍ରପତି ହୋଇ ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବିଧାନସଭାରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପୂର୍ବରୁ ନିଜ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ଆମ ରାଜ୍ୟରୁ ଆସିଥିବା ଭାରତର ରାଷ୍ଟ୍ରପତି ଆଜି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରୁଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ, ଆମ ଦେଶ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ଆହ୍ୱାନ ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱ ବହନ କରୁଛି। ବିବିଧତା ମଧ୍ୟରେ ଏକତା ହେଉଛି ଆମ ରାଷ୍ଟ୍ରର ସୌନ୍ଦର୍ଯ୍ୟ। ଭାରତୀୟ ରାଜନୀତିକୁ ▶ପୃଷ୍ଠା-୧୦

### ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳତାକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

# ୪ ସପ୍ତାହ ମଧ୍ୟରେ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ)କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ବନ୍ଧିତ ଦୁଇଟି ମାମଲାର ଶୁଣାଣି କରି ଗୁରୁବାର ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଉଥିବା ଫଟୋ, ଭିଡିଓ ଏବଂ ଅନ୍ୟ ସବୁ ବିଷୟବସ୍ତୁ ପାଇଁ କାହାକୁ ନା କାହାକୁ ଉତ୍ତରଦାୟୀ କରିବାକୁ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏ ସମ୍ବନ୍ଧରେ ୪ ସପ୍ତାହ ମଧ୍ୟରେ ନୂଆ ଆଇନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଏସ୍‌ସି/ଏସ୍‌ଟି



**ନିଜ ଦାୟିତ୍ୱ ପ୍ରତି ସଚେତନ ରୁହନ୍ତୁ ୟୁଟ୍ୟୁବର୍**

ଆଇନ ଭଳି କଠୋର କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ସେହିପରି ଦିବ୍ୟାଙ୍ଗଙ୍କୁ ଅପମାନିତ କରିବା ମାମଲାରେ 'ଇଣ୍ଡିଆଜ ଗଟ୍ ଲାଟେଣ୍ଟ'ର ଉପସ୍ଥାପକ ତଥା ୟୁଟ୍ୟୁବର ସମୟ ରୈନାଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରାଇଛନ୍ତି। ନିଜ ଶୋ'ରେ ଦିବ୍ୟାଙ୍ଗ ଲୋକଙ୍କ ସଫଳତାର କାହାଣୀ ଦେଖାଇବାକୁ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୈନାଙ୍କୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଥିଲେ ଯେ ଆଗାମୀ ଶୁଣାଣି ପୂର୍ବରୁ କିଛି ଭଲ କାର୍ଯ୍ୟ କରି ଏଠାକୁ ଆସିବେ ବୋଲି ▶ପୃଷ୍ଠା-୧୦

# ରେକର୍ଡ ଭାଙ୍ଗିଲା ନଭେମ୍ବର ଶୀତ

**୭୧ ବର୍ଷ ପରେ ଝାରସୁଗୁଡ଼ାରେ ପାରଦ ସର୍ବନିମ୍ନ ସ୍ତରରେ**

**ଦୁଇ ଦିନ ମଧ୍ୟରେ ଆହୁରି ୩ ଡ଼ିଗ୍ରୀ ଖସିବ ତାପମାତ୍ରା**

**ବଙ୍ଗୋପସାଗରରେ ସୃଷ୍ଟି ହେଲା ଆଉ ଏକ ବାତ୍ୟା 'ଡିଟୱା'**

**ଓଡ଼ିଶା ଉପରେ ପ୍ରଭାବହୀନ, ରାଜ୍ୟକୁ ବହିବ ଥଣ୍ଡା ପବନ**

■ ଭୁବନେଶ୍ୱର, ୨୭ ।୧୧ (ସମିସ): ରାଜ୍ୟକୁ ପୁଣି ଫେରିଛି ଶୀତ। ଦୁଇ ତିନି ଦିନ ହେବ ତାପମାତ୍ରାରେ କ୍ରମାଗତ ହ୍ରାସ ଫଳରେ ଥଣ୍ଡାର ପ୍ରଭାବ ବୃଦ୍ଧି ପାଇଛି।ଅନେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଝାରସୁଗୁଡ଼ାରେ ତାପମାତ୍ରା ସର୍ବନିମ୍ନ ତାପମାତ୍ରା ୮.୧ ଡିଗ୍ରୀକୁ ହ୍ରାସ ହୋଇଛି। ଗତ ୭୧ ବର୍ଷ ପରେ ନଭେମ୍ବର ମାସରେ ଝାରସୁଗୁଡ଼ାରେ ଶୀତ ରେକର୍ଡ ସ୍ତରକୁ ଖସିଛି। ସେହିପରି ଜି. ଉଦୟଗିରିରେ ତାପମାତ୍ରା ୭.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲା ୭.୭, ସେମିଲିଗୁଡ଼ା ୮.୬, କିରେଇ ୯.୩, ▶ପୃଷ୍ଠା-୧୦





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସଞ୍ଚୟ 25 ନଭେମ୍ବର 2025 ଠାରୁ 25 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉକ୍ତ ମୋଟ ସଞ୍ଚୟ ହେଉଛି 100% ଜିଏସ୍‌ଟି ବେନିଫିଟ୍ କୁ ସଞ୍ଚୟ (ଏକ୍ସ ଶୋ-ରୁମ୍ ମୂଲ୍ୟ ଓ ତତ୍‌ଜନିତ ଆର୍‌ଟିଓ ଟ୍ୟାକ୍ସ ରେ), ଶୂନ୍ୟ ପ୍ରୋସେସିଙ୍ଗ ଫି ଓ 1 ବର୍ଷର ଓନ୍ ଡ୍ୟାମେଜ୍ ବୀମା (ଓଡି), ଶୂନ୍ୟ ପିଏଫ୍ ଏବଂ ଓଡି ରେ ସଞ୍ଚୟ ହୁଏତ ଫାଇନାନ୍ସର୍/ଇନ୍ସୋରର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଅଲଗା ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 • Banki MSB BAJAJ 9348819293 • Balugaon BHARAT BAJAJ 73810 99441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Rahama MAITREE BAJAJ 9668801781 • Chandikhole TARINI BAJAJ 9937310800 • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • RAJNAGAR MAITREE BAJAJ 7064987720/9668801781 • Rajnagar MAITREE BAJAJ 7064987720/9668801781 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979.

# ଚନ୍ଦନ ପିଣ୍ଡା ଆଦର୍ଶ ଗ୍ରାମ ଲୋକାର୍ପିତ

**ମ.ରାମପୁର, ୨୭ ।୧୧(ସମିସ):** ମଦନପୁର ରାମପୁର ପଞ୍ଚାୟତ ଅନ୍ତର୍ଗତ ଚନ୍ଦନ ପିଣ୍ଡା ଆଦର୍ଶ ଗ୍ରାମ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଲ୍‌ଟିଆଇ ମାଇଣ୍ଡଟ୍ରିର



ସହଯୋଗୀ ନିର୍ଦ୍ଦେଶକ ଜିତେନ୍ଦ୍ର ଘନଗାସ୍, ବରିଷ୍ଠ ପରିଚାଳକ ଶ୍ରୀଯୁକ୍ତ ଦେବୀପ୍ରସାଦ ରାୟଗୁରୁ, ମହାଶକ୍ତି ଫାଉଣ୍ଡେସନର ସିଇଓ ଶ୍ରୀଯୁକ୍ତ ଯୁଗଳ କିଶୋର ପଟ୍ଟନାୟକ, ମଦନପୁର ରାମପୁର ସରପଞ୍ଚ ଶ୍ରୀମତୀ ବୀଣାପାଣି ସାହୁ ଯୋଗ ଦେଇ ଆଦର୍ଶ ଗ୍ରାମକୁ ଲୋକାର୍ପିତ କରିଥିଲେ। ଏଲ୍‌ଟିଆଇ ମାଇଣ୍ଡଟ୍ରି ସଂସ୍ଥା ତରଫରୁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସହଯୋଗରେ ଗ୍ରାମରେ ଜଳସେଚନ ପାଇଁ ଚାଷ ପୋଖରୀ ଖନନ, ବିଦ୍ୟାଳୟ ଓ ଅଙ୍ଗନବାଡି ଗୃହ ମରାମତି, ସୌର ଆଲୋକି କରଣ, ପନିପରିବା ଚାଷ, ସ୍ୱୟଂ ସହାୟକ ଦଳ ଦ୍ୱାରା କୁକୁଡ଼ା ଚାଷ, ନଳକୂପ ମରାମତି, ଗ୍ରାମ ସଫେଇ, ସୌନ୍ଦର୍ଯ୍ୟକରଣ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ ଗ୍ରାମରେ ମଦନପୁରରାମପୁର ସରପଞ୍ଚ ଶ୍ରୀମତୀ ବୀଣାପାଣି ସାହୁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବୈଠକରେ ସମସ୍ତ କାର୍ଯ୍ୟକୁ ଗ୍ରାମବାସୀ ତଥା ଗ୍ରାମପଞ୍ଚାୟତକୁ ସଂସ୍ଥା ତରଫରୁ ତଦାରଖ ପାଇଁ ହସ୍ତାନ୍ତର କରାଯାଇଥିଲା।କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ଭାଗ୍ୟଶ୍ରୀ ରାଉତ, ମିତ୍ରଭାନୁ ସାହୁ, ସମୀର ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ



**ନୂଆପଡ଼ା, ୨୭ ।୧୧(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଚୁଲାଭାଟରେ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମୋହିନୀ ସୁନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଦର୍ଶନୀରେ ୩୦ଟି ଗବେଷଣା ପ୍ରକଳ୍ପକୁ ପ୍ରଦର୍ଶିତ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଷୀ, ମୁଖ୍ୟବକ୍ତା ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ କୁମାର ହୋତା, ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ଚୁଲାଭାଟ ପଞ୍ଚାୟତର ସରପଞ୍ଚ ଚମ୍ପାବାଇ ଠାକୁର ଓ ସମିତି ସଦସ୍ୟ ଉର୍ବଶୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।ପ୍ରଦର୍ଶନୀ ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଷୀଙ୍କ କରକମଳରେ ଉଦ୍‌ଘାଟନ ହୋଇଥିଲା।ପ୍ରଦର୍ଶନୀରେ ବିଚାରକ ଭାବରେ ଭରୁଆଁମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ନାୟକ ଓ ଆମାନାରା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରମିଳା ଶବର ଉପସ୍ଥିତ ରହି କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକଳ୍ପକୁ ନିରୀକ୍ଷଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ପ୍ରକଳ୍ପକୁ ନିରୀକ୍ଷଣ କରି ବିଇଓ, ଛାତ୍ରଛାତ୍ରୀ ତଥା ସମସ୍ତ ଶିକ୍ଷକଙ୍କୁ ଉତ୍ସାହିତ କରିବା ସହ ଉପାନ୍ତ ଅଞ୍ଚଳରେ ଥିବା ଚୁଲାଭାଟ ପରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ଆଗ୍ରହ ଦେଖି ପ୍ରଶଂସା ଓ ଉତ୍ସାହିତ କରିଥିଲେ।ଖରିଆରରୋଡ଼ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ହୋତା ମଧ୍ୟ ବିଜ୍ଞାନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସରପଞ୍ଚ ଓ ସମିତି ମଧ୍ୟ ବାଳ ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ତ୍ରିଲୋଚନ ମାଝୀ ପରିଚାଳନା କରିଥିବା ବେଳେ ସଚିନ ଭୂସାଗାର, ହୃଷିକେଶ ଜଗତ, ଟିକେଲାଲ ମାଝି, ସୁନିତା ସାହୁ, ଘନଶ୍ୟାମ ଜାଲ, ଲୋଚନ କୁମାର କେଉଁଟ, ଦେଖରାମ ଶବର, ମେଘନାଥ ଦଣ୍ଡସେନା, ଭୁବନ ଲାଲ କଣ୍ଡରା, ଜ୍ୟୋସ୍ନାମୟୀ ବିଶି, ଜୟଦ୍ରଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

ଟ୍ରାକ୍ଟର ଟ୍ରଲି ଉଦ୍ଧାର କରିବାକୁ ଯାଇ ଦୁଇ ମୃତ ଘଟଣା

# ୧୬ଦିନ ପରେ ବି ଦୁର୍ବୃତ୍ତଙ୍କୁ ଧରିବାରେ ପୁଲିସ ବିଫଳ

**ଧର୍ମଗଡ଼, ୨୭ ।୧୧(ସମିସ)**

ନିଜ ଚୋରି ଟ୍ରାକ୍ଟର ଟ୍ରଲି କୁ ଉଦ୍ଧାର କରିବାକୁ ଯାଇ ଦୁଇ ଯୁବକ ଙ୍କୁ ଦୁର୍ବୃତ୍ତ ଚୋର ମାନେ ଟ୍ରାକ୍ଟର ଚଢାଇ ମାରିଦେଇଥିବା ଘଟଣା ର ୧୬ଦିନ ପରେ ମଧ୍ୟ ପୁଲିସ ହାତ ଶୁନ ରହିଛି।ଦୁର୍ବୃତ୍ତ ଙ୍କୁ ଠାବ କରିବାରେ ପୁଲିସ ବିଫଳ ହୋଇଛି। ଯାହାକୁ ନେଇ ପରିବାର ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମତେ ଧର୍ମଗଡ଼ ଥାନା ମେରଘରା ଗାଁ ର ଟ୍ରାକ୍ଟର ମାଲିକ ଲାଲୁ ଭଏସାଲ ନିଜର ଓଡି ୦୮ କ୍ୟୁ ୯୭୫୩ ନମ୍ବର ବିଶିଷ୍ଟ ଟ୍ରାକ୍ଟର ଟ୍ରଲିକୁ ଗତ ୧୬ଦିନ ତଳେ ଦୁର୍ବୃତ୍ତ ଚୋର ମାନେ ଟ୍ରାକ୍ଟର ଟ୍ରଲି କୁ ଚୋରି କରି ନେଇଯାଇଥିଲେ। ଠିକ ଏତିକି ବେଳେ ପରିସ୍ରା କରିବାକୁ ଉଠିଥିବା ହରିଶଙ୍କର ଲହଜଳ ଙ୍କ ନଜର ରେ ଚୋରଙ୍କ କାରନାମା ଉପରେ ପଡ଼ିଯାଇଥିଲା। ସେ ଟ୍ରାକ୍ଟର ମାଲିକ ଲାଲୁଙ୍କ ସାନ ପୁଅକୁ ଡାକି ଓଡି୦୮ ଏନ -୬୫୨୨ନମ୍ବର ବିଶିଷ୍ଟ ବାଇକ୍‌ରେ ଦୁଇ ଭାଇ ପିଛା କରିଥିଲେ। ଟ୍ରାକ୍ଟରର ନିକଟତର ମଧ୍ୟ ହୋଇଥିଲେ।ତେନ୍ତୁଳିଆପଡ଼ା-ଛେଣ୍ଡିଆ ଯିବା ରାସ୍ତାରେ ଟ୍ରାକ୍ଟର ଆଗକୁ ବାଇକ୍ ନେବାକୁ ଚେଷ୍ଟା କରିଥିଲେ। ହେଲେ ଦୁର୍ବୃତ୍ତ ଧରାପଡ଼ିବା ଭୟରେ ଦୁହିଁଙ୍କ ଉପରେ ଟ୍ରାକ୍ଟର ଚଢାଇ ଚୋରି ଟ୍ରଲିକୁ ବ୍ରାହ୍ମଣଛେଣ୍ଡିଆ ଠାକୁରାଣୀ ମନ୍ଦିର ନିକଟରେ ଛାଡି ଚମ୍ପଟ ମାରିଥିଲେ। ସୂଚନା ପାଇ ପରିବାର ଲୋକେ ଦୁଇ ଜଣଙ୍କୁ ଗୁରୁତର ଭାବରେ ଉଦ୍ଧାର କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଦୁଇ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣକୁ ବୁର୍ଲା ସ୍ଥାନାନ୍ତର କରିଥିବା ବେଳେ କେସିଙ୍ଗା ନିକଟରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ସତ୍ୟମ ଭଏସାଲ ଏବଂ ହରିଶଙ୍କର ଭଏସାଲଙ୍କ ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ପରିବାର ଲୋକେ ଧର୍ମଗଡ଼ ଥାନାରେ ଏତଲା ଦେଲା ପରେ ଧର୍ମଗଡ଼ ଥାନା କେଶ ନମ୍ବର ୩୨୭/୨୫ରେ ମାମଲା ରୁଜୁ କରି ଭବାନୀପାଟଣାରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲେ। ପରିବାର ଲୋକେ ନ୍ୟାୟ ଦାବି ନେଇ ଧର୍ମଗଡ଼ ପେଟ୍ରୋଲ ପମ୍ପ ନିକଟରେ ଦୁଇଟି ଶବ ରଖି ଜାତୀୟ ରାଜପଥ ଧର୍ମଗଡ଼-ଭବାନୀପାଟଣା ରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳକୁ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଉପଖଣ୍ଡ ପୁଲିସ ଅଧିକାରୀ ତୋଳାମାଣି ଭୋଇ, ଧର୍ମଗଡ଼ ଥାନା ଅଧିକାରୀ ସୁଦର୍ଶନ ନାୟକ ଘଟଣା ସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଚିହ୍ନଟ କରାଯାଇ ଗିରଫ କରାଯିବା ନେଇ ଆଶ୍ୱସନା ଦେଇଥିଲେ। ପରିବର୍ତ୍ତି ସମୟରେ ପୁଲିସର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ମଧ୍ୟ ଦୁର୍ଘଟଣା ଘଟିଥିବା ସ୍ଥାନକୁ ଯାଇ ତଦନ୍ତ ଜାରି ରଖିଥିବା ବେଳେ ଧର୍ମଗଡ଼ ପୁଲିସ ମଧ୍ୟ ତଦନ୍ତ ଜାରି ରଖିଛି। ଏ ନେଇ ପୁଣି ସାଇଣ୍ଟିଫିକ ଦଳ ତଦନ୍ତ ପାଇଁ ଦୁର୍ଘଟଣା ଘଟିଥିବା ସ୍ଥାନ ଓ ଦୁର୍ବୃତ୍ତ ଚୋରି ଟ୍ରଲିକୁ ନେଇ ଛାଡି ଦେଇଥିବା ସ୍ଥାନକୁ ପହଞ୍ଚି ତଦନ୍ତ କରିଥିଲା।ହେଲେ ଇତି ମଧ୍ୟରେ ଘଟଣାର ୧୬ଦିନ ବିତିଯାଇଥିଲେ ହେଁ ଆଜି ଯାଏ ଦୁର୍ବୃତ୍ତଙ୍କୁ ଠାବ କରିନପାରିବା ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଧର୍ମଗଡ଼ ଥାନାଧିକାରୀ ସୁଦର୍ଶନ ନାୟକଙ୍କୁ ପଚାରିବାରୁ ସମସ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି।ଏପର୍ଯ୍ୟନ୍ତ କୌଣସି ସୁରାକ ମିଳିନାହିଁ, ଏହାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

ଖବର ପ୍ରକାଶ ପରେ ପୂର୍ତ୍ତ ବିଭାଗ ତତ୍ପରତା

# ବେହେରା ପୋଲ ଗାର୍ଡୱାଲ ଗାତ ମରାମତି ହେଲା

**ଲାଞ୍ଜିଗଡ଼, ୨୭ ।୧୧(ସମିସ):** ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବେହେରା ପୋଲ ଗାର୍ଡୱାଲରେ ହୋଇଥିବା ଗାତକୁ ମରାମତି କରିଛି ପୂର୍ତ୍ତ ବିଭାଗ। ସୂଚନାଯୋଗ୍ୟ କଳାହାଣ୍ଡି ଜିଲ୍ଲା ଭବାନିପାଟଣା ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର କିଡିଙ୍ଗ ବେହେରା ପୋଲକୁ ଲାଗି ରହିଥିବା ଗାର୍ଡୱାଲରେ ବିଶାଳ ଗର୍ତ୍ତ ସୃଷ୍ଟି ହୋଇଥିଲା। ବର୍ଷା ଦିନରୁ ଗାତ ସୃଷ୍ଟି ହୋଇ ବିଶାଳ ଘାଇ ସୃଷ୍ଟି କରିଥିଲା। ରାସ୍ତାର ପିଚୁକୁ ଲାଗି ତଳକୁ ପ୍ରାୟ ୪ରୁ ୬ଫୁଟ୍ ଗାତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତଥା ପଥଚାରୀ, ମାଲ୍ ବୋଝେଇ ଟ୍ରକ ବିପଦସଙ୍କୁଳ ଅବସ୍ଥାରେ ଯାତାୟତ କରୁଥିଲେ।ଏନେଇ ୨୦ ତାରିଖରେ ବିଭିନ୍ନ ଗଣମାଧ୍ୟମରେରେ ଖବର ପ୍ରକାଶ ପାଇବା ପରେ କଳାହାଣ୍ଡି ପୂର୍ତ୍ତ ବିଭାଗ ତତ୍ପରତା ଦେଖାଇଛି। ଗୁରୁବାର ଏହି ଗାତକୁ ବିଭାଗ ପକ୍ଷରୁ ମରାମତି କରାଯାଇଛି। ତେବେ ମରାମତି ହେବାପରେ ଅଞ୍ଚଳବାସୀ ତଥା ପଥଚାରୀ ମାନେ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି।



# କୁରାଲ ପଞ୍ଚମୀ ପୂଜା ଉଦ୍‌ଯାପିତ



**ଗୋଲାମୁଣ୍ଡା, ୨୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ କୁରାଳ ପଞ୍ଚମୀ ପୂଜା ଉଦଯାପିତ ହୋଇଛି। ମହାପ୍ରଭୁ ବ୍ରହ୍ମା, ଲକ୍ଷ୍ମୀନାରାୟଣ, ଶିବ, ଗଣେଶ, ମୂର୍ତ୍ତି ସହ ସମାଜର କୁଳଦେବତା ରୁଦ୍ରପାଳ, ରଦ୍ଧେଶ୍ୱରି ଏବଂ ସୁଦର୍ଶନ ଚକ୍ରର ମୂର୍ତ୍ତି ସ୍ଥାପନ କରାଯାଇଥିଲା।ପୂଜା ଗତ ୨୪ ତାରିଖରେ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହୋଇଥିଲା। ଦୂର୍ଗେଶ୍ୱର ରଣା ସଭାପତି କାର୍ଯ୍ୟନିର୍ବାହ କରିଥିବା ବେଳେ ସମ୍ପାଦକ ଭାବରେ କୁମର ରଣା ତୁଲାଇଥିଲେ। ଶୁକଦେବ ମୁଣ୍ଡ ପୂଜକ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସୁଦୂର ରାଜ୍ୟ ଛତିଶଗଡ଼ର ଡିଙ୍ଗର ପାଣ୍ଡେ ପୁରାଣ ପାଠ କରିଥିଲେ। ପୂଜାରେ ଘନଶ୍ୟାମ ରଣା ଏବଂ ତାଙ୍କ ଧର୍ମପତ୍ନୀ ଗୌରୀ ରଣା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ ଏବଂ ଯୁବଗୋଷ୍ଠୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

# ମହାଭାରତ ମହାପାରାୟଣ ପାଇଁ ପ୍ରସ୍ତୁତି

**ଗୋଲାମୁଣ୍ଡା, ୨୭ ।୧୧(ସମିସ):** ଗୋଲାମୁଣ୍ଡା ବ୍ଲକ ଡୁଡୁକେଲ ଗ୍ରାମ ବ୍ଲକ ଯାଦବ ଭବନରେ ଗୋଲାମୁଣ୍ଡା ବ୍ଲକ ଯାଦବ ମହାସଭାର ଆୟୋଜନରେ ମହାଭାରତ ମହାପାରାୟଣ ମହାଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସଭାପତି ଗିରିଧାରୀ ତେଜି ଙ୍କ ସଭାପତିତ୍ୱ ବୈଠକରେ ଗୋଲାମୁଣ୍ଡା ବ୍ଲକର ୨୭ଟି ଆଞ୍ଚଳିକ ଯାଦବ ସମାଜର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ବ୍ୟାସ ପାଇଁ ସୁଦୁର ସୋନପୁରର ପ୍ରବଚକ ଗୋବର୍ଦ୍ଧନ ମିଶ୍ରଙ୍କୁ ମହାଭାରତ ମହାପରାୟଣ କମିଟି ତରଫରୁ ବ୍ୟାସ ବରଣ କରାଯାଇଥିଲା।ଏହି ଅବସରରେ ମହାଭାରତ ମହାପରାୟଣ କର୍ତ୍ତା ରାମ କୃଷ୍ଣ ବଗର୍ତ୍ତି, ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସମ୍ପାଦକ ପରୀକ୍ଷିତ ଖର୍ସେଲ, ଉପ ଭାପତି ରେବା କଟା, ଯୁଗ୍ମ ସମ୍ପାଦକ ସଦାଶିବ ବେମାଲ, କୋଷାଧ୍ୟକ୍ଷ ଧନେଶ୍ୱର ଚଲାନ, ଦଶପୁର ଜୋନାଲ ସଭାପତି ତିଲେଶ୍ୱର ଘି, ଉପଦେଷ୍ଟା ସାଧୁ ରାମ ବଗର୍ତ୍ତୀ, ଦେବାର୍ଚ୍ଚନ ବଗର୍ତ୍ତି, ଧନିରାମ ଭାଟି, ଯୁବ ଯାଦବ ବ୍ରହ୍ମା ପ୍ରସାଦ କାଣ୍ଡ ପ୍ରମୁଖ ଉପସ୍ଥିତି ଥିଲେ।

ଜେଏମ୍ଏଫ୍‌ସି ପକ୍ଷରୁ ଡ୍ରପ୍ ଆଉଟ୍ ପିଲାଙ୍କୁ ନେଇ ସଚେତନତା

# ଶିକ୍ଷା ମଣିଷ ବଞ୍ଚିବାର ମୂଳଦୁଆ

**ଥୁଆମୂଳରାମପୁର, ୨୭ ।୧୧ (ସମିସ):** ସମାଜକୁ ଶୃଙ୍ଖଳିତ ଏବଂ ସନ୍ତୁଳିତ ବ୍ୟବସ୍ଥା ମଧ୍ୟରେ ଏକ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତଙ୍କ ଦାୟିତ୍ୱ ରହିଛି। ଅବହେଳିତ ଅବସ୍ଥାରେ ରହୁଥିବା ସାଧାରଣ ଲୋକଙ୍କୁ ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ଲୋକଙ୍କ ଅଧିକାର ଯେମିତି କ୍ଷୁର୍ଣ୍ଣ ନହେଉ ସେଥିପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ଜାରି ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ, ପାନୀୟଜଳ ଏବଂ ସାମାଜିକ ନ୍ୟାୟର ଉତ୍ତମ ବ୍ୟବସ୍ଥା ଜରୁରୀ।ଶିକ୍ଷା ହେଉଛି ମଣିଷ ବଞ୍ଚିବାର ମୂଳଦୁଆ। କିନ୍ତୁ ଆମ ଦେଶ ଆମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଆଜି ବି ଅବହେଳିତ ଏବଂ ଚିନ୍ତାଜନକ ବିଷୟ ହୋଇ ପଡ଼ିଛି।ଏଥିରେ ସୁଧାର ଆଣିବା ପାଇଁ ସମାଜର ପ୍ରତ୍ୟେକ ଲୋକ ସଚେତନ ହେବା ନିତାନ୍ତ ଜରୁରୀ। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଜେଏମ୍ଏଫ୍‌ସି ଓ ତାଲୁକ୍ ଆଇନ୍ ସେବା କମିଟି ତରଫରୁ ତଳଝାପି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଡ୍ରପ ଆଉଟ୍ ଶିଶୁମାନଙ୍କୁ ପୁର୍ଣିନାମ ଲେଖାଇ ପାଠ ପଢ଼ା ଜାରି ରଖିବା ପାଇଁ ସଚେତନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ ସଚେତନା କାର୍ଯ୍ୟକ୍ରମ ଜେଏମ୍ଏଫ୍‌ସି ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ୍ ସେବା କମିଟି ଅଧ୍ୟକ୍ଷ ଡ.ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶୋଭାସିଂ ମାଝୀ




ପଞ୍ଚାୟତ ପ୍ରତିନିଧି, ଆଶା, ଅଙ୍ଗନବାଡ଼ି, ଅଭିଭାବକ, ଡ୍ରପ୍ ଆଉଟ୍ ଛାତ୍ର ଛାତ୍ରୀ ଓ କର୍ତ୍ତବ୍ୟ ଅନୁଷ୍ଠାନ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅଞ୍ଚଳର ଅଗ୍ରଣୀ ସଂସ୍ଥା 'କର୍ତ୍ତବ୍ୟ' ଦ୍ୱାରା କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା। କର୍ତ୍ତବ୍ୟ ଅନୁଷ୍ଠାନର ପ୍ରକଳ୍ପ ମ୍ୟାନେଜର ସନ୍ତୋଷ କୁମାର ଦାସ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ସମସ୍ତଙ୍କୁ ଅବଗତ କରାଇବା ସହ ଅଞ୍ଚଳରେ ଡ୍ରପ ଆଉଟ୍ ସମସ୍ୟା ଏକ ବହୁତ୍ ବଡ ସମସ୍ୟା ତଥା ଥୁଆମୂଳରାମପୁର ବିକାଶରେ ଏହା ଏକ ବହୁତ୍ ବଡ ବାଧକ ବୋଲି କହିଛନ୍ତି। ଏଥିପାଇଁ କର୍ତ୍ତବ୍ୟ ଅନୁଷ୍ଠାନ ତରଫରୁ ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବା ସହିତ ତଳ ଝାପି, ବିରିକୋଟ, କଣ୍ଟାବାଞ୍ଜି ଗ୍ରାମରେ ସ୍ୱତନ୍ତ୍ର ଡ୍ରପ ଆଉଟ୍ ପିଲାମାନଙ୍କ ପାଇଁ ସେଣ୍ଟର୍ ଖୋଲାଯାଇ ସେଠାରେ ୧୦୦ ଜଣ ଛାତ୍ର ଛାତ୍ରୀଙ୍କୁ ଏସଓଆଇଏସ ଜରିଆରେ ମାଟ୍ରିକ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ କରାଯାଉଛି।ତଳଝାପି ଗ୍ରାମର ସସ୍ମିତା ନାଏକ ପଞ୍ଚାୟତରେ ୫୩ ଜଣ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ପୁଣି ମୁଖ୍ୟ ଧାରାରେ ସାମିଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି।କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର କୋର୍ଟ ତରଫରୁ ଆଇନଜୀବୀ ମନୋରଞ୍ଜନ ନାଏକ ଓ ତଳ ଝାପି ପଞ୍ଚାୟତର ସରପଞ୍ଚ ଶୋଭାସିଂ ମାଝୀ, ବରିଷ୍ଠ ଆଇନଜୀବୀ ଦେବଦତ୍ତ ଯୋଷୀ ଆଇନଜୀବୀ ପ୍ରିୟଙ୍କା ମାଝୀ, ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମାଜିଷ୍ଟ୍ରେଟ ଡ: ତାରିଣୀ ପ୍ରସାଦ ସାହୁ ଗ୍ରାମବାସୀ, ପଞ୍ଚାୟତ ପ୍ରତିନିଧି ନିଜର ଦାୟିତ୍ୱକୁ ଠିକ୍ ଭାବରେ ନିର୍ବାହ କଲେ ଏହାର ସମାଧାନ ହୋଇ ପାରିବ ବୋଲି କହିଥିଲେ।

# ୭ ୬ତମ ସମ୍ବିଧାନ ଦିବସ ପାଳିତ



## ସରକାରୀ ମହିଳା ମହାବିଦ୍ୟାଳୟ

**ଭବାନୀପାଟଣା, ୨୭ ।୧୧(ସମିସ)**

ଭବାନୀପାଟଣାସରକାରୀମହିଳାମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଛବିଲାଲ



ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଶାସନିକ ମୁଖ୍ୟ ଡ. ଧୀରେସ ନନ୍ଦ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼.ଜେନା ଅଧ୍ୟକ୍ଷତା କରିଥିବା ବେଳେ ରାଜନୀତି ବିଭାଗର ଅଧ୍ୟାପକ ଡ.ଶୁଭମ୍ ତ୍ରିପାଠୀ, ଲରେନ୍ସ ସେନାପତି, ବିବେକାନନ୍ଦ ଛତର ଏବଂ ଅଧ୍ୟାପିକା ସୁଜାତା ସାହୁ, ଅଧ୍ୟାପିକା ରିତୁ ବାଗ ମଞ୍ଚାସୀନ ଥିଲେ। ଅଧ୍ୟାପିକା ସୁଜାତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁକ୍ତ ତିନି ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟାପକ ଡ. ଶୁଭମ ତ୍ରିପାଠୀଙ୍କ ଦ୍ୱାରା ସମ୍ବିଧାନ ପ୍ରସ୍ତାବନାର ଶପଥ ପାଠ କରାଗଲା। ସମସ୍ତ ଅତିଥି ତାଙ୍କ ଅଭିଭାଷଣରେ ସମ୍ବିଧାନ ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରି ଛାତ୍ରୀମାନଙ୍କୁ ସେମାନଙ୍କ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ସଭିଏଁ ଏକ ଉତ୍ତମ ନାଗରିକ ହେବା ନିମନ୍ତେ ପରାମର୍ଶ ଦେବା ସହିତ ସମାଜ କାର୍ଯ୍ୟରେ ନିୟୋଜିତ ହେବାକୁ ପ୍ରୋତ୍ସାହିତ କରିଥିଲେ। ଏହା ପରେ ଯୁକ୍ତ ତିନି ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀଙ୍କ ଦ୍ୱାରା 'ରାଜନୀତି ଏବଂ ସମ୍ବିଧାନ' ନାମକ ଏକ ନାଟକ ପ୍ରଦର୍ଶନ କରାଯାଇଥିଲା, ଯାହା ସଭିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ଅଧ୍ୟାପିକା ରିତୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପାଞ୍ଚରତ୍ନ ଗିରୀ, ଡ. ସୁରେଶ୍ୱରୀ ବାଗ, ପିକେ ସେନାପତି ତଥା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରୀ ଉପସ୍ଥିତ ଥିଲେ।




## ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଭବାନୀପାଟଣା:** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ପୃଷ୍ଠପୋଷକତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କୁଳସଚିବ ଡ. ଗୁଣନିଧି ନାଏକ ସଭାପତିତ୍ୱ କରି ସମ୍ବିଧାନର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଉପକୁଳସଚିବ ମେଜର ଡ.ଜୟଦେବ ସାହୁ ଉପସ୍ଥିତ ହୋଇ ଭାରତୀୟ ସମ୍ବିଧାନ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଦିବସରେ ଆସିଷ୍ଟାଣ୍ଟ କଲେକ୍ଟର, ଧର୍ମଗଡ଼ ସୁଶ୍ରୀ ମମତା ଦାସ ମୁଖ୍ୟବକ୍ତା ରୂପେ ଉପସ୍ଥିତ ହୋଇ ସମ୍ବିଧାନର ଉପଯୋଗିତା, କାର୍ଯ୍ୟକାରିତା ଓ ଗୋଟିଏ ରାଷ୍ଟ୍ର ପାଇଁ ସମ୍ବିଧାନ କେତେ ମହତ୍ତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ମୂଳକ ଭାବେ ବୁଝାଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ.କୈଳାସ ଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସହକାରୀ ପ୍ରଫେସର ସରିତା ବାଗ ମଞ୍ଚ ପରିଚାଳନା କରିଥିଲେ। ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର ଓମକାର ଦଣ୍ଡସେନା ବକ୍ତାଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସ୍ନାତକ ତୃତୀୟ ବର୍ଷ ଛାତ୍ରୀ ପ୍ରତୀକ୍ଷା ରାଣୀ ସିଂ ସମ୍ବିଧାନର ମୁଖବନ୍ଧ ପଠନ କରି ଶପଥ ପାଠ କରାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟ ସମ୍ବିଧାନ ସମ୍ପର୍କିତ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ବକ୍ତା ପୁରସ୍କୃତ କରିଥିଲେ। ପରିଶେଷରେ ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସ୍ମୃତି ରଥ ଧନ୍ୟବାଦ ଅର୍ପଣ କରିଥିଲେ। ରାଜନୀତିବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପବିତ୍ର କୁମାର ବାଗ, କୁନାଲ କିରଣ ସାହୁ, ଡକ୍ଟର ଚିତ୍ତରଞ୍ଜନ ମଲ୍ଲିକ ତଥା ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ଉକ୍ତ ଦିବସ ସଫଳତାର ସହ ପାଳନ ହୋଇଥିଲା।



## ବହୁଜନ ସଂଗ୍ରାମ ସମିତି

**ଜୁନାଗଡ଼:** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ଆମ୍ବେଦକର ଷ୍ଟାଚ୍ୟୁ ନିକଟରେ ଜୁନାଗଡ଼ ବହୁଜନ ସଂଗ୍ରାମ ସମିତି ପକ୍ଷରୁ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ସଂଗଠନର ସଭାପତି ରଞ୍ଜନ କୁମାର ଜାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଅତିଥିଙ୍କ ଦ୍ୱାରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ତ୍ରିଲୋଚନ ସିଂ ବେଲଦାର, ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରକ୍ଷଡ଼, ଆଇନଜୀବୀ ଡ଼. ବିଶ୍ୱନାଥ କର, ସମାଜସେବୀ ଉଦ୍ଧବ ସାହୁ ଏବଂ ଆଦିତ୍ୟ ହଂସ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ସଂଗଠନର ପୁର୍ଣ୍ଣେନ୍ଦୁ ମାଝୀ, ଲଳିତ ବାଗ, ସୁଶାନ୍ତ ନାଏକ, ମିନୁ କନ୍ଦପକ୍ଷନ, ଶରତ ଶବର, ଶିବ ମହାନନ୍ଦ, ଗୌରାଙ୍ଗ ସୁନା, ରତନ ଧଙ୍ଗଡ଼ାମାଝି, ଅଞ୍ଜନ କ୍ଷିତି, ଘାସି କ୍ଷିତି, ଲାରା ନାଗ, ଏବଂ ମିଡ଼ିଆ ସେଲରୁ ରବିଶଙ୍କର ସୁନାନୀ, ଖଗେଶ୍ୱର ଧଙ୍ଗଡ଼ାମାଝି, କୁମରମଣୀ ଦୁର୍ଗା, ଆଦିତ୍ୟ ମହାନ୍ତି, ଭୋକରଧନ ଧଙ୍ଗଡ଼ାମାଝି, ବ୍ୟମୋକେଶ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ସଂଗଠନର ବରିଷ୍ଠ କର୍ମକର୍ତ୍ତା ଉଗ୍ରେସନ କନ୍ଦପାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କ୍ଷିତି ଧନ୍ୟବାଦ ଦେଇଥିଲେ।

## କୋମନା ଆମ୍ବେଦକର ସଂଘ

**କୋମନା:** କୋମନା ଆମ୍ବେଦକର ସଂଘ ତରଫରୁ ସଂଗଠନ ସଭାପତି ଅଜମ୍ବର ତାଣ୍ଡିଙ୍କ ନେତୃତ୍ୱରେ କୋମନା ବସଷ୍ଟାଣ୍ଡ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କୋନାବିରା ପଞ୍ଚାୟତ ସ୍ଥାନୀୟ ଖେଳପଡ଼ିଆରେ ଆବାହକ ପାଶା ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଜାତୀୟ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଖଡିଆଳ ଡ଼ିଏଫଓ ମହମ୍ମଦ ଅଜିଜ ଖାନ ମୁଖ୍ୟ ଅତିଥି ଭାବେ ଯୋକୋମନାଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ଼. ଗୌରାଙ୍ଗ ଜଗତ ଓ ଲୋଚନ ଜଗତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହରିଶ ଚନ୍ଦ୍ର ନାଏକ, ଦୁଷ୍ମନ୍ତ ମେହେର ଓ ଦିବ୍ୟା କୁଲଦୀପ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ବିଧାନ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସଂଗଠନର ସଦସ୍ୟ ଖଗେଶ୍ୱର ଦୀପ, ଏକାମ ଦୀପ, କାର୍ତ୍ତିକ ବାଗ, ପ୍ରେମ ଜଗତ, କୁବେର ଜଗତ, ବାପି ବାରିକ, ଉବେସିଂ ତାଣ୍ଡି ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ସୁବାଷ ଚନ୍ଦ୍ର ଆଡ଼ବଙ୍ଗ ମଞ୍ଚ ପରିଚଳନା କରିଥିଲେ।

● ଅବକାରୀ ବିଭାଗ ଚଢ଼ଉ

## ବିପୁଳ ଚୋରାମଦ ଜବତ; ୯ ଗିରଫ

କେନ୍ଦ୍ରାପଡ଼ା,୨୭ ।୧୧(ସମିସ): ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଜମ୍ବୁ ସାମୁଦ୍ରିକ ଓ ରାଜକନିକା ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଛି । ଚଢ଼ଉ ବେଳେ ମୋଟ ୩୧୨୪ ଲିଟର ବିଦେଶୀ, ଦେଶୀ ଓ ଗୁଡ଼ପୋଚ ଜବତ କରାଯାଇଛି । ବେଆଇନ ମଦ ପ୍ରସ୍ତୁତି ଓ କାରବାର ଅଭିଯୋଗରେ ୯ ଜଣଙ୍କୁ ଗିରଫ କରାଯାଇଛି । ପ୍ରଭାକରପୁର ଗ୍ରାମର ବଚନ ଖିଲାର (୩୭), ବିଭୂତି ଖିଲାର (୨୯), ଟୁନି ଖିଲାର (୨୭)ଙ୍କଠାରୁ ୬୦ ଲିଟର ଦେଶୀ ମଦ ଓ ୨୯୦୦ ଲିଟର ଗୁଡ଼ପୋଚ ଜବତ ହୋଇଛି । ସେହିପରି କେନେଙ୍ଗା ଗ୍ରାମର ଆଦିକାନ୍ତ ମଳିକ (୩୬)ଙ୍କଠାରୁ ୧୮ ଲିଟର ବିଦେଶୀ ମଦ ଜବତ ହୋଇଛି । ଅଚ୍ଛୁତପୁର ଗ୍ରାମର ଶଶଧର ମଳିକ (୩୯)ଙ୍କଠାରୁ ୨୧ ଲିଟର ବିଦେଶୀ ମଦ ଜବତ, ବରକୋଳି ଖୋଲାର ସୁନୀଲ ମଣ୍ଡଳ (୩୧)ଙ୍କଠାରୁ ୩୫ ଲିଟର ବିଦେଶୀ ମଦ, ହିମାଂଶୁ ମାଇତି (୨୪)ଙ୍କଠାରୁ ୨୯ ଲିଟର ଦେଶୀ ମଦ, ହାଡୁ ଗିରି (୨୯)ଙ୍କଠାରୁ ୩୯ ଲିଟର ବିଦେଶୀ ମଦ, କଜଳପାତିଆ ବତୀଘର ଗ୍ରାମର ଭିଗୁରାମ ଦାସ (୨୫)ଙ୍କଠାରୁ ୨୨ ଲିଟର ଦେଶୀ ମଦ ଜବତ କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଚଢ଼ଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ଉପନିରୀକ୍ଷକ କଳ୍ପନା ରାଉତ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରୀକ୍ଷକ ଜଗନ୍ନାଥ ବେଶ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକ ପ୍ରମୁଖ ସାମିଲ ଥିଲେ ।

## ଦଳିତ ସଂଘ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ

ପଟ୍ଟାମୁଣ୍ଡାଇ,୨୭ ।୧୧(ସମିସ): ପଟ୍ଟାମୁଣ୍ଡାଇ ଦଳିତ ଜାତିସଂଘ କାର୍ଯ୍ୟାଳୟରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଛି । ସଂଘ ସଭାପତି କଳ୍ପତରୁ ମଳିକଙ୍କ ପୌରୋହିତ୍ୟ ଓ ବରିଷ୍ଠ ଦଳିତ ନେତା ସର୍ବେଶ୍ୱର ସେଠୀଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ଦାଶ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ଓ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଦକରଙ୍କ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ । ଦଳିତ ନେତା କୁଞ୍ଜବିହାରୀ ମଳିକ, ସମାଜସେବୀ ସର୍ବେଶ୍ୱର ସେଠୀ, ଯଦୁମଣି ମଳିକ, ବିକାଶ ମଳିକ, ଗୋଲେଖ ମଳିକ, କରୁଣାକର ମଳିକ ପ୍ରମୁଖ ସମ୍ବିଧାନ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଦଳିତ ନେତା ଦିଲୀପ କୁମାର ମଳିକ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କୈଳାସ ମଳିକ, ଆର୍ତ୍ତତ୍ରାଣ ମଳିକ, ପ୍ରଶାନ୍ତ ମଳିକ, ଆଦିକନ୍ଦ ମଳିକ, ବିଷ୍ଣୁଚରଣ ମଳିକ, ମନୋଜ ଜେନା, ଅନନ୍ତ ମଳିକ, ନିରଞ୍ଜନ ମଳିକ, ଉପେନ୍ଦ୍ର ମଳିକ ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ରାଜନଗର,୨୭ ।୧୧(ସମିସ): ରାଜନଗର ବ୍ଲକ ବନ୍ଧପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାମୋଦର ସ୍ୱାଇଁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶିକ୍ଷକ ନେତା ଦୟାନିଧି ସ୍ୱାଇଁଙ୍କ ସଭାପତିତ୍ୱ ଏବଂ ଶିକ୍ଷକ ଅଲେଖ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଗୌରାଙ୍ଗ ଚରଣ ନାୟକ, ବିଜୟକୁମାର ପରିଡ଼ା, ବୀରକିଶୋର ଜେନା, ସାମ୍ବାଦିକ ଭାସ୍କର ରାଉତରାୟ, ମଧପଡ଼ା ହାଇସ୍କୁଲ ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ନାୟକ, ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବଳ, ସରୋଜ ନାଥ, ବଟକୃଷ୍ଣ ସେଠୀ, ଘନଶ୍ୟାମ ରାଉତ, ସଚ୍ଚିନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ କର୍ମମୟ ଜୀବନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ପ୍ରଧାନଶିକ୍ଷକ ହେମନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ପ୍ରସନ୍ନ କୁମାର ପଡ଼ିହାରୀ, ପୁଷ୍ପାଞ୍ଜଳି ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଟାଟା ମୋଟର୍ସ ପକ୍ଷରୁ ଚିଙ୍ଗୁଡ଼ି ଚାଷୀ ସମ୍ମିଳନୀ

ରାଜକନିକା,୨୭ ।୧୧(ସମିସ): ବ୍ୟବସାୟିକ ଭିତ୍ତିରେ ଲୁଣିପାଣି ଚିଙ୍ଗୁଡ଼ି ଚାଷ ପାଇଁ ବିଜୁଳି ବ୍ୟବହାରକୁ ବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଟାଟା ମୋଟର୍ସ ତରଫରୁ ବୁଧବାର ସ୍ଥାନୀୟ ଜୟନଗରରେ ଚିଙ୍ଗୁଡ଼ି ଚାଷୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଟାଟା ମୋଟର୍ସ ଓଡ଼ିଶା ମୁଖ୍ୟ ବିଶ୍ୱଜିତ ପୃଷ୍ଟି, ସର୍ଭିସ ହେଡ୍ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଚିଙ୍ଗୁଡ଼ି ଚାଷ ପାଇଁ ବିଶେଷ ଭାବେ ଫଳପ୍ରଦ ହେଉଥିବା ଟାଟା ମୋଟର୍ସର ଜେନସେଟ (ଡିଜି) ବ୍ୟବହାର କରିବାକୁ ପରାମର୍ଶ ଦେଇ ଆବଶ୍ୟକ ଫିଚର୍ସ ବାବଦରେ ଚାଷୀଙ୍କୁ ଅବଗତ କରାଇଥିଲେ । ଓଡ଼ିଶା ବଜାରରେ ଟାଟା ମୋଟର୍ସର ଏହି ଉନ୍ନତ ଫିଚର ଜେନସେଟ ବିଜୁଳିର ବିକଳ୍ପ ଭାବେ ଭରସାଯୋଗ୍ୟ ଥିବାରୁ ଏହାକୁ ଚାଷୀ ସ୍ୱାର୍ଥରେ ଉପଯୋଗୀ ହେବ ବୋଲି ବିବେଚନା କରାଯାଇଛି ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୨୭ ।୧୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣାଶୁଣା ସମାଜସେବୀ ବିଜୟ କୁମାର ବର୍ମାଙ୍କ ଧର୍ମପତ୍ନୀ କ୍ଷୀରୋଦବାଳା ବର୍ମାଙ୍କର ସ୍ଥାନୀୟ ବାସଭବନରେ ପରଲୋକ ହୋଇଛି । ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ବିଜୟ ବର୍ମା, ସତ୍ୟପ୍ରିୟ ଦାସ, ପୁଅ ରାଜେନ୍ଦ୍ର, ବ୍ରଜେନ୍ଦ୍ର, ରଞ୍ଜନ, ସଞ୍ଜୟ, ଜିତେନ୍ଦ୍ର, ଜ୍ଞାନେନ୍ଦ୍ର, ସରୋଜ, ଅଭିଳାଷଙ୍କ ସମେତ ପରିବାର ଲୋକ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । କ୍ଷୀରୋଦବାଳା ଜଣେ ଧର୍ମପ୍ରାଣା ପରୋପକାରୀ ମହିଳା ଥିଲେ । ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ବରିଷ୍ଠ ରାଜନେତା ଡା. ବାସୁଦେବେ ପାତ୍ର, ଇଓ ତପନ କୁମାର ପାତ୍ର, କାଉନସିଲର ବିଦ୍ୟାଧର ସେଠୀ, ଆଇନଜୀବୀ ସଞ୍ଜୟ କୁମାର ସାହୁ, ମିଟୁ ମନୋଜ ନାୟକ ପ୍ରମୁଖ ତାଙ୍କ ଶବଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବାଲିପଡ଼ା ସ୍ମାର୍ଟ ଶ୍ମଶାନରେ ତାଙ୍କ ଶେଷକୃତ ସମ୍ପନ୍ନ କରାଯାଇଛି । ପୁଅ ବ୍ରଜେନ୍ଦ୍ର ମୁଖାଗ୍ନି ଦେଇଥିଲେ ।

ବସ୍‌ରେ ଚାଲିଗଲା ଜୀବନ

# ରାସ୍ତାରେ ମୃତଦେହ ଛାଡ଼ି ପଳାଇଲା ବସ୍





କେନ୍ଦ୍ରାପଡ଼ା,୨୭ ।୧୧(ସମିସ): ଦୁହୁରିଆ ଛକରେ ଗୁରୁବାର ଦେଖିବାକୁ ମିଳିଛି ଏକ ମାନବିକତାବିହୀନ ଦୃଶ୍ୟ । ବସରେ ଆସୁଥିବାବେଳେ ବାରିପଦାର ଶ୍ରମିକ ବାଘରାଏ ମାରଡ଼ିଙ୍କ ହୃଦଘାତରେ ମୃତ୍ୟୁ ଘଟିଥିଲା । ତେବେ ବସ ଚାଳକ ଓ କର୍ମଚାରୀ ରାସ୍ତା କଡ଼ରେ ମୃତଦେହ ଓହ୍ଲାଇ ଦେଇ ଚାଲିଯାଇଥିଲେ । ବାଘରାଏଙ୍କ

### ମାନବିକତାବିହୀନ ଚାଳକ ଓ କର୍ମଚାରୀ

ସ୍ତ୍ରୀ ଦୁଲାରୀ ସ୍ୱାମୀଙ୍କ ନିର୍ଜୀବ ଦେହକୁ ଘୋଡ଼ାଇ ପାଖରେ ବସି କାନ୍ଦୁଥିବା ଦୃଶ୍ୟ ଲୋକଙ୍କ ହୃଦୟକୁ ଦୋହଲାଇ ଦେଇଥିଲା । ସେଠାରେ ଉପସ୍ଥିତ କେତେଜଣ ସ୍ଥାନୀୟ ବ୍ୟବସାୟୀ ଓ ସାମ୍ବାଦିକ ମାନବିକତାର ପରମ ଦାୟିତ୍ୱ ବୁଝି ନିଜ ପକେଟରୁ ଟଙ୍କା ସଂଗ୍ରହ କରି ତୁରନ୍ତ ମୃତଦେହ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ । ଅନ୍ୟପଟେ ଏହି ଖବର କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିକଟରେ ପହଞ୍ଚିବା ପରେ ସେ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରିଥିଲେ । ତାଙ୍କ ହସ୍ତକ୍ଷେପ ଯୋଗୁଁ ମୃତଦେହ ତୁରନ୍ତ ବ୍ୟବଚ୍ଛେଦ କରାଯାଇ "ମହାପ୍ରୟାଣ' ଗାଡ଼ିରେ ବାରିପଦା ପଠାଇବା ବ୍ୟବସ୍ଥା କରାଯାଇଥିଲା । ଏଥିସହ ବାଘରାଏଙ୍କ ସ୍ତ୍ରୀଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଆୟର ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କରି ବାଘରାଏଙ୍କ ପୁଅ ଓ ଝିଅ ପାଇଁ ପରବର୍ତ୍ତୀ ସହାୟତା, ସୁରକ୍ଷା ଏବଂ ସରକାରୀ ଯୋଜନାର ସୁବିଧା ଯୋଗାଇ ଦେବାକୁ ନିଶ୍ଚିତ କରିଛନ୍ତି ।

## ୭୬ତମ ସମ୍ବିଧାନ ଦିବସ ପାଳିତ



ରାଜନଗର,୨୭ ।୧୧(ସମିସ): ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନର ଗରିମା ଏବଂ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଭାରତୀୟ ସମ୍ବିଧାନର ପ୍ରସ୍ତାବନା ସହ ମୌଳିକ କର୍ତ୍ତବ୍ୟ ପାଠ କରାଯାଇଥିଲା । ଅଧ୍ୟାପକ ବିଚିତ୍ରାନନ୍ଦ ପାଣି ଶିକ୍ଷାଗତ ଅଧିକାରର ବୈଶିଷ୍ଟ୍ୟ ଉପରେ ଆଲୋଚନା କରିଥିଲେ । ରାଜନୀତି ବିଜ୍ଞାନର ବିଭାଗ ମୁଖ୍ୟ ଡ. ପ୍ରଣତି ନାୟକ ମୌଳିକ ଅଧିକାର ଏବଂ କର୍ତ୍ତବ୍ୟର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ, ଡ. ଆଲୋକ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଭାରତୀୟ ରାଜନୀତି ଓ ସରକାର ଶୀର୍ଷକ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଇଂରାଜୀ ରଚନା ପ୍ରତିଯୋଗିତାରେ ସ୍ୱର୍ଣ୍ଣଲତା ଦାସ ପ୍ରଥମ, ଆୟୁଷୀ ଦାସ ଦ୍ୱିତୀୟ, ଅଶ୍ୱନ୍ ନାୟକ ତୃତୀୟ ହୋଇଥିଲେ । ଇଂରାଜୀ ତର୍କ ପ୍ରତିଯୋଗିତାରେ ସୁଧାଂଶୁବାଳା ରାଉତ ପ୍ରଥମ, ସ୍ୱର୍ଣ୍ଣଲତା ଦାସ ଦ୍ୱିତୀୟ ଓ ସ୍ମୃତିରେଖା ନାଥଶର୍ମା ତୃତୀୟ ହୋଇଥିଲେ । ସାଧାରଣ ଜ୍ଞାନରେ ଶଶିରେଖା ପ୍ରଧାନ ପ୍ରଥମ, ସ୍ୱର୍ଣ୍ଣପ୍ରଭା ନଥାଶର୍ମା ଦ୍ୱିତୀୟ ଓ କରିଶ୍ମା ନାୟକ ତୃତୀୟ ହୋଇଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ର ପବିତ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଆଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ପୌରୋହିତ୍ୟରେ ସମ୍ବିଧାନ ଦିବସ ପାଳନ କରାଯାଇଛି ।

୧୦ ଶ୍ରେଣୀକୁ ୨୨ ଶିକ୍ଷକ

## ଜଣେ ଡେପୁଟେସନରେ ଗଲେ ବୋଲି ସ୍କୁଲରେ ତାଲା


ରାଜନଗର,୨୭ ।୧୧(ସମିସ): ରାଜନଗର ବ୍ଲକ ଡେରା ପଞ୍ଚାୟତ ନୂଆଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ରହିଛି । ୮ ଶ୍ରେଣୀରେ ୧୧୧ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ବିଦ୍ୟାଳୟରେ ଦୁଇ ଶିକ୍ଷକରେ ପାଠପଢ଼ା ହେଉଛି । ଶିକ୍ଷକ ଅଭାବ ନେଇ ଗ୍ରାମବାସୀ ବ୍ଲକ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ । ଶିକ୍ଷକ ନିଯୁକ୍ତି ନ ହେବାରୁ ବୁଧବାର ବିଦ୍ୟାଳୟ ଖୋଲିବା ପୂର୍ବରୁ ଅଭିଭାବକମାନେ ଫାଟକରେ ତାଲା ପକାଇବା ସହ ପିଲାଙ୍କୁ ବିଦ୍ୟାଳୟ ଛାଡ଼ି ନ ଥିଲେ । ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବାରୁ ବିଇଓ ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଲେଇଙ୍କୁ ନୂଆଗାଁ ବିଦ୍ୟାଳୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ କରିଥିଲେ । ଅନ୍ୟପଟେ ଗୁରୁବାର ସକାଳ ୯ଟାରେ



ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାରେ ଛାତ୍ରଛାତ୍ରୀ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ରାସ୍ତା କଡ଼ରେ ଥିବା ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ଝୁଲୁଥିଲା । ଶତାଧିକ ଛାତ୍ରଛାତ୍ରୀ ସ୍କୁଲ ସମ୍ମୁଖରେ ବସିଥିବା ବେଳେ ଶତାଧିକ ଛାତ୍ରଛାତ୍ରୀ ଠିଆହୋଇ ସ୍ଲୋଗାନ ଦେଉଥିଲେ । ଶିକ୍ଷକମାନେ ନିକଟରେ ଠିଆ ହୋଇ ଛାତ୍ରଛାତ୍ରୀଙ୍କୁ ସ୍ଲୋଗାନ ଦେବାକୁ ପ୍ରବର୍ତ୍ତାଉଥିଲେ । ସାରଙ୍କ ବଦଳି ବାତିଲ କର, ଆମର ଦାବି ପୂରଣ ହେଉ, ସାରଙ୍କୁ ଫେରାଇ ଆଣ ଆଦି ସ୍ଲୋଗାନ କୋମଳମତି ଛାତ୍ରଛାତ୍ରୀମାନେ ଦେଉଥିଲେ । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୩୫୫ ଜଣ ଓ ୯ମ, ୧୦ମରେ ୩୬୦ ଜଣ ମୋଟ ୭୧୫ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ୧୦ଟି ଶ୍ରେଣୀ ପାଇଁ ୧୯ ଶିକ୍ଷକ ଥିଲେ । ବୁଧବାର ହାଇସ୍କୁଲ ପାଇଁ ୩ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ଫଳରେ ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ୨୨ରେ ପହଞ୍ଚିଛି । ତଥାପି ଶିକ୍ଷକ ନିରଞ୍ଜନ ପଲେଇଙ୍କୁ ନୂଆଗାଁ ବିଦ୍ୟାଳୟକୁ ଡେପୁଟେସନ ନିର୍ଦ୍ଦେଶକୁ ବିରୋଧ କରାଯାଇଛି । ଅନ୍ୟପଟେ ନିରଞ୍ଜନ ଗୁରୁବାର ନୂତନ ବିଦ୍ୟାଳୟକୁ ଯାଇ ନ ଥିବା ବେଳେ ଛାତ୍ରଛାତ୍ରୀ ରାସ୍ତାରେ ବସିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି । ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ କହିଲେ, ଗତକାଲି ହାତିନା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ କଥାହୋଇ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ପଠାଇଥିଲି । ଆଜି ଛାତ୍ରଛାତ୍ରୀମାନେ ରାସ୍ତାରେ ବସିଥିଲେ ବୋଲି କହିଛନ୍ତି । ଏ ସମ୍ପର୍କରେ ଲକ୍ଷ୍ମୀବରାହ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କୁ ପଚାରିବାରୁ, ମୁଁ ସାଢ଼େ ୯ଟାରେ ପହଞ୍ଚିବା ବେଳକୁ ଛାତ୍ରଛାତ୍ରୀ ସ୍କୁଲ ଆଗରେ ଧାରଣାରେ ବସି ସାରିଥିଲେ ବୋଲି କହିଛନ୍ତି ।

● ବେଣୀପୁର-ଛୋଟି ବିରୂପା ନଦୀବନ୍ଧ ରାସ୍ତା ଶୋଚନୀୟ

## ମରାମତିକୁ ଦୁଇମାସ ପୂରିନି; ଗୋଡ଼ି ମେଣ୍ଟାଲ ଉଠିଗଲା



ପଞ୍ଚୁପାଣ୍ଡବ,୨୭ ।୧୧(ସମିସ): ଡେରାବିଶ ବ୍ଲକ ବେଣୀପୁର-ଛୋଟି ବିରୂପା ନଦୀବନ୍ଧ ରାସ୍ତା ମରାମତିକୁ ଦୁଇ ମାସ ପୂରି ନ ଥିବା ବେଳେ ଗୋଡ଼ିଗୁଡ଼ିକ ଉଠି ଏଣେ ତେଣେ ପଡ଼ିଥିବା ଦେଖିବାକୁ ମିଳୁଛି । ଏହି ରାସ୍ତା ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଥିଲା । ଏ ବିଷୟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିବା ବେଳେ 'ସକାଳ'ରେ ବାରମ୍ବାର ଖବର ପ୍ରସାରିତ ହେବା ପରେ ପ୍ରଶାସନ ପକ୍ଷରୁ ଦୁଇମାସ ତଳେ ରାସ୍ତା ମରାମତି କରାଯାଇଥିଲା । ବେଣୀପୁର ଲକ୍ ପୋଲଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ଏହି ରାସ୍ତା ଆରଡି ବିଭାଗ ପକ୍ଷରୁ ମରାମତି ହୋଇଥିଲା । ମାତ୍ର ଦୁଇମାସ ପରେ ରାସ୍ତା ପୁଣି ମରଣଯନ୍ତା ପାଲଟିଥିବା ଅଭିଯୋଗ ହେଉଛି । ରାସ୍ତାରୁ ମେଣ୍ଟାଲ ଉଠିଗଲାଣି । କେତେବେଳେ ଗାଡ଼ି ଟାୟାର ପଙ୍କଚର ହେଉଥିବା ବେଳେ କେତେବେଳେ ଚାଳକ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି । ଏହି ରାସ୍ତାରେ ଚାରିଚକିଆ ଗାଡ଼ି ସହ କଟକ ଓ ଭୁବନେଶ୍ୱରକୁ ବସ୍ ଯାତାୟାତ କରୁଛି । କେନ୍ଦ୍ରାପଡ଼ାକୁ ସ୍କୁଲ, କଲେଜ, ଡାକ୍ତରଖାନାକୁ ଲୋକେ ଯିବାଆସିବା କରୁଛନ୍ତି । ରାସ୍ତାଟି ଜଳସମ୍ପଦ ବିଭାଗ ଅଧୀନରେ ଥିବାରୁ ଆର୍ ଆଣ୍ଡ ବି ପକ୍ଷରୁ କାମ ହେବାର ଜଣାପଡ଼ିଛି । କିନ୍ତୁ ଏହି ବିଭାଗ କାମ ବିଳମ୍ବ କରୁଥିବାରୁ ଲୋକେ ବିଭିନ୍ନ ସମସ୍ୟାରେ ପଡ଼ିଛନ୍ତି । ଏହାର ତଦନ୍ତ କରାଯାଇ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଛୋଟି ପଞ୍ଚାୟତ ସରପଞ୍ଚ ରଜନୀ ମଳିକଙ୍କ ସହ ବେଣୀପୁର, ଛୋଟି ଏବଂ ମଙ୍ଗଳପୁର ପଞ୍ଚାୟତର ଲୋକେ ଦାବି କରିଛନ୍ତି ।

## ବୁଢ଼ୀ ଧାନଧାୟୀ ପୀଠରେ ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୭ ।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ପଞ୍ଚାୟତ ତୁଳସୀଡିଆ ଗ୍ରାମର ବୁଢ଼ୀ ଧାନଧାୟୀ ପୀଠରେ ନବମ ବାର୍ଷିକ ଉତ୍ସବ ଓ ଯଜ୍ଞ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି । ଗ୍ରାମର ମହିଳା ଓ ପୁରୁଷମାନଙ୍କୁ ନେଇ ଭବ୍ୟ କଳସଯାତ୍ରା କରାଯାଇଥିଲା । ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ, ଭକ୍ତଙ୍କ ହରିବୋଲ ଓ ହୁଳହୁଳି ଶବ୍ଦରେ ମନ୍ଦିର ପ୍ରାଙ୍ଗଣରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଗ୍ରାମର ସମସ୍ତ ଜନସାଧାରଣ ମା'ଙ୍କ ଆଶୀର୍ବାଦ ନେବା ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ । ସୁନା ଦେଉଳ ଭଜନ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କବୀନ୍ଦ୍ର ଦାଶଙ୍କ ସଂଯୋଜନାରେ ଜିତେନ୍ଦ୍ର ନାରାୟଣ ମହାପାତ୍ର, ରାକେଶ ବିଶ୍ୱାଳ, ମନୋରଞ୍ଜନ ସାମଲ, ସୁମନ୍ତ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ସୁବାସ ବିଶ୍ୱାଳ, ଜ୍ୟୋତିରଞ୍ଜନ ବିଶ୍ୱାଳ, ମାନସ ବିଶ୍ୱାଳ, ରଶ୍ମିରଞ୍ଜନ ବିଶ୍ୱାଳ, କନୌଜ ବିଶ୍ୱାଳ ଓ ପ୍ରୀତୀଶ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

## ବାପନା ସିଡ୍ସ୍ ପକ୍ଷରୁ ଅଧିକୃତ ବିକ୍ରେତାଙ୍କ କର୍ମଶାଳା

ଡେରାବିଶ,୨୭ ।୧୧(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ପାଣିଓଳା ବିଲ୍ୱମାଳ ମଠ ପରିସରରେ ଚାନ୍ଦୋଳସ୍ଥିତ ବାପନା ସିଡ୍ସ୍ ପକ୍ଷରୁ ବୁଧବାର ଅଧିକୃତ ବିକ୍ରେତାଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ବାପନା ସିଡ୍ସ୍‌ର ଅଧିକୃତ ବିକ୍ରେତା ରୁଦ୍ରାଣୀ ଟ୍ରେଡର୍ସ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ୭୦ ଜଣ ବିକ୍ରେତା ଯୋଗଦେଇଥିଲେ । ବାପନାର ମୁଖ୍ୟ ଆଞ୍ଚଳିକ ପରିଚାଳକ ପ୍ରମୋଦ କୁମାର ବଘାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପରିଚାଳକ ମହେନ୍ଦ୍ର କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ରୁଦ୍ରାଣୀ ଟ୍ରେଡର୍ସର ମୁଖ୍ୟ ସତ୍ୟରଞ୍ଜନ ଦାସ ଓ ସହଯୋଗୀ ପରିଚାଳକ ବିଭୂତିଭୂଷଣ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ । ଚଳିତ ବର୍ଷ ଏହି ସିଡ୍ସ୍ କମ୍ପାନୀର ଧାନ ବିହନ ବ୍ୟବହାର କରି ଚାଷ ହୋଇଥିବା ବିଭିନ୍ନ ଚାଷଜମିକୁ ଉପସ୍ଥିତ ଶିବିରାର୍ଥୀ ଓ କମ୍ପାନୀ ଅଧିକାରୀମାନେ ପରିଦର୍ଶନ କରିଥିଲେ । ମୁଖ୍ୟଅତିଥି ସ୍ୱାଇଁ ସ୍ଥାନୀୟ ଅଞ୍ଚଳର ଜଳବାୟୁ, ଜଳସେଚନ ସୁବିଧା ଓ ଉଚ୍ଚ ତଥା ଖାଲଜମି ପାଇଁ କମ୍ପାନୀର ବିଭିନ୍ନ ଉନ୍ନତ ମାନର ଅଧିକ ଅମଳକ୍ଷମ ଧାନ ବିହନ ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟ ପରିଚାଳକ ବଘାର ବାପନା ସିଡ୍ସ୍ ୨୦୦୭ରୁ ଦେଶର ୧୭ ରାଜ୍ୟରେ ତା'ର ବ୍ୟବସାୟ ଆରମ୍ଭ କରିଥିବା ବେଳେ ଓଡ଼ିଶାରେ ୨୦୧୭ ରୁ ଆରମ୍ଭ କରି ରେକର୍ଡ ସୃଷ୍ଟି କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଶେଷରେ ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶୈଳେନ୍ଦ୍ର ମହାନ୍ତି ଓ ହିମାଂଶୁ ଶେଖର ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପଟ୍ଟାମୁଣ୍ଡାଇ କଲେଜରେ ସମ୍ବିଧାନ ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୨୭ ।୧୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ଇତିହାସ ଓ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଛି । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ରଞ୍ଜନ କୁମାର ବେହୁରା, ଅଧ୍ୟାପକ ଶୁଭାଶିଷ ମିଶ୍ର, ଡ. ନିର୍ମଳ ସାହୁ, ଆଲୋକ ସାହୁ, ରଞ୍ଜନ ବେହେରା, ରୋହିତ ବର୍ଗତି, ଅଧ୍ୟାପିକା ଶୁଭଲକ୍ଷ୍ମୀ ପ୍ରଧାନ, ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ ଯୋଗଦେଇ ସମ୍ବିଧାନ ପ୍ରସ୍ତୁତିରେ ଡ. ଭୀମରାଓ ଆମ୍ବେଦକରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳଙ୍କ ସଂଯୋଜନାରେ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ । ଅଧ୍ୟାପିକା ଶୁଭଶ୍ରୀ ପୋଥାଳ ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଓ ଅଧ୍ୟାପିକା ସୀମାଙ୍ଗିନୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାତ୍ୟା ଆଶ୍ରୟସ୍ଥଳୀ ଚାବି କାହା ପାଖରେ ?

ଡେରାବିଶ,୨୭ ।୧୧(ସମିସ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଛକନାସ୍ଥିତ ସାରଦା ଏକାଡେମୀ ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳୀର ଚାବି କାହା ପାଖରେ ଅଛି ସେ ଖବର ପ୍ରଶାସକ କିମ୍ବା ଶାସକଙ୍କ ପାଖରେ ନ ଥିବା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି । ଛକନା ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟ ୨୦୨୧ରେ ଆରମ୍ଭ ହୋଇ ୨୦୨୩ରେ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଫଳକରେ ଲେଖାଯାଇଛି । ସାଧାରଣତ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ କେବଳ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଳ୍ପ କିଛିଦିନ ପାଇଁ ବ୍ୟବହାର ହୋଇଥାଏ । ଅନ୍ୟ ସମୟରେ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ଦାୟିତ୍ୱରେ ରହିଥାଏ । ଅନ୍ୟ କେତେକ ସ୍ଥାନରେ ସରକାରଙ୍କ ହେପାଜତରେ ରହିଥାଏ । ହେଲେ ଛକନାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ନିକଟସ୍ଥ ସାରଦା ଏକାଡେମୀ କିମ୍ବା ସରପଞ୍ଚଙ୍କ ଦାୟିତ୍ୱରେ ନ ଥିବା ଜଣାପଡ଼ିଛି । ମୁରବୀବିହୀନ ଏହି ଆଶ୍ରୟସ୍ଥଳୀ ଅସାମାଜିକ ନିଶାସକ୍ତଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଏ ସମ୍ପର୍କରେ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି । ସାରଦା ଏକାଡେମୀ ପାଚେରିକୁ ଲାଗି ରହିଥିବା ଏହି ଆଶ୍ରୟସ୍ଥଳୀରେ ବୁଧବାର କୌଣସି ଏକ ସଂଗଠନ ପକ୍ଷରୁ ସଭା କରାଯିବା ସହ ଉଚ୍ଚ ସ୍ୱରରେ ଡାକବାଜି ଯନ୍ତ୍ର ବ୍ୟବହାର କରୁଥିବାରୁ ସାରଦା



ଏକାଡେମୀରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ସ୍ଥାନୀୟ ଜଣେ ଅଭିଭାବକ ଡେରାବିଶ ବିଡିଓଙ୍କୁ ଫୋନ୍ ମାଧ୍ୟମରେ ଅଭିଯୋଗ କରିବାରୁ ବିଡିଓ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରିବାକୁ କହିଥିଲେ । ହେଲେ ସରପଞ୍ଚ ତାଙ୍କ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ନିଜର ଅସମର୍ଥତା ପ୍ରକାଶ କରିବା ସହ ସେହି ଆଶ୍ରୟସ୍ଥଳୀ ପଞ୍ଚାୟତକୁ ହସ୍ତାନ୍ତର କରାଯାଇ ନାହିଁ ବୋଲି କହିଥିଲେ । ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବା ସହ ବାତ୍ୟା ଆଶ୍ରୟସ୍ଥଳୀରେ ସଭା ହେଉଥିବା ବିଷୟରେ ଜାଣି ନ ଥିବା କହିଥିଲେ । ଏଥିସହ ଏହି ବାତ୍ୟା ଆଶ୍ରୟସ୍ଥଳୀ ବିଦ୍ୟାଳୟକୁ ହସ୍ତାନ୍ତର କରାଯାଇ ନ ଥିବା କହିଥିଲେ । ଅପରପକ୍ଷରେ ପାଠପଢ଼ା ସମୟରେ ବିଦ୍ୟାଳୟ ନିକଟରେ ଡାକବାଜି ଯନ୍ତ୍ର ଲଗାଇ କୌଣସି ସଭାସମିତି ହୋଇପାରିବ ନାହିଁ ଓ ଯଦି ଏହା ହେବାର ଆବଶ୍ୟକତା ଥାଏ ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁମତି ନେବା ଆବଶ୍ୟକ । ଗତବର୍ଷ ମଧ୍ୟ ବିନା ଅନୁମତିରେ ଏହି ବିଦ୍ୟାଳୟର ଖେଳପଡ଼ିଆରେ ଡାକବାଜି ଯନ୍ତ୍ର ବଜାଇ ପାଠପଢ଼ା ସମୟରେ ସଭା କରାଯାଇଥିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଆଶ୍ରୟସ୍ଥଳୀର ଚାବି ନ ଥାଇ ଗତ ଦୁଇଟି ସମ୍ଭାବ୍ୟ ବାତ୍ୟା ପାଇଁ ଏହି ଆଶ୍ରୟସ୍ଥଳୀରେ ଉଦ୍ଧାର କାର୍ଯ୍ୟ ଓ ଥଇଥାନ ପାଇଁ ସରକାରଙ୍କ ପକ୍ଷରୁ ମକ୍‌ଡ୍ରିଲ ମଧ୍ୟ କରାଯାଇଥିଲା । ସୌଭାଗ୍ୟବଶତଃ ଏହି ବାତ୍ୟା ଦୁଇଟିର ପ୍ରଭାବ ଏହି ଅଞ୍ଚଳରେ ହୋଇ ନ ଥିଲା । ଯଦି ହୋଇଥାନ୍ତା, ଏଠାରେ ମକ୍‌ଡ୍ରିଲର କରୁଥିବା ସ୍ୱେଚ୍ଛାସେବୀମାନେ ପ୍ରଭାବିତ ଲୋକଙ୍କୁ କେଉଁଠାରେ ଥଇଥାନ କରିଥାନ୍ତେ ବୋଲି ପ୍ରଶ୍ନ ଉଠୁଛି । ଏହି ଆଶ୍ରୟସ୍ଥଳୀ ନିର୍ମାଣ କରିଥିବା ଠିକାଦାର ଜଣକ ଉକ୍ତ କୋଠାକୁ ବିଦ୍ୟୁତ୍ ଓ ପାଣି ସଂଯୋଗ କରି ନ ଥିବା ଏବଂ ବାତ୍ୟା ସମୟରେ ବିଦ୍ୟୁତ୍‌ର ବିକଳ୍ପ ବ୍ୟବସ୍ଥା ପାଇଁ ଜେନେରେଟର ଠିକ୍ କରି ନ ଥିବାରୁ ଆଶ୍ରୟସ୍ଥଳର ଚାବି ହସ୍ତାନ୍ତର କରି ନ ଥିବା କୁହାଯାଉଛି । ସରକାର ଏହି ଅନିୟମିତତାର ସମାଧାନ କରି ଆଶ୍ରୟସ୍ଥଳୀର ଦାୟିତ୍ୱ ନିକଟସ୍ଥ ସ୍କୁଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲେ ବାତ୍ୟା ଆଶ୍ରୟସ୍ଥଳୀର ସଦୁପଯୋଗ ହୋଇପାରିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।

## ବଟମହାପୁରୁଷ ବିଦ୍ୟାପୀଠରେ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ

ଡେରାବିଶ,୨୭ ।୧୧(ସମିସ): ଡେରାବିଶ ବ୍ଲକ ପବିତ୍ରପଡ଼ାସ୍ଥିତ ବଟମହାପୁରୁଷ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କିଶୋର ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ଆନୁକୂଲ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା କିଶୋର ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଛି । ସଂସଦର ମୁଖ୍ୟ ସଂଯୋଜକ ସ୍ମାରକ ମହାନ୍ତି ଦ୍ୱାରା ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଉପଢୌକନ ଓ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସଂସଦ ସଭାପତି ପ୍ରାକ୍ତନ ପ୍ରଧାନଶିକ୍ଷକ ବୈକୁଣ୍ଠନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆର୍‌ସିସି ବିଶ୍ୱଜିତ ମୁଦୁଲି ମୁଖ୍ୟଅତିଥି, ପୂର୍ବତନ ଶିକ୍ଷକ ମନୋରଞ୍ଜନ ନାୟକ ମୁଖ୍ୟବକ୍ତା, ଭରତ ଚନ୍ଦ୍ର ଦାସ ଏବଂ ରଘୁନାଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠାତା ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ମୃତି ସଂସଦ ସଭ୍ୟ ସମାଜସେବୀ ସୁଧୀର ରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ପ୍ରଧାନଶିକ୍ଷକ ତଥା ସଂସଦର ସମ୍ପାଦକ ଚୌଧୁରୀ ସରୋଜକାନ୍ତ ପ୍ରହରାଜ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ପ୍ରତିଷ୍ଠାତାଙ୍କ ଘନିଷ୍ଠ ସହଯୋଗୀ ଅଜୟ କୁମାର ସାହୁ, ଦେବେନ୍ଦ୍ର ନାଥ ଦାସ, ଅନାମ ଚରଣ ଦାସ, ଅନନ୍ତ ଚରଣ ସାହୁ, ହୃଷୀକେଶ ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ମେଧାବୀ ଛାତ୍ର ଶୁଭମ୍ ବେହେରାଙ୍କୁ ପ୍ରମାଣପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ଭାବଗ୍ରହୀ କର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ନିର୍ମଳା ହୋତା ଓ ପ୍ରଜ୍ଞାପାରମିତା ନାୟକ ଉତ୍ସବ ପରିଚାଳନା କରିଥିଲେ ।

## ଟ୍ରାଫିକ୍ ପୁଲିସ୍ ଆଗରେ ସହରକୁ ପଶୁଛି ଭାରୀଯାନ



ପାରଳାଖେମୁଣ୍ଡି,୨୭ ।୧୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଅମାନିଆ ଗାଡ଼ି ଚାଳକଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି । କେଉଁଠାରେ ଅବାଧ ପାର୍କିଂ କରି ସମସ୍ୟା ସୃଷ୍ଟି କରୁଛନ୍ତି ତ, ଆଉ କେଉଁଠି କଟକଣା ସତ୍ତ୍ୱେ ସହର ମଧ୍ୟକୁ ଭାରୀଯାନ ପ୍ରବେଶ କରାଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି । ଭାରୀଯାନ ଟ୍ରାଫିକ୍ ପୁଲିସ ଉପସ୍ଥିତିରେ ସହରକୁ ପଶୁଥିଲେ ବି ସେମାନେ ନିରବଦ୍ରଷ୍ଟା ସାଜିଛନ୍ତି । ଫଳରେ ଅମାନିଆ ଗାଡିଚାଳକ ବେପିକର ଭାବେ ମନଇଚ୍ଛା ଗାଡି ଚଳାଉଛନ୍ତି । ହାଇସ୍କୁଲ ଛକରେ ଥିବା ଟ୍ରାଫିକ୍ ବ୍ୟବସ୍ଥା ଲାଗି ନିୟୋଜିତ ହୋଇଥିବା ଟ୍ରାଫିକ୍ କର୍ମଚାରୀ କିପରି ଦେଖୁନାହାନ୍ତି ନାଁ ଦେଖି ନଦେଖିବା ଆଳରେ ଗାଡିକୁ ଛାଡୁଛନ୍ତି ଏବେ ସହରରେ ଆଲୋଚନାର ବିଷୟ ପାଲଟିଛି । ଏପରି ଭାରୀଯାନ ପ୍ରବେଶ ଯୋଗୁ ସାହିଗୁଡିକରେ କୌଣସି ଦୁର୍ଘଟଣା ଘଟିଲେ ଦାୟୀ କିଏ ରହିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ବ୍ରାହ୍ମଣୀଗାଁରେ ସ୍ୱଦେଶୀ ସଂକଳ୍ପ ଯାତ୍ରା

ବ୍ରାହ୍ମଣୀଗାଁ,୨୭।୧୧(ସମିସ): ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଉପକଣ୍ଠରେ ଥିବା ଶିବ ମନ୍ଦିର ପ୍ରାଙ୍ଗଣରେ କନ୍ଧମାଳ ଜିଲ୍ଲା ବିଜେପି ଦଳ ତରଫରୁ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ ସେ ସଂକଳ୍ପ ପତ୍ର ପାଠ କରିବା ସଙ୍ଗେ ସଙ୍ଗେ ଏହାର ଗୁରୁତ୍ୱ ବୁଝାଇ କହିଥିଲେ । ଏହା ପରେ ସେଠାରେ ଏକ ମିଶ୍ରଣ ପର୍ବ ମଧ ହୋଇଥିଲା । ସ୍ଥାନୀୟ ପଥ ପାର୍ଶ୍ୱ ଆଲୋକ ବ୍ୟବସ୍ଥା, ଶୌଚାଳୟ ଓ ପେଟ୍ରୋଲ ପମ୍ପ ସ୍ଥାପନ ନିମନ୍ତେ ଭୂମି ପୂଜନ କରିଥିଲେ । ଶେଷରେ ପ୍ରଭାତୀ ତାରା ବାଳିକା ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ ।

## ସମ୍ବିଧାନ ଦିବସ ପାଳିତ



ମୋହନା,୨୭।୧୧(ସମିସ): ଗଜପତି ଜିଲ୍ଲା ମୋହନା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଅଦାଲତରେ ସମ୍ବିଧାନ ଦିବସ ପାଳିତ ହୋଇଛି । ପ୍ରଥମ ଶ୍ରେଣୀ ବିଚାରପତି ଜଷ୍ଟିସ ଶୁଭଜିତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଦେଶର ସମ୍ବିଧାନକୁ ମାନି ଚଳିବାକୁ ଏବଂ ଏକ ସୁସ୍ଥ ଗଣତନ୍ତ୍ର ନିର୍ମାଣ ପାଇଁ ଉପସ୍ଥିତ ନେତୃବୃନ୍ଦ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ମୋହନା ବାର୍ ସଭାପତି ରବୀନ୍ଦ୍ର କୁମାର ନାୟକ, ଉପ ସଭାପତି ସୀମାଞ୍ଚଳ କାର୍ଯ୍ୟୀ, ବରିଷ୍ଠ ଆଇଜୀବୀ ସୁଦର୍ଶନ ସାହୁ, ସମ୍ପାଦକ ପଦ୍ମନାଭ ପତି, ସହ ସମ୍ପାଦକ ସୁଶାନ୍ତ କୁମାର ମଲ୍ଲିକଙ୍କ ସମେତ ଆଇନଜୀବୀ ଉପସ୍ଥିତ ଥିଲେ । କୋର୍ଟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ସାଂସଦ

ଦାରିଙ୍ଗବାଡି,୨୭।୧୧(ସମିସ): ଦାରିଙ୍ଗବାଡି କଲେଜ ପଡିଆରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ଅତିଥି ଭାବେ ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, ବିଡ଼ିଓ ପ୍ରୀତି ରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହା ପରେ ଆଇଟିଡିଏ ପକ୍ଷରୁ ନିର୍ମିତ ଆଦିବାସୀ ସଂସ୍କୃତି ଭବନ, ଆଦିବାସୀ ଆଗ୍ରୋମଲର ଉଦ୍‌ଘାଟନ କରିଥିଲେ



ସାଂସଦ । ପରେ ପାଜିଡ଼ଙ୍ଗାରେ ଆୟୋଜିତ ଓଡିଶା ଗରିବ ମସଲା ଚାଷୀଙ୍କ ବିକାଶ କାର୍ଯ୍ୟକ୍ରମରେ ସାମିଲ ହୋଇ ସେମାନଙ୍କର ଆବଶ୍ୟକତା, ସମସ୍ୟା ଆଦି ବିଷୟରେ ବୁଝିଥିଲେ । ମସଲା ଚାଷୀଙ୍କୁ ନେଇ କନ୍ଧମାଳ ଗର୍ବିତ ବୋଲି ସାଂସଦ କହିଥିଲେ ।

## ରାଇକିଆ ଏକଲ ଅଭିଯାନର କର୍ମକର୍ତ୍ତା ବୈଠକ

ରାଇକିଆ,୨୭।୧୧(ସମିସ): ରାଇକିଆ ବ୍ଲକ ଏକଲ ଅଭିଯାନର କର୍ମକର୍ତ୍ତା ବୈଠକ ବୁଧବାର ମାଲାଞ୍ଚଳ ଛାତ୍ରାବାସରେ ଅନୁଷ୍ଠିତ ହୋଇଥିଲା । ରାଇକିଆ ସଞ୍ଚ ସମିତି ସଭାପତି ନାରାୟଣ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସତ୍ୟବାନ ପାତ୍ର ଯୋଗ ଦେଇଥିଲେ । ଗ୍ରାମୀଣ କ୍ଷେତ୍ରରେ କୁସଂସ୍କାର, ଅନ୍ଧବିଶ୍ୱାସକୁ ଦୂରେଇବା ସହ ଶିକ୍ଷା, ଆରୋଗ୍ୟ ଶିକ୍ଷା, ଗ୍ରାମ ବିକାଶ, ଜାଗରଣ ଓ ସଂସ୍କାର ଶିକ୍ଷା ମାଧ୍ୟମରେ ଆଣିବା



ସହ ଗାଁକୁ ସଂଗଠିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟରେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଆସନ୍ତା ମାସରେ ବାର୍ଷିକ ଉତ୍ସବ ପାଳନ ନେଇ ମଧ ଆଲୋଚନା ହୋଇଥିଲା । ସଞ୍ଚ ପ୍ରାଥମିକ ଶିକ୍ଷା ପ୍ରଭାରୀ ଭାଗବାନ ବେହେରା, ଫୁଲବାଣୀ ଅଞ୍ଚଳ ଅଭିଯାନ ପ୍ରମୁଖ ଜାକରିଆସ ପ୍ରଧାନ, ସଂଭାଗ ସଂସ୍କାର ଶିକ୍ଷା ପ୍ରଶିକ୍ଷଣ ପ୍ରମୁଖ ନାଗାର୍ଜୁନ ପ୍ରଧାନ, ରାଇକିଆ ସଞ୍ଚ ପ୍ରମୁଖ ଆଲୋକ ପ୍ରଧାନ, ଶକୁନ୍ତଳା ପ୍ରଧାନ ଯୋଗ ଦେଇଥିଲେ । ବିଭିନ୍ନ ଅଞ୍ଚଳରୁ ୨୫ ଜଣ ଏକଲ ଅଭିଯାନ କର୍ମକର୍ତ୍ତା ଯୋଗଦେଇଥିଲେ ।

# ଭଙ୍ଗା ଦଦରା ଘରେ ବିତୁଛି ବୃଦ୍ଧା ପୁଷ୍ପାଙ୍କ ଜୀବନ

ଫିରିଙ୍ଗିଆ,୨୭।୧୧(ସମିସ)

ସରକାରଙ୍କ ତରଫରୁ ଗରିବ ଅସହାୟଙ୍କ ପାଇଁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉଛି । ହେଲେ ଅଧିକାଂଶ ଥିଲାବାଲା ଧନୀ ଲୋକ ଘର ପାଉଥିବାବେଳେ ଗରିବ ଲୋକେ ବଞ୍ଚିତ ହୋଇ ଭଙ୍ଗାଦଦରା ଘରେ ଦୁର୍ବିସହ ଜୀବନ ଜୀଉଁଛନ୍ତି । ପ୍ରଶାସନ ସବୁ ଜାଣିଶୁଣି ଚୁପ ବସି ରହୁଥିବା ସାଧାରଣରେ ଅଭିଯୋଗ ମଧ ହେଉଛି । ଏପରି ଘଟଣା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକରେ ।

ଫିରିଙ୍ଗିଆ ବ୍ଲକ ତରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଡେଲରପଡା ଗ୍ରାମର ଗ୍ରାମର ଜଣେ ୬୧ ବର୍ଷୀୟା ବୃଦ୍ଧା ପୁଷ୍ପା ମାଝୀ । ଘର ଖଣ୍ଡିକ ପାଇଁ ଅନେକ ଥର ୱାର୍ଡ ସଭ୍ୟ, ସରପଞ୍ଚ, ପିଇଓ, ଜିଆରଏସ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏଯାଏ ଘର ମିଳି ନଥିବା ସେ ଅଭିଯୋଗ କରିଛନ୍ତି । ପୁଷ୍ପା ଅବିବାହିତା । ବାପା-ମା’



ଆରପାରିକୁ ଚାଲିଯିବା ପରେ ପୁଷ୍ପାଙ୍କ ଭବିଷ୍ୟତ ଚିନ୍ତା କରିବାକୁ କେହିନାହାନ୍ତି । ତେଣୁ ଭାଗ୍ୟକୁ ଆଦରି ବାପା ତିଆରି କରିଥିବା ଭଙ୍ଗା କୁଡ଼ିଆରେ ଦିନ କାଟୁଛନ୍ତି । ସେ କୁଡ଼ିଆର ଅବସ୍ଥା ବି ଅତି ଶୋଚନୀୟ ହୋଇପଡିଛି । ବାପା ଉକ୍ତ ଘରକୁ ତିଆରି କରିଥିବାବେଳେ ଅନେକ ବର୍ଷ ବିତିଗଲାଣି । ଆର୍ଥିକ ଅନାଟନ ଯୋଗୁ ସେ ଘର ମରାମତି ବି କରିପାରୁନାହାନ୍ତି । ଏହି କାରଣରୁ ଧୀରେ ଧୀରେ ଘର ଭୁଶୁଡିବାକୁ ବସିଲାଣି । ଝାଟିମାଟିର କୁଡ଼ିଆ ଉପରେ ଜରିପାଲ ଢାଙ୍କି ଦୟନୀୟ ଭାବେ ରହୁଛନ୍ତି ପୁଷ୍ପା । ପ୍ରଶାସନ ପକ୍ଷରୁ ମିଳୁଥିବା ୩୫କେଜି ଚାଉଳ ସାଙ୍ଗକୁ ମାସକୁ ୧୦୦୦ ଟଙ୍କା ପେନସନ ହିଁ ତାଙ୍କର ଜୀବନ ଧାରଣର ଭରସା । ଯେମିତି ସେମିତି ତ ପେଟ ପାଇଁ ଦାନା ଯୋଗାଡ଼ ହୋଇଯାଉଛି, ହେଲେ ରହିବା, ଶୋଇବା ଚିନ୍ତା ଘାରୁଛି । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ପାଇଁ ସେ ସମସ୍ତ ପଲ୍ଲୀସଭା ଓ ଗ୍ରାମସଭାରେ ଯାଇ ଗୁହାରି କରୁଛନ୍ତି । ହେଲେ ପ୍ରଶାସନ ତାଙ୍କ କଥାକୁ କର୍ଣ୍ଣପାତ କରୁନଥିବା ସେ ଦୁଃଖର ସହ କହିଛନ୍ତି । ପ୍ରଶାସନ ତୁରନ୍ତ ପୁଷ୍ପାଙ୍କୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନମେଳା



ରାଇକିଆ,୨୭।୧୧(ସମିସ): ରାଇକିଆ ବ୍ଲକ ନବଜ୍ୟୋତି ଉଚ୍ଚ ବିଦ୍ୟାଳୟ ଆଡ଼ାସିକୁପାରେ ରାଇକିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ଓ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ପେଟାପାଙ୍ଗା ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସାରଥି କହଁର, ପରମାନନ୍ଦ ନାୟକ, ମାଧବ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୭୦ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ୭୦ ଗାଇଡ ଶିକ୍ଷକ ଯୋଗ ଦେଇଥିଲେ । ପ୍ରଦର୍ଶନୀରେ ରାଷ୍ଟ୍ରୀୟଆବିଷ୍କାରଅଭିଯାନଆନୁକୂଲ୍ୟରେଆସିଥିବା ପ୍ରକଳ୍ପ ଗୁଡ଼ିକରୁ ୭ ଉପ ବିଷୟରୁ ୭ ପ୍ରକଳ୍ପ ଚୟନ କରାଯାଇ ଶ୍ରେଷ୍ଠ ୭ ଜଣ କୁନି ବୈଜ୍ଞାନିକ, ବିଜ୍ଞାନ ମେଳା କନିଷ୍ଠ ବର୍ଗରୁ ଶ୍ରେଷ୍ଠ ଜଣେ ଏବଂ ବରିଷ୍ଠ ବର୍ଗରୁଶ୍ରେଷ୍ଠଜଣକୁଜିଲ୍ଲାସ୍ତରୀୟକାର୍ଯ୍ୟକ୍ରମନିମନ୍ତେଚୟନକରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଲୁହୁରିଙ୍ଗିଆ ସିଆରସିସି ଜିତେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ଭାଗୀରଥୀ ସେଠୀ ମଞ୍ଚ ପରିଚାଳନା କରିଥିଲେ ।

## ଇନ୍‌ଡୋର ଷ୍ଟାଡିୟମ ପୁର୍ନନିର୍ମାଣ କାମର ଶୁଭଦେଲେ ସାଂସଦ

ବାଲିଗୁଡ଼ା,୨୭।୧୧(ସମିସ): ବାଲିଗୁଡ଼ା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ମଙ୍ଗଳବାର ଇନ୍‌ଡୋର ଷ୍ଟାଡିୟମ୍ ପୁର୍ନନିର୍ମାଣ କାମ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବାଲିଗୁଡ଼ା ଉପଖଣ୍ଡ କ୍ରୀଡ଼ା ସଙ୍ଘ ସଭାପତି ସୁଶାନ୍ତ କୁମାର ଦାସ୍ ଓ



ସଂଘର ସମସ୍ତ ସଦସ୍ୟଙ୍କ ଉଦ୍ୟମରେ ହୋଇଥିଲା । କାର୍ଯ୍ୟକ୍ରମରେ ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନଗର ସାଂସଦ ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ନଗର ସଭାପତି ମନୋଜ ରଥ, ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା କହଁର ଓ ବିଜେପି ସମସ୍ତ ନେତୃମଣ୍ଡଳୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଜି.ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରୀ

ଜି.ଉଦୟଗିରି,୨୭ ।୧୧(ସମିସ): ଜି.ଉଦୟଗିରିରେ ପାରଦ ତଳମୁହାଁ ହେବାରେ ଲାଗିଛି । ବୁଧବାର ସର୍ବୋଚ୍ଚ ତାପମାତ୍ରା ୨୬. ୪ ଡିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୮.୬ ଡିଗ୍ରୀ ରହିଥିଲା । ଗୁରୁବାର ତାପମାତ୍ରା କମି ସର୍ବୋଚ୍ଚ ତାପମାତ୍ରା ୨୫. ୬ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୭. ୪ ଡିଗ୍ରୀ ରେକର୍ଡ କରିଛି କୃଷି ଗବେଷଣା କେନ୍ଦ୍ର । ତିନି ଦିନ ମଧ୍ୟରେ ତାପମାତ୍ରା ୫ ଡିଗ୍ରୀ ଖସିବା ଫଳରେ ଜୀବନଜୀବିକା ପ୍ରଭାବିତ ହୋଇଛି । ଛୋଟ ଛୁଆଙ୍କ ସହିତ ବୟସ୍କ ଲୋକଙ୍କ ପାଇଁ ଶୀତ ସହ୍ୟ କରିବା କଷ୍ଟକର ହୋଇପଡ଼ିଛି । ସନ୍ଧ୍ୟା ହେଉ ହେଉ ଶୀତ ମାଡି ଆସିବା ଫଳରେ ରାତି ୮ଟା ଭିତରେ ବଜାର ଘାଟ ଜନଶୂନ୍ୟ ହୋଉପଡୁଛି ।

## ଚାଷୀଙ୍କୁ ଉଦ୍ୟାନ ବିଭାଗର ଆଳୁ ବିହନ ବଣ୍ଟନ



ଫିରିଙ୍ଗିଆ,୨୭।୧୧(ସମିସ): ଫିରିଙ୍ଗିଆ ବ୍ଲକରେ ଆଳୁ ଚାଷୀଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ବିହନ ଆଳୁ ପ୍ରଦାନ କରାଯାଇଛି । ଫିରିଙ୍ଗିଆ ବ୍ଲକର ୨୪ ପଞ୍ଚାୟତ ମଧ୍ୟରୁ ୮ପଞ୍ଚାୟତର ୧୯୦ ଚାଷୀଙ୍କୁ ୩ ଶହ କୁଇଣ୍ଟାଲି ଏବଂ ଜଣେ ଚାଷୀ ପିଛା ଦେଢ଼ କୁଇଣ୍ଟାଲରୁ ୩ କୁଇଣ୍ଟାଲ ପର୍ଯ୍ୟନ୍ତ ବିହନ ଆଳୁ ପ୍ରଦାନ କରାଯାଇଛି । ବନ୍ଧଗଡ଼, ରତଙ୍ଗ, ପବିଙ୍ଗିଆ, କାଶିନୀ ପଦର, କେଳାପଡା, ଫିରିଙ୍ଗିଆ ଏବଂ ଗୋଚ୍ଛାପଡା ପଞ୍ଚାୟତ ଆଳୁ ଚାଷୀଙ୍କୁ ବିହନ ଆଳୁ ପ୍ରଦାନ କରାଯଇଥିବା ଉଦ୍ୟାନ ବିଭାଗ ତରଫରୁ ସୂଚନା ମିଳିଛି । ଏହି ଅବସରରେ ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ସରୋଜ କୁମାର ସାହୁ ଏବଂ ଉଦ୍ୟାନ ଅଧିକାରୀ ବିଶ୍ୱଜିତ ସୁବୁଦ୍ଧି ଉପସ୍ଥିତ ଥିଲେ ।

## ଶୀତ ଉତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଦାରିଙ୍ଗବାଡ଼ି,୨୭।୧୧(ସମିସ): ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ପାଳନ ପାଇଁ ଦ୍ୱିତୀୟଥର ବ୍ଲକ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶୀତ ମହୋତ୍ସବ ପାଳନ କମିଟିର ସମ୍ପାଦକ ତଥା ବିଡିଓ ପ୍ରୀତିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ମହୋତ୍ସବକୁ ଆଡମ୍ବର କରିବା ପାଇଁ ଆଲୋଚନାରେ ଭାଗ ନେଇଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ବାଲିଗୁଡ଼ା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, କମିଟିର କୋଷାଧ୍ୟକ୍ଷ ତଥା ତହସିଲଦାର ଧୀରୋଜ ପାତ୍ର ଓ ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ମଞ୍ଚାସୀନ ରହିଥିଲେ । ଶୀତ ଉତ୍ସବ ଉଦଘାଟନ ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବାକୁ ଏମ୍‌ପିଙ୍କ ନିକଟରେ ଅଞ୍ଚଳବାସୀ ଅନୁରୋଧ କରିଥିଲେ । ଏନେଇ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ । ମହୋତ୍ସବ ପାଇଁ ରାଜ୍ୟରୁ ଅନୁଦାନ ଅଣାଯିବ ବୋଲି ମଧ କହିଥିଲେ ।

## ଚତୁର୍ଥ ଦିନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ କଳାବ୍ୟାଜ ପରିଧାନ



ଫିରିଙ୍ଗିଆ,୨୭।୧୧(ସମିସ): ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ନିଷ୍ପତ୍ତି କ୍ରମେ କଳାବ୍ୟାଜ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହି ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି । କନ୍ଧମାଳ ଜିଲ୍ଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ସଭାପତି ବଳରାଜ ସାହାଣୀ ତଥା ଫିରିଙ୍ଗିଆ ଆଦର୍ଶ ବିଦ୍ୟାଳୟର ଖେଳ ଶିକ୍ଷକଙ୍କ ନେତୃତ୍ୱରେ ଶିକ୍ଷକି କଳାବ୍ୟାଜ ପରିଧାନ କରିଥିବା ଜଣାପଡିଛି । ଏହି ଆନ୍ଦୋଳନରେ ଫିରିଙ୍ଗିଆ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଉତ୍ତମ କହଁର, ପ୍ରଭାତ କୁମାର ବେହେରା, ପଙ୍କଜ ପ୍ରଧାନ, ଜ୍ୟୋତିରଞ୍ଜନ ସାହୁ, ଅଚ୍ୟୁତାନନ୍ଦ ଦିଗାଳ, ଶିବରାମ ନାଏକ, ସମରେନ୍ଦ୍ର ବାରିକ, ରଶ୍ମିତା ନାଏକ, ସୁରଭି ସାହୁ, ମହିମା ମଲିକ ଉପସ୍ଥିତ ଥିଲେ ।

## ୧୩ରେ ଗଜପତିରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମୁଣ୍ଡି,୨୭ ।୧୧ (ସମିସ): ଡିସେମ୍ବର ୧୩ରେ ପାରଳାଖେମୁଣ୍ଡି, ରା.ଉଦୟଗିରି, ମୋହନା ଓ କାଶୀନଗରରେ ଅଦାଲତ ପରିସରରେ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ପ୍ରକାର ପ୍ରାକ୍‌ସ୍ତରୀୟ ମୋକଦ୍ଦମା ଓ ବିଚାରଣ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଲୋକସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଗ୍ରହଣ, ଚାକିରି ସମ୍ବନ୍ଧୀୟ (ପେନସନ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାରଣା ହେବ । ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।

## ହୃଦ୍‌ଘାତରେ ରମ୍ଭା ପିଇଓଙ୍କ ପରଲୋକ

ଗୋଷାଣି,୨୭ ।୧୧(ସମିସ): ଗୋଷାଣି ବ୍ଲକ ରମ୍ଭା ପିଇଓ ସୋମେସ ପରିଚ୍ଛା (୩୬)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । କୌଣସି ଏକ କାର୍ଯ୍ୟରେ ସେ ସରପଞ୍ଚଙ୍କ ସହ କାର୍ଯ୍ୟାଳୟ ଆସୁଥିବାବେଳେ ଗାରାବନ୍ଧ ଗ୍ରାମ ନିକଟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାବେଳେ ବାଟରେ ମୃତ୍ୟୁ ହୋଇଥିଲା । ଯୁବ ପିଇଓଙ୍କ ଅକାଳ ବିୟୋଗକୁ ନେଇ ଶୋକର ଛାୟା ଖେଳିଯାଇଛି । ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବିରରାଜୁଙ୍କ ସମେତ ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ବିଡିଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ବ୍ଲକର ସମସ୍ତ ପିଇଓ, ଅଧିକାରୀ, କର୍ମଚାରୀ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଶେଷ ଦର୍ଶନ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ମୃତ ସୋମେସଙ୍କ ନିଜ ଗାଁ ନୂଆଗଡ ବ୍ଲକ ଝାଲାସିଂରେ ଅନ୍ତ୍ୟେଷ୍ଟିକ୍ରିୟା ହେବ ।

## ବିନା ସୂଚନା ଫଳକରେ କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲ କୋଠା ନିର୍ମାଣ

ଗୁମ୍ମା,୨୭ ।୧୧(ସମିସ)

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ପକ୍ଷରୁ ଗୁମ୍ମା ବ୍ଲକ ସଦର ମହକୁମା କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରାବାସ(କେଜିବିପି) ପରିସରରେ

**ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ**

ନୂତନ ଛାତ୍ରାବାସ ଗୃହ ନିର୍ମାଣ ଚାଲିଛି । ବିନା ସୂଚନା ଫଳକରେ ଏହି କାମ ଚାଲିଥିବା ବେଳେ ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ ହୋଇଛି । ଶହେ ଶଯ୍ୟା ବିଶିଷ୍ଟ କୋଠା ପାଇଁ ଏକ



କୋଟି ଟଙ୍କା ବ୍ୟୟବରାଦ ହୋଇଛି । ବିଜି ନାୟକ ନିର୍ମାଣ ଟେଣ୍ଡର ପାଇଥିବା ବେଳେ ପେଟି ଠିକାଦାର ନିର୍ମାଣ କାର୍ଯ୍ୟ କରୁଛି ।

ହେଲେ ସରକାରୀ ପ୍ରକଳ୍ପ ନିର୍ମାଣ ପୂର୍ବରୁ ସୂଚନା ଫଳକ ବାଧ୍ୟତାମୂଳକ ଥିବା ବେଳେ ବିନା ସୂଚନା ଫଳକରେ ନିର୍ମାଣ କରାଯାଉଛି । ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଉକ୍ତ କାର୍ଯ୍ୟ ହସ୍ତାନ୍ତର ହୋଇନାହିଁ । ପୂର୍ବରୁ କାର୍ଯ୍ୟ ଆରମ୍ଭ କରିଥିବା କନିଷ୍ଠ ଯନ୍ତ୍ରୀଙ୍କ ଅନ୍ୟ ବ୍ଲକକୁ ବଦଳି ହୋଇଛି । ଯାହାଫଳରେ ନିର୍ମାଣ କାର୍ଯ୍ୟର ତଦାରଖ ସଠିକ ଭାବେ ହୋଇ ପାରୁନାହିଁ । ଏହାର ସୁଯୋଗ ନେଇ ନିମ୍ନମାନର ସିମେଣ୍ଟ, ଖଡ଼ ବ୍ୟବହାର ହେଉଥିବାରୁ କୋଠାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ମଧ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ରହିତ ବେହେରାଙ୍କୁ ପଚାରିବାରୁ ଯେଉଁ ସିମେଣ୍ଟ, ଛଡ଼ ବ୍ୟବହାର କରାଯାଉଛି ତାହା ଠିକ ଅଛି । କିନ୍ତୁ ସୂଚନା ଫଳକ ନ ଲଗାଇବା ଯୋଗୁ ଠିକାଦାରଙ୍କୁ କାରଣଦର୍ଶାଅ ଚିଠି କରାଯିବ ବୋଲି କହିଛନ୍ତି ।

## କୃଷକ ଓ ଶ୍ରମିକ ବିରୋଧୀ ନୀତିର ପ୍ରତିବାଦ

ପାରଳାଖେମୁଣ୍ଡି,୨୭ ।୧୧(ସମିସ): ଗଜପତି ଜିଲ୍ଲାର ବିଭିନ୍ନ ଶ୍ରମିକ ଓ କୃଷକ ସଂଗଠନ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ନୂଆ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବାହାରି କଲେଜ ଛକ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିର ପ୍ରତିବାଦ କରାଯାଇଥିଲା । ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜିଲ୍ଲା ସମ୍ପାଦକ କେଦାର ଶବର, ଜିଲ୍ଲା



କମିଟି ସଭ୍ୟ କାଡୁକା ଶବର, ଓଡ଼ିଶା କୃଷକ ସଭାର ଜିଲ୍ଲା ସଭାପତି ଦଣ୍ଡପାଣି ର୍‌ଇତ, ଶ୍ରମିକ ନେତା ଏମ ବାଙ୍ଗାରୀ, ପି ମୁରଲି, କେ. ବାଲକ୍ରିଷ୍ଣା ଓ ରୟତ କୁଲି ରୟତ ସଂଘର ନେତା ଆର୍ ଲୋକନାଥଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନେ ସରକାରଙ୍କ ଜନ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ । ଏକ୍ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନାଗାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତିଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ ହୋଇଥିଲେ ।

## ବାଲୁଗାଁରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ଉ



ବାଲୁଗାଁ, ୨୭।୧୧(ସମିସ) : ରାଜ୍ୟ ତଥା ରାଜ୍ୟ ବାହାରୁ ନକଲି ଔଷଧ ଆଣି ଓଡିଶାରେ ବିକ୍ରୀ କରୁଥିବା ନେଇ ଧରପଗଡ ଚାଲିଥିବା ବେଳେ ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀ ତଥା ବାଲୁଗାଁ-ବାଣପୁର ଅଞ୍ଚଳରେ ଛତୁ ଫୁଟିଲା ପରି ବେଆଇନ ଭାବେ ଔଷଧ ଦୋକାନ ଖୋଲା ଯାଇ ରୋଗୀ ମାନଙ୍କୁ ଜେନେରିକ ଓ ନାମୀ ଦାମୀ କମ୍ପାନୀର ମେଡ଼ିସିନି ବିକ୍ରୀ କରିବା ସହିତ ନକଲି ଔଷଧ ଓ ବିପୁଳ ପରିମାଣରେ ଗର୍ଭନିରୋଧକ ଔଷଧ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଜନସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଲୋକ ଦେଖାଣିଆ ଚଢାଉ କରୁଥିବା ବେଳେ ସଲାସୁତୁରାରେ ସବୁକିଛି ଚାଲିଛି। ଫଳରେ ବାଲୁଗାଁ ବାଣପୁର ତଥା ଚିଲିକା ଅଞ୍ଚଳରେ ଔଷଧ ବ୍ୟବସାୟୀ ବିଭାଗର କଟକଣାକୁ ବେଖାତିର କରି ବେଆଇନ ଭାବେ ବିପୁଳ ପରିମାଣରେ ଗର୍ଭନିରୋଧକ ଔଷଧ ସହ ନକଲି ଔଷଧ ଖୁଲମଖୁଲା ବିକ୍ରୀ କରି ଚାଲିଛନ୍ତି।

ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଭେଷଜ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲା ଭେଷଜ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ଓ ଜିଲ୍ଲା ଡ୍ରଗ୍ ଇନସ୍ପେକ୍ଟର ଅର୍ଦ୍ଧେନ୍ଦୁ ଶେଖର ମାନସିଂହ ଅଚାନକ ଭାବେ ବାଲୁଗାଁ ବାଣପୁର ଅଞ୍ଚଳର ବିଭିନ୍ନ ଔଷଧ ଦୋକାନ ଉପରେ ଚଢ଼ାଉ କରି କିଛି ପରିମାଣରେ ଗର୍ଭନିରୋଧକ ଔଷଧ ଜବତ କରିବା ସହ ଉକ୍ତ ଔଷଧ ବିକ୍ରି ନ କରିବା ପାଇଁ ଦୋକାନୀଙ୍କୁ ତାଗିଦ କରିଥିଲେ।

# ଗ୍ରାମାଞ୍ଚଳ ପାଲଟିଲାଣି ବ୍ରାଉନ୍ ସୁଗରର ପେଣ୍ଠସ୍ଥଳୀ

ଖୋର୍ଦ୍ଧା,୨୭।୧୧(ସମିସ)

ଖୋର୍ଦ୍ଧାରେ ଥମୁନି ବ୍ରାଉନସୁଗର କାରବାର। ଯେତିକି ଧରାହେଉଛି, ସେତିକି ବଢିଚାଲିଛି। ବାରମ୍ବାର ଧରପଗଡ ସତ୍ତ୍ୱେ ଏଥିରେ କୌଣସି ପ୍ରଭାବ ପଡୁନାହିଁ। ବରଂ କାୟା ବିସ୍ତାର କରିବାରେ ଲାଗିଛି। ସହରରେ ବିଭିନ୍ନ ସମୟରେ ଧରପଗଡ ପୁଲିସ ଓ ଅବକାରୀ ବିଭାଗ କରୁଥିବାବେଳେ ଗ୍ରାମାଞ୍ଚଳ ମୁହାଁ ହେଲେଣି ବେପାରୀ। ସଞ୍ଜ ନଇଁଲେ ଗ୍ରାମାଞ୍ଚଳର ବିଭିନ୍ନ ନିଛାଟିଆ ଛକ ସ୍ଥାନ, ମନ୍ଦିର ପାଖ ପ୍ରଭୃତି ଏବେ ଧଳାଜହର (ବ୍ରାଉନସୁଗର) କାରବାରର ଚରାଭୂଇଁ ପାଲଟିଛି। ନିଶା ବେପାରୀଙ୍କ ଷ୍ଟ୍ରାଟେଜି ଆଗରେ ଫେଲ ମାରୁଛି ପୁଲିସ ଓ ଅବକାରୀ ବିଭାଗର ପଦକ୍ଷେପ।

ଅବକାରୀ ଏବଂ ଜିଲା ପୁଲିସ ପକ୍ଷରୁ ଚଢଉ ଜାରି ରହିଛି। ଜଣେ ଗିରଫ ହେଲେ ଆଉ ପୁଳେ ବାହାରି ପଡୁଛନ୍ତି। କଲିକତା, ବାଲେଶ୍ୱର, ଜଳେଶ୍ୱର ପ୍ରଭୃତି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧା ସହରକୁ ପ୍ରବେଶ କରୁଥିବାବେଳେ ଏଠାରେ ମାଫିଆଙ୍କ ନିକଟରୁ ମାଲ ନେଇ ଏଜେଣ୍ଟମାନେ ଗ୍ରାମାଞ୍ଚଳରେ ନିଶା କାରବାର ବଢାଉଛନ୍ତି। ଯାହା ପୁଲିସ ଓ ଅବକାରୀ ଦ୍ୱାରା କିଛିଦିନ ମଧ୍ୟରେ ଗ୍ରାମାଂଚଳରୁ ଧରା ହୋଇଥିବା ବ୍ରାଉନସୁଗର ଘଟଣା ଏହାକୁ ସ୍ପଷ୍ଟ କରୁଛି।

ସହର ଏବଂ ସହର ଉପକଣ୍ଠର ଏକାଧିକ ଯୁବକ, ଯୁବତୀ ଓ ମହିଳା ଏହାକୁ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିନେଇଛନ୍ତି। ଫଳରେ ଧଳାଜହର ନିଶାସେବନକାରୀଙ୍କ ସଂଖ୍ୟା ବଢିବା ସହ ଅସମାଜିକ କାର୍ଯ୍ୟକଳାପ ମଧ୍ୟ ବଢୁଛି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ଏଥିରେ ପାଦ ଥାପିଥିବା ଯୁବକ ମାନେ ଏଥିରୁ ବାହାରିବା ପରିବର୍ତ୍ତେ ଏହାକୁ ପେସା ଭାବେ ଗ୍ରହଣ କରିନେଇଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ, କେତକ ଅଞ୍ଚଳରେ ସପରିବାର ଏହି କାରବାରରେ ଲିପ୍ତ ରହୁଥିବା ଜଣାପଡିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ପରିବାରରେ ମହିଳା ମାନେ ମଧ୍ୟ ଏଥିରେ ସାମିଲ ହୋଇ ଗ୍ରୋସରୀ ଦୋକାନ ଚଳାଇବା ଭଳି ବେପାରରେ ମାତିଛନ୍ତି।

ଜିଲା ପୁଲିସ୍ ଓ ଅବକାରୀ ବିଭାଗର ମିଳିଥିବା ସୂଚନା ପ୍ରକାରେ ଜିଲାରେ ଧଳାଜହର ବ୍ରିକି ନେଇ ଗିରଫଙ୍କ ମଧ୍ୟରେ ଏକାଧିକ ଯୁବକ, ମହିଳା ଅଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅବକାରୀ ବିଭାଗ ଓ ପୁଲିସ ହାତରେ ଛୋଟ ଛୋଟ ବେପାରୀ ଧରାପଡୁଥିବା ବେଳେ ମାଫିଆ ମାନେ ଆଜି ମଧ୍ୟ ଖୁଲମଖୁଲ୍ଲା ବୁଲୁଛନ୍ତି। ଅନେକ ସମୟରେ ଅବକାରୀ ବିଭାଗ ଓ ପୁଲିସ ଧରପଗଡ ବେଳେ ମାଷ୍ଟରମାଇଣ୍ଡ ଖସି ଯାଉଛନ୍ତି। ତେବେ ଧଳାଜହର କାରବାର ପଛର ମୁଖ୍ୟଖଳାନାୟକ ନିକଟରେ ପହଁଚି ପାରୁନି ଅବକାରୀ ବିଭାଗ ଓ ପୁଲିସ୍। ଏହାର ଚେର କେଉଁ ସ୍ଥାନ ପର୍ଯ୍ୟନ୍ତ ଲମ୍ବିଛି। ଏମାନେ କେଉଁଠାରୁ ଧଳାଜହର ଆଣୁଛନ୍ତି। କିଏ ଏମାନଙ୍କୁ ଯୋଗାଣ କରୁଛି। ଏହାର ପଛର ମୁଖ୍ୟ କାପ୍ଟଟଦାର କିଏ, ଆଜି ପର୍ଯ୍ୟନ୍ତ ପୋଲିସ ରୁଟ କର୍ଣ୍ଣରରେ ପହଂଚି ପାରିନାହିଁ। ଖୋର୍ଦ୍ଧା ସହର ଧଳଜହର ପେଣ୍ଠସ୍ଥଳୀ ହୋଇଥିବାବେଳେ ଗ୍ରାମାଂଚଳ ବେପାର ଲାଗି ସୁରକ୍ଷିତ ହୋଇଛି। ପୁଲିସ ଓ ଅବକାରୀ ବିଭାଗ ର ଆଖି ସହରରେ ବୁଲୁଥିବାବେଳେ ଗ୍ରମାଂଚଳ ମାର୍କେଟ କେତେକ ମହିଳା ଓ ଯୁବ ବେପାରୀଙ୍କୁ ବ୍ରାଉନସୁଗର ମାଫିଆ ଟେକିଦେଇଥିବା ଚର୍ଚ୍ଚା ହେଉଛି। ଏହାକୁ ମୂଳୋତ୍ପାଟନ ଲାଗି ଅବକାରୀ ବିଭାଗ ଓ ପୁଲିସ ର ସେଭଳି କୌଣସି ଷ୍ଟାଟେଜି ନଥିବା ଭଳି ମନେ ହେଉଛି। ଫଳରେ ନିଶା ବେପାରୀ ମାନେ ଖୋଲା ବଜାରରେ ଖୁଲମଖୁଲା ଭାବେ ବେପାର କରୁଛନ୍ତି। ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ, ଫଳରେ ମାଫିଆ, ନିଶା ବେପାରୀମାନେ ଏହାର ସୁଯୋଗ ନେଇ ନିଜ ସାମ୍ରାଜ୍ୟ ବୃଦ୍ଧି କରିବାରେ ଲାଗିଛନ୍ତି। ପାନ ଦୋକାନ, ମୋବାଇଲ ଦୋକାନ, ଗ୍ରୋସରୀ, ପରିବା ଦୋକାନ ଆଳରେ ନିଶା କାରବାର ଚାଲିଛି।

ଅନ୍ୟପଟେ ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଯେତିକି ପରିମାଣ ଧରାଯାଉଛି, ତାହାକୁ ଦେଖାଯାଉନାହିଁ, ଅଥବା ଜାଣିଶୁଣି କମ୍ ପରିମାଣର ଦେଖାଯାଉଥିବା ମଧ୍ୟ ଚର୍ଚ୍ଚା ହେଉଛି। କିଛି ସ୍ଥାନରେ ଅବକାରୀ ବିଭାଗ ଓ ପୁଲିସ ଅସାଧୁ କର୍ମଚାରୀଙ୍କ ଯୋଗୁ ଚଢଉ ପୂର୍ବରୁ ମଧ୍ୟ ଖବର ପହଞ୍ଚି ଯାଉଛି, ଫଳରେ ମାଫିଆ ସହଜରେ ଖସିଯାଉଛନ୍ତି। ଖସୁଛନ୍ତି ନା ଖସାଇ ଦିଆଯାଉଛି, ତାହାକୁ ନେଇ ମଧ୍ୟ ଏକ ପ୍ରକାରରେ ଚର୍ଚ୍ଚାର ବିନ୍ଦୁ ପାଲଟିଛି।

- ମୁଖ୍ୟ କାର୍‌ପଟଦାର ନିକଟରେ ପହଞ୍ଚିପାରୁନି ଅବକାରୀ ବିଭାଗ, ପୁଲିସ
- ନିଶା ବଳୟରେ ଯୁବସମାଜ, ବିଗୁଡୁଛି ଶୃଙ୍ଖଳା



### ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୩ ଗିରଫ

ବେଗୁନିଆ, ୨୭।୧୧(ସମିସ): ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ କପାସିଆ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରୁ ୩ ଜଣ ବ୍ରାଉନସୁଗର ବେପାରୀଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ଗିରଫ ମାନେ ହେଲେ ସାନପଦର ଗ୍ରାମର ସୋନୁ ମାର୍ଥା, ପ୍ରକାଶ କୁମାର ସ୍ୱାଇଁ ଓ ନରେନ୍ଦ୍ରପୁର ଗ୍ରାମର ମନୋରଞ୍ଜନ ପାତ୍ର। ଏମାନଙ୍କ ଠାରୁ ୧୦୫ ଗ୍ରାମ ର ବ୍ରାଉନସୁଗର, ୩ଟି ମୋବାଇଲ, ୨ଟି ବାଇକ୍‌କୁ ଅବକାରୀ ବିଭାଗ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୧୦ଲକ୍ଷ ୫୦ହଜାର ହେବ ବୋଲି ବିଭାଗ ଆକଳନ କରିଛି। ଏତେ ପରିମାଣର ବ୍ରାଉନସୁଗର ଏମାନେ କାହାଠାରୁ ଆଣିଥିଲେ, ତାର ତଦନ୍ତ ବିଭାଗ କରୁଥିବା କହିଛି।

## ମହିଳା ହିଂସା ବିରୋଧୀ ଅଭିଯାନ

ବାଣପୁର,୨୭ ।୧୧(ସମିସ) : ଅନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଦିବସ ଅବସରରେ ବାଣପୁର ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ଏକ ୧୬ ଦିନିଆ ସଚେତନତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଲା ମହିଳା ଓ କନ୍ୟାମାନଙ୍କୁ ଡିଜିଟାଲ ହିଂସା, ସାଇବର ଶୋଷଣ ସମେତ ଅନ୍ୟାନ୍ୟ ଅନଲାଇନ୍ ଅପରାଧରୁ ସୁରକ୍ଷା ପ୍ରଦାନ ଦିଗରେ ସଚେତନତା କରାଇବା। ଏହି ଉପଲକ୍ଷେ ପ୍ରଥମେ ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳ ବରବରା ପଞ୍ଚାୟତର କାନ୍ଦୁଲ ସାହିରୁ ସଚେତନତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗାଁର ମହିଳା ସଂଗଠନ, କିଶୋରୀ ବାଳିକା ମଞ୍ଚ, ଅଙ୍ଗନବାଡ଼ି କର୍ମୀ, ଏକତା ପରିଷଦ ଟ୍ରଷ୍ଟର ସମସ୍ତ କର୍ମୀ ଯୋଗ ଦେଇଥିଲେ। ଏକତା ପରିଷଦର ମ୍ୟାନେଜିଂ ଟ୍ରଷ୍ଟି ସନ୍ଧ୍ୟା ଦେବୀ ଯୋଗଦେଇ ସାଇବର ଅପରାଧ, ଅନଲାଇନ୍ ହିଂସାର ବିଭିନ୍ନ ରୂପ ଓ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଗାଁରେ ଭୂମିହୀନ ପରିବାରଙ୍କ ଜମି ଅଧିକାର, ମହିଳାଙ୍କ ରୋଜଗାର, ସ୍ୱାବଲମ୍ବନ ଓ ସାମାଜିକ ସୁରକ୍ଷା ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଇଥିଲା। ୧୬ଦିନି ଧରି ବାଣପୁର ବ୍ଲକର ବିଭିନ୍ନ ଗାଁରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଭିଯାନରେ ମହିଳା ଓ କନ୍ୟାମାନଙ୍କ ସୁରକ୍ଷା, ସମ୍ମାନ ଓ ସଶକ୍ତିକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ କହାଯାଇଛି। ବୀରେନ୍ଦ୍ର ବେହେରା, ସଂଯୋଜକ ପ୍ରମୋଦ ଜେନା, କର୍ମୀ ରଞ୍ଜନ ପ୍ରଧାନ, ଅମ୍ବିକା ଯାନୀ, ସୁଶାନ୍ତ ଶବର, ସମୀକ୍ଷା ସାମନ୍ତରାୟ, ରିଙ୍କି ବେହେରା ଓ ଟୁନି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ବିଶ୍ୱନାଥ ରଥ ପାଇଲେ 'ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ'



ନିରାକାରପୁର, ୨୭।୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ବିଶ୍ୱନାଥ ରଥ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା- ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ମର୍ଯ୍ୟାଦାଜନକ 'ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ' ଲାଭ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନଠାରେ ରାଜ୍ୟ ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଯୁବ ନେତା ତଥା ଅଭିନେତା ଆକାଶ ଦାସ ନାୟକ, ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ ଓ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପଣ୍ଡିତ ବିଶ୍ୱନାଥ ରଥଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏକଲକ୍ଷଟଙ୍କା ଅର୍ଥରାଶି ସହ ଉପଯାନ ଓ ସ୍ମୃତିଫଳକ ଗ୍ରହଣ କରିଥିଲେ ଶିକ୍ଷାବିତ୍ ରଥ।

ଜଣେ କୃତୀ ପ୍ରଧାନଶିକ୍ଷକ ଭାବେ ଜଣାଶୁଣା ପଣ୍ଡିତ ବିଶ୍ୱନାଥ ରଥ ଶତାଧିକ ମଞ୍ଚ ନାଟକ ଓ ଗୀତିନାଟ୍ୟରେ ସଙ୍ଗୀତ ସଂଯୋଜନା ସହ ଚମ୍ପୂ, ଛାନ୍ଦ, ଚଉପଦୀ, ଚଉତିଶା, ଶ୍ରୀଗୀତଗୋବିନ୍ଦ ଓ ଚର୍ଯ୍ୟାଗୀତିର ଉପସ୍ଥାପନାକୁ ଲୋକାଭିମୁଖୀ କରି ଆସିଛନ୍ତି। ସାରସ୍ୱତ ଜଗତରେ କବି ପାରିଜାତ ଭାବେ ପରିଚିତ ପଣ୍ଡିତ ରଥଙ୍କ ବହୁବିଧ କବିତା ବେତାର ଓ ଦୂରଦର୍ଶନରେ ପ୍ରସାରିତ ହୋଇ ଆସିଛି। ଏହି ସମ୍ମାନ ପାଇଁ ପଣ୍ଡିତ ରଥଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି ସାହିତ୍ୟ ଓ ସଙ୍ଗିତାନୁରାଗୀ।

## ବାଂଲାଦେଶୀ ସନ୍ଦେହରେ ୪ ଅଟକ

ଖୋର୍ଦ୍ଧା,୨୭।୧୧(ସମିସ)

ଆଦର୍ଶଥାନା ପୁଲିସ ବାଂଲାଦେଶୀ ସନ୍ଦେହରେ ୪ଜଣଙ୍କୁ ଅଟକ ରଖିଛି। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଚାଲିଛି ତଦନ୍ତ। ଅଟକ ୪ଜଣଙ୍କର ପ୍ରମାଣପତ୍ର ଯାଞ୍ଚ ଚାଲିଛି। ପରେ ଜଣାପଡ଼ିବ ପ୍ରକୃତ ତଥ୍ୟ ବୋଲି ପୁଲିସ ସୂଚନା ଦେଇଛି। ଅଟକମାନେ ହେଲେ ପଶ୍ଚିମବଙ୍ଗ ପୂର୍ବବର୍ଦ୍ଧମାନ ଜିଲ୍ଲାର ପୂର୍ବସ୍ଥଳୀ ଥାନା ଅଞ୍ଚଳର ଶାହାଜାନ୍ ଶେଖ୍ (୨୭), ସାଗର ଶେଖ୍ (୩୪), ସୟଦ ଫଇଉଦ୍ଦିନ୍ ଶେଖ୍ (୩୫) ଏବଂ ଶେଖ୍ ସୋବର୍ (୨୬)।



### ଚାଲିଛି ପ୍ରମାଣପତ୍ର ଯାଞ୍ଚ

ପୁଲିସ ସୂଚନା ଅନୁସାରେ, ଗତକାଲି ଏହି ୪ଜଣଙ୍କ ସହ ଆହୁରି ଅନେକ ଟ୍ରେନ୍ ଯୋଗେ ଭୁବନେଶ୍ୱର, ଜଟଣୀରେ ପହଁଚିବା ପରେ ସେଠାରୁ ବିଭିନ୍ନ ସ୍ଥାନକୁ ଆସି ବ୍ୟବସାୟ କରିବା ଆଳରେ ରହିଛନ୍ତି। ଏହିକ୍ରମରେ ଆଜି ଖୋର୍ଦ୍ଧା ସହରର ସ୍ଥାନୀୟ କୋର୍ଟ ଛକ ଠାରେ ଶାହାଜାନ୍, ସାଗର, ସୟଦ ଫଇଉଦ୍ଦିନ୍ ଏବଂ ସୋବର ଫୁଲ ଡାଲିଆ ଧରି ଫୁଲ ବିକ୍ରି କରୁଥିଲେ। ଏହି ସମୟରେ ସେମାନଙ୍କୁ ଦେଖି ତାଙ୍କ ଗତିବିଧି ଓ କଥାବାର୍ତ୍ତାରୁ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ଉପୁଜିବାରେ ସେମାନେ ତାଙ୍କୁ ଧରି ପୁଲିସ ଜିମା ଦେଇଥିଲେ। ଘଟଣାସ୍ଥଳରୁ ୫ଜଣଙ୍କ ମଧ୍ୟରୁ ଜଣେ ଖସିଯାଇଥିବା ଜଣାପଡିଛି। ପୁଲିସ ସେମାନଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ସମସ୍ତଙ୍କ ଆଧାର କାର୍ଡରେ ପଶ୍ଚିମବଙ୍ଗ ବାସିନ୍ଦା ବୋଲି ଉଲ୍ଲେଖ ରହିଥିବା ପୁଲିସ ସୂଚନା ଦେଇଛି।

ପ୍ରକାଶ ଥାଉକି, ଓଡ଼ିଶାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବା ଲାଗି ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏନେଇ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି। ବିଭିନ୍ନ ଥାନା ପୁଲିସ ପକ୍ଷରୁ ଯେଉଁଠି ଯେଉଁଠି ଅନୁପ୍ରବେଶକାରୀ ଅଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଉଛି। ସେମାନଙ୍କ କାର୍ଯ୍ୟକୁ ତଦାରଖ କରାଯାଉଛି। ମୁକୁନ୍ଦପ୍ରସାଦ, ଶରଧାପୁର, ଏସ୍‌ପି ଅଫିସ ସମ୍ମୁଖ ପ୍ରଭୃତି ଅଞ୍ଚଳ ସମେତ ସହର ଉପକଣ୍ଠର ତୋଟାପଡା, ଶିଆଳିଆ ପ୍ରଭୃତି ବିଭିନ୍ନ ସ୍ଥାନରେ କିଛି ନ୍ୟସ୍ତସ୍ୱାର୍ଥୀ ବ୍ୟକ୍ତିଙ୍କ ସହାୟତାରେ ବାଂଲାଦେଶୀମାନେ ଫେରି ବ୍ୟବସାୟ ନାଁରେ ଟେଣ୍ଟ ପକାଇ ରହୁଥିବା ଅଭିଯୋଗ ହେଉଛି। ତେଣୁ ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଚିଲିକା ବ୍ଲକ୍‌ସ୍ତରୀୟ ଯୁବ ମହୋତ୍ସବ

ବାଲୁଗାଁ,୨୭ ।୧୧(ସମିସ) : ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଚିଲିକା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଯୁବ ମହୋତ୍ସବ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚିଲିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନା ବେହେରା, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଓ ସହ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନ ସଂଯୋଜକ ନୀଳାଦ୍ରି ଭୂଷଣ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିକଶିତ ଭାରତର ବଡ ବଡ ସ୍ୱପ୍ନ ଦେଖିବା ସହ ବିଫଳତାରେ ଭାଙ୍ଗି ନ ପଡ଼ିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବ୍ଲକସ୍ତରୀୟ ଯୁବ ମହୋତ୍ସବରେ ଚିଲିକା ବ୍ଲକ ଅନ୍ତର୍ଗତ ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୧୭୦ରୁ ଉର୍ଦ୍ଧ୍ୱ ପ୍ରତିଭାବାନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବାଗ୍ମିତା, କବିତା, ପ୍ରବନ୍ଧ, ଗଳ୍ପ, ଚିତ୍ରାଙ୍କନ, ବିଜ୍ଞାନ ପ୍ରକଳ୍ପ, ସମବେତ ସଂଗୀତ ଓ ଦଳଗତ ନୃତ୍ୟ ଆଦି ୭ ପ୍ରକାରର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ମହାରଣା ମଞ୍ଚ ସଂଚାଳନ କରିଥିବା ବେଳେ ଅଧ୍ୟାପିକା ରୀନା ରାଉତ ବିଭିନ୍ନ ପ୍ରତିଯୋଗିତାର ସୁପରିଚାଳନା କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ର ଅଭି ଜାଲି, ଗଳ୍ପ ଲିଖନରେ ଛାତ୍ରୀ ପ୍ରତିଭା ଜାଲି, କବିତା ଲିଖନରେ ମନୀଷା ଦିହୁଡ଼ି, ବାଗ୍ମିତାରେ ଅର୍ପିତା ମହାପାତ୍ର ଏବଂ ବାଲୁଗାଁ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦଳଗତ ବିଜ୍ଞାନ ପ୍ରଦର୍ଶନୀ, ସମବେତ ସଂଗୀତ ଓ ନୃତ୍ୟରେ ଉଚ୍ଚକୋଟିର ପ୍ରଦର୍ଶନ କରି ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଜିଲ୍ଲା ସ୍ତରକୁ ଉତ୍ତିର୍ଣ୍ଣ ହୋଇଛନ୍ତି। ଚିଲିକା ବ୍ଲକ ସହ ଶିକ୍ଷାଧିକାରୀ ଗଗନ ବିହାରୀ ବେହେରା ଧନ୍ୟବାଦ ଦେଇଥିଲେ।

## ନେହରୁ ସେବା ସଂଘରେ ସମ୍ବିଧାନ ଦିବସ ପାଳିତ

ବାଣପୁର,୨୭ ।୧୧(ସମିସ): ବାଣପୁର ସ୍ଥିତ ନେହରୁ ସେବା ସଂଘ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସେବା ସଂଘର ସଂପାଦିକା ସରୋଜିନୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ, ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ସୁର ପ୍ରତାପ ନରେନ୍ଦ୍ରସିଂ ବର୍ମା, ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ, ଅଧ୍ୟାପକ ମନୋଜ ମହାପାତ୍ର, ସଂଘର କୋଷାଧ୍ୟକ୍ଷ ଓମପ୍ରକାଶ ଅଗ୍ରୱାଲ ଏବଂ ନାଟ୍ୟକାର ଭିକାରୀଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିରେନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସେବା ସଂଘର ଅନ୍ତେବାସୀ ଦୃଷ୍ଟିହୀନ, ମୁକ, ବଧିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ବିଧାନ ସଂପର୍କିତ ଚିତ୍ରାଙ୍କନ ଓ ଅଭିଭାଷଣ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶିକ୍ଷକ ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ଗାର୍ଡୱାଲ ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ

ବେଗୁନିଆ,୨୭।୧୧(ସମିସ): ବାଙ୍କୀ-ସିମୋର ପୂର୍ତ୍ତ ବିଭାଗ ରାସ୍ତାର ଗାର୍ଡ ୱାଲ ନିର୍ମାଣ ସହ ନିର୍ମାଣ କାର୍ଯ୍ୟରେ ବିଳମ୍ବ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏହି ପୂର୍ତ୍ତ ବିଭାଗ ରାସ୍ତାର ଭୋଗଡ଼ା ବାଲୁଙ୍କେଶ୍ୱର ଦେବ ମନ୍ଦିର ଠାରୁ ତୁଳସୀପୁର ଛକ ପର୍ଯ୍ୟନ୍ତ ୧ କିମି ୫ ଶହ ମିଟର ଭିଟର ଉଚ୍ଚତା କମ ହୋଇ ଥିବାରୁ ବର୍ଷା ଦିନରେ ବନ୍ୟା ଜଳ ପ୍ରବାହିତ ହୋଇଥିବାର ଦେଖିବାକୁ ମିଳିଥାଏ। ଯାହାକି ଯାତାୟାତ କରୁଥିବା ଯାନବାହାନ, ମୋଟର ସାଇକେଲ ଆରୋହୀ ଓ ପଥଚାରୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଏପରିକି ସିମୋର ଠାରୁ ଭୋଗଡା ବାଲୁଙ୍କେଶ୍ୱର ଦେବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଠିକାଦାର ଦେଢ଼ କିମି ରାସ୍ତା ନିର୍ମାଣରେ କାହିଁକି ବିଳମ୍ବ ହେଉ ଥିବାରୁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପରିକି ଉଭୟ ପାଶ୍ୱର୍ରେ ଅନାବନା ଗଛ ରହି ଥିବାରୁ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁ ଥିବାରୁ ପୂର୍ତ୍ତ ବିଭାଗ ଦୃଷ୍ଟି ଦେବାକୁ ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏହି ରାସ୍ତାରେ ଗାର୍ଡ ୱାଲ ଓ ଉର୍ଚ୍ଚତା ପାଇଁ ଅଧିକ ଅର୍ଥ ରାଶି ଆବଶ୍ୟକ କରୁଥିବାରୁ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଗଣ ମାଧ୍ୟମ ଆଗରେ ପ୍ରକାଶ ଚନ୍ଦ୍ର ସାହୁ, କବିରାଜ ସାହୁ, ବିଜୟ ସାମନ୍ତରାୟ, ସନ୍ତୋଷ ସାମନ୍ତରାୟ, ଗୋକୁଳା ନନ୍ଦ ତ୍ରିପାଠୀ ଓ ସୁଚିତ ଚନ୍ଦ୍ର ଶେଖର ତ୍ରିପାଠୀଙ୍କ ସମେତ ଜନ ସାଧାରଣ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ଚରଣ ବେହେରାଙ୍କୁ ପଚାରିବାରୁ କିଛି କହି ପାରିବି ନାହିଁ ବୋଲି ପ୍ରକାଶ କରି ଫୋନ କାଟି ଦେଇଥିଲେ।



## ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ: ଫାଇନାଲରେ ଏଜି କ୍ଲବ୍

ନିରାକାରପୁର,୨୭।୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ଖେଳ ପଡିଆରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ପ୍ରଥମ ସେମିଫାଇନାଲ ଏଜି କ୍ଲବ୍, ଖୋର୍ଦ୍ଧା ବନାମ ଏସ ଏସ ଏ ଫୁଟବଲ କ୍ଲବ୍, ଶରଧାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ ଏସ ଏ ଫୁଟବଲ କ୍ଲବ୍, ଶରଧାପୁର କୁ ୨-୧ ଗୋଲ ରେ ଏ ଜି କ୍ଲବ୍ , ଖୋର୍ଦ୍ଧା ଫୁଟବଲ କ୍ଲବ୍ ହରାଇ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ଶରତ ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ସମିତି ସଭ୍ୟ ନେତ୍ରାନନ୍ଦ ପ୍ରଧାନ, ଦୁର୍ଗାମାଧବ ରାୟ, ରଜାକ୍ ଖାଁ ଓ ନବକିଶୋର ଭୁଜବଳ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭ୍ୟ ସୁଶାନ୍ତ ଶ୍ରୀଚନ୍ଦନ, ଅଜୟ ଭୁଜବଳ, ଆନନ୍ଦ ଭୁଜବଳ, ମଧୁସୂଦନ ଶ୍ରୀଚନ୍ଦନ, କୃତିବାସ ଭୁଜବଳ ଓ କାଲୁ ଖାଁ, ରହିମ ଖାଁ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା କାଲି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଯଦୁମଣି ସ୍ପୋର୍ଟସ କ୍ଲବ୍, ଇଟାମାଟି ଓ ବୋଲଗଡ଼ ଫୁଟବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ।



# ନାଟ୍ୟକାର ବିଭୂତିଭୂଷଣ ପଟ୍ଟନାୟକ ପୁରସ୍କୃତ



କଣାସ,୨୭।୧୧(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ବଡାସ ପଞ୍ଚାୟତ ବୈଦ୍ୟନାଥପାଟଣା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବିଭୂତିଭୂଷଣ ପଟ୍ଟନାୟକଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବୁଧବାର ପୁରସ୍କୃତ କରାଯାଇଥିବା ଜଣାପଡ଼ିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକାଡେମୀ ଉତ୍ସବରେ ୨୦୨୪ ବର୍ଷ ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ମନୋନୀତ କରାଯାଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପୁରସ୍କୃତ କରିବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଶ୍ରୀ ପଟ୍ଟନାୟକ ଏକାଧାରରେ ଜଣେ ଶିକ୍ଷକ, ନାଟ୍ୟକାର, ନିର୍ଦ୍ଦେଶକ ଓ ସମାଜସେବୀ ଭାବରେ ପୁରସ୍କୃତ ହୋଇଥିବାବେଳେ ୨୦୨୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ସମ୍ମାନିତ ହୋଇଥିଲେ।

● ମହିଳାଙ୍କ ନିମନ୍ତେ ଆଇନଗତ ବ୍ୟବସ୍ଥା ଓ ଅଧିକାର କର୍ମଶାଳା

# 'ସାମୂହିକ ସହଯୋଗରେ ରୋକାଯାଇପାରିବ ଲିଙ୍ଗଗତ ଭେଦଭାବ'

ସାକ୍ଷୀଗୋପାଳ,୨୭।୧୧(ସମିସ): ସତ୍ୟବାଦୀ ବ୍ଲକ୍ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ୍ ସମ୍ମିଳନୀ ସଭାଗୃହରେ ମହିଳାଙ୍କ ନିମନ୍ତେ ଆଇନଗତ ବ୍ୟବସ୍ଥା ଓ ଅଧିକାର ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟତଃ ମହିଳାମାନଙ୍କ ଉପରେ ଲିଙ୍ଗଗତ ଭେଦଭାବକୁ ନେଇ ସମାଜରେ ଘଟୁଥିବା ହିଂସା ଏବଂ ଏହା ଉପରେ ଥିବା ସାମ୍ବିଧାନିକ ତଥା ଆଇନଗତ ବ୍ୟବସ୍ଥା ଉପରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସମ୍ମାନିତ ଅତିଥି ରୂପେ ପୁରୀ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସୁହାଗୀ ହେମ୍ବ୍ରମ, ଜିଲ୍ଲା ସଂଯୋଜକ ବିଦ୍ୟାଧର ମଲ୍ଲିକ, ସତ୍ୟବାଦୀ ବ୍ଲକ୍ ଅତିରିକ୍ତ ବିଡିଓ ସୁମିତ୍ରା ଜେନା, ସୁପରଭାଇଜର ପିୟୂଷମୟୀ ପଣ୍ଡା, ଜିଲ୍ଲା (ଓଏସ୍‌ସି) ଅଧିକାରୀ ବିଜୟଲକ୍ଷ୍ମୀ ବଡ଼ଜେନା, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସନ୍ତୋଷ କୁମାର ସାହୁ, ଆଇନଜୀବୀ ମୋହନ ସୁନ୍ଦର ଜେନା ପ୍ରମୁଖ ଯୋଗଦେଇଥିଲେ। ସମାଜରେ ଲିଙ୍ଗଗତ ଭେଦଭାବକୁ ନେଇ ଘଟୁଥିବା ଘଟଣାକୁ ସାମୂହିକ ସହଯୋଗ ମାଧ୍ୟମରେ କିପରି ରୋକାଯାଇପାରିବ ଓ ଏଥିପ୍ରତି ରହିଥିବା ଆଇନଗତ ଦିଗ ଏବଂ ବ୍ୟବସ୍ଥା ଉପରେ ଉପସ୍ଥିତ ଅତିଥି, ଅଧିକାରୀମାନେ ଅନେକ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂଯୋଜକ ବିଦ୍ୟାଧର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ୍‌ରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା କର୍ମୀ, ଅନେକ କିଶୋରୀ ବାଳିକାଙ୍କ ସହ ସମସ୍ତ ଅଙ୍ଗନବାଡ଼ି ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀମାନେ ଯୋଗଦେଇଥିଲେ।

● ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ

# ସମ୍ବିଧାନ ଆମ ଦେଶର ସର୍ବୋଚ୍ଚ ଆଇନ



ପୁରୀ,୨୭।୧୧(ସମିସ): ସମ୍ବିଧାନ ହେଉଛି ଆମ ଦେଶର ସର୍ବୋଚ୍ଚ ଆଇନ, ଯାହା ସରକାର ଓ ନାଗରିକଙ୍କ ଅଧିକାର ଏବଂ କର୍ତ୍ତବ୍ୟ ପାଇଁ ଢାଞ୍ଚା ସ୍ଥାପନ କରିଥାଏ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ବୁଧବାର ଓସ୍ୱାନ ସମ୍ମିଳନୀ କକ୍ଷରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ଓସ୍ୱାନ ମୋଡ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍ ଓସ୍ୱାନ ହଲ୍‌ରେ ବିଡିଓ, ତହସିଲ୍‌ଦାର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଆମ ସମ୍ବିଧାନର ପ୍ରସ୍ତୁତି, ଗରିମା ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଆମ ସମ୍ବିଧାନ ବିଶ୍ୱର ସବୁଠାରୁ ଦୀର୍ଘ ଲିଖିତ ଜାତୀୟ ସମ୍ବିଧାନ ବୋଲି କହିଥିଲେ। ଆମ ସମ୍ବିଧାନ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଆମକୁ ସ୍ୱୀକୃତି ଦେଇଛି। ୧୯୪୯ ନଭେମ୍ବର ୨୬ ତାରିଖରେ ଏହା ଗୃହୀତ ହେବା ସହ ୧୯୫୦ ଜାନୁଆରୀ ୨୬ରେ କାର୍ଯ୍ୟକାରୀ ହୋଇଥିଲା ବୋଲି ସେ କହିବା ସହ ସମସ୍ତଙ୍କୁ ସମ୍ବିଧାନ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଶିକ୍ଷକ ବିଦ୍ୟାଧର ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

କଣାସ,୨୭।୧୧(ସମିସ): କଣାସ ବ୍ଲକ୍ ସିରେଇ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଧର ସାହୁଙ୍କର ୭୩ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗୁରୁବାର ତାଙ୍କ ଏକାଦଶାହ ଉପଲକ୍ଷେ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ଯୁଧିଷ୍ଠିର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ୍ ବିଭୂତିଭୂଷଣ ପଟ୍ଟନାୟକ, ଭାଗିରଥୀ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦେବଦତ୍ତ ପରିଡ଼ା, ବିଦ୍ୟାଧର ବିଶ୍ୱାଳ ପ୍ରମୁଖ ବହୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ତାଙ୍କ ଜୀବନରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ବହୁ ସୁନାମ ଅର୍ଜନ କରିଥିବା ଓ ବିଭିନ୍ନ ଅନୁଷ୍ଠାନରେ ଯୋଗଦେଇ ସମାଜସେବାରେ ନିଜକୁ ଉତ୍ସର୍ଗ କରିଥିବା ସମ୍ପର୍କରେ ସୂଚନା ଦେଇଥିଲେ।

## ଚାଲିଛି ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ

# ସୁରକ୍ଷା କଟକଣା ଏବେ ବାଟବଣା



ଅସ୍ତରଙ୍ଗ,୨୭।୧୧(ସମିସ): ଆମର ଅତିଥି ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଯାଇଛି। ଗଭୀର ସମୁଦ୍ର ଭିତରେ ମିଳନରତ ଅଛନ୍ତି ହଜାର ହଜାର ଅଲିଭ୍ ରିଡ୍‌ଲେ କଇଁଛ। ଏହି ପରିପ୍ରେକ୍ଷୀରେ ସେମାନଙ୍କ ମିଳନ ଓ ଗଣ ଅଣ୍ଡାଦାନ ପାଇଁ ସମୁଦ୍ର ଉପକୂଳରେ ଯନ୍ତ୍ରଚାଳିତ ଡଙ୍ଗାରେ ମାଛଧରା ଉପରେ ବନ ବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ ୧୯୮୨ ଓମ୍‌ଫ୍ରା ଆଇନ ଅନୁଯାୟୀ ନଭେମ୍ବର ୧ରୁ ମେ' ପହିଲା ପର୍ଯ୍ୟନ୍ତ ୭ ମାସ ଧରି କଟକଣା ଜାରି କରାଯାଇଛି। ଏହା ଦ୍ୱାରା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପ୍ରାୟ ୨୫ ହଜାର ମତ୍ସ୍ୟଜୀବୀଙ୍କ ସହିତ ପୁରୀ ଜିଲ୍ଲାର ୩ ଲକ୍ଷରୁ ଊର୍ଦ୍ଧ୍ୱ ପାରମ୍ପରିକ ତଥା ଅଣପାରମ୍ପରିକ ମତ୍ସ୍ୟଜୀବୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜୀବିକା ହରାଉଛନ୍ତି। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ୭ ମାସ ଧରି ସମୁଦ୍ର କୂଳରୁ ୨୦ କି.ମି. ସାମୁଦ୍ରିକ ଜଳ ସୀମାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇ ଯନ୍ତ୍ରଚାଳିତ ଟ୍ରଲର ଓ ଡଙ୍ଗା ଚଳାଚଳ ଉପରେ କଟକଣା ଜାରି କରାଯାଇଛି। କିନ୍ତୁ ବେଆଇନ ଭାବରେ ମାଳମାଳ ଟ୍ରଲର ସମୁଦ୍ର ଭିତରେ ପ୍ରବେଶ କରି ମାଛ ଧରୁଥିବା ନଜରକୁ ଆସୁଛି। ଏଠାରେ ସତେ ଯେମିତି ଲାଗୁଛି କଟକଣା ବାଟବଣା ହୋଇଯାଇଛି। ଏଥିପ୍ରତି ଦୃଷ୍ଟି ଦେଇ ଆଇନ ଉଲ୍ଲଂଘନକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ମତ୍ସ୍ୟଜୀବୀ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁସାରେ ଯନ୍ତ୍ରଚାଳିତ ଡଙ୍ଗାରେ ମାଛ ଧରୁଥିବା ସମସ୍ତ ଡଙ୍ଗା, ଟାପା ଓ ଟ୍ରଲର ଚଳାଚଳକୁ ଏହି ସାମୁଦ୍ରିକ ଜଳସୀମା ମଧ୍ୟରେ ପ୍ରବେଶ ନିଷେଧ କରାଯାଇଛି। ଏଥି ସହିତ କଇଁଛ ସୁରକ୍ଷା ପାଇଁ ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ, ରାଜ୍ୟ ପୁଲିସ ଓ ତଟରକ୍ଷୀ ବାହିନୀକୁ ପ୍ରଭୂତ କ୍ଷମତା ଦିଆଯାଇଛି। ସୁଦୂର କୋଷ୍ଟାରିକାରୁ ୪୦ ହଜାର କିଲୋମିଟର ଜଳପଥ ଅତିକ୍ରମ କରି ଆମ ରାଜ୍ୟ ଉପକୂଳକୁ ଗଣ ଅଣ୍ଡାଦାନ ପାଇଁ ଏହି ବିରଳ ପ୍ରଜାତିର କଇଁଛ ପ୍ରତିବର୍ଷ ଆସୁଥିବାରୁ ସେମାନଙ୍କ ସୁରକ୍ଷା ଲାଗି ଅସ୍ତରଙ୍ଗ ଦେବୀ ମୁହାଁଣରୁ କେଲୁଣି ମୁହାଁଣ ପର୍ଯ୍ୟନ୍ତ ଅସ୍ତରଙ୍ଗ ବନାଞ୍ଚଳ ପକ୍ଷରୁ ସ୍ଥାନେ ସ୍ଥାନେ ଅସ୍ଥାୟୀ କଇଁଛ ସୁରକ୍ଷା ଶିବିର ନିର୍ମାଣ କରାଯାଇଛି। ଏହା ସହିତ ଅସ୍ତରଙ୍ଗ ବନାଞ୍ଚଳ ପକ୍ଷରୁ କଇଁଛ ସୁରକ୍ଷା ପାଇଁ ବନ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ସମୁଦ୍ର ବେଳାଭୂମିରେ ସାମୁଦ୍ରିକ ଜଳସୀମା ଉପରେ ତୀକ୍ଷ୍ଣ ନଜର ରଖାଯାଉଥିବା ବେଳେ ବେଆଇନ ଭାବରେ ମାଳମାଳ ଟ୍ରଲର ସମୁଦ୍ର ଭିତରେ ମାଛ ଧରୁଥିବା ନଜରକୁ ଆସୁଛି; ଯେମିତି ଲାଗୁଛି କଟକଣା ଏଠି ବାଟବଣା ହୋଇଯାଇଛି। ଏଠାରେ ସୂଚନାଥାଉ କି, ବିଶ୍ୱର ୫ଟି ପ୍ରସିଦ୍ଧ ସ୍ଥାନ ମଧ୍ୟରୁ ଅଲିଭ୍ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ପାଇଁ ଅସ୍ତରଙ୍ଗ ସାମୁଦ୍ରିକ ବେଳାଭୂମି ତୃତୀୟ ସ୍ଥାନ ଅଧିକାର ଥିବାରୁ ଗତବର୍ଷ ଅସ୍ତରଙ୍ଗ ବନଖଣ୍ଡ ଅଧୀନରେ ଥିବା ୫ଟି ହାଚେରୀରେ ବର୍ଷକୁ ବର୍ଷ ଅଣ୍ଡାଦାନ ପରିମାଣ କମିକମି ଯାଉଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷ କଇଁଛ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଆଇନ ଉଲ୍ଲଂଘନକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ସମ୍ବିଧାନ ପ୍ରସ୍ତାବନାର ସମୂହପାଠ



ସାକ୍ଷୀଗୋପାଳ,୨୭।୧୧(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଶ୍ୱନାଥପୁର ପଞ୍ଚାୟତର ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସମ୍ବିଧାନ ଦିବସ ଅନୁଷ୍ଠିତ ହୋଇଯାଇଛି। ସମ୍ବିଧାନ ଦିବସ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ଦ୍ୱାରା ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଏବଂ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ଶପଥପାଠ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେହିପରି ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ସମ୍ମିଳନୀ ଗୃହରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଆରମ୍ଭ କରାଯାଇଥିଲା। ଅଧ୍ୟକ୍ଷା ପ୍ରଫେସର ପଟ୍ଟନାୟକ ନିଜ ଅଭିଭାଷଣରେ "ପ୍ରତ୍ୟେକ ଭାରତୀୟଙ୍କ ନିମନ୍ତେ ଭାରତର ସମ୍ବିଧାନ ଗୀତା ସଦୃଶ୍ୟ' ବୋଲି କହିଥିଲେ। ସେହିପରି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ରତ୍ନାକର ସାହୁ "ସମ୍ବିଧାନର ମୂଳମନ୍ତ୍ର ଥିଲା ଅସ୍ପୃଶ୍ୟତାର ବିଲୋପ ଯେଉଁଥିରେ ଆମ୍ବେଦକରଙ୍କଠାରୁ ଆରମ୍ଭ କରି ଅନେକ ମହାପୁରୁଷଙ୍କ ବଳିଦାନର ଫଳ ହେଉଛି ଏହି ପବିତ୍ର ଗ୍ରନ୍ଥ' ବୋଲି ନିଜ ବକ୍ତବ୍ୟରେ ଅଭିବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଆଡ୍‌ମିନିଷ୍ଟ୍ରେଟିଭ୍ ବରସାର ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ଏବଂ ଏକାଡେମିକ୍ ବରସାର ପ୍ରାଧ୍ୟାପକ ମନୋଜ ପରିଡ଼ା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବିଧାନ ସମ୍ବନ୍ଧରେ ସ୍ୱମତ ଉପସ୍ଥାପନା କରିଥିଲେ। ବିଭାଗୀୟ ଛାତ୍ରଛାତ୍ରୀ ଆଶିଷ, ଅମ୍ଳାନ, ଶ୍ରଦ୍ଧାଞ୍ଜଳି, ସୋନାଲି, ବର୍ଷା, ତୁଷାର ପ୍ରମୁଖ ସମ୍ବିଧାନ ଦିବସ ଅବସରରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିଭାଗୀୟ ଅଧ୍ୟାପକ ଅମରନାଥ ପାଲ୍‌ଙ୍କ ତତ୍ତ୍ୱାବଧାନରେ ସଭାରେ ସମ୍ବିଧାନର ପ୍ରସ୍ତାବନାକୁ ସମୂହପାଠ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ବୈକୁଣ୍ଠ ମେହେର କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ

# ଅଧିକାରିଣୀ ପଦ ପୂରଣ ପାଇଁ ଦାବି


ଗମ୍ଭାରୀପଦା,୨୭।୧୧(ସମିସ): ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧୀନରେ ଥିବା କାକଟପୁର ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରିଣୀ ଗତ ସେପ୍ଟେମ୍ବର ୩୦ରେ ଅବସର ଗ୍ରହଣ କରିଥିଲେ ମଧ୍ୟ ଅଦ୍ୟାବଧି ନିୟମିତ ଭାବରେ କୌଣସି ଅଧିକାରିଣୀଙ୍କୁ ଉକ୍ତ ପଦରେ ନିଯୁକ୍ତି କରାଯାଇନାହିଁ। ଫଳରେ ଉକ୍ତ କାର୍ଯ୍ୟାଳୟର କାର୍ଯ୍ୟରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ୧୮୨ଟି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ୭ଟି ସେକ୍ଟରରେ ୭ ଜଣ ସୁପରଭାଇଜର ନିଯୁକ୍ତି ପାଇଥିଲେ ମଧ୍ୟ ଗୁରୁବାର ଲକ୍ଷ୍ମୀପୂଜା ଅବସରରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର କାର୍ଯ୍ୟ ତଦାରଖ ଠିକ୍ ଭାବରେ ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରାୟ ସୁପରଭାଇଜର ଉକ୍ତ ଦିନ ଛୁଟିରେ ରହିଥିବା ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା ଅସ୍ତରଙ୍ଗ ବ୍ଲକ୍ ଶିଶୁ କଲ୍ୟାଣ ଅଧିକାରିଣୀଙ୍କଠାରୁ ପ୍ରକାଶ। କେତେକ କେନ୍ଦ୍ରରେ ଉପସ୍ଥିତି ଜାହିର୍ କରିବା ପାଇଁ କର୍ମୀମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଖୋଲା ରଖି ନିଜ ନିଜ ଘରେ ଲକ୍ଷ୍ମୀପୂଜାରେ ବ୍ୟସ୍ତ ରହିଥିବା ନାମ ଗୋପନ ରଖିବା ସର୍ତ୍ତରେ ଶିଶୁମାନଙ୍କ ଅଭିଭାବକଙ୍କଠାରୁ ପ୍ରକାଶ। କାକଟପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ଅଧିକାରିଣୀ ପଦ ସହିତ ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ପଦ ଖାଲିପଡ଼ିଛି। ଅସ୍ତରଙ୍ଗ ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରିଣୀଙ୍କୁ କାକଟପୁର ବ୍ଲକ୍‌ର ଅତିରିକ୍ତ ଦାୟିତ୍ୱ ଦିଆଯିବା ଦ୍ୱାରା ସେ ଅସ୍ତରଙ୍ଗ ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା ୧୭୮ଟି କେନ୍ଦ୍ର, ୭ଟି ସେକ୍ଟରର ଦାୟିତ୍ୱ ସହିତ କାକଟପୁର ବ୍ଲକ୍ କଥା ବୁଝିବା କଷ୍ଟକର ହୋଇପଡୁଛି। ତେଣୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ମନ୍ତ୍ରୀ ତଥା ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏଥିପ୍ରତି ଦୃଷ୍ଟି ଦେଇ କାକଟପୁର ବ୍ଲକ୍‌ର ଉକ୍ତ ପଦ ଦ୍ୱୟ ପୂରଣ କରିବାକୁ କାକଟପୁର ବ୍ଲକ୍‌ର ଜନସାଧାରଣ ଦାବି କରିଛନ୍ତି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ଡେଲାଙ୍ଗ,୨୭।୧୧(ସମିସ): ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ଦାଶ ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ନିଉଟନ୍‌ଙ୍କ ଭଳି ବୈଜ୍ଞାନିକଙ୍କ ଉଦାହରଣ ଦେଇ ସମାଜରେ ବିଜ୍ଞାନର ମହତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପାପ୍ଲିନ୍ ପ୍ରଧାନ, ଶିକ୍ଷକ ଅଜୟ ପ୍ରଧାନ, ଶିକ୍ଷୟିତ୍ରୀ ରୋଜାଲିନ୍ ମହାରଣା, ସତ୍ୟଭାମା ବେହେରା, ଟିକେଇ ଦଳାଇଙ୍କ ସହଯୋଗରେ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ମୋଟ୍ ୧୫ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

# ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ସେବାକର ସମ୍ପର୍କରେ ଆଲୋଚନାଚକ୍ର



କଣାସ,୨୭।୧୧(ସମସ): ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ନୂତନ ଦ୍ରବ୍ୟ ଓ ସେବାକର ସଂସ୍କାର ଓ ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ ଆଲୋଚନାଚକ୍ରର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏ ଦିଗରେ ଅର୍ଥଶାସ୍ତ୍ର ବିଭାଗର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଭାଗୀୟ ମୁଖ୍ୟ ଅଜୟ କୁମାର ମହାପାତ୍ର ଏହି ଆଲୋଚନାଚକ୍ର ବିଷୟର ଗୁରୁତ୍ୱ ପରିସର ଓ ଲକ୍ଷ୍ୟ ବିଷୟରେ ବ୍ୟକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଦେବଶ୍ରୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଯୋଗଦେଇଥିବା ଛାତ୍ରଛାତ୍ରୀମାନେ ନିଜ ନିଜର ଆଲେଖ୍ୟ ଉପସ୍ଥାପନ କରିଥିଲେ। ଏଥିରେ ନୂତନ ଦ୍ରବ୍ୟ ଓ ସେବାକର ସଂସ୍କାର ନୀତିର ସଫଳ ପ୍ରବର୍ତ୍ତନ ଏବଂ ଜନସଚେତନତା ଦ୍ରୁତ ଅର୍ଥନୈତିକ ବିକାଶରେ ସହାୟକ ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି, ଦରଦାମ୍ ନିୟନ୍ତ୍ରଣ, ସରକାରୀ ରାଜସ୍ୱ ବୃଦ୍ଧି ସହିତ ସାଧାରଣ ଉପଭୋକ୍ତାଙ୍କୁ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ବିଭାଗୀୟ ଛାତ୍ରୀ ରୂପଶ୍ରୀ ମହାରଣା ସ୍ୱାଗତ ଭାଷଣ ଦେଇଥିବାବେଳେ କ୍ଷୀରାବ୍ଧିତନୟା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ନାବାଳିକା ଛାତ୍ରୀକୁ ଅପହରଣ ଉଦ୍ୟମ

ପିପିଲି,୨୭।୧୧(ସମିସ): ପିପିଲି ପୌରାଞ୍ଚଳ ଅନ୍ତର୍ଗତ ଏକ ବିଦ୍ୟାଳୟରେ ଅଧ୍ୟୟନରତ ଜନୈକା ସପ୍ତମ ଶ୍ରେଣୀର ଛାତ୍ରୀକୁ ତିନିଜଣ ଯୁବକ ଅପହରଣ କରିନେବାକୁ ଉଦ୍ୟମ କରୁଥିଲେ। ଛାତ୍ରୀ ଜଣକ ଚିତ୍କାର କରିବାରୁ ଆଖପାଖର ଲୋକମାନେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ସମ୍ପୃକ୍ତ ଯୁବକମାନେ ଘଟଣାସ୍ଥଳରୁ ଫେରାର୍ ହେବାରେ ସଫଳ ହୋଇଥିଲେ। ଉକ୍ତ ଛାତ୍ରୀ ଜଣକ ପିପିଲି ଦାନଗୋହିର ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ଛାତ୍ରୀର ବାପା ଏ ସମ୍ପର୍କରେ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ଛାତ୍ରୀର ବାପା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଝିଅ ବିଦ୍ୟାଳୟକୁ ପାଠ ପଢ଼ିବାକୁ ସାଇକଲ ଯୋଗେ ଯାଉଥିବାବେଳେ ଆଶ୍ରମ ସାହିଠାରେ ତିନିଜଣ ଯୁବକ ତାଙ୍କ ସାଇକଲକୁ ଅଟକାଇ ଚାବି ପକାଇବା ସହ ଛାତ୍ରୀଙ୍କୁ ଅପହରଣ କରିନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେ ଚିତ୍କାର କରିବାରୁ ଲୋକମାନେ ରୁଣ୍ଡ ହୋଇଯାଇଥିଲେ ଏବଂ ଯୁବକ ତିନିଜଣ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ମାତ୍ର ଛାତ୍ରୀ ଜଣକ ସମ୍ପୃକ୍ତ ଯୁବକମାନଙ୍କୁ ଚିହ୍ନି ନ ଥିବାର ପ୍ରକାଶ କରିଛନ୍ତି। ଉକ୍ତ ଅଭିଯୋଗକୁ ଗ୍ରହଣ କରି ପିପିଲି ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଅର୍ବାନ ହାଟରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର



କୋଣାର୍କ,୨୭।୧୧(ସମିସ): ଗୁରୁବାର କୋଣାର୍କ ଅର୍ବାନ ହାଟରୁ ଜଣେ ବ୍ୟବସାୟୀଙ୍କ ମୃତଦେହକୁ କୋଣାର୍କ ପୁଲିସ ଉଦ୍ଧାର କରିଛି। ମୃତକ ଜଣକ ହେଲେ କୋଲକାତା ହୁଗୁଳି ବାବୁନାନ ଅଞ୍ଚଳର ମହମ୍ମଦ ମୁଷା(୭୩)। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କୋଣାର୍କ ଅର୍ବାନ ହାଟରେ ଗାନ୍ଧୀ ଶିଳ୍ପ ବଜାରରେ ଖୋଲାଯାଇଥିବା ୪୦ ଷ୍ଟଲ୍‌ରେ ମହମ୍ମଦ ମୁଷା ହସ୍ତଶିଳ୍ପ ସାମଗ୍ରୀ ଆଣି ଏଠାରେ ଏକ ଷ୍ଟଲ୍ ଖୋଲିଥିଲେ। ଗୁରୁବାର ସକାଳୁ ଷ୍ଟଲ୍ ଭିତରେ ତାଙ୍କର ମୃତ୍ୟୁ ହୋଇଥିବା ଖବରପାଇ କୋଣାର୍କ ପୁଲିସ ପହଞ୍ଚି ବ୍ୟବଚ୍ଛେଦ ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୁଲିସ କହିଛି। ଏହି ଘଟଣାକୁ ନେଇ ଅନ୍ୟ ବ୍ୟବସାୟୀମାନେ ଦୁଃଖ ପ୍ରକାଶ କରିଛନ୍ତି।

# ସପ୍ତାହେ ହେଲା ୧୦୮ ଆମ୍ବୁଲାନ୍ସ ଅଚଳ





କୃଷ୍ଣପ୍ରସାଦ,୨୭।୧୧(ସମିସ): ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଆମ୍ବୁଲାନ୍ସର ସହାୟତା ନେଉଥିବାବେଳେ କୃଷ୍ଣପ୍ରସାଦ ବ୍ଲକ୍ ଅଞ୍ଚଳରେ ୧୦୮ ଆମ୍ବୁଲାନ୍ସ ସେବା ପ୍ରହସନରେ ପରିଣତ ହୋଇଥିବା ଜଣାପଡ଼ିଛି। ସପ୍ତାହେ ହେଲା ଉକ୍ତ ଆମ୍ବୁଲାନ୍ସଟି ଅଚଳ ହୋଇ ପଡ଼ିଥିବାରୁ ରୋଗୀ ଓ ସମ୍ପର୍କୀୟ ଏହାର ସୁବିଧା ପାଇପାରୁନାହାନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ମାତ୍ର ଉକ୍ତ ଆମ୍ବୁଲାନ୍ସଟି ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ଆନୁସଙ୍ଗିକ ସେବା ଯୋଗାଇଦେବାରେ ବିଫଳ ହୋଇଛି। ଆମ୍ବୁଲାନ୍ସଟି ପ୍ରାୟ ୧ ସପ୍ତାହ ହେବ ଅଚଳ ହୋଇଯାଇଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନଙ୍କୁ ନେବାଆଣିବା କରିବାରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ରୋଗୀମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସଦାସର୍ବଦା ନିଆଯାଉଥିବା ବେଳେ ରୁଗ୍‌ଣ ଅବସ୍ଥାରେ ଥିବା ଆମ୍ବୁଲାନ୍ସଟି ଅଚଳ ଯୋଗୁଁ ଆନୁସଙ୍ଗିକ ସୁବିଧା ଉପଲବ୍ଧ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଜରୁରୀକାଳୀନ ପରିସ୍ଥିତିରେ ଉପଯୁକ୍ତ ଆମ୍ବୁଲାନ୍ସ ସେବା ପାଇବାରୁ କୃଷ୍ଣପ୍ରସାଦ ଅଞ୍ଚଳ ବାସିନ୍ଦା ବଞ୍ଚିତ ହେଉଥିବା ଜଣାପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ, ପୁରୀ ସାଂସଦ, ବ୍ରହ୍ମଗିରି ବିଧାୟିକା ଏଥିପ୍ରତି ଦୃଷ୍ଟି ଦେଇ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ନୂତନ ଆମ୍ବୁଲାନ୍ସ ପ୍ରଦାନ କରିବାକୁ ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ କୁମାର ସିଂହ, ସମାଜସେବୀ ନାଲୁ ପାହାଣ, ପ୍ରଶାନ୍ତ କୁମାର ନନ୍ଦ, ସୁବାସ ଚନ୍ଦ୍ର ସିଂହସାମନ୍ତ, ଗିରିଧାରୀ ବିଶ୍ୱାଳ, ବୋଇତ ବନ୍ଦାଣ କମିଟି ସଭାପତି ବାଉରୀବନ୍ଧୁ ଦଳେଇ, ରାଘବ କୁମାର ଗୁରୁ, ବିପିନ କୁମାର ନାୟକ, ଟିଲୁ ନାୟକଙ୍କ ସମେତ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ଘିମୁଦା ଘାଟରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

କୃଷ୍ଣପ୍ରସାଦ,୨୭।୧୧(ସମିସ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତର ଚିଲିକା କୂଳରେ ଅବସ୍ଥିତ ଘିମୁଦା ଘାଟ ପେଣ୍ଠ ବ୍ୟବସାୟର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଛି। ଉକ୍ତ ଜେଟିଠାରୁ ଅଳ୍ପ ଦୂରରେ ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଈଙ୍କ ମନ୍ଦିର ଏବଂ ପକ୍ଷୀ ଅଭୟାରଣ୍ୟ ନଳବଣ ରହିଛି। ଦୈନିକ ଡଙ୍ଗା ଓ ଲଞ୍ଚ୍ ଯୋଗେ ଶହଶହ ଯାତ୍ରୀ ବାଲୁଗାଁକୁ ଯାତାୟାତ କରିଥା'ନ୍ତି। ଉକ୍ତ ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରତ୍ୟହ ଶହଶହ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଯାତ୍ରୀବାହୀ ଡଙ୍ଗାଗୁଡ଼ିକ ଉକ୍ତ ଜେଟିରେ ରହି ଜନସାଧାରଣଙ୍କୁ ଯାତାୟାତ କରାଇଥା'ନ୍ତି। ତତ୍‌ସହିତ ଆଖପାଖ ଏବଂ ବିଭିନ୍ନ ଜିଲ୍ଲାର ମତ୍ସ୍ୟଜୀବୀ ଡଙ୍ଗା ଜେଟି ନିକଟରେ ରଖି ରାତ୍ରିଯାପନ ମଧ୍ୟ କରିଥା'ନ୍ତି। ତେବେ ଉକ୍ତ ସ୍ଥାନରେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟଟିଏ ନ ଥିବାରୁ ବିଭିନ୍ନ ସମୟରେ ଯାତ୍ରୀ ଓ ପର୍ଯ୍ୟଟକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଘିମୁଦା ଘାଟ ପେଣ୍ଠଠାରେ ଏକ ଯାତ୍ରୀବାହୀ ବିଶ୍ରାମାଗାର ଓ ତତ୍‌ସଂଲଗ୍ନ ଶୌଚାଳୟ ନିର୍ମାଣ ନିମନ୍ତେ କୃଷ୍ଣପ୍ରସାଦ ଅଞ୍ଚଳବାସୀ ଦାବି କରିଛନ୍ତି। କୃଷ୍ଣପ୍ରସାଦ ବିଡିଓ, ପୁରୀ ଜିଲ୍ଲାପାଳ, ବ୍ରହ୍ମଗିରି ବିଧାୟିକା, ପୁରୀ ସାଂସଦ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# କୋରାପୁଟକୁ ବାଲ୍ୟ ବିବାହମୁକ୍ତ ଜିଲ୍ଲା କରିବାକୁ ସଂକଳ୍ପ




ପଟ୍ଟାଙ୍ଗି, ୨୭।୧୧(ସମିସ): କୋରାପୁଟକୁ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ଘୋଷଣା କରିବାକୁ ପ୍ରତିବଦ୍ଧତା ଜଣାଇଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା'। ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ବାଲ୍ୟ ବିବାହ ଉଚ୍ଛେଦ ପାଇଁ ୧୦୦ ଦିନିଆ କାର୍ଯ୍ୟ ଯୋଜନାର ପ୍ରେରଣାରେ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍' ର ସହଯୋଗରେ ସରକାରୀ-ବେସରକାରୀ ଅନୁଷ୍ଠାନ ସହ ମିଶି ଆଗାମୀ ଏକ ବର୍ଷ ମଧ୍ୟରେ ଉକ୍ତ ଯୋଜନା ରଖିଅଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା'।କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ସଦର ମହକୁମା ଠାରେ 'ଶୋଭା' ଦ୍ୱାରା ବାଲ୍ୟବିବାହ ଉଚ୍ଛେଦ ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ ଓ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାଯ୍ୟକ୍ରମଟିକୁ ସବୁଜ ଝଣ୍ଡା ଦେଖାଇ ଉଦ୍‌ଘାଟନ କରିଥିଲେ। ପରେ ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ଠାରୁ ଉପସ୍ଥିତ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ପଟ୍ଟାଙ୍ଗି ଗ୍ରାମ ପରିକ୍ରମା କରିଥିଲେ। ଶୋଭା ଯାତ୍ରାରେ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମବାସୀ ମାନଙ୍କୁ ସଚେତନତା କରିଥିଲେ। ସେହିପରି ନୋଡାଲ ସରକାରୀ ବିଦ୍ୟାଳୟ ପୁକାଲି ,ଚନ୍ଦକା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରି ଗ୍ରାମବାସୀଙ୍କୁ ସଚେତନତା କରାଯାଇଥିଲା। ସନ୍ଧ୍ୟା ସମୟରେ ରାଲେଗାଡ଼ା ଗ୍ରାମ ପଞ୍ଚାୟତ ସ୍ଥିତ ରାଜୁଗୁଡା ଗ୍ରାମର ମହିଳା ମାନଙ୍କୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଗ୍ରାମବାସୀଙ୍କୁ ବାଲ୍ୟବିବାହ ରୋକିବାକୁ ନେଇ ସଚେତନ କରାଯାଇଥିଲା। ୧୦୦ ଦିନିଆ ସଚେତନତା ଅଭିଯାନକୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇ ଏହା ୮ ମାର୍ଚ୍ଚ ୨୦୨୬ରେ ଅନ୍ତର୍ଜାତୀୟ ନାରୀ ଦିବସରେ ଶେଷ ହେବ ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ସଞ୍ଜିତ ପଟ୍ଟନାୟକ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ 'ଶୋଭା' ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ ବିଜୟ ପଟ୍ଟନାୟକ, ରାମପ୍ରସାଦ ପଟ୍ଟନାୟକ, ରବୀନ୍ଦ୍ର ପଡାଲ, ଦେବ ଜୟପୁରିଆ, ପ୍ରକାଶ ଖେମୁଣ୍ଡୁ, ରବି ସଡାପେଲି, ବେବନ୍ତ ନାୟକ ଓ ବିମଳା ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।


## ଗାଁ ରାସ୍ତାରେ ଭାରିଯାନ ଚଳାଚଳ

# ଭାରତମାଳା ରାସ୍ତା ନିର୍ମାଣକାରୀ ସଂସ୍ଥା ଆଗରେ ବିକ୍ଷୋଭ



ପୋଡ଼ାଗଡ଼,୨୭।୧୧(ସମିସ): ତିନି ରାଜ୍ୟ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ଛତିଶଗଡକୁ. ଯୋଡ଼ିବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି ଭାରତ ମାଳା ରାସ୍ତା। ଏହି ରାସ୍ତା ଓଡ଼ିଶାରେ ପାଖାପାଖି ୨୪୦ କିମି ହେଉଥିବାବେଳେ ଆଉ ବାକି ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ହେଉଛି। ଓଡ଼ିଶାର କୋରାପୁଟ ଜିଲ୍ଲାର ୫ଟି ବ୍ଲକ ଦେଇ ଯାଇଥିବାରୁ ଏହି ୫ ବ୍ଲକର ବିଭିନ୍ନ ଗ୍ରାମର ଲୋକମାନଙ୍କର ଜମି ଅଧିଗ୍ରହଣ କରାଯାଇ ରାସ୍ତା ମଧ୍ୟ ଅଧାରୁ ଅଧିକ ନିର୍ମାଣ ହେଲାଣି। କିନ୍ତୁ ଏହି ରାସ୍ତା ନିର୍ମାଣରେ ବ୍ୟବହୃତ ହେଉଥିବା ଭାରି ଯାନ ଗ୍ରାମୀଣ ରାସ୍ତା ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ରାସ୍ତାରେ ଚଳାଚଳ କରୁଥିବାରୁ ଅନେକ ସମୟରେ ଗ୍ରାମ୍ୟ ଜୀବଜନ୍ତୁ ବା ଗୃହପାଳିତ ପଶୁ ଓ ଲୋକମାନେ ମଧ୍ୟ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ଏହା ଛଡ଼ା ରାସ୍ତାରେ ଭାରିଯାନ ଯିବା ହେତୁ ରାସ୍ତା ଅତି ଶୋଚନୀୟ ହୋଇଥିବାରୁ ଅନେକ ସମୟରେ ଲୋକେ ସ୍ଥାନୀୟ କୋରାପୁଟ ବଜାର କିମ୍ବା ହସ୍ପିଟାଲ ଯିବାକୁ ହେଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସମସ୍ୟା ନେଇ ଦଶମନ୍ତପୁର ବ୍ଲକ ଅଧିନସ୍ଥ ପାଇକ ଫୁଲବେଡା ପଞ୍ଚାୟତ ଅନ୍ତର୍ଗତ ଅଡପୁର ଗ୍ରାମ ନିକଟରେ ଥିବା ଭାରତ ମାଳା ରାସ୍ତା ନିର୍ମାଣ କମ୍ପାନୀରେ ଆଜି ୫-୬ ଖଣ୍ଡ ଗ୍ରାମବାସୀ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆନ୍ଦୋଳନକୁ ଜିଲ୍ଲା କଂଗ୍ରେସ କମିଟି ସମର୍ଥନ କରିଥିଲା। ପାଇକ ଫୁଲବେଡା ପଞ୍ଚାୟତର ସରପଞ୍ଚ ମହେଶ୍ୱର ଗାଦବା ଓ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ରମେଶ ଖରାଙ୍କ ନେତୃତ୍ୱରେ ଅଡପୁର ମାଝୀଗୁଡା ବାଉଁଶ ଗୁଡା ହାତୀ ମୁଣ୍ଡା ପ୍ରମୁଖ ଗ୍ରାମବାସମାନେ ବିକ୍ଷୋଭ କରିଥିଲେ। ଏହି ଆନ୍ଦୋଳନ ବା ଧାରଣାକୁ ସମର୍ଥନ ଜଣାଇ ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ କମ୍ପାନୀର ସମ୍ମୁଖ ଗେଟ୍‌ରେ ଧାରଣା ଦେଇଥିଲେ। ଏହି ଟିମ୍‌ରେ ଥିଲେ ପୂର୍ବତନ ବିଧାୟକ ନିମାଇଁ ସରକାର, ରାଜେନ୍ଦ୍ର କୁଲଦୀପ, ଜଗବନ୍ଧୁ ବାଘ ଇନାଗଉଡଙ୍କ ସମେତ ଆଦିବାସୀ ନେତା ପଦ୍ମନାଭ ଜାନି। ଏହି ବିକ୍ଷୋଭ କରିବାର ମୁଖ୍ୟ ଉଦ୍ଦେଶ୍ୟ ଅଡପୁରରୁ ରାଜ୍ୟ ରାଜପଥର ମାଛରା ଛକ ପର୍ଯ୍ୟନ୍ତ ତୁରନ୍ତ ରାସ୍ତା ମରାମତି ଓ ଅଡ ନିକଟରେ ଏକ ଭାରତ ମାଳା ରାସ୍ତାରେ ସଂଯୋଗ । ଏହି ଆନ୍ଦୋଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କୋରାପୁଟ ସଦର ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏଏସଆଇ ମାଧବ ବାଙ୍କିଆ, ହାବିଲଦାର ତାରିଣିଙ୍କ ସମେତ ଏକ ଟିମ୍ ଉପସ୍ଥିତ ଥିଲେ। ଶେଷରେ ଭାରତମାଳା ରାସ୍ତା ନିର୍ମାଣ ସଂସ୍ଥାର କର୍ମଚାରୀ କୈଳାସ ରାଉତ ଆସି ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରି ତୁରନ୍ତ ଗ୍ରାମ୍ୟ ରାସ୍ତା ଅଡପୁର ଠାରୁ ମାଛରା ପର୍ଯ୍ୟନ୍ତ ଥିବା ରାସ୍ତା ମରାମତି କାମ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଓ ଆରମ୍ଭ ମଧ୍ୟ କରିଥିଲେ। କିନ୍ତୁ ଭାରତମାଳା ରାସ୍ତା କାମ କରିବାକୁ ଆନ୍ଦୋଳନକାରୀ ଗ୍ରାମବାସୀ ଦେଇନଥିଲେ। ଯେହେତୁ ଉକ୍ତ ରାସ୍ତାରେ ସଂଯୋଗ ନିମନ୍ତେ କୌଣସି ପ୍ରତିଶ୍ରୁତି ମିଳିନଥିବାରୁ କାମ ବନ୍ଦ ରଖିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ଦିନ ଜାତୀୟ ରାଜପଥ ବିଭାଗର ଅଧିକାରୀ ଆସି ଆଲେଚନା ପରେ ହିଁ କାମ କରିବାକୁ ଦେବୁ ବୋଲି ଗ୍ରାମବାସୀ କହିଛନ୍ତି।

# କଳାକାର ଲିଙ୍ଗରାଜ ନିଳଙ୍କ ସମ୍ମାନିତ



ଜୟପୁର ୨୭ ।୧୧, (ସମିସ): ଓଡିଆ ଲୋକକଳା ଏବଂ ସଂକୀର୍ତ୍ତନର ଗାୟକ ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାର ଶ୍ରେଷ୍ଠ କଳାକାର ତଥା ଜୟପୁର ସାମନ୍ତରା ସାହିର ବାସିନ୍ଦା ଲିଙ୍ଗରାଜ ନିଶଙ୍କଙ୍କୁ ଚଳିତ ୨୦୨୫ ମସିହ ଲୋକକଳା ଓ ତଥା ସଂକୀର୍ତ୍ତନ ପାଇଁ ଓଡିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ମାନିତ କରାଯାଇଛି। ଗତକାଲି ସଂଧ୍ୟାରେ ଭୁବନେଶ୍ୱର ଠାରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଜୟପୁରର ବାସିନ୍ଦା ୮୩ ବର୍ଷିୟ ଲୋକ କଳାକାର ଶ୍ରୀନିଶଙ୍କୁ ଉପଢୌକନ, ତାମ୍ରପତ୍ର ସହିତ ଏକ ଲକ୍ଷ ଟଙ୍କାର ନଗଦ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ବିଭାଗୀୟ ସଚିବ ତଥା ରାଜ୍ୟ ସଂଗୀତ ନାଟକ ଏକାଡେମୀର ସଭାପତି ଡ. ବିଜୟ କେତନ ଉପାଧ୍ୟାୟ ଏବଂ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରକାଶ ଯେ, ଲୋକ କଳାକାର ତଥା ସଂକୀର୍ତ୍ତନ ଗୁରୁ ଶ୍ରୀ ନିଶଙ୍କ ଜୟପୁର ସାମନ୍ତରା ସାହାଇ ଠାରେ ୧୯୪୨ ମସିହା ମେ ୧୭ ତାରିଖରେ ପିତା ସ୍ୱର୍ଗତ ରାମେଶ୍ୱର ନିଶଙ୍କ ଓ ମାତା ହରାମଣି ଦେବୀଙ୍କ ଜ୍ୟେଷ୍ଠ ପୁତ୍ର ଭାବେ ଜନ୍ମ ଗ୍ରହଣ କରିଥିଲେ। ଘରୋଇ ପରମ୍ପରା ତଥା ପ୍ରଭାବ ଯୋଗୁଁ ପିଲାଟି ଦିନରୁ ବୈଷ୍ଣବ ଧର୍ମ ନାମ ସଂକୀର୍ତ୍ତନ ପ୍ରତି ଆଗ୍ରହ ପ୍ରକାଶ କରି ଏହି ପାରମ୍ପରିକ ଲୋକକଳା ପ୍ରତି ଆକୃଷ୍ଟ ହୋଇଥିଲେ। ପିତା ସ୍ୱର୍ଗତ ରାମେଶ୍ୱର ନିଶଙ୍କ ଜୟପୁର ରାଜ ଦରବାରର ଜଣେ କବି, ଭଜନ ଗାୟକ ଓ ଲୋକ ନାଟକ ନିର୍ଦ୍ଦେଶକ , ସଂକୀର୍ତ୍ତନ ଗାୟକ ଥିଲେ। ତାଙ୍କର ପ୍ରଥମ ଗୁରୁ ନିଜ ପିତା ରହିଥିବା ନେଇ ସମ୍ମାନିତ ଶ୍ରୀ ନିଶଙ୍କ ପ୍ରକାଶ କରିଛନ୍ତି। ଏହାପରେ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ତଥା ସୁସଂକୀର୍ତ୍ତନ ଗାୟକ ଏବଂ ଗୁରୁ ସ୍ୱର୍ଗତ ବଳଭଦ୍ର ପୂଜାରୀଙ୍କ ଠାରୁ ସଂଗୀତର ସ୍ୱର ଓ ରାଗ ଶିକ୍ଷା ଗ୍ରହଣ କରିଥିଲେ। ୧୮ ବର୍ଷରୁ ବୟସରୁ ଜଣେ ସଂକୀର୍ତ୍ତନ ଗାୟକ ଭାବେ ସେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସୁପରିଚିତ ଥିଲେ। ଏହା ପୂର୍ବରୁ ବିଭିନ୍ନ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଛି।

# ସାବରମଲ୍ଲାଇ ଆୟାପ୍ପା ମନ୍ଦିରକୁ ଯାତ୍ରା ଆରମ୍ଭ



ଜୟପୁର ୨୭ ।୧୧, (ସମିସ): ଜୟପୁର ସହରରେ ଭଗବାନ ଆୟାପ୍ପା ସ୍ୱାମୀଙ୍କ ପୂଜନ ନିମନ୍ତେ ମାନସିକଧାରୀ ସ୍ୱାମୀମାନେ ଆଜି ସଂଧ୍ୟାରେ କେରଳ ରାଜ୍ୟର ସାବରମଲ୍ଲାଇ ସ୍ଥିତ ମୁଖ୍ୟମନ୍ଦିରକୁ ଯାତ୍ରା ଆରମ୍ଭ କରିଛନ୍ତି। ଦୀର୍ଘ ୪୫ ଦିନ କାଳ ବସ୍ତ୍ର ଧାରଣ ସହିତ ନିୟମ ଅନୁଯାୟୀ ପୂଜନ କରୁଥିବା ପ୍ରାୟ ୧୫ ଜଣ ବ୍ରତଧାରୀ ସ୍ୱାମୀ ମାନେ ମଣିକଣ୍ଠା ସାନିଧାନମ ସଂସ୍ଥା ପକ୍ଷରୁ ପ୍ରଥମ ଯାତ୍ରା ଆଜି ସଂଧ୍ୟାରେ ସ୍ଥାନୀୟ କୁମ୍ଭାରସାହି ସ୍ଥିତ ତିରୁପତି ବାଲାଜୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭାରମ୍ଭ କରିଛନ୍ତି। ଗୁରୁସ୍ୱାମୀ ସମ୍ପାନା ଚିନ୍ନା ସ୍ୱାମୀଙ୍କ ନେତୃତ୍ୱରେ ବ୍ରତଧାରୀ ମାନେ ଜୟପୁର ଠାରୁ ବିଶାଖପାଟଣା ଯାତ୍ରା କରିବା ସହିତ ସେଠାରେ ଆସନ୍ତା ୩୦ ତାରିଖରେ ପହଞ୍ଚିବା ସହିତ ମୁଖ୍ୟ ମନ୍ଦିରରେ ଭଗବାନ ଆୟାପ୍ପାଙ୍କୁ ଦର୍ଶନ ପରେ ସେଠାରେ ସେମାନଙ୍କ ବ୍ରତ ସମାପ୍ତ ହେବ। ସେଠାରୁ ଜୟପୁର ଫେରିବା ବେଳେ ଦକ୍ଷିଣ ଭାରତର ବିଭିନ୍ନ ଧର୍ମପୀଠରେ ଠାକୁର ମାନଙ୍କୁ ଦର୍ଶନ କରିବା ପରେ ଆସନ୍ତା ୫ମାସ ୫ ତାରିଖରେ ଜୟପୁର ଫେରିବା ଆସିବା ପରେ ସେମାନେ ଧାରଣ କରିଥିବା ମାଳ ଏଠାରେ ପୂଜାର୍ଚ୍ଚନା ସହିତ ବିସର୍ଜନ ରୀତିଅନୁଯାୟୀ କରିବେ ବୋଲି ମୁଖ୍ୟ ଗୁରୁସ୍ୱାମୀ ରାବାଣା ପ୍ରକାଶ କରିଛନ୍ତି। ଜୟପୁର ସହରରେ ଶତାଧିକ ମାନିସିକଧାରୀ ଚଳିତ ବର୍ଷ ମାଳ ଧାରଣା ସହିତ କଳବସ୍ତ୍ର ଓ ଖାଲିପାଦରେ ଚାଲି ଏହି ବ୍ରତ ଦୀର୍ଘ ୫୦ ଦିନ ପାଳନ କରୁଛନ୍ତି।

# ଆଖିରେ ଲଙ୍କାଗୁଣ୍ଡ ପକାଇ ଲୁଟ୍

କୋଷଗୁମୁଡା,୨୭।୧୧ (ସମିସ): କୋଷାଗୁମୁଡ଼ା ବ୍ଲକ୍ ତଥା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାସୁଦେବଗୁଡ଼ା ନିକଟରେ ଆଖିରେ ଲଙ୍କାଗୁଣ୍ଡ ପକାଇ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି କୋଷାଗୁମୁଡ଼ା ବିଦ୍ୟୁତ୍ ବିଭାଗ ରାଜସ୍ୱ ସହକାରୀ କିଶୋର କୁମାର ସିଂହ। ଦୁଇ ଜଣ ଲୁଟେରା ଥିଲେ ବୋଲି ସୂଚନା ମିଳିଛି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବୁଧବାର ସକାଳେ କୋଣ୍ଡାପୁରୀ ଗାଁକୁ ବିଦ୍ୟୁତ୍ ବିଲ୍ ବାବଦ ବକେୟା ସଂଗ୍ରହ କରିବାକୁ କିଶୋର କୁମାର ସିଂହ ଯାଇଥିଲେ। ଗାଁରୁ ପ୍ରାୟ ୨୧ହଜାର ଟଙ୍କା ଆଦାୟ କରିବା ପରେ ଚୋଲାଣଗୁଡ଼ା ଗାଁ ଅଭିମୁଖେ ବାହାରିଥିଲେ। କୋଣ୍ଡାପୁରୀ-ବାସୁଦେବଗୁଡ଼ା ମଝିରେ ଦୁଇ ଜଣ ଲୁଟେରା ରାସ୍ତା ମଝିରେ ବାଇକ୍ ରଖି ତାଙ୍କୁ ଅପେକ୍ଷା କରିଥିଲେ। କିଶୋରଙ୍କୁ ଦେଖିବା ମାତ୍ରେ ଦୁହେଁ ସକ୍ରିୟ ହୋଇଥିଲେ। ରାସ୍ତା ମଝିରେ କିଶୋରଙ୍କୁ ଅଟକାଇବା ପରେ ଜଣେ ତାଙ୍କର ଦୁଇ ହାତକୁ ଧରିଥିଲା ବେଳେ ଅନ୍ୟ ଜଣେ ଆଖିରେ ଲଙ୍କାଗୁଣ୍ଡ ପକାଇଥିଲା। ଯନ୍ତ୍ରଣାରେ ଛଟପଟ ହେବାରୁ ଦୁର୍ବୃତ୍ତ ଟଙ୍କା ବ୍ୟାଗ୍ ଝାମ୍ପିବା ପରେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରୁ କିଶୋରଙ୍କୁ କୋଣ୍ଡାପୁରୀ ଗ୍ରାମବାସୀ ଉଦ୍ଧାର କରିଥିଲେ। ଏହି ବିଷୟରେ କୋଡ଼ିଙ୍ଗା ଥାନାରେ କିଶୋର ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର ଏକ ମାମଲା ରୁଜୁ କରିବା ସହ ସହ ଅନୁସନ୍ଧାନ କରୁଥିବା କହିଛନ୍ତି।

**● ଧାନ ଗଦାରେ ନିଆଁ**

# ୧୯ ଏକର ଜମିର ଧାନ ପୋଡ଼ି ପାଉଁଶ

ବୈପାରୀଗୁଡା, ୨୭।୧୧(ସମିସ): ବୈପାରିଗୁଡା ବ୍ଲକର ସୁଖୁଆପଦର ଗ୍ରାମରେ ଧାନଗଦାରେ ନିଆଁ ଲାଗି ୧୯ ଏକର ଚାଷ ଜମିର ଧାନ ସମ୍ପୂର୍ଣ୍ଣ ର୍ ନଷ୍ଟ ହୋଇଛି। ଆଜି ଅପରାହ୍ନ ୨ଟା ସମୟରେ ଏଭଳି ଘଟଣା ଘଟିଛି। ଗାଁ ର କିଛି ଚାଷୀ ନିଜ ନିଜ ଜମିରେ ଚାଷ କରିଥିବା ଧାନକୁ ଅମଳ ପରେ ଗୋଟିଏ ଖଳାରେ ଗଦା କରି ରଖିଥିଲେ। ଆଜି ଅପରାହ୍ନ ୨ଟା ବେଳେ କୌଣସି କାରଣରୁ ଗୋଟିଏ ଧାନ ଗଦାରେ ନିଆଁ ଲାଗିଯାଇଥିଲା। ପବନରେ ନିଆଁ ଉଡ଼ି ନିକଟରେ ଥିବା ଅନ୍ୟ ଧାନ ଗଦା ଗୁଡ଼ିକରେ ମଧ୍ୟ ନିଆଁ ଲାଗିବା ଆରମ୍ଭ ହୋଇଯାଇଥିଲା। ଗ୍ରାମବାସୀ ଖଳାରେ ନିଆଁ ଲାଗିବା ଦେଖି ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେବାସହ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଦମକଳ ବାହିନୀ ଆସିବା ପୂର୍ବରୁ ଗ୍ରାମବାସୀ ୯୦ ଭାଗ ନିଆଁକୁ ଆୟତ୍ତ କରିସାରିଥିଲେ। ଫଳରେ ଅନ୍ୟ ଧାନ ଗଦା ନିଆଁ ଦାଉରୁ ବର୍ତ୍ତି ଯାଇଥିଲ। ଶୁକୁଆପଦର ଗ୍ରାମର ଚାଷୀ ରତ୍ନ ପରଜା ଗୋଟିଏ ଧାନ ଗଦାରେ ୫ ଏକରର ଧାନ ଅମଳ କରିବା ପରେ ଗଦା କରି ରଖିଥିଲେ। ସେହିପରି ନନ୍ଦ ମାଝୀ ଦୁଇଟି ଧାନ ଗଦାରେ ୫ ଏକର, ଡମ୍ବରୁ ପରଜା ଦୁଇଟି ଧାନ ଗଦାରେ ୪ ଏକର ଧାନ ଏବଂ ପଦ୍ମନ ପୂଜାରୀଙ୍କ ଦୁଇଟି ଧାନ ଗଦାରେ ୫ ଏକର ଧାନ ପୋଡ଼ି ନଷ୍ଟ ହୋଇଯାଇଛି। ଚାଷୀଙ୍କ ବର୍ଷକର କଷ୍ଟ ପାଉଁଶ ହୋଇଯାଇଥିବାରୁ ଦୁଃଖରେ ଭାଙ୍ଗି ପଡିଛନ୍ତି। ଧାର ଉଧାର କରି ଚାଷ କରିଥିବା ଚାଷୀ ଏବେ ଟଙ୍କା କିପରି ପରିଶୋଧ କରିବେ ବୋଲି ଚିନ୍ତାରେ ରହିଥିବା ବେଳେ ସରକାରୀ ସହାୟତା ପାଇଁ ଗୁହାରୀ କରିଛନ୍ତି।

# ପାଇଥିବା ସୁନା ଫେରାଇଲେ ମନ୍ଦିର ପୂଜକ

ତେନ୍ତୁଳିଖୁଣ୍ଟି,୨୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ କପୁର ସ୍ଥିତ ଶୈବ ପୀଠ ପୂଜକ ଦେଖାଇଲେ ବଦାନ୍ୟତା। ଏକମାସ ତଳେ ହଜିଥିବା ସୁନା ଚେନ ପାଇ ତାର ପ୍ରକୃତ ମାଲିକଙ୍କୁ ଫେରାଇଛନ୍ତି ।ସୂଚନା ଅନୁଯାଇ କପୁର ଶିବ ମନ୍ଦିର ପୂଜକ ବିଭୁ ପଦାରବିନ୍ଦ ରଥ ଏକ ସୁନା ଚେନ ସୋମବାର ସକାଳୁ ଶିବ ମନ୍ଦିର ନିକଟସ୍ଥ ପାଣି ଟାଙ୍କି ପାଖର୍ଶ୍ୱରୁ ପାଇ ଥିଲେ। ଏହାପରେ ପୂଜକ ଶ୍ରୀ ରଥ ନିଜ ପତ୍ନୀ ଙ୍କୁ ଜଣାଇଥିଲେ। ଗତ କାର୍ତ୍ତିକ ମାସ ଶେଷ ସୋମବାର ଦିନ ଇନ୍ଦ୍ରାବତି ରେ ରହୁଥିବା ଆଦର୍ଶ ଶିକ୍ଷକ ଜଗଦେବ କେଶରୀ ସାମନ୍ତଙ୍କ ପତ୍ନୀଙ୍କ ଲକେଟ ହଜି ଯାଇଥିବା ହେତୁ ସେ ଖୋଜାଖୋଜି କରିଥିଲେ। ପାଇଥିବା ସୁନା ତାଙ୍କର ହୋଇଥାଇପାରେ ବୋଲି କହିଥିଲେ ପୂଜକଙ୍କ ପତ୍ନୀ। ଏହାପରେ ସୁନା କଥା ମନ୍ଦିର ସାଧାରଣ ସମ୍ପାଦକ ତଥା ସମାଜସେବୀ ସାଧୁ ସୁଦନ ବରାଳଙ୍କୁ ପୂଜକ ଜଣାଇବା ପରେ ସେ ଶିକ୍ଷକ ଶ୍ରୀ ଜଗଦେବଙ୍କୁ ଡାକି ଦେଖାଇଥିଲେ। ସୁନା ଚିହ୍ନଟ ପରେ ଶ୍ରୀ ବରାଳଙ୍କ ଉପସ୍ଥିତି ରେ ପୂଜକ ଉକ୍ତ ସୁନାକୁ ଶିକ୍ଷକଙ୍କୁ ହସ୍ତାନ୍ତର କରିଥିଲେ। ପୂଜକଙ୍କ ଏଭଳି କାର୍ଯ୍ୟକ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଜିଲ୍ଲା ଡମ ସଂଗଠନର ସ୍ୱତନ୍ତ୍ର ବୈଠକ

ଜୟପୁର,୨୭ ।୧୧(ସମିସ): ଜୟପୁର ସହର ନିକଟସ୍ଥ ବାମୁଣି ଗାଁ ସ୍ଥିତ ଶୀତଳା ମନ୍ଦିର ପରିସରରେ ଜିଲ୍ଲା ଡମ ସଂଗଠନର ଏକ ସ୍ୱତନ୍ତ୍ର ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ପବିତ୍ର ଖରା, ସମ୍ପାଦକ ମଙ୍ଗଳଦାନ ଖିଲ, ଓ ସହ ସମ୍ପାଦକ ରାଜୁ ତାଣ୍ଡିଲ ସହ ଜିଲ୍ଲା ଡମ ସଂଗଠନର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏକ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ନୂତନ କର୍ମକର୍ତ୍ତା ଚୟନ କରାନଯିବା ପର୍ଯ୍ୟନ୍ତ ସଂଗଠନକୁ ଭଙ୍ଗ କରାଯାଇଛି ବୋଲି ସଭାପତି ଶ୍ରୀ ଖରା ପ୍ରକାଶ କରିଛନ୍ତି। ଏହି ପଦପଦବୀ ନିମନ୍ତେ ଯଦି କୌଣସି ବ୍ୟକ୍ତି ତଥା କର୍ମକର୍ତ୍ତା ଇଚ୍ଛୁକ ଅଛନ୍ତି, ତେବେ ଆସନ୍ତା ୧୦ ତାରିଖ ମଧ୍ୟରେ ଆବେଦନ କରିବା ପରେ ନିର୍ବାଚନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖଗପତି ପାଙ୍ଗି, ବିଜୟ ହନ୍ତାଳ, ପଦ୍ମନ ହରିଜନ, ଚିତ୍ର ହରିଜନ, ଅର୍ଜୁନ ହରିଜନ ଓ ଜିରା ହରିଜନଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ପ୍ରଶାସନର ଜବରଦଖଲ ଉଚ୍ଛେଦ ଅଭିଯାନ

ଉମରକୋଟ/ଝରିଗାଁ ,୨୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଧୋଡ୍ରା ପଞ୍ଚାୟତ ସଦର ମହକୁମାର ଉମରକୋଟ-ନବରଙ୍ଗପୁର ମୁଖ୍ୟ ରାସ୍ତାରେ ଜବରଦଖଲକାରୀଙ୍କୁ ଦୁଇ ଦିନ ମଧ୍ୟରେ ଜାଗା ଖାଲି କରିବାକୁ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଥିବା ସୂଚନା ମିଳିଛି। ଆଜି ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ଧୋଡ୍ରାରେ ପହଞ୍ଚିଥିଲା। ଧୋଡ୍ରା ଛକରେ ଥିବା ୨ଟା ଘର ଭାଙ୍ଗିବା ପରେ ଦୁଇଦିନ ମଧ୍ୟରେ ଜାଗା ସବୁ ଖାଲି କରିବାକୁ ଚେତାବନୀ ଦେଇ ଫେରିଥିବା ଜଣାପଡିଛି। ଝରିଗାଁ ତହସିଲଦାର ସୁମନ୍ତ ପାତ୍ର, ଅତିରିକ୍ତ ତହସିଲଦାର ଅହଲ୍ୟା ମୁଦୁଲି, ଧୋଡ୍ରା ଆରଆଇ ଶିବନାଥ ମଣ୍ଡଳ, ଆରଡି ବିଭାଗ, ପିଡବ୍ଲୁଡି ବିଭାଗର କର୍ମଚାରୀ ଓ ଉମରକୋଟ ପୋଲିସ ପ୍ରଶାସନ ଧୋଡ୍ରା ଠାରେ ପହଞ୍ଚି ଜବରଦଖଲକାରୀ ମାନଙ୍କ ସହିତ ଆଲୋଚନା କରି ଉଚ୍ଛେଦକୁ ସ୍ଥଗିତ ରଖିଥିବା ସୂଚନା ମିଳିଛି।

# ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

ପାପଡାହାଣ୍ଡି, ୨୭।୧୧(ସମିସ): ହ୍ୟୁମାନ ସାଗରଙ୍କ ସ୍ମୃତିରେ ଆଜି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ପଞ୍ଚାୟତ ସଦର ମହକୁମା ଠାରେ ଖ୍ରୀଷ୍ଟିଆନ କମ୍ୟୁନିଟି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିବା ଦେଖିବାକୁ ମିଳିଛି । ଏଥିରେ ଜଟାବାଲର ସମସ୍ତ ଖ୍ରୀଷ୍ଟିୟ ମହିଳା, ପୁରୁଷ, ଯୁବକ, ଯୁବତୀ ଓ କୁନି କୁନି ପିଲାମାନେ ସାମିଲ ହୋଇ କ୍ୟାଣ୍ଡେଲ ଜାଳି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ସ୍ଥାନୀୟ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ପରେ ଏକ ବୈଠକର ଆୟୋଜନ କରି ଉକ୍ତ ବୈଠକରେ ହ୍ୟୁମାନ ସାଗରଙ୍କ ଜୀବନୀ, ତାଙ୍କ କର୍ମମୟ ଜୀବନ ଓ ଓଡିଆ ଇଣ୍ଡଷ୍ଟ୍ରିକୁ ତାଙ୍କ ମହାନ ଅବଦାନ ଉପରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜଟାବାଲ ଖ୍ରୀଷ୍ଟିଆନ କମ୍ୟୁନିଟିର ସଭାପତି ଦିଲୀପ କୂଳଦୀପ, ଉପ ସଭାପତି ହପ୍ଲେନ କୂଳଦୀପ, ସେକ୍ରେଟେରୀ ଟୁଙ୍କୁ ବାଘ, ସୁବାସ ଚେଟି, କୋଷାଧକ୍ଷ ମହେନ୍ଦ୍ର କୂଳଦୀପ, ଉପଦେଷ୍ଟା ମାନଙ୍କ ମଧ୍ୟରେ ମାନୁଏଲ ଖୁରା, ବାବୁନୁ ନାୟକ ସୁଶୀଳ ବାଘ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପୌରାଞ୍ଚଳ 'ପରବ' ପାଇଁ କ୍ରିକେଟ୍ ମ୍ୟାଚ

ଜୟପୁର,୨୭ ।୧୧(ସମିସ): ଆଜି ସ୍ଥାନୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ପୌରାଞ୍ଚଳ 'ପରବ ୨୦୨୫' ଉତ୍ସବ ପାଳନ ଅବସରରେ ୩ଟି ଦଳକୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ପୌର କାର୍ଯ୍ୟାଳୟ ଏକାଦଶ ଓ ପୌର ଚେୟାରମ୍ୟାନ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚେୟାରମ୍ୟାନ ଏକାଦଶ ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୧୫ ଓଭରରେ ୧୨୮ ରନ ସଂଗ୍ରହ କରିଥିଲେ। ଲକ୍ଷ୍ୟ ହାସଲ ନେଇ ପୌର କାର୍ଯ୍ୟାଳୟ ଦଳ ମାତ୍ର ୧୦୦ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲେ। ଦ୍ୱିତୀୟ ମ୍ୟାଚ ସାମ୍ବାଦିକ ଏକାଦଶ ଓ ପୌର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ଏକାଦଶ ପ୍ରଥମେ ବ୍ୟାଟିଂ କରିବା ସହିତ ୧୦ ଓଭରରେ ୧୦୪ ରନ୍ ସଂଗ୍ରହ କରିଥିବା ବେଳେ ପୌର ଏକାଦଶ ଗୋଟିଏ ୱିକେଟ ହରାଇ ବିଜୟୀ ୧୦୫ ରନ୍ ସଂଗ୍ରହ କରିବା ସହ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲେ।

# ମଦ ଚାଲାଣ ବେଳେ ଜଣେ ଗିରଫ

ଜୟପୁର ୨୭ ।୧୧, (ସମିସ): ଜୟପୁର ଅବକାରୀ ବିଭାଗ ପକ୍ଷରୁ ବାଇକରେ ବେଆଇନ ମଦ ଚାଲାଣ ବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ବାଇକ୍ ଓ ମଦ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ଗଡପଦର ଗ୍ରାମର ବସନ୍ତ ସୁନା (୧୮) ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବାଇକରେ ପରିବହନ ହେଉଥିବା ଏକ ଗାଡି ଟ୍ୟୁବ ଭିତରୁ ୧୪ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତ କଳାଗୁଡାରୁ ଜୟପୁର ସହର ଅଭିମୁଖେ ଏକ ବାଇକ ଯୋଗେ ମଦ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗର ପାଟ୍ରୋଲିଂ ଦଳ ସ୍ଥାନୀୟ ଦୁବୁଲି ଏବଂ ଏକଟାଗୁଡା ନିକଟସ୍ଥ ରାସ୍ତାରେ ଚାଲାଣକାରୀଙ୍କୁ ଧରିଥିବା ନେଇ ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶରୀ ହିରନ ପ୍ରକାଶ କରିଛନ୍ତି।

# ଡିସେମ୍ବର ହେବ ଆରପିଡିଏସି ବୈଠକ



ଲକ୍ଷ୍ମୀପୁର,୨୭।୧୧(ସମିସ): କୋରାପୁଟ ଓ ରାୟଗଡା ଜିଲ୍ଲାର ଲକ୍ଷ୍ମୀପୁର ଓ କାଶୀପୁର ବ୍ଲକର ଜମିକୁ ନେଇ ଚାଲିଛି ହିଣ୍ଡଲ୍‌କୋର ମେଗା ବକ୍ସାଇଟ ରିଫାଇନାରୀ କାରଖାନା। ଏହାର ନିର୍ମାଣ କାର୍ଯ୍ୟ ଏକ ବର୍ଷ ହେବ ଚାଲୁ ରହିଛି ଏବଂ ଦ୍ରୁତ ଗତିରେ ମଧ୍ୟ ନିର୍ମାଣ କାର୍ଯ୍ୟ ଆଗେଇଛି। ଏଲଏଣ୍ଡଟି ଭଳି ଅନେକ ବଡ଼ କମ୍ପାନୀ ସବୁ ଆସି ଜୋର୍‌ସୋରରେ କାମ ଚାଲିଛି। ଏଠି ଲୋକଙ୍କ ଅନେକ ସମସ୍ୟା ରହିଛି । ଆରପିଡିଏସି ବୈଠକ ଅନୁଷ୍ଠିତ ହେଲେ ଲୋକେ ସମ୍ପୃକ୍ତ କମ୍ପାନୀକୁ ବୈଠକ ମାଧ୍ୟମରେ ନିଜ ଗାଁ ଓ ଅଞ୍ଚଳର ସମସ୍ୟା ଉପସ୍ଥାପନା କରିବେ। ଏହାକୁ ଲିପିବଦ୍ଧ କରି କମ୍ପାନୀ ତାର ଗୋଟି ଗୋଟି କରି ସମସ୍ୟା ଗୁଡ଼ିକୁ ସମାଧାନ କରି ଚାଲିବ। ଆରପିଡିଏସି ବୈଠକ ଏଥି ପାଇଁ ନିହାତି ଜରୁରୀ ଅଟେ। ତେଣୁ କ୍ଷତିଗ୍ରସ୍ତ ଲୋକ ଏହି ବୈଠକ ପାଇଁ ସବୁ ପଦାଧିକାରୀଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ବୈଠକ ଡାକିବାକୁ ଅନୁରୋଧ କରୁଛନ୍ତି। କିନ୍ତୁ ହୋଇପାରୁ ନାହିଁ । ଏହା ଅତ୍ୟନ୍ତ ଦୁଃଖର ବିଷୟ ପାଲଟିଛି। ଏନେଇ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କୁ ସ୍ୱତନ୍ତ୍ର ଭାବେ ସାକ୍ଷାତ କରି ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସାଂସଦ ଏହା ଜାଣିବା ପରେ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଏହି ବୈଠକ ଆୟୋଜନ ପାଇଁ ସବୁ ବିଭାଗ ସହିତ ଯୋଗାଯୋଗ କରି ଆସନ୍ତା ଡିସେମ୍ବର ମାସରେ ବସିବା ଯୋଜନା କରିବାକୁ କହିଛନ୍ତି। ଏହା ଶୁଣିବା ପରେ ଅଞ୍ଚଳବାସୀ ଆଶ୍ୱସ୍ତି ପ୍ରକାଶ କରିବା ସହ ଶ୍ରୀ ଉଲ୍ଲାକାଙ୍କ ପ୍ରତି ଖୁସି ବ୍ୟକ୍ତ କରିଛନ୍ତି। ଏହି ସମୟରେ ଅଗସ୍ତି ହଲୱା, ସୀତାରାମ ଖରା, ସହଦେବ ବିଡିକା, ବିପିନ ମାଣ୍ଡିଙ୍ଗା, ଚନ୍ଦ୍ର ବିଡ଼ିକା, ଦାମୋଦର ବିଡିକା ଓ ଅନ୍ୟମାନେ ଉପସ୍ଥିତ ରହି ସବୁ ବିଷୟ ଗୁଡ଼ିକ ଶ୍ରୀ ସାଂସଦ ଙ୍କୁ ଅବଗତ କରାଇ ଥିଲେ।

## ସରକାରୀ ନିର୍ଦ୍ଦେଶକୁ ଉଲ୍ଲଂଘନ

# ବେଆଇନ ଭାବେ ସ୍କୁଲ୍ ବନ୍ଦ କଲେ ପ୍ରଧାନ ଶିକ୍ଷକ

ବୈପାରୀଗୁଡ଼ା,୨୭।୧୧(ସମିସ): ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ଅଘୋଷିତ ଛୁଟି ଘୋଷଣା କରି ସରକାରଙ୍କ ନିୟମକୁ ଖୋଲାଖୋଲି ଉଲଂଘନ କରିଥିବା ଅଭିଯୋଗ ହୋଇଛି। ସୂଚନା ପ୍ରକାରେ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ କୋଲାର ପଞ୍ଚାୟତର ଟାଙ୍ଗୀନିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଆଜି ପ୍ରଧାନଶିକ୍ଷକ ସ୍ଥାନୀୟ ଛୁଟି ରୂପେ ଘୋଷଣା କରିଥିଲେ। ବାସ୍ତବରେ ଆଖପାଖର ସମସ୍ତ ବିଦ୍ୟାଳୟ ଖୋଲାଥିବା ବେଳେ ଟାଙ୍ଗୀନିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବନ୍ଦ ଥିବା ନେଇ ସନ୍ଦେହ ପ୍ରକଟ କରି ଅନେକ ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ବୈପାରୀଗୁଡ଼ା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଥିଲେ। ଆରଡିସିଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ଥିବାରୁ ସେମାନେ ଆମ ପ୍ରତିନିଧିଙ୍କୁ ଏ ବିଷୟରେ ଜଣାଇଥିଲେ। ଆମ ପ୍ରତିନିଧି ଗ୍ରାଉଣ୍ଡ ଜିରୋରୁ ଏସମ୍ପର୍କରେ ତଥ୍ୟ ନେବାରୁ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱହିନତା ପଦାକୁ ଆସିଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗମୋହନ ବାଗଙ୍କୁ ଏ ସମ୍ପର୍କରେ ପଚାରିବାରୁ ପ୍ରଥମେ ସେ ନିୟମ ପ୍ରକାରେ ମାର୍ଗଶୀର ମାସର ଶେଷ ଗୁରୁବାର ଉପଲକ୍ଷେ ସ୍ଥାନୀୟ ଛୁଟି ରୂପେ ବିଦ୍ୟାଳୟକୁ ଛୁଟି ଘୋଷଣା କରିଛୁ କହି ଅଭିଯୋଗକୁ ଟାଳି ଦେବାକୁ ଚେଷ୍ଟା କରିଥିଲେ । କିନ୍ତୁ ଚଳିତ ବର୍ଷ ରାଜ୍ୟ ସରକାର ନୂଆଁଖାଇ ଏବଂ ଦୀପାବଳି ପାଇଁ ସମଗ୍ର ରାଜ୍ୟର ଶିକ୍ଷାନୁଷ୍ଠାନକୁ ଦୁଇ ଦିନ ଅତିରିକ୍ତ ଛୁଟି ଘୋଷଣା ସହ ସ୍ଥାନୀୟ ଛୁଟିକୁ ବାତିଲ୍ କରିଥିଲେ ବୋଲି ଏହି ପ୍ରତିନିଧି ଶ୍ରୀ ବାଗଙ୍କୁ ପ୍ରଶ୍ନ କରିବାରୁ ସେ ନିଜ ଭୁଲ୍ ସ୍ୱୀକାର କରିଥିଲେ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ମହଲରେ ଦାବି ହୋଇଛି। ସୂଚନା ଥାଉକି ଏହି ବିଦ୍ୟାଳୟରେ ନିୟମିତ ପ୍ରଧାନଶିକ୍ଷକ ନଥିବାରୁ ଶ୍ରୀ ବାଗ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରୂପେ ଦାୟିତ୍ୱ ତୁଲାଉଛନ୍ତି। ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ପୂର୍ବରୁ ଅଭିଭାବକଗଣ ଦାବି କରି ଆସୁଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ବ୍ଲାଷ୍ଟିଂ ପାଇଁ ପ୍ରସ୍ତୁତି ବେଳେ ଜଣେ ଗିରଫ

**ସୋର, ୨୭।୧୧(ସମିସ):** ସୋର ଥାନା ଖଞ୍ଜାମାହାଲ ପଥର ଖାଦାନରେ ବେଆଇନ ଭାବେ ବ୍ଲାଷ୍ଟିଂ କରିବାକୁ ପ୍ରସ୍ତୁତି ହେଉଥିବା ବେଳେ ଖଣି ବିଭାଗ ତରଫରୁ ଚଢ଼ାଉ କରାଯାଇ ଜଣକୁ ଥାନାରେ ଜିମା ଦେଇଥିଲେ। ଗତକାଲି ରାତିରେ ଖଞ୍ଜାମାହାଲ ପଥର ଖାଦାନ ନିକଟ ଏକ ସରକାରୀ ଜାଗାରେ ବ୍ଲାଷ୍ଟିଂ ପାଇଁ ପ୍ରସ୍ତୁତି ସରିଥିଲା।ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ସୋର ପୁଲିସ ସହାୟତାରେ ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ବ୍ଲାଷ୍ଟିଂ ପାଇଁ ପ୍ରସ୍ତୁତ ଥିବା ଗୋବିନ୍ଦପୁର ଗ୍ରାମର ଗୋପୀନାଥ ସିଂ (୪୩)କୁ ଧରିଥିବା ବେଳେ ଅନ୍ୟମାନେ ଚତୁରତାର ସହ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଫଳରେ କନିଷ୍ଠ ଖଣି ଅଧିକାରୀ ଶ୍ରୀ ଦାସ ବ୍ଲାଷ୍ଟିଂ ପାଇଁ ବ୍ୟବହୃତ ସାମଗ୍ରୀକୁ ଜବତ କରିବା ସହିତ ଗୋପୀନାଥକୁ ସୋର ଥାନାରେ ଜିମା ଦେଇ ଲିଖିତ ଅଭିଯୋଗ କରିଥିଲେ। ଆଜି ସକାଳେ ପୁଲିସ ଶ୍ରୀ ଦାସଙ୍କ ଅଭିଯୋଗ ମୂଳେ ୯୭୯/୨୫ରେ ଏକ ମାମଲା ରୁଜୁ କରି ଗୋପୀନାଥକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

# ସମ୍ବିଧାନ ଦିବସ ଅବସରରେ ସମ୍ମିଳନୀ

**ବାଲେଶ୍ୱର, ୨୭।୧୧(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ସାମ୍ବିଧାନିକ ଦିବସ ପାଳନ ଅବସରରେ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରି ସାମ୍ବିଧାନିକ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ସାମ୍ବିଧାନିକ କର୍ତ୍ତବ୍ୟ ଗୁଡିକ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଡିନ୍ ଡ. ବିନୟ



ଦାସ ଏବଂ ବାଲେଶ୍ୱର ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସର୍ବେଶ୍ୱର ସାହୁ ବିଶେଷଜ୍ଞ ଭାବରେ ଯୋଗଦେଇ ସାମ୍ବିଧାନିକ କର୍ତ୍ତବ୍ୟ ବାବଦରେ ସଚେତନ କରାଇଥିଲେ। ଏହି ଅବସରରେ ବାଲେଶ୍ୱର ମୁଖ୍ୟାଳୟର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ, ଜିଲ୍ଲା ବାର ଆସୋସିଏସନ୍ ସଭାପତି କେଶବ କୁମାର ଆଚାର୍ଯ୍ୟ, ଆଇନଜୀବୀ ଏବଂ ସିଭିଲ୍ କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀକୁ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ପରିଚାଳନା କରିଥିଲେ।

## ଜାତୀୟ ମହିଳା କମିଶନ ଆୟୋଗ ପକ୍ଷରୁ ମହିଳା ଜନଶୁଣାଣି ଶିବିର

# ୬ ଜିଲ୍ଲାରୁ ୫୦ ଅଭିଯୋଗ ଉପରେ ହେଲା ଶୁଣାଣି

**ବାଲେଶ୍ୱର, ୨୭ ।୧୧(ସମିସ)**

ଜାତୀୟ ମହିଳା କମିଶନ ଆୟୋଗଙ୍କ ପକ୍ଷରୁ ଆଜି ବାଲେଶ୍ୱରରେ ଏକ ମହିଳା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ମହିଳା ଆୟୋଗର ସଦସ୍ୟା ଡ. ଅର୍ଚ୍ଚନା ମଜୁମଦାରଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣୀ ଜିଲ୍ଲାପାଳଙ୍କ ଅଡିଟରିୟମ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୬ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ହୋଇଥିବା ୫୦ଟି ମାମଲା ଉପରେ ଶୁଣାଣି ହୋଇଥିଲା।

ଏହି ମହିଳା ଜନ ଶୁଣାଣୀ ଶିବିର ପାଇଁ ବାଲେଶ୍ୱର ଜିଲ୍ଲାରୁ ୨୦ଟି ମାମଲା ପଞ୍ଜୀକରଣ ହୋଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରୁ ୪ଟି ମାମଲା, ଭଦ୍ରକ ଜିଲ୍ଲାରୁ ୧୧ଟି ମାମଲା, ଯାଜପୁର ଜିଲ୍ଲାରୁ ୮ଟି ମାମଲା, କେନ୍ଦ୍ରାପଡ଼ା ଜିଲ୍ଲାରୁ ୬ଟି ମାମଲା ଏବଂ ସୁନ୍ଦରଗଡ଼ ଜିଲ୍ଲାରୁ ଗୋଟିଏ ମାମଲାକୁ ମିଶାଇ ମୋଟ ୫୦ଟି ମାମଲାର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରୁ ପଞ୍ଜୀକରଣ ହୋଇଥିବା ମାମଲାରେ କେହି ଅଭିଯୋଗକାରିଣୀ ଆସିନଥିବାବେଳେ ବାକି ଅନ୍ୟ ଜିଲ୍ଲା





ଗୁଡିକରୁ ଆସିଥିବା ମାମଲା ଉପରେ ଶୁଣାଣି ହୋଇଥିଲା। ଏହାଛଡା ଏହି ମହିଳା ଜନଶୁଣାଣୀ ଶିବର ହେଉଥିବା ଖବର ପାଇ ତତକ୍ଷଣାତ ୧୫ଟି ମାମଲାକୁ ପଞ୍ଜୀକରଣ କରାଯାଇ ଶୁଣାଣୀ କରାଯାଇଥିଲା। ବିଶେଷକରି ମହିଳାମାନଙ୍କ ପାରିବାରିକ ସମସ୍ୟା ହେଉ କିମ୍ବା ନାରୀ ନିର୍ଯାତନା ହେଉ ଆଦି ବିଭିନ୍ନ ଅଭିଯୋଗ ଉପରେ ଶୁଣାଣୀ ହୋଇଥିଲା।

ଏ ନେଇ ସଦସ୍ୟା ଶ୍ରୀମତି ମଜୁମଦାର କହିଛନ୍ତି ଯେ, ଜାତୀୟ ମହିଳା କମିଶନଙ୍କ ନିକଟରେ ଅନ ଲାଇନ କିମ୍ବା ଅଫ ଲାଇନରେ ପଞ୍ଜୀକରଣ ହୋଇଥିବା ମାମଲା ଉପରେ ଆଜି ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନର ଉପସ୍ଥିତିରେ ଶୁଣାଣି କରାଯାଇଛି। ଏଠାକୁ ଆଜି ମୋଟ ୫୦ଟି ମାମଲା ନେଇ ଶୁଶାଣୀ କରିବାକୁ ଆସିଥିଲେ। ଏହାଛଡା ତତକ୍ଷଣାତ ୧୫ଟି ମାମଲା ଯୋଡି ହୋଇଥିଲା। ଏପରିକି ଏହି ୧୫ଟି ମାମଲା ମଧ୍ୟରୁ ଯେଉଁ ମାମଲା ଗୁଡିକ ପୁଲିସ ନିକଟରେ ପଞ୍ଜୀକରଣ ହୋଇଛି ହେଲେ ସେନେଇ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ ସେଭଳି ମାମଲା ମଧ୍ୟ ଏଠାରେ ପଞ୍ଜୀକରଣ ହୋଇଛି। ସେଥିମଧ୍ୟରୁ ୩୮ଟି ମାମଲାକୁ ସମ୍ପୂର୍ଣ୍ଣ ଭାବେ ଶେଷ କରାଯାଇଥିବା ବେଳେ ତତକ୍ଷଣାତ ଆସିଥିବା ୧୫ଟି ଅଭିଯୋଗ ମଧ୍ୟରୁ ୧୨ଟି ମାମଲା ଆସିଛି ଯାହାକି ପୁଲିସର ରିପୋର୍ଟକୁ ଅପେକ୍ଷା କରାଯାଇଛି। ଖୁବ୍‌ଶିଘ୍ର ସେମାନଙ୍କର ରିପୋର୍ଟ ଆସିଲେ ତୁରନ୍ତ ଫଇସଲା ହୋଇଯିବ ବୋଲି କହିଛନ୍ତି। ଏହାବ୍ୟତିତ ଆଜି ଜିଲ୍ଲାରେ ମୋଟ ୬୫ଟି ମାମଲା ଉପରେ ଶୁଣାଣି କରିଛନ୍ତି। ଶିବିର ମଧ୍ୟରେ ଘରୋଇ ହିଂସାକୁ ଛାଡି ବହୁତଗୁଡିଏ କ୍ରାଇମମାନ ଘଟୁଛି। ବିଶେଷ କରି ବିବାହର ପ୍ରତିଶ୍ରୁତି ଦେଇ ମହିଳାମାନେ ଶୋଷଣର ଶିକାର ହେବା, ଚାକିରି କରାଇଦେବାକୁ କହି ଶୋଷଣର ଶିକାର ହେବା, ବିଭିନ୍ନ ସ୍ଥାନରେ ଯୌନ ନିର୍ଯ୍ୟାତନା, ସାଇବର କ୍ରାଇମ ଆଦି ବିଭିନ୍ନ ଘଟଣା ଯାହାକି ମହିଳାମାନଙ୍କ କ୍ଷେତ୍ରରେ ଘଟୁଛି ତା ଉପରେ ଶୁଣାଣୀ କରାଯାଇଥିଲା। ବିଶେଷ କରି ଘରୋଇ ହିଂସା ଅଧିକମାତ୍ରାରେ ଦେଖାଦେଉଛି ହେଲେ ସେମାନଙ୍କୁ ନିଜ ନିଜ ମଧ୍ୟରେ ବୁଝାମଣା କରି ତାର ସମାଧାନ କରିବାକୁ ସେମାନେ ପ୍ରସ୍ତାବ ଦେଉଛନ୍ତି। ବିଶେଷ କରି ମହିଳାଙ୍କ କ୍ଷେତ୍ରରେ ସଜା କାଟୁଥିବା ଲୋକ ରହିଛନ୍ତି ଯେଉଁଥିରେ ୮୫ପ୍ରତିଶତ ଘଟଣା ହେଉଛି ହତ୍ୟା। ଏଣୁ ହତ୍ୟା କରିବା ପୂର୍ବରୁ କିପରି ତାହାକୁ ସମାଧାନ କରାଯିବ ସେ ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହାଛଡା ବାହାରେ କାର୍ଯ୍ୟ କ୍ଷେତ୍ରରେ ମହିଳାମାନେ ଯେଉଁ ଦୁଷ୍କର୍ମରେ ଶିକାର ହେବା ହେଉ କିମ୍ବା କୌଣସି ମହିଳାଙ୍କୁ ଦୁଷ୍କର୍ମ ହେଉ କିମ୍ବା ଦୁଷ୍କର୍ମ ଉଦ୍ୟମ ହେଉ ତାହା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଉଛି ବୋଲି କହିଛନ୍ତି।

ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଜାତୀୟ ମହିଳା କମିଶନ ଦେଶର ବିଭିନ୍ନ ରାଜ୍ୟର ଜିଲ୍ଲାମାନଙ୍କୁ ଯାଇ ଜନଶୁଣାଣୀ କରନ୍ତି। ସବୁ ଲୋକ ଜାତୀୟ ମହିଳା କମିଶନଙ୍କ ଠାରେ ଅଭିଯୋଗ କରିବାକୁ ଯାଇ ପାରୁ ନାହାନ୍ତି ଏଣୁ ସେମାନେ ବିଭିନ୍ନ ଜିଲ୍ଲାକୁ ଆସି ଏହି ଶୁଣାଣୀ କରୁଛନ୍ତି। ଆଜି ବାଲେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁଲିସ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲା ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦୱାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି, ରାଷ୍ଟ୍ରୀୟ ମହିଳା ଆୟୋଗର ବିଶେଷ ସମନ୍ୱୟକ ନେହା ମହାଜନ ଗୁପ୍ତା, ଜେଟିଇ(ଆଇନ) ମନମୋହନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାର ବହୁ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

**ବାଲେଶ୍ୱର, ୨୭।୧୧(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ସାମାଜିକ ବିଜ୍ଞାନ ବିଭାଗ ଦ୍ୱାରା ସମ୍ବିଧାନ ଦିବସକୁ ଗୌରବ, ଶିକ୍ଷାନୁକୂଳ ଓ ଉତ୍ତରଦାୟୀ ନାଗରିକତାର ଆଦର୍ଶ ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଭାରତୀୟ ସମ୍ବିଧାନରେ ସ୍ଥାପିତ - ନ୍ୟାୟ, ସ୍ୱାଧୀନତା, ସମତା ଓ ଭାଇଚାରା ର ମୂଲ୍ୟବୋଧକୁ ପୁନଃ ସମନ୍ୱୟ କରିବା ପ୍ରୟାସ ନେଇ ଆୟୋଜିତ ହୋଇଥିଲା। ଏହି ଅବସର ଗବେଷକ ଛାତ୍ରଛାତ୍ରୀ, ଆଇନ ବିଶେଷଜ୍ଞ, ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମିଳିତ ଭାବେ ୧୯୪୯ ମସିହାରେ ଭାରତୀୟ ସମ୍ବିଧାନ ଗ୍ରହଣର ପରମ୍ପରାଗତ ଅର୍ଥ ଉପରେ ଚିନ୍ତନ ଓ ଏହାର ଆଧୁନିକ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ସଭାପତି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଉଦବୋଧନରେ, ସମ୍ବିଧାନକୁ ଭାରତୀୟ ଗଣତନ୍ତ୍ରର ଧର୍ମଗ୍ରନ୍ଥ ଭାବେ ବିବେଚନା





କରି, ଏହାର ଆଦର୍ଶଗୁଡ଼ିକ ନିଜର ଜୀବନର ଆଚରଣରେଲିପ୍ତକରିବାକୁଛାତ୍ରଛାତ୍ରୀଙ୍କୁପ୍ରେରଣା ଦେଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ଆଦର୍ଶ ନାଗରିକ, ସଚେତନ ତଥା ନୀତିନିଷ୍ଠ ଓ ସମାଜ-ସମ୍ବେଦନଶୀଳ ପିଢ଼ୀ ଭାବେ ଗଢ଼ି ତୋଳିବାରେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ତାହା ଉପସ୍ଥାପନ କରିଥିଲେ। ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମର ଆରମ୍ଭରେ ସମ୍ବିଧାନ ଦିବସର ଐତିହାସିକ ଅର୍ଥ ଓ ପରିଚୟ ପ୍ରଦାନ କରି ସମ୍ବିଧାନର ପ୍ରସ୍ତାବନା ସାମୁହିକ ପଠନର ଦାୟିତ୍ୱ ନିର୍ବାହ କରିଥିଲେ। ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ପବିତ୍ର ମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହା ପରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଓ ସମ୍ମାନନୀୟ ଅତିଥି ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଉଦ୍ବୋଧନ ଦେଇ କାର୍ଯ୍ୟକ୍ରମର ଆୟୋଜକଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବରିଷ୍ଠ ନ୍ୟାୟାଧୀଶ ସୌର୍ଯ୍ୟ କାନ୍ତ ପାଢ଼ୀ (ଉଚ୍ଚ ନ୍ୟାୟାଳୟଓଡ଼ିଶା), ସମ୍ମାନନୀୟ ଅତିଥି ଭାବେ ଉପସ୍ଥିତ ହୋଇ ସମ୍ବିଧାନର ବିବିଧ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ଓ ସୂଚନା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ନ୍ୟାୟାଳୟ ସମ୍ପୃକ୍ତ ବିଭିନ୍ନ ବ୍ୟାଖ୍ୟା, ଆଧୁନିକତାର ସମ୍ମିଶ୍ରଣ ଓ ଗଣତନ୍ତ୍ରୀୟ ମୂଲ୍ୟଗୁଡ଼ିକ ସୁରକ୍ଷାରେ ନାଗରିକମାନଙ୍କ ଉତ୍ତରଦାୟୀ ଭୂମିକା ବିଷୟରେ ଗଭୀର ମତ ରଖିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ, ସମ୍ବିଧାନର ପରିବର୍ତ୍ତନଶୀଳ ଦୃଷ୍ଟିକୋଣ, ସାମାଜିକ ସଶକ୍ତିକରଣ, ସତ୍ତା ବିକେନ୍ଦ୍ରୀକରଣ ଓ ଅଂଶଗ୍ରାହୀ ଗଣତନ୍ତ୍ର ଆଦି ବିଭିନ୍ନ ସଂଯୋଜିତ ବଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସପ୍ତାହବ୍ୟାପୀ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆନ୍ଥ୍ରୋପୋଲଜି ବିଭାଗର ସହକାରୀ ଅଧ୍ୟାପକ ଡ଼କ୍ଟର ଆକାଶ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଲେ। କାର୍ଯ୍ୟକ୍ରମର ଶେଷ ଅଂଶରେ ସୋସିଆଲ୍ ସାଇନ୍ସ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ନିର୍ବାଚନ ପ୍ରକ୍ରିୟାର ସୁରକ୍ଷାକରଣ' ଶୀର୍ଷକ ଏକ କ୍ଷୁଦ୍ରନାଟ୍ୟ ପ୍ରସ୍ତୁତି କରାଯାଇଥିଲା।

# ବାଲେଶ୍ୱର ଲୋକ ମହୋତ୍ସବର ନବମ ସନ୍ଧ୍ୟା



**ବାଲେଶ୍ୱର, ୨୭।୧୧(ସମିସ):** ବାଲେଶ୍ୱର ଲୋକ ମହୋତ୍ସବର ଗୁରୁବାର ଥିଲା ନବନ ସନ୍ଧ୍ୟା। ଏହି ଅବସରରେ ଉପସଭାପତି ସିମନ ଦାସ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଆଲୋକ ସାହୁ, କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସ, ବିସିଆଇସିର ସଭାପତି ସଞ୍ଜୟ ଦାସ, ପିଏନବି ଶାଖା ପରିଚାଳକ ବିଶ୍ୱଜିତ ବିଶ୍ୱାଳ, ଉପଦେଷ୍ଟା ପ୍ରକାଶ କିଶୋର ନାୟକ ଯୋଗ ଦେଇ ମହୋତ୍ସବର ଉନ୍ନତି କାମନା କରିଥିଲେ। କୋଷାଧ୍ୟକ୍ଷ ନିଶିତ ବାରିକ ମଞ୍ଚ ଆହ୍ୱାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ବିଶ୍ୱଜିତ ପରମାଣିକ, ସାଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ, କାର୍ଯ୍ୟକାରୀ ସଦସ୍ୟ ଜୟରାମ ଦାସ, ମନୋରଞ୍ଜନ ନନ୍ଦୀ, ଅଜୟ ପ୍ରଧାନ, ସାଗର ଅଗ୍ରୱାଲ, ଉପେନ୍ଦ୍ର ବେହେରା, ଲମ୍ବୋଦର ବେହେରା ମଞ୍ଚରେ ଉପସ୍ଥିତ ଥିଲେ। ଶେଷରେ ସିଲାବ ସତ୍ୟକାମ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅସିତ ଦାସ, ଶ୍ରୀମାନ ଶ୍ରୀଚନ୍ଦନ, ବିକାଶ ପାଢ଼ୀ, ଶ୍ରୀମନ୍ତ ମାଝୀ, ତାପସ ପାଣିଗ୍ରାହୀ, ସୌଭାଗ୍ୟ ମାନସ ନାୟକ, ରାଜେଶ ମହାକୁଡ଼, ସମ୍ବିତ ବିଶ୍ୱାଳ, ସତ୍ୟ ପ୍ରକାଶ ପତି, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ହ୍ରିତିକ ନାୟକ, ଜିତେନ୍ଦ୍ର ମହାଳିକ, ଅନୁପମ ମିଶ୍ର, ସୌମ୍ୟରଞ୍ଜନ ଯାଦବ ପମୁଖ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ଶକ୍ତି ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ଗୀତ ଶୁଣିବା ପାଇଁ ଆଇଟିଆଇ ପଡ଼ିଆରେ ନାହିଁ ନ ଥିବା ଗହଳି ହୋଇଥିଲା।

# ରେମୁଣାରେ ବାଂଲାଦେଶୀ ଓ ସନ୍ଦିଗ୍ଧଙ୍କୁ ଚିହ୍ନଟ କରିବାକୁ ଦାବି

**ବାଲେଶ୍ୱର, ୨୭।୧୧(ସମିସ):** ରେମୁଣା ଅଞ୍ଚଳରେ ରହୁଥିବା ବାଂଲାଦେଶୀ ଏବଂ ସନ୍ଦିଗ୍ଧଙ୍କୁ ଚିହ୍ନଟ କରି ସେମାନଙ୍କୁ ହଟାଇବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି ରେମୁଣାର ବୁଦ୍ଧିଜୀବୀ, ସମାଜସେବୀ ଏବଂ ସାମାଜିକ କର୍ମୀ ଏନେଇ ଆଜି ଜିଲାପାଳ ଏବଂ ଏସପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। 'ରାଷ୍ଟ୍ର ଜାଗରଣ ସମିତି' ପକ୍ଷରୁ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି। ସମିତି ପକ୍ଷରୁ ଦର୍ଶାଯାଇଛି ଯେ, ସାରା ଦେଶରେ ଅବୈଧଭାବେ ବସବାସ କରୁଥିବା ବାଂଲାଦେଶୀ ଓ ପାକିସ୍ତାନୀଙ୍କ ଦ୍ୱାରା ବିଭିନ୍ନ



ଅସାମାଜିକ ଏବଂ ଆତଙ୍କବାଦ କାର୍ଯ୍ୟକଳାପ ଚିନ୍ତାଜନକ ବିଷୟ ପାଲଟିଛି। ଏହି ପରିପ୍ରେକ୍ଷୀରେ ରେମୁଣାରେ ବାଂଲାଦେଶୀ ଏବଂ ସେମାନଙ୍କ ସମ୍ପର୍କୀୟ ବସବାସ କରି ଆସୁଥିବା ଦୃଷ୍ଟିରୁ ଅଞ୍ଚଳର ଶାନ୍ତି ଏବଂ ସୌହାର୍ଦ୍ଦ ପ୍ରତି ବିପଦର ଆଶଙ୍କା ରହିଛି। ଅନେକ ସମୟରେ ସାମ୍ପ୍ରଦାୟିକ ଉତ୍ତେଜନା ଓ ହିଂସାକାଣ୍ଡ ଦେଖାଯାଉଛି। ଗୋରୁ ଚୋରି ଏକ ସାଧାରଣ କଥାରେ ପରିଣତ ହୋଇଛି। ବିଳମ୍ବିତ ରାତିରେ ସେମାନଙ୍କ କାର୍ଯ୍ୟକଳାପ ଅଞ୍ଚଳବାସୀଙ୍କ ମନରେ ଭୟ ସଞ୍ଚାର କରୁଛି। ରେମୁଣା ଥାନା ଅଧୀନ ମାଧିପୁର, ଗନିପୁର, ଚେଞ୍ଚଡ଼ା ସାହି, କୂଟପୋଖରୀ ନିକଟ ଅଞ୍ଚଳରେ କିଛି ସନ୍ଦିଗ୍ଧ ଲୋକଙ୍କ ଯାତାୟାତ ମନକୁ ଆଶଙ୍କିତ କରୁଛି। ଏଥିପ୍ରତି ଦୃଷ୍ଟି ଦେଇ ରେମୁଣାରେ ବାଂଲାଦେଶୀ ଏବଂ ସନ୍ଦିଗ୍ଧଙ୍କୁ ଚିହ୍ନଟ ପୂର୍ବକ ତୁରନ୍ତ ହଟାଇବା ପାଇଁ ଦାବି କରାଯାଇଛି। ସମିତି ଆବାହକ ଜୟନ୍ତ କୁମାର ପଣ୍ଡା, ସଭାପତି ସରୋଜ କୁମାର ବେହେରାଙ୍କ ସମେତ ସଦସ୍ୟ ଦାବିପତ୍ର ପ୍ରଦାନ କରିଥିଲେ।

# କୁନ୍ତଳା କୁମାରୀ ସାବତ ମହିଳା କଲେଜରେ କର୍ମଶାଳା

**ବାଲେଶ୍ୱର, ୨୭।୧୧(ସମିସ):** କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ଭାରତ ସରକାରଙ୍କ 'ଅନୁସନ୍ଧାନ ଜାତୀୟ ଗବେଷଣା ସଂସ୍ଥା' ଓ ପଦାର୍ଥ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ବିଷୟ ବିଶେଷଜ୍ଞ ଭାବେ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେଶ କୁମାର ପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟ ବିଶେଷଜ୍ଞ ଭାବେ





ଆଇଆଇଟି ଭିଲାଇର ଡ. ସୁଧନ୍ୟ ପାତ୍ର ଏବଂ ପଦାର୍ଥ ବିଜ୍ଞାନ ଅନୁଷ୍ଠାନ ଭୁବନେଶ୍ୱରର ଡ. ମୃତ୍ୟୁଞ୍ଜୟ ଭୂୟାଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଦିବସରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଡ. ବିବେକାନନ୍ଦ ନାୟକ ଓ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ସୁବ୍ରତ କୁମାର ବିଶ୍ୱାଳ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ଶୁଭସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ସିବିଏସ୍‌ଟି ଆଦି ଉଚ୍ଚ ଶିକ୍ଷାନୁଷ୍ଠାନରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ/ ଅଧ୍ୟାପିକା ଯୋଗ ଦେଇଥିଲେ। କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା କର୍ମଶାଳାରେ ସହଯୋଗ କରିଥିଲେ।

# ମେଳାରେ ଖାଦ୍ୟ ସୁରକ୍ଷା ଟିମ୍ ଯାଞ୍ଚ

**ବାଲେଶ୍ୱର, ୨୭।୧୧(ସମିସ):** ବାଲେଶ୍ୱର ସହର ଆଇଟିଆଇ ପଡ଼ିଆରେ ଚାଲିଥିବା ବାଲେଶ୍ୱର ଲୋକ ମହୋତ୍ସବରେ ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ଯାଞ୍ଚ କରାଯାଇଛି। ଯେଉଁଥିରେ ନିଷେଧ ଥିବା ଖାଦ୍ୟ ରଙ୍ଗ ବ୍ୟବହାର ହେଉଥିବା ଜଣାପଡ଼ିଥିଲା। ସେଥିପାଇଁ ଖାଦ୍ୟ ରଙ୍ଗକୁ ଟିମ୍ ପକ୍ଷରୁ ନଷ୍ଟ କରାଯାଇଥିଲା। ୧୯ ତାରିଖରୁ ଆରମ୍ଭ ହୋଇଛି ଏହି ମହୋତ୍ସବ। ଏହି ମହୋତ୍ସବରେ ୪୦୦ ରୁ ଅଧିକ ବିଭିନ୍ନ ଷ୍ଟଲ୍ ପଡ଼ିଛି। ତେବେ ତାହାରି ଭିତରେ ଅନେକ ଖାଦ୍ୟ ଷ୍ଟଲ୍



ରହିଛି। ପ୍ରତିଦିନ ଶତାଧିକ ଲୋକ ମେଳା ବୁଲିବା ସହ ଖାଦ୍ୟ ଖାଉଛନ୍ତି। ଫାଷ୍ଟଫୁଡ୍‌ଠୁ ଆରମ୍ଭ କରି ଛଣାଛଣି ଆଦି ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ୍ ମେଳାରେ ପଡ଼ିଛି। ହେଲେ ମେଳାରେ ମଧ୍ୟ ନିଷେଧ ଥିବା ଖାଦ୍ୟ ରଙ୍ଗ ବ୍ୟବହାର ହେଉଥିବା ଦେଖିବାକୁ ମିଳିଥିଲା। ମେଳାରେ ଥିବା ବିଭିନ୍ନ ଷ୍ଟଲ୍‌ରେ ଖାଦ୍ୟ ଯାଞ୍ଚ କରାଯାଇଛି। ବାସି ଖାଦ୍ୟ ନଥିଲା। ହେଲେ ନିଷେଧ ଖାଦ୍ୟ ରଙ୍ଗ ବ୍ୟବହାର ହେଉଥିଲା। ତାହାକୁ ସବୁ ନଷ୍ଟ କରିଛୁ ବୋଲି ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆ ସୂଚନା ଦେଇଛନ୍ତି। ଏହି ଟିମ୍‌ରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀଙ୍କ ସହିତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବିବାହ ଶୋଭାଯାତ୍ରା ବେଳେ ୩ ଗାଡ଼ିକୁ ପିଟିଲା ଡମ୍ଫର

## ବର୍ତ୍ତିଲେ ବରଯାତ୍ରୀ, ଘଟଣାସ୍ଥଳରେ ଉତ୍ତେଜନା









**ବସ୍ତା ବ୍ଲକ, ୨୭।୧୧ (ସମିସ)**

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଦରଡ଼ା ଛକରେ ବୁଧବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ବରଯାତ୍ରୀ ଦଳ ଶୋଭାଯାତ୍ରା କରୁଥିବା ବେଳେ ଏକ ଡମ୍ଫର୍ ଦ୍ରୁତଗତିରେ ଆସି ଭାରସ୍ୟାମ ହରାଇ ତିନୋଟି ଗାଡ଼ିକୁ ଧକ୍କା ଦେଇଥିବା ବେଳେ ବରଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇ ଛନ୍ତି। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଛି।

ବୁଧବାର ରାତିରେ ସମୟରେ ଦରଡ଼ା ଛକ ନିକଟରେ ଜନୈକ ବ୍ୟକ୍ତିଙ୍କ ବାହାଘର ଶୋଭାଯାତ୍ରା ଚାଲିଥିଲା। ବାହାଘର ପାଇଁ ଆସିଥିବା ଗାଡି ସବୁ ରାସ୍ତା କଡ଼ ରେ ଛିଡା ହୋଇଥିବା ବେଳେ ଏକ ହାଇୱା ଗାଡି ନିଜର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ଥିବା ଏକ ବାଇକ ସହିତ ଗୋଟିଏ ବୋଲେରୋ ଓ କାରକୁ ଧକ୍କା ଦେଇ ଥିଲା। ଯାହା ଫଳରେ ଗାଡ଼ି ସବୁ କ୍ଷତିଗ୍ରସ୍ତ ହୋଇ ଥିଲା। ଏହି ଦୁର୍ଘଟଣା ପରେ ଲୋକେ ଘଟଣା ସ୍ଥଳରେ ହାଇୱା ଡ୍ରାଇଭରକୁ ଅଟକ କରି ପୁଲିସକୁ ଡାକି ହସ୍ତାନ୍ତର କରିଥିଲେ। ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରିଥିବା ଯୋଗୁଁ ଏହି ଦୁର୍ଘଟଣା ଘଟାଇ ଥିବା ଅଭିଯୋଗ ହୋଇଛି। ପୁଲିସ ଦୁର୍ଘଟଣା ଘଟାଇ ଥିବା ଗାଡ଼ିକୁ ଅଟକ କରି ତଦନ୍ତ ଜାରି ରଖିଛି।

## ● ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଚାମ୍ପିଅନସିପ

# ଫାଇନାଲରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ

**ବାଲେଶ୍ୱର, ୨୭।୧୧(ସମିସ):** ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ସହାୟତା ଓ ଦୃଷ୍ଟିହୀନ କ୍ରିକେଟ୍ ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସପ୍ତମ ମହିଳା ଦୃଷ୍ଟିହୀନ କ୍ରିକେଟ୍ ଚାମ୍ପିଅନସିପ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱଦ୍ୟାଳୟଠାରେ ଚଳିତ ମାସ ୨୫ ତାରିଖଠାରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୮ଟି ଦଳଯଥା ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ମୟୂରଭଞ୍ଜ, ରମାଦେବୀ, ଗଂଜାମ, ଭୁବନେଶ୍ୱର, ଶୈଳବାଳା, ବଲାଙ୍ଗୀର, ଭୁବନେଶ୍ୱର ବିବି ସ୍କୁଲ ସାମିଲ ହୋଇଛନ୍ତି। ପ୍ରଥମ ଦିବସରେ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ଗୁଡିକରେ ରାଣୀପାଟଣା, ମୟୂରଭଞ୍ଜ ଦଳକୁ ଭେଟି ଥିଲା। ମୟୂରଭଞ୍ଜ ଦଳ ୬ ଓଭର ଖେଳି ୩୫ ରନ ସଂଗ୍ରହ କରିଥିବା ବେଳେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ୩ ଓଭର ୪ ବଲରେ ୨ ଟି ୱିକେଟ୍ ହରାଇ ୩୬ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଦିବସରେ ରାଣୀପାଟଣା ବିଦ୍ୟାଳୟ ଭୁବନେଶ୍ୱରର ଲୁଇସ୍ ବ୍ରେଲ୍ ସ୍କୁଲକୁ ଭେଟି ଥିଲା। ଏଥିରେ ୬ ଓଭର ଖେଳି ୩୮ ରନ ସଂଗ୍ରହ କରିଥିବା ବେଳେ ବାଲେଶ୍ୱର ଦଳ ୬ ଓଭର ରେ ୪୦ ରନ ସଂଗ୍ରହ କରି ବିଜେତା ହୋଇଥିଲା। ଦ୍ୱିତୀୟ ଦିବସରେ ତୃତୀୟ ମ୍ୟାଚରେ ବାଲେଶ୍ୱର ଦଳ ବଲାଙ୍ଗୀରକୁ ଭେଟି ଥିଲାବେଳେ ବଲାଙ୍ଗୀର ଦଳ ୫ ଓଭର ଖେଳି ୧ ୱିକେଟ୍ ରେ ପରାସ୍ତ ହୋଇ ୧୫ ରନ ସଂଗ୍ରହ କରିଥିଲା ବେଳେ ବାଲେଶ୍ୱର ଦଳ ୫ ଓଭର ଖେଳି କୌଣସି ୱିକେଟ୍ ନହରାଇ ୫୨ ରନ୍‌ରେ ବିଜୟ ହୋଇ ସେମି



ଫାଇନାଲରେ ଉତ୍ତୀର୍ଣ୍ଣ ହୋଇଥିଲା। ସେହିପରି ଅନ୍ତିମ ଦିବସରେ ବାଲେଶ୍ୱର ଦଳ ଶୈଳବାଳା ମହିଳା ମହାବିଦ୍ୟାଳୟ ଦଳକୁ ଭେଟି ଥିଲା। ଶୈଳବାଳା ମହିଳା ମହାବିଦ୍ୟାଳୟ ୬ ଓଭରରେ ଖେଳି ୬ ୱିକେଟ୍‌ରେ ହରାଇ ୧୯ ରନ୍ ସଂଗ୍ରହ କରିଥିଲା ବେଳେ ବାଲେଶ୍ୱର ଦଳ ମାତ୍ର ୮ ବଲରେ କୌଣସି ୱିକେଟ୍ ନ ହରାଇ ଫାଇନାଲକୁ ପ୍ରବେଶ କରିଛି। କ୍ୟାପଟେନ ଇତିକ୍ରିଷ୍ଣା ଭଞ୍ଜ ୧୦ ରନ୍ ସଂଗ୍ରହ କରିଥିଲା ବେଳେ ସୁନୀତା ସୋରେନ ୫ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଖେଳାଳିଙ୍କୁ ସାଧୁବାଦ ଜଣାଇଛନ୍ତି।

# କଟକ ସିଟି



## ହାଇକୋର୍ଟରେ କଟକ ସହର ସମସ୍ୟା

# ରାସ୍ତା ଅବସ୍ଥା ଶୋଚନୀୟ, ସିଏମ୍‌ସିର ରିପୋର୍ଟ ଦାଖଲ

କଟକ,୨୭ ।୧୧(ସମିସ):

ହାଇକୋର୍ଟଙ୍କ କଡ଼ା ତାଗିଦ ସତ୍ତ୍ୱେ କଟକର ବହୁ ରାସ୍ତାଘାଟ କାମ ହୋଇପାରି ନଥିବା ବେଳେ ଆଜି କଟକ ମହାନଗର ନିଗମ ପକ୍ଷରୁ ସହରର ୫୯ଟି ୱାର୍ଡରେ ଥିବା ରାସ୍ତାଘାଟର ସମ୍ପୂର୍ଣ୍ଣ ବିବରଣୀ ସମ୍ପର୍କିତ ଏକ ରିପୋର୍ଟ ଦାଖଲ କରାଯାଇଛି।

**୫୯ଟି ୱାର୍ଡରେ ୧୩୭ କିଲୋମିଟର ରାସ୍ତା ବିପର୍ଯ୍ୟସ୍ତ**



ମହାନଗର ନିଗମ ପ୍ରଶାସନ ପକ୍ଷରୁ ହୋଇଥିବା ସର୍ଭେ ପରେ ସହରରେ ନିଗମ ଅଧୀନରେ ମୋଟ ୫୫୦୨୭୩ ମିଟର ରାସ୍ତା ରହିଛି। ପ୍ରାୟ ୧୩୭ କିଲୋମିଟର (୧୩୭୩୩୨ ମିଟର) ରାସ୍ତା ବିପର୍ଯ୍ୟସ୍ତ ଥିବା ଦର୍ଶାଯାଇଛି। ଏହି ରାସ୍ତାଗୁଡ଼ିକର ମରାମତି ଓ ନବୀକରଣ ପାଇଁ ଆବଶ୍ୟକ ବ୍ୟୟ ଅଟକଳ ପ୍ରସ୍ତୁତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା କାଉନସିଲ ବୈଠକରେ ଏହା ଉପସ୍ଥାପନ ହେଲା ପରେ ଏଥିପାଇଁ ଆବଶ୍ୟକ ଟେଣ୍ଡର ପ୍ରକ୍ରିୟା କରାଯିବ ଓ ଜୁନ ପୂର୍ବରୁ ମରାମତି କାର୍ଯ୍ୟ ଶେଷ ହେବ ବୋଲି ହାଇକୋର୍ଟଙ୍କୁ ସିଏମସି ପକ୍ଷରୁ ଅବଗତ କରାଯାଇଥିଲା। କଟକ ମହାନଗର ନିଗମ ଅଞ୍ଚଳରେ ମୋଟ ୩୩୭୨ଟି ରାସ୍ତା ରହିଥିବା ବେଳେ ୧୭୧୬ଟି ରାସ୍ତା ଭଲ ସ୍ଥିତିରେ ରହିଛି। ୧୨୧୧ଟି ରାସ୍ତା ବିପର୍ଯ୍ୟସ୍ତ ଥିବା ସିଏମସି ପକ୍ଷରୁ କୁହାଯାଇଛି। ଏହା ପର୍ଯ୍ୟାୟକ୍ରମେ ଟେଣ୍ଡର କରାଯାଇ ମରାମତି ହେବ ବୋଲି ପୂର୍ବରୁ ଅଦାଲତରେ ଏକ ସତ୍ୟପାଠ ଦିଆଯାଇଥିଲା। ସହରରେ କେଉଁ ୱାର୍ଡରେ କେତେ କିଲୋମିଟର ଦୀର୍ଘ ରାସ୍ତା ରହିଛି ଓ ରାସ୍ତା ମରାମତି ପାଇଁ କେବେ ଟେଣ୍ଡର ହେବ ଓ କେବେ କାମ ଶେଷ ହେବ ସେ ସଂକ୍ରାନ୍ତରେ ୱାର୍ଡ ୱାରୀ ତଥ୍ୟ ସତ୍ୟପାଠ ଜରିଆରେ ପ୍ରଦାନ କରିବାକୁ ସେହି ସମୟରେ ସିଏମସି କମିସନର ଓ ସିଟି ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ହାଇକୋର୍ଟ।

### ସିଏସ୍ଆର ପାଣ୍ଠିରେ ଶିଶୁଭବନରେ ବ୍ୟାଟେରି ଚାଳିତ ଗାଡ଼ି ପାଇଁ ଚିଠି

କଟକ ଶିଶୁଭବନରେ ମୁଖ୍ୟ ଫାଟକରୁ ବିଭିନ୍ନ ୱାର୍ଡକୁ ରୋଗୀଙ୍କୁ ନେବା ଆଣିବା କରିବା ପାଇଁ ବ୍ୟାଟେରି ଚାଳିତ ଗାଡି ନିୟୋଜିତ କରାଯିବ। ଶିଶୁଭବନ ଅଧୀକ୍ଷକଙ୍କ ତରଫରୁ ଏ ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଯାଇଛି। ଏହି ବ୍ୟାଟେରି ଚାଳିତ ଗାଡ଼ିକୁ ସିଏସଆର ପାଣ୍ଠିରେ କ୍ରୟ କରିବା ପାଇଁ ଏମସିଏଲ ଓ ନାଲକୋକୁ ଚିଠି ଲେଖାଯାଇଥିବା ନେଇ ହାଇକୋର୍ଟଙ୍କୁ ଅଦାଲତଙ୍କୁ ଅବଗତ କରାଯାଇଛି। ଏହା ଉପରେ କୌଣସି ଉତ୍ତର ମିଳି ନଥିବା ବେଳେ ଏ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ବେଳେ ଅବଗତ କରିବା ପାଇଁ ହାଇକୋର୍ଟ କହିଛନ୍ତି।

### ୧୦ ଡିଜିଟାଲ ବୋର୍ଡରେ ଏସ୍‌ସିବି ନିରାମୟ କେନ୍ଦ୍ର ଔଷଧ ବିବରଣୀ

ଏସସିବି ମେଡିକାଲ ପରିସର ନିରାମୟ କେନ୍ଦ୍ରଗୁଡ଼ିକରେ ଅନେକ ଔଷଧ ମିଳୁ ନଥିବା ବେଳେ ରୋଗୀ ସମ୍ପର୍କୀୟ ଘଣ୍ଟା ଘଣ୍ଟା ଧାଡ଼ି ବାନ୍ଧି ଶେଷରେ ନିରାଶ ହେଉଛନ୍ତି। ଏଣୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନିରାମୟ କେନ୍ଦ୍ରରେ ମିଳୁଥିବା ଔଷଧ ବିବରଣୀକୁ ଡିଜିଟାଲ ଡିସପ୍ଲେ ବୋର୍ଡରେ ଆଲଫାବେଟିକ ପ୍ରଦର୍ଶିତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏବେ ସୁଦ୍ଧା ୧୦ଟି ବୋର୍ଡ କାର୍ଯ୍ୟକ୍ଷମ କରାଯାଇଛି। ଏହାକୁ ପରିଚାଳନା ପାଇଁ ୧୨ଜଣ ବୈଷୟିକ କର୍ମଚାରୀ ନିଯୁକ୍ତି ଆବଶ୍ୟକତା ରହିଥିବା ନେଇ ଡିଏମଇଟିଙ୍କୁ ପତ୍ରାଳାପ କରାଯାଇଥିବା ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ଶୁଣାଣି ସମୟରେ ଏସମ୍ପର୍କରେ ତଥ୍ୟ ରଖିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

### ଏସ୍‌ସିବି ରାତ୍ର ଆଶ୍ରୟସ୍ଥଳ ପାଇଁ ଆଟେଣ୍ଡାଣ୍ଟଙ୍କୁ ସଚେତନ କର

ଏସସିବି ମେଡିକାଲ କଲେଜ ଓ ହସପିଟାଲ ବାହାରେ ଖୋଲାଆକାଶ ତଳେ ଅନେକ ରାତିରେ ଆଶ୍ରୟ ନେଉଥିବା ପ୍ରସଂଗକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମେଡିକାଲରେ ଥିବା କେତେକ ରାତ୍ରୀ ଆଶ୍ରୟସ୍ଥଳ ଫାଙ୍କା ପଡୁଥିବା ବେଳେ ଆଟେଣ୍ଡାଣ୍ଟଙ୍କୁ ରାତ୍ର ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ସଚେତନ କରିବା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ କହିଛନ୍ତି ହାଇକୋର୍ଟ। ମେଡିକାଲରେ ମୋଟ ୯ଟି ରାତ୍ର ଆଶ୍ରୟସ୍ଥଳ ରହିଥିବା ବେଳେ ୧୦୪୦ଜଣଙ୍କ ରହିବା କ୍ଷମତା ରହିଛି ବୋଲି ଅଦାଲତଙ୍କୁ ଅବଗତ କରିଥିଲେ ମେଡିକାଲ କର୍ତ୍ତୃପକ୍ଷ।



ପବିତ୍ର ମାର୍ଗଶୀର ମାସ ଗୁରୁବାରରେ ମା’ କଟକ ଚଣ୍ଡୀଙ୍କ ସନ୍ଧ୍ୟା ଦର୍ଶନ

# ଜାତୀୟ କବି ବୀରକିଶୋରଙ୍କ ଜୟନ୍ତୀ




କଟକ,୨୭ ।୧୧(ସମିସ): ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟରେ ଜାତୀୟ କବିଙ୍କ ଜୟନ୍ତୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ପଦ୍ମଜା ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପିକା ଡ ସୁସ୍ମିତା ରାଉତ ବୀରକିଶୋରଙ୍କ ସ୍ୱପ୍ନର ସମାଜ ଗଠନ, ତ୍ୟାଗ, ଆର୍ଶୀବାଦ ଓ ଜାତୀୟତାବାଦର ମହାମନ୍ତ୍ରରେ ଦୀକ୍ଷିତ ହେବା ପରେ ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଆବାହକ ଡ ଶିବପ୍ରସାଦ ଦଳାଇ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଡ ସ୍ନେହଲତା ଦଳାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ ଧୀରେନ୍ ଚାନ୍ଦ ନାୟକ, ଡ ସଂଘମିତ୍ରା ପାଢ଼ୀ ଏବଂ ସୁଶ୍ରୀ ସାମଲଙ୍କ ନିର୍ଦ୍ଦେଶରେ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏଥିରେ ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଅନୁଜା ମହାପାତ୍ର, ପ୍ରଫେସର ମଧୁଛନ୍ଦା ପାତ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଡ ଜୟଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ରୋନ ସର୍ଭେ ମାଧ୍ୟମରେ ବେଆଇନ ବାଲି ଉତ୍ତୋଳନ ସ୍ଥାନ ଚିହ୍ନଟ

# ୧୨ କୋଟି ଟଙ୍କା ଜରିମାନା ଆଦାୟ ପାଇଁ ପ୍ରସ୍ତାବ

କଟକ,୨୭ ।୧୧(ସମିସ): କଟକ ଜିଲ୍ଲା ପ୍ରଶାସନ ଏବଂ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଦ୍ୱାରା ଗତ ମେ-ଜୁନ୍ ମାସ ଅର୍ଥାତ୍ ବନ୍ୟା ସମୟ ପୂର୍ବରୁ ଜିଲ୍ଲାର ପ୍ରମୁଖ ବାଲି ଉତ୍ସଗୁଡ଼ିକରେ ଏକ ବ୍ୟାପକ ଡ୍ରୋନ୍/ଡିଜିପିଏସ୍-ଆଧାରିତ ସର୍ଭେ କରାଯାଇଥିଲା। ବେଆଇନ ଉତ୍ତୋଳନର ପରିମାଣ ଆକଳନ କରିବା ତଥା ଲଘୁ ଖଣିଜ ପଦାର୍ଥ ଉତ୍ତୋଳନର ବୈଜ୍ଞାନିକ, ସ୍ୱଚ୍ଛ ଏବଂ ଦାୟିତ୍ୱପୂର୍ଣ୍ଣ ତଦାରଖ ସୁନିଶ୍ଚିତ କରିବା ପାଇଁ ଏହି ସର୍ଭେ କରାଯାଇଥିଲା। ଡିଜିପିଏସ୍ ମ୍ୟାପିଂ ସହିତ ଉଚ୍ଚ-ରିଜୋଲ୍ୟୁସନ୍ ଡ୍ରୋନ୍ ଚିତ୍ର ମାଧ୍ୟମରେ ଲିଜ୍ ହୋଲ୍ଡ କ୍ଷେତ୍ର ଭିତରେ ଏବଂ ବାହାରେ ବାଲି ଉତ୍ତୋଳନର ସଠିକ ପରିମାଣ ଆଦି ଆକଳନ କରାଯାଇଥିଲା। ଏହି ତଥ୍ୟକୁ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର ଦ୍ୱାରା ବିଧିବଦ୍ଧ ଭାବରେ ଯାଞ୍ଚ କରାଯାଇଛି। ପ୍ରାରମ୍ଭିକ ବିଶ୍ଳେଷଣରୁ କାଠଯୋଡି ନଦୀ ବାଲି ବିଦ୍ୟାଧରପୁର, କାଠଯୋଡି ନଦୀ ବାଲି ମୁଣ୍ଡମୁହାଣ, କୁଆଖାଇ ନଦୀ ବାଲି ନାରଣପୁର, କାଠଯୋଡି ନଦୀ ବାଲି ୟୁନିଟ୍-୩୭ ବାଦାମବାଡି, ସିଦ୍ଧୁଆ ନଦୀ ବାଲି ଜରିପଡ଼ା, ବଲଦା-ନୈଲୋ ଦେବୀ ନଦୀ ବାଲି, ବଳରାମପୁର ବାଲି ଖଣି, କାଳିକାପ୍ରସାଦ ବାଲି ଘାଟ, ବୈଦେଶ୍ୱର ବାଲି ଉତ୍ସ, ସୁବର୍ଣ୍ଣପୁର ବାଙ୍କିର ବାଲି ଉତ୍ସ, ଧନୀପୁର ମହାନଦୀ ବାଲି, ବ୍ରହ୍ମପୁରା ମହାନଦୀ ବାଲି, ଲୁଣା ନଦୀ ସମେତ ଅନେକ ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ବେଆଇନ ବାଲି ଖନନ ହୋଇଥିବା ଜଣାପଡ଼ିଛି। ଚିହ୍ନଟ ହୋଇଥିବା ଅତିରିକ୍ତ ଖନନକୁ ଆଧାର କରି, ଓଡ଼ିଶା ଲଘୁ ଖଣିଜ ରିହାତି ସଂଶୋଧିତ ନିୟମ, ୨୦୨୩ ଏବଂ ଅନ୍ୟାନ୍ୟ ବୈଧାନିକ ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଲିଜଧାରୀ/ପରିଚାଳକମାନଙ୍କ ଉପରେ ପ୍ରାୟ ୧୨କୋଟି ଟଙ୍କାର ଜରିମାନା ଲାଗୁ କରାଯିବାର ପ୍ରସ୍ତାବ ରହିଛି। ଉପଯୁକ୍ତ ଯାଞ୍ଚ ଏବଂ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଏହି ଦଣ୍ଡ ଚୂଡ଼ାନ୍ତ କରାଯିବ।

# ଖ୍ରୀଷ୍ଟକଲେଜ ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର

## ଭାଷା ସାହିତ୍ୟର ସମୃଦ୍ଧି ଦିଗରେ ଗଣମାଧ୍ୟମର ଭୂମିକା ମହତ୍ୱପୂର୍ଣ୍ଣ

କଟକ,୨୭।୧୧(ସମିସ): ଖ୍ରୀଷ୍ଟ କଲେଜ ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରର ମୁଖ୍ୟବକ୍ତା ବିଶିଷ୍ଟ ସାମ୍ବାଦିକ ଓ ସଂସ୍କୃତି ବିଶାରଦ ବିଜୟ ମଲ୍ଲ ଗଣମାଧ୍ୟମ ଓ ସାହିତ୍ୟ ସଂପର୍କିତ ବିଷୟ ଉପରେ ଆଲୋଚନା କରି ସାଂପ୍ରତିକ ସମୟରେ ଗଣମାଧ୍ୟମର ଭାଷା ଓ ସାହିତ୍ୟର ସ୍ଥିତି ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର ବିଦ୍ୟାର୍ଥୀମାନଙ୍କୁ ସାହିତ୍ୟ ରଚନା କ୍ଷେତ୍ରରେ ଆଗ୍ରହୀ ହେବା ପାଇଁ ପ୍ରେରଣା ଦେଇଥିଲେ। ଓଡ଼ିଆ ବିଭାଗର ସୁସାହିତ୍ୟିକ ଛାତ୍ରୀ ତେଜସ୍ୱିନୀ ପଣ୍ଡାଙ୍କ ସୃଜନଶୀଳ ପ୍ରତିଭା, ଅତ୍ୟାଶା ପ୍ରତିହାରୀଙ୍କ ଅଭିନୟର ପାରଦର୍ଶିତା ଓ ନିତିଶ କୁମାର ଦାଶଙ୍କ ମଧୁର ସଙ୍ଗୀତ ପରିବେଷଣର ଅପୂର୍ବ ସଫଳତା ପାଇଁ ବିଭାଗ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗମୁଖ୍ୟ ଡ କୃତିବାସ ଷଡଙ୍ଗୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ଦୈତ୍ୟାରି ଶୁକ୍ଳ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ଅଧ୍ୟାପିକା ଡ ରୂପାଲି ମହାରି ଧନ୍ୟବାଦ ଦେଇଥିଲେ। ପାଠଚକ୍ରର ସମସ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ ସ୍ମିତା ନାୟକ ଓ ଅଧ୍ୟାପକ ପୀତବାସ ଷଡଙ୍ଗୀ ପରିଚାଳନା କରିଥିଲେ। ପରିଚାଳନା ସମିତି ସଭ୍ୟ, ଉପାଧ୍ୟକ୍ଷା, ବରିଷ୍ଠ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ପାଠଚକ୍ରରେ ଉପସ୍ଥିତ ଥିଲେ।




# ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ‘ଗାନ୍ଧୀ ଆଲୋଚନା’ କାର୍ଯ୍ୟକ୍ରମ




କଟକ,୨୭।୧୧(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆଜି ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ‘ଛାତ୍ରଛାତ୍ରୀଙ୍କ ପାଇଁ ଗାନ୍ଧୀ ଚିନ୍ତନର ପ୍ରାସଙ୍ଗିକତା’ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ପିୟରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଗାନ୍ଧୀବାଦୀ ତଥା ଗାନ୍ଧୀ ସ୍ମାରକୀ ନିଧିର ସମ୍ପାଦକ ଡ. ବିଶ୍ୱଜିତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଗାନ୍ଧୀଙ୍କ ଆଦର୍ଶକୁ ଅନୁସରଣ କରି ଏକ ସୁସ୍ଥ ସମାଜ ଗଢ଼ିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀ ଛାତ୍ରଛାତ୍ରୀଙ୍କୁ ସମାନତା, ଉଦାରତା ଏବଂ ସମନ୍ୱୟବାଦିତାକୁ ଜୀବନର ବ୍ରତ କରିବା ପାଇଁ ଉପଦେଶ ଦେଇଥିଲେ। ଆଲୋଚନାଚକ୍ର ଶେଷରେ ଛାତ୍ରଛାତ୍ରୀଙ୍କୁ ମହାତ୍ମା ଗାନ୍ଧୀଙ୍କ ଜୀବନୀ ପୁସ୍ତକ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିମଳ ପ୍ରସାଦ ଜେନା, ସିପନ ସ୍ୱାଇଁ, ଅନିଲ୍ ଦାସ, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ସଙ୍ଗଠନର ସମ୍ପାଦକ ରାକେଶ ଶତପଥୀ ଧନ୍ୟବାଦ ଦେଇଥିଲେ।

# ଆଇନଜୀବୀ ଅମଳକୃଷ୍ଣ ରାୟଙ୍କ ସ୍ମୃତିସଭା

କଟକ,୨୭ ।୧୧(ସମିସ): ଅମଳକୃଷ୍ଣ ରାୟ ସ୍ମୃତି ସଂସଦ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ବିଶିଷ୍ଟ କ୍ରୀଡା ସଂଗଠକ ସ୍ୱର୍ଗତ ଅମଳକୃଷ୍ଣ ରାୟଙ୍କ ୨୦ତମ ପୁଣ୍ୟତିଥି ସୂତାହାଟସ୍ଥ ମୈତ୍ରୀ ସଂସଦର କାର୍ଯ୍ୟାଳୟରେ ସଂସଦର ସମ୍ପାଦକ ଆଇନଜୀବୀ ଅଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଓଡ଼ିଶା ହକି ଆସୋସିଏସନର ପ୍ରାକ୍ତନ ସମ୍ପାଦକ ଏବଂ କ୍ରୀଡାବିତ ରବିନ୍ଦ୍ର କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ସମାଜସେବୀ ପ୍ରସନ୍ନ ସାହୁ, ସମ୍ମାନିତ ବକ୍ତା ଆଡଭୋକେଟ ଅବଦୁଲ ସଲାମ୍ ଖାଁ, ଯେରା ଭାସ୍କର ରାଓ, ଅଜିତ ମହାପାତ୍ର, ଆଇନଜୀବୀ ସୁରଜିତ ନାଥ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଆଇନଜୀବୀ ସଂଜୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଗୁରୁତର ରୋଗୀଙ୍କ ଏଣ୍ଡୋସ୍କୋପି ନ କରି ଫେରାଇଲେନି ଟଙ୍କା

# ଥାନାରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

କଟକ,୨୭ ।୧୧(ସମିସ):

ଗୁରୁତର ମହିଳା ରୋଗୀଙ୍କ ଏଣ୍ଡୋସ୍କୋପି ନ କରି ଟଙ୍କା ନ ଫେରାଇବା ଘଟଣା ଏବେ ଡିସିପିଙ୍କ ନଜରକୁ ଆସିଛି। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ମହିଳାଙ୍କର ମୃତ୍ୟୁ ଘଟିଛି। କ୍ୟାଣ୍ଟେନ୍‌ମେଣ୍ଟ ରୋଡରେ ଥିବା ବାରବାଟି ଆନେକ୍ସରେ ଏଭଳି ଘଟଣା ଘଟିଥିଲା। ନିଜର ଗୁରୁତର ପତ୍ନୀଙ୍କ ପ୍ରତି ସେଠାକାର ଡାକ୍ତର ଚରମ ଅବହେଳା କରିଥିବା ବେଳେ ପ୍ରତିବାଦ କରିବାରୁ ତାଙ୍କ ପ୍ରତି ସେଠାକାର କର୍ମଚାରୀମାନେ ଦୁର୍ବ୍ୟବହାର କରିଥିଲେ। ଏହାର ପ୍ରତିବାଦରେ ତାଙ୍କ ସ୍ୱାମୀ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ସତ୍ତ୍ୱେ ଗତ ନଭେମ୍ବର ୩ ତାରିଖରୁ ଆଜି ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଏହାକୁ ନେଇ ଗୁରୁତର ମହିଳାଙ୍କ ସ୍ୱାମୀ ତଥା ଓଡ଼ିଶା ବୋଡର୍ ଅଫ ୱାକଫ୍‌ର ପ୍ରାକ୍ତନ ଚେୟାରମ୍ୟାନ ସୈୟଦ୍ ଏକ୍ରାମ ହୁସେନ ଡିସିପିଙ୍କୁ ଭେଟିଥିଲେ। ଏ ସଂକ୍ରାନ୍ତରେ ଏକ ଅଭିଯୋଗପତ୍ର ଡିସିପିଙ୍କୁ ପ୍ରଦାନ କରି ଶ୍ରୀ ହୁସେନ ନ୍ୟାୟ ପାଇବା ପାଇଁ ନିବେଦନ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ ଓଡ଼ିଶା ବୋଡର୍ ଅଫ ୱାକଫ୍‌ର ପ୍ରାକ୍ତନ ଚେୟାରମ୍ୟାନ ସୈୟଦ୍ ଏକ୍ରାମ ହୁସେନ ନିଜର ଧର୍ମପତ୍ନୀଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଏଣ୍ଡୋସ୍କୋପି କରିବା ପାଇଁ ବାରବାଟି ଆନେକ୍ସକୁ ନେଇଥିଲେ। ଚଳିତ ମାସ ୩ ତାରିଖରେ ଦୀର୍ଘ ସମୟଧରି ଏଣ୍ଡୋସ୍କୋପି କରିନପାରି ରୋଗୀ ଅପେକ୍ଷା କରି ରହିଥିଲେ। ଏସସିବି ମେଡିକାଲରୁ ଡାକ୍ତର ଆସି ଏଣ୍ଡୋସ୍କୋପି କରିବେ ବୋଲି କୁହାଯାଇଥିଲା। ଦୀର୍ଘ ସମୟଧରି ଅପେକ୍ଷା ଫଳରେ ତାଙ୍କର ପତ୍ନୀଙ୍କ ଅବସ୍ଥା ଗୁରୁତର ହେବାରୁ ଶ୍ରୀ ହୁସେନ ସେଠାରେ ଏଣ୍ଡୋସ୍କୋପି ନ କରି ଫେରିଯିବାକୁ କହିବାରୁ ଏବଂ ଦାଖଲ କରିଥିବା ଟଙ୍କା ଫେରସ୍ତ ମାଗିବାରୁ ସେଠାକାର କର୍ମଚାରୀମାନେ ଟଙ୍କା ନ ଫେରାଇ ଓଲଟା ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାର ପ୍ରତିବାଦ କରି ଗତ ନଭେମ୍ବର ୩ ତାରିଖ ଦିନ ମଙ୍ଗଳାବାଗ ଥାନାରେ ସେ ବାରବାଟି ଆନେକ୍ସ ବିରୁଦ୍ଧରେ ଅଭିଯୋଗ କରିଥିଲେ। ମାତ୍ର ପରିତାପର ବିଷୟ ସେଠାରେ ନ୍ୟାୟ ମିଳିବା ପରିବର୍ତ୍ତେ ତଦନ୍ତ କାରି ଅଧିକାରୀ ଶ୍ରୀ ହୁସେନଙ୍କ ଗୁରୁତର ପତ୍ନୀଙ୍କ ବୟାନ ରେକର୍ଡ କରିବାକୁ କହିଥିଲେ। ମାତ୍ର ସେ ଗୁରୁତର ଥିବାରୁ କୌଣସି ବୟାନ୍ ଦେବାକୁ ଅସମର୍ଥ ଥିବା କହିବା ସତ୍ତ୍ୱେ ତଦନ୍ତକାରୀ ଅଧିକାରୀ ବିନା ବୟାନ ରେକର୍ଡରେ ନ୍ୟାୟ ମିଳିବା ସମ୍ଭବ ନୁହେଁ ବୋଲି ଜଣାଇଥିଲେ। କେବଳ ଅଭିଯୋଗ ପଞ୍ଜୀକରଣ କରି ୩ ତାରିଖରୁ ଆଜି ଯାଏଁ ତଦନ୍ତକାରି ଅଧିକାରୀ କୌଣସି ପଦକ୍ଷେପ ନେଇନଥିଲେ। ଇତିମଧ୍ୟରେ ଗତ ୧୭ ନଭେମ୍ବର ଶ୍ରୀ ହୁସେନଙ୍କ ଧର୍ମ ପତ୍ନୀଙ୍କ ଦେହାନ୍ତ ହୋଇଯାଇଥିଲା। ଅଭିଯୋଗକ୍ରମେ ଡିସିପି ଶ୍ରୀ ଦ୍ୟାନଦେଓ ଘଟଣାକୁ ଗୁରୁତର ସହ ଗ୍ରହଣ କରି ଉପଯୁକ୍ତ ନ୍ୟାୟ ପ୍ରଦାନ ସହ ବାରବାଟି ଆନେକ୍ସର କାଗଜପତ୍ର ଯାଞ୍ଚ୍ ହେବ ଏବଂ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ମଙ୍ଗଳାବାଗ ଥାନାର ତଦନ୍ତକାରୀ ଅଧିକାରୀଙ୍କ ଉପରେ ଖପ୍ପା ହୋଇଥିବା ଏକ ନିଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି।

**ଡିସିପି ଖପ୍ପା: ବଦଳି ପାରନ୍ତି ଆଇଓ !**



## ଗଞ୍ଜେଇ ଚୋରା ଚାଲାଣରେ ରାଜ୍ୟ ବାହାର ଯୁବଗୋଷ୍ଠୀ

# ୮ ମାସରେ ଗିରଫ ହେଲେଣି ୪୮



▶ ମାଧ୍ୟମ ପାଲଟିଛି ରେଳଷ୍ଟେସନ
▶ ୧୯ ରୁ ୩୦ ବର୍ଷ ଭିତରେ ରହିଛନ୍ତି ଉଚ୍ଚ ଶିକ୍ଷିତ

କୋରାପୁଟ,୨୭।୧୧(ସମିସ): କୋରାପୁଟ ଜିଲ୍ଲା ଗଞ୍ଜେଇର ଚାହିଦା ସାରା ଦେଶରେ ରହିଛି। ତେଣୁ ଦିଲ୍ଲୀ, ବିହାର, କେରଳ, ପଣ୍ଡିଚେରୀ, ୟୁପି, ତାମିଲନାଡୁ, ଝାଡଖଣ୍ଡ ଏବଂ ମହାରାଷ୍ଟ୍ରକୁ ଚାଲାଣ ହେଉଛି କୋରାପୁଟର ଗଞ୍ଜେଇ। ଗଞ୍ଜେଇ ଚାଲାଣର ମାଧ୍ୟମ କୋରାପୁଟର ରେଳପଥ ପାଲଟିଥିବା ବେଳେ ଚାଲାଣକାରୀ ସାଜିଛନ୍ତି ବାହାର ରାଜ୍ୟର ବହୁ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ। ପୂର୍ବରୁ ନଜିର ରହିଛି ଆମ୍ବୁଲାନ୍ସ, କଣ୍ଟେନର, ଟ୍ରକ୍, ବସ ଓ ଦାମୀ କାରରେ ଗଞ୍ଜେଇ ଚାଲାଣ ହେବା। ଭିନ୍ନ ଭିନ୍ନ ଥାନାରେ ପୁଲିସ ବି ଜବତ କରିଛି ଗଞ୍ଜେଇ। ସବୁବେଳେ ଡ୍ରାଇଭର ଓ ଏସ୍କର୍ଟ ଫସୁଥିବା ବେଳେ ମାଷ୍ଟର ମାଇଣ୍ଡ ପଛରେ ରହି ଯାଉଥିଲେ। ଏବେ କିନ୍ତୁ ପୋଲିସକୁ ଚକମା ଦେବା ପାଇଁ ମାଷ୍ଟରମାଇଣ୍ଡ ମାଫିଆ ମାନେ ନୂଆ ତରିକା ଆପଣାଉଛନ୍ତି, ଯାହାକି ୧୮ ରୁ ୩୦ ବର୍ଷର ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ପର୍ଯ୍ୟଟକ ବା ଯାତ୍ରୀ ହୋଇ ଆସୁଛନ୍ତି, ଲଗେଜରେ ଗଞ୍ଜେଇ ନେଇ ଫେରୁଛନ୍ତି। ଆଉ ଧରା ପଡିଲେ ବନ୍ଧା ହେଉଛନ୍ତି। ତଥ୍ୟ ଦେଖିଲେ ଗତ ଜାନୁଆରୀ ମାସରୁ ଏବେ ପର୍ଯ୍ୟନ୍ତ ବାହାର ରାଜ୍ୟର ୮ ଯୁବତୀ, ୪୦ ଯୁବକ ଗିରଫ କରି ଜେଲ ପଠାଇଛି ଜିଆରପି। ସେମାନଙ୍କ ଠାରୁ ୩୪୩ କେଜି ଗଞ୍ଜେଇ ମଧ୍ୟ ଜବତ ହୋଇଛି। ଶିକ୍ଷିତ ଯୁବକ ଓ ଯୁବତୀ ମାନେ ସହଜରେ ଅର୍ଥ ଉପାର୍ଜନ ପାଇଁ କୋରାପୁଟ ରେଳପଥକୁ ଏବେ ମାଧ୍ୟମ କରିଛନ୍ତି। କିରଣ୍ଡୁଲ ବିଶାଖାପାଟଣାମ ଟ୍ରେନ୍‌ରେ ବିଶାଖାପାଟଣା ଯାଇ ସେଠାରୁ ୟୁପି, ତାମିଲନାଡୁ, ମହାରାଷ୍ଟ୍ର ଓ ଝାଡଖଣ୍ଡ ଭଳି ରାଜ୍ୟକୁ ଯାଉଥିବା ବେଳେ କୋରାପୁଟ ରାୟଗଡା ଦେଇ ଯାଉଥିବା ଟ୍ରେନରେ ଦିଲ୍ଲୀ ଯାଉଥିବା ସୂଚନା ରହିଛି। ସେମାନଙ୍କ ଭିତରେ ୧୦ମ ପାସ ଠାରୁ ଆରମ୍ଭ କରି ବିଟେକ,ଆଇଟିଆଇ ଏବଂ କଲେଜ ପଢୁଆ ମଧ୍ୟ ରହିଛନ୍ତି। କୋରାପୁଟ ଶିଳାବତୀ ଗଞ୍ଜେଇର ବିଭିନ୍ନ ରାଜ୍ୟରେ ବିଭିନ୍ନ ଦର ରହିଛି। ତେବେ ଚାଲାଣକାରୀ କେଜି ପ୍ରତି ୧ ହଜାରରୁ ୧୫ଶହ ଟଙ୍କାରେ କିଣି ୧୦ ହଜାରରୁ ଅଧିକ ଦରରେ ବିକ୍ରି କରୁଛନ୍ତି। ଅନ୍ୟପଟେ ଯଦି ୧୦ ଗ୍ରାମ ପ୍ୟାକେଟ କରି ୫ ଶହ ଟଙ୍କା ଦରରେ ବିକ୍ରି କରୁଛନ୍ତି। ସୂଚନା ଅନୁଯାୟୀ, କୋରାପୁଟ ଜିଆରପି ଥାନାରେ ୨୦୨୪ ମସିହାରେ ୧୭ଟି ଗଞ୍ଜେଇ ମାମଲା ରୁଜୁ ହୋଇଥିବା ବେଳେ ଚଳିତବର୍ଷ ୯ ମାସ ଭିତରେ ୩୩ଟି ମାମଲା ରୁଜୁ କରି ୪୮ ଜଣଙ୍କୁ ଗିରଫ କରିଛି ଜିଆରପି। ଏଥିରେ ୮ ଜଣ ମହିଳା, ୪୦ ଜଣ ଛାତ୍ର ଏବଂ ଅନ୍ୟ ୯ ଜଣ ମାଷ୍ଟରମାଇଣ୍ଡକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରଶ୍ନ ଉଠୁଛି ଯଦି କୋରାପୁଟ, ଜୟପୁର, ପାଡୁଆ ଅଞ୍ଚଳରୁ ୪୮ ଧରାପଡିଛନ୍ତି କିନ୍ତୁ ଅନେକ ଖସି ଯାଇଛନ୍ତି ବୋଲି ଅନୁମେୟ। ଅର୍ଥ ଉପାର୍ଜନର ମାଧ୍ୟମ ଏବେ ଗଞ୍ଜେଇ ପାଲଟିଥିବା ବେଳେ ଧରାପଡିଲେ ବର୍ଷ ବର୍ଷ ଧରି ଜେଲ ଭୋଗୁଛନ୍ତି ଶିକ୍ଷିତ ଯୁବକ ଯୁବତୀ। ତେଣୁ କିଏ କିଣୁଛି ଓ କାହା ଇଙ୍ଗିତରେ ଲମ୍ବିଛି ଏ ଆର୍ନ୍ତରାଜ୍ୟ ଗଞ୍ଜେଇ ଚେର ଉପାଡିବା ପାଇଁ ଦାବି କରୁଛନ୍ତି ବୁଦ୍ଧିଜୀବୀ। ଏ ନେଇ କୋରାପୁଟ ଜିଆରପି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷୀ ମହନ୍ତ କହିଛନ୍ତି ଯୁବକ ଯୁବତୀ ମାନେ ଟୁରିଷ୍ଟ ହିସାବରେ କୋରାପୁଟ ବୁଲିବାକୁ ଆସି ଗଞ୍ଜେଇ ନେଇ ଯିବା ସମୟରେ ଧରା ପଡୁଛନ୍ତି। କମ୍ ବୟସରେ ଅଧିକ ଟଙ୍କା ରୋଜଗାର କରିବାର ଲୋଭ ସେମାନଙ୍କ କ୍ୟାରିୟର ନଷ୍ଟ କରି ଦେଉଛି ବୋଲି ସେ କହିଛନ୍ତି। ଗଞ୍ଜେଇ ଚୋରାଚାଲାଣର କିଛି ମାଷ୍ଟର ମାଇଣ୍ଡଙ୍କୁ ଜିଆରପି ଧରିଛି। ଆଗାମୀ ଦିନରେ ଟ୍ରେନ୍‌ରେ ଚେକିଂ ଆହୁରି କଡାକଡି କରାଯିବ ବୋଲି ସେ କହିଛନ୍ତି।

## ମାଁ ଧନଲକ୍ଷ୍ମୀ ପୂଜା ଆରମ୍ଭ

କଲ୍ୟାଣସିଂହପୁର,୨୭।୧୧(ସମିସ): କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାର ହନୁମାନ ଜଙ୍ଗସନ କ୍ଲବ୍‌ର ପୂଜା କମିଟି ଆନୁକୂଲ୍ୟରେ ମାଣବସା ଗୁରୁବାର ଧନଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ମଣ୍ଡଳ, ସୂର୍ଯ୍ୟ ପୂଜା, ମା ଲକ୍ଷ୍ମୀଙ୍କ ଆବାହନ,ହୋମ ଇତ୍ୟାଦି ପୂଜା ଆରମ୍ଭ କରାଯାଇଛି। ଚଳିତ ମାସ ୨୭ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ପୂଜା ହେଉଥିବା ଜଣାପଡିଛି। ସନ୍ଧ୍ୟାରେ କଳସ ଯାତ୍ରାରେ ରାସ୍ତା ପରିକ୍ରମା କରି ସ୍ଥାନୀୟ ନାଗାବଳୀ ଓ କଲ୍ୟାଣୀ ନଦୀ ସଙ୍ଗମ ସ୍ଥଳରୁ ଜଳ ଉଠାଇ ସ୍ଥାନୀୟ ପୁରୋହିତ ବାପିନ ମିଶ୍ରଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଗଙ୍ଗାଙ୍କୁ ଆହ୍ୱାନ କରି କଳସରେ ସୁବାସିତ ଜଳ ନେଇ ଅସ୍ଥାୟୀ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ବାଜାବାଜଣା ବଜାଇ ବାଣ ଫୁଟାଇ ଶଙ୍ଖ ଧ୍ୱନୀ କରି ଜଗନ୍ନାଥ ମନ୍ଦିରରେ ଥିବା ମା'ଲକ୍ଷ୍ମୀ ଠାକୁରାଣୀଙ୍କ ଠାରୁ ଆଜ୍ଞାମାଳ ନେଇ ଅସ୍ଥାୟୀ ମଣ୍ଡପରେ ପୂଜା ଆରମ୍ଭ କରିଥିଲେ। ମେଢ଼, ତୋରଣ ଓ ଆଲୋକରେ ପୂଜାମଣ୍ଡପକୁ ସୁସଜିତ କରାଯାଇଛି। ୨୭ ତାରିଖ ସନ୍ଧ୍ୟାରେ ୩୦୦୧ ଦୀପ ଯଜ୍ଞ, ଡିସେମ୍ବର ୬ ତାରିଖ ଦିନ ଅନ୍ନ ପ୍ରସାଦ ଭକ୍ତଙ୍କ ପାଇଁ ହୋଇଥିବା ସୂଚନା ମିଳିଛି।୨୮ ତାରିଖରୁ ଅପେରା ଯାତ୍ରା ସମ୍ରାଟ ପୃଥିବୀରାଜ ଡସେମ୍ବର ୩ ତାରିଖ ପର୍ଯ୍ୟନ୍ତ ଟିକଟ ସୋ'ରେ ଆୟୋଜନ ହେବ। ଭସାଣି ଉତ୍ସବ ୮ତାରିଖରେ ୫ଘଣ୍ଟିକା ସମୟରେ କରାଯିବ ବୋଲି ଜଣାପଡିଛି। ଏହି ପୂଜା ଦେଖିବା ପାଇଁ ବ୍ଲକର ବହୁ ଭକ୍ତଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳେ। ଏଥିରେ ପୂଜା କମିଟ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଛନ୍ତି।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଗୁଡାରି, ୨୭।୧୧ (ସମିସ): ଗୁଡାରୀ ବ୍ଲକ୍ ଏଲ୍‌ଏଲ୍‌ଏଲପୁର୍ ପ୍ରାଥମିକ ସେବାଶ୍ରମ ଠାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ଦିଲୀପ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଗତ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବିଦାୟକାଳୀନ ସମ୍ବର୍ଦ୍ଧନାରେ ମୁଖ୍ୟ ଅତିଥି ଭାବେ ଗୁଡାରୀ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା , ମୁଖ୍ୟବକ୍ତା ଭାବେ ସାଧନ କର୍ମୀ ଅବନୀ କାନ୍ତ ହରିଚନ୍ଦନ , ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା ଷ୍ଟିଫେନସନ୍ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ଖାଡ଼ଙ୍ଗା, ତ୍ରିନାଥ ମିଶ୍ର, ଶିକ୍ଷକ ନଗେନ୍ଦ୍ର ପୁରୋହିତ, ରିଲିଫ ତ୍ରିପାଠୀ, ଗ୍ରାମବାସୀ ଗଙ୍ଗାଧର ଶବର ଓ ସଭାପତି ରୂପେ ବିଦ୍ୟାଳୟ ପରିଚାଳନ କମିଟି ସଭାପତି ମହେନ୍ଦ୍ର ଶବର ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ମଞ୍ଚାସୀନ ଅତିଥିଙ୍କ ଅଭିଭାଷଣ ପରେ ବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ମିଶ୍ର, ନଗେନ୍ଦ୍ର ପୁରୋହିତ ଓ ଅଶ୍ୱନୀ କୁମାର ଖାଡ଼ଙ୍ଗାଙ୍କୁ ଗୀତା, ଛତା, ଉପହାର ତଥା ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ତଥା ବିଦ୍ୟାଳୟ ପରିଚାଳନ କମିଟି ସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

● ଡାକ୍ତରଙ୍କ ଆନ୍ଦୋଳନକୁ ସପ୍ତାହ ବିତିଲା

# କଳା ପୋଷାକ ପରିଧାନ କରି ପ୍ରତିବାଦ



କୁନ୍ଦୁରା, ୨୭।୧୧(ସମିସ): କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବିଭିନ୍ନ ଦାବି ନେଇ କଳା ପୋଷାକ ପରିଧାନ କରିଛନ୍ତିକାର୍ଯ୍ୟରତଡାକ୍ତରମାନେ।ହେଲେଆନ୍ଦୋଳନକୁସପ୍ତାହବିତିଲାଣି।କୌଣସିପଦକ୍ଷେପନେଉନାହାନ୍ତି ସରକାର। ଏଣୁ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ ଆନ୍ଦାଳନ ଚେତାବନୀ ଦେଇଛନ୍ତି ମେଡିକାଲ୍ ସେବା ସଂଘ। ଓଡ଼ିଶା ମେଡିକାଲ୍‌ସେବା ସଂଘ ପକ୍ଷରୁ ଦିଆଯାଇଥିବା ଡାକରାରେ କେନ୍ଦ୍ରୀୟ ଡିଏସିପି ଏଥିରେ ଆଡ୍- ହକ୍ ଏବଂ ଚୁକ୍ତିନାମା ଅବଧି ଅନ୍ତର୍ଭୁକ୍ତ, କ୍ୟାଡର୍ ପୁନର୍ଗଠନ, କେବିକେ ଏକ୍ଜିଟ ନୀତି, କାର୍ଯ୍ୟସ୍ଥଳରେ ସୁରକ୍ଷା, ସ୍ୱାସ୍ଥ୍ୟବୀମା, ନିୟମିତ ଡିପିସି, ସମସ୍ତ ପ୍ରକାର ଭତ୍ତାରେ ସଂଶୋଧନ ଆଦି ୧୮ ଦଫା ଦାବି ରଖାଯାଇଛି। ଏ ସବୁ ଦାବି ପୂରଣ ପାଇଁ ଗତ ୨୦ ତାରିଖ ଠାରୁ କଳା ବ୍ୟାଜ୍ ପରିଧାନ କରିଛନ୍ତି। ମାସେ ପର୍ଯ୍ୟନ୍ତ ଏଭଳି କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ। ଏହା ଭିତେର ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ, ପରବର୍ତ୍ତୀ ସମୟରେ କେବଳ ଜରୁରୀ ସ୍ୱାସ୍ଥ୍ୟସେବା ଜାରି ରହିବ, ଓପିଡି ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗଣେଶ ପ୍ରସାଦ ଦାସ। ଆଜି କାର୍ଯ୍ୟରତ ଡାକ୍ତର ଶ୍ରୀ ଦାସଙ୍କ ସମେତ ଡାକ୍ତର ଦେବାଶିଷ ମହାରଣା, ଜୟପ୍ରକାଶ, ଅରବିନ୍ଦ ପଣ୍ଡା ଓ ହରିଶ୍ଚନ୍ଦ୍ର ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ୨୮ରେ ବ୍ୟାଙ୍କ ଜମାରାଶି ସୁରକ୍ଷା ସଚେତନତା ଶିବିର

ନନ୍ଦପୁର,୨୭।୧୧ (ସମିସ): ଚଳିତ ମାସ ୨୮ ତାରିଖ ତଥା ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟା ରେ କୋରାପୁଟ ସହରର ସଦ୍‌ଭାବନା ହଲରେ 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ଅନଷ୍ଠିତ ହେବ। ଶିବିରରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଦିଆଯିବ। ଜନସାଧାରଣ ନିଜପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ବ୍ୟାଙ୍କ ଓ ଅଧିକାରୀ ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ବୋଲି ଷ୍ଟେଟବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସୁବାସ ଚନ୍ଦ୍ର ବେହେରା ଓ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଦେବେନ୍ଦ୍ର କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ



ଲମତାପୁଟ,୨୭।୧୧,(ସମିସ): ଗତ ବୁଧବାର କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଲମତାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଲମତାପୁଟ ବ୍ଲକ ବିଡିଓ ଜୟନ୍ତ କୁମାର ମେହେର, ସମ୍ମାନିତ ଅତିଥି ଜିଲ୍ଲାପରିଷଦ ପୂର୍ଣଚନ୍ଦ୍ର ପାଙ୍ଗି, ବିଜେପି ମହିଳା ସଭାନେତ୍ରୀ ରଞ୍ଜିତା ଖରା ଯୋଗ ଦେଇଥିଲେ। ମୋଟ ୧୦୨ ଗୋଟି ପ୍ରୋଜେକ୍ଟ ପ୍ରଦର୍ଶନ ହୋଇଥିଲା। ସେଥିମଧ୍ୟରୁ ୪୪ଟି ପ୍ରୋଜେକ୍ଟ ଛାତ୍ରମାନେ ପ୍ରଦର୍ଶନ କରିଥିବା ବେଳେ ଏବଂ ୫୮ ଟି ଛାତ୍ରୀମାନେ ପ୍ରଦର୍ଶନ କରିଥିଲେ। ମେଳାରେ ମୋଟ ୪୨ଟି ବିଦ୍ୟାଳୟ ଭାଗ ନେଇଥିଲେ ଏବଂ ୪୨ ଜଣ ଗାଇଡ୍ ଟିଚର ଏବଂ ୨୭ ଜଣ ବିଚାରକ ଉପସ୍ଥିତ ଥିଲେ। ଏହି ମେଳାରେ ବ୍ଲକର ଅଧିକାଂଶ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀ ଦିନେଶ କୁମାର କିସ୍କଙ୍କ ପରିଚାଳନାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଖ୍ରୀଷ୍ଟଦାନ ସୁନା ଏବଂ ଶିବାନୀ ମୁଦୁଲି, ୪ ଜଣ ସିଆରସିସି ସନାତନ ନାଥ, ସୁଲେମାନ ଶବର, ଅଜୟ କୁମାର ଖଣ୍ଡପାଣି, ବରଦା ପ୍ରସାଦ ସ୍ୱାଇଁ, ମିସିଙ୍ଗପୁଟ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ସାଗର କୁମାର ବେହେରା, ଲମତାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେନିଆ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀଙ୍କୁ ମୋଟ ୨୭ ଟି ପ୍ରୋଜେକ୍ଟ ଉପରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ୭ ଜଣ ପ୍ରଥମ ପୁରସ୍କାର ବିଜେତାଙ୍କୁ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ମନୋନୀତ କରାଯାଇଛି। ଲମତାପୁଟ ହାଇସ୍କୁଲର ଖେଳ ଶିକ୍ଷକ ରବି ନାରାୟଣ ସାମଲ ମଞ୍ଚ ପରିଚାଳନା କରିଥିଲେ।

## ଓଡ଼ିଆ ପାଠ୍ୟକ୍ରମ ରୂପରେଖ ଦିଗଦର୍ଶନ କାର୍ଯ୍ୟକ୍ରମ

### ୭ଟି ଜିଲ୍ଲାର ୨୬୨ଟି ସାଧନକର୍ମୀଙ୍କ ଯୋଗଦାନ



ଜୟପୁର ୨୭ ।୧୧(ସମିସ):

ରାଜ୍ୟରେ ନୂତନ ଶିକ୍ଷାନୀତି ଅନୁଯାୟୀ, ଓଡିଆ ପାଠ୍ୟକ୍ରମର ରୂପରେଖ ଓ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ନିମନ୍ତେ ୭ଟି ଜିଲ୍ଲାର ୨୬୨ଟି ମୁଖ୍ୟ ସାଧନ କର୍ମଙ୍କୁ ତାଲିମ ତଥା ଦିଗଦର୍ଶନ କାର୍ଯ୍ୟକ୍ରମ ଆଜି ସହରର ଦୁଇଟି ହୋଟେଲର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ହୋଇଥିଲା। ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ବୈଷୟିକ ଗବେଷଣା କେନ୍ଦ୍ର ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଆୟୋଜିତ ଏହି ଦିଗଦର୍ଶନ କାର୍ଯ୍ୟକ୍ରମ ଆସନ୍ତା ଆଜି ଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜି ଏହି କାର୍ଯ୍ୟକ୍ରମକୁ ଜୟପୁର ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ଜଳନ ସହିତ ଉଦଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଡ.ରୂପଚନ୍ଦ୍ର ସୋରନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ରିସୋର୍ସ ପର୍ସନ ତଥା ପ୍ରଶିକ୍ଷକ ମାନେ ଯୋଗଦେଇ କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି, ଗଞ୍ଜାମ, ଗଜପତି ଏବଂ କଳାହାଣ୍ଡି ଜିଲ୍ଲାରୁ ଆସିଥିବା ୨୬୨ ଜଣ ରିସୋର୍ସପର୍ସନଙ୍କୁ ତାଲିମ ତଥା ଦିଗଦର୍ଶନ ଦେଇଥିଲେ। ଏଠାରୁ ତାଲିମ ଗ୍ରହଣ କରିବା ପରେ ସେମାନେ ନିଜ ନିଜ ଜିଲ୍ଲା ରିସୋର୍ସ ପେରସନ ମାନଙ୍କୁ ତାଲିମ ପ୍ରଦାନ କରିବେ। ଏହି ଅବସରରେ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତ ଅପେପାର ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା, ମାଧ୍ୟମିକ ଶିକ୍ଷା ପରିଷଦର ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଏକାଡେମିକ ଅଧିକାରୀ ଡ.କିଶୋର ଚନ୍ଦ୍ର ମହାନ୍ତି, ଜୟପୁର ଡିଆଇଇଟିର ବରିଷ୍ଠ ପ୍ରଶିକ୍ଷକ ଉମାକାନ୍ତ ବାଇପାଇ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଡ. ଭରତ ପଣ୍ଡା,. ଭବାନୀପାଟଣା ଡିଆଇଟିର ବରିଷ୍ଠ ପ୍ରଶିକ୍ଷକ ଇଶ୍ୱର ଚନ୍ଦ୍ର ବେହେରା, ଗଞ୍ଜାମ ଜିଲ୍ଲା ଆସିକା ବିଜ୍ଞାନ ମହାବିଦ୍ୟାଳୟର ଓଡିଆ ବିଭାଗକ ଅଧାପକ ଡ.ଅଜିତ କୁମାର ମୁନୀ, କୋରାପୁଟ ଜିଲ୍ଲା ଗଡପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡା, ବରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ହିନ୍ଦି ବିଭାଗର ମୁଖ୍ୟ ଦିଲ୍ଲୀପ କୁମାର ସାଠୁଆ, ଡିଟିଇ ଏବଂ ଏସସିଇଆରଟିର ସରକାରୀ ନିର୍ଦ୍ଦେଶକ ଭାରତୀ ଟୁଡୁ, ବରଗଡ ଡିଆଇଇଟି ଆଜାଦ ଶେଖର ପ୍ରଧାନ, ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଜାମରଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ. ପ୍ରଦୀପ କୁମାର ମିଶ୍ର, ପୁରୀ ଜିଲ୍ଲା ନିମାପଡା ବ୍ଲକ ଭଗବତୀପୁର ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଇଶ୍ୱର ଚନ୍ଦ୍ର ନାୟକ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ନେଇଥିଲେ।

## ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଖଇରପୁଟ,୨୭ ।୧୧(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଣ୍ଡିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଅମର ଜ୍ୟୋତି ଫାଉଣ୍ଡେସନ ଓ ରେକୀଟ୍ ଇଣ୍ଡିଆର ମିଳିତ ଉଦ୍ୟମରେ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲିପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ କୁମାର ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଶିକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର ପ୍ରଧାନ ଏବଂ ସମସ୍ତ ସିଆରସିସି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ବ୍ଲକର ୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଥମେ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ନିସ୍ୱାର୍ଥପର ପର ଭାବେ କାର୍ଯ୍ୟ କରିବାକୁ ବିଇଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ଜିଲ୍ଲା ପ୍ରକଳ୍ପ ସଂଯୋଜକ ତାପସ ହୋତା ଏବଂ କନ୍ଧମାଳ ଜିଲ୍ଲା ସଂଯୋଜକ ଅର୍ଜୁନ କର୍ମୀ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ଗୋଷ୍ଠୀ ପ୍ରଶିକ୍ଷଣ ବିନ୍ଦୁ ଖମାରି, ଯୋଗ୍ୟତା ପୂଜାରୀ, ଲକ୍ଷ୍ମଣ କିର୍ଷାନୀ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ସରକାର ଏପରି ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ମହିଳା ସ୍ନାତକ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ




ନବରଙ୍ଗପୁର,୨୭।୧୧ (ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶାନୁସାରେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ "ସମ୍ବିଧାନ ଦିବସ" ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ୍‌କ୍ରସର ସଂଯୁକ୍ତ ଆୟୋଜନରେ ପାଳିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ମାଳେଶ୍ୱରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପାଦିତ ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଂଯୋଗରେ ନୈତିକ ଆଇନ ସେବା ଏବଂ ସମ୍ବିଧାନ ବୈଷୟିକ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା କୋର୍ଟର ଲିଗାଲ ଏଇଡ୍ ସେକ୍ରେଟାରୀ ଶାଶ୍ୱତୀ ମିଶ୍ର ସମ୍ବିଧାନର ପ୍ରସ୍ତାବନାର ପ୍ରତ୍ୟେକ ଶବ୍ଦର ଗୁରୁତ୍ୱକୁ ସହଜ ଭାବରେ ବ୍ୟାଖ୍ୟା କରିଥିଲେ। ନବରଙ୍ଗପୁର ଜିଲ୍ଲା ବାର ଅସୋସିଏସନର ସଭାପତି ସିରାଜ ଉଦ୍ଦିନ ଅହମଦ, ଉପସଭାପତି ସଦାଶିବ ସାହୁ ଉପସ୍ଥିତ ଥାଇ ଛାତ୍ରୀମାନଙ୍କ ମଧ୍ୟରେ ସମ୍ବିଧାନ ସଚେତନତା ବିକାଶ, ଏବଂ ଦୈନନ୍ଦିନ ଜୀବନରେ ସମ୍ବିଧାନର ମୂଲ୍ୟବୋଧକୁ କାର୍ଯ୍ୟକାରୀ କରିବା ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ କାଉନ୍‌ସେଲର ରାଜକିଶୋର ନାଗ, ପାନେଲ ଲୟର କିଶୋରୀ ପଟ୍ଟନାୟକ ଛାତ୍ରୀମାନଙ୍କୁ ସମ୍ବିଧାନର ମୁଖବନ୍ଧ-ଶପଥ ପାଠ କରାଇଥିଲେ। ସମଗ୍ର କାର୍ଯ୍ୟକ୍ରମଟିକୁ ରାଜନୀତି ବିଭାଗର ବିଭାଗୀୟ ମୁଖ୍ୟ ନୃପେନ୍ଦ୍ର ନାଥ ଖୋସଲା ପରିଚାଳନା କରିଥିଲେ। ଶେଷରେ ଡ. ଏମ୍ ରୋହିଣୀ ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିନୋଦ ବିହାରୀ ପ୍ରଧାନ, ଡ. ସଂଯୁକ୍ତା ପଣ୍ଡା, ରଞ୍ଜୁଷା କୁମାରୀ ପ୍ରହରାଜ, ତାଇରା ବେଗମ, ସୁନିତା ପାତ୍ର, ଲକ୍ଷ୍ମୀକାନ୍ତ ସୌରା, ତାରାନୁମ୍ ଆରା ସହଯୋଗ କରିଥିଲେ।

## ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ଉମରକୋଟ,୨୭।୧୧ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନି ପଞ୍ଚାୟତ ଗୁଚା ଗୁଡା ଠାରେ ବେକେରୀ ଉତ୍ପାଦ ପ୍ରସ୍ତୁତି ଏବଂ ଏହାର ପ୍ୟାକେଜିଂ ଉପରେ ଦୁଇ ଦିନିଆ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୪୯ ଜଣ ଅଂଶ ଗ୍ରହଣକାରୀ ଯୋଗ ଦେଇଥିଲେ। ୬ ଜଣ ପୁରୁଷ ଏବଂ ୪୩ ଜଣ ମହିଳା ଅଂଶ ଗ୍ରହଣକାରୀ ଥିଲେ। ମହିଳା ଅଂଶ ଗ୍ରହଣକାରୀ ମାନେ ମୁଖ୍ୟତଃ ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀରୁ ଥିଲେ। ଅଂଶ ଗ୍ରହଣକାରୀଙ୍କ ମଧ୍ୟରୁ ୪ ଜଣ ଅନୁସୂଚିତ ଜାତି ବର୍ଗର, ୪୧ ଜଣ ଅନୁସୂଚିତ ଜନଜାତି ବର୍ଗର ଏବଂ ୪ ଜଣ ଅନ୍ୟାନ୍ୟ ପଛୁଆ ବର୍ଗ ବର୍ଗର ଥିଲେ। ତାଲିମରେ ମୌଳିକ ବେକରି ସାମଗ୍ରୀ, ସରଳ ପ୍ୟାକେଜିଂ କୌଶଳ ଏବଂ ଗ୍ରାମସ୍ତରୀୟ ୟୁନିଟ୍ ପାଇଁ ଉପଯୁକ୍ତ ଉଦ୍ୟୋଗୀ ଅଭିମୁଖୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ନବରଙ୍ଗପୁର ରେଳ ଜମି ଅଧିଗ୍ରହଣ କାର୍ଯ୍ୟ ତୁରନ୍ତ ଶେଷ ହେଉ: ବଳଭଦ୍ର ମାଝୀ



ନବରଙ୍ଗପୁର,୨୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ଦିଶା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଯୁଗ୍ମ ନିର୍ଦ୍ଦେଶକ ବିମ୍ବାଧର ସେଠୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ରାଜ୍ୟସଭା ପ୍ରତିନିଧି କାଜମ ମାଦାନି, ନବରଙ୍ଗପୁର ବିଧାୟକ ପ୍ରତିନିଧି ମୃତ୍ୟୁଞ୍ଜୟ ମହାର, ଝରିଗାଁ ବିଧାୟକ ପ୍ରତିନିଧି ଗୋବିନ୍ଦ ଜୈନ ଉପସ୍ଥିତ ଥିଲେ। ବୈଠକରେ ପୌରପାଳିକା ନବରଙ୍ଗପୁର ଅଧକ୍ଷ କୁନୁ ନାୟକ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ଦିସା ସଦସ୍ୟ ଜଗଦୀଶ ବିଷୋୟୀ, ଝାଡେଶ୍ୱର୍ ଖାଡ଼ାଙ୍ଗା ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଆୟୁଷ୍ମାନ କାର୍ଡ ଓ ବୟୋବନ୍ଦନା କାର୍ଡ ବିତରଣ, ସିକିଲସେଲ, ଥାଲ ସେମିଆ,ମ୍ୟାଲେରିଆ ରୋଗ,ଉଚ୍ଚ ରକ୍ତଚାପ, ମଧୁମେହ , ଯକ୍ଷ୍ମା ରୋଗର ସ୍କ୍ରିନିଂ, ନିରାକରଣ ଓ ଔଷଧ ବ୍ୟବସ୍ଥା ଉପରେ ସିଡିଏମ୍‌ଓ ଗୃହରେ କହିଥିଲେ। ଜିଲ୍ଲାରେ ମୁଦ୍ରା ଯୋଜନାର ସଫଳ ରୂପାୟନ ଏବଂ ଯେଉଁଭଳି ଅନେକ ଯୁବକ ଯୁବତୀ ଏହାର ଲାଭ ଉଠାଇ ସ୍ୱାବଲମ୍ବୀ ହୋଇ ପାରିବେ ଏବଂ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଅଧିକ ସଂଖ୍ୟାରେ ପଞ୍ଜୀକରଣ ଓ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ସାଂସଦ କହିଥିଲେ। ନବରଙ୍ଗପୁର ଜିଲ୍ଲା ଦେଇ ଯାଇଥିବା ଭାରତମାଳା ପ୍ରକଳ୍ପ ଅତିଶିଘ୍ର ସଂପୂର୍ଣ୍ଣ କରିବା ଏବଂ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀଙ୍କୁ ସାଂସଦ ଶ୍ରୀ ମାଝୀ କହିଥିଲେ। ସେଭଳି ରେଳ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ, ଟେଣ୍ଡର କାର୍ଯ୍ୟ ଶୀଘ୍ର ପଦକ୍ଷେପ ଉପରେ ସାଂସଦ ଅଧିକ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାର ୧୫୨ଟି ଗ୍ରାମ୍ୟ ପଞ୍ଚାୟତରେ ଭାରତ ନେଟ ଦ୍ୱାରା ନେଟ୍ ସୁବିଧା ସେଭଳି ସନ୍ତୋଷଜନକ ହୋଇନାହିଁ ଏବଂ ଏହା ଫେବୃଆରୀ ସୁଦ୍ଧା ପୁରା କାର୍ଯ୍ୟକ୍ଷମ କରିବାକୁ ସାଂସଦ ନିର୍ଦ୍ଦେଶ ଦେଲେ। ଯେଉଁଠି ରାସ୍ତା ଗମନାଗମନ ର ଅସୁବିଧା ରହୁଛି ଆର୍‌ଡି, ପିଡବ୍ଲୁଡି ଓ ପଞ୍ଚାୟତ ବିଭାଗ ସମନ୍ୱୟ ରଖି ଏହାର ଉଚିତ୍ ସମାଧାନ କରିବାକୁ ନିର୍ଦ୍ଦେଶ ଦେଲେ। ଗୃହରେ ଜଳ ସେଚନ, ଉଠା ଜଳସେଚନ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସେଭଳି ଗତ ୨୬ ତାରିଖରେ ଗୃହରେ ଜନପ୍ରତିନିଧି ଓ ଦିଶା ସଦସ୍ୟଙ୍କ ଦ୍ୱାରା ବିଭିନ୍ନ ବିଭାଗ ଯଥା , ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, ଶିକ୍ଷା, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ,ରାସ୍ତା ଓ ଗୃହ ନିର୍ମାଣ, ଭାରତମାଳା, ଖାଦ୍ୟ ଯୋଗାଣ, ସମାଜ କଲ୍ୟାଣ, ଦକ୍ଷତା ବିକାଶ ,ବନ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ଓ କାର୍ଯ୍ୟାନୁଷ୍ଠାନର ପଦକ୍ଷେପ ଗୃହରେ ରଖାଯାଇଥିଲା। ଗୃହରେ ନବରଙ୍ଗପୁର ଜିଲ୍ଲାରେ ବାଲ୍ୟ ବିବାହକୁ ରୋକିବା ପାଇଁ ପଦକ୍ଷେପ ସ୍ୱରୂପ ସାଂସଦ ଶିଶୁ ବିବାହ ବିରୋଧରେ ଉପସ୍ଥିତ ସମସ୍ତଙ୍କୁ ଏକ ଶପଥ ପାଠ କରାଇଥିଲେ। ଗୃହରେ ବିଭିନ୍ନ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତି ଅଧକ୍ଷ, ସରପଞ୍ଚ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଆନ୍ଦୋଳନରୁ ଓହରିଲା ଆର୍‌ଏସ୍‌ପି କଣ୍ଟ୍ରାକ୍ଟର ଆସୋସିଏସନ୍

ରାଉରକେଲା, ୨୭।୧୧(ସମିସ)



ରାଉରକେଲା ଇସ୍ପାତ କାରଖାନା କଣ୍ଟ୍ରାକ୍ଟର ଆସୋସିଏସନ୍ ପକ୍ଷରୁ ୧୩ ଦଫା ଦାବି ନେଇ ଆସନ୍ତାକାଲି ଠାରୁ କରାଯିବାକୁ ଥିବା ଦୁଇଦିନିଆ ଧର୍ମଘଟରୁ ଦାବିପୂରଣ ପାଇଁ ଆରଏସ୍‌ପି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆରଏସ୍‌ପିର ବରିଷ୍ଠ ପଦାଧିକାରୀଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ସ୍ଥଗିତ ରଖାଯାଇଛି। ଆୟୋଜିତ ଏକ ମିଳିତ ବୈଠକରେ ଆର୍‌ଏସ୍‌ପି କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ପାଣିଗ୍ରାହୀ, ଉପସଭାପତି କେ.ସି ପାଢ଼ୀ, ଉପଦେଷ୍ଟା ବିଜୟ କୁମାର ପ୍ରଧାନ ଉପସ୍ଥିତ ଥିବାବେଳେ ଆରଏସପି ପକ୍ଷରୁ ଇଡି. ତରୁଣ କୁମାର ମିଶ୍ର, ଇଡି. ବିଶ୍ୱରଞ୍ଜନ ପଲେଇ, ସିଜିଏମ ଇନ୍‌ଚାର୍ଜ ଅତିଶ ଚନ୍ଦ୍ର ଶେଖର, ସିଜିଏମ ରାଜେଶ ଦାସଗୁପ୍ତା, ସିଜିଏମ୍ ମାନସ ରଞ୍ଜନ ରଥ, ସିଜିଏମ୍ ଆଲୋକ କୁମାର ବେହେରା, ସଙ୍ଗୀତା ଏମ୍ ସିନ୍ଧୁର ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ସମୟ ଧରି ଆୟୋଜିତ ଏହି ଆଲୋଚନାରେ କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ଆଗତ ୧୩ ଦଫା ଦାବି ନେଇ ଉପସ୍ଥାପନ କରାଯାଇଥିଲା। ବିଶେଷ କରି ବାହାର ରାଜ୍ୟର ଠିକାଦାରମାନଙ୍କୁ କାର୍ଯ୍ୟ ବଣ୍ଟନରେ ଅଗ୍ରାଧିକାର ଦିଆଯାଇ ସ୍ଥାନୀୟ ଠିକାଦାରମାନଙ୍କୁ ଉପେକ୍ଷା କରାଯାଉଥିବା ନେଇ କରାଯାଇଥିବା ଅଭିଯୋଗ ଉପରେ ବିଚାର କରାଯାଇ ଏହାକୁ ଗୁରୁତର ଭାବେ ବିଚାର କରାଯିବ ବୋଲି ଇଡି(କାର୍ମିକ) ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏତଦ୍‌ବ୍ୟତୀତ ପୂର୍ବରୁ ଠିକାଦାରମାନଙ୍କୁ ଠିକା ଶ୍ରମିକଙ୍କ ପାଇଁ ୧୫ ପ୍ରତିଶତ ଗେଟପାସ୍ ଦିଆଯାଉଥିବା ବେଳେ ଏବେ ଏହା ୨୦ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ସେହିଭଳି ପେଣ୍ଡିଂ ଗେଟ୍ ପାସ୍ ସରେଣ୍ଡର ନିୟମକୁ କୋହଳ କରାଯାଇ ଫାଇନକୁ କମ୍ କରାଯିବା, କାମ ନଥିଲେ ବି ପୂର୍ବରୁ ୱାର୍କଅର୍ଡର ଅନୁସାରେ ନିୟୋଜିତ ସମସ୍ତ ଠିକା ଶ୍ରମିକଙ୍କୁ ପେମେଣ୍ଟ ପ୍ରଦାନ କରାଯିବା, କୌଣସି ଜରୁରୀକାରଣ ପାଇଁ ଠିକା ଶ୍ରମିକ ଅନୁପସ୍ଥିତ ରହିଲେ କଟାଯାଉଥିବା ପେନାଲ୍ଟି ଉପରେ କୋହଳ, କେନ୍ଦ୍ରସ୍ତରରେ ବିଭିନ୍ନ ସମୟରେ ବୃଦ୍ଧି ପାଉଥିବା ଶ୍ରମ ମଜୁରୀକୁ ୱାର୍କ ଅର୍ଡରରେ ଉଲ୍ଲେଖ ନଥିଲେ ବି ଆରଏସ୍‌ପି ପକ୍ଷରୁ ଦିଆଯିବା, ବର୍ଷ ବର୍ଷ ଧରି ପଞ୍ଜୀକରଣ କରିଥିବା ଡି.କ୍ଲାସ୍ ଠିକାଦାରମାନଙ୍କୁ ଏଣିକି ଅତି କମ୍‌ରେ ୫ ଲକ୍ଷ ଟଙ୍କାର କାର୍ଯ୍ୟ ପ୍ରଦାନ କରାଯିବା, ଗ୍ୟାରେଣ୍ଟି ନ ଥିବା କାର୍ଯ୍ୟରେ କଟାଯାଉଥିବା ୧୦ ପ୍ରତିଶ୍ରତ ସିକ୍ୟୁରିଟି ଜମାକୁ ଅତିକମରେ ୭ ମାସ ଭିତରେ ଆରଏସପି ଠିକାଦାରମାନଙ୍କୁ ଫେରସ୍ତ କରିବା, କାର୍ଯ୍ୟ କରୁ ନ ଥିବା ଠିକା ଶ୍ରମିକଙ୍କ ବାୟୋମେଟ୍ରିକ ଉପସ୍ଥାନ ରିପୋର୍ଟ ପରିବର୍ତ୍ତନ କରିବାକୁ ଅନୁମତି, ସମାନ ସମାନ କାର୍ଯ୍ୟକୁ ମର୍ଜ କରି ସ୍ଥାନୀୟ କଣ୍ଟ୍ରାକ୍ଟରଙ୍କୁ ବଣ୍ଟନ କରାଯିବା, ସିଆଇଏସଏଫ୍ ପକ୍ଷରୁ ବିଳମ୍ବ ନ କରି ଶୀଘ୍ର ଗେଟ୍‌ପାସ ପ୍ରଦାନ ଆଦି ଉପରେ ଆରଏସପି କର୍ତ୍ତୃପକ୍ଷ ସମ୍ମତି ପ୍ରକାଶ କରି ପ୍ରତିଶ୍ରୁତି ଦେଇଥିଲେ। ତେବେ ବିଡିଂବେଳେ ପୂର୍ବରୁ ଆବେଦନ କରି ନ ଥିବା ହାୟରବିଡର ଅଂଶଗ୍ରହଣ କରିପାରିବା ଦାବିକୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଆଗ୍ରାହ୍ୟ କରି ଦେଇଥିଲେ।

## ଆର୍‌ଏସ୍‌ପି ଷ୍ଟିଲ୍ ମେଲ୍ଟିଂ ସପ୍-୨ରେ ସଫଳ ରିଲାଇନିଂ ସଟ୍‌ଡାଉନ



**ରାଉରକେଲା, ୨୭।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍ଟିଂ ସପ-୨ (ଏସଏମଏସ-୨) ର ବିଭାଗୀୟ ଦଳ ନିର୍ଦ୍ଧାରିତ ସମୟ ପୂର୍ବରୁ କନଭର୍ଟର-୩ର ମୁଖ୍ୟ ମରାମତି ଏବଂ ରିଲାଇନିଂ ସଟଡାଉନକୁ ସଫଳତାର ସହ ସମାପ୍ତ କରିଛନ୍ତି। ଏହି ସଟଡାଉନରେ ଏକ ଅତ୍ୟନ୍ତ ଜଟିଳ ଏବଂ ମହତ୍ତ୍ୱପୂର୍ଣ୍ଣ ଜଟିଳ ବୈଷୟିକ ପଦକ୍ଷେପ ପ୍ରଥମ ଥର ପାଇଁ ସମ୍ପାଦନ କରାଯାଇଥିଲା। ଏଥିମଧ୍ୟରେ ମୁଭେବୁଲ ହୁଡ୍ ଏବଂ ଫିନ୍ ଟ୍ୟୁବ୍ ବଣ୍ଡଲ୍ ସହିତ ଉପର କୋନ୍‌କୁ ପରିବର୍ତ୍ତନ କରାଯାଇଥିଲା। କନଭର୍ଟର-ସିର ସମ୍ପୂର୍ଣ୍ଣ ରିଲାଇନିଂ ସହିତ ଜିସିପି, ସ୍କ୍ରବିଂ ଟାୱାର, କନଭର୍ଟର ସେଲ୍‌ଫ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଉପକରଣରେ ବ୍ୟାପକ ମରାମତି ସମ୍ପାଦିତ କରାଯାଇଥିଲା। ସଟଡାଉନ ଅବଧି ମଧ୍ୟରେ ରକ୍ଷଣାବେକ୍ଷଣ ଦଳଗୁଡ଼ିକ ଦକ୍ଷତାର ସହିତ କାଷ୍ଟର-୧, ଏଲଏଚଏଫ-୨ଏ ଏବଂ ଆରଏଚଓବି ଉପକରଣଗୁଡ଼ିକର ମଧ୍ୟ ମୁଖ୍ୟ ମରାମତି କାର୍ଯ୍ୟ ସମ୍ପାଦନ କରିଥିଲେ, ଯେଉଁଥିରେ ଭେଶେଲ ରୋପ ପ୍ରତିରୋପଣ, କ୍ୟୁସି ୱାଟର ଜ୍ୟାକେଟ୍ ଏବଂ ଫ୍ରେମ୍ ପରିବର୍ତ୍ତନ ଏବଂ ଏଥିସମେତ ଷ୍ଟିମ୍ ଡକ୍ଟ ମଧ୍ୟ ବଦଳାଯାଇଥିଲା। ଶୂନ୍ୟ ହାନି ଉପରେ ଦୃଢ଼ ଗୁରୁତ୍ୱ ଦେଇ ଡିଏସଓଙ୍କ ନେତୃତ୍ୱରେ ବିଭାଗୀୟ ସୁରକ୍ଷା ଦଳର ବଳିଷ୍ଠ ତଦାରଖ ଅଧୀନରେ ସମସ୍ତ କାର୍ଯ୍ୟକଳାପ ଘଟଣାମୁକ୍ତ ଭାବରେ ସମାପ୍ତ ହୋଇଥିଲା। ଏହି ପ୍ରକଳ୍ପରେ ରିଫ୍ରାକ୍ଟୋରିଜ୍ ଇଞ୍ଜିନିୟରିଂ ସର୍ଭିସେସ୍, ଇଞ୍ଜିନିୟରିଂ ସପ୍ସ, ଏଫଏମଏମ ଏବଂ ଅନେକ କେନ୍ଦ୍ରୀୟ ସହାୟକ ଏଜେନ୍ସିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ମିଳିଥିଲା। ଏସଏମଏସ-୨ ବିଭାଗର ସିଜିଏମଏମ ଜି. ଶ୍ରୀକାନ୍ତଙ୍କ ନେତୃତ୍ୱରେ ସୁନିର୍ଦ୍ଦିଷ୍ଟ ଯୋଜନା, ସମ୍ପୂର୍ଣ୍ଣ ପ୍ରସ୍ତୁତି, ସର୍ବୋତ୍ତମ ସମ୍ବଳ ଉପଯୋଗ ଏବଂ ନିର୍ବିଘ୍ନ ସମନ୍ୱୟ ଓ ବିଭାଗୀୟ ମୁଖ୍ୟ ତଥା ସେମାନଙ୍କ ଦଳଗୁଡ଼ିକର ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ସଟଡାଉନ କାର୍ଯ୍ୟ ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ତିନି ସିଫ୍ଟ ପୂର୍ବରୁ ସମାପ୍ତ ହୋଇଥିଲା। ଏସଏମଏସ-୨ ବିଭାଗ ବର୍ତ୍ତମାନ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ଏବଂ ଆଗାମୀ ଦିନରେ ଅଧିକ ଉତ୍ପାଦନ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରସ୍ତୁତ ରହିଛି।

### ପାନପୋଷ ରୋଡ୍‌ରେ ସିରିଜ୍ ଦୁର୍ଘଟଣା

## ରାସ୍ତା କଡ଼ ଗାଡ଼ି ଉପରେ ମାଡ଼ିଗଲା ବସ୍

**ରାଉରକେଲା, ୨୭।୧୧(ସମିସ):** ରାଉରକେଲା ପାନପୋଷ ରୋଡରେ ଗୁରୁବାର ସକାଳୁ ଏକ ସିରିଜ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ଯାତ୍ରୀବାହୀ ବସ୍ ରାସ୍ତା କଡ଼ରେ ଠିଆ ହୋଇଥିବା ଗାଡ଼ି ଗୁଡ଼ିକ ଉପରେ ମାଡ଼ି ଯିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଦୁର୍ଘଟଣାରେ ଗୋଟିଏ ପଜେରୋ, ଗୋଟିଏ ପିକଅପ୍ ଭ୍ୟାନ ଏବଂ ୩ ଟି ସ୍କୁଟି କ୍ଷତିଗ୍ରସ୍ତ ହୋଇଛି। ସୌଭାଗ୍ୟ ବଶତଃ କୌଣସି ଜୀବନହାନି ହୋଇ ନଥିବା ବେଳେ ୪ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ବସ୍ ଛାଡ଼ି ଫେରାର ହୋଇଯାଇଛି। ଦୁର୍ଘଟଣାଟି ପାନପୋଷ ରୋଡ ସ୍ଥିତ ସିଭିଲ ଟାଉନସିପର ସୁରୁଚି ବାକେରି ନିକଟରେ ଘଟିଥିଲା। ରାସ୍ତା ତିଆରି ବେଳେ ସ୍ୱେରେଜ୍ ବୋର୍ଡ ପକ୍ଷରୁ ପକା ଯାଇଥିବା ମାନ୍ ହୋଲ୍ ତ୍ରୁଟି ଜନକ ଥିବାରୁ ଏପରି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ବୁଧବାର ରାତିରେ ଟିସିଆଇ ଛକ ନିକଟରେ ଏକ ବସ୍ କାର୍‌କୁ ଧକ୍କା ଦେବା ଫଳରେ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଛି। ଏବେ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ ଜିରୋ ଫାଟାଲିଟି ପକ୍ଷ ପାଳନ କରାଯାଉଛି। ଦୁର୍ଘଟଣା ରୋକିବାକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ମାତ୍ର ଡ୍ରାଇଭରଙ୍କ ଦାୟିତ୍ୱ ହୀନତା ଯୋଗୁଁ ଦୁର୍ଘଟଣା ବଢ଼ି ଚାଲିଛି।

## ବିଭିନ୍ନ ଦାବିନେଇ କଳାବ୍ୟାଜ୍ ପ୍ରତିବାଦ ଓ କଲେଜରେ ତାଲା



**ରାଉରକେଲା, ୨୭।୧୧(ସମିସ):** ଗତ ୩ ଦିନ ହେବ ରାଜ୍ୟର ୭ଟି ସରକାରୀ ଆୟୁଷ କଲେଜରେ ପଡ଼ିଛି ତାଲା। ରାଜ୍ୟରେ ଥିବା ସାତୋଟି ସରକାରୀ ଆୟୁର୍ବେଦ ଓ ହୋମିଓପ୍ୟାଥିକ(ଆୟୁଷ) ଛାତ୍ର ଛାତ୍ରୀ ଓ ହାଉସ ସର୍ଜନଙ୍କ ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ଓ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନର ଦାବିପୂରଣ ନେଇ ବାରମ୍ବାର ପ୍ରତିଶ୍ରୁତି ଦେଇ କୌଣସି ପ୍ରକାର ପଦକ୍ଷେପ ନ ନେବା ଦ୍ୱାରା ଗତ ୬ ତାରିଖଠାରୁ ରାଜ୍ୟର ଭୁବନେଶ୍ୱର, ବ୍ରହ୍ମପୁର, ବଲାଙ୍ଗିର, ପୁରୀ, ଅଙ୍କୁଶପୁର, ରାଉରକେଲା ଓ ସମ୍ବଲପୁରରେ ଥିବା ସମସ୍ତ ସରକାରୀ ଆୟୁଷ କଲେଜ ଛାତ୍ରଛାତ୍ରୀ କଳା ବ୍ୟାଜ୍ ପିନ୍ଧି ରାଜ୍ୟ ସରକାରଙ୍କ ଆୟୁଷ ପ୍ରତି ଥିବା ଅପାରଗତା ନେଇ ପ୍ରତିବାଦ କରିଆସୁଥିଲେ। ଏନେଇ ରାଜ୍ୟ ଆୟୁଷ ଛାତ୍ର ସଂସଦ ପକ୍ଷରୁ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ସମେତ ରାଜ୍ୟ ଆୟୁଷ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ରାଜ୍ୟ ସରକାର ଏଲୋପାଠୀକ ଭଳି ଆୟୁଷ ଚିକିତ୍ସା ସେବା ଓ ଶିକ୍ଷା ବ୍ୟବସ୍ଥା ପାଇଁ କୌଣସି ପ୍ରକାର ତତ୍ପରତା ଦେଖାଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ରାଜ୍ୟରେ ନୂତନ ଆୟୁଷ ମେଡିକାଲ ଅଧିକାରୀ ପଦବୀ ସୃଷ୍ଟି, ଆୟୁଷ ପିଜି ଓ ପିଏଚଡି ପାଠ୍ୟକ୍ରମ ସିଟ ବୃଦ୍ଧି, ହାଉସ ସର୍ଜନଙ୍କ ବାହୁଦିନର ଦାବି ଡାଇନାମିକ ଭତ୍ତା ବୃଦ୍ଧି, ସମସ୍ତ ଆୟୁଷ କଲେଜରେ ପରିଚାଳନା କମିଟିର ପୂର୍ଣ୍ଣ ଗଠନ, ଆୟୁଷ ପ୍ରଗତି ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ନୀତିରେ ଆୟୁଷ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବଜେଟ, ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ସହିତ ଜନସାଧାରଣଙ୍କୁ ଆୟୁଷ ସ୍ୱାସ୍ଥ୍ୟ ପାଇଁ ସଚେତନତା ଅଭିଯାନ ସୃଷ୍ଟି ଓ ସ୍ୱତନ୍ତ୍ର ସ୍ୱତନ୍ତ୍ର ଆୟୁଷ ବିଭାଗ ପ୍ରତିଷ୍ଠା ଆଦି ୮ ଦଫା ଦାବି ପାଇଁ ଦୀର୍ଘଦିନ ଧରି ରାଜ୍ୟ ଆୟୁଷ ଛାତ୍ର ସଂସଦ ଓ ଆୟୁଷର ବିଭିନ୍ନ ରାଜ୍ୟ ସ୍ତରୀୟ ସଂଗଠନ ଦାବିକରି ସରକାରଙ୍କ ସହିତ ଆଲୋଚନା କରି ଆସୁଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ସକରାତ୍ମକ ପଦକ୍ଷେପ ନ ନିଆଯିବା ଦ୍ୱାରା ଗତ ସୋମବାର ଦିନ ଠାରୁ ସମସ୍ତ ଆୟୁଷ କଲେଜ ବନ୍ଦ ସହିତ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଛି ବୋଲି ସଭାପତି ଗିରିଧର ବିଶ୍ୱାଳ, ସାଧାରଣ ସମ୍ପାଦକ ବିଭୁନନ୍ଦ କର୍ମୀ କହିଛନ୍ତି।

## ଏନ୍‌ଆଇଟିରେ ଜାତୀୟ ସମ୍ବିଧାନ ଦିବସ




**ରାଉରକେଲା, ୨୭।୧୧(ସମିସ):** ଭାରତର ସମ୍ବିଧାନ ଗ୍ରହଣର ୭୬ ତମ ବାର୍ଷିକୀ ପାଳନ ଅବସରରେ ରାଉରକେଲା ଏନଆଇଟି ପକ୍ଷରୁ ଆଜି ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏନଆଇଟିର ମୁଖ୍ୟ ପ୍ରଶାସନିକ ଭବନ ସମ୍ମୁଖରେ ଆଜି ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ନେତୃତ୍ୱରେ ଏହି ଅବସରରେ ସମ୍ବିଧାନକୁ ନେଇ ଶପଥ ପାଠ କରାଯାଇଥିଲା। ଏଥିରେ ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରମାନେ ଉପସ୍ଥିତ ଥିଲେ, ଯେଉଁମାନେ ସାମୂହିକ ଭାବରେ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷର ସମ୍ବିଧାନ ଦିବସ କାର୍ଯ୍ୟକ୍ରମଗୁଡ଼ିକ ଜନଜାତୀୟ ଗୌରବ ବର୍ଷ (୧୫ ନଭେମ୍ବର ୨୦୨୪ - ୧୫ ନଭେମ୍ବର ୨୦୨୫) ର ସମାପନୀ କାର୍ଯ୍ୟକ୍ରମ ମଧ୍ୟ ମହାଡମ୍ବର ସହ ପାଳନ ହୋଇଥିଲା। ଉଭୟ ଦିବସର ଆୟୋଜିତ ସମାପନୀ ଉଦ୍‌ଯାପନୀ ସନ୍ଧ୍ୟାରେ ଜନଜାତୀୟ ଗୌରବ ବର୍ଷ ଏବଂ ସମ୍ବିଧାନ ଗ୍ରହଣ କାର୍ଯ୍ୟକ୍ରମର ୭୫ ବର୍ଷ ଏନଆଇଟି ରାଉରକେଲାର ନୋଡାଲ ଅଧିକାରୀ ପ୍ରଫେସର ଆର. କେ. ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଏହା ପରେ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ବକ୍ତବ୍ୟ ରଖି କହିଲେ ସମ୍ବିଧାନ ଆମକୁ ଆମ ଗଣତନ୍ତ୍ରକୁ ଗଠନ କରୁଥିବା ଆଦର୍ଶକୁ ମନେ ପକାଇ ଦିଏ। ଏହିପରି ଦିନଗୁଡ଼ିକ ବଜାୟ ରଖିବା ପାଇଁ ଆମର ସାମୂହିକ ସଂକଳ୍ପକୁ ଦୃଢ଼ କରେ। ଆମେ ଆମର ଦୈନନ୍ଦିନ କାର୍ଯ୍ୟରେ ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱକୁ ସୁରକ୍ଷା ଦେବା ପାଇଁ ଆମର କର୍ତ୍ତବ୍ୟକୁ ପୁନଃନିର୍ଦ୍ଦେଶ କରୁ। ଯେତେବେଳେ ଆମେ ଜନଜାତି ଗୌରବ ବର୍ଷ ପାଳନ ମଧ୍ୟ ଶେଷ କରୁ, ମୁଁ ଭାବୁଛି ଯେ ଆମ ସମସ୍ତଙ୍କ ପାଇଁ ଭଗବାନ ବିର୍ସାମୁଣ୍ଡାଙ୍କ ସାହସ ଏବଂ ଅବଦାନକୁ ମନେ ରଖିବା ଗୁରୁତ୍ୱପୂର୍ଣ୍ଣ, ଯାହାଙ୍କ ଐତିହ୍ୟ ଆଦିବାସୀ ପରିଚୟ ଏବଂ ଅନ୍ତର୍ଭୁକ୍ତିକରଣ ପ୍ରତି ସମ୍ମାନକୁ ପ୍ରେରଣା ଦେଇ ଆସୁଛି। ଏନ୍‌ଆଇଟି କୁଳସଚିବ ପ୍ରଫେସର ରୋହନ ଧିମାନ, ଏନଆଇଟିର କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷା ପି. ନୀରଜା ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ। ଏନଆଇଟିଆର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରମାନେ ସାଂସ୍କୃତିକ ମୂଲ୍ୟବୋଧ ଏବଂ ଜନଜାତି ପରିଚୟ ଉପରେ କେନ୍ଦ୍ରିତ ଏକ ସ୍କିଟ୍ ଏବଂ ନୃତ୍ୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଂଯୋଜକ ପ୍ରଫେସର ବି. କେ. ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତି ଅବସରରେ କାର୍ଯ୍ୟକ୍ରମ



**ରାଉରକେଲା, ୨୭।୧୧(ସମିସ):** ବନ୍ଦେ ମାତରମ୍ ଜାତୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ସେକ୍ଟର-୮ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ଧୀରେ ସେନାପତି, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଦିଲ୍ଲୀପ ଦାଶ, ସୁବ୍ରତ ପଟ୍ଟନାୟକ, ଭ୍ରମରବର ବେହେରା, କୃଷ୍ଣ ପାଢ଼ୀ, ମଧୁବାବୁ ମଣ୍ଡଳ ସଭାନେତ୍ରୀ ପ୍ରତିମା ରାଉତ ତାଙ୍କ ବକ୍ତବ୍ୟରେ ବନ୍ଦେ ମାତରଂ ଜାତୀୟ ଗୀତ ଦେଶ ଭକ୍ତି, ରାଷ୍ଟ୍ରପ୍ରେମ, ସାହସ, ଏକତା ଓ ପ୍ରତିବାଦର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ପରେଶ୍ ମିଶ୍ର ସମସ୍ତେ ସ୍ୱଦେଶୀ ବ୍ୟବହାର କରିବା ପାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମର ରଘୁନାଥପଲ୍ଲୀର ସଂଯୋଜକ ଆଲୋକ ନାୟକ ପରିଚାଳନା କରିଥିବାବେଳେ ପ୍ରାକ୍ତନ ମଣ୍ଡଳ ସଭାପତି ସନ୍ତୋଷ ବିରାଟ ଧନ୍ୟବାଦ ଅର୍ପଣ କରିଥିଲେ। ମଳୟ ମହାପାତ୍ର, ବରିଷ୍ଠନେତା ଅଶୋକ ଲେଙ୍କା, ମନୋରଞ୍ଜନ ମୁନି, ଦେବେନ୍ଦ୍ର ବୀର୍ ଗଣ୍ଡିଆ, ମନୋଜ ସେନାପତି, ଆମ୍ବେଦକର ମଣ୍ଡଳ ସଭାପତି ମନୋଜ ସ୍ୱାଇଁ, ଜଗନ୍ନାଥ ମଣ୍ଡଳ ସଭାପତି ମମତା ମହାନ୍ତି, ନର୍ମଦା ବାଗ, ରାମ ଏକବାଲ ବର୍ମା, ରବୀନ୍ଦ୍ରନାଥ ବାରିକ, ଶ୍ରୀକାନ୍ତ ପାଢ଼ୀ, ବ୍ୟାସଦେବ ନାଥ, ସ୍ୱାତୀ ମହାନ୍ତ, ସଂଯୁକ୍ତା ପାତ୍ର, ପ୍ରତାପ ଦେଓ, ଖୁସୁବ ବଡାଇକ, ପ୍ରବାଳ ରଞ୍ଜନ ସାମଲ, ଫୁଲମଣୀ ତିର୍କୀ, ଅଜୟ କୁମାର ରାଉତ, କବିତା ବିନ୍ଧାଣି, ବାବୁଲି ବାରିକ, କେ.ପି ରାଜେଶ୍, ଦୀପକ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଫାଇଲେରିଆ ନିରାକରଣ ଅଭିଯାନ

## ଦର୍ଲିପାଲି ନିରାମୟ ହସ୍ପିଟାଲରେ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର



**ରାଉରକେଲା, ୨୭।୧୧(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ଓ ଏନ୍‌ଟିପିସି ଦର୍ଲିପାଲି ସ୍ଥିତ ନିରାମୟ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଫାଇଲେରିଆମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅଧୀନ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ହାଇଡ୍ରୋସିଲ ଅପରେସନ୍ ଏକ ମୁଖ୍ୟ କାର୍ଯ୍ୟକ୍ରମ ଅଟେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁନ୍ଦରଗଡ଼ ଓ ନିରାମୟ ହସ୍ପିଟାଲ, ଦର୍ଲିପାଲିର ମିଳିତ ଉଦ୍ୟମ କ୍ରମେ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ମୋଟ ୨୧ ଜଣ ବ୍ୟକ୍ତିଙ୍କର ହାଇଡ୍ରୋସିଲ ଅସ୍ତ୍ରୋପଚାର ହୋଇଯାଇଛି। ଲେଫ୍ରିପଡ଼ା ବ୍ଲକ ଓ ହେମଗିର ବ୍ଲକର ରୋଗୀମାନଙ୍କୁ ଏହି ଶିବିରକୁ ଅଣାଯାଇଥିଲା। ନିରାମୟ ହସ୍ପିଟାଲ ଦର୍ଲିପାଲିର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅପରାଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏନଟିପିସି ଦର୍ଲିପାଲି ତରଫରୁ ରୋଗୀ ମାନଙ୍କୁ ଖାଇବା, ପିଇବା, ଔଷଧ, ମଶାରୀ ଓ ବେଡସିଡ୍ ମାଗଣାରେ ପ୍ରଦାନ କରାଯାଇଥିଲା। ଏନଟିପିସି ଦର୍ଲିପାଲି ତରଫରୁ ଏଚ୍‌ଓପି. ଫାଇଜ ତୟବ, ଏଚଓଏଚ୍ ଆର ପ୍ରଭାତୀ ସିଂହ, ନବୀନ ଅମିତାଭ ବକ୍ସଲା ଓ ଅନ୍ୟାନ୍ୟ ଅଧିକାରୀ ଗଣ ଯୋଗଦାନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଡା. ସୁରେଶ ଚନ୍ଦ୍ର ମହାନ୍ତି, ଡା. ପ୍ରଦୀପ ଭୋଇ, ଡା. ମହାନ୍ତି ତାଙ୍କର ଅଭିଭାଷଣରେ ଏହା କହିଥିଲେ ଯେ କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ଫାଇଲେରିଆ ତଥା ହାଇଡ୍ରୋସିଲ ସାଧାରଣତଃ ହୋଇଥାଏ। ଏହି ମଶା କାମୁଡ଼ିବାର ୫ ରୁ ୧୫ ବର୍ଷ ମଧ୍ୟରେ ଗୋଦର ଗୋଡ଼ ଏବଂ ଅଣ୍ଡକୋଷ ବୃଦ୍ଧି ହେବାର ସମ୍ଭାବନା ଥାଏ। ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବସନ୍ତ କୁମାର ପଣ୍ଡା, ଭେକ୍ଟର ବାହିତ ରୋଗ ବୈଷୟିକ ପର୍ଯ୍ୟବେକ୍ଷକ ଜ୍ୟୋତ୍ସ୍ନା ନାଏକ ଓ ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଡେଙ୍ଗୁ ଓ ମେଲେରିଆ ରୋକିବା ଲାଗି 'ଫଗିଂ' ଅଭିଯାନ

**ରାଉରକେଲା, ୨୭।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ସହର ଇଞ୍ଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ବର୍ଷାଦିନ ପରେ ସହରରେ ଡେଙ୍ଗୁ ଏବଂ ଅନ୍ୟାନ୍ୟ ମଶା ବାହିତ ରୋଗର ଭୟାବହତାକୁ ରୋକିବା ପାଇଁ ବ୍ୟାପକ ଥର୍ମାଲ୍ ଫଗିଂ ଅଭିଯାନ ଆରମ୍ଭ କରିଛି। ସହର ଇଞ୍ଜିନିୟରିଂ ବିଭାଗର ଜିଏମ ହରପ୍ରସାଦ ପଟ୍ଟନାୟକ ସେକ୍ଟର-୫ ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଫଗିଂ ଯାନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ବିଭାଗର ଡେପୁଟି ସିଏମଓ ଡ. ଦୀପା ଲାଭାଙ୍ଗରେ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅଭିଯାନ ଅଧୀନ ଚାରୋଟି ଗାଡ଼ି ପ୍ରତିଦିନ ଟାଉନସିପ୍‌ର ବିଭିନ୍ନ ସେକ୍ଟର ଗସ୍ତ କରିବ ଏବଂ ସମୟସୂଚୀ ଅନୁସାରେ ସେହି ସେକ୍ଟର ମଧ୍ୟରେ ବିଭିନ୍ନ ବ୍ଲକରେ ଫଗିଂ ସମ୍ପନ୍ନ କରିବ। ଏଥିମଧ୍ୟରୁ, ଗୋଟିଏ ନିର୍ଦ୍ଦିଷ୍ଟ ଗାଡ଼ି ଦିଆଯାଇଥିବା ଅଞ୍ଚଳର ବସ୍ତି ଅଞ୍ଚଳକୁ କଭର କରିବ। ଉଲ୍ଲେଖନୀୟ ଯେ ଜନସ୍ୱାସ୍ଥ୍ୟ ୟୁନିଟ୍ ପ୍ରତିବର୍ଷ ମଶାବଂଶ ନିୟନ୍ତ୍ରଣ କରିବା ପାଇଁ ଇସ୍ପାତ ଟାଉନସିପ୍‌ରେ ଫଗିଂ ଅଭିଯାନ କରିଥାଏ। ଏହି ପ୍ରତିଷେଧକ ପଦକ୍ଷେପର ଲକ୍ଷ୍ୟ ଡେଙ୍ଗୁ, ଚିକୁନଗୁନିଆ ଏବଂ ମେଲେରିଆ ଭଳି ମଶା ବାହିତ ରୋଗକୁ ଦୂର କରିବା ରହିଛି। ଏଥିପାଇଁ ଚାରୋଟି ଗାଡ଼ି ନିୟୋଜିତ କରାଯାଇଛି ଯାହା ସୂଚୀ ଅନୁଯାୟୀ ବସ୍ତି ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକ୍ଷମ ହେବ। ଡ. ଦୀପା ଲାଭାଙ୍ଗରେ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଆର୍‌ଏସ୍‌ପି ନୂତନ ପ୍ଲେଟ୍ ମିଲ୍ ଦ୍ୱାରା ମାଇଲଖୁଣ୍ଟ ସ୍ଥାପନ



ରାଉରକେଲା, ୨୭।୧୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ନୂତନ ପ୍ଲେଟ୍ ମିଲ୍ ବିଭଗ ଏହାର ରିହିଟିଙ୍ଗ ଫର୍ଣ୍ଣେସ୍‌ରେ ଏକ ଅଭିନବ ଏମିସିଭିଟି ଆବରଣର ସଫଳ କାର୍ଯ୍ୟାନ୍ୱୟନ ସହିତ ସ୍ଥାୟୀ ଇସ୍ପାତ ଉତ୍ପାଦନରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। କେଏଫଡବ୍ଲ୍ୟୁ ପରିବେଶଗତ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ନିବେଶିତ ଆର୍‌ଏସ୍‌ପିରେ ଏହି ଅଗ୍ରଣୀ ତଥା ପ୍ରଥମ ପଦକ୍ଷେପ ଏନ୍‌ପିଏମରେ ନିର୍ଦ୍ଧାରିତ ପ୍ରମୁଖ ମରାମତି ଅବଧିରେ ସୂଚାରୁ ରୂପେ କାର୍ଯ୍ୟକାରୀ ହୋଇଥିଲା। ଏହି ଉନ୍ନତ ଏମିସିଭିଟିଆବରଣପ୍ରତିରୋଧକପୃଷ୍ଠରୁତାପ ଅବଶୋଷଣ ଏବଂ ପୁନଃ ବିକିରଣକୁ ଉନ୍ନତ କରି ଫର୍ଣ୍ଣେସ୍‌ର ତାପଜ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିଥାଏ। ଏହି ପଦକ୍ଷେପ ନିର୍ଦ୍ଦିଷ୍ଟ ଉତ୍ତାପ ବ୍ୟବହାରରେ ୫% ହ୍ରାସ ଆଣିବାର ଆଶା କରାଯାଉଛି, ଯାହା ମୂଲ୍ୟ ସଞ୍ଚୟ ସାଧନ ସଙ୍ଗେସଙ୍ଗେ ଅଙ୍ଗାରକାମ୍ଳ ଭଳି ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନରେ ଅଧିକ ହ୍ରାସ ଆଣିବାରେ ସହାୟକ ହେବ। ୨୩.୫୦ ଲକ୍ଷ ଟଙ୍କା ମୂଲ୍ୟ ବ୍ୟୟରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପ, କାର୍ବନ ଫୁଟପ୍ରିଣ୍ଟକୁ କମ୍ କରିବା ସହିତ ସ୍ୱଚ୍ଛ ଉତ୍ପାଦନ ଅଭ୍ୟାସ ଗ୍ରହଣ କରିବା ପାଇଁ ଆର୍‌ଏସ୍‌ପିର ଜାରି ରହିଥିବା ପ୍ରୟାସକୁ ଆହୁରି ସୁଦୃଢ଼ କରିବ। ଆଉ ଏକ ପ୍ରମୁଖ ଲାଭ ମଧ୍ୟରେ ଥର୍ମାଲ୍ ଚାପ ପରିପ୍ରେକ୍ଷୀରେ ଫର୍ଣ୍ଣେସ୍ ରିଫ୍ରାକ୍ଟୋରୀଗୁଡ଼ିକର ବର୍ଦ୍ଧିତ ଜୀବନ ଅବଧି ରହିଛି, ଯାହା ଫଳରେ ସାମଗ୍ରିକ ଉପକରଣ ଉପଲବ୍ଧତା ବୃଦ୍ଧି ପାଇବା ସହିତ ରକ୍ଷଣାବେକ୍ଷଣ ଆବଶ୍ୟକତାକୁ ମଧ୍ୟ ହ୍ରାସ କରିବ। ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନରେ ଏନ୍‌ପିଏମ୍, ଏସ୍‌ପିପି, ଡିଜିଟାଲାଇଜେସନ ବିଭାଗର ସିଜିଏମ୍ ଆର.କେ. ମୁଦୁଲିଙ୍କ ମାର୍ଗଦର୍ଶନ ତଥା ଏନପିଏମ୍ ଅପରେସନ ବିଭାଗ ମୁଖ୍ୟ ନୀଳମଣି ମହାପାତ୍ରଙ୍କ ନିରନ୍ତର ତଦାରଖ ଦ୍ୱାରା ସମ୍ଭବ ହୋଇଥିଲା।

## ମାସିକ ସାହିତ୍ୟ ଆସର | ସାମାଜିକ ସମରସତା ଓ ନାରୀ ଉତ୍ଥାନର ପ୍ରେରଣା ଉତ୍ସ 'ଲକ୍ଷ୍ମୀ ପୁରାଣ'

ରାଉରକେଲା, ୨୭।୧୧(ସମିସ)




ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲାର ବିର୍ସାମୁଣ୍ଡା ନଗରଶାଖା ପକ୍ଷରୁ ରାଉରକେଲା ସଂଘ କାର୍ଯ୍ୟାଳୟଠାରେ ଆୟୋଜିତ ମାସିକ ସାରସ୍ୱତ ସମାବେଶରେ 'ନାରୀ ଉତ୍ଥାନ ଓ ସାମାଜିକ ସମରସତାର ବୈପ୍ଳବିକ ସ୍ୱର: ଲକ୍ଷ୍ମୀ ପୁରାଣ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଧରିତ୍ରୀ ପାଇକରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ପରିଷଦର ନଗର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଏବଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତର ବରିଷ୍ଠ ପ୍ରଚାରକ ବିଷ୍ଣୁ ପାତ୍ର। ନଗର ସମ୍ପାଦକ ଅଧ୍ୟାପକ ଆଭାସ କୁମାର ହୋତା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ନ୍ୟାସା ଅଗ୍ରୱାଲ ପ୍ରାରମ୍ଭରେ ଲକ୍ଷ୍ମୀ ପୁରାଣ ଗାନ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ଏହି ଅବସରରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପିକା ଡ. ସୁଷମା ମୋଦୀ ଏବଂ ରାଉରକେଲା କଲେଜର ଓଡ଼ିଆ ଅଧ୍ୟାପିକା ପ୍ରିୟଙ୍କା ପଲାଇ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ବିଶେଷ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପାତ୍ର ଏବଂ ଆଲୋଚିକାମାନେ ନିଜ ନିଜ ବକ୍ତବ୍ୟରେ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'କୁ ସାମାଜିକ ସମରସତା ତଥା ଓଡ଼ିଆ ନାରୀ ସଶକ୍ତିକରଣ ପାଇଁ ଏକ ବୈପ୍ଳବିକ ସ୍ୱର ବୋଲି ଅଭିହିତ କରିଥିଲେ। ଗାଳ୍ପିକ ବ୍ରଜେନ୍ଦ୍ର କୁମାର ଦାଶ ଅଧ୍ୟକ୍ଷତା କରିଥିଲା ବେଳେ କବିତା ସଂଯୋଜନା କରିଥିଲେ ଯୁବ ଗବେଷିକା, କବି ମୋନାଲିସା ବେହେରା ଏବଂ ତରୁଣ କବି, ଛାତ୍ର ଦୀପକ କୁମାର ସାହୁ। ହରିହର ଶତପଥୀ, ସୁଭାଷିନୀ ସାହୁ, ଅମୀୟ ମହାନ୍ତି, ରଞ୍ଜିତା ପାଣିଗ୍ରାହୀ, କରୁଣାକର ପାଟ୍ଟଶାଣୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ରଞ୍ଜିତା ପାଣିଗ୍ରାହୀଙ୍କୁ ନଗର ସମ୍ପର୍କ ପ୍ରମୁଖ ଭାବେ ନୂତନ ଦାୟିତ୍ୱ ଘୋଷଣା ସହ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ନିର୍ମଳମୁଣ୍ଡା ନଗର ସଭାପତି ଗିରିଜା ଶଙ୍କର ଗୋସ୍ୱାମୀ, ରମେଶଚନ୍ଦ୍ର ସିଂହ, ବିଭୁଦତ୍ତ ବେହେରା, ଗୌତମ ଦାସ, ଗୀତାଞ୍ଜଳି ମହାରଣା, ପ୍ରଭାସିନୀ ସାହୁ, ନିରୁପମା ଚାନ୍ଦ, ରମେଶ ଚନ୍ଦ୍ର ସାହୁ, ପ୍ରିୟା ପାତ୍ର, ସ୍ୱର୍ଣ୍ଣଲତା ଘଡେଇ, ପୁତୁଲ ଡୋଗରା ପ୍ରମୁଖ ଉପସ୍ଥିତ ଥିଲେ।

# ତାଳସାରୀ ବେଳାଭୂମି ଅଞ୍ଚଳରେ ଉନ୍ନୟନ କାମକୁ ବିରୋଧ

ଚନ୍ଦନେଶ୍ୱର, ୨୭।୧୧ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇର ତାଳସାରୀ ବେଳାଭୂମି ସଂଲଗ୍ନ ଅଞ୍ଚଳରେ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ବିରୋଧ ହେଉଥିଲେ ମଧ ପ୍ରଶାସନ ଏଥିପ୍ରତି ସମ୍ପୂର୍ଣ୍ଣ ନିଦାବିଷ୍ଟ। ପିଆରଏଫ ଜାଗାରେ ବନ ବିଭାଗ ବିନା ଅନୁମତିରେ

## ପ୍ରଶାସନ ନିଦାବିଷ୍ଟ

କୌଣସି ଉନ୍ନୟନ ମୂଳକ କାଯ ହୋଇ ପାରିବ ନାହିଁ। ଯାହା ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିଛି। ଏହି ଅଞ୍ଚଳରେ ଚାଲିଥିବା ଏକ ଶୁଖୁଆ ଖଳା ନିର୍ମାଣକୁ ନେଇ ବନ ବିଭାଗ ସହ ମତ୍ସ୍ୟ ବିଭାଗ ଏବଂ ସ୍ଥାନୀୟ ଗଙ୍ଗାମାତା ମତ୍ସ୍ୟଜୀବୀ କମିଟି ସହିତ ଦେଖା ଦେଇଛି ଶୀତଳ ଯୁଦ୍ଧ।

ମିଳିଥିବା ସୂଚନା ଅନୁଯାୟୀ, ତାଳସାରୀ ବେଳାଭୂମିରେ ଏକ କମ୍ୟୁନିଟି ସେଣ୍ଟର, ପାଣିପମ୍ପ ସହିତ ଶୁଖୁଆ ଖଳା, ଡଙ୍ଗା ଓ ଜାଲ ମରାମତି ପାଇଁ ୧କୋଟି ୯୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମତ୍ସ୍ୟ ବିଭାଗ ଅଧୀନରେ ଏହି ଉନ୍ନୟନ ମୂଳକ ଆରମ୍ଭ ହୋଇ ଦୁଇ ମହଲା ବିଶିଷ୍ଟ କମ୍ୟୁନିଟି ସେଣ୍ଟର, ପାଣି ପମ୍ପ ଆଦି ନିର୍ମାଣ ଶେଷ ହୋଇଛି। ଏବେ ଶୁଖୁଆ ଖଳା ନିର୍ମାଣକୁ ନେଇ ଉପୁଜିଛି ବିବାଦ। ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ କହିବା କଥା ପିଆରଏଫ ଜାଗା ଏହାଛଡା ସିଆରଜେଡ ଅଞ୍ଚଳରେ କାର୍ଯ୍ୟ ହେଉଛି। ଏଥିପାଇଁ ଅନୁମତି ନିହାତି ଦରକାର। କିନ୍ତୁ ବିଭାଗ ବିନା ଅନୁମତିରେ ଏଭଳି କାର୍ଯ୍ୟ କରି ଚାଲିଛନ୍ତି। ତେଣୁ ବାଲେଶ୍ୱର ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ସେଠାକୁ ଯାଇ କାର୍ଯ୍ୟ ସ୍ଥଗିତ ରଖିବାକୁ କହିଥିଲେ। ସେମାନେ ଜୋର ଜବରଦସ୍ତ କାର୍ଯ୍ୟ କରୁଛନ୍ତି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଆସିଲେ ଯାହା ହେବ। ସେହିଭଳି ମତ୍ସ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର କୁମାର ସ୍ୱାଇଁଙ୍କ କହିବା କଥା କାର୍ଯ୍ୟ ଆରମ୍ଭ ସମୟରେ ବନ ବିଭାଗ ଚୁପ ବସିଥିଲେ। ଏବେ ଅଯଥାରେ ସମସ୍ୟା ସୃଷ୍ଟି କରୁଛନ୍ତି। ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ହେବା ପରେ ଆମେ କାର୍ଯ୍ୟ ଆରମ୍ଭ କରିଛୁ। ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ।

● ଶ୍ରୀ ଜଗନ୍ନାଥଙ୍କ ୩୨ବେଶ ଉତ୍ସବ ସମାରୋହର ଦ୍ୱିତୀୟ ଦିବସ

# ୩୨ ବେଶରେ ଝଲସୁଛନ୍ତି ମହାପ୍ରଭୁ

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୨୭।୧୧(ସମିସ): ଜଗନ୍ନାଥ ସଂସ୍କୃତି ହେଉଛି ଏକ ସମନ୍ୱୟବାଦୀ ସଂସ୍କୃତି, ୩୨ ବେଶ ହେଉଛି ଜଗନ୍ନାଥ ସଂସ୍କୃତିର ଏକ ଜୀବନ୍ତ ପ୍ରତୀକ, ଯାହା ଓଡ଼ିଶାର ଧାର୍ମିକ, ସାମାଜିକ, ଏବଂ କଳାତ୍ମକ ଜୀବନଶୈଳୀକୁ ପ୍ରତିପାଦିତ କରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବତିଶି ପ୍ରକାର ବେଶ (୩୨ ବେଶ)ର ବିଶେଷତ୍ୱ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ ଏହା ଶ୍ରୀମନ୍ଦିରର ନୀତିକାନ୍ତି ଓ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ ଅଟେ। ଏହି ବେଶଗୁଡ଼ିକ ଭଗବାନଙ୍କ ଲୀଳା, ତିଥି ଏବଂ ଋତୁଚକ୍ର ଉପରେ ଆଧାରିତ। ପ୍ରତ୍ୟେକ ବେଶ ଭଗବାନଙ୍କ କୌଣସି ନା କୌଣସି ଦିବ୍ୟ ଲୀଳାକୁ ସ୍ମରଣ କରାଇଥାଏ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେହୁର୍ଦ୍ଦା ଥାନାଛକ ସ୍ଥିତ ହେଲିପେଡ ପଡ଼ିଆରେ ଶ୍ରୀଜଗନ୍ନାଥଙ୍କ ଭବ୍ୟ ୩୨ ବେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗୁରୁବାର ଦ୍ୱିତୀୟ ଦିବସରେ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ପଞ୍ଚକୁଣ୍ଡୀୟ ହୋମଯଜ୍ଞର ଶୁଭାରମ୍ଭ ହୋଇଛି। ବିଶିଷ୍ଟ ପଣ୍ଡିତ ବ୍ରଜବିହାରୀ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୦ଜଣ ବ୍ରାହ୍ମଣ ମାନଙ୍କ ଦ୍ୱାରା ଯଜ୍ଞାଦି କାର୍ଯ୍ୟ ଚାଲିଛି। ସେହିପରି ୩୨ଟି ମଣ୍ଡପରେ ବିଭିନ୍ନ ବେଶରେ ସୁସଜ୍ଜିତ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଅଷ୍ଟ ସଖୀ ଏବଂ ଭଗବାନଙ୍କ ଦଶାବତାରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମହାପ୍ରଭୁଙ୍କ ଠାରେ ଭବ୍ୟ ଆଳତୀ ଅର୍ପଣ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଏଥି ସହିତ ମୀନା ବଜାର, ମେଳା ଓ ଆଲୋକ ତୋରଣ ଦେଖିବାକୁ ହଜାର ହଜାର



ଲୋକଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ଡିସେମ୍ବର ୧୨ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଉତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର ସଭାପତି ନଟରଞ୍ଜନ ଘରାଇ, ଅଂଶୁମାନ ମହାନ୍ତି, ସାଧାରଣ ସମ୍ପାଦକ, ବିଧୁ ଭୂଷଣ ଦାସ, ସୀତାରାମ ପ୍ରଧାନ, ଅଚ୍ୟୁତ ନନ୍ଦନ ଦାସ, ବଳରାମ ମହାନ୍ତି, ମାନସ ଗାଙ୍ଗୁଲି, ମଧୁସୂଦନ ପାତ୍ର, ଶଶିକାନ୍ତ ହାତୀ, ପ୍ରଦୀପ୍ତ ଜେନା, ପ୍ରଦୀପ ମହାନା, ଶ୍ରୀକୁମାର ଘୋଷ, ରବୀନ୍ଦ୍ର ଦାସ, ବିକାଶ ପାଣିଗ୍ରାହୀ, ବିଶ୍ୱମ୍ବର ଦାସ ପ୍ରମୁଖଙ୍କ ସହିତ ଅନ୍ୟ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବକାରୀ ଚଢ଼ଉ, ୮ ଗିରଫ



ଭୋଗରାଇ, ୨୭।୧୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ୧୬୭ ଲିଟର ଦେଶୀ ମହୁଲି ଚୋରା ମଦ ସହିତ ୮ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ଅନ୍ତର୍ଗତ ସରସ୍ୱତୀପୁର ଗ୍ରାମର ସାଲଗେ ବାସ୍କେ, ରାନୀ ଟୁଡୁ, ରାଧାରାଣୀ ଘଡେଇ ଓ ନନ୍ଦିନୀ ପାତ୍ର, ରଣକୋଠା ଗ୍ରାମର ମିଳନ ଦଳେଇ, କାଁଥିଭଉଁରୀ ଗ୍ରାମର ସଞ୍ଜିବ ଭୋଳ, କୁମ୍ଭୀରଗଡ଼ି ଗ୍ରାମର ରୀନା ବାରିକ, ବାଗମାରୀ ଗ୍ରାମର ଅମୀୟ ବେରା ପାଖରୁ ଚୋରା ମଦ ଜବତ କରିବା ସହିତ ଗିରଫ କରିଛି ଭୋଗରାଇ ଅବକାରୀ ବିଭାଗ। ଏନେଇ ଅବକାରୀ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। ଏହି ଚଢ଼ଉରେ ଜଳେଶ୍ୱର ଇନ୍ସପେକ୍ଟର ଦେବେନ୍ଦ୍ର ସାହୁ, ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଲ ବ୍ରହ୍ମଜିତ ଦାସ, ବାସୁଦେବ, ଅନୀଲ ପଣ୍ଡା, କୁମୁଦିନୀ ସଁ ପ୍ରମୁଖ ସାମିଲ ଥିଲେ।

# ବାଇକ ଓ ସ୍କୁଟି ଧକ୍କା; ଦମ୍ପତି ଗୁରୁତର

ସିମୁଳିଆ, ୨୭।୧୧ (ସମିସ): ଶଶୁର ଘରୁ ଫେରିବା ବାଟରେ ସ୍କୁଟି ସହ ଧକ୍କା ହୋଇ ଏକ ଦମ୍ପତି ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ବରଦା ଅଞ୍ଚଳର ଶ୍ରୀକାନ୍ତ ଖିଲାର ସ୍ତ୍ରୀ ସସ୍ମିତା ଖିଲାର ଓ ତିନି ବର୍ଷର ପୁଅକୁ ଧରି ବାଇକ ଯୋଗେ ଶଶୁର ଘର ଖନ୍ତାପଡ଼ାରୁ ଜାତୀୟ ରାଜପଥରେ ଫେରୁଥିବା ସମୟରେ ଜାମୁଝାଡ଼ି ଝାଟିଆମାଳ ଛକ ନିକଟରେ ଏକ ଅଜଣା ସ୍କୁଟି ସହ ଧକ୍କା ହୋଇଥିଲା। ଫଳରେ ଉଭୟ ରାସ୍ତାକୁ ଛିଟିକି ପଡ଼ିଥିଲେ। ଗୁରୁତର ଆହତ ଅବସ୍ଥାରେ ଜଣେ ଅଟୋ ଚାଳକ ସେମାନଙ୍କୁ ସେଠାରୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସିମୁଳିଆ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର



ଭୋଗରାଇ, ୨୭।୧୧(ସମିସ): ଭୋଗରାଇ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ ଅବସରରେ 'ଭାରତୀୟ ସମ୍ବିଧାନର ମୂଲ୍ୟ ବୋଧ ଏବଂ ରାଜନୈତିକ ସିଦ୍ଧାନ୍ତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଚରମ୍ପା ମହାବିଦ୍ୟାଳୟର ଅଧ୍ୟାପକ ମନୋଜ କୁମାର ମହାଳିକ ଯୋଗଦେଇ ଭାରତୀୟ ସମ୍ବିଧାନର ରାଜନୀତିର ମୂଲ୍ୟବୋଧ ଏବଂ ରାଜନୈତିକ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଶୈବାଳକାନ୍ତି ପ୍ରଧାନ, ଅଧ୍ୟାପକ ଡ. ଧୀରେନ୍ଦ୍ର କୁମାର ଜେନା, ଅଧ୍ୟାପିକା ସୁଶୀଳା ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଦେବୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଗୋପାଳ ଭୂୟାଁ ଏବଂ ଯୁକ୍ତ ୩ ର ଛାତ୍ର ଦେବାଶିଷ ରଣାଙ୍କ ପ୍ରେରଣାରେ ସମସ୍ତ ଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବରିଷ୍ଠ ସାମ୍ବାଦିକଙ୍କ ମାତୃବିୟୋଗ

ନୀଳଗିରି, ୨୭।୧୧(ସମିସ): ନୀଳଗିରର ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ମାତୃ ବିୟୋଗ ଘଟିଛି। ନୀଳଗିରି ଏନଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ଼ ସିମୁଳିଆ ଗ୍ରାମର ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ମା' ଅନ୍ନପୂର୍ଣ୍ଣା ଦେବୀଙ୍କ ୮୮ ବୟସରେ ନିଜ ବାସଭବନରେ ଆଜି ପରଲୋକ ହୋଇଯାଇଛି। ଅନ୍ନପୂର୍ଣ୍ଣା ଏକମାସ ହେବ ଶଯ୍ୟାଶାୟୀ ଥିଲେ। ତାଙ୍କର ୪ପୁଅ ରାମଚନ୍ଦ୍ର, ଲକ୍ଷ୍ମଣ, ଭରତ, ଶତ୍ରୁଘନ ଥିବାବେଳେ ମଝିଆପୁଅ ଭରତ ମୁଖାଗ୍ନି ଦେଇଛନ୍ତି। ମୃତ୍ୟୁ ଶରୀର ନିକଟରେ ପୁଅ, ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ଅନ୍ନପୂର୍ଣ୍ଣାଦେବୀ ଜଣେ ମୃଦୁଭାଷୀ, ପରୋପକାରୀ, ଧର୍ମପରାୟଣ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ନୀଳଗିରିର ବହୁ ସାମ୍ବାଦିକ ଓ ବିଶିଷ୍ଟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବାଲିଆପାଳର ପୁଅ ସୁବାସ ପାଇଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



କାଳିପଦା, ୨୭।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତ ବିଲକୁମ୍ଭାରୀ ଗ୍ରାମର ଶିବ ପ୍ରସାଦ ସାହୁଙ୍କ ପୁତ୍ର ସୁବାସ ଚନ୍ଦ୍ର ସାହୁଙ୍କୁ ମଞ୍ଚକଳାରେ (ନାଟକ ସହିତ ସାମଗ୍ରିକ ଲୋକକଳା) ପାଇଁ ବୁଧବାର ଲୋକସେବା ଭବନଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ସାହୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଜଣେ କୃତୀ ଛାତ୍ର ହିସାବରେ ରୂପସଜା, ବେଶେ ବିନ୍ୟାସର ସ୍ୱତନ୍ତ୍ର ତାଲିମ ପ୍ରାପ୍ତ କରି ମଞ୍ଚକଳାରେ ନିଜକୁ ଜଣେ ନିପୁଣ ବିନ୍ଧାଣୀ ଭାବରେ ପ୍ରତିପାଦନ କରି ପାରିଥିବାରୁ ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଉପସ୍ଥିତ ଥିଲେ। ବିଭାଗୀୟ ସଚିବ ବିଜୟ କେତନ ଉପାଧ୍ୟାୟ ଉକ୍ତ ସଭାରେ ସଭାପତିତ୍ୱ କରିଥଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/ବହଳଦା, ୨୭।୧୧ (ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ଖଣି ବିଭାଗ ଚଢଉ କରି ଏକ ଟ୍ରାକ୍ଟର ଜବତ କରିଛି। ଏନେଇ କନିଷ୍ଠ ଖଣି ଅଧିକାରୀ ମିଥୁନ ଗିରି ବହଳଦା ଥାନାରେ ଅଭିଯୋଗ କରିଛନ୍ତି।

ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଦ୍ରୁତଗତିରେ ଆସୁଥିବା ବେଳେ କେନ୍ଦୁଆଣି ଗ୍ରାମ ନିକଟରେ ଗାଡିକୁ ଅଟକାଇ ପଚରାଉଚରା କରିଥିଲା ବିଭାଗ। ପରେ ଗାଡିକୁ ଜବତ କରିଥିଲା ଖଣି ବିଭାଗ।

ଘରୁ ବାହାର କରିଦେଲେ ଦୁଇପୁଅ

# ଆସବାବପତ୍ର ଧରି ବାପା ଏସ୍‌ପିଙ୍କ ଦ୍ୱାରସ୍ଥ



ବାରିପଦା, ୨୭ ।୧୧(ସମିସ): ବୟସର ଅପରାହ୍ନରେ ବୃଦ୍ଧ ଜଣକ ଅସହାୟ ହୋଇ ଆସବାବପତ୍ର ଧରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଦୁଇ ରୋଜଗାରିଆ ପୁଅ ଥାଇ ବି ଆଜି ବାପା ରାଜରାସ୍ତାରେ। ସମ୍ପତ୍ତି ପାଇଁ ଭାଇ ଭାଇ ମଧ୍ୟରେ ଅଶାନ୍ତି, ଆଉ ବଳି ପଡ଼ିଲା ୮୧ ବର୍ଷର ବୃଦ୍ଧ। ମାତ୍ର ୩ ଡେସିମିଲ ଜାଗା ପାଇଁ ଥାନା କୋର୍ଟ କଚେରୀ ପରେ ଏବେ ବୟସର ଅପରାହ୍ନରେ ନିଜ ଜନ୍ମଦାତା ବାପାଙ୍କୁ ଦୁଇ ପୁଅ ଘରୁ ବାହାର କରି ଦେଇଛନ୍ତି। ନିଜ ପୁଅଙ୍କ ନାଁରେ ଏଭଳି ସାଙ୍ଘାତିକ ଅଭିଯୋଗ କରିଛନ୍ତି ଜଣେ ଅସହାୟ ବାପା। କୌଣସି ଉପାୟ ନ ପାଇ ବୃଦ୍ଧ ଜଣକ ଗୁରୁବାର ନିଜର ଆସବାବପତ୍ର ଧରି ଏସପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଟିକାୟତପୁର ଗାଁରେ ଘଟିଛି। ଗ୍ରାମର ବାବୁଧର ଭୂୟାଁଙ୍କ ସହ ଘଟିଛି ଏଭଳି ଦୁଃଖଦ ଘଟଣା। ବାବୁଧରଙ୍କ ଦୁଇ ଦୁଇ ପୁଅ ଥିବାବେଳେ ସାନ ପୁଅ ଘରେ ରହି ଚାଷ ବାସ କରନ୍ତି। ଆଉ ବଡ଼ ପୁଅ ଗୁଜୁରାଟରେ ଠିକାଦାରୀ କରି ଭଲ ରୋଜଗାର ମଧ୍ୟ କରୁଛନ୍ତି। ହେଲେ ସମ୍ପତ୍ତି ଭାଗବଣ୍ଟା ସମସ୍ୟାକୁ ନେଇ ପ୍ରଥମେ ବଡ଼ ପୁଅ ଘରୁ ବାହାର କରିଦେଇଥିଲେ ବୋଲି ବାପା ଅଭିଯୋଗ ଆଣିଥିବା ବେଳେ ଆଜି ସାନପୁଅ ମଧ୍ୟ ବୁଢା ବାପାଙ୍କୁ ଘରୁ ବାହାର କରିଦେଇଛି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତେବେ ଅସହାୟ ବୃଦ୍ଧ ଜଣକ ଦୁଃଖ ଯନ୍ତ୍ରଣାରେ ଥିବା ବେଳେ ସହାୟତା ନିମନ୍ତେ ଗୁହାରି କରିଛନ୍ତି। ଏନେଇ ଦୁଇ ପୁଅଙ୍କ ପ୍ରତିକ୍ରିୟା ମିଳିନାହିଁ।

# ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଲୁଟ୍

ରାଇରଙ୍ଗପୁର, ୨୭।୧୧(ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଲିଙ୍କ ରୋଡ ସ୍ଥିତ ଏକ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ବିକାଶ କୁମାର ରାମ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ରାତିରେ ଦୋକାନ ବନ୍ଦ କରିଥିଲେ। ଶୀତୁଆ ରାତିରେ ଜନଶୂନ୍ୟର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦୋକାନ ସ୍କାଇ ଲାଇଟ ଭାଙ୍ଗି ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ମୋବାଇଲ ଚୋରି କରିଛନ୍ତି। ସକାଳୁ ମାଲିକ ଜଣକ ଦୋକାନ ଖୋଲିବା ବେଳକୁ ମୋବାଇଲ ନଥିବା ବେଳେ ସିସି ଟିଭି ଯାଞ୍ଚ କରିବାରୁ ଘଟଣା ବାବଦରେ ଜାଣିଥିଲେ। ଥାନାରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ନୂତନ ଏସ୍‌ଡିଆଇପିଆର୍‌ଓଙ୍କ ଯୋଗଦାନ



ବାରିପଦା, ୨୭ ।୧୧(ସମିସ): ଗୁରୁବାର ମୟୂରଭଞ୍ଜ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଶିଶିର କୁମାର ମୁଣ୍ଡୁୟା ବାରିପଦା ସଦର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀ ମୁଣ୍ଡୁୟା କାର୍ଯ୍ୟରେ ଯୋଗଦାନ ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ବ୍ୟବସାୟୀଙ୍କ ବିୟୋଗରେ ଔଷଧ ଦୋକାନ ବନ୍ଦ

ମୋରଡା, ୨୭।୧୧(ସମିସ): ମୋରଡା ବ୍ଲକ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଥିବା ବଜରଙ୍ଗୀ ମେଡ଼ିକାଲ ଷ୍ଟୋରର ବ୍ୟବସାୟୀ ତରଣୀ ସେନ ମହାନ୍ତ (୬୫)ଙ୍କ ବୁଧବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ତାଙ୍କ ପାର୍ଥିବ ଶରୀରକୁ ପୈତୃକ ଗ୍ରାମ ଗଡ଼ିଗାଁ ପଞ୍ଚାୟତ ଫୁଲବାଡିଆ ଗ୍ରାମକୁ ଅଣାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ମୋରଡା ଏବଂ ରାସଗୋବିନ୍ଦପୁର ବ୍ଲକର ସମସ୍ତ ଔଷଧ ବ୍ୟବସାୟୀ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ସମ୍ମାନାର୍ଥେ ଗୁରୁବାର ସନ୍ଧ୍ୟା ୬ଟା୩୦ରୁ ୧୨ ଘଣ୍ଟିଆ ସମସ୍ତ ଔଷଧ ଦୋକାନ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। କେବଳ ଜରୁରୀକାଳିନ ସେବା ପାଇ ଦୋକାନ ଖୋଲିବ ବୋଲି ମୋରଡା ଜୋନ ଇସି ଏମସିଡିଏ ସଦସ୍ୟ ସୌରଭ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି।

# ବିଦ୍ୟାଳୟ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ମହୁଲଡିହା, ୨୭।୧୧(ସମିସ): ଠାକୁରମୁଣ୍ଡା ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ଡିସେମ୍ବର ୨୬ରୁ ୨୮ ତାରିଖ ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କରଞ୍ଜିଆ ବିଧାୟକ ତଥା ପୂର୍ବତନ ଛାତ୍ର ପଦ୍ମଚରଣ ହାଇବୁରୁ ଯୋଗଦେଇ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଅଳ୍ପ ସମୟ ବ୍ୟବଧାନ ଥିବାରୁ ସମସ୍ତେ ସହଯୋଗ କରିବା ପାଇଁ ଏକ ଭିଡିଓ ବାର୍ତ୍ତାରେ ସୂଚନା ଜାରି କରାଯାଇଛି। ଏହି ଉତ୍ସବର ଅତିଥି ନିର୍ବାଚନ ବିଧାୟକଙ୍କ ଉପରେ ନ୍ୟସ୍ତ କରାଯାଇଛି। ଡିସେମ୍ବର ୨୬ ତାରିଖରେ ହୀରକ ଜୟନ୍ତୀ ଉଦଘାଟନ ହୋଇ ୨୭ ତାରିଖରେ ପୂର୍ବତନ ଛାତ୍ରଛାତ୍ରୀଙ୍କ କାର୍ଯ୍ୟକ୍ରମ ଏବଂ ୨୮ ରେ ଉଦଯାପନୀ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରାଯାଇଛି।

ବାଲିଆପାଳ ପଞ୍ଚାୟତ ସମିତିର ସପ୍ତମ ବୈଠକ

# ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ସମସ୍ୟାକୁ ନେଇ ଉଦ୍‌ବେଗ

ବାଲିଆପାଳ, ୨୭।୧୧ (ସମିସ)



ବାଲିଆପାଳ ପଞ୍ଚାୟତ ସମିତିର ସପ୍ତମ ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସମସ୍ୟାକୁ ନେଇ ସଦସ୍ୟମାନେ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବସ୍ତା ବିଧାୟିକା ସୁବାସିନୀ ଜେନା, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, କାଞ୍ଚନ ଜେନା, ବେଣୁଧର ଜେନା, ବାବାଜୀ ଦେହୁରୀ, ବିଡିଓ ରାଧାରଞ୍ଜନ ଦାସ, ଅତିରିକ୍ତ ବିଡିଓ ଶରତ ମୁଦୁଲି, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଜିପିଡିଓ ପ୍ରିୟବ୍ରତ ପ୍ରଧାନ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଶ୍ରୀରାମପୁର ପଞ୍ଚାୟତର ଏକ ପ୍ରକଳ୍ପକୁ ସହକାରୀ ଯନ୍ତ୍ରୀ ଜାଣି ନ ପାରି ସରକାରୀ ଦଳର କର୍ମୀଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ କହିବା ଓ ତାହାକୁ ନେଇ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ମାଡ଼ ମରାଯିବା ଘଟଣାକୁ ନେଇ ବିଧାୟିକା ସୁବାସିନୀ ଜେନା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଇନକୁ ହାତକୁ ନେଇ ଯେଉଁମାନେ ଯନ୍ତ୍ରୀଙ୍କ ଉପରେ ଆକ୍ରମଣ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଥିଲେ। ବ୍ଲକର ବିକଳ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏକମାତ୍ର ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସ ଆରମ୍ଭ ନ ହେବା ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା ଆଦର୍ଶ ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ଜିଲାପାଳ ଓ ଡିଇଓଙ୍କ ଦ୍ୱାରା ପରିଚାଳିତ ହେଉଥିବା କହି ଅସହାୟତା ପ୍ରକାଶ କରିଥିଲେ। ମାଧ୍ୟମିକ ଶିକ୍ଷାକ୍ଷେତ୍ରରେ ବ୍ଲକରେ ଆବଶ୍ୟକତାଠାରୁ ୫୦ ପ୍ରତିଶତ କମ ଶିକ୍ଷକ ଥିବା ସେ ସ୍ୱୀକାର କରିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କରେ ଆଲୋଚନା ଆରମ୍ଭ ହେବା ମାତ୍ରେ ବିଧାୟିକା ଶ୍ରୀମତୀ ଜେନା ନିକଟରେ ୧୦୮ ଆମ୍ବୁଲାନ୍ସରେ ଅମ୍ଳଜାନ ସରିଯିବାରୁ ଗୋଟିଏ ଶିଶୁର ମୃତ୍ୟୁ ଘଟିଥିବା କହିଥିଲେ। ଏହି ଘଟଣାରେ ସମ୍ପୃକ୍ତ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କହିଥିଲେ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦୦୬ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ଜନ୍ମ ମୃତ୍ୟୁ ପ୍ରମାଣପତ୍ରର ରେକର୍ଡ ନ ଥିବା ଯୋଗୁଁ ହିତାଧିକାରୀ ପ୍ରମାଣପତ୍ର ନ ପାଇ ପିଲାଙ୍କ ଆଧାର କାର୍ଡ ହୋଇ ପାରୁନାହିଁ କିମ୍ବା ସଂଶୋଧନ ମଧ ହୋଇ ନ ପାରି ପାଠପଢ଼ାରେ ହଇରାଣ ହେଉଥିବା ଜଗତିପୁର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର ଦୃଷ୍ଟି ଆକର୍ଷଣ କରିଥିଲେ। ସାଂସଦ ଶ୍ରୀ ଷଡ଼ଙ୍ଗୀ ଅବହେଳା କରିଥିବା ବ୍ୟକ୍ତି ବିରୁଦ୍ଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଭାରାପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ପ୍ରୀତମ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳଯୋଗାଣ ଉପରେ ଆଲୋଚନା ହୋଇଥିଲା। ସାଂସଦ ଶ୍ରୀ ଷଡ଼ଙ୍ଗୀ ମେଘା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦେବ କୁମାର ଦେ, ସରୋଜ ପିଳା, ପଙ୍କଜିନୀ ମହାପାତ୍ର, ଜୟନ୍ତ ଦାସ, କରୁଣାକର ମଲ୍ଲିକ, କସ୍ତୁରୀବାଳା ପାତ୍ର, ସମିତି ସଦସ୍ୟା କାବେରୀ ରାଣୀ ରାଉତ, ପ୍ରମୁଖ ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ। ଅତିରିକ୍ତ ବିଡିଓ ଶରତ ମୁଦୁଲି ଧନ୍ୟବାଦ ଦେଇଥିଲେ।

ସକାଳ THE SAKALA



www.sakalaepaper.com

### ଚାନ୍ଦବାଲି ବ୍ଲକ୍ ଓ ଏନ୍ଏସିରେ ହିତାଧିକାରୀଙ୍କ ଉପରେ ଚଡ଼କ

# କଟିବ ୩୦, ୯୯୮ ଅଯୋଗ୍ୟ ରାସନ କାର୍ଡ

ଭଦ୍ରକ, ୨୭ ।୧୧(ସମିସ)

ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମନରେ ଏବେ ଛନ୍କା। କେନ୍ଦ୍ର ସରକାରଙ୍କ ୯ଟି ମାନଦଣ୍ଡରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଓ ଏନଏସିରେ ୩୦ ହଜାର ୯୯୮ ଜଣ ଅଯୋଗ୍ୟ ହିତାଧିକାରୀ ଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ବ୍ଲକର ୩୬ଟି ପଞ୍ଚାୟତରେ ଏହି ସଂଖ୍ୟା ୩୦ ହଜାର ୨୮୫ ଥିବାବେଳେ ଏନ୍ଏସିର ୧୫ଟି ୱାର୍ଡରେ ଏହି ସଂଖ୍ୟା ୭୧୩ ରହିଛି। ଏନ୍ଏସିର ପାଞ୍ଚପଡ଼ା (୧ ନମ୍ବରରୁ ୫ ୱାର୍ଡ)ରେ ୧୭୧ ଜଣ, ଚାନ୍ଦବାଲି (୬ରୁ ୧୦ ୱାର୍ଡ)ରେ ୨୨୫ ଜଣ ଓ ବାଲିଗାଁ (୧୦ରୁ ୧୫ ୱାର୍ଡ)ରେ ୨୯୦ ଜଣ ଅଯୋଗ୍ୟ ହିତାଧିକାରୀ ଥିବା ବ୍ଲକ ଯୋଗାଣ ବିଭାଗକୁ ତଥ୍ୟ ଆସିଛି। ସେହିପରି ବ୍ଲକର ଆରଡ଼ି ପଞ୍ଚାୟତରେ ୭୬୯, ବଡଓସ୍ତିଆ ରେ ୬୧୪, ବାଂଶଡାରେ ୫୫୬, ଭାଟପଡ଼ା ଓ ମହୁଲିଆରେ ୧୫୧୫, ଭୂଇଁବୃତ୍ତିରେ ୯୯୨, ବିଜୟ ନଗରରେ ୮୧୦, ଚଡଦିଆ ୯୬୩, ଧାମରା ୬୫୩, ଦୋସିଙ୍ଗା ୧୧୮୦, ଘଟପୁରରେ ୧୧୫୮, ଗୋପୀନାଥପୁର ଓ ବଜରାପୁରରେ ୧୫୨୧, ଜାଗୁଳା ୬୨୩, ଜଳେଶ୍ୱରପୁର ୯୦୭, ଯଶିପୁର ୧୧୭୯, କଇଥଖୋଲାରେ ୮୧୨, କରଣ ପଲ୍ଲୀ ୬୧୫, କରଞ୍ଜ ମାଳ ୯୪୫, ମାଧପୁର, ୮୦୬, ମତୋ ୮୫୦, ମୌସୁଧା ୯୭୪, ନଳଗୋହିରା ୧୪୨୩, ନାଳଗୁଣ୍ଡା ଓ ଖେରଙ୍ଗରେ ୧୭୪୦, ନାନ୍ଦପୁର ୭୧୨, ନୂଆଗାଁ ୫୪୦, ଓରାସାହି ଓ କାଣ୍ଡଗରଡି ରେ ୧୬୯୫, ପଞ୍ଚୁଟିକିରି, ୫୯୩, ସୁନ୍ଦରପୁର ଓ ଓଲଗରେ ୧୪୭୫, ତେନ୍ତୁଳିଡିହି ୧୦୨୦, ତୋଟା ପଡ଼ା ଓ ଖଦାଳପୋଖରୀରେ ୧୫୫୮, ଉତୁକୁଡ଼ା ପଞ୍ଚାୟତରେ ୧୦୮୭ ଜଣ ଅଯୋଗ୍ୟ ହିତାଧିକାରୀ ଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ତେଣୁ ଆଗାମୀ ଦିନରେ ବ୍ଲକ ପ୍ରଶାସନ ଏହା ଉପରେ କି ପଦକ୍ଷେପ ନେଉଛି ସେ ନେଇ ସମସ୍ତଙ୍କ ନଜର ରହିଛି।

# ନ୍ୟାୟ ପାଇଁ ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ



**ବନ୍ତ/ଆଗରପଡ଼ା, ୨୭ ।୧୧(ସମିସ):** ନାରୀର ସୁରକ୍ଷା ଓ ନାରୀ ଶକ୍ତିର ପ୍ରଗତି ପାଇଁ ସରକାର ବିଭିନ୍ନ ନୀତିନିୟମ ପ୍ରଣୟନ କରୁଛନ୍ତି। ମାତ୍ର ଅଧିକାଂଶ କ୍ଷେତ୍ରରେ ସରକାରୀ ବାବୁମାନଙ୍କ କୋହଳ ମନୋଭାବ ଯୋଗୁଁ ନାରୀମାନେ ଉପଯୁକ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ଥାନା ସାହାରାଗଡ଼ିଆ ଗ୍ରାମର ସ୍ୱର୍ଗତ ଅଜୟ ଜେନାଙ୍କ ପତ୍ନୀ କୁନି ଜେନାଙ୍କ କ୍ଷେତ୍ରରେ। ସେ ଗତ ୨୦୧୮ ମସିହାରେ ନିଜ ସୁନାଗହଣା ନିଜ ଗାଁର ଜନୈକ ବ୍ୟକ୍ତିଙ୍କ ନିକଟରେ ବନ୍ଧକ ରଖି ଏକଲକ୍ଷ ସୁଧ ଆକାରରେ ଆଣିଥିଲେ। ଗତ ୨୦୨୨ ମସିହାରେ କୁନି ମୂଳ ଏବଂ ସୁଧ ଟଙ୍କା ଫେରାଇ ନିଜର ସୁନା ଗହଣା ମୁକୁଳାଇବାକୁ ଧାର ଦେଇଥିବା ଲୋକଙ୍କ ନିକଟକୁ ଯାଇଥିଲେ; କିନ୍ତୁ ସେ ଅଧିକ ଟଙ୍କା ଦାବି କରି ତାଙ୍କ ସୁନାଗହଣା ଫେରାଇ ନଥିଲେ। ଶେଷରେ ସେ ନିରାଶ ହୋଇ ବନ୍ତ ଥାନାରେ ନ୍ୟାୟ ପାଇଁ ବହୁବାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପୁଲିସ କୌଣସି ପଦକ୍ଷେପ ନେଇ ନଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଥାନାରୁ ନ୍ୟାୟ ନ ମିଳିବାରୁ ସେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ତ୍ୟାଗଭୂମି ମହୋତ୍ସବର ୪ର୍ଥ ସନ୍ଧ୍ୟା

# ‘ସମସ୍ୟାକୁ ସୁଯୋଗରେ ରୂପାନ୍ତର କଲେ ଉଦ୍ୟୋଗ ନବୀକରଣ ସମ୍ଭବ’




**ଭଦ୍ରକ, ୨୭ ।୧୧, (ସମିସ):** ଆଞ୍ଚଳିକ ଉଦ୍ୟୋଗକୁ ନୂଆଗତି ଦେବା ପାଇଁ ପରିବର୍ତ୍ତନମୁଖୀ ନୀତି, ପାରଦର୍ଶୀ ପ୍ରଶାସନ ଓ କୁଶଳୀ ମାନବ ସମ୍ବଳର ଆବଶ୍ୟକତା ରହିଛି। ସମ୍ପ୍ରତି ଉଦ୍ୟୋଗପତିମାନେ ସରକାରୀ ପ୍ରକ୍ରିୟାର ବିଳମ୍ବ, ପୁଞ୍ଜି ନିବେଶରେ ସଂକଟ ଓ ସୁଦୃଢ଼ ପ୍ରଯୁକ୍ତି-ବିଦ୍ୟାର ଅଭାବ ଭଳି ସମସ୍ୟାଗୁଡ଼ିକରେ ସମ୍ମୁଖୀନ ହେଉଛନ୍ତି। ଅତ୍ୟାଧୁନିକ ନବୀକରଣ କୌଶଳ, ଦକ୍ଷତା ବିକାଶ ଓ ସମତୁଲ ସହଯୋଗ ଉପଲବ୍ଧ ହୋଇପାରିଲେ ଉଦ୍ୟୋଗ ରୂପାନ୍ତର ସମ୍ଭବ ହେବା ସହିତ ସମୟାନୁସାରୀ ନିଷ୍ପତି ଓ ଅନୁକୂଳ ପରିବେଶକୁ ନେଇ ରାଜ୍ୟରେ ଶିଳ୍ପବିକାଶ ଦ୍ରୁତ ଅଗ୍ରଗତି କରିବ ବୋଲି ଗୁରୁବାର ତ୍ୟାଗଭୂମି ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ‘ଉଦ୍ୟୋଗ ରୂପାନ୍ତର, ସମସ୍ୟା ଓ ସମାଧାନ’ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତ୍ୟାଗଭୂମିର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆଜିର ମଞ୍ଚ ଏ ମାଟିର ଦିବଂଗତ ଶିକ୍ଷାବିତ ପ୍ରଫେସର ଡ. ସନାତନ ମହାନ୍ତିଙ୍କ ନାମରେ ଉତ୍ସର୍ଗୀକୃତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭଦ୍ରକ ଓକିଲ ସଂଘର ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ ଯୋଗଦେଇ ଦେଶ ଓ ରାଜ୍ୟର ଅର୍ଥନୀତିକ ବିକାଶ ତଥା ବେକାରୀ ସମସ୍ୟା ଦୂରୀକରଣରେ ଛୋଟଛୋଟ ଉଦ୍ୟୋଗ ସୃଷ୍ଟିହେବା ସହ ଶିଳ୍ପର ଆଭିମୁଖ୍ୟ ଓ ଶୃଙ୍ଖଳାଗତ ପଦ୍ଧତିର ରୂପାୟନ ହେବା ଜରୁରି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସାଂସଦ ଅର୍ଚ୍ଚନା ନାୟକ ଯୋଗଦେଇ ସକଳ ବାଧାବିଘ୍ନ ଭିତରୁ ଭବିଷ୍ୟତର ଅନ୍ୱେଷଣ ଏକ ସାମାଜିକ ଦାୟିତ୍ୱ ବୋଲି ମତ ଦେଇଥିଲେ। ନାରୀମାନେ ମଧ୍ୟ ସଶକ୍ତ ଓ ପୁରସ୍କାର ସମକକ୍ଷ ହେବା ଉଚିତ; ମାତ୍ର ଏବେ ଆଇନର ଫାଇଦା ନାରୀମାନେ ନେଉଛନ୍ତି ଓ ପୁରୁଷ ନିର୍ଯାତନା ବଢ଼ୁଛି ବୋଲି ମତ ଦେଇଥିଲେ। ଗାନ୍ଧିଶାନ୍ତି ପ୍ରତିଷ୍ଠାନ ସମ୍ପାଦକ ତଥା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ସଦସ୍ୟ ପବନ କୁମାର ଶର୍ମା ବରଣ୍ୟ ଅତିଥି ଓ ବକ୍ତା ଭାବେ ଯୋଗଦେଇ ବିଷୟଭିତିକ ଆଲୋଚନା କରିଥିଲେ। ଏହି ଅବସରରେ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରାଧାପକ ତଥା ବିଶିଷ୍ଟ ଲେଖକ ଡ. ବଳରାମ ମିଶ୍ରଙ୍କୁ ଆଜିର ମଞ୍ଚ ପକ୍ଷରୁ ‘ପ୍ରଫେସର ସନାତନ ମହାନ୍ତି ଶିକ୍ଷାବିତ୍ ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷାଧିକାରୀ ଗୟାଧର ପଣ୍ଡା ମାନପତ୍ର ପାଠ କରିଥିଲେ। ଆଇନଜୀବୀ ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକ ଶ୍ରୀହର୍ଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ସଂଗଠନ ସମ୍ପାଦକ ସୁଧାକର ରାଉତ, ସଦସ୍ୟ ଅଶୋକ ଦ୍ୱିବେଦୀ, ଇଂ. ଅଖିଳ କୁମାର ପାଢ଼ୀ, ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ, ସାହିତ୍ୟକ ଶାନ୍ତନୁ କୁମାର ରାଉତ, ଇଂ.ଆମ୍ବିକା ବଲ୍ଲଭ ସ୍ୱାଇଁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ବସୁମିତ୍ରା ସାହୁ, ରାମଚନ୍ଦ୍ର ନାୟକ, ଲକ୍ଷ୍ମୀକାନ୍ତ ବାରିକ୍, ବାବୁଲାଲ୍ ଦାସ, ଗୌରାଙ୍ଗ ବାରିକ, ଶାନ୍ତନୁ ନାୟକ, ବାବୁଲାଲ ଦାସ, ଡାକ୍ତର ପ୍ରଦୀପ ନାୟକ ବିଚିତ୍ରଣନ୍ଦ ମହାନ୍ତି, ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଚୈତାଳି ଖିଲାର, ମୁକ୍ତିକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଭଦ୍ରକ ‘ଉତ୍ସବ ନୃତ୍ୟାନୁଷ୍ଠାନ’ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଡ. ବଳରାମ ମିଶ୍ରଙ୍କୁ ‘ପ୍ରଫେସର ସନାତନ ମହାନ୍ତି ଶିକ୍ଷାବିତ୍ ସମ୍ମାନ’**

### ଗୋପୀନାଥପୁର ପଞ୍ଚାୟତ ସରପଞ୍ଚଙ୍କ ନିଲମ୍ବନ ପ୍ରସଙ୍ଗ

# ନିଲମ୍ବନ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

**ଭଦ୍ରକ, ୨୭ ।୧୧(ସମିସ):** ଦିନକୁ ଦିନ ରୋଚକ ହେଉଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ପଦବୀ। ନିଲମ୍ବନ ଓ ସ୍ଥଗିତାଦେଶକୁ ନେଇ ଚାଲିଛି ଛକାପଞ୍ଝା। ଏବେ ମାମଲା ପହଞ୍ଚିଛି ସର୍ବୋଚ୍ଚ ନ୍ୟାୟାଳୟରେ। ଆଉ ଏଠାରୁ ସରପଞ୍ଚ ପଦବୀର ନିଲମ୍ବନ ଉପରେ ସ୍ଥଗିତାଦେଶ ଆଣିଛନ୍ତି ନିଲମ୍ବିତ ସରପଞ୍ଚ ବାପୁନୁ ବାରିକ। ସୂଚନାଯୋଗ୍ୟ, ମନରେଗା କାର୍ଯ୍ୟରେ ୮ ଜଣ ନାବାଳକଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ନେଇ ସରପଞ୍ଚ ବାପୁନୁ ବାରିକଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଅଭିଯୋଗର ତଦନ୍ତ ପରେ ଏହା ପ୍ରମାଣିତ ହେବା ପରେ ଉକ୍ତ କାର୍ଯ୍ୟ ବାବଦରେ ଉଠା ଯାଇଥିବା ଅର୍ଥ ବ୍ଲକ ପ୍ରଶାସନକୁ ଫେରାଇଥିଲେ; ହେଲେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଭଦ୍ରକ ଜିଲ୍ଲାପାଳଙ୍କ ସୁପାରିସ ଆଧାରରେ ରାଜ୍ୟ ପଞ୍ଚାୟତିରାଜ ସଚିବ ଉକ୍ତ ସରପଞ୍ଚଙ୍କୁ ନିଲମ୍ବନ କରିଥିଲେ। ଏହି ନିଲମ୍ବନକୁ ଚାଲେଞ୍ଜ କରି ବାପୁନୁ ବାରିକ ଉଚ୍ଚ ନ୍ୟାୟାଳୟରୁ ସ୍ଥଗିତାଦେଶ ଆଣିବାରେ ସଫଳ ହୋଇଥିଲେ। ହେଲେ ପରବର୍ତୀ ସମୟରେ ଉଚ୍ଚ ନ୍ୟାୟାଳୟ ସରପଞ୍ଚଙ୍କ ନିଲମ୍ବନକୁ ସଠିକ୍ କହିବା ସହ ଏହି ନିଲମ୍ବନ ନିଷ୍ପତିକୁ କାଏମ ରଖିଥିଲେ। ଯାହାକୁ ନେଇ ନିଲମ୍ବିତ ସରପଞ୍ଚ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚତମ ନ୍ୟାୟାଳୟ ରେ ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡ ପୀଠ ମାମଲାର ବିଚାର କରି ବିଭିନ୍ନ ପକ୍ଷଙ୍କୁ ନୋଟିସ ଜାରି କରିବା ସହ ଉଭୟ ପଞ୍ଚାୟତିରାଜ ବିଭାଗ ଓ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଫଳରେ ପୂର୍ବବତ୍ ଶ୍ରୀ ବାରିକ ନିଜର ସରପଞ୍ଚ ପଦବି ବଜାୟ ରଖିଛନ୍ତି। ଏହି ପଛରେ ଏକ ବିରାଟ ରାଜନୈତିକ ପତିଆରା ଲଢ଼େଇ ଚାଲିଥିବା ବେଳେ ଆଗାମୀ ଦିନରେ ଏହି ଘଟଣା କି ମୋଡ଼ ନେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ତୁଟୁନି ବରପଦା ଇଞ୍ଜିନିୟରିଂ କଲେଜ ବିବାଦ

# ପୁଣି ଆଇନର ଆଶ୍ରୟ ପାଇଁ ମଞ୍ଚର ପ୍ରସ୍ତୁତି

**ଭଦ୍ରକ, ୨୭ ।୧୧(ସମିସ):** ଭଦ୍ରକର ବରପଦା ଇଞ୍ଜିନିୟରିଂ କଲେଜର ବିବାଦ ଥମିବାର ନାମ ନେଉନାହିଁ। ଭଦ୍ରକ ନାଗରିକ ମଞ୍ଚ ଓ କର୍ମଚାରୀ ପ୍ରତିନିଧିଙ୍କ ପକ୍ଷରୁ ବରପଦା ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ସମସ୍ୟାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରପଦା କଲେଜକୁ ନେଇ କୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ପୁଣି ଏହି ଆଦେଶକୁ ନେଇ ଉପର କୋର୍ଟକୁ ଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ମିଳିଛି। ମଞ୍ଚର ଅଭିଯୋଗ ଅନୁଯାୟୀ କଲେଜର ବିଭିନ୍ନ ସମସ୍ୟାକୁ ନେଇ ହୋଇଥିବା ସମସ୍ତ ଅଭିଯୋଗର ସମାଧାନ ହୋଇନାହିଁ। ଏ



ନେଇ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଭେଟି ଅଭିଯୋଗ ବିଷୟରେ ପ୍ରତିନିଧି ଦଳ ଦୁଇ ଥର ଅବଗତ କରାଇଛନ୍ତି। ଖୁବ୍ ଶୀଘ୍ର ସମସ୍ୟା ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ତେବେ ବହୁ ପୂର୍ବରୁ କଲେଜ ସମସ୍ୟାକୁ ନେଇ ପୁଲିସ ଓ ପ୍ରଶାସନର ଅବହେଳା ଯୋଗୁଁ ଅନେକ କର୍ମଚାରୀ ଦରମା ନ ପାଇବା ସହ ଅତ୍ୟାଚାରିତ ହେଉଛନ୍ତି। ଆଗାମୀ ଦିନରେ ପୁଣି ଆଇନର ଆଶ୍ରୟ ନେବା ସହ କର୍ମଚାରୀଙ୍କ ପାଇଁ ପଦକ୍ଷେପ ନେବ ବୋଲି ମଞ୍ଚ କାର୍ଯ୍ୟକର୍ତ୍ତା ଯୁଧିଷ୍ଠିରର ପଣ୍ଡା, ଅଜୟ ପଣ୍ଡା, କର୍ମଚାରୀ ସଂଘର ଶ୍ରୀକାନ୍ତ ମହାପାତ୍ର ଓ ବିଜୟ କୁମାର ରାଉତ ପ୍ରମୁଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବସ୍ ଧକ୍କାରେ ବାଇକ୍ ଚାଳକ ମୃତ; ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

**ବନ୍ତ/ଆଗରପଡ଼ା, ୨୭ ।୧୧(ସମିସ):** ବନ୍ତ ଥାନା ଅଧୀନ ଛୟାଳସିଂହ ପଞ୍ଚାୟତ ହାଟଡିହି ଛକ ନିକଟରେ ଏକ ବସ୍ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆରୋହୀ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିର୍ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ବାବା ବିଶ୍ୱନାଥ ନାମକ ଏକ ଘରୋଇ ବସ୍ ଆନନ୍ଦପୁର ପଟୁ ଭଦ୍ରକ ଅଭିମୁଖେ ଯାଉଥିବା ସମୟରେ ବରପଦା ପଟୁ ଏକ ବାଇକ୍ ଯୋଗେ ଟିଲୋ ଅଞ୍ଚଳର ଦୁଇଜଣ ଯୁବକ ବନ୍ତ ଆଡ଼କୁ ଫେରୁଥିବା ସମୟରେ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ। ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତେବେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯିବା ସହ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଖବର ପାଇ ବନ୍ତ ପୁଲିସ ଏବଂ ଅତିରିକ୍ତ ତହସିଲଦାର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ସୂଚନା ମିଳିଛି।



# ଜଗନ୍ନାଥପ୍ରସାଦରେ ଅଗ୍ନିକାଣ୍ଡ

**ବାରିକପୁର, ୨୭ ।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ନିକଟସ୍ଥ ଜଗନ୍ନାଥ ପ୍ରସାଦ ଗାଁରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ ଆଜି ଅପରାହ୍ନ ୪.୩୦ ମିନିଟ୍ ସମୟରେ ଗାଁର ଅଶୋକ ମହାପାତ୍ରଙ୍କ ଗୁହାଳ ଘରେ ନିଆଁ ଲାଗିଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରି ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡକ ଆୟତ୍ତ କରିଥିଲେ। ନିଆଁ ଲାଗିବା ଯୋଗୁଁ ଦୁଇ ବଖରା ଗୁହାଳ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଉକ୍ତ ଅଘଟଣରୁ ୪ଟି ଗୋରୁ ବର୍ତ୍ତି ଯାଇଛନ୍ତି। ତେବେ ଗାଁ ଦାଣ୍ଡରେ କେହି ବାଣ ଫୁଟାଉ ଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

# କୁଚ୍ ବିହାର ଟ୍ରଫି ପାଇଁ ସ୍ୱୟଂମ୍ଭୁ ମନୋନୀତ



**ଭଦ୍ରକ, ୨୭ ।୧୧(ସମିସ):** ଜାତୀୟ ସ୍ତରୀୟ ୧୯ ବର୍ଷରୁ କମ୍ ବାଳକ କ୍ରିକେଟ୍ କୁଚ୍ ବିହାର ଟ୍ରଫି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକରୁ ସ୍ୱୟଂମ୍ଭୁ ପଲାଇ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ଉତ୍ତରାଖଣ୍ଡର କାଶୀପୁରରେ ଡିସେମ୍ବର ୧ରୁ ଆରମ୍ଭ ହେବ। ଏଥି ନିମନ୍ତେ ଓଡ଼ିଶା କ୍ରିକେଟ ଆଶୋସିଏସନ୍ ତାର ଖେଳାଳିଙ୍କ ନାମ ଘୋଷଣା କରିଛି। ତାଙ୍କର ଏହି ସଫଳତା ପାଇଁ ଭଦ୍ରକ ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକ ଧିରେନ୍ ପଲାଇ, କୋଷାଧ୍ୟକ୍ଷ ବ୍ୟୋମୋକେଶ ସେନାପତି, ଉପସଭାପତି ଯତିକାନ୍ତ ନାୟକ ଓ ବ୍ରଜନାରାୟଣ ଜେନା ଓ ଉପ ସାଧାରଣ ସମ୍ପାଦକ ବିଜୟ ଲଖାନୀ ଓ ସୁଦାମ୍ ନାୟକ, ପୂର୍ବତନ ସଭାପତି ଉପେନ୍ଦ୍ର ବାରିକ୍ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# କବାଟ ଭାଙ୍ଗି ଘରୁ ଅଳଙ୍କାର ଚୋରି

**ଦୋଲ, ୨୭ ।୧୧(ସମିସ):** ଦୋବଲ ଜୋନ ଅନ୍ତର୍ଗତ ମୁସ୍ତଫାପୁର ପଞ୍ଚାୟତ ବେଳମଳା ଗ୍ରାମରେ ହରପ୍ରିୟା ସ୍ୱାଇଁଙ୍କ ଘରୁ ଗଡ଼ରେଜ ଭାଙ୍ଗି ୨ଟି ସୁନା ଚେନ୍, ୨ ହଳ କାନଫୁଲ ଓ ପ୍ରାୟ ୫୦ ହଜାର ଟଙ୍କା ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ଏସ୍ଆଇ ନାରାୟଣ ନାୟକ ସନ୍ଧାନୀ କୁକୁର ଓ ବୈଜ୍ଞାନିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଅବସରପ୍ରାପ୍ତ ବାୟୁସେନା ଅଧିକାରୀଙ୍କ ପରଲୋକ





**ଭଦ୍ରକ, ୨୭ ।୧୧(ସମିସ):** ଭଦ୍ରକରେ ଅବସ୍ଥାନ କରୁଥିବା ପୂର୍ବତନ ବାୟୁସେନା ଅଧିକାରୀ ପରମେଶ୍ୱର ମଲ୍ଲିକଙ୍କ ୬୪ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ପାଇ ବାୟୁସେନା ଭୁବନେଶ୍ୱର କାର୍ଯ୍ୟାଳୟ ତରଫରୁ ଭାରତୀୟ ବାୟୁସେନାର ୩ଟି ବିଭାଗରୁ ଫୁଲତୋଡା ସହ ତାଙ୍କ ଭଦ୍ରକ ଗବସାହି ସ୍ଥିତ ବାସଭବନରେ ଶେଷ ସମ୍ମାନ ପ୍ରଦର୍ଶନ ପୂର୍ବକ ସାମରିକ ଅଭିବାଦନ ପ୍ରଦାନ କରାଯିବ। ତାଙ୍କର ମରଶରୀରକୁ ଜାତୀୟ ପତାକା ଦ୍ୱାରା ଆଚ୍ଛାଦନ କରାଯାଇ ବାୟୁସେନାର ଯବାନମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବରିଷ୍ଠ ଶଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରଭାସ କୁମାର ମହାନ୍ତି, ବିଶିଷ୍ଟ ବାସ୍ତୁବିତ ପଲ୍ଲଭ କୁମାର କର, ବାୟୁସେନା କମାଣ୍ଡିଂ ଅଫିସର ଅରବିନ୍ଦ ମହାନ୍ତି, ଅବସରପ୍ରାପ୍ତ ସେନା ଅଧିକାରୀ ଧନେଶ୍ୱର ବିଶ୍ୱାଳ, ଗଜେନ୍ଦ୍ର ପ୍ରସାଦ ଦାସ, ଇଂ.ମହେଶ ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପରମାନନ୍ଦ ସାହୁ ପ୍ରମୁଖ ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସାହାପୁର ମଶାଣିକୁ ନିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଥିଲା। ତାଙ୍କ କନ୍ୟା ଡାକ୍ତର ଅର୍ଚ୍ଚନା ମଲ୍ଲିକ ମୁଖାଗ୍ନି ଦେଇଥିଲେ।

# ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ

**ଦୋଲସାହି, ୨୭ ।୧୧(ସମିସ):** ତିହିଡି ବ୍ଲକ ଅଧୀନ କୁବେରା ପଞ୍ଚାୟତ ଇଟାଗଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ବିଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଲୁମିନି କମିଟି ସଭାପତି ଗଣେଶ ପ୍ରସାଦ ରାଉତ, ପରିଚାଳନା କମିଟି ର ସଭାପତି ଶରତ କୁମାର ବେହେରା, ପୂର୍ବତନ ସଭାପତି ଲକ୍ଷ୍ମୀଧର ସେଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରିଥିଲେ।

# ଥାନାରେ ସମ୍ବିଧାନ ଦିବସ ପାଳନ ଓ ଶପଥ ପାଠ



**ଧାମନଗର, ୨୭ ।୧୧(ସମିସ):** ଧାମନଗର ଥାନାରେ ଥାନାଧିକାରୀ ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଏସଆଇ ପ୍ରଦୀପ ନାୟକ, ନାରାୟଣ ଚନ୍ଦ୍ର ନାୟକ, ମହେଶ୍ୱର ପ୍ରଧାନ, ଏଏସଆଇ ସୁଜିତ ରାଉତ, ଲରେନ୍ସ କୁଜୁରୁ, ନରେନ୍ଦ୍ର ରାଉତ, କଳ୍ପନା ରାଉତ ଓ କନେଷ୍ଟବଳ ଜୟନ୍ତୀ ଶତପଥୀ, ନୀଳମଣି ବିଳାସଙ୍କ ସମେତ ଥାନାର ଅନ୍ୟ କର୍ମଚାରୀ ଯୋଗଦେଇ ସମ୍ବିଧାନର ମୂଲ୍ୟବୋଧକୁ ସମ୍ମାନ ଜଣାଇ ରାଷ୍ଟ୍ର ଗଠନ ନିମନ୍ତେ ଶପଥ ପାଠ କରିଥିଲେ। ପ୍ରତି ବର୍ଷ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ଭାବରେ ପାଳନ କରାଯାଏ। ୧୯୪୯ ମସିହା ନଭେମ୍ବର ୨୬ ରେ ଭାରତ ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ରେ ଏହାକୁ ଭାରତରେ ଲାଗୁ କରାଯାଇଥିଲା। ୨୦୧୫ ମସିହାରେ ନାଗରିକଙ୍କ ମଧ୍ୟରେ ସମ୍ବିଧାନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଛି। କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ବିଶାଳ ଦେଶରେ ବିଭିନ୍ନ ପ୍ରକାର ଭାଷା, ଉପଭାଷା, ପୋଷାକ, ଖାଦ୍ୟ ପାନୀୟ ଏବଂ ଅନ୍ୟାୟ ପରିବର୍ତନ ଦେଖିବାକୁ ମିଳିଥାଏ। ଏପରି ସ୍ଥିତିରେ ସମ୍ବିଧାନ ହେଉଛି ଏମିତି ଏକ ବିଚାରଧାରା ଯାହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏକତ୍ର ବାନ୍ଧି ରଖିଥାଏ। ଏହି ପରିପ୍ରେକ୍ଷୀରେ ସାରା ଦେଶରେ ସମ୍ବିଧାନ ଦିବସ ପାଳନ କରାଯାଉଛି।

# ସମବାୟ ସଚିବଙ୍କ ଉନ୍ନୟନ ମୂଳକ ଯୋଜନା ସମୀକ୍ଷା

ଭଦ୍ରକ, ୨୭ ।୧୧(ସମିସ)



ବୁଧବାର ସମୀକ୍ଷା ବୈଠକ ପରେ ଭଦ୍ରକ ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ, ଭଦ୍ରକ ବାଗୁରାଇ ସ୍ଥିତ ଇନଡୋର ଷ୍ଟାଡିୟମ ଠାରେ ପହଞ୍ଚି ସେଠାରେ ଖେଳୁଥିବା ପିଲାମାନଙ୍କ ସହିତ କଥାବାର୍ତ୍ତା କରିଥିଲେ। ଖେଳ ଦୁନିଆରେ ନିଜକୁ କିପରିଭାବେ ଓଡ଼ିଶା ଏବଂ ସାରା ଭାରତ ବର୍ଷରେ ପରିଚୟ ସୃଷ୍ଟି କରିବା ସହିତ ଓଡ଼ିଶାକୁ ବିଶ୍ୱସ୍ତରରେ ପରିଚିତ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଗୁରୁବାର ସେ ପ୍ରଥମେ ବରପଦା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ସହିତ କୁନି କୁନି ପିଲାଙ୍କ ସହିତ ଭାବ ବିନିମୟ କରିଥିଲେ। ପିଲାମାନଙ୍କ ଖାଦ୍ୟର ମାନ, ଶିକ୍ଷାର ମାନ କିଭଳିଭାବେ ଉନ୍ନତ କରିହେବ ସେ ଦିଗରେ ଅଙ୍ଗନବାଡି କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ପରେ ଡି.ଏ.ଏସ୍ ସରକାରୀ ହାଇସ୍କୁଲ ପରିଦର୍ଶନ କରି ଉପସ୍ଥିତ ଥିବା ଶିକ୍ଷକ ଏବଂ ପିଲାଙ୍କ ସହ ଉନ୍ନତ ଶିକ୍ଷାଦାନ ଓ ଗୁଣାତ୍ମକ ମଧ୍ୟାନ ଭୋଜନ ବିଷୟରେ ଆଲୋଚନା କରିଥିଲେ। ଏହାପରେ ହରିପୁର ସ୍ଲଜ ଷ୍ଟୋରେଜ ସେଣ୍ଟର କାର୍ଯ୍ୟର ତଦାରଖ କରିଥିଲେ। ପରେ ଭଦ୍ରକ ବ୍ଲକ କୋର୍କରା ସ୍ଥିତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ମେମୋରିଆଲ ପାର୍କ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ ଓ ବାକିଥିବା କାର୍ଯ୍ୟକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପୌରପାଳିକା ଅତ୍ୟାଧୁନିକ ପାଠାଗାରକୁ ପରିଦର୍ଶନ କରି ସମସ୍ତ ପାରିପାର୍ଶ୍ୱିକ ସ୍ଥିତି ତଦାରଖ କରିଥିଲେ। ଶେଷରେ ଆହାର କେନ୍ଦ୍ର ପରିଦର୍ଶନ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ତାଙ୍କ ସହିତ ଜିଲ୍ଲାପାଳ ଦିଲୀପ ରାଉତରାଏ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ, ଓ.ଏସ୍.ଡି, ଜିଲ୍ଲା କ୍ରୀଡା ଉପବିଭାଗ ରମେଶ ମହାନ୍ତି ଉପସ୍ଥିତ ଥିଲେ।

## ନଦୀ ପଠାରେ ଅଜଣା ଶବ

ବଡ଼ମ୍ବା,୨୭।୧୧(ସମିସ): ବଡମ୍ବା ଟି-ସେତୁ ନିକଟସ୍ଥ ସିଂହନାଥ ପୀଠ ପାଖ ନଦୀ ପଠାରୁ ବଡମ୍ବା ପୁଲିସ ଗୁରୁବାର ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର କରିଛି। ଏହା ଏକ ହତ୍ୟା ନା ଆତ୍ମହତ୍ୟା ତାକୁ ନେଇ ସନ୍ଦେହ ବଢିବାରେ ଲାଗିଛି। ଶବଟି ଚିହ୍ନଟ ହୋଇ ପାରି ନ ଥିବା ବେଳେ ବଡମ୍ବା ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଶବଟି ୨ରୁ ୩ ଦିନ ହେବ ପଡି ରହିଛି ବୋଲି ସ୍ଥାନୀୟ ଧୀବରମାନେ ସୂଚନା ଦେଇଛନ୍ତି। ମାମଲା ତଦନ୍ତାଦୀନ ଥିବାରୁ ପୁଲିସ ବର୍ତ୍ତମାନ ପର୍ଯ୍ୟନ୍ତ କିଛି ସ୍ପଷ୍ଟ କରିନାହିଁ।

## ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ



ନରସିଂହପୁର,୨୭।୧୧(ସମିସ): ନରସିଂହପୁର ତହସିଲ ଓଡିଶିଙ୍ଗା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଦୁଇଚକିଆ ଗାଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଛି। ମାନସ ବେହେରାଙ୍କ ଦୁଇ ବଖରା ଘର, ଗୋଟିଏ ବାଇକ୍, ଗୋଟିଏ ଏକ୍ସେଲ, ଗୋଟିଏ ସାଇକଲ ସହିତ ଘରର ବହୁ ସମ୍ପତି ଜଳିପୋଡି ନଷ୍ଟ ହୋଇଯାଇଛି। ଏହି ଘଟଣାରେ ତହସିଲ ପକ୍ଷରୁ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ଦୁର୍ଗତ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ମଣ୍ଟୁ ହତ୍ୟା ମାମଲାରେ ଆଉ ୩ ଗିରଫ



ତିଗିରିଆ,୨୭।୧୧(ସମିସ): ତିଗିରିଆ ଥାନା ଜେମାଦେଇପୁର ପଞ୍ଚାୟତ ଅଧୀନ ବଉଳସାହିର ବହୁ ଚର୍ଚ୍ଚିତ ବିଶ୍ୱନାଥ ବାରିକ (ମଣ୍ଟୁ) ହତ୍ୟା ଘଟଣାରେ ତିଗିରିଆ ପୁଲିସ ଆଉ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ଏସଆଇ ପ୍ରିୟଦର୍ଶିନୀ ଇପ୍ସିତାଙ୍କଠାରୁ ସୂଚନା ମିଳିଛି। ଏଥିପୂର୍ବରୁ ଏହି ଘଟଣାରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଆଜିର ଗିରଫଦାରୀକୁ ମିଶାଇ ଏହି ହତ୍ୟା ଘଟଣାରେ ଗିରଫ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ସୂଚନା ମୁତାବକ, ଆଖପାଖ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କୁ ନେଇ ମଣ୍ଟୁ ଗଠନ କରିଥିବା 'କଟରା ଗ୍ୟାଙ୍ଗ'ର ମୁଖ୍ୟ ରୂପେ ଅଞ୍ଚଳ ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଅପରାଧିକ ମାମଲାରେ ଲିପ୍ତ ରହିଥିଲା। ଗତ ୨୦୨୩ ଅପ୍ରେଲ ୧୯ ତାରିଖ ସକାଳେ ଭୋଗଡା ପଞ୍ଚାୟତ ଅଧୀନ ଗୋକର୍ଣଖାଲ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ବିଭିନ୍ନ ମାରଣାସ୍ତ୍ରରେ ନିର୍ମମ ଭାବେ ମଣ୍ଟୁକୁ ହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ମଣ୍ଟୁଙ୍କ ମା' ତିଗିରିଆ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ପୂର୍ବରୁ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଗତକାଲି ଗୋକର୍ଣ୍ଣଖାଲ ଗ୍ରାମରେ ଚଢ଼ଉ କରି ଦୀପକ ପ୍ରଧାନ, ଶ୍ରୀପତି ପ୍ରଧାନ, ନଣ୍ଡା ବେହେରାକୁ ଗିରଫ କରିଥିବା ସୂଚନା ମିଳିଛି।

## ତେଜିଲା ଦହିସରା ଦୋକାନ ଘର ବିବାଦ

# ଗ୍ରାମସଭାରେ ଗୋଷ୍ଠୀ ସଂଘର୍ଷ; ୪ ଆହତ

ଆଠଗଡ଼,୨୭।୧୧(ସମିସ):




ଗତ ଦୁଇ ମାସ ହେଲା ଆଠଗଡ଼ ଥାନା ଅଧୀନ ଦହିସରା ଗ୍ରାମରେ ଦୋକାନ ଘରକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଶେଷରେ ଉଗ୍ରରୂପ ନେଇଛି। ଏପରି କି ଗ୍ରାମସଭାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ୪ ଜଣ ଆହତ ହୋଇଥିବା ଜଣାପଡିଛି। ଏ ବାବଦରେ ଆଠଗଡ଼ ଥାନାରେ ଅଭିଯୋଗ ପରେ ଗୋଟିଏ ଗୋଷ୍ଠୀ ଥାନାରେ ପହଞ୍ଚି ହଙ୍ଗାମା କରିଥିବା ଏବଂ ଏହି ମାମଲାରେ ପୁଲିସ ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଦହିସରା ଗ୍ରାମରେ ମହାକାଳବସ୍ତ ପଞ୍ଚାୟତ ପକ୍ଷରୁ ତିନୋଟି ଦୋକାନ ଘର ନିର୍ମାଣ କରାଯାଇ ଭଡା ସୂତ୍ରରେ ଦିଆଯାଇଥାଏ। ଆଦାୟ ଭଡା ଟଙ୍କାର ସିଂହଭାଗ ଗ୍ରାମ କମିଟି ନେଉଥିବା ବେଳେ ସେହି ଟଙ୍କାରେ ଗ୍ରାମର ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇଥାଏ, କିନ୍ତୁ ଚଳିତ ବର୍ଷ ସେହି ଗ୍ରାମର ପବିତ୍ର ରାଉତ, ରୋହିଣୀ ରାଉତ ଏବଂ ବିଚିତ୍ରାନନ୍ଦ ରାଉତଙ୍କୁ ପଞ୍ଚାୟତରେ ପ୍ରସ୍ତାବ ପାରିତ କରି ମାସିକ ଏକ ହଜାର ଟଙ୍କା ଭଡା ଚୁକ୍ତିରେ ନିଲାମ ନେଇ ଦୋକାନ କରିଥିବା ବେଳେ ଗ୍ରାମ ତରଫରୁ ଗୋଟିଏ ଗୋଷ୍ଠୀ ଏହାର ବିରୋଧ କରିଥିଲେ। ଫଳରେ ବିବାଦର ସୂତ୍ରପାତ ହୋଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଭିତରେ ଗତକାଲି ଏହି ବିବାଦ କ୍ରମଶଃ ଉଗ୍ରରୂପ ନେଇଥିଲା। ଏହି ମାମଲାରେ ସମାଧାନ ପାଇଁ ଗତକାଲି ରାତିରେ ଗ୍ରାମରେ ସଭା ଚାଲିଥିବା ବେଳେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା କଥା କଟାକଟି ପରେ ଏହା ଗୋଷ୍ଠୀ ସଂଘର୍ଷରେ ପରିଣତ ହୋଇଥିବା ଜଣାପଡିଛି। ଏଥିରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରୁ ୪ ଜଣ ଆହତ ହୋଇଥିବା ଜଣାପଡିଛି। ଗତକାଲି ବିଳମ୍ବିତ

### ଆଠଗଡ଼ ଥାନାରେ ହଙ୍ଗାମା କରି ୧୦ ଗିରଫ

### ଶାନ୍ତିଶୃଙ୍ଖଳା ପାଇଁ ଗ୍ରାମରେ ପୁଲିସ ମୁତୟନ

ରାତିରେ ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ନେବା ସହିତ ଉଭୟ ଗୋଷ୍ଠୀରୁ ଚାରି ଜଣଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ଆହତମାନେ ହେଲେ ଶିଶିର ନାଏକ, ଶରତ ସାହୁ, ରୁଷିଆ ବ୍ରହ୍ମ ଏବଂ ମିଥୁନ ବ୍ରହ୍ମ। ଏଥିରେ ଗୋଟିଏ ଗୋଷ୍ଠୀ ସକାଳୁ ଆଠଗଡ଼ ଥାନାରେ ପହଞ୍ଚି ପୁଲିସର ପାତରଅନ୍ତର ନୀତିକୁ ବିରୋଧ କରି ହଙ୍ଗାମା କରିଥିବା ଜଣାପଡିଛି। ଏ ବାବଦରେ ଆଠଗଡ଼ ଥାନାରେ ଦୁଇଟି ଅଲଗା ଏତଲା ହୋଇଥିବା ବେଳେ ଆକୁଳ ନାଏକଙ୍କ ଏତଲାକୁ ଭିତ୍ତିକରି କେସ ନମ୍ବର ୪୧୫ ଅନୁସାରେ ସେହି ଗ୍ରାମର ବଂଶୀଧର ରାଉତ (୫୬), ରୁଷିଆ ବ୍ରହ୍ମ ଏବଂ ମିଥୁନ ବ୍ରହ୍ମଙ୍କୁ ଗିରଫ କରାଯାଇଛି। ଅନ୍ୟ ପକ୍ଷରେ ରୁଷିଆ ବ୍ରହ୍ମଙ୍କ ଏତଲାକୁ ଭିତ୍ତି କରି ଆଠଗଡ଼ ଥାନା କେସ୍ ନମ୍ବର ୪୧୬ ଅନୁସାରେ ବିଚିତ୍ରାନନ୍ଦ ପାଢୀ, ଲିଙ୍ଗରାଜ ଜେନା, ଜୀବନ ପାଢ଼ୀ, ଚିନ୍ମୟ ଦାସ, କେଶବ ସ୍ୱାଇଁ, ସଞ୍ଜୟ ଦାସ ଏବଂ ଶିଶିର ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ତେବେ ଏହି ଘଟଣାକୁ ନେଇ ଦହିସରା ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଗୁରୁବାର ସନ୍ଧ୍ୟାରେ ପୁଲିସ ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଫୋର୍ସ ମୁତୟନ କରିଛି।

## ବସ୍ ଦୁର୍ଘଟଣାଗ୍ରସ୍ତ; ବହୁ ଯାତ୍ରୀ ଆହତ



ଚୌଦ୍ୱାର,୨୭।୧୧(ସମିସ): ୫୫ନଂ ଜାତୀୟ ରାଜପଥରେ ଓଟିଏମ ବଜାର ନିକଟ ଲାବ୍ରା କାର୍ପେଟ କାରଖାନା ସମ୍ମୁଖରେ ଓଭରବ୍ରିଜ୍‌ର ଶେଷ ମୁଣ୍ଡରେ ଏକ ଯାତ୍ରୀବାହୀ ବସ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବସ୍‌ରେ ଥିବା ବହୁ ଯାତ୍ରୀ ଆହତ ହୋଇଛନ୍ତି। ଗୁରୁବାର ଦିନ ପ୍ରାୟ ୧.୩୦ମିରେ ଅନୁଗୋଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଓଡି ୦୫ ବିଏଲ ୪୪୮୫ ନମ୍ବରଯୁକ୍ତ ପୂଜାରିଣୀ ବସଟି ଓଭରବ୍ରିଜରୁ ଗଡୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିବା ସହିତ ରୋଡ ଡିଭାଇଡରରେ ପିଟି ହୋଇଯାଇଥିଲା। ବସ ଭିତରେ ଥିବା ୪୦ଜଣ ଯାତ୍ରୀଙ୍କ ମଧ୍ୟରୁ ଅନେକ ଖଣ୍ଡିଆ ଖାବରା ହୋଇଥିଲେ। ଚୌଦ୍ୱାର ପୁଲିସ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ଆହତଙ୍କ ମଧ୍ୟରୁ ୩ଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଛି। ଦୀର୍ଘ ଏକ ଘଣ୍ଟା ଧରି ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ବସଟିକୁ ରାସ୍ତାରୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଜାଳେଣି କାଠ ନ ଥିବାରୁ ଉପାସରେ ବିଦ୍ୟାର୍ଥୀ

### ଶିକ୍ଷକ ଅଭାବରୁ ପାଠପଢ଼ା ବ୍ୟାହତ; ତାତିଲେ ଅଭିଭାବକ

ନରସିଂହପୁର,୨୭।୧୧(ସମିସ): ନରସିଂହପୁର ବ୍ଲକ ସାନଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବ୍ୟସ୍ଥା ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ଘଟଣାରେ ଆଜି ବିଦ୍ୟାର୍ଥୀଙ୍କ ଅବିଭାବକମାନେ ବିଦ୍ୟାଳୟ ପରିସରରେ ପହଞ୍ଚି ହୋ ହାଲ୍ଲା କରିଥିଲେ। ସିଆରସିସିଙ୍କ ପ୍ରତିଶ୍ରୁତି ପରେ ଉତ୍ତ୍ୟକ୍ତ ଅଭିଭାବକମାନେ ଶାନ୍ତ ପଡ଼ିଥିଲେ। ଦୀର୍ଘ ପ୍ରାୟ ୮ମାସ ଧରି ବିଦ୍ୟାଳୟରେ ୧୫୦ ଜଣ ବିଦ୍ୟାର୍ଥୀଙ୍କ ପାଇଁ ୪ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏଥିମଧ୍ୟରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପକ୍ଷଘାତ ଶିକାର ହୋଇ ବିଦ୍ୟାଳୟ ଦାୟିତ୍ୱ ଠିକ ଭାବେ ବୁଝିବାରେ ଅସମର୍ଥ ଥିବା ନେଇ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଅବିଭାବକ ଅଭିଯୋଗ କରିଛନ୍ତି। ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବା ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଅଭିଯୋଗ କରିଛନ୍ତି। ଏହାଦ୍ୱାରା ପାଠପଢ଼ାରେ ବିଦ୍ୟାର୍ଥୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କିଛି ଦିନ ଧରି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଜାଳେଣି କାଠ ନ ଥିବାରୁ ରୋଷେଇ କାର୍ଯ୍ୟରେ ଅବ୍ୟବସ୍ଥା ଦେଖାଦେଇଛି। ଜାଳେଣି କାଠ ଅଭାବରୁ ଆଜି ରୋଷେଇ କାର୍ଯ୍ୟ ବନ୍ଦ ରହିଥିଲା। ବିଦ୍ୟାଳୟରେ ରୋଷେଇ କାର୍ଯ୍ୟ ବନ୍ଦ ଥିବାରୁ ସମସ୍ତ ଛାତ୍ରଛାତ୍ରୀ ଘରକୁ ଖାଇବାକୁ ଯାଇଥିଲେ। ଏହିପରି ଘଟଣା ବାରମ୍ବାର ଘଟୁଥିବାରୁ ବିଦ୍ୟାଳୟରେ ତାଲା ପକାଇ



ପିଲାମାନଙ୍କୁ ପାଠ ପଢିବାକୁ ଛାଡ଼ିବେ ନାହିଁ ବୋଲି ଅଭିଭାବକ ନିଷ୍ପତ୍ତି ନେଇଥିଲେ। ସିଆରସିସି ମନୋଜ ସାହୁ ଅଭିଭାବକଙ୍କୁ ବୁଝାଇ ଛାତ୍ରଛାତ୍ରୀଙ୍କୁ ବିସ୍କୁଟ ଖାଇବାକୁ ଦେଇ ଆସନ୍ତା ୪ ଦିନ ମଧ୍ୟରେ ବିଦ୍ୟାଳୟର ସମସ୍ତ ସମସ୍ୟା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହା କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ସାହୁ ଚେତାବନୀ ଦେଇଛନ୍ତି।

## ବ୍ରାଉନସୁଗର ଜବତ; ବେପାରୀ ଗିରଫ

କନ୍ଦରପୁର,୨୭।୧୧(ସମିସ): କମିସନରେଟ କନ୍ଦରପୁର ଥାନା ପକ୍ଷରୁ ବ୍ରାଉନସୁଗର ଜବତ ସହିତ ନିଶା ବେପାରୀ ଗିରଫ ହୋଇଥିବା ଜଣାପଡିଛି। ତାଳଦଣ୍ଡା କେନାଲ ବନ୍ଧ ରାସ୍ତାରେ ଥିବା ବାଣଘର ନିକଟରେ ବୁଧବାର ସନ୍ଧ୍ୟାରେ ପୁଲିସ ସଦଳବଳ ଚଢ଼ଉ କରିଥିଲା ବେଳେ ଗ୍ରାହକମାନେ ଖସି ପଳାଇଥିଲେ। ଅଭିଯୁକ୍ତ ବେପାରୀ ତିର୍ତ୍ତୋଲ ଥାନା ଗୁଣ୍ଠିଲ ଗୋବିନ୍ଦପୁରର ପ୍ରଳୟ ନାୟକ (୨୬)କୁ ପୁଲିସ ଧରିଥିଲା। ମାଜିଷ୍ଟ୍ରେଟ ଉପସ୍ଥିତିରେ ଯାଞ୍ଚ ପରେ ତା ପକେଟରୁ ବ୍ରାଉନସୁଗର ପୁଡିଆ, କିଛି ପୁଡିଆ ହେବାକୁ ଥିବା ଜରି, ୩୫ ଶହ ଟଙ୍କା, ମୋବାଇଲ ଫୋନ୍ ମିଳିଥିଲା। ପୁଲିସ ଏନଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ବେପାର କରି ସାରିଥିବାରୁ ତା ନିକଟରୁ ମାତ୍ର ଦେଢ଼ ଗ୍ରାମ ବ୍ରାଉନସୁଗର ଜବତ ହୋଇଥିଲା।

## ବେଆଇନ ବାଲି ଉଠାଣ ଅଭିଯୋଗ

ନିଶ୍ଚିନ୍ତକୋଇଲି,୨୭।୧୧(ସମିସ): ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ଥିବା ବାଲିଘାଟଗୁଡିକରେ ଦିନରାତି ଶହ ଶହ ଟ୍ରିପ୍ ବେଆଇନ ଭାବେ ବାଲି ନୀତି ନିୟମକୁ ଉଲଙ୍ଘନ କରି ଏଠାରୁ ବାଲି ଉଠାଉଥିବା ନେଇ ଅଭିଯୋଗ ହୋଇଛି। ନିଲାମ ଅନୁଯାୟୀ ଯେତିକି ପରିଧି ଅଞ୍ଚଳରୁ ବାଲି ଉଠାଯିବା କଥା ପରିଧିବାହାରୁ ବାଲି ଉଠାଯିବା ଏବଂ ନଦୀର ଅପରପାର୍ଶ୍ୱରୁ ଅଧିକ ପରିମାଣରେ ବାଲି ଉଠାଯାଉଥିବାରୁ ଏହାକୁ ବନ୍ଦ୍ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ବେଆଇନ ବାଲିଘାଟକୁ ବନ୍ଦ୍ କରା ନ ଗଲେ କଂଗ୍ରେସ ପକ୍ଷରୁ



ଉଠାଯିବାକୁ ନେଇ କଂଗ୍ରେସ ପକ୍ଷରୁ ମାହାଙ୍ଗା ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ କମିଟିର ସଭାପତି ସେକ୍ ସଦାମ୍ ତହସିଲଦାରଙ୍କଠାରେ ଅଭିଯୋଗ କରିଛନ୍ତି। ଲୁଣାନଦୀରେ ହୋଇଥିବା ଦେମାଣ୍ଡୋ ବାଲିଘାଟକୁ ଖଣି ବିଭାଗ ପକ୍ଷରୁ ଲିଜ୍ ଦିଆଯାଇଥିଲେ ମଧ ନିଲାମଧାରୀ ସମସ୍ତ ସରକାରୀ ତହସିଲ କାର୍ଯ୍ୟାଳୟ ଘେରଉ କରାଯିବା ପାଇଁ ଚେତାବନୀ ମଧ ଦିଆଯାଇଛି। ଉକ୍ତ ଅଭିଯୋଗ ସଂକ୍ରାନ୍ତରେ ତହସିଲଦାର ଦୟମନ୍ତୀ ସାହୁ କହିଛନ୍ତି, ସେ ଏହାର ତଦନ୍ତ ପାଇଁ ଖଣିଜ ବିଭାଗକୁ ପତ୍ର ପ୍ରେରଣ କରିବା ସହ ଖଣି ଅଧିକାରୀଙ୍କୁ ବ୍ୟକ୍ତିଗତ ଫୋନ୍ ଯୋଗେ ଜଣାଇଛନ୍ତି।

### ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାମ ଅଧପନ୍ତରିଆ

## ଗ୍ରାମ୍ୟଉନ୍ନୟନ କାର୍ଯ୍ୟାଳୟକୁ ଘେରିଲେ ଗ୍ରାମବାସୀ



ସାଲେପୁର,୨୭ ।୧୧(ସମିସ): ସାଲେପୁର ବ୍ଲକ୍‌ର ଶିଶୁଆ ବଜାର ଦେଇ ଯାଇଥିବା ୫ନଂ କେନାଲ ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପ୍ରାୟ ୯କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବାବେଳେ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ନ ସରିବା ଏବଂ ରାସ୍ତା ମଝିରେ ବହୁ ଜାଗାରେ ଅଧପନ୍ତରିଆ କାମ ହେବା ଓ ନିମ୍ନମାନର କାମ ଯୋଗୁ ରାସ୍ତା ଫାଟିଯିବା, ଜବରଦଖଲ ନ ହଟିବା ଇତ୍ୟାଦି ସମସ୍ୟା ନେଇ ସ୍ଥାନୀୟ ଛାଣିପୁର, କରମୁଆଁ ଓ ଛୋଟିନଟରା ଗ୍ରାମର ବହୁ ଲୋକ ସାଲେପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି କିଛି ସମୟ ଧରି ଏହି କାର୍ଯ୍ୟାଳୟକୁ ଘେରଉ କରିଥିଲେ। ତୁରନ୍ତ ଅଧାପନ୍ତରିଆ ରାସ୍ତାକୁ ପୂର୍ଣ୍ଣାଙ୍ଗ ନ କଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। କରମୁଆଁ ଗ୍ରାମର ଅରୁଣ ନାୟକ, ଛାଣିପୁରର ସୁକାନ୍ତ ବେହେରାଙ୍କ ସମେତ ବହୁ ଲୋକ ଏଠାରେ ପହଞ୍ଚିବା ପରେ ବିଭାଗୀୟ ଅଧିକାରୀ ତଥା ସହକାରୀ ଯନ୍ତ୍ରୀ ସୁବାସଚନ୍ଦ୍ର ରାଉତରାୟଙ୍କୁ ସାକ୍ଷାତ କରି ତାଙ୍କର ତୀବ୍ର ଅସନ୍ତୋଷ ଜଣାଇଥିଲେ। ଯାହା ଫଳରେ ଏଠାରେ କିଛି ସମୟ ପର୍ଯ୍ୟନ୍ତ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଥିଲା। ଶେଷରେ ସହକାରୀ ଯନ୍ତ୍ରୀ ସୁବାସ ରାଉତରାୟ ଆନ୍ଦୋଳନକାରୀଙ୍କୁ ଏହି ଘଟଣାରେ ତୁରନ୍ତ ସମାଧାନ କରାଯିବ ଓ ଏ ସଂପର୍କରେ ଠିକାଦାର କାମ ବନ୍ଦ କରି ପଳାଇଥିବାରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନକାରୀ ଘଟଣାସ୍ଥଳରୁ ହଟିଥିଲେ।

### ଠିକ ଭାବରେ ମିଳୁନି ମୌଳିକ ସୁବିଧା

# ଏଲ୍‌ଇଡି ଡିସପ୍ଲେ ଲଗାଇବାକୁ ନେଇ ଅସନ୍ତୋଷ

ଚୌଦ୍ୱାର,୨୭।୧୧(ସମିସ):




ଚୌଦ୍ୱାର ପୌରପାଳିକା ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ଏଲଇଡି ଡିସପ୍ଲେ ଲଗାଇ ସରକାରୀ ପ୍ରଚାର ପ୍ରସାର କରିବା ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପୌରପାଳିକା ଜନସାଧାରଣଙ୍କ ମୌଳିକ ସୁବିଧା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବାବେଳେ କେବଳ ପ୍ରଚାର ସର୍ବସ୍ୱ ହେବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଶିଳ୍ପନଗରୀ ଚୌଦ୍ୱାର ଶିଳ୍ପଶୂନ୍ୟ ହୋଇ ପଡ଼ିଥିବାବେଳେ ଏଠାରେ ବସବାସ କରୁଥିବା ହଜାର ହଜାର ପରିବାର ବିଶୁଦ୍ଧ ପାନୀୟ ଜଳର ଅଭାବ, ରାସ୍ତାର ଦୁରବସ୍ଥା ଓ ବିପର୍ଯ୍ୟସ୍ତ ଡ୍ରେନ୍ ବ୍ୟବସ୍ଥା ଭଳି ଅନେକ ସମସ୍ୟାରେ ଜର୍ଜରିତ। ପୌରପାଳିକାର ୭, ୮, ୧୧ ଓ ୧୨ ନମ୍ବର ୱାର୍ଡର୍ ସଂଲଗ୍ନ ଓଟିଏମ୍ କଲୋନୀ ଅଞ୍ଚଳରେ ଜମି ଇଡ଼କୋ ହାତକୁ ଯାଇଥିବା ଦର୍ଶାଇ ପ୍ରାୟ ୨ ହଜାର ପରିବାରକୁ ରାସ୍ତା, ଡ୍ରେନ୍ ଓ ଆଲୋକୀକରଣ ଭଳି ମୌଳିକ ସୁବିଧାରୁ ବଞ୍ଚିତ କରାଯାଇଛି। ବର୍ଜ୍ୟଜଳ ନିଷ୍କାସିତ ହୋଇ ନ ପାରି ଦୁର୍ଗନ୍ଧ ସୃଷ୍ଟି ହେବା ସହ ମଶା, ମାଛି ଓ ସରୀସୃପଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ରାସ୍ତାଘାଟ ଅବସ୍ଥା ନ କହିବା ଭଲ; ଖାଲଖମାରେ ଭର୍ତ୍ତି ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏହି ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ 'ଇଡ଼କୋ ଜମି' କହି ବିଭାଗୀୟ ଅଧିକାରୀମାନେ କୌଣସି କାମ କରିବାକୁ ମନା କରିଦେଉଛନ୍ତି। ୧୯ଟି ୱାଡର୍ ବିଶିଷ୍ଟ ଚୌଦ୍ୱାର ପୌରପାଳିକା ପକ୍ଷରୁ ପ୍ରତି ଏଲଇଡି ଡିସପ୍ଲେକୁ ୧୨ ଲକ୍ଷ ଟଙ୍କା ବିନିମୟରେ ପ୍ରଥମ ପର୍ଯ୍ୟାୟରେ ୫ଟି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୧୩ଟି ଏଲଇଡି ଡିସପ୍ଲେ ଲଗାଇବାକୁ କାର୍ଯ୍ୟାଦେଶ ଦିଆଯାଇଛି। ଏହିପରି ମୋଟ୍ ୨ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟରେ ଡିସପ୍ଲେ ଲଗାଇ କେବଳ ସରକାର ତଥା ନିଜର ପ୍ରସାର ପ୍ରଚାର ପାଇଁ ପୌରପାଳିକା ଆନ୍ତରିକତା

### ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପ୍ରଚାର ସର୍ବସ୍ୱ ଯୋଜନାକୁ ଲୋକଙ୍କ ବିରୋଧ

### ୱାର୍ଡ ନଂ ୧୧ରେ ଉତ୍ତେଜନା

ଦେଖାଇବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୂର୍ବ ସରକାରର ପ୍ରକଳ୍ପରେ କେବଳ ରଙ୍ଗ ପରିବର୍ତ୍ତନ କରି ବାହା ବାହା ନେବା ଏବଂ ଲୋକଙ୍କ ସମସ୍ୟା ପଛେ ଥିଲେ ମଧ୍ୟ ସରକାରଙ୍କୁ ଖୁସି କରାଇବା ପାଇଁ ପୌରପାଳିକା କର୍ମକର୍ତ୍ତା ଲାଗି ପଡ଼ିଛନ୍ତି ବୋଲି ଅଞ୍ଚଳର ବୁଦ୍ଧିଜୀବୀ କହିଛନ୍ତି। ଅଞ୍ଚଳବାସୀଙ୍କୁ ମୌଳିକ ସୁବିଧା ମିଳୁ ନ ଥିବାବେଳେ ସରକାରଙ୍କ ମିଥ୍ୟା ପ୍ରଚାର ପ୍ରସାରକୁ ବିରୋଧ କରି ଆଜି ଚୌଦ୍ୱାରର ୧୧ ନମ୍ବର ୱାଡର୍‌ରେ ପୌରପାଳିକା ପକ୍ଷରୁ ଏଲଇଡି ଡିସପ୍ଲେ ଲଗାଯିବା ବେଳେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅଞ୍ଚଳବାସୀ ଏହି କାର୍ଯ୍ୟକୁ ତୀବ୍ର ବିରୋଧ କରି ପ୍ରଥମେ ଲୋକଙ୍କ ସମସ୍ୟା ବୁଝାଯାଉ, ପରେ ପ୍ରଚାର ପ୍ରସାର କରାଯାଉ ବୋଲି ଅଡ଼ି ବସିଥିଲେ। ଓଟିଏମ୍ ଶ୍ରମିକ କଲୋନୀ ଓ ବସ୍ତି ଥଇଥାନ ସଂଗଠନ ପକ୍ଷରୁ ଏହି ପ୍ରତିବାଦ କରାଯାଇ ଚୌଦ୍ୱାରର ବିକାଶ ଲୋକଙ୍କ ସମସ୍ୟାର ସମାଧାନ ଦ୍ୱାରା ହେଉ ବୋଲି ଦାବି କରାଯାଇଥିଲା। ଲୋକଙ୍କ ପ୍ରବଳ ବିରୋଧ ଯୋଗୁଁ ଏଲଇଡି ଡିସପ୍ଲେ ଇନ୍‌ଷ୍ଟଲ୍ କରିବାକୁ ଆସିଥିବା କର୍ମଚାରୀମାନେ ଫେରିଯାଇଥିଲେ। ଏହି ପ୍ରତିବାଦରେ ସଜିତ ବିଶ୍ୱାଳ, ଦୀପେଶ ମହାନ୍ତି, ରାଜା ରାଓ, ରଜନୀ ମହାନ୍ତି, ସ୍ମୃତିରଞ୍ଜନ ରାଉତ, ଦିବ୍ୟରଞ୍ଜନ ବଳ, ପ୍ରମୋଦ ଜେନା, ଶଶାଙ୍କ ରାଉତ, ଦୀପକ ସେନାପତି, ଅମିତ ବେଉରା, ଶଶଧର ବିଶ୍ୱାଳ, ସୟଦ ଅବଦୁଲ ଖାନ ପ୍ରମୁଖ ସାମିଲ୍ ହୋଇଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



କଣ୍ଟାପଡ଼ା,୨୭।୧୧(ସମିସ): କଣ୍ଟାପଡା ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅଡଶପୁରସ୍ଥିତ ପିଏମଶ୍ରୀ ପ୍ରାଚୀ ନୋଡାଲ ଏକାଡେମୀରେ ଅନୁଷ୍ଠିତ ହୋଇଯାଇଛି। ନିଆଳି ବିଧାୟକ ଙ୍କ ଛବି ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ୧୧୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରାଚୀ ଏକାଡେମୀର ପ୍ରଧାନଶିକ୍ଷୟିତ୍ରୀ ସ୍ୱସ୍ତିପ୍ରିୟା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। କଣ୍ଟାପଡ଼ା ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ, ବିଡିଓ ସ୍ୱପ୍ନିତା ନାୟକ, ବ୍ଲକ ଆମ୍ବ ଅଧ୍ୟକ୍ଷ ପ୍ରଦୀପ୍ତ ପାତ୍ର, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସବିତାରାଣୀ ସାହୁ ଓ ଅଜିତ ମହାପାତ୍ର, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ପୃଥ୍ୱୀରାଜ ପଣ୍ଡା, ବ୍ଲକ ଓଷ୍ଟା ସଭାପତି ଗୋବିନ୍ଦଚନ୍ଦ୍ର ସାହୁ, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ଲକ୍ଷ୍ମୀଧର ଭୋଇ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ ପାତ୍ର ଯୋଗ ଦେଇଥିଲେ। ଶିକ୍ଷକ ପ୍ରଫୁଲ ବାରିକ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣା ଘଟାଇ ମଦ୍ୟପ ଚାଳକ ଅଟକ

ତ୍ରିଶୂଳିଆ,୨୭।୧୧(ସମିସ): ବାରଙ୍ଗ ଥାନା ବ୍ଲକ ଛକ ନିକଟରେ ବେପରୁଆ ଗାଡି ଚାଳନା କରି ଦୁର୍ଘଟଣା ଘଟାଇଲା ମଦ୍ୟପ ଚାଳକ। ଗୁରୁବାର ସନ୍ଧ୍ୟାରେ ତ୍ରିଶୂଳିଆ ବଜାର ଅଞ୍ଚଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଓଡି ୦୨ ଏଫ୍ ୩୧୯୮ କାର ଦ୍ରୁତ ଗତିରେ ଯାଉଥିବା ବେଳେ ଏକ ଗଛ ସହିତ ଧକ୍କା ଦେଇ ରୋଡ଼ ଡିଭାଇଡର ଉପରକୁ ଚଢି ଯାଉଥିଲା। ଚାଳକ ଅତ୍ୟଧିକ ମଦ୍ୟପାନ କରିଥିବା ଜଣାପଡିଥିଲା। ବାରଙ୍ଗ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିବା ସହ ଚାଳକକୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି।

## ପଡ଼ାଗାଁରେ ସାର୍ବଜନୀନ ଲକ୍ଷ୍ମୀପୂଜା



ବିଜେପୁର, ୨୭।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ପଡ଼ା ଗାଁରେ ପଞ୍ଚଦିବସୀୟ ସାର୍ବଜନୀନ ପ୍ରସିଦ୍ଧ ଲକ୍ଷ୍ମୀପୂଜା ମହୋତ୍ସବ ଏବଂ ଲୋକନାଟକ ଲକ୍ଷ୍ମୀ ଲୀଳା ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି ମହୋତ୍ସବ ୩୦ ବର୍ଷରେ ପଦାର୍ପଣ କରିଛି। ପଡ଼ା ଗାଁର ପଶ୍ଚିମରେ ଥିବା ନଦୀରେ ସାଗର ମନ୍ଥନ କରାଯିବା ଦୃଶ୍ୟକୁ ଆଖପାଖରୁ ହଜାର ସଂଖ୍ୟାରେ ଲୋକେ ଉପଭୋଗ କରିଥିଲେ। ଲକ୍ଷ୍ମୀଙ୍କ ଆବିର୍ଭାବ ପରେ ଭକ୍ତବୃନ୍ଦ ନଦୀରୁ ପୂର୍ଣ୍ଣକୁମ୍ଭ ଏବଂ ଲକ୍ଷ୍ମୀଦେବୀଙ୍କୁ ବରଣ କରି ଶୋଭାଯାତ୍ରାରେ ଗାଁ ପରିକ୍ରମା ପରେ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଗୁରୁବାର ଲକ୍ଷ୍ମୀଙ୍କ ମଣ୍ଡପ ପ୍ରବେଶ ସହିତ ରୀତିନୀତିରେ ପୂଜାର୍ଚ୍ଚନା ହୋଇଯାଇଛି। ପ୍ରଦୀପ ମେହେର ଓ ସୋନାଲି ମେହେର ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଟଙ୍କଧର ସାବତଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଛି। ବିଜେପି ଜିଲ୍ଲା ସଭାପତି ଅରୂପା ସାହୁ, ବିଧାୟକ ପ୍ରତିନିଧି ମହେଶ ଦେବତା, ଜିଲ୍ଲା ପରିଷଦ ସୁଶାନ୍ତ ଗଡ଼ତିଆ, ଯୋଗେନ୍ଦ୍ର ପଧାନ, ଶରତ ବିଶି, ବୀର ସୁରେନ୍ଦ୍ର ସାହୁ, ଶୋଭା ମେହେର, ସେବତୀ ମେହେର ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂଜା କମିଟି ସଭାପତି ଉମେଶ ମେହେର, ଉପସଭାପତି ଗୋପବନ୍ଧୁ ମେହେର, ସମ୍ପାଦକ ବିଶିକେଶନ ମେହେର, ସହସମ୍ପାଦକ ଆନନ୍ଦ ବାରିକ, କୋଷାଧ୍ୟକ୍ଷ ଶାନ୍ତନୁ ମିଶ୍ର, ସହକୋଷାଧ୍ୟକ୍ଷ ଅନନ୍ତ ପଧାନ, ଲୋକନାଟକର ନାଟ୍ୟକାର ମୋହନ ସିଂ କହ୍ନେଇ, ନିର୍ଦ୍ଦେଶକ ଶୁରେଶ ଚନ୍ଦ୍ର ଭୋଇଙ୍କ ସମେତ କଳାକାରମାନେ ଏବଂ ଆୟୋଜକ କମିଟି ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଗାଇସୀମାରେ 'ବାଲ୍ୟ ବିବାହକୁ ନା' କାର୍ଯ୍ୟକ୍ରମ

ବରଗଡ଼, ୨୭।୧୧(ସମିସ): ଗାଇସୀମା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ବାଲ୍ୟ ବିବାହ ରୋକିବା ଏବଂ ଶିଶୁ ଶ୍ରମିକ ରଖିବା ବନ୍ଦ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ ଶିଶୁ ସୁରକ୍ଷା ପାଇଁ ବିଭିନ୍ନ ଆଲୋଚନା କରାଯାଇଥିଲା। ସରପଞ୍ଚ ଧିରନ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜର ଦମୟନ୍ତୀ କୁଅଁର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମିଲୁ ଭୋଇ, ଏଡିଇଓ ହିମାଂଶୁ ସିଂଗଲାଲ, ନକୁଳ ଭୋଇ, ୱାର୍ଡ ସଭ୍ୟ ସଭ୍ୟା, ଅଙ୍ଗନବାଡି କର୍ମୀ, ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ଆଶାକର୍ମୀଙ୍କ ସମେତ ଅନେକ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ।

## ଜମଲା ଡିଗ୍ରୀ କଲେଜରେ ନାରୀ ସଶକ୍ତିକରଣ

ବରଗଡ଼, ୨୭।୧୧(ସମିସ): ଜମଲା ଡିଗ୍ରୀ କଲେଜରେ ଗୁରୁବାର ଜାତୀୟ ସେବା ଯୋଜନା ଦ୍ୱାରା ନାରୀ ସଶକ୍ତିକରଣ କାର୍ଯ୍ୟକ୍ରମ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଲେଜର ସଭାପତି କଲାକହ୍ନେଇ ପଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଆଶିଷ ଭୋଇ ସଂଯୋଜନା କରିଥିବା ବେଳେ, ଅଧ୍ୟାପିକା କୁମୁଦିନୀ ସାହୁ, ସୁରେଖା ଭୁଏ ପ୍ରମୁଖ ନାରୀ ସଶକ୍ତିକରଣ ଓ ନାରୀ ସ୍ୱାଧୀନତା ବିଷୟରେ ଆଲୋଚନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଅଧ୍ୟାପକ ଅଭିଳାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ମଙ୍ଗଲୁ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ

ଥୁଆପାଲି, ୨୭।୧୧(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେମଣ୍ଡା ଗାଁର ସ୍ୱାଧୀନତା ସଂଗ୍ରାମୀ କର୍ମବୀର ତଥା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ମଙ୍ଗଲୁ ପ୍ରଧାନଙ୍କ ୫୫ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ରେମଣ୍ଡା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ରେମଣ୍ଡା ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଏନସିସି ଛାତ୍ରଛାତ୍ରୀ 'କର୍ମବୀର ମଙ୍ଗଲୁ ପ୍ରଧାନ ଅମର ରହେ' ନାରା ସହ ରେମଣ୍ଡା ଗାଁ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମ ଦେବପ୍ରସନ୍ନ ଦାଶଙ୍କ ପରିଚାଳନା ଏବଂ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନନ୍ତ ଦାଶଙ୍କ ସଭାପତିତ୍ୱରେ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରେମଣ୍ଡା ପଞ୍ଚାୟତର ସରପଞ୍ଚ ଉଦ୍ଧବ ବାରିକ, ମୁଖ୍ୟ ବକ୍ତା ଭାବେ ଡ.ପ୍ରଶାନ୍ତ ପଣ୍ଡା, ସମ୍ମାନିତ ବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଏସଏମସି ଚେୟାରମ୍ୟାନ ରାସେଶ୍ୱରୀ ଭୋଇ, ପଞ୍ଚସଖା ଶିକ୍ଷା ସେତୁ ଉପସଭାପତି ଗଙ୍ଗାଧର ମେହେର ଓ ବିଦ୍ୟାଳୟର ସମସ୍ତ କମିଟିର ସଭ୍ୟ, ଅଭିଭାବକ ମାନେ ଯୋଗ ଦେଇଥିଲେ। ସଭାରେ ଛାତ୍ର ପିୟୁଷ ଭୋଇ ଓ ପ୍ରଶାନ୍ତ କର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚବିଳ ପ୍ରଧାନ ଏହାକୁ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱନ୍ଦ୍ୱରେ ଚାଷୀ

# ଧାନକିଣା ପ୍ରକ୍ରିୟାରେ ସରକାରଙ୍କ ସ୍ପଷ୍ଟୀକରଣ ଦାବି

ବରଗଡ଼, ୨୭।୧୧(ସମିସ)

ଓଡ଼ିଶାରେ ବିକେନ୍ଦ୍ରିତ ଧାନ ସଂଗ୍ରହ ନୀତି ୨୦୦୩ ମସିହାରୁ କାର୍ଯ୍ୟକାରୀ ହେଉଛି। ଏହି ନିୟମ ବଳରେ ଚାଷୀଙ୍କ କଷ୍ଟ ଉପାର୍ଜିତ ସମସ୍ତ ଧାନ ସଂଗ୍ରହ କରିବା ପାଇଁ ମଣ୍ଡି, କ୍ରୟ ସଂସ୍ଥା ଆଦିର ବ୍ୟବସ୍ଥା କରିବା ସହ ଏଥିରେ ସ୍ୱଚ୍ଛତା ରଖିବାକୁ ସରକାରୀ ସ୍ତରରେ ଅନେକ ଯୋଜନା ରହିଛି। କିନ୍ତୁ କେବଳ ଧର୍ମକୁ ଆଖିଠାର ନୀତିରେ ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରଥମେ ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ନୀତି କାରଣରୁ ନକଲି ଚାଷୀଙ୍କୁ ଅଲଗା କରିବା ପରିବର୍ତ୍ତେ ପ୍ରକୃତ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିଲେ। ଦ୍ୱିତୀୟରେ ନଭେମ୍ବର ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଖରିଫ ଧାନ ସଂଗ୍ରହ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଧାନ କିଣା ଜାଣିଶୁଣି ବିଳମ୍ବ କରାଯାଉଛି। ରାସାୟନିକ ସାର ଏବଂ ଉନ୍ନତ ମାନର ବିହନ ଏବଂ ଆଧୁନିକ ଜ୍ଞାନ କୌଶଳ ଦ୍ୱାରା ଅଧିକ ଅମଳ ହେଉଥିବା ଧାନ ବ୍ୟତୀତ ବଳକା ଧାନ କିଣା ଯିବାର ବ୍ୟବସ୍ଥା କରାଯାଉ ନାହିଁ। ରାଜ୍ୟର ଭାତହାଣ୍ଡି ବରଗଡ଼ ଜିଲ୍ଲାରେ ୨୮ ନଭେମ୍ବରରୁ ଧାନ କିଣା ଯିବା ପାଇଁ ଡିଏଲପିସି ବୈଠକରେ ନିଷ୍ପତ୍ତି ହୋଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଟୋକନ ଆସିନାହିଁ। ଅନ୍ୟପଟେ ଚାଷୀ ବିଭିନ୍ନ ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ପକାଇ ସାରିଲେଣି। ଏଯାଏଁ ୨୮ ତାରିଖରୁ ଧାନ କିଣା ହେବ କି ନାହିଁ କୌଣସି ସରକାରୀ ସ୍ପଷ୍ଟୀକରଣ ଚାଷୀଙ୍କୁ ମିଳିଲା ନାହିଁ। ଜିଲ୍ଲାର ଚାଷୀ ନିଜର ଆବଶ୍ୟକ ମେଣ୍ଟାଇବା ପାଇଁ ବାଧ ହୋଇ ଦଲାଲ ମାନଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୧୫ରୁ୧୬ ଶହ ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ବରଗଡ଼ ଜିଲ୍ଲା ହୀରାକୁଦ ଜଳସେଚିତ ଅଞ୍ଚଳ ହୋଇଥିବାରୁ ଏଠାରେ ଆଗୁଆ ଧାନ ଚାଷ ହୋଇ ଅମଳ ହୋଇଯାଏ। ତେଣୁ ବିକ୍ରି ମଧ୍ୟ ଆଗୁଆ ହୋଇଥାଏ। ଏପରି ସ୍ଥିତିରେ ବଞ୍ଚିତ ସମସ୍ତ ଚାଷୀଙ୍କର ପଞ୍ଜୀକରଣ କରି ତୁରନ୍ତ ଧାନ କିଣା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ଚାଷୀ ଦାବି କରିଛନ୍ତି। ନଚେତ୍ ବଡ଼ଧରଣର ଆନ୍ଦୋଳନ କରିବାକୁ ଚେତାବନୀ ଦେଇ ଆଜି ସଂଯୁକ୍ତ କୃଷକ ସଂଗଠନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



### ଉପଜିଲ୍ଲାପାଳଙ୍କ ଅଫିସରରେ ଧାନ ପକାଇବାକୁ ନିଷ୍ପତ୍ତି

ପଦ୍ମପୁର: ପଦ୍ମପୁର ଆର୍‌ଏମ୍‌ସି ଠାରେ ରାଜବୋଡ଼ାସମ୍ବର କୃଷକ ସଂଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଇନ ପରାମର୍ଶଦାତା ଅଜିତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ଖରିଫ ଧାନ କିଣା ନେଇ ସରକାରଙ୍କ ତରଫରୁ ଭିନ୍ନ ଭିନ୍ନ ତାରିଖ ଘୋଷଣା ନେଇ ଚାଷୀକୁଳ ସନ୍ଦେହରେ ପଡ଼ିଛନ୍ତି। ପ୍ରଥମେ ମନ୍ତ୍ରୀ ଘୋଷଣା କଲେ ଯେ ନଭେମ୍ବର ୨୦ରୁ ଓଡ଼ିଶାରେ ଖରିଫ ଧାନ କିଣାଯିବ। ଖରିଫ ଧାନ କିଣା ପୂର୍ବରୁ ରାଜ୍ୟସ୍ତରରେ ଏସ୍‌ଏଲ୍‌ପିସି ମିଟିଂ ବସିବା କଥା; ମାତ୍ର ଦୁର୍ଭାଗ୍ୟର କଥା ଆଜିଯାଏ ଧାନ ସଂଗ୍ରହ ମିଟିଂ ବସିଲା ନାହିଁ। ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ ମିଟିଂ ବରଗଡ଼ ଜିଲ୍ଲାରେ ଚାଷୀଙ୍କୁ ଗିରଫ କରି ଅନୁଷ୍ଠିତ ହେଲା। ମିଟିଂରେ ନିଷ୍ପତ୍ତି ହେଲା ନଭେମ୍ବର ୨୮ ତାରିଖରେ ମଣ୍ଡି ଖୋଲିବ। କିନ୍ତୁ କିଛିଦିନ ପରେ ଅନ୍ୟଜଣେ ମନ୍ତ୍ରୀ ବୟାନ ଦେଲେ ଡିସେମ୍ବର ୨୫ରୁ ଧାନ କିଣା ହେବ। କାହାରି ସହିତ କାହାରି ଘୋଷଣାର ତାଳମେଳ ରହୁନାହିଁ। ବରଗଡ଼ ଜିଲ୍ଲାକୁ ଓଡ଼ିଶାର ଭାତହାଣ୍ଡି କୁହାଯାଏ। ହେଲେ ଏଠାରେ ପରିସ୍ଥିତି ଆହୁରି ଦୟନୀୟ। ୨୮ ତାରିଖରୁ ମଣ୍ଡି ଖୋଲିବା ନିଷ୍ପତ୍ତି ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କାହାରି ଟୋକନ ଜାରି ହୋଇନାହିଁ। ବହୁତ ଚାଷୀଙ୍କୁ ପଞ୍ଜୀକରଣ ସମୟରେ ଧାନବିକ୍ରିର ସମ୍ଭାବ୍ୟ ତାରିଖ ନଭେମ୍ବର ପ୍ରଥମ/ଦ୍ୱିତୀୟ ପକ୍ଷ ବୋଲି କୁହାଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ପାଖାପାଖି ୨୧, ୦୦୦ ଚାଷୀଙ୍କ କୋଡ ଜାରି ହୋଇନାହିଁ। ବରଗଡ଼ ଜିଲ୍ଲାରେ ଏହିବର୍ଷ ୨ଲକ୍ଷ ଅଧିକ ଚାଷୀ ପଞ୍ଜୀକୃତ ହୋଇଛନ୍ତି ବୋଲି ତଥ୍ୟ କହୁଛି। ହେଲେ ସେହି ତୁଳନାରେ ଜିଲ୍ଲାରେ କେତେ ଧାନ କିଣା ହେବ ତାର ସବିଶେଷ ତଥ୍ୟ କାହାରି ପାଖରେ ନାହିଁ। ଏକର ପିଛା ଚାଷୀଙ୍କ ପାଖରୁ କେତେ ଧାନ କିଣା ହେବ ଡିଏଲପିସି ମିଟିଂରେ ନିର୍ଦ୍ଧାରିତ ହୋଇନାହିଁ। ସମସ୍ତ ବଳକା ଧାନ ସରକାର କିଣିବେ କି ନା ତାହା ମଧ୍ୟ ଜଣାପଡୁନାହିଁ। କୃଷକ ସଂଗଠନ ତରଫରୁ ଧାନର ବର୍ଦ୍ଧିତ ସହାୟକ ମୂଲ୍ୟ ୬୯ ଟଙ୍କାକୁ ମିଶାଇ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଦେବାକୁ ଦାବି କରାଯାଇଥିଲା। ଏହାପରେ ସରକାରଙ୍କ ତରଫରୁ କ୍ୱିଣ୍ଟାଲ ପିଛା ୩୧୬୯ ଦିଆଯିବାକୁ ଘୋଷଣା ମଧ୍ୟ ହେଲା। ମାତ୍ର ସେନେଇ କୌଣସି କ୍ୟାବିନେଟ ନିଷ୍ପତ୍ତି ହୋଇନାହିଁ। ଏଣୁ ବର୍ତ୍ତମାନ ୩୧୦୦ କି ୩୧୬୯ ମିଳିବ ବୋଲି ଚାଷୀ ମହଲ ଚିନ୍ତାପ୍ରକଟ କରିଛି। ପଦ୍ମପୁର ଅଞ୍ଚଳରେ ପ୍ରାୟ ସମସ୍ତ ଧାନ ଅମଳ ହୋଇସାରିଛି। ତାକୁ ଚାଷୀ ବାଧ ହୋଇ ଶୀତ କାକରରେ ଖୋଲା ଆକାଶ ତଳେ ପକାଇଛନ୍ତି। ମଣ୍ଡି ଖୋଲି ନଥିବାରୁ ଅମଳ ଖର୍ଚ୍ଚ ପଇଠ କରିବାକୁ ଚାଷୀ ଅନୋନ୍ୟପାୟ ହୋଇ ଚାଷୀ ୧୫୦୦/୧୬୦୦ ଟଙ୍କାରେ ଦଲାଲ ମାନଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି। ଚଳିତ ବର୍ଷ ଅଖା ସୁତୁଲି ଟଙ୍କା ଚାଷୀଙ୍କୁ ମିଳିବ କି ନାହିଁ ତାହା ମଧ୍ୟ ଘୋଷଣା ହେଲାନାହିଁ। ବିଭିନ୍ନ ଅଞ୍ଚଳରେ ଟୋକନ ନ ଆସିବା ତଥା ମଣ୍ଡି ଖୋଲିବା ବିଳମ୍ବ ହେତୁ ଚାଷୀଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ରାଜବୋଡ଼ାସମ୍ବର କୃଷକ ସଂଗଠନ ତରଫରୁ ଆସନ୍ତା କାଲି ଚାଷୀ ମାନେ ପଦ୍ମପୁର ମାର୍କେଟ ୟାର୍ଡ ସହ ବିଭିନ୍ନ ମଣ୍ଡିରେ ଧାନ ପକାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୮ ତାରିଖ ସୁଦ୍ଧା ଯଦି ଚାଷୀଙ୍କ ଟୋକନ ଜାରି କରି ଧାନ କିଣା ଆରମ୍ଭ ନ ହୁଏ ତା ହେଲେ ସୋମବାର ଚାଷୀ ପଦ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଳ ଧାନ ପକାଇବେ ବୋଲି ଆଇନ ପରାମର୍ଶଦାତା ଅଜିତ ଶତପଥୀ ଜଣାଇଛନ୍ତି।

## କ୍ୟାରିୟର ଗାଇଡାନ୍ସ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ

● ୭୨ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ



ବରଗଡ଼, ୨୭।୧୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ପୁରୁଷୋତ୍ତମ ସରକାରୀ ହାଇସ୍କୁଲ ରୁଚିଦାରେ ବୃତ୍ତିଗତ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଇଓ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ତଥା ପ୍ରଧାନଶିକ୍ଷକ ଅଜୟ ମେହେରଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ବୈଠକରେ ମୁଖ୍ୟ ଅତିଥି ଭାବେ ଏବିଇଓ ଲାଲ ମୋହନ ସିଂ, ଟ୍ରାଇବାଲ୍ କୋର୍ଡିନେଟର୍ ମିଥୁନ ପ୍ରଧାନ ଯୋଗ ଦେଇଥିଲେ। ଶିବିରରେ ପ୍ରଶିକ୍ଷକ ଭାବେ ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଜନତା ହାଇସ୍କୁଲ ଗୋଡଭଗାର ଶିକ୍ଷୟିତ୍ରୀ କଲ୍ୟାଣୀ ସାମନ୍ତ ଏବଂ ଅତାବିରା ହାଇସ୍କୁଲର ଶିକ୍ଷକ ଆଶୁତୋଷ ବିଶ୍ୱାଳ ଯୋଗ ଦେଇଥିଲେ। ବୃତ୍ତିଗତ ଚୟନ ପାଇଁ ଶିକ୍ଷାର୍ଥୀମାନଙ୍କର ଆତ୍ମସଚେତନତା ବୃଦ୍ଧି ସହ ସାମର୍ଥ୍ୟ, ଆଗ୍ରହ ଓ ବ୍ୟକ୍ତିତ୍ୱର ବିକାଶ କିପରି କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥଲା। ଅମ୍ବାଭୋନା ଏବଂ ଭଟଲି ବ୍ଲକର ବିଭିନ୍ନ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଆଲୋଚନାରେ ଅଂଶଗ୍ରହଣ କରଥିଲେ। ପ୍ରଧାନଶିକ୍ଷକ ଅଜୟ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ବୈଠକରେ ପ୍ରଶିକ୍ଷକ ସଞ୍ଜୟ ଖମାରୀ, ଆଶୁତୋଷ ବିଶ୍ୱାଳ, କଲ୍ୟାଣୀ ସାମନ୍ତ ମଞ୍ଚାସୀନ ଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁବୋଧ ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିଚିଣ୍ଡା ବିରାଟ ଧନୁଯାତ୍ରା ମହୋତ୍ସବର ୩ୟ ସନ୍ଧ୍ୟାରେ ଶ୍ରୀକୃଷ୍ଣଙ୍କ ଜନ୍ମ



ଭେଡେନ, ୨୭।୧୧(ସମିସ): ଭେଡେନ ବ୍ଲକ ଚିଚିଣ୍ଡା ଗାଁରେ ଚାଲିଥିବା ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟାରେ ମହାରାଜ କଂସଙ୍କ ନଗର ପରିଭ୍ରମଣ, ରାଜ ଦରବାର, ମଥୁରା କାରାଗାରରେ ବନ୍ଦୀ ଦେବକୀ ବସୁଦେବଙ୍କ ଅଷ୍ଟମ ଗର୍ଭ ସନ୍ତାନ ଭାବେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଛନ୍ତି। ଦୈବୀ ପ୍ରଭାବେ ସମସ୍ତ ପ୍ରହରୀ ନିଦ୍ରାଗତ ହେବା ପରେ କାରାଗାର ଦ୍ୱାର ଖୋଲିଥିଲା। ନବଜାତ କୃଷ୍ଣଙ୍କୁ ନେଇ ବସୁଦେବ ଗୋପପୁର ଅଭିମୁଖେ ଗମନ କରିଥିଲେ। ବାଟରେ କଟୁଆଳ କାମ କରୁଥିବା ଉଗ୍ରସେନ ସହ ତାଙ୍କର ଭେଟ ହୋଇଥିଲା। ହେଲେ କୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ କରି ବାଟ ଉଗ୍ରସେନ ବାଟ ଛାଡିଥିଲେ। ଭରା ଯମୁନା ନଦୀକୁ ପାରିହୋଇ ଗୋପପୁରରୁ ବିଜୁଳୀକନ୍ୟାଙ୍କୁ ଘେନି ବସୁଦେବ ଫେରିଆସିଲେ। ଦାସୀ ମୁଦୁସୁଳି ଠାରୁ ଖବର ପାଇଁ କଂସ ଛୁଟି କାରାଗରକୁ ଆସିଥିଲା। ଦେବକୀ ବସୁଦେବଙ୍କ ଅନୁନୟ ବିନୟକୁ ବେଖାତିର କରି ଦର୍ପଣ ଶିଳାରେ ବିଜୁଳିକନ୍ୟାଙ୍କୁ କଚାଡିଥିଲା। କିନ୍ତୁ ଆକାଶ ମାର୍ଗକୁ ଚାଲିଯାଇ 'ତୋତେ ମାରିବ ଯିଏ, ଗୋପରେ ବଢ଼ୁଛି ସିଏ' ବୋଲି ବିଜୁଳି କନ୍ୟା ଶୂନ୍ୟବାଣୀ କଲେ। ଏହାପରେ ଗୋପରେ ବାଳ ଗୋପାଳଙ୍କୁ ନିଧନ ପାଇଁ ରାକ୍ଷସୀ ପୁତନାକୁ କଂସ ଆବାହନ କରିବା ଆଦି ଦୃଶ୍ୟ ଆଜି ଅଭିନୀତ ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ରାଜ ଦରବାରରେ ଅତିଥି ଭାବେ ଭେଡେନ ବିଡିଓ କର୍ଣ୍ଣ ସୁନା ଯୋଗ ଦେଇଥିଲେ।

## ବରଗଡ଼ର ୭ କଳାକାରଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



ବରଗଡ଼, ୨୭।୧୧(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗର କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ବରଗଡ଼ ଜିଲ୍ଲାରୁ ୭ ଜଣ ବିଶିଷ୍ଟ କଳାକାର ପୁରସ୍କାର ପ୍ରଦାନ କରାଯାଇଛି। ମର୍ଯ୍ୟାଦାଜନକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ପଦ୍ମଶ୍ରୀ ଭାଗବତ ପ୍ରଧାନ, ଲୋକନାଟ୍ୟରେ ପୂର୍ବତନ କଂସ ମହାରାଜ ତଥା ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଉପସଭାପତି ଭୁବନେଶ୍ୱର ପ୍ରଧାନ, ଲୋକବାଦ୍ୟରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ, ଲୋକନୃତ୍ୟରେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଗାନ୍ଧୀ ବାରିକ, ଲୋକଗୀତରେ ବିଶିଷ୍ଟ କଣ୍ଠଶିଳ୍ପୀ ରୀନା ଦାଶ, ଯୁବ ପ୍ରତିଭା ସମ୍ମାନରେ ସୁନିଲ ବିଭାର ଓ ରମେଶ ଗୁର୍ଲା ପ୍ରମୁଖଙ୍କୁ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ମାନପତ୍ର, ଉପଢୌକନ ଓ ଆର୍ଥିକ ସହାୟତା ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ତେବେ ବରଗଡ଼ ଜିଲ୍ଲାରୁ ପ୍ରଥମ ଥର ପାଇଁ ଏତେ ସଂଖ୍ୟାରେ କଳାକାରଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଏନେଇ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯିବା ସହ ପୁରସ୍କୃତ ହୋଇଥିବା କଳାକାରଙ୍କୁ ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ

### ● ବିକାଶ ଡିଗ୍ରୀ କଲେଜ

ବରଗଡ଼, ୨୭।୧୧(ସମିସ): ବିକାଶ ଡିଗ୍ରୀ କଲେଜ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଆଞ୍ଚଳିକ କିଷାନ କଲେଜ ଭେଡେନର ରାଜନୀତି ବିଜ୍ଞାନର ଅଧ୍ୟାପକ ଭୀଷ୍ମଦେବ ପ୍ରଧାନ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ସୁରଜ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ପକ କୃଷ୍ଣଚନ୍ଦ୍ର ସୁନା ନିଜର ମନ୍ତବ୍ୟ ପରିପ୍ରକାଶ କରିଥିଲେ। ଛାତ୍ରୀ ଆୟିଷା ମାର୍ଲ୍ୱ, ତୃଷ୍ଣାମୟୀ ଯାମୁଡାଲିଆ ଓ ଅସ୍ୱର୍ୟାଲକ୍ଷ୍ମୀ ପୂଜାରି ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦ ପ୍ରଦାନ କରିଥିଲେ। ପ୍ରଜ୍ଞା ପରିମିତା ବିଶି ଓ ଆଶୁତୋଷ ମିଶ୍ର ଯଥାକ୍ରମେ ସଭାକୁ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଅଞ୍ଚଳ ମହାବିଦ୍ୟାଳୟ



ପଦ୍ମପୁର: ଅଞ୍ଚଳ ମହାବିଦ୍ୟାଳୟର ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରର ଶୀର୍ଷକ 'ଭାରତ ସମ୍ବିଧାନ: ଏକ ସାଧାରଣ ସମୀକ୍ଷା' ବିଷୟରେ ସୀମା, ମୁକେଶ, ସୁଜଲ, ଜାମିନୀ, ଧନଞ୍ଜୟ, ଦିବ୍ୟରାନୀ, ମୋନାଲିସା, ଜଗନ୍ନାଥ ଏବଂ ଛବିନ୍ଦ୍ର ଆଦି ଛାତ୍ରଛାତ୍ରୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ବିଭାଗ ମୁଖ୍ୟ ପ୍ରଫେସର ସରୋଜ ପଧାନ ମୁଖ୍ୟ ବକ୍ତା ଭାବେ ଭାରତ ସମ୍ବିଧାନ ବିଷୟରେ ଆଲୋଚନା କରିଥିଲେ। ଭାରପ୍ରାପ୍ତ ବିଭାଗୀୟ ମୁଖ୍ୟ ପ୍ରଶାନ୍ତ ସିଦାର, ଅଧ୍ୟାପକ ଭୁବନେଶ୍ୱର ବରିହା ଏବଂ ବିପିନ ପାଇକ ନିଜ ବକ୍ତବ୍ୟ ରଖିଥିଲେ। ଶେଷରେ ମୁକେଶ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଖୁଜେନ ପ୍ରାଥମିକ ବିଦ୍ୟାଳୟ

ପଦ୍ମପୁର: ପଦ୍ମପୁର ବ୍ଲକ ଅଧୀନ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ପ୍ରଧାନଶିକ୍ଷକ ମାଧବ ବରିହାଙ୍କ ଅଧ୍ୟକ୍ଷତା ପାଳିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ସମ୍ବିଧାନ ଦିବସର ପାଳନ ଓ ଆମ କର୍ତ୍ତବ୍ୟ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ବିଧାନର ସୁରକ୍ଷା ଓ ସମ୍ମାନ ପାଇଁ ଶପଥ ନେଇଥିଲେ।

### ● ଦଧିବାମନ ମହାବିଦ୍ୟାଳୟ

ଭଟଲି: ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ଅଜିତ ବାରିକ ସଭା ପରିଚାଳନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ସମୂହ ପାଠ କରିଥିଲେ। ଅଧ୍ୟକ୍ଷ ସରୋଜ ଦାଶଙ୍କ ଦ୍ୱାରା ରଚିତ ପୁସ୍ତକ 'ଆସ ଜାଣିବା ସମ୍ବିଧାନ' ଛାତ୍ରଛାତ୍ରୀଙ୍କୁ ବିତରଣ କରାଯାଇଥିଲା।

### ନିଆରା ଢଙ୍ଗରେ ସମ୍ବିଧାନ ଦିବସ ପାଳିଲେ ଦମ୍ପତି

ବରଗଡ଼: ବରଗଡ଼ ସ୍ୱୟଂସିଦ୍ଧା ମଣ୍ଡପରେ ଗତକାଲି ୭୬ ତମ ସମ୍ବିଧାନ ଦିବସରେ ସାମାଜିକ କର୍ମୀ ତଥା ଆଇନଜୀବୀ ଅବିନାଶ ବାଗଙ୍କ ବଡ଼ଭାଇ ବିକାଶ ବାଗଙ୍କ ସହ ନିୟତି ଦୀପଙ୍କ ବିବାହ ଆଶୀର୍ବାଦ ସମାରୋହକୁ ନିଆରା ଢଙ୍ଗରେ ପାଳିତ ହୋଇଛି। ସାମ୍ବିଧାନିକ ଅଧିକାର ସଚେତନତା ସୃଷ୍ଟି ନେଇ ସମସ୍ତ ଅତିଥି ମାନଙ୍କୁ ୪ ହଜାର ପ୍ୟାକେଟ୍ ସମ୍ବିଧାନ ନକଲ ପ୍ରଦାନ ଉଭୟ ଦମ୍ପତି ପ୍ରଦାନ କରିଥିଲେ। ନଭେମ୍ବର ୨୪ ତାରିଖରେ ଶିକ୍ଷୟିତ୍ରୀ ଧିମତୀ ସୂର୍ଯ୍ୟମୂଖୀ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଧିମାନ ବିକ୍ରମ ବାଗଙ୍କର ବଡ ପୁଅ ବିକାଶ ବାଗଙ୍କ ସହିତ ମାଟିଆମହୁଲ ନିବାସୀ ଧିମତୀ ହେମକାନ୍ତି ଦୀପ୍ ଆଉ ଧିମାନ ମନୋଜ ଦୀପ୍‌ଙ୍କର ସାନ ଝିଅ ନିୟତିଙ୍କ ସହ ସର୍ଗିବାହାଲ ଠାରେ ବିବାହ ଉତ୍ସବ ହୋଇଥିଲା। ଉତ୍ସବରେ ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ସହ ବହୁ ସଂଖ୍ୟାରେ ଅତିଥି ମାନେ ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ।

## କମ୍ପ୍ୟୁଟର ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସେମିନାର

ବରଗଡ଼, ୨୭।୧୧(ସମିସ): କମ୍ପ୍ୟୁଟର ବିଜ୍ଞାନ ବିଭାଗ ଦ୍ୱାରା ଏକ ସେମିନାର ଆୟୋଜିତ ହୋଇଯାଇଛି। ଏଥିରେ ଡିମଷ୍ଟିଫାଇଂ ମେସିନ୍ ଲର୍ଣ୍ଣିଂ: କମ୍ପ୍ୟୁଟର କିପରି ଲର୍ଣ୍ଣ କରେ, ସାମ୍ପ୍ରତିକ ବିକାଶ ଏବଂ ଉଦୀୟମାନ ଧାରା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦେଶ ସାରା ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀଙ୍କୁ ଜ୍ଞାନ ଆଦାନ ପ୍ରଦାନ ଏବଂ ସହଯୋଗୀ ଶିକ୍ଷଣ ପାଇଁ ଏକତ୍ରିତ କରିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପଞ୍ଚାୟତ କଲେଜର ଅଧ୍ୟକ୍ଷ ଡ.ନକୁଲା ସେଠଙ୍କ ସ୍ୱାଗତ ଭାଷଣ ସହିତ ଆରମ୍ଭ ହୋଇଥିଲା। କମ୍ପ୍ୟୁଟର ବିଜ୍ଞାନ ବିଭାଗର ସଂଯୋଜକ ଡ.ଦିଲେଶ୍ୱର ସାହୁ ଏକ ସେମିନାର ସାରାଂଶ ଉପସ୍ଥାପନ କରିଥିଲେ। ଗଣେଶ୍ୱର ପଣ୍ଡା ବିଭାଗର ସାରାଂଶ ପ୍ରଦାନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡ.ମଧୁମିତା ପଣ୍ଡା ଏବଂ ଏସୟୁଆଇଆଇଟି ସମ୍ବଲପୁରର ଡ.ଅଭିଷେକ ସେଠୀ ଏବଂ ଅନ୍ୟାନ୍ୟ ସମ୍ବଳ ବ୍ୟକ୍ତି ଡେରାଡୁନର ୟୁପିଇଏସରୁ ଡ.ସନ୍ତୋଷ ପଣ୍ଡା ଏବଂ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ.ମନିଶ ଚନ୍ଦ୍ର ରାୟ ଅନଲାଇନ୍‌ରେ ଭାଷଣ ଦେଇଥିଲେ। ସେମିନାରରେ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ସ୍ମାରକୀ ଉନ୍ମୋଚିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଶ୍ରେଷ୍ଠ ୧୦ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଉମେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଷୟିକ ଅଧିବେଶନରେ ବର୍ତ୍ତମାନର ସମସ୍ୟା, ପ୍ରୟୋଗ ଏବଂ ମେସିନ୍ ଲର୍ଣ୍ଣିଂର ଭବିଷ୍ୟତ ସମ୍ଭାବନା ଉପରେ ଉପସ୍ଥାପନା କରାଯାଇଥିଲା। ଅଧିବେଶନ ଶେଷରେ ବିଦ୍ୟାସାଗର ଏକାଡେମୀ ଅଧ୍ୟକ୍ଷ ବିକାଶ ସେନ୍ ଏବଂ ସମ୍ମାନିତ ଅତିଥି ରାଜ ପ୍ରଧାନ ସମାବେଶକୁ ସମ୍ବୋଧିତ କରିଥିଲେ। ଗଣେଶ୍ୱର ପଣ୍ଡାଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ଏବଂ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସେମିନାରକୁ ସଞ୍ଜୁକ୍ତା ବେହେରା ସଂଯୋଜନା କରିଥିଲେ। ଅଧ୍ୟାପକ ସଦସ୍ୟ ଆକାଂକ୍ଷା ପଟ୍ଟଯୋଶୀ, ସୋନାଲିନ୍ ସ୍ୱାଇଁ ଏବଂ ରୋହିତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।

## ବାଇକ ଧକ୍କାରେ ସାଇକଲ ଆରୋହୀ ମୃତ


**କାମାକ୍ଷାନଗର, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କଙ୍ଗେଇଲ ଛକରେ ଗୁରୁବାର ସକାଳେ ବାଇକ ଧକ୍କାରେ ଗଙ୍ଗେଇଲ ଗ୍ରାମର ଅଙ୍କୁର ଚରଣ ଖୁଣ୍ଟିଆ (୭୦ବର୍ଷ)ଙ୍କ ମୃତ୍ୟୁ ହୋଇଛି । ଅଙ୍କୁର ଧାନ କାଟିବା ପାଇଁ ମୂଲିଆ ବୁଝିବାକୁ ସାଇକଲ ଯୋଗେ ପିପଳା ଗ୍ରାମକୁ ଯାଉଥିବାବେଳେ ମହୁଲପାଳ ଜିରାଳ ରାସ୍ତାର କଙ୍ଗେଇଲ ଛକରେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## କ୍ରସର ଦୁର୍ଘଟଣାରେ ଶ୍ରମିକ ମୃତ

**● ଘଟଣାକୁ ଅନ୍ୟରୂପ ଦେବାକୁ ଉଦ୍ୟମ**

**ହିନ୍ଦୋଳ, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ରାଣୀବଣିଆ ଗ୍ରାମ ନିକଟ ଏକ କ୍ରସରରେ ଦୁଇଦିନ ତଳେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ମୃତକ ହେଲେ କେନ୍ଦୁଝର ଜିଲ୍ଲା ବାଂଶପାଳ ଅଞ୍ଚଳର ଗଣେଶ ମୁଣ୍ଡା (୨୫) । ଗଣେଶ କ୍ରସରେ କାର୍ଯ୍ୟ କରୁଥିବା ସମୟରେ କ୍ରସର ବେଲଟରେ ହାତ ଚାପିହୋଇ ଟାଣି ନେଇ ଫୋପାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଢେଙ୍କାନାଳ ଡାକ୍ତରଖାନା ନିଆଯାଇଛି । ତେବେ ଗଣେଶଙ୍କ ମୃତ୍ୟୁକୁ ଅନ୍ୟ ରୂପ ଦେବାକୁ ଉଦ୍ୟମ ହେଉଥିବା ଜଣାପଡ଼ିଛି । ଢେଙ୍କାନାଳ ଏସ୍‌ପି ତଦନ୍ତର ତଦାରଖ କଲେ ମୃତକଙ୍କ ପରିବାର ଲୋକେ ନ୍ୟାୟ ପାଇପାରିବ ବୋଲି ଆଲୋଚନା ହେଉଛି ।

## ବସନ୍ତପୁରରେ କୁରାଳ ପଞ୍ଚମୀ ପୂଜା



**କଙ୍କଡ଼ାହାଡ଼, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବସନ୍ତପୁର କୋଠଘରେ କୁରାଳ ପଞ୍ଚମୀ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଛି । ପ୍ରାତଃରୁ କଳସ ପୂଜା, ମଣ୍ଡଳ ପୂଜା, ଅଖଣ୍ଡ ଦୀପ ସ୍ଥାପନ ସହ ଭଗବାନ ବିଷ୍ଣୁ ନାରାୟଣଙ୍କ ଷୋଡ଼ଶ ଉପଚାର ପୂଜା, ହୋମ ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ସନ୍ଧ୍ୟାରେ ଭଜନକୀର୍ତ୍ତନ ଚାଲିଥିଲା । କାର୍ଯ୍ୟକ୍ରମରେ ସଭାପତି ହରିହର ବେହେରା, କର୍ତ୍ତା ପଞ୍ଚାନନ ରାଉଳ, ପୂଜକ ଉଦୟ ପାଣି, ସମ୍ପାଦକ ସନାତନ ରଣା, ମୋହନ ରଣା, ଦନାର୍ଦ୍ଦନ ବେହେରା, ପ୍ରଭାତ ବେହେରା, ନରହରି ବେହେରା, ରଞ୍ଜନ ବେହେରା, ବିପିନ ରାଉଳ, ପଞ୍ଚାନନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ସିଦ୍ଧ ବଳରାମଜୀଉଙ୍କ ଓଢ଼ଣ ଷଷ୍ଠୀ ନୀତି

**ଢେଙ୍କାନାଳ, ୨୭ ।୧୧(ସମିସ):** ସ୍ଥାନୀୟ କୈବଲ୍ୟବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ମାର୍ଗଶିର ମାସର ଓଢ଼ଣ ପାର୍ବଣ ଷଷ୍ଠୀ ନୀତି ଅନୁଷ୍ଠିତ



ହୋଇଛି । ବଳରାମ, ସୁଭଦ୍ରା, କୃଷ୍ଣ, ରୁକ୍ମଣୀ, ମଦନ ମୋହନଙ୍କ ସମେତ ସମସ୍ତ ଠାକୁରଙ୍କୁ ଘୋଡ଼ଲାଗି କରାଯାଇଥିଲା । ସନ୍ଧ୍ୟା ଆଳତି ଓ ରାତ୍ରଧୂପ ପରେ ଖମ୍ବଆଳୁରେ ଗୁଡ଼ ଲାଗି ଭୋଗ କରାଯାଇଥିଲା । ବସନ୍ତ ପଞ୍ଚମୀ ଦିନ ଆରିସା ପିଠା ଭୋଗ ଲାଗି ହୋଇ ଓଲାଗି ହେବ । ପୂଜକ ମଳୟ କର, ମନସୁମନ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମସ୍ତ ନୀତି ହୋଇଥଲା ।

## ହାଇସ୍କୁଲ କ୍ରିକେଟର ଚୟନ ପ୍ରତିଯୋଗତା



**ଗଁଦିଆ, ୨୭ ।୧୧(ସମିସ):** ଢେଙ୍କାନାଳ ଶିକ୍ଷା ଜିଲ୍ଲା ଖଙ୍କିରା ଉଚ୍ଚବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ହାଇସ୍କୁଲ କ୍ରିକେଟର ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ୬ଟି ଉଚ୍ଚ ବିଦ୍ୟାଳୟରୁ ଛାତ୍ରମାନେ ଭାଗନେଇଥିଲେ । ଲାଉଲଇ ଉଚ୍ଚ ବିଦ୍ୟାଳୟ, ପିଙ୍ଗୁଆ ଉଚ୍ଚ ବିଦ୍ୟାଳୟ, ଖଙ୍କିରା ଉଚ୍ଚ ବିଦ୍ୟାଳୟ ଓ ନିହଳପ୍ରସାଦ ଉଚ୍ଚ ବିଦ୍ୟାଳୟରୁ ୧୧ଜଣ ପିଲାଙ୍କୁ ବ୍ଲକସ୍ତରୀୟ କ୍ରିକେଟ ଖେଳ ପାଇଁ ଚୟନ କରାଯାଇଛି ।

# ସଞ୍ଜୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଢେଙ୍କାନାଳ, ୨୭ ।୧୧(ସମିସ)



ସଞ୍ଜୁକ୍ତ କିଷାନ ମୋର୍ଚ୍ଚା ଓ ଶ୍ରମିକ ସଂଗଠନଗୁଡ଼ିକର ମିଳିତ ମଞ୍ଚ ତରଫରୁ ଗୁରୁବାର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୪ଟି ଶ୍ରମ କୋଡ୍ ରଦ୍ଦ କରିବା, ସର୍ବନିମ୍ନ ମଜୁରି ଅଧିକାରର ସୁରକ୍ଷା, ପ୍ରାକୃତିକ ସମ୍ପଦ ଉପରେ ଆଦିବାସୀଙ୍କ ଅଧିକାର ସୁରକ୍ଷା ପାଇଁ ଅଧିକାର ଆଇନ ଏଫଆରଏ, ପଞ୍ଚାୟତ ଅନୁସୂଚୀତ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାର ଅଧିନିୟମ, ପିଇଏସଏସ ୧୯୯୬କୁ କଡ଼ାକଡ଼ି ଲାଗୁ କରିବା, ଜମି, ଜଙ୍ଗଲ, ଜଳ ଏବଂ ଖଣିଜ ପଦାର୍ଥର କୌଣସି କର୍ପୋରେଟ ଅଧିଗ୍ରହଣ ନ କରିବା, କର୍ପୋରେଟଙ୍କ ଦ୍ୱାରା ଖଣିଖନନ ଓ ତତ୍‌ସଂକ୍ରାନ୍ତ ବ୍ୟବସାୟକୁ ସମାପ୍ତ କରିବାକୁ ଆଇନ ପ୍ରଣୟନ, ଖଣିଖନନ ଓ ତତସଂକ୍ରାନ୍ତ ବ୍ୟବସାୟରୁ ମିଳୁଥିବା ଲାଭର ୭୦ ପ୍ରତିଶତ ଖଣି ଅଞ୍ଚଳର ସ୍ଥାନୀୟ ଲୋକଙ୍କ କଲ୍ୟାଣମୂଳକ କାର୍ଯ୍ୟରେ ଖର୍ଚ୍ଚ କରିବା, ଆଦିବାସୀ ପରିବାରଗୁଡ଼ିକୁ ଅଗ୍ରାଧିକାର ଦେବା, କର୍ପୋରେଟ ସପକ୍ଷବାଦୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ବିଫଳ ଯୋଜନାକୁ ଉଚ୍ଛେଦ, ଏଲଆଇସିର ସଫଳ ମଡେଲ ପରି ରାଜ୍ୟ ସରକାରଙ୍କ ସହଯୋଗରେ ଫସଲ ଏବଂ ପଶୁସମ୍ପଦ ପାଇଁ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ବୀମା ନିଗମ ଗଠନ, କେନ୍ଦ୍ର ବଜେଟରୁ କାଟି ଦିଆଯାଇଥିବା ୮୭ ହଜାର କୋଟି ଟଙ୍କାର ସାର ସବସିଡିକୁ ପୁଣି କାର୍ଯ୍ୟକାରୀ କରିବା, ସାର କଳାବଜାରୀ ବନ୍ଦ ଏବଂ ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳତା ସୁନିଶ୍ଚିତ କରିବା, ସମଗ୍ର ଚାଷଜମି ପାଇଁ ଜଳ ଅଧିକାର ସୁନିଶ୍ଚିତ କରିବା, କୃଷକ ଏବଂ କୃଷି ଶ୍ରମିକମାନଙ୍କୁ ମାସକୁ ୧୦, ୦୦୦ ଟଙ୍କା ପେନସନ ପ୍ରଦାନ, ରାଜ୍ୟ କୃଷି ବିଭାଗ ଅଧୀନରେ ଭାଗଚାଷୀଙ୍କୁ ପଞ୍ଜୀକୃତ କରିବା, ଋଣ ପ୍ରଦାନ, କୃଷି ସମ୍ପ୍ରସାରଣ ଏବଂ କ୍ଷତିପୂରଣ ସହିତ ସରକାରୀ ଯୋଜନାର ସମସ୍ତ ଲାଭ ଭାଗଚାଷୀଙ୍କୁ ପ୍ରଦାନ, ସମସ୍ତ ଭୂମିହୀନ ପରିବାରକୁ ଚାଷ ପାଇଁ ଜମି, ସମସ୍ତ ବାସହୀନ ପରିବାରକୁ ଘର ଯୋଗାଇଦେବା, ସେସ ଏବଂ ସରଚାର୍ଜ ସମେତ ବିଭାଜନକାରୀ ପୁଲର ୬୦ ପ୍ରତିଶତ ରାଜ୍ୟମାନଙ୍କୁ ଅଂଶଧନ ଭାବେ ଦେଇ ରାଜ୍ୟଗୁଡ଼ିକର ସଂଘୀୟ ଅଧିକାର ସୁରକ୍ଷା ସୁନିଶ୍ଚିତ କରିବା, ରାଜ୍ୟଗୁଡ଼ିକର ଟିକସ କ୍ଷମତାକୁ ପୁନଃ ସ୍ଥାପିତ କରିବା ପାଇଁ ଜିଏସଟି ଆଇନରେ ସଂଶୋଧନ, ସୋନମ ୱାଙ୍ଗଚୁକ ଏବଂ ଅନ୍ୟ ବିକ୍ଷୋଭକାରୀଙ୍କୁ ତୁରନ୍ତ ନିସର୍ତ୍ତରେ ଖଲାସ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସିଆଇଟିୟୁର ସର୍ବଜ୍ଞ ସାହୁ, ଏଆଇଟିସିୟୁର ରବି ରଥ, ଏଆଇସିସିଟିୟୁର ଶ୍ରୀନିବାସ ସାହୁ, ସିପିଏଫର ସ୍ୱରୂପାନନ୍ଦ ଦାସ, ଏଚଏମଏସର ବାବୁଲି ସିଂ, ଟିୟୁସିସିର କମଳା ସାହୁ, ଆଇଏନଟିୟୁସିର ଛବିରାଜ ବିଶ୍ୱାଳ, ବିକେଏମୟୁର ପ୍ରଫୁଲ୍ଲ କୁମାର ନାୟକ, କିଷାନ କଂଗ୍ରେସର ବିପ୍ରବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଏକଦିବସୀୟ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ




**ଢେଙ୍କାନାଳ, ୨୭ ।୧୧(ସମିସ):** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ପଠନ ସଭାଗୃହରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରୋତ୍ସାହନରେ ସଂସ୍କୃତ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଏକଦିବସୀୟ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ସଂସ୍କୃତ ବିଭାଗ ମୁଖ୍ୟ ବିକାଶ ରଞ୍ଜନ ରଣାଙ୍କ ଆବାହକତ୍ୱ ତଥା ସଂସ୍କୃତ ସମ୍ଭାଷଣ ଶିକ୍ଷକ ଅରିନ୍ଦମ ପାରୁଇଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ଦେବସ୍ମିତା ପାଲୌରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ରମାକାନ୍ତ ସା ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରାରେ ସଂସ୍କୃତ ଭାଷାର ମହତ୍ତ୍ୱ ପ୍ରସଙ୍ଗରେ ଆଲୋଚନା କରିଥିଲେ । ନିଯୁକ୍ତି କ୍ଷେତ୍ରରେ ସଂସ୍କୃତ ଭାଷା ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ସଂସ୍କୃତ ଭାରତୀ ପୂର୍ବ ଉତ୍କଳ ମନ୍ତ୍ରୀ ପଣ୍ଡିତ ନୃସିଂହ ଚରଣ ପଣ୍ଡା ଯୋଗଦେଇ ସଂସ୍କୃତ ଭାଷା ସମସ୍ତ ଜ୍ଞାନ ବିଜ୍ଞାନର ଭିତ୍ତିଭୂମି ଓ ଏହାର ପରିବ୍ୟାପ୍ତତା ସୁଦୂରପ୍ରସାରୀ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡ. ସୁରେନ୍ଦ୍ର ନାଥ ଷଡ଼ଙ୍ଗୀ, ପ୍ରାଧ୍ୟାପକ ଡ. ନିର୍ମଳ ସୁନ୍ଦର ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାଶ, ପରୀକ୍ଷା ନିୟନ୍ତ୍ରକ ଡ. ସଞ୍ଜିତ କୁମାର ମହାପାତ୍ର, ଅମ୍ବିକା ପ୍ରସାଦ ରଥ, ଶିକ୍ଷାବିତ ଡ. ଦେବୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

ପ୍ରାରମ୍ଭରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ସଂସ୍କୃତ ଅଧ୍ୟୟନ କେନ୍ଦ୍ର ଉଦଘାଟନ କରିଥିଲେ । ସଂସ୍କୃତ ବିଭାଗ ମୁଖ୍ୟ ବିକାଶ ରଞ୍ଜନ ରଣା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କେନ୍ଦ୍ରଦ୍ୱାରା ଶିକ୍ଷାପ୍ରାପ୍ତ ପ୍ରାକ୍ତନ ଛାତ୍ରୀଛାତ୍ର ଜଗବନ୍ଧୁ ସାହୁ, ଜ୍ଞାନରଞ୍ଜନ ସାହୁ, ବିଭୁପ୍ରସାଦ ପାଣି ପ୍ରମୁଖ ନିଜ ସଫଳତାର ବର୍ଣ୍ଣନା କରିଥିଲେ । ସଂସ୍କୃତ ବିଭାଗ ଅଧ୍ୟାପିକା ଡ. ଚିନ୍ମୟୀ ମିଶ୍ର, କାଦମ୍ବିନୀ ରାଉଳ, ଦୀପାଞ୍ଜଳି ସେଠୀ, ଛାତ୍ରୀ ଶୁଭସ୍ମିତା ପତି, ଦୀପ୍ତିପ୍ରଭା ସାହୁ ପ୍ରମୁଖ ସହଯୋଗ କରିଥିଲେ । ବିଭାଗର ଅତିଥି ଅଧ୍ୟାପକ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓପିଏସ ମହାବିଦ୍ୟାଳୟରେ ଶୂନ୍ୟ ମୃତାହତ ପକ୍ଷ



**ଖଜୁରିଆକଟା, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଢେଙ୍କାନାଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଶୂନ୍ୟ ମୃତାହତ ପକ୍ଷ ପାଳିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ସାର୍ଥକ ଦତ୍ତ ଯୋଗଦେଇ ଯୁବଶକ୍ତି ସଚେତନ ହେଲେ ସଡ଼କ ଦୁର୍ଘଟଣା ରୋକାଯାଇପାରିବ ବୋଲି କହିଥିଲେ । ଗାଡ଼ି ଚଳାଇବା ସମୟରେ କେଉଁ କେଉଁ ସତର୍କତା ଅବଲମ୍ବନ କରିବା ଦରକାର ସେ ସମ୍ପର୍କରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ବରିଷ୍ଠ ସହାୟକ ରାକେଶ ରଞ୍ଜନ ସାହୁ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ଅଧ୍ୟାପକ ଡ. ବଳରାମ ପୃଷ୍ଟି ଓ କ୍ୟାପଟେନ ଅକ୍ଷୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାଧ୍ୟାପକ ଗୁରୁ ଚରଣ ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ମଙ୍ଗରାଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ହିନ୍ଦୋଳରେ ଆଇନ ସଚେତନତା ଶିବିର

**ଖଜୁରିଆକଟା, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଥାନା ବାଉଁଶ ପୋଖରୀ ପଞ୍ଚାୟତ ନୂଆକୋଟ ଗ୍ରାମରେ ଆଇନ ସଚେତନ ଶିବିର ଏବଂ ସମ୍ବିଧାନ ଦିବସ ସଭା ଅନୁଷ୍ଠିତ



ହୋଇଛି । ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟ, ଇନ୍ସପେକ୍ଟର ମାନିନୀ ପ୍ରଧାନ, ଏଏସଆଇ ଯଶୋବନ୍ତ ପ୍ରଧାନଙ୍କ ସମେତ ଥାନା କର୍ମଚାରୀ ଯୋଗଦେଇ ଆଇନ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ଏଥିସହ ବାଲ୍ୟ ବିବାହ, ଶିଶୁଶ୍ରମିକ, ସାଇବର ଠକେଇ, ନିଶା ନିବାରଣ, ୧୮ ବର୍ଷରୁ କମ୍ ବୟସ୍କ ନାବାଳକ ଗାଡ଼ି ଚାଳନା ନ କରିବା ଆଦି ସମ୍ପର୍କରେ ସଚେତନ କରାଇଥିଲେ । ନୂଆକୋଟ ଗ୍ରାମ ସଭାପତି ଭରତ ପ୍ରଧାନ, ସମାଜସେବୀ ଦୁଃଶାସନ ନାଏକ ଓ ଗ୍ରାମବାସୀ ଯୋଗଦେଇଥିଲେ ।

**● ଡିଆଇଇଟିରେ ଜାତୀୟ ସମ୍ବିଧାନ ଦିବସ**

## ‘ସମ୍ବିଧାନ ନାଗରିକର ରକ୍ଷା କବଚ’




**ଢେଙ୍କାନାଳ, ୨୭ ।୧୧(ସମିସ):** ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଛି । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭାରତୀୟ ସମ୍ବିଧାନର ବୈଶିଷ୍ଟ୍ୟ, ରୂପରେଖ ଓ ଏଥିରେ ଥିବା ପ୍ରାବଧାନ ଉପରେ ଶିକ୍ଷକ ପ୍ରଶିକ୍ଷିକା ସ୍ୱାଗତିକା ସ୍ୱାଇଁ, ବିଦ୍ୟୁତପ୍ରଭା ଶତପଥୀ ବକ୍ତବ୍ୟ ରଖିଥିଲେ । ଛାତ୍ର ପ୍ରତିନିଧି ଶୁଭଲକ୍ଷ୍ମୀ ନାୟକ, ସୌମ୍ୟାକାନ୍ତି ବେହେରା, ଆଶାୟୀ ମୁଣ୍ଡା, ସ୍ନିଗ୍ଧା ସୁଚରିତା ବାରିକ, ଯଜ୍ଞପ୍ରସାଦ ଶତପଥୀ, ବିଶ୍ୱଜିତ ମହାପାତ୍ର, ପ୍ରିୟଙ୍କା ତରାଇ, ସ୍ନେହରୂପା କର, ମାତୃପ୍ରସାଦ ଦେହୁରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଶ୍ୱର ସର୍ବ ବୃହତ ସମ୍ବିଧାନ ଭାବେ ଭାରତୀୟ ସମ୍ବିଧାନ ଅନନ୍ୟ ଓ ଏହା ଭାରତୀୟ ନାଗରିକଙ୍କ ରକ୍ଷାକବଚ ବୋଲି ସଭାପତି ରାଜ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଅନ୍ୟତମ ପ୍ରଶିକ୍ଷିକା କଲ୍ୟାଣୀ ସାହୁ ଭାରତୀୟ ସମ୍ବିଧାନ ପ୍ରସ୍ତାବନାର ଶପଥପାଠ କରାଇଥିଲେ । ପ୍ରାକସେବା ଶିକ୍ଷକ ଶିକ୍ଷା ବିଭାଗୀୟ ମୁଖ୍ୟ ପ୍ରଶିକ୍ଷିକା ସୁଦୀପ୍ତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁଛାତ୍ର ସୂର୍ଯ୍ୟକାନ୍ତ ବେହେରା ସଭା ସଂଯୋଜନା କରିଥିବା ବେଳେ ସସ୍ମିତା ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## କଂଗ୍ରେସ ତରଫରୁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା




**ଢେଙ୍କାନାଳ, ୨୭ ।୧୧(ସମିସ):** ସ୍ଥାନୀୟ ଗାନ୍ଧୀ ମନ୍ଦିରଠାରେ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଛି । ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଭାରତୀୟ ସମ୍ବିଧାନର ମୁଖବନ୍ଧ ଉପରେ ନେତାଗଣ ଆଲୋକପାତ କରିବା ସହିତ ବର୍ତ୍ତମାନ କେନ୍ଦ୍ରରେ ଥିବା ଦକ୍ଷିଣପନ୍ଥୀ ମୋଦୀ ସରକାର କିପରି ସମ୍ବିଧାନର ମୂଳମନ୍ତ୍ରକୁ ଅବମାନନା କରୁଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ । ସେହିପରି ମୋଦୀ ସରକାର କିପରି ଭାରତୀୟ ନିର୍ବାଚନ ଆୟୋଗକୁ ନିଜ ନିୟନ୍ତ୍ରଣରେ ରଖିଛି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଭଳି ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ବିରୋଧୀ ନେତାଙ୍କ ବିରୋଧରେ ରାଜନୈତିକ ପ୍ରତିଶୋଧ ନେବା ପାଇଁ ଅସ୍ତ୍ର ଭାବେ ବ୍ୟବହାର କରୁଛି, ନ୍ୟାୟପାଳିକାକୁ ପ୍ରଭାବିତ କରିବା ପାଇଁ କଲେଜିୟମ୍ ବ୍ୟବସ୍ଥା ଦ୍ୱାରା ସୁପାରିସ କରାଯାଇଥିବା ବିଚାରପତିଙ୍କ ନିଯୁକ୍ତିକୁ ବିଳମ୍ବ କରୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସମ୍ବିଧାନ ବଞ୍ଚାଅ ଶୋଭାଯାତ୍ରାରେ ଯାଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

**ଟାଟା ପାୱାରର ମନମାନିକୁ ବିରୋଧ**

# କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଶାଳ ଶୋଭାଯାତ୍ରା

ଢେଙ୍କାନାଳ, ୨୭ ।୧୧(ସମିସ)




ଢେଙ୍କାନାଳ ଜିଲ୍ଲାରେ ଟାଟା ପାୱାରର ମନମୁଖି କାର୍ଯ୍ୟ ଏବଂ ବିଦ୍ୟୁତ ଯୋଗାଣରେ ସର୍ବନିମ୍ନ ନିୟମାବଳୀ ପାଳନ ନ କରି ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ତରଫରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି ।

ଢେଙ୍କାନାଳ ଜିଲ୍ଲାରେ ଟିପିସିଓଡିଏଲ ତରଫରୁ ସ୍ମାର୍ଟ ମିଟର ଲଗାଇବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରଥମେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନ କରିବା, ଉପଯୁକ୍ତ ଭୋଲଟେଜ ବ୍ୟବସ୍ଥା, ଆର୍ଥି ବ୍ୟବସ୍ଥା ସହିତ ବିଦ୍ୟୁତ ଯୋଗାଣ ଠିକ ନ କରିବା ଦ୍ୱାରା ଉପଭୋକ୍ତାମାନେ ଶୋଷଣର ଶିକାର ହେଉଛନ୍ତି । ଏହାର ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା କମିଟି ଗଠନ କରାଯାଇଛି । ଏହି କମିଟିରେ ଜିଲ୍ଲା ବାର ଆସୋସିଏସନ, ସାମ୍ବାଦିକ ସଙ୍ଘ, ବିଭିନ୍ନ ରାଜନୈତିକ ଦଳ, ଚାମ୍ବର ଅଫ କମର୍ସ, ବସ ଓ ଟ୍ରକ ମାଲିକ ସଂଘ ସମେତ ବିଭିନ୍ନ ସଙ୍ଗଠନ ସାମିଲ ହୋଇଛନ୍ତି । ଗୁରୁବାର କମିଟିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । କ୍ରିୟାନୁଷ୍ଠାନ କମିଟିର ଶତାଧିକ କର୍ମକର୍ତ୍ତା

**ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର**

ଓ ଜନସାଧାରଣ ବାର ଆସୋସିଏସନ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ନିର୍ବାଚିତ

**ଗଁଦିଆ, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ବୈଠକ ପୋରୁହଖୋଜ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁଙ୍କ ସହ ବିଭିନ୍ନ ଅଞ୍ଚଳରୁ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ । ଦିବଙ୍ଗତ ବରିଷ୍ଠ ନାଗରିକ ଅନନ୍ତ ଚରଣ ଶତପଥୀ, ମୁରଲୀଧର ରାଉତ, ରାଜକିଶୋର ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ



ବୈଠକ ଆରମ୍ଭ ହୋଇଥିଲା । ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ସଭାପତି ଭାବେ ବିଜୟ କୁମାର ସାମନ୍ତ, କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ଉପସଭାପତି ପୀତବାସ ରାଉତ, ଡମ୍ବରୁଧର ସେଠୀ, ଗୋପାଳ ଚନ୍ଦ୍ର ରାଉତ, ଶରତ ଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସହସମ୍ପାଦକ ରଞ୍ଜନ କୁମାର ନାୟକ, ଅନନ୍ତ ନାରାୟଣ ଶତପଥୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସ୍ୱାଇଁ ସମୀକ୍ଷକ ଉପେନ୍ଦ୍ର କୁମାର ରାଉତ, ସଂଗଠନ ସମ୍ପାଦକ ଶ୍ରୀକାନ୍ତ କୁମାର ଭୂତିଆ, ପ୍ରବକ୍ତା ଯୁଧିଷ୍ଠିର ମହାନ୍ତି, ହୃଦାନନ୍ଦ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନଟବର ଗୁରୁ, ଗଣେଶ୍ୱର ପ୍ରଧାନ, ଦୁର୍ଲଭ ରାଉତଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି । ସେହିପରି ଉପଦେଷ୍ଟା ଭାବେ ଭିକାରୀ ଚରଣ ରାଉତ, ବିଚିତ୍ରାନନ୍ଦ ମହାନ୍ତି, ଦଣ୍ଡଧର ସାହୁ, ବିଶ୍ୱନାଥ ଜେନା, ବୁଦ୍ଧଦେବ ପ୍ରଧାନ, ମଙ୍ଗୁଳି ଚରଣ ବିଶ୍ୱାଳ, ସୁଧାକର ଦଳାଇ ମନୋନୀତ ହୋଇଛନ୍ତି । ସଭାପତି, କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, ସଂଗଠନ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନେଇ ଏକ ତ୍ୱରିତ କାର୍ଯ୍ୟକ୍ରମ ସମ୍ପାଦନା ମଣ୍ଡଳୀ ଗଠନ କରାଯାଇଛି ।

# ମୋ ଖତ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



ଚମ୍ପୁଆ,୨୭।୧୧(ସମିସ): ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମୋ ଖତ ବିକ୍ରୟ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମୁଖରେ ଏନେଇ ଏକ ଷ୍ଟଲକୁ ଚମ୍ପୁଆ ୧ ନମ୍ବର ୱାର୍ଡ କାଉନସିଲର ଛତ୍ରପତି ନାଏକ, କାଉନସିଲର ଏମଡି ଇମ୍ରାନ ଉଦଘାଟନ କରିଥିଲେ। ଏନଏସିର ବର୍ଜ୍ୟବସ୍ତୁରୁ ଉତ୍ପାଦିତ ଏହି ଖତ ୧ କି.ଗ୍ରା ପ୍ରତି ୧୦ ଟଙ୍କା ଦରରେ ବିକ୍ରୟଆରମ୍ଭ କରାଯାଇଛି। ସର୍ବସାଧାରଣ ବିକ୍ରି ନିମନ୍ତେ ଏହି ଖତ କେନ୍ଦ୍ରକୁ ଉପଲବ୍ଧ କରାଯାଇଥିବା ବେଳେ ଆବଶ୍ୟକ ଅନୁଯାୟୀ ଜନସାଧାରଣ ଏହି ଖତ ନେଇପାରିବେ ବୋଲି ସିଏମଏମ ଅନନ୍ତଚରଣ ସାହୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ କୁଣ୍ଡୁ, ସ୍ୱୟଂସହାୟକ ଗୋଷ୍ଠୀ, ସୁପରଭାଇଜର ଓ ବିଭିନ୍ନ କର୍ମଚାରୀ ସହଯୋଗ କରିଥିଲେ।

# ଜେଏସ୍‌ଡବ୍ଲୁ ଷ୍ଟିଲ୍ ପକ୍ଷରୁ ଶ୍ରମ ସଂହିତା ସଚେତନତା



ଯୋଡ଼ା, ୨୭।୧୧(ସମିସ): ଜେଏସଡବ୍ଲୁ ଷ୍ଟିଲ ନୂଆଗାଁ ଆଇରନ୍ ଓର୍ ମାଇନ୍‌ରେ ନୂତନ ଶ୍ରମ ସଂହିତା ବିଷୟରେ ବିଶେଷ ଜାଗୃତି ସଭାରେ ୧୫୦ ଜଣ କର୍ମଚାରୀ ଓ ଅଧିକାରୀ ଶ୍ରମ ସଂହିତା ନେଇ ଏକ ଆଲୋଚନାରେ ଯୋଗ ଦେଇଥିଲେ। ସଭାରେ ଟି. ହରି ପ୍ରସାଦ, ଉପନିର୍ଦ୍ଦେଶକ, ଖଣି ସୁରକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ରିଜିଅନ-୧ ନୂଆ ଚାରିଟି ଶ୍ରମ ସଂହିତା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ଅଧିକାରୀ ଅରୁଣଦୀପ ଭଟ୍ଟାଚାର୍ଯ୍ୟ (ମାଇନ୍ ମ୍ୟାନେଜର), ଜୀବନ ଜ୍ୟୋତି ଦାଶ (ସେଫ୍ଟି ଅଫିସର) ଓ ଜିତେନ୍ଦ୍ର ନନ୍ଦା ଉପସ୍ଥିତ ଥିଲେ। କର୍ମଚାରୀମାନେ ସକ୍ରିୟ ଭାବେ ଆଲୋଚନାରେ ଯୋଗଦେଇ ନିଜର ପ୍ରଶ୍ନ ଓ ପ୍ରତିକ୍ରିୟା ଦେଇଥିଲେ। ପ୍ରଶାସନ ପକ୍ଷରୁ କର୍ମଚାରୀଙ୍କୁ ନୂଆ ଶ୍ରମ ସଂହିତାକୁ ଦିନଚର୍ଯ୍ୟା କାମରେ ଅନୁସରଣ କରିବା ସହ ସୁରକ୍ଷାକୁ ପ୍ରଥମ ପ୍ରାଥମିକତା ଦେବାକୁ ଅନୁରୋଧ କରାଯାଇଛି। ଏହି ସଭା ଫଳରେ କର୍ମଚାରୀମାନଙ୍କର ନିୟମାନୁଶାସନ ସଚେତନତା ବଢ଼ିବା, ସୁରକ୍ଷା ଓ ପାଳନ ସଂସ୍କୃତି ମଜବୁତ ହେବା ସହ ଜେଏସଡବ୍ଲ୍ୟୁର କର୍ମୀ-କେନ୍ଦ୍ରିକ ପ୍ରବୃତ୍ତି ଆହୁରି ସୁଦୃଢ଼ ହେବା ଆଶା କରାଯାଉଛି।

# କନକମଞ୍ଜରୀ ମହାବିଦ୍ୟାଳୟ ଛାତ୍ରୀନିବାସ ଉଦ୍‌ଘାଟିତ



ଆନନ୍ଦପୁର, ୨୭।୧୧ (ସମିସ): ଶାଳପଡ଼ାସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟରେ ନବନିର୍ମିତ ଛାତ୍ରୀ ନିବାସକୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଉଦ୍‌ଘାଟନ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ସୋଭାଗ୍ୟମୟୀ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀନିବାସର ଅଧୀକ୍ଷକ ସୌଦାମିନୀ ପାଇକରାୟ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ, ପ୍ରଣୟିନି ବ୍ରହ୍ମ ଓ ବିଜେପି ନେତା ଆଲୋକ ସେଠୀ ଯୋଗ ଦେଇଥିଲେ। ପ୍ରାୟ ୨ କୋଟି ଟଙ୍କାରେ ନିର୍ମିତ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟନ ଅବସରରେ ପୂର୍ବତନ ଅଧ୍ୟକ୍ଷ ଡ଼ ପ୍ରଦୀପ କୁମାର ମହାନ୍ତିଙ୍କୁ ସାଂସଦ ଶ୍ରୀ ନାୟକ ପ୍ରୀତି ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା କନକଲତା ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଙ୍ଗରାଣୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କେନ୍ଦୁଝର,୨୭ ।୧୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଟାଙ୍ଗରାଣୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟତ୍ରୀ ଓ ସିଆର୍‌ସିସି ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତଚନ୍ଦ୍ର ଦେହୁରୀ ସାମିଲ ହୋଇଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତା ତିନି ଦିନ ଧରି ଚାଲିବ। ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ ଶୁଭଲକ୍ଷ୍ମୀ ସାହୁ, ସରୋଜିନୀ ସାହୁ, ପ୍ରଦୀପ କୁମାର ପାତ୍ର, ସୁଶାନ୍ତ କୁମାର ପାତ୍ର, ବାସନ୍ତୀ ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜର୍ମାନ ଦେଇଗାମ, ସୁଜାତା ପ୍ରଧାନ, ଭୁବନ ପାତ୍ର, ମାଣିକର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର ସହଯୋଗ କରିଥିଲେ।

## ଶ୍ରମକୋଡ୍ ବାତିଲ ଦାବି

# ଓଡ଼ିଶା ଖଣି ନିଗମ ଆଗରେ ଶ୍ରମିକ ବିକ୍ଷୋଭ




କେନ୍ଦୁଝର, ୨୭।୧୧(ସମିସ): ଶ୍ରମିକ ବିରୋଧୀ ଶ୍ରମକୋଡ ତୁରନ୍ତ ବାତିଲ ଦାବିରେ ବାଂଶପାଳ ବ୍ଲକର ଶୁଆକାଟୀସ୍ଥିତ ଓଡ଼ିଶା ଖଣି ନିଗମ ଆଞ୍ଚଳିକ କାର୍ଯ୍ୟାଳୟ ଆଗରେ ଏଆଇଟିୟୁସି ନେତୃତ୍ୱରେ ଶ୍ରମିକମାନେ ବିକ୍ଷୋଭ କରିଛନ୍ତି। କେନ୍ଦୁଝର ଜିଲ୍ଲା ଏଆଇଟିୟୁସି ଡକରାରେ ନଭେମ୍ବର ୨୬ରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣି ଓ କାରଖାନା ସମ୍ମୁଖରେ ହଜାର ହଜାର ଶ୍ରମିକ ବିରୋଧ ଜାରି ରଖିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ହଠାତ ସାରା ଦେଶରେ ନୂତନ ଶ୍ରମ କୋଡ ଲାଗୁ କରିବା ପାଇଁ ଘୋଷଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିପାଇଁ ଦେଶର ଶ୍ରମିକ ସଂଗଠନଙ୍କ ସହ କୌଣସି ଆଲୋଚନା କରାଯାଇନାହିଁ। ଏହି ଆଇନ ଲାଗୁ ହେବା ଦ୍ୱାରା ଶ୍ରମିକଙ୍କର ନିଯୁକ୍ତି ଅଧିକ ଅସ୍ଥାୟୀ ହେବା ସଂଗେ ସଂଗେ ହାୟାର ଏଣ୍ଡ ଫାୟାର ନୀତିରେ ଚୁକ୍ତିଭିତ୍ତିକ ନିଯୁକ୍ତି ବୃଦ୍ଧି ପାଇବ। ଦୈନିକ କାର୍ଯ୍ୟ ଦିବସ ୧୦/୧୨ ଘଣ୍ଟା ବୃଦ୍ଧି ହେଲେ ସମଗ୍ର ଦେଶର ବିଭିନ୍ନ କାରଖାନା, ଖଣି ଓ ଅନ୍ୟାନ୍ୟ ଶିଳ୍ପରେ ଗୋଟିଏ ସିଫ୍ଟର ଶ୍ରମିକ ତଥା ଲକ୍ଷ ଲକ୍ଷ ଶ୍ରମିକ ନିଯୁକ୍ତି ହରାଇବେ। ସେହିଭଳି ଟ୍ରେଡ୍ ୟୁନିୟନ କ୍ଷମତାକୁ ସଙ୍କୁଚିତ କଲା ପରେ ମାଲିକଙ୍କ ଦ୍ୱାରା ଶ୍ରମିକମାନେ ଅଧିକ ଶୋଷିତ ହେବେ। ବୋନସ୍ ଓ ଛୁଟି ଭଳି ସୋସିଆଲ ସିକ୍ୟୁରିଟି ଉପରେ ଅଙ୍କୁଶ ଲଗାଇବା ପାଇଁ ସ୍ଥିର ହୋଇଛି। ପୂର୍ବ ଶ୍ରମ ଆଇନ ଠିକ୍ ଭାବେ ଲାଗୁ ହୋଇ ପାରୁ ନଥିବା ବେଳେ ମାଲିକ ସପକ୍ଷବାଦୀ ନୂଆ ଶ୍ରମ କୋଡ ସମ୍ପୂର୍ଣ୍ଣ ଭାବରେ ଶ୍ରମିକ ବିରୋଧୀ ବୋଲି କୁହାଯାଇଛି। ନିଗମର ଗନ୍ଧମାର୍ଦ୍ଦନ ଖଣି ମୁଖ୍ୟ କାର୍ଯ୍ୟାଳୟରେ ସମ୍ମୁଖରେ ଶହ ଶହ ଶ୍ରମିକ ଏକତ୍ର ହୋଇ ଶ୍ରମ କୋଡ ଓଏମସି ଖଣିରେ ଲାଗୁ ନ କରିବା ପାଇଁ ଦାବି ଜଣାଇଛନ୍ତି। ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ସାଥୀ ମହେଶ୍ୱର ରାଉତଙ୍କ ନେତୃତ୍ୱରେ ନିଗମ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀହରି ଘଣା, ହୃଦା ପାତ୍ର, ବଦ୍ରୁ ଜାମା, ବିରଞ୍ଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ଖଗେଶ୍ୱର ମହାନ୍ତ, ବନମାଳି ନାୟକ, ଗୋବିନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ରମରେ ଡିସେମ୍ବର ୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ଶ୍ରମିକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ଏଆଇଟିୟୁସି ତରଫରୁ ସାଥୀ ମହେଶ୍ୱର ରାଉତ ଘୋଷଣା କରିଛନ୍ତି।

# ସ୍କୁଲ ପାଚେରି ଭାଙ୍ଗିଲା କାର୍

କେନ୍ଦୁଝର,୨୭ ।୧୧(ସମିସ): ଭାରସାମ୍ୟ ହରାଇ ଗତକାଲି ରାତି ୧୧ଟା ପାଖାପାଖି ଏକ କାର୍ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ପୁଟୁଳିଆ ପ୍ରାଥମିକ ବିଦ୍ୟାଳୟର ପାଚେରିରେ ଧକ୍କା ହୋଇଛି। ଫଳରେ ଗାଡ଼ିର ସାମ୍ନାଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲେ। ସକାଳେ ସ୍କୁଲ କର୍ତ୍ତୃପକ୍ଷ ଜାଣିବା ପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବ୍ୟକ୍ତି ପାଚେରି ମରାମତି କରିଥିବା ଜଣାପଡିଛି।

# ଚୁଲି ନିଆଁଲାଗି ପାଚିକା ଗୁରୁତର

ଆନନ୍ଦପୁର, ୨୭।୧୧(ସମିସ): ଆନନ୍ଦପୁର ବ୍ଲକ ହାତିବନ୍ଧା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ସମୟରେ ଚୁଲିରୁ ନିଆଁଲାଗି ପାଚିକା ଗୁରୁତର ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ଡାକ୍ତରଖାନା ପରେ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ପାଚିକା ହେଲେ ତପୋଇ ପ୍ରଧାନ। ଗୁରୁବାର ସକାଳ ୧୦ଟା ସମୟରେ ପାଚିକା ସ୍କୁଲ ରୋଷେଇ ଘରେ କାଠ ଚୁଲିରେ ରୋଷେଇ କରୁଥିବା ସମୟରେ କାଉଁରିଆ କାଠିରୁ ନିଆଁ ବ୍ୟାପି ତାଙ୍କ ପିନ୍ଧା ଶାଢିରେ ଲାଗିଯାଇଥିଲା।

# ୯୫ ଧାନ ମଣ୍ଡିରେ ୭୯୧୦୮ ଚାଷୀ ପଞ୍ଜିକୃତ

## ଧାନ କିଣାରେ ଚାଷୀଙ୍କୁ ସହଯୋଗ ଦାବି




ଆନନ୍ଦପୁର, ୨୭।୧୧ (ସମିସ):

କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିବା ଜଣାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ଅଧିନିୟମ ମାର୍ଗଦର୍ଶିକା ଉଲଙ୍ଘନ କରି ଧାନ କିଣା କାରବାରରେ ଯେଉଁ ଅସାଧୁ ଉପାୟ ଅବଲମ୍ବନ କରି କଟନି ଛଟନି କରିବେ ଓ ଚାଷୀଙ୍କୁ ହଇରାଣ ହରକତ କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ଖରିଫ୍ ଧାନ କିଣା ୮୨ଟି ସେବା ସମବାୟ ସମିତି ମାଧ୍ୟମରେ ୯୫ଟି ଧାନମଣ୍ଡି ଖୋଲାଯାଇଛି। ୧୧ଟି ନୂତନ ଧାନମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଆସିଛି। ଚଳିତ ବର୍ଷ ୭୯ ହଜାର ୧୦୮ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ଗତ ବର୍ଷ ୫୯ ହଜାର ୬୭୩ ଜଣ ଚାଷୀ ୨୧ ଲକ୍ଷ ୮୮ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଗତବର୍ଷ ଅପେକ୍ଷା ଏବର୍ଷ ୨୦ ହଜାର ଅଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଧାନ କିଣା କାରବାରରେ ଯେଉଁ ମିଲର କିମ୍ବା ପ୍ରଶାସନିକ ଅଧିକାରୀ ଅସାଧୁ ଉପାୟ ଅବଲମ୍ବନ କରିବେ ତଥା କଟନି ଛଟନି କରିବେ ସେମାନଙ୍କ ବିରୁଦ୍ଧରେ କଠୋର ଦଣ୍ଡବିଧାନ କରାଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ କହିଛନ୍ତି।

# ୫ଟି ତହସିଲରେ ଖୋଲିବ ସବରେଜିଷ୍ଟ୍ରାର ଅଫିସ

କେନ୍ଦୁଝର, ୨୭।୧୧(ସମିସ): କେନ୍ଦୁଝର ଜିଲ୍ଲାର ୫ଟି ତହସିଲରେ ସବରେଜିଷ୍ଟ୍ରାର ଅଫିସ ପ୍ରତିଷ୍ଠା କରିବାକୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିବନ୍ଧକ ରବିନ୍ଦ୍ର କୁମାର ପ୍ରଧାନ ଗ୍ରାମ୍ୟ ଉନ୍ନୟନ ବିଭାଜନ ବା ଆରଡି ବିଭାଗର ନିର୍ବାହୀ ଯନ୍ତ୍ରୀମାନଙ୍କୁ ପତ୍ର ଲେଖିଥିବା ଜଣାପଡିଛି। ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିବନ୍ଧକ ତାଙ୍କ ପତ୍ରରେ ପାଟଣା, ସାହାରପଡା, ବାଂଶପାଳ, ଝୁମ୍ପୁରା ଓ ହରିଚନ୍ଦନପୁରରେ ଏହି ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ନିର୍ମାଣ କରିବାକୁ ଅଟକଳ ଓ ପ୍ଲାନ ଦେବାକୁ କହିଛନ୍ତି। ସ୍ଥାନୀୟ ତହସିଲଦାରଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବାକୁ ସେ କହିଛନ୍ତି। ନୂତନ କାର୍ଯ୍ୟାଳୟ ଖୁବ୍ ଶୀଘ୍ର ଖୋଲିବା ପରେ ଜନସାଧାରଣ ଇ-ରେଜିଷ୍ଟ୍ରେସନ ମାଧ୍ୟମରେ ନିଜର କାର୍ଯ୍ୟ କରିପାରିବେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକ ବେଶ୍ ଉପକୃତ ହେବେ। ବିଶେଷକରି ଦଲିଲ ପ୍ରସ୍ତୁତ ସମୟରେ ଷ୍ଟାମ୍ପ ଡ୍ୟୁଟି ଓ ଫି ଆଦାୟ ହେବା ସହ ଜମି ସମ୍ପର୍କିତ ବ୍ୟାଙ୍କରେ ବନ୍ଧକ ଥିବା ତଥ୍ୟ ଜଣାପଡିବ। ଜମିର ପ୍ରତିଲିପି ପ୍ରଦାନ ଓ ରେକର୍ଡ ଯାଞ୍ଚ ହେବା ସହ ଦଲିଲର ପ୍ରକାର ନିର୍ଦ୍ଧାରଣ ଓ ଷ୍ଟାମ୍ପ ଡ୍ୟୁଟିର ମୂଲ୍ୟାଙ୍କନ କରାଯାଇପାରିବ।

# ଏମ୍‌ଏସ୍‌ପି କାରଖାନା ଫାଟକରେ ତାଲା





କେନ୍ଦୁଝର,୨୭ ।୧୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ହଳଦିଆଗୁଣାସ୍ଥିତ ଏମ୍‌ଏସ୍‌ପି କାରଖାନା ଫାଟକରେ ବୁଧବାର ଶ୍ରମିକମାନେ ତାଲା ପକାଇ ବକେୟ ପାଉଣା ନ ମିଳିବା ନେଇ ପ୍ରତିବାଦ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମାନୀ ବିରୋଧରେ ସ୍ଥାନୀୟ କିଛି ବାସିନ୍ଦା ଫାଟକ ବନ୍ଦ କରିଥିଲେ। ବ୍ୟାପକ ଅନିୟମିତତା, ମନମୁଖୀ କାର୍ଯ୍ୟ ସହ କମ୍ପାନୀର ବେଆଇନ ଶ୍ରମିକ ଛଟେଇ ପ୍ରତିବାଦରେ ସକାଳୁ କମ୍ପାନୀର ଫାଟକ ବନ୍ଦ କରି ଲୋକେ ଆନ୍ଦୋଳନରେ ବସିଥିଲେ। ଦୀର୍ଘ ୨୫ବର୍ଷ ଧରି କମ୍ପାନୀ ଏଠାରେ କାର୍ଯ୍ୟ କରି ଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପାନୀୟଜଳ, ରାସ୍ତାଘାଟ, ଆଲୋକ ବ୍ୟବସ୍ଥା ପ୍ରତି ଧ୍ୟାନ ଦେଉ ନଥିବା ଲୋକେ ଅଭିଯୋଗ କରିଛନ୍ତି। କମ୍ପାନୀ ପାଇଁ ଜମି ହରାଇ ଧୂଳିଧୂଆଁ ଖାଉଥିବା ଲୋକଙ୍କୁ ଏଠାରେ କର୍ମନିଯୁକ୍ତି ମିଳୁ ନଥିବା ପ୍ରତିବାଦରେ ସ୍ଥାନୀୟ ଲୋକେ ଏଠାରେ ଦୀର୍ଘ ୧ମାସ ଧରି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରି ଆସୁଥିଲେ। ପୂର୍ବରୁ ଏସମ୍ପର୍କରେ ସ୍ଥାନୀୟ ଲୋକେ ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ କୌଣସି କଥା ଶୁଣୁ ନଥିବା ଅଭିଯୋଗ କରି ଲୋକମାନେ କମ୍ପାନୀର ଫାଟକ ବନ୍ଦ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ପ୍ରତିକ୍ରିୟାଶୀଳ ନ ହେବାରୁ ଲୋକେ ସଦର ଥାନା ତଥା ଜିଲ୍ଲାପାଳଙ୍କୁ ଅବଗତ କରାଇଥିବା ସୂଚନା ମିଳିଛି। ସମସ୍ୟା ସମାଧାନ ପାଇଁ କୌଣସି ପକ୍ଷରୁ ଉଦ୍ୟମ ହେଉ ନଥିବାରୁ ଆଗାମୀ ଦିନରେ ଏହି ଘଟଣା ଉଗ୍ରରୂପ ନେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ



କେନ୍ଦୁଝର,୨୭ ।୧୧(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲ୍ଲାପାଳ ବିଶାଳ ସିଂ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଡାକ୍ତର, କର୍ମଚାରୀ ଓ ରୋଗୀଙ୍କ ସହ ଆଲୋଚନା କରିବା ପରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଓ ଭିତ୍ତିଭୂମି ସୁଧାରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିପିନ ବିହାରୀ ମିଶ୍ର, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବଚରଣ ବାଘ,ଏଲ୍‌ଟି ପ୍ରମୋଦ କୁମାର ସାହୁ, କର୍ମଚାରୀ ବିଦ୍ୟାଧର ମହାନ୍ତ, ଚିକନ କୁମାର ସାହୁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ




ତେଲକୋଇ, ୨୭।୧୧(ସମିସ): ତେଲକୋଇ ବ୍ଲକ ସିରିଗିଡ଼ା ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆସନ୍ତା ଶନିବାର ନଭେମ୍ବର ୨୯ରେ ହେବାକୁ ଥିବା ରକ୍ତଦାନ ଶିବର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ହରିହର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସିରିଗିଡା ଶାଖା ବ୍ୟାଙ୍କ ଅଫ ଇଣ୍ଡିଆ ମ୍ୟାନେଜର ଫନିଭୂଷଣ ବେହେରା, ସିରିଗିଡା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ଦେହୁରୀ, ସିରିଗିଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଯୁବ ରେଡକ୍ରସ ସଂଯୋଜକ ନରେନ୍ଦ୍ର କୁମାର ଶତପଥୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଶିବିରକୁ ସଫଳ କରିବା ପାଇଁ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

# ଡିସେମ୍ବର ୨୭, ୨୮ ପଦ୍ମପୁର ମହାଲକ୍ଷ୍ମୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

କେନ୍ଦୁଝର, ୨୭ ।୧୧(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ମହାଲକ୍ଷ୍ମୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଡିସେମ୍ବର ୨୭ ଓ ୨୮ ଦୁଇଦିନ ଧରି ଅନୁଷ୍ଠିତ ହେବ। ବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଶାନ୍ତିଶୃଙ୍ଖଳାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବା ନେଇ କର୍ମକର୍ତ୍ତା ବିଭିନ୍ନ ବିଭାଗ ବିଷୟରେ ଆଲୋଚନା କରିଥିଲେ। ଉଦଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୁବର୍ଣ୍ଣ ଜୟନ୍ତୀରେ ପ୍ରକାଶିତ ହେବାକୁଥିବା ସ୍ମରଣିକାର ରୂପରେଖର ଆଲୋଚନା ହୋଇଥିଲା। ଜୟନ୍ତୀ ପାଳନକୁ ସଫଳ କରିବା ପାଇଁ ବହୁସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ଓ ଜନସାଧାରଣ ସାମିଲ ହେବାକୁ ଅନୁରୋଧ କରାଯାଇଛି। ବୈଠକରେ ବହୁ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଜୟନ୍ତୀ ପରିଚାଳନା କମିଟିର ସଦସ୍ୟଗଣ ଉପସ୍ଥିତ ଥିଲେ।

# ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ




ଚମ୍ପୁଆ,୨୭।୧୧(ସମିସ): ଚମ୍ପୁଆ ଧରଣୀଧର ନଗର ଭବନଠାରେ ଚମ୍ପୁଆ ନିର୍ବାଚନମଣ୍ଡଳୀସ୍ତରୀୟ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ଓ ବିଧାନସଭା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେପି ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲା ସଭାପତି ସୁକଦେବ ମହାନ୍ତ ଯୋଗ ଦେଇଥିବା ବେଳେ ପୂର୍ବତନ ବିଧାୟକ ପ୍ରାର୍ଥୀ ମୁରଲୀ ମୋନହର ଶର୍ମା, ଜିଲ୍ଲା ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା ସଂଯୋଜିକା ଝରଣା ମହାନ୍ତ, ଅଗ୍ନିଚରଣ ମହାନ୍ତ, ସଂଖ୍ୟାଲଘୁ ସଭାପତି ମହତାବ ଆଲାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତ, ସିଦ୍ଧାର୍ଥ ସିଂ, ଆର୍‌କେ ଦାସ, ସୁନିଲ ସମେତ ବହୁ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଏହାସହ ଚମ୍ପୁଆ ନିର୍ବାଚନମଣ୍ଡଳୀର ୯ଟି ମଣ୍ଡଳର ସଭାପତିମାନେ ଯୋଗ ଦେଇଥିଲେ। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ପୂରଣ କରିବା ଲକ୍ଷ୍ୟ ନେଇ ତଥା ନିଜକୁ ଏବଂ ନିଜ ଦେଶକୁ ଆତ୍ମନିର୍ଭରର ଶୀର୍ଷରେ ପହଞ୍ଚାଇ ସ୍ୱଦେଶୀ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହିକ୍ରମରେ ବିଭିନ୍ନ ଉଦାହରଣ ଛଳରେ ବିଗତ ଦିନର ଭାରତ ଓ ଆଜିର ଆତ୍ମନିର୍ଭର ଭାରତ ବିଷୟରେ ଅବଲୋକନ କରିବା ସହ ହରଘର ସ୍ୱଦେଶୀ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଥିବା ସୂଚନା ଦେଇଥିଲେ। ବର୍ତ୍ତମାନ ଭାରତର ଅର୍ଥ ବ୍ୟବସ୍ଥା, ପ୍ରତିରକ୍ଷା ବ୍ୟବସ୍ଥା ଏବଂ ଲୋକମାନଙ୍କର ସାମାଜିକ ଚଳଣି ବ୍ୟବସ୍ଥା ପରିବର୍ତ୍ତନ ଧାରାରେ ଗଡ଼ି ଚାଲିଥିବା ବେଳେ ୨୦୪୭ ମସିହା ବେଳକୁ ନିଶ୍ଚିତ ଭାବେ ଆତ୍ମନିର୍ଭରଶୀଳ ଦେଶ ଭାବେ ପରିଗଣିତ ହେବ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଦୈନିକ ଜୀବନରେ ଭାରତୀୟ ଉତ୍ପାଦ ବ୍ୟବହାର କରିବାକୁ ଗ୍ରାମ କୃଷକ ଓ କାରିଗରଙ୍କୁ ସମର୍ଥନ କରି ସ୍ଥାନୀୟ ଉତ୍ପାଦ ଉପରେ ପ୍ରାଥମିକତା ଦେବା, ଯୁବ ପିଢିଙ୍କୁ ସ୍ୱଦେଶୀ ଗ୍ରହଣ କରିବାକୁ ଉତ୍ସାହିତ କରିବା, ଭାରତୀୟ ଭାଷାକୁ ବ୍ୟବହାର କରିବା ସହିତ ସ୍ୱଦେଶୀ ଏବଂ ପରିବେଶ ଅନୁକୂଳ ଉତ୍ପାଦକୁ ବ୍ୟବହାର କରି ନିଜ ଦେଶର ପର୍ଯ୍ୟଟନକୁ ପ୍ରାଥମିକତା ଦେବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା।

# ଜାତୀୟ ଟାଏକ୍ୱୋଣ୍ଡୋରେ ସ୍ୱର୍ଣ୍ଣ ଜିତିଲେ ସଂଯୁକ୍ତା

କେନ୍ଦୁଝର, ୨୭।୧୧(ସମିସ):




ଟାଏକ୍ୱୋଣ୍ଡୋ ଫେଡରେସନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ୟୁପି ବରେଲି ଷ୍ଟାଡିୟମରେ ନଭେମ୍ବର ୨୧ରୁ ୨୩ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ୪୧ତମ ସିନିୟର ଏବଂ ୮ମ କ୍ୟାଡେଡ କ୍ୟୁରୋଗୀ ଓ ପୁମସେ ନ୍ୟାସନାଲ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗନେଇ କେନ୍ଦୁଝର ଜିଲ୍ଲାର ସଂଯୁକ୍ତା ଦାସ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଛନ୍ତି। ଦେଶର ୧୯ଟି ରାଜ୍ୟରୁ ମୋଟ ୮୫୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସଂଯୁକ୍ତା ଫ୍ରିଷ୍ଟାଇଲ ବ୍ୟକ୍ତିଗତ ପୁମସେରେ ସ୍ୱର୍ଣ୍ଣ ଏବଂ ଟିମ୍ ପୁମସେ ବାଳିକା ବିଭାଗରେ ରୌପ୍ୟ ପଦକ ହାସଲ କରି ଜିଲ୍ଲାର ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତାରେ ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଓ କେୱାରିୟର ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ କୁନୁ ସାର୍ ଶୁଭକାମନା ଜଣାଇଛନ୍ତି। ସଂଯୁକ୍ତା ଓଡିଶା ଟଏକ୍ୱୋଣ୍ଡୋ ଅସୋସିଏସନ ଆନୁକୂଲ୍ୟରେ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ କ୍ୟାଡେଡ କ୍ୟୁରୋଗୀ ଏବଂ ପୁମସେ ପ୍ରତିଯୋଗୀତା ୨୦୨୫ରେ ଭାଗନେଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ପରେ ନ୍ୟାସନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେ କେନ୍ଦୁଝରର ରବିନ୍ଦ୍ର ବିଦ୍ୟା ନିକେତନ ସ୍କୁଲର ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସଂଯୁକ୍ତା କେନ୍ଦୁଝର ଜିଲ୍ଲାର ବରିଷ୍ଠ ଶିକ୍ଷାବିତ୍, ଦକ୍ଷ କ୍ରୀଡ଼ାବିତ୍ ଏବଂ ଦକ୍ଷ କ୍ରୀଡ଼ା ସଂଗଠକ ସ୍ୱର୍ଗତ ବିରଞ୍ଚି ନାରାୟଣ ଦାସଙ୍କ ନାତୁଣୀ ତଥା କେନ୍ଦୁଝର ଜିସିଇ ଆସୋସିଏଟ ପ୍ରଫେସର ଡା. ସୁବ୍ରତ ନାରାୟଣ ଦାସ ଓ ଶାଶ୍ୱତୀ ଦାସଙ୍କ କନ୍ୟା। ଗତ ଦୁଇବର୍ଷରୁ କେନ୍ଦୁଝର କେୱାରିୟର ଟାଇକ୍ୱୋଣ୍ଡୋ ଏକାଡେମୀ ମୁଖ୍ୟପ୍ରଶିକ୍ଷକ କୁନୁସାର୍‌ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇ ଆସୁଛନ୍ତି। ଜାତୀୟ ସ୍ତରରେ ଏହି ସଫଳତା ପାଇଁ ପରିବାର ବର୍ଗ ଜିଲ୍ଲା ତଥା ରାଜ୍ୟ ବାହାରୁ ସାଙ୍ଗସାଥୀ, ଶିକ୍ଷକଶିକ୍ଷୟିତ୍ରୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ପଙ୍କପାଳ ବଙ୍ଗଳା ଛକ ପଡ଼ିଆରେ ଗଚ୍ଛିତ ହେଉଛି କଳା ପାଉଁଶ

# କଳା ପାଉଁଶ ଧୂଳିରେ ଅଞ୍ଚଳବାସୀ ଅତିଷ୍ଠ

ଯଖପୁରା,୨୭।୧୧(ସମିସ): କଳିଙ୍ଗନଗରରେ ଅନେକଗୁଡ଼ିଏ କଳ କାରଖାନା ଗଢି ଉଠିବା ଯୋଗୁଁ ଦିନକୁ ଦିନ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଅଞ୍ଚଳରେ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଆଦି ବହୁ ମାତ୍ରାରେ ବଢ଼ିବା ଦ୍ୱାରା ସାଧାରଣ ଲୋକ ଏହାର ପ୍ରଭାବରେ କିଡ୍‌ନୀ ରୋଗ ସହ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। କଳିଙ୍ଗନଗର ଅଞ୍ଚଳରେ ସବୁଠୁ ଅଧିକ କିଡ୍‌ନୀ ରୋଗୀ ଥିବା ଏକ ସର୍ଭେରୁ ଜଣାପଡ଼ିଛି। ଏବେ କଳିଙ୍ଗନଗରରେ ଥିବା ଶିଳ୍ପାନୁଷ୍ଠାନରୁ ନିର୍ଗତ ହେଉଥିବା ପ୍ରଦୂଷଣଠାରୁ ଏଠାରେ ମନଇଚ୍ଛା ପ୍ଲାଣ୍ଟ ପାଉଁଶ ଡମ୍ପ କରିବା ତା'ଠାରୁ ଅଧିକ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ କାରଖାନା ସେମାନଙ୍କ ବର୍ଜ୍ୟ ପାଉଁଶ ନିଜ ପ୍ଲାଣ୍ଟ ରୁ ହଟାଇବାକୁ ଚାହୁଁଥିବାବେଳେ ଏହାର ସୁଯୋଗ ନେଇ ମାଫିଆମାନେ ମନଇଚ୍ଛା ପାଉଁଶ ଉଠାଇଥା'ନ୍ତି। କାରଖାନାରୁ ନିର୍ଗତ ବିଷାକ୍ତ ପାଉଁଶ ଆଣି



ମନଇଚ୍ଛା ରାସ୍ତା କଡ଼ ଓ ଜନବସତି ଅଞ୍ଚଳରେ ଗଚ୍ଛିତ କରୁଛନ୍ତି। ମାଫିଆଙ୍କ କଳା ପାଉଁଶ ବେପାର ସ୍ଥଳ ଏବେ ପଙ୍କପାଳ ବଙ୍ଗଳା ଛକ ଥିବା ଜେସିଡିଏଲ କର୍ଯ୍ୟାଳୟ ପଛପଟେ ଥିବା ପଡ଼ିଆରେ ଦେଖିବାକୁ ମିଳୁଛି। ଫଳରେ କଳା ପାଉଁଶ ଧୂଳିରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡୁଥିବା ଅଭିଯୋଗ ହେଉଛି।

ଶହ ଶହ ଟ୍ରିପ୍ କଳା ପାଉଁଶ ଗଚ୍ଛିତ ରଖି ତାହାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଛି। ପ୍ରତି ସପ୍ତାହରେ ଏଠାରେ ଦୁଇଶହ ଟ୍ରିପ୍ କଳା ପାଉଁଶ ଗଚ୍ଛିତ ହେବା ପରେ ଏହାକୁ ସ୍ଥାନାନ୍ତରିତ କରିବା ପାଇଁ ରାଜ୍ୟ ବାହାରୁ ବଡ ବଡ ମାଲ ବୋଝେଇ ଟ୍ରକ ମାଧମରେ ପରିବହନ କରାଯାଉଛି। ଏହି କଳା ପାଉଁଶ ସରିଗଲେ ପୁନର୍ବାର ଏଠାରେ ପାଉଁଶ ରଖାଯାଉଛି। ଶହ ଶହ ଟ୍ରକ୍ ଖାଲି ଓ ବୋଝେଇ କରିବା ସମୟରେ ସେହି ଅଞ୍ଚଳରେ ଯିବାଆସିବା କରିବା କଷ୍ଟକର ହେଇଛି। ବର୍ତ୍ତମାନ ଶୀତଋତୁ ଆରମ୍ଭ ହୋଇଥିବାବେଳେ ମାଫିଆଙ୍କ କଳା ବଜାରି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଫଳରେ ସାଧାରଣ ଲୋକ ପ୍ରଦୂଷଣର ଶିକାର ହେଇଛନ୍ତି। କଳାବଜାରୀ ଏହି କଳା ପାଉଁଶ ବେପାରକୁ ମୁଖ୍ୟତଃ ରାତିରେ କରିଥା'ନ୍ତି। କଳା ପାଉଁଶ କୋଇଲାରେ ଅତି ସହଜରେ ମିଶିଯାଉଥିବାରୁ ଏହାର ଚାହିଦା ଅଧିକ ରହିଛି। ରାଜ୍ୟର ଅନେକ ସ୍ଥାନ ସହ ରାଜ୍ୟ ବାହାରକୁ ବଡ ବଡ ଟ୍ରକ ଯୋଗେ ପଠାଯାଉଛି। ବିନା କୌଣସି ସରକାରୀ କାଗଜପତ୍ରରେ ଶହ ଶହ ଟ୍ରିପ ପାଉଁଶ କିପରି ଉଠାଯାଉଛି, ତାହା ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ପ୍ରଭାବଶାଳୀ ବ୍ୟକ୍ତିପାଇଁ ସାଧାରଣ ଜନଜୀବନ ପ୍ରଭାବିତ ହେଉଥିବାବେଳେ ପ୍ରଶାସନ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନି। ତେବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ, ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ନୂତନ ଶ୍ରମ କୋଡ୍ ବାତିଲ ଦାବିରେ ବିକ୍ଷୋଭ



ବ୍ୟାସନଗର,୨୭।୧୧(ସମିସ): ଐତିହାସିକ କୃଷକ ଆନ୍ଦୋଳନର ବିଜୟର ସ୍ମାରକୀ ଉଦ୍ଦେଶ୍ୟରେ ମିଳିତ କେନ୍ଦ୍ରୀୟ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ଆହ୍ୱାନକ୍ରମେ ସିଆଇଟିୟୁ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ନୂତନ ଶ୍ରମ କୋଡ୍ ବାତିଲ, ଏମ୍‌ଏସପିକୁ ଆଇନଗତ ଗ୍ୟାରେଣ୍ଟି ଦାବି, ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା, ବେକାର ଯୁବକ/ଯୁବତୀଙ୍କୁ ନିଯୁକ୍ତି ଦେବା, ପୁରୁଣା ପେନସନ ସ୍କିମ ଲାଗୁ କରିବା, ନିର୍ମାଣ ଶ୍ରମିକଙ୍କ ପାଇଁ ପେନସନ ଲାଗୁ କରିବା ପ୍ରଭୃତି ୨୦ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏକ ଶୋଭାଯାତ୍ରା ଯାଜପୁର ରୋଡ୍ ରେଳଷ୍ଟେସନ ସମ୍ମୁଖରୁ ବାହାରି ଗୋପବନ୍ଧୁ ଛକରେ ପହଞ୍ଚିବା ପରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜିଲ୍ଲା କମିଟି ସଭ୍ୟ ନିର୍ମଳ ରଥ, ପାନି କିସ୍କୁ, ମାଳତୀ ହାଁସଦା, ମନ୍ମଥ ରାୟ, ତ୍ରିଲୋଚନ ରାଉତ, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ଆଶା ସାମାଡ, ସୁର ହେମ୍ବ୍ରମ, ନମା ମୁଣ୍ଡା, ଗୁରୁବାରି ଲାଗୁରୀ, ନନ୍ଦିନୀ ମୁଣ୍ଡା, ରାଜେନ୍ଦ୍ର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ଶୋଭାଯାତ୍ରା କଳିଙ୍ଗନଗର ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏଡିଏମ୍‌ଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ନିରନ୍ତର ବିକାଶ ଲକ୍ଷ୍ୟ ନେଇ ଜିଲ୍ଲାସ୍ତରୀୟ ତାଲିମ




ଯାଜପୁର, ୨୭ ।୧୧(ସମିସ): ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ଉପରେ ଏକଦିନିକିଆ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବ୍ଲକ୍‌ର ବିଡିଓ ଓ ତହସିଲଦାରଙ୍କ ସହିତ ବିଭିନ୍ନ ଲାଇନ୍ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଯୋଜନା ଓ ପରିଚାଳନା ୟୁନିଟ୍ ଡେପୁଟି ଡାଇରେକ୍ଟର ଅର୍ଚ୍ଚିତା ଦାସଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ଓ ସେମାନଙ୍କର ଗୁରୁତ୍ୱର ଏକ ସମୀକ୍ଷା ସହିତ ତାଲିମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୭ଟି ଏସଡିଜି ଦାରିଦ୍ର୍ୟ ମୁକ୍ତ, କ୍ଷୁଧା ମୁକ୍ତ, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ଓ ସ୍ୱଚ୍ଛ ଶକ୍ତି, ମର୍ଯ୍ୟାଦା ସମ୍ପନ୍ନ କାର୍ଯ୍ୟ ଓ ଅର୍ଥନୈତିକ ବିକାଶ, ଶିଳ୍ପ ଉଦ୍ଭାବନ ଓ ଭିତ୍ତିଭୂମି, ଅସମାନତା ହ୍ରାସ, ସହର ଓ ଜନ ସମୁଦାୟର ସ୍ଥାୟିତ୍ୱ, ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁଭିତ୍ତିକ କାର୍ଯ୍ୟପନ୍ଥା, ଜଳ ଭିତରର ଜୀବନ, ସ୍ଥଳ ଭାଗରେ ଜୀବନ, ଶାନ୍ତି ନ୍ୟାୟ ଓ ଦୃଢ଼ ପ୍ରତିଷ୍ଠାନ, ଲକ୍ଷ୍ୟ ହାସଲ ନିମନ୍ତେ ସହଭାଗିତା ଉପରେ ଆଲୋଚନା ହୋଇଥିଲା। ସେ ଏସଡିଜିରେ ପ୍ରଗତି ତଦାରଖ କରିବା ପାଇଁ ବିକଶିତ ସୂଚକ ଢାଞ୍ଚା ଉପରେ ମଧ ଆଲୋକପାତ କରିଥିଲେ।ପରେ ଦାନଗଦି ଏବିଡିଓ ଦିବ୍ୟକାନ୍ତି ମିଶ୍ରଙ୍କ ଦ୍ୱାରା ଏସଡିଜିର ସ୍ଥାନୀୟକରଣ ଉପରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଯିଏ ନଅଟି ବିଷୟବସ୍ତୁ କ୍ଷେତ୍ର ଓ ତୃଣମୂଳ ସ୍ତରରେ ସ୍ଥାୟୀ ଓ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ଆଗେଇ ନେବା ପାଇଁ ଆନ୍ତଃବିଭାଗୀୟ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ସମସ୍ତ ଅଂଶଗ୍ରହଣକାରୀ ଅଧିକାରୀଙ୍କୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଓ ଜିଲ୍ଲାରେ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କର ପ୍ରୟାସକୁ ସମାନ କରିବା ପାଇଁ ଅନୁରୋଧ କରିଥିଲେ। ଡିପିଏମୟୁର ସହକାରୀ ନିର୍ଦ୍ଦେଶକ (ଯୋଜନା) ନିର୍ମଳ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍‌କୁ ଧକ୍କା ଦେଲା କାର୍, ଜଣେ ଆହତ

କବାଟବନ୍ଧ,୨୭।୧୧(ସମିସ):ଜାରକା-କବାଟବନ୍ଧ ନଦୀବନ୍ଧ ରାସ୍ତାରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ଏଣ୍ଡଳବା ପଞ୍ଚାୟତ



ଅଧୀନ ପାଟପୁର ଗ୍ରାମର ବିନୋଦ ରଣାଙ୍କ ପୁଅ ରାମଚନ୍ଦ୍ର ରଣା (୨୫)। ଗୁରୁବାର ଅପରାହ୍ନ ପ୍ରାୟ ୨ଟାବେଳେ ନଦୀବନ୍ଧ ରାସ୍ତାର ମର୍ଜିତାପୁର ନିକଟରେ ରାମଚନ୍ଦ୍ର ବାଇକ୍‌ରେ ଗାଁକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଜେନାପୁର ଆଡ଼କୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। କାର୍ ଚାଳକ ଭାରସାମ୍ୟ ହରାଇ ଡାହାଣ ପଟକୁ ଆଣି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ପାଇଁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ବାଇକ୍ ଓ କାର୍‌କୁ ଜବତ କରିଥିଲା।

## ବିଦ୍ୟୁତ୍ ଆଘାତରେ ମାଙ୍କଡ଼ ଆହତ

କବାଟବନ୍ଧ,୨୭।୧୧(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମର୍ଜିତାପୁର ପଞ୍ଚାୟତର ବେଲଗାଡ଼ିଆଠାରେ ବିଦ୍ୟୁତ୍



ଆଘାତରେ ଏକ ମାଙ୍କଡ଼ ଆହତ ହୋଇଥିବା ଜଣାପଡିଛି। ଆହତ ମାଙ୍କଡ଼ର ଚିକିତ୍ସା କରାଯାଉଛି। ଗୁରୁବାର ପୂର୍ବାହ୍ନରେ ବେଲଗାଡ଼ିଆ ଗାଁ ନିକଟରେ ଜଳସେଚନ ପାଇଁ ଏକ ବୋରିଂ ପଏଣ୍ଟ ରହିଛି। ଉକ୍ତ ପଏଣ୍ଟରେ ଏକ ଟ୍ରାନ୍ସଫର୍ମର ଲଗାଯାଇଛି। ମାଙ୍କଡ଼ଟି ସେହି ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିବାରୁ କରେଣ୍ଟ ଆଘାତ ଲାଗିଥିଲା ଓ ସେହିଠାରେ ପଡ଼ିରହିଥିଲା। ଏ ନେଇ ବନ ବିଭାଗକୁ ସୂଚନା ଦିଆଯାଇଥିଲା। ବୈରୀ ଡାଳିଯୋଡ଼ା ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ନିର୍ଦ୍ଦେଶକ୍ରମେ ଗଡ଼ମଧୁପୁର ବନ କର୍ମଚାରୀ ପହଞ୍ଚି ମାଙ୍କଡ଼କୁ ଉଦ୍ଧାର କରି ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବନ ବିଭାଗ ହେପାଜତରେ ରଖାଯାଇଛି।

## ଏକଦିବସୀୟ ପ୍ରଶିକ୍ଷଣ ଶିବିର

ଦଶରଥପୁର, ୨୭ ।୧୧(ସମିସ): ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଦଶରଥପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷ ଓ ସଦସ୍ୟଙ୍କ ପାଇଁ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସାବିତ୍ରୀ ସେଠୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶାନ୍ତିଲତା ସେଠୀ, ସ୍ୱାସ୍ଥ୍ୟ ଅଧିକାରୀ ଡ. ଅମ୍ରିତ ପ୍ରତିମ୍ ମଲ୍ଲ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂହ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଦଶରଥପୁର ବ୍ଲକ୍‌ର ସମସ୍ତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଆଇସିଡିଏସ୍, ସୁପରଭାଇଜର ସ ଶିଶୁ ସୁରକ୍ଷା ବିଭାଗ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଯୋଗର ମଣ୍ଡଳ ସଂଯୋଜକ ଜଗନ୍ନାଥ ସାହୁ ଧନ୍ୟବାଦ ଦେଇଥିଲେ।



## ପ୍ରଧାନଶିକ୍ଷକ ଦେବରାଜ ମିଶ୍ରଙ୍କୁ ସମ୍ବର୍ଦ୍ଧନା



ଧର୍ମଶାଳା,୨୭ ।୧୧(ସମିସ): କୁମାରୀ ପଞ୍ଚାୟତ ଦେଉଳି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଯୋଗଦେଇଥିବା ଦେବରାଜ ମିଶ୍ରଙ୍କୁ ଆଜି ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ସଦୀପ୍ତ ମହାନ୍ତି, ଗୋକର୍ଣ୍ଣେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ସାହୁ, ଦେଉଳି ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ରୋଜାଲିନ ମଲ୍ଲିକ, ସେଫାଳିକା ମହାନ୍ତି, ସ୍କୁଲ କମିଟି ସଦସ୍ୟ ରତ୍ନାକର ସାହୁ, ପ୍ରସନ୍ନ ପାଳ, ଭାଗ୍ୟଧର ବେହେରା ପ୍ରମୁଖ ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଥିବାବେଳେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ରସୁଲପୁର ବ୍ଲକ ଦାମୋଦରପୁର ଅଭିରାମ ପରମହଂସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ଶ୍ରୀ ମିଶ୍ରଙ୍କୁ ଏଠାକୁ ବଦଳି କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ପାଣିକୋଇଲି,୨୭ ।୧୧(ସମିସ): ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମରେ ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୋତି ଗ୍ରାମର ଦିବାକର ଭୂୟାଁଙ୍କ ପୁଅ ଶ୍ରୀଧର(କାଳିଆ) ସେହି ଗ୍ରାମର ଗଦାଧର ନାୟକଙ୍କ ଝିଅ ନିରୁପମା (କଣ୍ଢେଇ)ଙ୍କୁ ଗତବର୍ଷ ମାର୍ଚ୍ଚ ୧୨ ତାରିଖରେ ବିବାହ କରିଥିଲେ। ଉଭୟଙ୍କର ଏକ ଦଶମାସର ପୁତ୍ର ସନ୍ତାନ ଅଛି। ଶ୍ରୀଧର ଭଦ୍ରକର ଏକ ଦୋକାନରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିବାବେଳେ ସେ ସପ୍ତାହକୁ ଥରେ ଘରକୁ ଆସନ୍ତି। ଘରେ କଣ୍ଢେଇଙ୍କ ସହିତ ବୃଦ୍ଧ ଶାଶୂ,



ଶ୍ୱଶୁର ଓ ଏକମାତ୍ର ଅବିବାହିତ ନଣନ୍ଦ ଅଛନ୍ତି। ତେବେ ଶ୍ରୀଧରଙ୍କ ସଂସାର ହସଖୁସିରେ ଚାଲିଥିବାବେଳେ ଆଜି ମାଣବସା ଗୁରୁବାର ଥିବାରୁ କଣ୍ଢେଇର ଶାଶୂ ସକାଳୁ ଡାକିବାକୁ ଯାଇ କବାଟ ବାଡେଇଥିଲେ। ମାତ୍ର କବାଟ ନ ଖୋଲିବାରୁ ସେ ପଡ଼ିଶା ଘରକୁ ଡାକ ପକାଇଥିଲେ। ପଡ଼ିଶା ଘର ଲୋକ ଆସି ଝରକା ତାଡ଼ି ଦେଖିବା ବେଳକୁ କଣ୍ଢେଇ ଭିତର ପଟୁ କବାଟ ବନ୍ଦ କରି ଏକ ଶାଢୀରେ ଫ୍ୟାନରେ ରଶି ଲଗାଇ ଝୁଲୁଥିବା ଦେଖି କବାଟ ତାଡ଼ି ବାହାରକୁ ଆଣିଥିଲେ। ଏ ନେଇ ଝିଅ ଘର ପରିବାର ଲୋକ ଥାନାରେ ଜଣାଇବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହିତ ତଦନ୍ତ କରି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ବ୍ୟାସନଗର,୨୭ ।୧୧(ସମିସ): ମୁଣ୍ଡମାଳସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ତମ ବାର୍ଷିକ କ୍ରୀଡ଼ା ଆୟୋଜିତ ହୋଇଛି। ପୂର୍ବତନ ନଗରପାଳ ତଥା ବ୍ୟାସନଗର ଆଥଲେଟିକ ଆସୋସିଏସନର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। ବିଦ୍ୟାଳୟର ସଭାପତି ବିଜୟ ପଣ୍ଡା ଶିଶୁ କ୍ରୀଡ଼ାବିତଙ୍କୁ କ୍ରୀଡାର ଉପକାରିତା ବିଷୟରେ ସୂଚନା ଦେଇଥିଲେ। ସମ୍ପାଦକ ରଜତ ରାଉତ କୁନି କୁନି



କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତ୍ରିଲୋଚନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କ୍ରୀଡାରେ ୭୫୦ରୁ ଅଧିକ ଶିଶୁ ଗଣିତ ଦୌଡ, ଲମ୍ବଡ଼ିଆଁ, ଉଚ୍ଚଡିଆଁ, ୧୦୦ମି, ୨୦୦ମି, ୪୦୦ମି, ୧୫୦୦ମି. ୩୦୦୦ ମି. ଦୌଡ, ଗୋଲାଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଚ୍ଛାଫିଙ୍ଗା ଆଦି ଖେଳରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରୀଡା ପ୍ରମୁଖ ଚିତ୍ତରଞ୍ଜନ ପ୍ରଧାନ ବାର୍ଷିକ କ୍ରୀଡାର ବୃତ୍ତ କଥନ କରିଥିଲେ। ସଭାପତି ବିଜୟ ପଣ୍ଡା ଓ ସମସ୍ତ ଗୁରୁଜୀ, ଗୁରୁମା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସହସମ୍ପାଦକ ଦୁର୍ଯ୍ୟୋଧନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ନାୟକ, ରାଜକୃଷ୍ଣ ପାଳ, ସଞ୍ଜୟ ଦାଶ, ରତିକାନ୍ତ ବାରିକ, ନିର୍ମଳ ମିଶ୍ର, ନରେନ୍ଦ୍ର ଦାସ, ସନ୍ତୋଷ ବେହେରା, ହରମୋହନ ବିଶ୍ୱାଳ, ଆଶିଷ ମଲ୍ଲ, ଅଜୟ ବେହେରା, ଗଜେନ୍ଦ୍ର ସେଠୀ, ବଟକୃଷ୍ଣ ପଣ୍ଡା, ମଦନ ପ୍ରସାଦ ଦାଶ, ଦିଲ୍ଲୀପ ପାଣିଗ୍ରାହୀ, ସୁନ୍ଦରୀ ପୃଷ୍ଟି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳଙ୍କ କଣ୍ଟିଗଡ଼ିଆ ବଡ଼ପୋଖରୀ ପରିଦର୍ଶନ

ଧର୍ମଶାଳା, ୨୭।୧୧(ସମିସ): ପର୍ଯ୍ୟଟନ ବିଭାଗ ଓ ପ୍ରଶାସନ ପକ୍ଷରୁ ଧର୍ମଶାଳା ବ୍ଲକ୍ କଣ୍ଟିଗଡ଼ିଆ ଗ୍ରାମସ୍ଥ ବଡ଼ପୋଖରୀ ପୁନରୁଦ୍ଧାର ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଚାଲିଥିବାବେଳେ ଆଜି ମାଧାହ୍ନରେ ଯାଜପୁର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ପହଞ୍ଚି କାର୍ଯ୍ୟ ତଦାରଖ କରିବା ସହ ଏହାର କାର୍ଯ୍ୟ କିପରି ଆଗକୁ କରାଯିବ ସେ ବିଷୟରେ ସମୀକ୍ଷା କରିଛନ୍ତି। ଏହି ବଡ଼ପୋଖରୀ କାର୍ଯ୍ୟ ଶେଷ ହେବା ପରେ ଯାଜପୁର ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହେବା ସହ ପର୍ଯ୍ୟଟକ ଏଠାକୁ ଆସି ପ୍ରାକୃତିକ ଦୃଶ୍ୟ ଉପଭୋଗ କରିପାରିବେ। ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ବଡଚଣା ବିଡିଓ ରବୀନ୍ଦ୍ର ପ୍ରଧାନ, ତହସିଲଦାର ସମୀର ଦାସ, କଣ୍ଟିଗଡିଆ ପଞ୍ଚାୟତ ସମିତିସଭ୍ୟ ଅରୁପାନନ୍ଦ ଜେନା, କଣ୍ଟିଗଡ଼ିଆ ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୟ ତ୍ରିପାଠୀ, ଶ୍ରୀନଗର ରାଜସ୍ୱ ନିରୀକ୍ଷକ ବିରଞ୍ଚି ନାରାୟଣ ବୋଇତାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାବିତ୍ ବେଣୁଧର ଦୋବାଇଙ୍କ ଜୟନ୍ତୀରେ ଛାତ୍ରମିତ୍ର ସମ୍ମାନ ପ୍ରଦାନ



କୁଆଖିଆ,୨୭।୧୧(ସମିସ): ବର୍ଷୀୟାନ ଶିକ୍ଷାବିତ୍ ବେଣୁଧର ଦୋବାଇଙ୍କ ୯୬ତମ ଜୟନ୍ତୀ ଅବସରରେ ଛାତ୍ରମିତ୍ର ସମ୍ମାନ ପ୍ରଦାନ କରାଯାଇଛି। ଆର୍ଥିକ ଦୁଃସ୍ଥିତି ସତ୍ତ୍ୱେ ଶିକ୍ଷାରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଯାଜପୁର ଜିଲ୍ଲାର ୧୦ ଜଣ ଛାତ୍ରଛାତ୍ରୀଙ୍କୁ ନଗଦ ୨୦ ହଜାର ଟଙ୍କା ସହ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଛି।

ରସୁଲପୁର ବ୍ଲକ୍ ଅନ୍ତର୍ଗତ ପାଞ୍ଚଗୋଛିଆ ଗ୍ରାମର ଦେବୀ ଜାଗୁଳାଇଙ୍କ ପୀଠରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସମ୍ବିଧାନ ବିଶେଷଜ୍ଞ ତଥା ପ୍ରାଧ୍ୟାପକ ମାନସ ବେହେରା ମୁଖ୍ୟଅତିଥି, ଇଂରାଜୀ ଅଧ୍ୟାପକ ପ୍ରଶାନ୍ତ ଦାସ ମୁଖ୍ୟବକ୍ତା, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ମାଝି, ଅଧ୍ୟାପକ ବିଜୟ ଦାଶ, ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ, ଶିକ୍ଷକନେତା ସଚ୍ଚିଦାନନ୍ଦ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶୀଭୂଷଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚ ଉପବିଷ୍ଟ ଜୟନ୍ତୀ ପୁରୁଷ ଶ୍ରୀ ଦୋବାଇଙ୍କ ଜୀବନ ବୃତ୍ତାନ୍ତରୁ ସଂକ୍ଷିପ୍ତ ଉଦାହରଣ ଦେଇ ଦାରିଦ୍ର୍ୟର ତାଡ଼ନା ଭିତରୁ ଜନ୍ମ ନେଇଥିବା ତାଙ୍କ ଭଳି ଜଣେ ଶିକ୍ଷକ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା, ସାମାଜିକ ପ୍ରଗତିର ପୁରୋଧା ତଥା ବିଚକ୍ଷଣ ସାହିତ୍ୟ ସାଧକଙ୍କୁ ଅନନ୍ୟ ଉଦାହରଣ ଭାବେ ଗ୍ରହଣ କରାଯାଉଛି ବୋଲି ଅତିଥିମାନେ ମତ ଦେଇଥିଲେ। ଶ୍ରୀ ଦୋବାଇଙ୍କରେ ବଡ଼ ଜାମାତା ତଥା ବୈଧ ମାପ ବିଜ୍ଞାନ ବିଭାଗ ସହକାରୀ ନିୟନ୍ତ୍ରକ ପଦରୁ ଅବସର ନେଇଥିବା ଦେବେନ୍ଦ୍ର ନାଥ ପଣ୍ଡାଙ୍କ ଦ୍ୱିତୀୟ ପୁସ୍ତକ ସଙ୍କଳନ "ଆଳିମାଳିକା"କୁ ଲୋକାର୍ପଣ କରାଯାଇଥିଲା। ପୂର୍ବୀ ପ୍ରକାଶନ ଦ୍ୱାରା ଏହି ପୁସ୍ତକ ଉପରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ମାଝି ଓ ଅଧ୍ୟାପକ ବିରଞ୍ଚି ଦାସ ଆଲୋକପାତ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ ଦାସ, ପୂର୍ବତନ ସିଆରସିସି ପ୍ରଦୀପ ସାମଲ, ଶିକ୍ଷକ ରବୀନ୍ଦ୍ର ମିଶ୍ର, ବୃନ୍ଦାବନ ପାଣି, ନ୍ୟାମତ ଅଲ୍ଲୀ ଖାଁ, ଅଧ୍ୟାପକ ପ୍ରଦୀପ ମାହାଳିକ, ଅଭିମନ୍ୟୁ ନାୟକ, ସାହିତ୍ୟିକ ଭୁବନ ମୋହନ ମହାନ୍ତି, ଦୁର୍ଯ୍ୟୋଧନ ବିଶ୍ୱାଳ, ପ୍ରଭାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତରୀ ଛାତ୍ରଛାତ୍ରୀ ଚନ୍ଦନ ଜେନା, ସାଗର ସାହୁ, ସୌରଭ ସାହୁ, ମାମାଲି ଓଝା, ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି, ସାଧାରଣ ଶିକ୍ଷା କ୍ଷେତ୍ରର ପୂଜାରାଣୀ ମଲ୍ଲିକ, ସୁଜାତା ମଲ୍ଲିକ, ସାଇକ୍ରିଷ୍ଣା ସିଂହ, ରାସେଶ୍ୱରୀ ବାରିକ, ସଂଘମିତ୍ରା ରାଉତଙ୍କୁ ଛାତ୍ରମିତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପ୍ରଶାନ୍ତ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

## ଦଶରଥପୁର ବ୍ଲକ୍‌ରେ ୭୨୬ ଜଣ ଭତ୍ତାରୁ ବାଦ୍

ମଙ୍ଗଳପୁର,୨୭।୧୧(ସମିସ): ବୃଦ୍ଧବୃଦ୍ଧା, ଅସହାୟ, ଭିନ୍ନକ୍ଷମ, ବିଧବା, ସ୍ୱାମୀ ପରିତ୍ୟକ୍ତାଙ୍କ ପାଇଁ କେନ୍ଦ୍ର ସରକାର ଇନ୍ଦିରା ଗାନ୍ଧୀ ନେସନାଲ ଓଲ୍ଡଏଜ ପେନସନ ଯୋଜନାରେ ସହାୟତା ପ୍ରଦାନ କରୁଥିବାବେଳେ ଓଡ଼ିଶା ସରକାର ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ମାସିକ ଭତ୍ତା ଯୋଗାଇ ଦେଉଥିଲେ। ଦଶରଥପୁର ବ୍ଲକ୍‌ରେ ମଧୁବାବୁ ପେନସନ ଯୋଜନାରେ ବର୍ତ୍ତମାନ ୨୧୧୧୫ ଜଣ ହିତାଧିକାରୀ ଥିବାବେଳେ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ୯୬୫୪ ଜଣ ହିତାଧିକାରୀ ଅଛନ୍ତି। ତେବେ କେନ୍ଦ୍ର ସରକାର ଦେଉଥିବା ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ମୋଟ ବ୍ଲକ୍ ଟାର୍ଗେଟରୁ ୭୨୬ କାଟ୍ କରିଛନ୍ତି। ଫଳରେ ଆଗାମୀ ୬ରୁ ୮ମାସ ମଧ୍ୟରେ କେହି ନୂଆ ହିତାଧିକାରୀ ସାମିଲ ହୋଇପାରିବେନାହିଁ। ପୂର୍ବରୁ ଭତ୍ତା ହିତାଧିକାରୀଙ୍କ ମଧ୍ୟରୁ କେହି ମୃତ ହେଉଥିଲେ ନୂଆ ଯୋଗ୍ୟ ହିତାଧିକାରୀ ସାମିଲ ହେଉଥିଲେ। କେନ୍ଦ୍ର ସରକାରଙ୍କ ଏହି ନୂଆ ନିୟମ ଫଳରେ ଦଶରଥପୁର ବ୍ଲକ୍‌ବାସୀ ନୂଆ ଭତ୍ତା ପାଇବାରୁ ବଞ୍ଚିତ ହେବେ। ଦଶରଥପୁର ବ୍ଲକ୍‌ରେ ୭୨୬ ଜଣ ହିତାଧିକାରୀ ବାଦ୍ ପଡିବା ପରେ ନୂତନ ହିତାଧିକାରୀ ସାମିଲ ହୋଇପାରିବେ ବୋଲି ଦଶରଥପୁର ବିଏସଏସଓ ସ୍ୱାଧୀନ କ୍ରିଷ୍ଣାବାଳା ପ୍ରକାଶ କରିଛନ୍ତି। ସରକାର ବଦଳିବା ପରେ କିଛି ପରିବର୍ତ୍ତନ ପାଇଁ ଆଶା ରଖିଥିବା ଦଶରଥପୁର ବ୍ଲକ୍‌ର ସାଧାରଣ ଜନତାଙ୍କ ପାଇଁ ଭତ୍ତା ହିତାଧିକାରୀଙ୍କ ଟାର୍ଗେଟରୁ ୭୨୬ କମାଇବା କ'ଣ ପରିବର୍ତ୍ତନ ବୋଲି ସାଧାରଣ ଜନତା ପ୍ରଶ୍ନ କରିଛନ୍ତି।

## ଧୋକା ଦେଲା ପ୍ରେମିକା

# ବିରହ ଯନ୍ତ୍ରଣା ସହିନପାରି ଯୁବକଙ୍କ ଆତ୍ମହତ୍ୟା

କୁଆଖିଆ,୨୭।୧୧(ସମିସ): ଦୀର୍ଘ ୧୪ ବର୍ଷ ହେଲା ଘର ପାଖର ଜଣେ ଯୁବତୀ ସହିତ ପ୍ରେମ ସମ୍ପର୍କ ଥିଲା। ନିଜ କ୍ୟାରିୟର ଖରାପ କରି ପ୍ରେମିକାର

**ଆତ୍ମହତ୍ୟା ପାଇଁ ବାଧ କରିଥିବା ଅଭିଯୋଗ ଆଣିଲେ ପରିବାର**

କ୍ୟାରିୟର ସଜାଡ଼ିଥିଲା ଯୁବକ ଜଣକ। ପାଠ ପଢାଇ ଚାକିରି କରାଇଥିଲା ନିଜ ପ୍ରେମିକାକୁ। କିନ୍ତୁ ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଚାକିରି ପାଇବା ପରେ ପ୍ରେମିକାର ମନ ବଦଳିଥିଲା। କିଛିଦିନ ପରେ ନିଜକୁ ପୁରୁଣା ପ୍ରେମରୁ ମୁକୁଳାଇବାକୁ ଚାହିଁଥିଲା। ସେଥିପାଇଁ ଖୋଲାଖୋଲି ଭାବେ ପୁରୁଣା ପ୍ରେମିକକୁ ଧିକ୍କାର କରିବା, ତା'ର ଶିକ୍ଷାଗତ ଯୋଗ୍ୟତା ନେଇ ପ୍ରଶ୍ନ କରିବା ଭଳି ଘଟଣା ଘଟିଥିଲା। ତାକୁ ନଜର ଅନ୍ଦାଜ କରୁଥିଲା ପ୍ରେମିକା। ବାରମ୍ବାର ହେଉଥିବା ମାନସିକ ଚାପ ସହି ନ ପାରି ଶେଷରେ ହତାଶ ଯୁବକ ଗତ ୨୪ ତାରିଖରେ ଘାସମରା



ବିଷ ଖାଇଦେଇଥିଲେ। ପରିବାର ଲୋକ ଏକଥା ଜାଣିପାରି ତାକୁ ଚିକିତ୍ସା ପାଇଁ ପ୍ରଥମେ ମଧୁବନ ସିଏଚସି ଓ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ଅନ୍ୟଏକ ଘରୋଇ ଡାକ୍ତରଖାନାକୁ ଉନ୍ନତ ଚିକିତ୍ସା ପାଇଁ ଉକ୍ତ ଯୁବକଙ୍କୁ ନିଆଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ଉକ୍ତ ଯୁବକ ମୃତ୍ୟୁବରଣ କରିଥିଲେ। ଘଟଣାଟି ଘଟିଛି କୁଆଖିଆ ଥାନା ଅନ୍ତର୍ଗତ ସ୍ଥାନୀୟ କୋଳଥଳ ଗ୍ରାମରେ। ମୃତ ଯୁବକ ଜଣକ ରମାକାନ୍ତ ଦାଶଙ୍କ ପୁଅ ଚତୁର୍ଭୁଜ ଓରଫ ରିଣ୍ଟୁ। ଏହି ଘଟଣାରେ ମୃତ ଯୁବକଙ୍କ ପରିବାର ପକ୍ଷରୁ ତାଙ୍କ ପୁଅକୁ ଆତ୍ମହତ୍ୟା ପାଇଁ ବାଧ କରାଯାଇଛି ବୋଲି ଆଜି କୁଆଖିଆ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ୪୯୮/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି କୁଆଖିଆ ଥାନା ଅଧିକାରୀ ଚିନ୍ମୟୀ ସାହୁ କହିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ସରକାରୀ ଅର୍ଥ ହଡ଼ପ ମାମଲା; ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

ବ୍ରହ୍ମପୁର,୨୭।୧୧(ସମିସ): ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର ବାରିକ ଗୁରୁବାର ସରକାରୀ ଅର୍ଥ ହଡ଼ପ ମାମଲାର ଶୁଣାଣି କରି ଅଭିଯୁକ୍ତ ତଥା ଏମ୍‌କେସିଜି ରକ୍ତ ଭଣ୍ଡାର ତତ୍କାଳୀନ କାଉଣ୍ଟର ଆସିଷ୍ଟାଣ୍ଟ ଜୟନ୍ତୀ କୁମାରୀ ମହାନ୍ତିଙ୍କୁ ୩ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ୪୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ବର୍ଷେ ଜେଲ୍ ଦଣ୍ଡ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ଏହି ଅର୍ଥ ହେରଫେର ମାମଲାରେ ଅନ୍ୟତମ ଅଭିଯୁକ୍ତ ତଥା ଉକ୍ତ ବ୍ଲଡ୍ ବ୍ୟାଙ୍କର ଆକାଉଣ୍ଟାଣ୍ଟ ରଘୁନାଥ ମହାନ୍ତିଙ୍କ ବିଚାରଣା ଚାଲିଥିବା ସମୟରେ ମୃତ୍ୟୁ ହୋଇସାରିଛି। ଫଳରେ ତାଙ୍କୁ ଏହି ମାମଲାରୁ କୋର୍ଟ ବାଦ୍ ଦେଇସାରିଛନ୍ତି।


ସୂଚନାଯୋଗ୍ୟ ଯେ, ଜୟନ୍ତୀ ଓ ରଘୁନାଥ ରକ୍ତ ଭଣ୍ଡାରରେ କାର୍ଯ୍ୟ କରୁଥିବା ସମୟରେ ସରକାରୀ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ରକ୍ତ ଭଣ୍ଡାରର ତତ୍କାଳୀନ ଇନ୍‌ଚାର୍ଜ ଡା.ଶିଶିର କୁମାର ସାହୁଙ୍କ ଅଭିଯୋଗ ଆଧାରରେ ଅଡିଟ୍ ହୋଇଥିଲା। ୧୯୯୯ରୁ ୨୦୦୧ ମାର୍ଚ୍ଚ ୩୧ ମଧ୍ୟରେ ରକ୍ତ ଭଣ୍ଡାରର ଆୟବ୍ୟୟ ହିସାବ ବେଳେ ୧ଲକ୍ଷ ୧୫ହଜାର ୨୧୫ ଟଙ୍କା ହେରଫେର ହୋଇଥିବା ଜଣାପଡିଥିଲା। ବ୍ରହ୍ମପୁର ଭିଜିଲାନ୍ସ ତଦନ୍ତ କରିବା ପରେ ୨୦୦୬ ଏପ୍ରିଲ୍ ୧୫ତାରିଖରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ୦୪/୨୦୦୬ରେ ମାମଲା ରୁଜୁ କରିଥିଲା। ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ଚନ୍ଦ୍ର ଶେଖର ସ୍ୱାଇଁ ଉଭୟଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଉଭୟ ଅଭିଯୁକ୍ତ ହାଇକୋର୍ଟରୁ ଆଗୁଆ ଜାମିନ୍ ପାଇଥିଲେ। ବିଚାରଣା ସମୟରେ ୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପିପି ସୁରେନ୍ଦ୍ର କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

## ସୋସିଆଲ୍ ମିଡିଆରେ ଅଶ୍ଳୀଳ ମନ୍ତବ୍ୟ ଦେଇ ଯୁବକ ଗିରଫ

ବ୍ରହ୍ମପୁର,୨୭।୧୧(ସମିସ): ଦୁଇ ଭଉଣୀଙ୍କ ଫଟୋରେ ଅଶ୍ଳୀଳ ମନ୍ତବ୍ୟ ଦେଇ ସୋସିଆଲ ମିଡ଼ିଆରେ ଭାଇରଲ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ବରଗଡ଼ ଗୋବରଲୁଣ୍ଡି ସିଦ୍ଧିପୁର ଗ୍ରାମର ସୁରେଶ ନାୟକ(୨୬)। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ସୁରେଶ ଜଣେ ଯୁବତୀଙ୍କୁ ଭଲ ପାଉଥିଲା। ତେବେ ଏଥିରେ ବାଧକ ସାଜିଥିଲା ଯୁବତୀଙ୍କ ବଡ଼ ଭଉଣୀ। ଫଳରେ ପ୍ରତିଶୋଧ ପରାୟଣ ହୋଇ ସୁରେଶ ଯୁବତୀଙ୍କ ବଡ଼ଭଉଣୀଙ୍କ ଫଟୋରେ ଅଶ୍ଳୀଳ ଭାଷା ଲେଖି ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ। ଏହି ଫଟୋ ଭାଇରଲ ହେବା ଫଳରେ ଯୁବତୀଙ୍କ ବଡ଼ଭଉଣୀଙ୍କ ସମ୍ମାନ ହାନୀ ହୋଇଥିଲା। ଏହାକୁ ନେଇ ଯୁବତୀ ଜଣକ ଅଭିଯୁକ୍ତଙ୍କୁ ପଚାରିବାରୁ ସୁରେଶ ତାଙ୍କ ଫଟୋକୁ ମଧ୍ୟ ଭାଇରାଲ କରିଥିଲା। ଘଟଣାକୁ ନେଇ ସାଇବର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁରେଶ ନାୟକକୁ ଗିରଫ କରି କୋର୍ଟଚାଲାଣ କରିଛି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଗବେଷଣା ସମ୍ମିଳନୀ ଉଦ୍‌ଘାଟିତ

# ‘ବିକଶିତ ଭାରତ ଗଠନରେ ଗବେଷଣାକୁ ଉତ୍ସର୍ଗୀକୃତ କର’






ବ୍ରହ୍ମପୁର,୨୭।୧୧(ସମିସ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୩ଦିନିଆ ଓଡିଶା ଗବେଷଣା ସମ୍ମିଳନୀ-୨୦୨୫' ପଞ୍ଚମ ସଂସ୍କରଣ ଉଦଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଆୟୋଜିତ ସମ୍ମିଳନୀରେ ୧୭ଟି ବିଶ୍ୱବିଦ୍ୟାଳୟରୁ ୬୫୭ଜଣ ଗବେଷକ, ଅଧ୍ୟାପକ ଓ ଶିକ୍ଷାବିତ ଯୋଗ ଦେଇଛନ୍ତି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରି ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ହାଇଦ୍ରାବାଦ ସ୍ଥିତ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି.ଜେ ରାଓ ଯୋଗଦେଇ ବିକଶିତ ଓଡିଶା ତଥା ବିକଶିତ ଭାରତ ଗଠନରେ ଗବେଷଣାକୁ ଉତ୍ସର୍ଗୀକୃତ କରିବା ପାଇଁ ଗବେଷକଙ୍କୁ ଆହ୍ୱାନ ଦେବା ସହ ସୃଜନଶୀଳ ଓ ନବୀନତମ ଗବେଷଣାର ଆବଶ୍ୟକତା ଥିବା ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ନ୍ୟୁ ଦିଲ୍ଲୀର ଭାରତୀୟ ସମାଜ ବିଜ୍ଞାନ ଗବେଷଣା ପରିଷଦର ସଦସ୍ୟ ସଚିବ ପ୍ରଫେସର ଧନଞ୍ଜୟ ସିଂହ ଯୋଗଦେଇ ଭାରତରେ ଗବେଷଣାକୁ ପ୍ରୋତ୍ସାହନ ଦେବାରେ ଆଇସିଏସଏସଆରର ଭୂମିକା ଏବଂ ସ୍ନାତକ (ୟୁଜି) ବିଦ୍ୟାର୍ଥୀଙ୍କୁ ଗବେଷଣା ଅନୁଦାନ ପ୍ରଦାନ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିବା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ଼.ସିଦ୍ଧାର୍ଥ ଶଙ୍କର ପଣ୍ଡା, ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ ମଞ୍ଚାସିନ ଥିଲେ। ଏ ଅବସରରେ ଗବେଷଣା ସନ୍ଦର୍ଭ ସଂକଳିତ ପୁସ୍ତକ ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପକ୍ଷରୁ ପ୍ରକାଶିତ ରିସର୍ଚ୍ଚ ଜର୍ଣ୍ଣାଲ ଆରଜେବିୟୁ, ସାହିତ୍ୟ ପତ୍ରିକା ଭଞ୍ଜଜ୍ୟୋତି ଓ ବିଶ୍ୱବିଦ୍ୟାଳୟର ମାସିକ ପତ୍ରିକା ଭଞ୍ଜବାଣୀକୁ ଉନ୍ମୋଚନ କରାଯାଇଥିଲା। ନାନୋ ପଦାର୍ଥ ସମ୍ପର୍କିତ ପ୍ରୋଟୋଟାଇପ ସହ ବିଭିନ୍ନ ଗବେଷଣା ପ୍ରକଳ୍ପରୁ ପ୍ରସ୍ତୁତ ନୂତନ ପ୍ରକଳ୍ପର ଉଦଘାଟନ ହୋଇଥିଲା। ଉଦଘାଟନୀ ଉତ୍ସବ ପରେ ରାଜ୍ୟର ପ୍ରମୁଖ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ନେଇ ଏକ ରାଉଣ୍ଡଟେବେଲ୍ ବୈଠକର ଆୟୋଜିତ ହୋଇଥିଲା। ଏଥିରେ ୨୦୩୬ମସିହା ସୁଦ୍ଧା ବିକଶିତ ଓଡିଶା ତଥା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ବିଜ୍ଞାନ ଓ ନବୀନ ଜ୍ଞାନ କୌଶଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟର ଅଫିସର ଅନ ସ୍ପେସାଲ ଡ୍ୟୁଟି (ଓଏସଡି) ପ୍ରଫେସର ପ୍ରତାପ କୁମାର ମହାନ୍ତି ଯୋଗ ଦେଇଥିଲେ। ପ୍ରଥମ ଦିନରେ ବିଜ୍ଞାନ ବିଷୟ ଆଧାରିତ ଗବେଷଣା ସାରାଂଶକୁ ନେଇ ବିଶ୍ୱବିଦ୍ୟାଳୟର ଷ୍ଟାଡିୟମରେ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଫେସର ଜ୍ୟୋତ୍ସ୍ନା ସାହୁ ସଭା ପରିଚାଳନା କରିଥିବା ବେଳେ ଡ଼.ଜୟନ୍ତ କୁମାର ପଣ୍ଡାଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।

● ଆଇନଜୀବୀ ପୀତବାସ ହତ୍ୟା ମାମଲା

## ସୁନିଲ ଓ ଶୂନ୍ୟଙ୍କୁ ରିମାଣ୍ଡରେ ନେଇ ପୁଲିସର ଜେରା

ବ୍ରହ୍ମପୁର,୨୭।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ଗୁରୁବାର ସୁନୀଲ ହୋତା ଓ ଶୂନ୍ୟ ଚନ୍ଦ୍ର ଦାସଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇ ଥାନାରେ ଜେରା କରୁଛି। ପୂର୍ବରୁ ଅର୍ଥାତ ଗତ ଗୁରୁବାର ଅଭିଯୁକ୍ତ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଉମା ବିଷୋୟୀ ଓ ଯୋଗୀ ରାଉତଙ୍କୁ ଦ୍ୱିତୀୟ ଥର ପାଇଁ ୨ଦିନିଆ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିଥିଲା। ଏହା ପୂର୍ବରୁ ମଦନ ଦଳାଇ, ମଳୟ ବିଷୋୟୀ, ଉମା ବିଷୋୟୀ, ଚିଣ୍ଟୁ ପ୍ରଧାନ, କୁରୁପତି ଭୂୟାଁ ଓ ଯୋଗୀ ରାଉତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିଥିଲା ପୁଲିସ।

**ହତ୍ୟାକାଣ୍ଡ ପୂର୍ବରୁ ଓ ପରେ ଅଭିଯୁକ୍ତଙ୍କୁ ଆଶ୍ରୟ ଦେଇଥିଲେ ୨ ଅଭିଯୁକ୍ତ**

ବୈଦ୍ୟନାଥପୁର ଥାନାରେ ଏସପି ଡ଼ା ସର୍ବଣା ବିବେକ ଏମ, ମାମଲାର ତଦନ୍ତ ଅଧିକାରୀ ତଥା ଟାଉନ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ, ଅତିରିକ୍ତ ଏସପି ଆଲୋକ ଜେନା ଦୀର୍ଘ ସମୟ ଧରି ସୁନୀଲ ଓ ଶୂନ୍ୟ ଉଭୟ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିଥିବା ଜଣାପଡ଼ିଛି। ଏପରିକି ଜେରା ସମୟରେ ଅଭିଯୁକ୍ତମାନଙ୍କ ବୟାନକୁ ପୁଲିସ ଭିଡ଼ିଓ ରେକର୍ଡିଂ କରିଥିବା ସୂଚନା ମିଳିଛି। ରିମାଣ୍ଡ ଅବଧି ଶେଷ ପରେ ଅର୍ଥାତ ୨୯ ତାରିଖ ସନ୍ଧ୍ୟା ସୁଦ୍ଧା ଉଭୟ ଅଭିଯୁକ୍ତ କୋର୍ଟରେ ହାଜର କରିବାକୁ କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ପୀତବାସ ହତ୍ୟାପରେ କୁରୁପତି ଓ ଉମା ଜୟପୁର ଯାଇ ସେଠାରେ ସୁନୀଲ ହୋତାଙ୍କ ଫାର୍ମହାଉସରେ ଆଶ୍ରୟ ନେଇଥିଲେ। କୁରୁପତି ଓ ଉମା ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଜାଣି ମଧ୍ୟ ସୁନୀଲ ସେମାନଙ୍କୁ ନିଜ ଫାର୍ମହାଉସରେ ଆଶ୍ରୟ ଦେଇଥିବାରୁ ପୁଲିସ ସୁନିଲଙ୍କୁ ଗିରଫ କରିଥିଲା। ସେହିପରି ସ୍ଥାନୀୟ ଅଳକାପୁରୀ ସ୍ଥିତ ନିଜ ଘରେ ଶୂନ୍ୟ ଚନ୍ଦ୍ର ଦାସ ହତ୍ୟାକାଣ୍ଡ ପୂର୍ବରୁ ଅଭିଯୁକ୍ତଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ପୁଲିସ ଶୂନ୍ୟଙ୍କୁ ଗିରଫ କରିଥିଲା।

## ସର୍ବଭାରତୀୟ ଆଇସିଏସ୍‌ଇ ହ୍ୟାଣ୍ଡବଲ୍ ଦଳରେ ବ୍ରହ୍ମପୁରର ଉଜ୍ଜ୍ୱଳ

### ରାଜ୍ୟରୁ ଏକମାତ୍ର ଖେଳାଳି ଭାବେ ମନୋନୀତ



ବ୍ରହ୍ମପୁର,୨୭।୧୧(ସମିସ): ସ୍ଥାନୀୟ ହିଲ୍‌ପାଟଣାସ୍ଥିତ ଏମ୍‌ଏଭି ସ୍କୁଲର ଛାତ୍ର ଉଜ୍ଜ୍ୱଳ କୁମାର ସ୍ୱାଇଁ କର୍ଣ୍ଣାଟକରେ ଚାଲିଥିବା ଜାତୀୟ ସ୍କୁଲ ୧୭ବର୍ଷରୁ କମ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସର୍ବଭାରତୀୟ ସିଆଇଏସଇ ହ୍ୟାଣ୍ଡବଲ ଦଳରେ ସ୍ଥାନ ପାଇଛନ୍ତି। ଉଜ୍ଜ୍ୱଳ କର୍ଣ୍ଣାଟକ ଗସ୍ତ କରି ସର୍ବଭାରତୀୟ ସିଆଇଏସଇ ଦଳର ପ୍ରଶିକ୍ଷଣ ଶିବିରରେ ତାଲିମ ନେଇଛନ୍ତି। ସେ ପୂର୍ବରୁ ଉତ୍ତରପ୍ରଦେଶର ଗୋରଖପୁର ଠାରେ ଆୟୋଜିତ ସିଆଇଏସଇ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରି ସର୍ବଭାରତୀୟ ଦଳରେ ଖେଳିବାର ସୁଯୋଗ ପାଇଛନ୍ତି। ପୂର୍ବରୁ ବ୍ରହ୍ମପୁରରେ ଅନୁଷ୍ଠିତ ରାଜ୍ୟ ସିଆଇଏସଇ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବ୍ରହ୍ମପୁର ଜୋନ୍‌କୁ ଚାମ୍ପିଅନ୍ କରାଇବାରେ ତାଙ୍କର ବେଶ୍ ହାତ ରହିଥିଲା। ଉଜ୍ଜ୍ୱଳଙ୍କ ଏହି ସଫଳତା ପାଇଁ ସ୍କୁଲର ଅଧକ୍ଷ ଦ୍ୱାରିକାନାଥ ପଣ୍ଡା, ବ୍ରହ୍ମପୁର ଜୋନର ସମସ୍ତ ସିଆଇଏସଇ ସ୍କୁଲର ଅଧକ୍ଷ, କ୍ରୀଡ଼ା ଶିକ୍ଷକ ତଥା ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, କାର୍ଯ୍ୟକାରୀ ସଭାପତି ଆଶୋକ କୁମାର ଶୁକ୍ଳ, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, ଉପସଭାପତି ରାଜେଶ କୁମାର ସାହୁ, କୋଷାଧକ୍ଷ ଡ଼ା. ମନୋଜ କୁମାର ପାତ୍ର ଓ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥ ଶୁଭେଚ୍ଛା ଜଣାଇଛନ୍ତି।





ବ୍ରହ୍ମପୁରରେ ଖ୍ରୀଷ୍ଟିଆନ ଭାଇଭଉଣୀଙ୍କ ପକ୍ଷରୁ ମହମବତି ଶୋଭାଯାତ୍ରା

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ



ବ୍ରହ୍ମପୁର,୨୭।୧୧(ସମିସ): ଗୋଲନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜନୀତି ବିଜ୍ଞାନ ବିଶେଷଜ୍ଞ ଏବଂ ଶିକ୍ଷାବିତ୍ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ସମ୍ବିଧାନ କ'ଣ, ସମ୍ବିଧାନର ମୁଖ୍ୟ ଉଦ୍ଦେଶ୍ୟ, ନାଗରିକ ମାନଙ୍କର କର୍ତ୍ତବ୍ୟ, ଅଧିକାର ବିଭିନ୍ନ ଧାରା ଏବଂ ପ୍ରସ୍ତାବନକୁ ବିସ୍ତୃତ ଭାବରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ସେ ଭାରତୀୟ ସମ୍ବିଧାନର ଉତ୍ପତ୍ତି ଏବଂ ଏହି ପବିତ୍ର ଦଲିଲର ଖସଡ଼ା ପ୍ରସ୍ତୁତରେ ସାମିଲ ଥିବା ଲୋକଙ୍କ ବିଷୟରେ କହିଥିଲେ। ଗତ ୭୫ବର୍ଷ ମଧ୍ୟରେ ସମ୍ବିଧାନକୁ ସାମାଜିକ ପରିବର୍ତ୍ତନ ଏବଂ ସମୟର ଆବଶ୍ୟକତା ସହିତ ପ୍ରାସଙ୍ଗିକ ରଖିବା ପାଇଁ ଏଥିରେ କରାଯାଇଥିବା ସଂଶୋଧନ ବିଷୟରେ ସେ ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ ଡିନ୍ ଏକାଡେମିକ ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ, କମ୍ପ୍ୟୁଟର ବିଭାଗର ପ୍ରଫେସର ଡ଼. ମାନସ ରଞ୍ଜନ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼. ଲକ୍ଷ୍ମୀକାନ୍ତ ରାଜୁ, ଡ଼. ଆଇଶା ତସ୍ମିନ, ପ୍ର ଆଶିଷ ଦାସ, ଡ଼. ସବ୍ୟସାଚୀ ରଥ, ଡ଼. ସୋରେନ ମିଶ୍ର, ଡ଼. ବରାଦ ପ୍ରସାଦ ସେଠି, ଡ଼. ଦୁର୍ଗାମାଧବ ପାଢ଼ୀ, ଡ଼. ସୁଶାନ୍ତ ପାତ୍ର, ରବି ସତ୍ୟନାରାୟଣ ମୂର୍ତି, ପିତାମ୍ବର ସାହୁ, ରମାକାନ୍ତ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଡ଼.ପ୍ରୀତି ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆୟୁଷ ଡାକ୍ତର ଛାତ୍ରଛାତ୍ରୀଙ୍କ ବିକ୍ଷୋଭ ଓ ଶୋଭାଯାତ୍ରା




● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଦାବିପତ୍ର

ବ୍ରହ୍ମପୁର,୨୭।୧୧(ସମିସ): ରାଜ୍ୟ ଆୟୁଷ ଛାତ୍ର ସଂଗଠନ ୮ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଅବସରରେ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍‌ପିଟାଲର ଛାତ୍ରଛାତ୍ରୀ ଗୁରୁବାର ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଛାତ୍ରଛାତ୍ରୀ ଦୀର୍ଘଦିନ ହେବ କଳାବ୍ୟାଜ୍ ପରିଧାନ କରି ପ୍ରତୀକାତ୍ମକ ଧାରଣା ଦେଇଥିଲେ। ଏହାପରେ ମଧ୍ୟ ଦାବି ପୂରଣ ହୋଇନଥିବା ବେଳେ ପଦଯାତ୍ରାରେ ଯାଇ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଦାବି ଅନୁଯାୟୀ, ରାଜ୍ୟରେ ନୂତନ ଆୟୁଷ ମେଡିକାଲ ଅଧିକାରୀ ପଦବୀ ସୃଷ୍ଟି, ଆୟୁଷ ପିଜି ଓ ପିଏଚ୍‌ଡି ପାଠ୍ୟକ୍ରମ ପାଇଁ ସିଟ୍ ବୃଦ୍ଧି, ହାଉସ ସର୍ଜନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି, ସମସ୍ତ ଆୟୁଷ କଲେଜରେ ପରିଚାଳନା କମିଟି ଗଠନ, ଆୟୁଷ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବଜେଟ୍, ଆୟୁଷ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ଭିତ୍ତିଭୂମି ସହ ମାନବ ସମ୍ବଳ ଯୋଗାଇଦେବା, ରାଜ୍ୟ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନା ଆୟୁଷ କ୍ଷେତ୍ରରେ ଲାଗୁ କରିବା ଆଦି ଦାବି ନେଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏହି ଆନ୍ଦୋଳନ ଜାରି ରହିଛି। ଏନେଇ ସଂଗଠନ ପକ୍ଷରୁ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ଦାବି ଗ୍ରହଣ ନକରିବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଛାତ୍ରସଂଘ ସୂଚନା ଦେଇଛନ୍ତି। ଶୋଭାଯାତ୍ରାରେ ସାଧାରଣ ସମ୍ପାଦକ ଆୟୁଷ୍ମାନ ମିଶ୍ର, ଉପସଭାପତି କୁଶ କୁମାର ସୋରେନ୍, ଅତିରିକ୍ତ ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ମଲ୍ଲିକଙ୍କ ସମେତ ଏଆଇଡ଼ିଏସ୍‌ଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ ଓ ଜିଲ୍ଲା କମିଟି ସଦସ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସହ ବହୁ ଆୟୁଷ ଡାକ୍ତର ଛାତ୍ରଛାତ୍ରୀ ସାମିଲ ଥିଲେ।

# ବ୍ରହ୍ମପୁରରେ ୧୮୭ ଶୂନ୍ୟ ବ୍ୟାଙ୍କ ଆକାଉଣ୍ଟ ଠାବ

### ସାଇବର୍ ଅପରାଧୀଙ୍କ ଦ୍ୱାରା ପରିଚାଳିତ ସନ୍ଦେହ | ଖାତାଧାରୀଙ୍କୁ ପୁଲିସର ନୋଟିସ୍

ବ୍ରହ୍ମପୁର,୨୭।୧୧(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୧୮୭ଟି ସନ୍ଦେହଯୁକ୍ତ ଶୂନ୍ୟ ବ୍ୟାଙ୍କ ଜମା ଖାତା ବା ନୁଲ୍ ବ୍ୟାଙ୍କ ଆକାଉଣ୍ଟ ଠାବ ହୋଇଛି। ଏହି ବ୍ୟାଙ୍କ ଆକାଉଣ୍ଟରେ ବିଭିନ୍ନ ଆଡୁ ଲକ୍ଷ ଲକ୍ଷ ଟଙ୍କା ନେଣଦେଣ ହେଉଥିବାରୁ ଏହା ସାଇବର୍ ଅପରାଧୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ସନ୍ଦେହ କରାଯାଉଛି। ଏହି ନକଲି ବ୍ୟାଙ୍କ ଆକାଉଣ୍ଟ ତଥା ନୁଲ୍ ଆକାଉଣ୍ଟ ବିଷୟରେ ସବିଶେଷ ତଥ୍ୟ ହାସଲ ପାଇଁ ସାଇବର ଥାନା ପୁଲିସ ଖାତାଧାରୀଙ୍କ ନାମରେ ନୋଟିସ ଜାରି କରି ଥାନାରେ ହାଜର ହେବାକୁ କହିଛି। ବ୍ରହ୍ମପୁର ସହରରେ ଗତ କିଛିବର୍ଷ ହେବ ସାଇବର ଠକେଇ ଦ୍ରୁତ ମାତ୍ରାରେ ବଢ଼ିଛି। କେବଳ ବ୍ରହ୍ମପୁର ନୁହଁ ରାଜ୍ୟର ବିଭିନ୍ନ ସହରବାସୀଙ୍କୁ ସାଇବର ଠକମାନେ ବିଭିନ୍ନ ଉପାୟରେ ଚୁନ ଲଗାଇ ବ୍ୟାଙ୍କ ଆକାଉଣ୍ଟ ଓ କ୍ରେଡିଟ୍ କାର୍ଡରେ ଥିବା



ସମସ୍ତ ଟଙ୍କା ଗାଏବ କରି ନେଇଯାଉଛନ୍ତି। ଏନେଇ ଅଭିଯୋଗ ପରେ ସାଇବର ପୁଲିସ ତଦନ୍ତ କରି କିଛି ମାମଲାରେ ସାଇବର ଅପରାଧୀଙ୍କୁ କାବୁ କରୁଥିଲେ ମଧ୍ୟ ଅଧିକାଂଶ ମାମଲାରେ ପୁଲିସ ହାତ ଖାଲି ରହୁଛି। ତେବେ ଏକ ସାଇବର ଠକେଇ ମାମଲାର ତଦନ୍ତ ବେଳେ ଓଡିଶା ପୁଲିସକୁ ରାଜ୍ୟର ବିଭିନ୍ନ ସହରରେ ଥିବା ନୁଲ୍ ଆକାଉଣ୍ଟ ବିଷୟରେ ସୂଚନା ମିଳିଥିଲା।

ବ୍ରହ୍ମପୁର ପୁଲିସ ଜିଲାରେ ଏଭଳି ୧୮୭ଟି ନୁଲ୍ ଆକାଉଣ୍ଟ ଥିବା ଜଣାପଡିବା ପରେ ରାଜ୍ୟ ପୁଲିସ ମୁଖ୍ୟାଳୟରୁ ଆକାଉଣ୍ଟଗୁଡ଼ିକ ଯାଞ୍ଚ ପାଇଁ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିକ୍ରମରେ ବ୍ରହ୍ମପୁର ସ୍ଥିତ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପକ୍ଷରୁ ଏହି ଆକାଉଣ୍ଟଧାରୀଙ୍କୁ ନୋଟିସ କରାଯାଇଛି। ଆକାଉଣ୍ଟଧାରୀମାନେ ଯଦି ଥାନାକୁ ଆସି ନିଜ ଆକାଉଣ୍ଟ ବୋଲି ପ୍ରମାଣ ଦିଅନ୍ତି ଓ ନେଣଦେଣ ହିସାବ ଦିଅନ୍ତି ତେବେ ତାହା ସଠିକ ଆକାଉଣ୍ଟ ବୋଲି ଧରାଯିବ। ଯେଉଁ ଆକାଉଣ୍ଟର ଆକାଉଣ୍ଟଧାରୀ ନଆସିବେ ସେହି ଆକାଉଣ୍ଟ ସାଇବର ଅପରାଧୀଙ୍କ ନୁଲ୍ ଆକାଉଣ୍ଟ ବୋଲି ସ୍ପଷ୍ଟ ହୋଇଯିବ ବୋଲି ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡା କହିଛନ୍ତି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ବାର୍ଷିକ ଉତ୍ସବ କରିବାକୁ ଦାବି



ବ୍ରହ୍ମପୁର,୨୭।୧୧(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଗତ କିଛିବର୍ଷ ହେବ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସମେତ ସଠିକ ଭାବେ ବାର୍ଷିକ ଉତ୍ସବ ହେଉନି। ଏହି ସମସ୍ୟାକୁ ନେଇ ଗୁରୁବାର ବିଶ୍ୱବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପରି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମଧ୍ୟ ପ୍ରତିବର୍ଷ ନିୟମିତ କ୍ରୀଡ଼ା ପ୍ରତିଯୋଗିତା ସହ ବାର୍ଷିକ ଉତ୍ସବ କରିବାକୁ ଛାତ୍ରଛାତ୍ରୀ ଦାବି କରିଥିଲେ।

ଏ ଦିଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଛାତ୍ରଛାତ୍ରୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

### ବିପର୍ଯ୍ୟସ୍ତ ଅବସ୍ଥାରେ ହାଟବାଦଡା ସାପ୍ତାହିକ ହାଟ; ଭାଙ୍ଗିଗଲାଣି ପିଣ୍ଡି

# ମାଳ ମାଳ ସମସ୍ୟା ପାଇଁ ମୁହଁ ଫେରାଉଛନ୍ତି ବେପାରୀ

ରାଇରଙ୍ଗପୁର, ୨୭।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା କୁସୁମ ବ୍ଲକ ଅନ୍ତର୍ଗତ ହାଟବାଦଡା ହାଟର ରହିଛି ସ୍ୱତନ୍ତ୍ର ପରିଚୟ। ଏହା ସର୍ବବୃହତ ହାଟ ଭାବେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏଥିସହିତ ଦେଶର ଦ୍ୱିତୀୟ ସର୍ବାଧିକ ରାଜସ୍ୱ ଆଦାୟକାରୀ ହାଟ ଭାବେ ଖ୍ୟାତି ଅର୍ଜନ କରିଥିଲା; କିନ୍ତୁ ଏବେ ଏହି ହାଟ ବିଭିନ୍ନ ସମସ୍ୟା ନେଇ ଗତିକରୁଥିବାରୁ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଫଳରେ ଦିନକୁ ଦିନ ନିଜର ପରିଚୟ ହରାଉଛି। ହାଟଟି ହାଟବାଦଡା ପଞ୍ଚାୟତ ସମିତି ଦ୍ୱାରା ପରିଚାଳିତ। ଏହି ହାଟ ସପ୍ତାହରେ ଥରେ ବୁଧବାର ବସିଥାଏ। ଏହି ହାଟରେ ଛୁଞ୍ଚିଠାରୁ ଆରମ୍ଭ କରି ସୁନା ଓ ରୁପା ଅଳଙ୍କାର, ବାସନ, ଖଟ, ଶାଢୀ, ଲୁଗା ପଟା, ତେଜରାତି, ପନିପରିବା, ମାଛ ଓ ମାଂସ ଆଦି ସବୁ କିଛି ଏଠାରେ ଉପଲବ୍ଧ ହୋଇଥାଏ।



ଏହା ସହିତ ଗୋରୁ ବିକ୍ରି ହାଟ ମଧ୍ୟ ହୋଇଥାଏ। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅଞ୍ଚଳର ବେପାରୀ ମଧ୍ୟ ଆସିଥାନ୍ତି। ପ୍ରତିଦିନ ହଜାର ହଜାର ଲୋକେ ଗୃହପାଳିତ ପ୍ରାଣୀ କିଣାବିକା କରିଥାନ୍ତି। ଯାହାକୁ ନେଇ ବର୍ଷକୁ ପ୍ରାୟ ୧କୋଟି ଟଙ୍କାର ବ୍ୟବସାୟୀ ହେଉଛି। ପୂର୍ବରୁ ଏହି ହାଟ ନିର୍ଭର ପଞ୍ଚାୟତ ପାଇଁ ଜାତୀୟ ପୁରସ୍କାର ହାସଲ କରିଛି। ଗତ ୨୦୨୩-୨୪ ମସିହାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଜାତୀୟ ଆତ୍ମନିର୍ଭର ପଞ୍ଚାୟତ ଆୱାର୍ଡରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୯୨, ୩୬, ୭୧୮ ଟଙ୍କା ରାଜସ୍ୱ ଆଦାୟ କରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ବିହାରର ପାଟନାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ହାଟବାଦଡା ସରପଞ୍ଚ ଓ ତାଙ୍କ ଟିମକୁ ୭୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏବେ ହାଟର ଅବ୍ୟବସ୍ଥା ଯୋଗୁଁ ବେପାରୀ ମୁହଁ ଫେରାଉଛନ୍ତି। ଲୋକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ନ ଥିବାବେଳେ ଗୋଟିଏ ମାତ୍ର ନଳକୂପ



ରହିଛି। ସେଥିରୁ ମଧ୍ୟ ଲୌହ ମିଶ୍ରିତ ପାଣି ବାହାରୁ ଥିବାରୁ ତାହା ପିଇବା ଅନୁପଯୋଗୀ। ଫଳରେ ଖରାଦିନେ ଲୋକେ ପାଣି ପାଣି ଆଉଟପାଉଟ ହେଉଛନ୍ତି। ସେହିପରି ଶୌଚାଳୟ ନଥିବାରୁ ଲୋକେ ବାହାରେ ମଳତ୍ୟାଗ କରୁଛନ୍ତି। ପୁରୁଣା ଡ୍ରେନ ଗୁଡିକ ପୋତି ଯାଇଥିବା ବେଳେ ଜଳ ନିଷ୍କାସନ ହୋଇପାରୁନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ହାଟ ଦୋକାନଗୁଡିକର ଟିଣ ଛାତ ମଧ୍ୟ ଭାଙ୍ଗିରୁଜି ଗଲାଣି। ବର୍ଷା ଦିନ ପାଣି ଗଳି ସାମଗ୍ରୀ ନଷ୍ଟ ହୋଇଯାଉଛି। ନୂତନ ପିଣ୍ଡି ନିର୍ମାଣ ହେଉନଥିବାରୁ ଦୋକାନୀଙ୍କ ବ୍ୟବସାୟରେ ବାଧା ସୃଷ୍ଟି ହେଉଛି। ଅଳିଆ ଆବର୍ଜନା ସଫା ହେଉନଥିବାରୁ ହାଟ ପରିସର ପୂତି ଗନ୍ଧମୟ ପରିବେଶ ହୋଇରହିଛି। ହାଟ କଡ଼ ଦେଇ ୨୨୦ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ଭିଡ଼ ପାଇଁ ସର୍ବଦା ଟ୍ରାଫିକ ସମସ୍ୟା ଦେଖାଦେଇଥାଏ। ଏହାକୁ ଜଣେ ମାତ୍ର କନେଷ୍ଟବଳ ଓ ଜଣେ ଗୃହରକ୍ଷୀରେ ନିୟନ୍ତ୍ରଣ କରିବା ଅସମ୍ଭବ ହେଉଛି। ଫଳରେ ଗତ ୨୦୨୨ରେ ହାଟରେ ଗୁଳିକାଣ୍ଡ ଯୋଗୁଁ ଜଣକ ମୃତ୍ୟୁ ଘଟିଥିଲା। ଦୋକାନ ପିଛା ୫୦ରୁ ଆରମ୍ଭ କରି ୨୦୦ଟଙ୍କା ପର୍ଯ୍ୟନ୍ତ ମହସୁଲ ଆଦାୟ ହୋଇଥାଏ। ଲକ୍ଷ ଲକ୍ଷ ଟଙ୍କା ମହସୁଲ ଆଦାୟ ସତ୍ତ୍ୱେ ହାଟର କୌଣସି ବିକାଶ ହେଉନାହିଁ। ଦୁଇ ବର୍ଷ ପୂର୍ବେ କେନ୍ଦ୍ରୀୟ ଟିମ ହାଟ ପରିଦର୍ଶନ କରିଥିଲେ। ଏହି ହାଟ କିପରି ଜାତୀୟସ୍ତରର ମାନ୍ୟତା ପାଇବ ସେ ନେଇ ଟିମ୍ ଅନୁଧ୍ୟାନ କରିଥିଲା; କିନ୍ତୁ ତାହା ମଧ୍ୟ ଅଧୁରା ରହିଗଲା।

## ୧୩ ଦଫା ଦାବିରେ ଓଏଭି ଶିକ୍ଷକଶିକ୍ଷୟିତ୍ରୀଙ୍କ କଳାବ୍ୟାଜ ପରିଧାନ




କୁଆଁମରା, ୨୭।୧୧(ସମିସ): ରାଜ୍ୟ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ୧୩ ଦଫା ଦାବି ନେଇ ଗୋପବନ୍ଧୁନଗର ବ୍ଲକ ଟିଟିଆ ଆଦର୍ଶ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ବୁଧବାର କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି। ଏଥିସହିତ ୧୩ ଦଫା ସମ୍ବଳିତ ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଛି। ଦାବି ମଧ୍ୟରେ କାର୍ଯ୍ୟରତ କର୍ମଚାରଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ସମାନ କାମକୁ ସମାନ ଦରମା, କ୍ୟାଡର ରୁଲ ପ୍ରଦାନ, କମ୍ପ୍ୟୁଟର, କ୍ରୀଡ଼ା ଓ ସଙ୍ଗୀତ ଶିକ୍ଷକଙ୍କୁ ୪୬୦୦ ଗ୍ରେଡ ପେ ପ୍ରଦାନ, କଳା ଶିକ୍ଷକଙ୍କୁ ମାନ୍ୟତା, ଛାତ୍ରଛାତ୍ରୀଙ୍କୁ ଏନ୍ଏମ୍ଏମ୍ଏସ୍ ପରୀକ୍ଷା ଦେବା ପାଇଁ ଅନୁମତି ସହ ଜେଇଇଏନ୍ ଇଇଟି ପରୀକ୍ଷାରେ ୧୫ ପ୍ରତିଶତ ସଂରକ୍ଷଣ ପ୍ରଦାନ ଆଦି ଅନ୍ତର୍ଭୁକ୍ତ।

## ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ରାଇରଙ୍ଗପୁର, ୨୭।୧୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଭରଣ୍ଡିଆ ପଡ଼ିଆଠାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। ଉଦଘାଟନ କାର୍ଯ୍ୟକ୍ରମରେ କ୍ରୀଡାବିତ ଧର୍ମପଦ ମହାନ୍ତ, କାଉନସିଲର ଆଲୋକ ମହାନ୍ତ, ଭରଣ୍ଡିଆ ଗ୍ରାମ ମୁଖିଆ ସୁବୋଧ କୁମାର ହେମ୍ବ୍ରମ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କେଦାର ନାଥ ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆଚାର୍ଯ୍ୟ ମଙ୍ଗୁଲୁ ବେହେରା, ଆଚାର୍ଯ୍ୟା ସାବିତ୍ରୀ ମିଶ୍ର, ଆଚାର୍ଯ୍ୟ ଯତୀନ୍ଦ୍ର ବେହେରା ଓ ଆଚାର୍ଯ୍ୟ ଦୀପଙ୍କର ବର୍ମା, ସରୋଜ ମହାନ୍ତ ଖେଳ ପରିଚାଳନା କରିଥିଲେ। ଆଚାର୍ଯ୍ୟା ମହାନ୍ତ ବବିତା କୈଳିୟାର ଧନ୍ୟବାଦ ଅର୍ପଣ କରିଥିଲେ।


## କୃଷକ ଉତ୍ପାଦକ ଗୋଷ୍ଠୀର କୃଷି ଏକକ ପରିଦର୍ଶନ



କରଞ୍ଜିଆ, ୨୭।୧୧(ସମିସ): କୃଷକ ଉତ୍ପାଦକ ଗୋଷ୍ଠୀଙ୍କୁ ସଶକ୍ତ କରିବା ଓ ପରିଚାଳନା କ୍ଷମତା ବୃଦ୍ଧି ନିମନ୍ତେ ଜିଲ୍ଲାରୁ ୯ଟି ଉତ୍ପାଦକ ଗୋଷ୍ଠୀ ଯଥା ମେଘାସନୀ, ଯଶିପୁର ଏଫ୍ଇଓ, ଶୁକ୍ଳି ଫରୱାର୍ଡ ଫାର୍ମିଙ୍ଗ୍, ମୟୂରଭଞ୍ଜ ଫର୍ ଏସ୍ ଫର୍ ଆର୍, ଚକାନୟନ, ନିଳାଦ୍ରୀନାଥ, ସୁଲେଇପାଟ, ବାଦାମପାହାଡର ୧୫ ଜଣ କର୍ମକର୍ତ୍ତା ଢେଙ୍କାନାଳ ସ୍ଥିତ ମହିଷିପାଟ କୃଷି ବିଜ୍ଞାନ କେନ୍ଦ୍ର, ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ପରିଦର୍ଶନ କରିଥିଲେ। ଢେଙ୍କାନାଳ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମୁଖ୍ୟ ଡଃ ବିମଳେନ୍ଦୁ ମହାନ୍ତି ଉପସ୍ଥିତ ରହି ବିଭିନ୍ନ କୃଷି ପଦ୍ଧତି ପ୍ରଦର୍ଶିତ ଏକକ ଗୁଡିକ ପରିଦର୍ଶନ କରାଇଥିଲେ। ବୈଜ୍ଞାନିକା ଡଃ ସଂଘମିତ୍ରା ସାହୁ, ଉଦ୍ୟାନବିତ୍ ବୈଜ୍ଞାନିକ ଡଃ ଦିବ୍ୟସୁନ୍ଦର କର ଫସଲ ସଂରକ୍ଷଣ ଓ ମହୁର ଜ୍ଞାନ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ବୈଜ୍ଞାନିକ ଡଃ ରୋଜାଲିନ୍ ମହାନ୍ତ ବଳଭଦ୍ରଜୀଉ ମହିଳା ସଫଳ କୃଷକ ଉତ୍ପାଦକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିର୍ମୟୀ ପ୍ରଧାନ, ସଦସ୍ୟା ପଦ୍ମିନୀ ସାହୁ ପ୍ରମୁଖଙ୍କ ସହ ସାକ୍ଷାତ ଆଲୋଚନା କରାଇଥିଲେ। ଧାନ ବ୍ୟବସାୟ, ଛତୁ ଚାଷ, ଆମ୍ବ ଚାଷ ସହ ଋତୁ ଅନୁଯାୟୀ ମୁଗ ବିରି, ପନିପରିବା ଚାଷ କରି କିପରି ଲାଭବାନ ହୋଇପାରିଛନ୍ତି ଅବଗତ କରାଇଥିଲେ। ଏହି ପରିଭ୍ରମଣରେ ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମୁଖ୍ୟ ଡଃ ଦୀପକ କୁମାର ମହାନ୍ତି, ଗୃହ ବିଜ୍ଞାନୀ ବିଦ୍ୟୁତଲତା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ପୁରୁଣିଆ, ୨୭।୧୧(ସମିସ): ବୈଶିଙ୍ଗା ମୁନିଲାଲ ହାଇସ୍କୁଲ ପରିସରରେ ବେତନଟୀ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଶଶୀଧର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ, ବ୍ଲକ ବିଜ୍ଞାନ ପରିଦର୍ଶକ କିଶୋର କୁମାର ଆଚାର୍ଯ୍ୟ, ବିଜ୍ଞାନ ମେଳାର ସାଂଗଠନିକ ସମ୍ପାଦକ ଦେବେନ୍ଦ୍ର ମୁର୍ମୁ ଓ ଶିକ୍ଷକ ସଂଘର ସଭାପତି ସୁନୀଲ କୁମାର ବଡେ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପୂର୍ବତନ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ପ୍ରକଳ୍ପର ମୂଲ୍ୟାୟନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି, ବରିଷ୍ଠ ବୈଜ୍ଞାନିକ ଶୁଭାଶିଷ ମାର୍ଣ୍ଡି ମୁଖ୍ୟବକ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ, ର୍ଯ୍ୟବେକ୍ଷକ କିଶୋର କୁମାର ଆଚାର୍ଯ୍ୟ, ସାଂଗଠନିକ ସମ୍ପାଦକ ଦେବେନ୍ଦ୍ର ମୁର୍ମୁ ମଞ୍ଚାସୀନ ଥିଲେ। ଏଥିରେ ମୋଟ ୧୦୫ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ୭ଟି ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲା।



**ବଡସାହି :** ବଡ଼ସାହି ବ୍ଲକ ବାଘମରା ବିଜୟ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ଗିରି ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଗୌତମ ପାତ୍ର ଯୋଗଦେଇ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସହକାରୀ ପ୍ରାଧ୍ୟାପକ ସରୋଜ କୁମାର ନାୟକ, ମୁଖ୍ୟବକ୍ତା ବରିଷ୍ଠ ବୈଜ୍ଞାନିକ ଡି.ଆର.ଡି.ଓ ଶୁଭାଶିଷ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ତହସିଲଦାର ବଡସାହି କରୁଣାକର ଧିନ୍ଦା, ସରପଞ୍ଚ ତପୋଇ ସିଂ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଚିନ୍ତାଧାରାରେ ଉଦବୋଧ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଚାରକ ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡା, ନଳିନୀ ଚୌଧୁରୀ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୧୪୧ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ସହକାରୀ ଗୋଷ୍ଠି ଶିକ୍ଷାଧିକାରୀ ଅଭିରାମ ନାଏକ ଯୋଗଦେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଷ୍ଟାର ସମ୍ପାଦକ ଡକ୍ଟର ଡମ୍ବୁରୁ ଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ୩୦ରୁ ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବ

## ଏଥର ମଞ୍ଚରେ ଶୋଭାପାଇବ ଖଡ଼ଖାଇ ବନ୍ଧ



ବାରିପଦା, ୨୭ ।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ। ଚଳିତବର୍ଷ ଏହି ମହୋତ୍ସବ ୮ମ ବର୍ଷରେ ପଦାର୍ପଣ କରିଛି। ଆସନ୍ତା ନଭେମ୍ବର ୩୦ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୦ ଯାଏ ଚାଲିବ। ଏ ନେଇ ବୁଧବାର ବାରିପଦା ଛଉ ପଡ଼ିଆରେ ମହୋତ୍ସବ ଆୟୋଜକ କମିଟି ଅଧ୍ୟକ୍ଷ ଅସିତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ପ୍ରଥମ ଦିନରେ ରଥ ପଡ଼ିଆଠାରୁ ବିଭିନ୍ନ କଳାକାରଙ୍କୁ ନେଇ ପାରମ୍ପରିକ ନୃତ୍ୟଗୀତରେ ତାଳେତାଳେ ଛଉ ପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାର୍ଣ୍ଣିଭାଲ ଶୋ ବା ସାଂସ୍କୃତିକ ଶୋଭାଯାତ୍ରା। ଚଳିତ ବର୍ଷ ବାମନଘାଟି ଉପଖଣ୍ଡ ସ୍ଥିତ ଖଡଖାଇ ବନ୍ଧ ଆକୃତିର ତୋରଣ ମୁଖ୍ୟ ଆକର୍ଷଣ ରହିଥିବା ବେଳେ ବଲିଉଡ୍ ନାୟିକା ଭାଗ୍ୟଶ୍ରୀଙ୍କ ସହିତ ସୁନାମଧନ୍ୟ କଣ୍ଠଶିଳ୍ପୀ ରୂପ କୁମାର ରାଠୋର ଏବଂ ସୁନାଲି ରାଠୋର ଉଦଯାପନୀ ସନ୍ଧ୍ୟାରେ ଧୁମ୍ ମଚାଇବେ। ସେହିପରି ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ, ୩ ଦିନ ଓଡ଼ିଆ କାର୍ଯ୍ୟକ୍ରମ, ୨ ଦିନ କୁଡୁମାଲି କାର୍ଯ୍ୟକ୍ରମ ସହିତ ୨ ଦିନ ବଲିଉଡ ଓ ଇଣ୍ଡିଆନ୍ ଆଇଡଲ କାର୍ଯ୍ୟକ୍ରମ ହେବା ନେଇ ନିଷ୍ପତ୍ତି ହୋଇଛି। ଡିସେମ୍ବର ୧ତାରିଖ ପ୍ରଥମ୍ ସନ୍ଧ୍ୟାରେ ସୌରଭ ଓ ଦିପ୍ତୀରେଖା ସଙ୍ଗୀତ ପରିବେଷଣ କରିେ। ଦୁଇ ତାରିଖରେ ଝୁମର କଳାକାର ରଞ୍ଜିତ, ମୋନାଲିସା, ଟ୍ୱିଙ୍କିଲ। ୩ ତାରିଖରେ ଇଣ୍ଡିଆନ ଆଇଡଲ୍ ୨୦୨୫ ବିଜେତା ମାନଷି ଘୋଷ ମଞ୍ଚରେ ସଙ୍ଗୀତ ପରିବେଷଣ କରିବେ। ସେହିପରି ୪ ତାରିଖରେ ସାନ୍ତାଳୀ ପ୍ରସିଦ୍ଧ ଗାୟକ ମଙ୍ଗଳ ହାଁସଦା, ପାରାୟଣି, ଗୋପିନାଥ ସିଂ ଓ ଟିମ୍ ଗୀତ ପରିବେଷଣ କରିବେ। ୫ ତାରିଖରେ ପ୍ରସିଦ୍ଧ ଗାୟକ କ୍ରିଷ୍ଣା ବାଉରାଙ୍କ ଗୀତରେ ଝୁମିବେ ଦର୍ଶକ। ୬ ତାରିଖରେ ଆଦିବାସୀ ସନ୍ଧ୍ୟାରେ ରଞ୍ଜିତା ସିଂ, ରାମ ମୁଣ୍ଡା, ପୁଟା କେରାଇ, ରିନା ସିଂ, ପୃଥ୍ୱିରାଜ ସିଂ ଓ ସାଥୀଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ୭ ତାରିଖରେ ପପୁ ପମପମ, କଣ୍ଠଶିଳ୍ପୀ ଇରା ମହାନ୍ତି, କୁମାର ବାପି ଓ ସ୍ୱରାଜ ବାରିକ ଯୋଗଦେବାର ଥିବାବେଳେ ସ୍ୱତନ୍ତ୍ର ଆକର୍ଷଣ ରହିବ ଆସାମର ବିହୁ ଡାନ୍ସ। ୮ ତାରିଖରେ ପୁଣି ଝୁମର ଗୀତ ନେଇ ଆସିବେ ଗୌତମ ଓ ପମି। ୯ ତାରିଖ ଆଦିବାସୀ ସନ୍ଧ୍ୟାକୁ ଅଧିକ ଆକର୍ଷଣୀୟ କରିବାକୁ ଆସିବେ ଆଦିବାସୀ ସୁପରଷ୍ଟାର କଳ୍ପନା ହାଁସଦା ଏବଂ ତାଙ୍କ ଟିମ୍। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସଞ୍ଜୀବ ଦ୍ୱିବେଦୀ, ବିପ୍ଳବ ବୁଗୁଡେଇ, କାଶୀନାଥ ରଣା, ତରୁଣ ମହାନ୍ତି, ଅମିତାଭ ସାହୁ, ନିମାଇଁ ତ୍ରିପାଠୀ, ରାକେଶ ସିଂ, ଜିତେନ୍ଦ୍ର ହେମ୍ବ୍ରମ, ସୁଜିତ ମହାନ୍ତି, ପିଣ୍ଟୁ ମାଇତି, ରାକେଶ ବେହେରା, ସତ୍ୟମ ପାଣି, ରାକେଶ ମହାନ୍ତି, ରାଜେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ଯୋଗଦେବେ ଭାଗ୍ୟଶ୍ରୀ ଓ ରୂପକୁମାର ରାଠୋର**

### ବିଭିନ୍ନ ସ୍ଥାନରେ ଜାତୀୟ ସମ୍ବିଧାନ ଦିବସ

# ସମ୍ବିଧାନର ଅନୁସରଣ ଦ୍ୱାରା ହିଁ ଗଣତନ୍ତ୍ରର ପ୍ରକୃତ ସୁରକ୍ଷା

ବାରିପଦା, ୨୭।୧୧(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସାଗରିକା ସିଂହ ସଭାପତିତ୍ୱ କରିବା ସହ ସମ୍ବିଧାନ ଭାରତୀୟ ଗଣତନ୍ତ୍ର ପ୍ରତି କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଅଧ୍ୟାପିକା ଡଃ



ଦେବପ୍ରିୟା ପରିଡ଼ା ସମ୍ବିଧାନର ଗୁରୁତ୍ୱ, ସମ୍ବିଧାନର ସୁରକ୍ଷାରେ ସର୍ବୋଚ୍ଚ ନ୍ୟାୟାଳୟର ଭୂମିକା ଆଦି ନେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗର ବିଭାଗ ମୁଖ୍ୟ ଲକ୍ଷ୍ମଣ ମୁର୍ମୁ ଯୋଗଦେଇ ସମ୍ବିଧାନ ପ୍ରସ୍ତୁତିର ଐତିହାସିକ ପଟ୍ଟଭୂମି ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ କୁମାରେଶ ନାୟକ କାୟୋମନୋବାକ୍ୟରେ ସମ୍ବିଧାନର ଅନୁସରଣ ଦ୍ୱାରା ହିଁ ଗଣତନ୍ତ୍ରର ପ୍ରକୃତ ସୁରକ୍ଷା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ମାମାଲି ନାୟକ ସମ୍ବିଧାନରେ ରହିଥିବା ମୌଳିକ କର୍ତ୍ତବ୍ୟ ପ୍ରତି ପ୍ରତ୍ୟେକ ନାଗରିକ ସଚେତନତା ରହିବା ସହ ରାଷ୍ଟ୍ର ପ୍ରତି ଉତ୍ସର୍ଗୀକୃତ ହେଲେ ହିଁ ସମ୍ବିଧାନର ପ୍ରକୃତ ଲକ୍ଷ୍ୟ ପୁରଣ ହୋଇପାରିବ ବୋଲି କହିଥିଲେ। ଅଧ୍ୟାପକ କୁମାରେଶ ନାୟକ ଅତିଥି ପରିଚୟ ଓ ଅଧ୍ୟାପିକା ମାମାଲି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଠାକୁରମୁଣ୍ଡା/ମହୁଲଡିହା : ଠାକୁରମୁଣ୍ଡା ପଞ୍ଚାୟତ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଶପଥ ପାଠ କରାଯାଇଥିଲା। ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ



ଅଧ୍ୟକ୍ଷତାରେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ବ୍ଲକ ସହକାରୀ ଶ୍ରମ ଅଧିକାରିଣୀ ବିଷ୍ଣୁ ପ୍ରିୟା ନାୟକ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରିଣୀ ଯଜ୍ଞପ୍ରଭା ମିଶ୍ର, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଅଜୟ କୁମାର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଏପିଓ ଧାନଚାନ୍ଦ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ବିଡ଼ିଓ ଶ୍ରୀ ବେହେରା ଆଜିର ଦିନରେ ସମ୍ବିଧାନ ପ୍ରଣୟନ ସଭା ଏହାକୁ ଅନୁମୋଦନ କରିଥିଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ରେ ଦେଶରେ ଏହା ପ୍ରବର୍ତ୍ତିତ ହୋଇଥିଲା। ପରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଦୀପ କୁମାର ଦାଶ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଏପିଓ ଧାନଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ରାଇରଙ୍ଗପୁର : ରାଇରଙ୍ଗପୁର ଠାରେ କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା (ପଶ୍ଚିମ) କଂଗ୍ରେସ କମିଟି ପକ୍ଷରୁ ଏକ ଶୋଭାଯାତ୍ରା




ବାହାରିଥିଲା। ଏଥିସହିତ ରାଇରଙ୍ଗପୁର ସହର ଏନଏସି ବଜାରରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭାରତ ସମ୍ବିଧାନ ପ୍ରଣେତା ତଥା ମହାନ ରାଷ୍ଟ୍ରନାୟକ ଭାରତରତ୍ନ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପୂର୍ବତନ ବିଧାୟକ ଶ୍ୟାମଚରଣ ହାଁସଦା, ରୂପକ ମହାନ୍ତି, ପିଥ ମୁର୍ମୁ, ଅମର ମହାନ୍ତ, ବେରେଲ୍ ସିର୍କା, ମାନସିଂ ସୋରେନ, ଧିରାଇ ସୋରେନ, ସେକ୍ ଇନ୍ତିକାବ, ଭାଗୀରଥି ପାତ୍ର, ଆଲୋକ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

କରଞ୍ଜିଆ : କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଓକିଲ ସଙ୍ଘ



ସଭାପତି ଆଇନଜୀବୀ ମଦନ ମୋହନ ମହାନ୍ତ ଏବଂ ଅଧ୍ୟକ୍ଷ ମନୋଜ କୁମାର ସାହୁ, ବରିଷ୍ଠ ରାଜନୀତି ଅଧ୍ୟାପକ ସୁଭାଷ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରାଧ୍ୟାପକ ଗୀତାଞ୍ଜଳି ବିର୍ଡ଼ିଆ ଅତିଥି ପରିଚୟ ଦେବା ସହିତ ଭାରତୀୟ ସମ୍ବିଧାନ ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ସେହିପରି କରଞ୍ଜିଆ କଂଗ୍ରେସ ତରଫରୁ ସମ୍ବିଧାନ ବଞ୍ଚାଓ ଏକ ରାଲି ବାହାରିଥିଲା। ଯୁବନେତା ସେକ ଜାକିରଙ୍କ ନେତୃତ୍ୱରେ ଏକ ସଚେତନତା ରାଲିର ଆୟୋଜନ ହୋଇଥିଲା। ସ୍ଥାନୀୟ ବଙ୍ଗଳାରେ କରଞ୍ଜିଆ କଂଗ୍ରେସ କମିଟିର ସଦସ୍ୟ ଓ ସଦସ୍ୟା ଏକତ୍ରିତ ହୋଇଥିଲେ। ସେଠାରୁ ଏକ ରାଲି ସହରରେ ଲୋକଙ୍କୁ ସମ୍ବିଧାନ ବିଷୟରେ ସଚେତନ କରାଯାଇଥିଲା। ରାଲିରେ ଶ୍ରମିକ ନେତା ଧରଣୀ ମହାନ୍ତ, ହରେକୃଷ୍ଣ ମହାନ୍ତ, ଛଟରାୟ ନାୟକ ଘନଶ୍ୟାମ ମହାନ୍ତ, ଲାଲନ ସିହ୍ନା, ଭାସ୍ୱତୀ ମହାନ୍ତ, ପିଙ୍କିଲ ନାୟକ, ସନତି ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

ରାଇରଙ୍ଗପୁର/ବିଜାତଳା : ବିଜାତଳା ବ୍ଲକ ଅନ୍ତର୍ଗତ ଲୁହାଶିଳା ଆର୍‌କେ ଜୁନିୟର କଲେଜରେ ୭୬ତମ ସମ୍ବିଧାନ ଦିବସ ଅଧ୍ୟକ୍ଷ କବି ସଂଗ୍ରାମ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ




ହୋଇଯାଇଛି। ଅଧ୍ୟାପକ ଅଜୟ କୁମାର ଗିରି ଯୋଗ ଦେଇ ସମ୍ବିଧାନର ଭିତ୍ତିଭୂମି ବିଷୟରେ ଛାତ୍ରଛାତ୍ରୀଙ୍କୁ ନିଜ ଅଭିଭାଷଣ ମାଧ୍ୟମରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶଶିକାନ୍ତ ନନ୍ଦ, ଅନୀଲ କୁମାର ଗିରି, ରୂପ ନାରାୟଣ ମାଝୀ, ରମାକାନ୍ତ ପାତ୍ର, ପ୍ରହ୍ଲାଦ ସ୍ୱାଇଁ, ଯୋଗେଶ୍ୱର ତୁଙ୍ଗ, ମାୟାଧର ସି ପ୍ରମୁଖ ଉପସ୍ଥିତ ଥିଲେ। ରାଧାନାଥ ଗିରି, ନନୀକାନ୍ତ ନନ୍ଦ, ଭଜହରି ମାଝି, ନନ୍ଦ କିଶୋର ହେମ୍ବ୍ରମ, ରାମଦାସ ମାଝି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ମୋରଡା, ୨୭।୧୧(ସମିସ): ମୋରଡ଼ା ବ୍ଲକ ଅଞ୍ଚଳରେ ବର୍ଷତମାମ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଗୁରୁବାର ସନ୍ଧ୍ୟାର ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଭାଲିଆପଦା ଗ୍ରାମର ବାଡୁ ମୁର୍ମୁ। ସୂଚନାଯୋଗ୍ୟ ଯେ ବାଡୁ ଗୁରୁବାର ସନ୍ଧ୍ୟା ସମୟରେ ସାଇକଲ ଯୋଗେ ଘରକୁ ଫେରୁଥିବା ସମୟରେ ପଳାଶମୁଣ୍ଡୁଳି ପଞ୍ଚାୟତର ରେଡ଼କ୍ରସ ଡାକ୍ତରଖାନା ନିକଟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ବାଡୁଙ୍କୁ କଚାଡି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## କଳାବିକାଶର କେନ୍ଦ୍ରର ବର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

ବେତନଟୀ, ୨୭।୧୧(ସମିସ): ବେତନଟୀ କଳାବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଭାପତି ବିଜୟ କୁମାର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରର ପ୍ରତିଷ୍ଠାତା କୈଳାକ ଅଗ୍ରୱାଲଙ୍କ ବିୟୋଗରେ ଏକ ଏକ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ସୁଶୀଲ କୁମାର ଘୋଷଙ୍କ ମଧ୍ୟ ଉତ୍ସବ ସମ୍ପର୍କରେ ବ୍ୟକ୍ତବ୍ୟ ରଖିଥିଲେ। ଆସନ୍ତା ଡିସେମ୍ବର ୬ ତାରିଖରେ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଗାମୀ ଡିସେମ୍ବର ୨୮ ତାରିଖରେ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଶେଷରେ ସଦସ୍ୟ ଈଶ୍ୱରଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ହାଇୱା ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ

**ଇବଥର୍ମାଲ, ୨୭।୧୧(ସମିସ):** ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅଧୀନ ତୁନତୁନ ଛକ ରେଙ୍ଗାଲି ରାସ୍ତା ତାଳବେର୍ଣ୍ଣା ନିକଟରେ ଏକ ହାଇୱା ଡ୍ରାଇଭରକୁ ଗତକାଲି ମରଣାନ୍ତକ ଆକ୍ରମଣ କରାଯିବା ଓ ପଥର ମାରି ହାଇୱା କାଚ ଭାଙ୍ଗିବା ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାରେ ବନହରପାଲି ପୁଲିସ ଆଜି ଜଣେ ନାବାଳକ ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ମାନେ ଟିକେଶ୍ୱର ମହାନନ୍ଦ (୨୨), ଲିପକ ରଣା (୨୨), ଦୀପକ ଭୋଇ (୧୯), ଅନିଲ ଛୁରିଆ (୨୩), କରୁଣାକର କଣ୍ଟା ଓରଫ ଟିଙ୍କୋଲି (୨୨) ଓ ଜଣେ ନାବାଳକ। ନାବାଳକ ନାମରେ ଆଗରୁ ଏକ ମାମଲା ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ। ସମସ୍ତ ଅଭିଯୁକ୍ତ କୁମ୍ଭାରବନ୍ଧ ଫାଣ୍ଡି ଅନ୍ତର୍ଗତ ତାଲବେର୍ଣ୍ଣା ଗାଁର ବୋଲି ଜଣା ପଡ଼ିଛି। ବୁଧବାର ପ୍ରାୟ ଦିନ ୨.୩୦ ବେଳକୁ ଅଭିଯୁକ୍ତ ୬ଜଣ ସାହାଜବାହାଲ ପଟୁ ରେଙ୍ଗାଲି ପଟେ ଯାଉଥିବା ଏକ ହାଇୱାକୁ ଅଟକ ରଖି ତାକୁ ଗାଳି ଗୁଲଜ କରୁଥିଲେ। ସେତିକି ବେଳେ ରେଙ୍ଗାଲି ପଟୁ ଏକ ଖାଲି ହାଇୱା ଓପିଜିସିର ପାଉଁଶ ପରିବହନ ସକାଶେ ତିଲିଆ ଆସପଣ୍ଡକୁ ଆସୁଥିଲା। ଯୁବକମାନେ ରାସ୍ତା ଅବରୋଧ କରିଥିବାରୁ ଡ୍ରାଇଭର ପ୍ରଦୀପ ସିଂହ ତା'ର ଖାଲି ଗାଡିକୁ ଛାଡିବାକୁ ହର୍ଣ୍ଣ ବଜାଇଥିଲା। ଏଥିରେ ଅଭିଯୁକ୍ତ ମାନେ ଉତକ୍ଷିପ୍ତ ହୋଇ ଅଟକ ରଖିଥିବା ହାଇୱାକୁ ଛାଡି ଖାଲି ଆସୁଥିବା ହାଇୱା ଉପରକୁ ପଥର ମାରିବା ଆରମ୍ଭ କରିଥିଲେ। ହାଇୱା କାଚ ଭାଙ୍ଗି ଡ୍ରାଇଭରକୁ ଟାଣି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ହାଇୱା ଚଳାଚଳର ସୁପରଭାଇଜର ପ୍ରବୀଣ ଶର୍ମା ଖବର ପାଇ ଡ୍ରାଇଭର ଶ୍ରୀ ସିଂହଙ୍କୁ ଇବଥର୍ମାଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୁଧବାର ରାତିରେ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବନହରପାଲି ପୁଲିସ ଏକ ମାମଲା ରୁଜୁ କରି ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ଆଜି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହାପରେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ୍ କରି ଆଜି ୫ ଜଣଙ୍କୁ ବିଭିନ୍ନ ଦଫାରେ ବିଚାର ବିଭାଗୀୟ ଅଦାଲତକୁ ପଠାଯାଇଛି। ତେବେ ନାବାଳକ ଜଣକୁ ରାଉରକେଲା ସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି ବୋଲି ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ କହିଛନ୍ତି। ଘଟଣାଟି ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଯୁବକମାନେ ଭାରୀଯାନକୁ ପଥରରେ ଆକ୍ରମଣ କରୁଥିବା ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି।




**ନାବାଳକ ସମେତ ୬ କୋର୍ଟ ଚାଲାଣ**

# ବିଇଓ ଅଫିସ ସହ ଦୁଇ ସ୍କୁଲରୁ ଚୋରି

## ସନ୍ଦେହ ଘେରରେ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଭୂମିକା

**ଦେବଗଡ଼, ୨୭।୧୧(ସମିସ)**

ତିଳେଇବଣି ଫାଣ୍ଡି ଅଧୀନ ତିଳେଇବଣି ବ୍ଲକ ମୁଖ୍ୟାଳୟ ସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ତିଳେଇବଣି ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟରେ ଚୋରି ହୋଇଥିବା ସୂଚନା ରହିଛି। ଗତକାଲି କୌଣସି ଦୁର୍ବୃତ୍ତ ତାଲା ଭାଙ୍ଗି ହାଇସ୍କୁଲର ଆଲମାରୀ ଭାଙ୍ଗିବା ସହ ନଗଦ ୩୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକେନ୍ଦ୍ରୀୟ ଛତ୍ରିଆ ତିଳେଇବଣି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗତକାଲି ରାତିରେ ତିଳେଇବଣି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସେହି ପରିସରରେ ଥିବା ହାଇସ୍କୁଲ ଓ ପ୍ରାଥମିକ ସ୍କୁଲର ତାଲା ଭଙ୍ଗା ଯାଇଥିଲା। ଏନେଇ ଆଜି ଜଣା ପଡ଼ିବା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବ୍ଲକ ଶିକ୍ଷା ଅଧିକାରୀ ଆସି ଯାଞ୍ଚ କରିଥିଲେ। ଏଥିରେ ସ୍କୁଲ କାର୍ଯ୍ୟାଳୟ ମଧ୍ୟରେ ଥିବା ଆଲମାରୀରୁ ନଗଦ ୩୦ ହଜାର ଟଙ୍କା, ୨ଟି ପେଣ୍ଡ୍ରାଇଭ ଓ ସ୍କୁଲର ଚାବିଗୁଚ୍ଛ ଚୋରି ହୋଇଥିବା ଜଣାପଡ଼ିଥିଲା। ଏହାପରେ ବ୍ଲକ ଶିକ୍ଷା ଅଧିକାରୀ ଏସମ୍ପର୍କରେ ତିଳେଇବଣି ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ତେବେ ସ୍କୁଲ ଆଲମାରୀରେ ୩୦ ହଜାର ନଗଦ ଟଙ୍କା କିଏ ଓ କେଉଁ ଉଦ୍ଦେଶ୍ୟରେ ରଖିଥିଲା ତାହା ତଦନ୍ତ ସାପେକ୍ଷ। ଅନ୍ୟ ପକ୍ଷରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ କେତେବେଳ ସ୍କୁଲ ଡେଭଲପମେଣ୍ଟ ପାଣ୍ଠିର ଅର୍ଥ ବୋଲି କହୁଥିବା ବେଳେ କେତେବେଳେ ପିଲାଙ୍କ ଫର୍ମ ଫିଲପ୍ ଟଙ୍କା ବୋଲି ଭିନ୍ନଭିନ୍ନ ଉତ୍ତର ଦେଇଚନ୍ତି। ତେଣୁ ପ୍ରଧାନଶିକ୍ଷକଙ୍କ ଭୂମିକା ସନ୍ଦେହଜନକ ହୋଇଛି। ଯଦି ବାସ୍ତବିକ ଚୋର ଚୋରି ପାଇଁ ଆସିଥିଲା ତେବେ କାର୍ଯ୍ୟାଳୟ ତାଲା ଭାଙ୍ଗିଥିଲେ ମଧ୍ୟ କୌଣସି ସାମଗ୍ରୀ ଚୋରି କରିଲା ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି। ପ୍ରାଥମିକ ବିଦ୍ୟାଳୟରେ ତାଲା ଭାଙ୍ଗି ଥିଲେ ମଧ୍ୟ ସେଠାରୁ କିଛି ଚୋରି ନ ହେବା ଏବଂ ହାଇସ୍କୁଲ ଆଲମାରୀରେ ୩୦ ହଜାର ଟଙ୍କା ଥିବା ଦୁର୍ବୃତ୍ତ ଜାଣିଲା କିପରି ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେହିପରି ଚୋରି ହୋଇଥିଲେ ମଧ୍ୟ ପ୍ରଧାନଶିକ୍ଷକ ନିଜେ ଥାନାରେ ଅଭିଯୋଗ ନକରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଥାନାରେ ଅଭିଯୋଗ ପାଇଁ କାହିଁକି ପ୍ରବର୍ତ୍ତାଇଲେ ଏହା ତଦନ୍ତ ସାପେକ୍ଷ। ଶିକ୍ଷାନୁଷ୍ଠାନରେ ଏପରି ଏକାଠି ଚୋରି ଅଭିଯୋଗ ପୁଲିସକୁ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ହୋଇଥିବା ଦେଖିବାକୁ ମିଳିଛି।



# ଚତୁର୍ଥ ଦିନରେ ଓଏଭି ଶିକ୍ଷକଙ୍କ ଆନ୍ଦୋଳନ



**ଦେବଗଡ଼, ୨୭।୧୧(ସମିସ):** ୧୩ ଦଫା ଦାବି ନେଇ ଗତ ୨୪ ତାରିଖ ଠାରୁ ଦେବଗଡ଼ ଜିଲ୍ଲାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ କଳାବ୍ୟାଜ ପରିଧାନ ପୂର୍ବକ ଶାନ୍ତିପୂର୍ଣ୍ଣ ଧାରଣା ଗୁରୁବାର ଚତୁର୍ଥ ଦିବସରେ ପହଞ୍ଚିଛି। ଅନ୍ୟପକ୍ଷରେ ସଂଘର ଦାବି ଗୁଡିକ ଯଦି ଯଥା ଶୀଘ୍ର ପୂରଣ ନହୁଏ ତେବେ ଆଗାମୀ ଡିସେମ୍ବର ୮ ତାରିଖରେ ଆନ୍ଦୋଳନ ପାଇଁ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘର ରାଜ୍ୟ ସଭାପତି ରିପୁଦମନ ମିଶ୍ର ଓ ସମ୍ପାଦକ ଶୁଭାଶିଷ ଦାସ ଚେତାବନୀ ଦେଇଛନ୍ତି। ନିଟ୍ ଏବଂ ଜେଇଇ ପରୀକ୍ଷାରେ ସେମାନଙ୍କ ପାଇଁ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ, ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା ପାଇଁ ଅନୁମତି ପ୍ରଦାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀ ମାନଙ୍କୁ ପୂର୍ଣ୍ଣ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ୟୁନିଫର୍ମ କ୍ୟାଡର ମାନ୍ୟତା ପ୍ରଦାନ, ଶାରୀରିକ ଶିକ୍ଷା ଶିକ୍ଷକ ଓ କମ୍ପ୍ୟୁଟର ଶିକ୍ଷକ ମାନଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪୬୦୦ ଗ୍ରେଡପେ ପ୍ରଦାନ, ଆଟ୍‌ର୍ସ୍ ଷ୍ଟ୍ରିମ ଖୋଲିବା, ହିନ୍ଦୀ, ଓଡ଼ିଆ ଓ ସଂସ୍କୃତ ବିଷୟ ପାଇଁ ପିଜିଟି ପଦବୀ ସୃଷ୍ଟି କରିବା, ଆର୍ଟ ଶିକ୍ଷକଙ୍କୁ ଟିଜିଟି ମାନ୍ୟତା ପ୍ରଦାନ, ପ୍ରିନ୍ସିପାଲ ମାନଙ୍କ ଗ୍ରେଡ ପେ ସଂଶୋଧନ, କିରାଣୀ ମାନଙ୍କ ନିଯୁକ୍ତିକୁ ନିୟମିତ କରିବା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀ ମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ଆଦି ଦାବି ମାନ ରହିଛି। ଦେବଗଡ଼ ଜିଲ୍ଲାରେ ଥିବା ୩ଟି ଯାକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀ ମାନେ ଗତ ୨୪ ତାରିଖରୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି।

# ଅର୍ଦ୍ଧ ନିର୍ମିତ କଳା ପରିଷଦ ଗୃହର ପୁନରୁଦ୍ଧାର ଦାବି

**ଦେବଗଡ଼, ୨୭।୧୧(ସମିସ):** ଦେବଗଡ଼ ପୌରାଞ୍ଚଳ କେନ୍ଦ୍ରସ୍ଥଳରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିଥିବା କଳା ପରିଷଦ ଗୃହର ନିର୍ମାଣ କାର୍ଯ୍ୟ ଶେଷ କରିବା ତଥା ଏହାର ପୁନରୁଦ୍ଧାର ପାଇଁ ଦାବି ଉଠିଛି। ଜିଲ୍ଲାର ବିଭିନ୍ନ ସାହିତ୍ୟିକ, ସାଂସ୍କୃତିକ ଏବଂ ନାଗରିକ ଅନୁଷ୍ଠାନ ସମେତ ବହୁ କଳାକାରଙ୍କ ପକ୍ଷରୁ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ନିକଟରେ ଏହି ଦାବି କରାଯାଇଛି। ଗୁରୁବାର ସ୍ୱନାମଧନ୍ୟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ମାର୍କଣ୍ଡେଶ୍ୱର ଶତପଥୀ (ସଂଯୋଜକ) ସାଂସ୍କୃତିକ ଅନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ', 'କଳିକା', 'ବାମଣ୍ଡା କଳାକାର ସଂଘ' ସାହିତ୍ୟାନୁଷ୍ଠାନ, ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ, ବାମଣ୍ଡା ସାହିତ୍ୟ ସଂସଦ ଓ ନାଗରିକ ଅନୁଷ୍ଠାନ 'ଜିଲ୍ଲା ବରିଷ୍ଠ ନାଗରିକ ଫୋରମ' ପକ୍ଷରୁ ପ୍ରତିନିଧିତ୍ୱ କରି ପୌର ପରିଷଦ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜଙ୍କୁ ସାକ୍ଷାତ କରି ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ସ୍ମାରକପତ୍ରର ନକଲ ଦେବଗଡ଼ ଜିଲ୍ଲାପାଳ ଓ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି। କଳା ସଂସ୍କୃତି ଓ କଳାକାର ମାନଙ୍କର ବିକାଶ ନିମନ୍ତେ ପ୍ରାକ୍ତନ ବାମଣ୍ଡା ରାଜ୍ୟର ରାଜଧାନୀ ଦେବଗଡ଼ ପୌରାଞ୍ଚଳ (ବର୍ତ୍ତମାନର ଜିଲ୍ଲା ସଦର ମହକୁମା)ର କେନ୍ଦ୍ରସ୍ଥଳରେ ଜିଲ୍ଲାରେ ୧୯୬୩ ମସିହାରେ କଳାକାର ଓ ପୌର ପରିଷଦର ସହଯୋଗରେ ସରକାରଙ୍କ ଦ୍ୱାରା ଏକ କଳାପରିଷଦ ଗୃହ ନିର୍ମିତ ହୋଇଥିଲା। ସେଠାରେ ବର୍ଷସାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ବିଭିନ୍ନ ନାଟ୍ୟାନୁଷ୍ଠାନ ଓ ମଞ୍ଚ କଳାକାର ମାନେ ଉପକୃତ ହେବା ସହ ରାଜ୍ୟ ତଥା ରାଜ୍ୟ ବାହାରେ ଖ୍ୟାତି ଅର୍ଜନ କରୁଥିଲେ। ମାତ୍ର କାଳକ୍ରମେ କଳା ପରିଷଦ ଗୃହଟି ଜରାଜୀର୍ଣ୍ଣ ହୋଇପଡ଼ିବା ସହ ବ୍ୟବହାର ଅନୁପଯୋଗୀ ହୋଇଛି। ତେବେ ଏହାର ପୁନରୁଦ୍ଧାର ନିମନ୍ତେ ଜିଲ୍ଲାର ସଂସ୍କୃତି ପ୍ରେମୀ ଜନସାଧାରଣ ଓ ମଞ୍ଚ କଳାକାରଙ୍କ ଦ୍ୱାରା ଦାବି ହେବାରୁ ତତ୍କାଳୀନ ଜିଲ୍ଲାପାଳ ପୌର ପରିଷଦକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିଲେ। ୨୦୧୪-୧୫ ଆର୍ଥିକ ବର୍ଷରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କୌଣସି କାରଣ ବଶତଃ ପୁନରୁଦ୍ଧର କାର୍ଯ୍ୟ ଅଧାରେ ପଡ଼ି ରହିଥିଲା। ପୁଣିଥରେ ୨୦୧୭-୧୮ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏଯାଏଁ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ କଳାକାର ଏବଂ ସାଂସ୍କୃତିକ ଅନୁଷ୍ଠାନ ଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହେବାସହ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୌର ପରିଷଦ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ସମ୍ପ୍ରତି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୌର ସଂସ୍ଥାକୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଥିବା ସ୍ଥଳେ ପୌର ପରିଷଦ କର୍ତ୍ତୃପକ୍ଷ ଅବିଳମ୍ବେ କଳାପରିଷଦ ଗୃହର ପୁନରୁଦ୍ଧାର ପୂର୍ବକ ଜିଲ୍ଲାର କଳା ସଂସ୍କୃତି ଓ କଳାକାର ମାନଙ୍କୁ ଉତ୍ସାହିତ କରିବାକୁ ଉପରୋକ୍ତ ସ୍ମାରକପତ୍ର ମାଧ୍ୟମରେ ଦାବି କରାଯାଇଛି।

# ୪ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟକଲା ପୁଲିସ

**ଝାରସୁଗୁଡ଼ା, ୨୭।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ଅବୈଧ ଦେଶୀ ମଦ ପ୍ରସ୍ତୁତି ବିରୋଧରେ ପୁଲିସ ପ୍ରଶାସନର କଠୋର ଅଭିଯାନ ଜାରି ରହିଛି। ରେଙ୍ଗାଲି ଥାନା ଅଧୀନ ଲିମଡିହି ଜଙ୍ଗଲରେ ବେଆଇନ ଦେଶୀ ମଦ ପ୍ରସ୍ତୁତ ପାଇଁ ମହୁଲ ପୋଚ ରଖିଥିବା ସ୍ଥାନରେ ରେଙ୍ଗାଲି ଥାନା ପୁଲିସ ପକ୍ଷରୁ ବୁଧବାର ଚଢ଼ଉ କରାଯାଇଛି। ଏଥିରେ ପ୍ରାୟ ୪ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ କରାଯାଇଛି। ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ପୁଲିସ ଟିମ ଅଚାନକ ଚଢ଼ଉ କରି ଅତାବିରା ପଞ୍ଚାୟତ ଅନ୍ତର୍ଗତ ଲିମଡିହି ଜଙ୍ଗଲ ଅଞ୍ଚଳରେ ଦେଶୀ ମଦ ପ୍ରସ୍ତୁତ ପାଇଁ ରହିଥିବା ପ୍ରାୟ ୪ କ୍ୱିଣ୍ଟାଲ ମହୁଲ ପୋଚକୁ ନଷ୍ଟ କରିଛି। ଦେଶୀ ମଦ ତିଆରି କାରବାରରେ ଜଡିତ ଥିବା ଲୋକ ମାନଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଏପରି ଦେଶୀ ମଦ ପ୍ରସ୍ତୁତି ରୋକିବା ପାଇଁ ଅଭିଯାନକୁ ଆହୁରି ତୀବ୍ର କରାଯିବ ବୋଲି ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ କରିଛନ୍ତି।



**ପ୍ରଧାନ୍‌ପାଟ୍ କପ୍ ଫୁଟବଲ ପ୍ରତିଯୋଗିତା**

# ବରଗଡ଼ ୟୁନାଇଟେଡକୁ ହରାଇ ରାଉରକେଲା ୧୫ ବିଜୟୀ



**ଦେବଗଡ଼, ୨୭।୧୧(ସମିସ):** ପ୍ରଧାନପାଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଗତ ୨୪ ତାରିଖ ଠାରୁ ଆରମ୍ଭ ହୋଇଥିବା ୭ମ ସର୍ବଭାରତୀୟ ପ୍ରଧାନ୍‌ପାଟ୍ କପ୍ ଫୁଟବଲ ପ୍ରତିଯୋଗିତାର ଚତୁର୍ଥ ଦିବସ ମ୍ୟାଚ୍‌ରେ ଗୁରୁବାର ବରଗଡ଼ର ୟୁନାଇଟେଡ କ୍ଲବ୍‌କୁ ୨-୧ ଗୋଲରେ ପରାସ୍ତ କରି ରାଉରକେଲା ୧୫ ଫୁଟବଲ କ୍ଲବ୍ ବିଜୟୀ ହୋଇଛି। ଆଜିର ମ୍ୟାଚ୍‌କୁ ରେଫରୀ ଭାବେ ରାଜ ମଣ୍ଡଳ, ସୁକାନ୍ତ କିଷାନ, ସୌରଭ ନାୟକ ଓ ଜିତୁ ପାତ୍ର ପରିଚାଳନା କରିଥିଲେ। ହେମନ୍ତ ମହାପାତ୍ର ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ବେଣୁଧର ଗଡ଼ନାୟକ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରାଉରକେଲା ୧୫ କ୍ଲବ୍‌ର ଖେଳାଳି ସୋନମଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନପାଟ କ୍ଲବ୍‌ର ସଭାପତି ବିକାଶ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଖେଳକୁ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ସୁଧାଂଶୁ କପରଦାର, ପ୍ରାକ୍ତନ ଫୁଟବଲ ଖେଳାଳି ନେତ୍ରାନନ୍ଦ ମହାକୁଳ, ବିଜେଡି ନଗର ସଭାପତି ଚନ୍ଦ୍ର ଶେଖର ଭୁକ୍ତା, ଜିଲା ବିଜେଡି ସାମାଜିକ ଗଣମାଧ୍ୟମ ସଂଯୋଜକ ଶୁକଦେବ ଭଞ୍ଜ, ପାଳଲହଡାର ବିଷ୍ଣୁ ପ୍ରସାଦ ଦାଶ ଓ ପ୍ରଶାନ୍ତ ପ୍ରମୁଖ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଶେଷରେ କ୍ଲବ୍‌ର ସମ୍ପାଦକ ସଞ୍ଜୀବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତାକାଲି ସମ୍ବଲପୁର ଫୁଟବଲ କ୍ଲବ୍ ଓ ବିହାରର ବକ୍ସର ଫୁଟବଲ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି।

# ଭାରତୀୟ ମାନବୀୟ ଅଧିକାର ପରିଷଦର ସାଧାରଣ ବୈଠକ

**ଝାରସୁଗୁଡ଼ା/କିର୍ମିରା, ୨୭।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ଠାରେ ଭାରତୀୟ ମାନବୀୟ ଅଧିକାର ପରିଷଦ ତରଫରୁ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରିଷଦର ଷ୍ଟେଟ ଲେଗାଲ ଆଡଭାଇଜର ଅଶୋକ ମଲ୍ଲିକ, ସମ୍ମାନୀୟ ଅତିଥି ସମ୍ବଲପୁର ଆଡଭାଇଜର ବିମଳ ମେହେର, ଝାରସୁଗୁଡ଼ା ଜିଲ୍ଲା ସଭାପତି ଧନଞ୍ଜୟ, ଜିଲ୍ଲା ଆଡଭାଇଜର ତୀର୍ଥବାସୀ ମୁଣ୍ଡା ଓ ହେମନ୍ତ ମୁଣ୍ଡା, ଫରେନ ମୁଣ୍ଡା ଓ ମାତାନ ବାବା, ମହିଳା ସେଲ ସଭାପତି ତପସ୍ୱିନୀ ମୁଣ୍ଡା, ଜିଲ୍ଲା ଉପସଭାପତି ଲକ୍ଷ୍ମଣ ତାଣ୍ଡିଆ, ଜିଲ୍ଲା କୋର୍ଡିନେଟର ରବି ରାଉତ, ଜିଲ୍ଲା ଇନଚାର୍ଜ ସୁରଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଲୋକଙ୍କ ସ୍ୱାଧୀନ ଚିନ୍ତା ସହ ସ୍ୱାଧୀନ ମତ ପ୍ରକାଶ କରିବା ଓ ଅନ୍ୟର ମତାମତ ପ୍ରତି ସମ୍ମାନ କରିବା, ସ୍ୱାର୍ଥ ଅହଙ୍କାର ଓ କ୍ଷମତାର ବଶବର୍ତ୍ତୀ ହୋଇ ଅନ୍ୟର କ୍ଷତି ନ ଘଟାଇବା ଏବଂ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା, ଦୁଃଖି, ଗରିବ ଓ ନିରୀହ ଲୋକଙ୍କ ପ୍ରତି ସହାନୁଭୁତି ପ୍ରଦର୍ଶନ କରିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହା ସହିତ ଗାଁ ତଥା ଅଞ୍ଚଳର ସମସ୍ୟା ପ୍ରତି ଗୁରୁତ୍ୱ ଦିଆ ଯାଇଥିଲା। କାର୍ଯ୍ୟକ୍ରମକୁ ଲକ୍ଷ୍ମଣ ତାଣ୍ଡିଆ ପରିଚାଳନା କରିଥିବା ବେଳେ ରାଜାରାମ ଗର୍ଡ଼ିଆ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଦ୍ୱାରା ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ଦେବଗଡ଼, ୨୭।୧୧(ସମିସ):** ବାବୁ ସାହି ନିକଟସ୍ଥ ସ୍ୱୋର୍ଡ ଦକ୍ଷତା ବିକାଶ କେନ୍ଦ୍ର ଠାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ନୂଆ ଓଡ଼ିଶା ଯୋଜନାରେ ପ୍ରଦତ୍ତ ଭିନ୍ନକ୍ଷମ ଯୁବତୀ ଯୁବକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିଯୁକ୍ତି ଭିତ୍ତିକ ତାଲିମ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ କେରୋଜା ଦୋରାଙ୍କ ଆବାହକତ୍ୱ କ୍ରମେ ମୁଖ୍ୟ ଅତିଥି ଜିଲ୍ଲାପାଳ କବିନ୍ଦ୍ର ସାହୁ ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।ଏହା ସହ ପ୍ରଶିକ୍ଷାର୍ଥୀ ମାନଙ୍କୁ ୟୁନିଫର୍ମ ଏବଂ ପାଠ୍ୟପୁସ୍ତିକା ବିତରଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଶ୍ରୀ ଦୋରା ସରକାରଙ୍କ ଏହି ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି ପ୍ରଶିକ୍ଷାର୍ଥୀ ମାନଙ୍କୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଥି ସହିତ ଅତିଥି ମାନେ ଉପସ୍ଥିତ ୩୦ ଜଣ ପ୍ରଶିକ୍ଷାର୍ଥୀ ମାନଙ୍କୁ ୟୁନିଫର୍ମ ଏବଂ ପାଠ୍ୟପୁସ୍ତକ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସନ୍ତୋଷ ସ୍ୱାଇଁ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରକଳ୍ପ ମୁଖ୍ୟ ଦୀପ୍ତି ଦାଶ, ନମ୍ରତା ସାହୁ ତଥା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ଭିକମପାଲି ଛକ**

# ଟ୍ରାଫିକ ଅବ୍ୟବସ୍ଥାରୁ ବଢୁଛି ଦୁର୍ଘଟଣା

**ଝାରସୁଗୁଡ଼ା, ୨୭।୧୧(ସମିସ)**

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ଜାତୀୟ ରାଜପଥ ୪୯ର ଭିକମପାଲି ଛକ ହେଉଛି ଅଞ୍ଚଳର ଏକ ପ୍ରମୁଖ ଛକ। ଭିକମପାଲି ଛକରେ ଟ୍ରାଫିକ ବ୍ୟବସ୍ଥା ଗୁରୁତର ଭାବେ ଅବ୍ୟବସ୍ଥିତ ରହିଥିବାରୁ ଲୋକଙ୍କ ପାଇଁ ଦିନକୁ ଦିନ ସମସ୍ୟା ବଢୁଥିବା ବେଳେ ପ୍ରାୟତଃ ଛୋଟବଡ ଦୁର୍ଘଟଣା ହେଉଥିବା ପରିଲକ୍ଷିତ ହେଉଛି। ଏନଏଚ ୪୯ ଭିକମପାଲି ଛକ ଗ୍ରାମ୍ୟ ସଂଯୋଗ ସ୍ଥଳ ହେବା ସହ ପ୍ରତ୍ୟହ ଶତାଧିକ ଯାନବାହନ ଯାତାୟାତ କରୁଛି। ହେଲେ ଟ୍ରାଫିକ ସିଗ୍ନାଲ, ସାଇନ ବୋର୍ଡ, ଜେବ୍ରା କ୍ରସିଂ ଆଦି ନ ଥିବାରୁ ପରିସ୍ଥିତି ଦିନକୁ ଦିନ ଅସମ୍ଭାଳ ହେଉଛି। ଛକର ଅନତି ଦୂରରେ ନାମକୁ ମାତ୍ର ଏକ ଗତି ଅବରୋଧ ଦିଆଯାଇଛି। କିନ୍ତୁ ତାହା କୌଣସି କାର୍ଯ୍ୟରେ ଆସୁନଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏନଏଚ୪୯ର ଏହି ଛକ ଝାରସୁଗଡ଼ାକୁ ଛତିଶଗଡ଼ ସହ ଯୋଡୁଥିବା ମୁଖ୍ୟ ରାସ୍ତା। ଉତ୍ତର ପଟରେ ଅତାବିରା ପଞ୍ଚାୟତ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ପଡୋଶୀ ସୁନ୍ଦରଗଡ଼ ଓ ଛତିଶଗଡ଼ର ରାୟଗଡ଼ ଜିଲ୍ଲାକୁ ଏବଂ ଦକ୍ଷିଣ ପଟେ ଭିକମପାଲି ବସ୍ତି, ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ସହ କପିଳାପୁର, ପୁଝାରିପାଲି, ଛୁଇପାଲି ଗାଁ ରହିଛି। ଉଭୟ ଅଞ୍ଚଳରୁ ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଯାତାୟାତ କରୁଛନ୍ତି। ମାତ୍ର ରାଜପଥକୁ ଉଠିବା ପରେ ସାମାନ୍ୟ ଅସାବଧାନ ହେଲେ ସିଧାସଳଖ ଦ୍ରୁତଗାମୀ ବାହନ ସହିତ ଧକ୍କା ହୋଇ ଦୁର୍ଘଟନା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ବ୍ୟତୀତ ରାସ୍ତା ପାରି ହେବା ସମୟରେ ଏହି ସ୍ଥାନରେ ଅନେକ ଥର ଛୋଟବଡ ଘଟଣା ହେଉଥିବା ଦେଖାଦେଉଛି। ତଥାପି ଏପର୍ଯ୍ୟନ୍ତ ପ୍ରଶାସନ କିମ୍ବା ରାଜପଥ ବିଭାଗ ପକ୍ଷରୁ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉ ନଥିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଏହି ଛକରେ କୌଣସି ବଡ ଧରଣର ଦୁର୍ଘଟଣା ଘଟିବା ପୂର୍ବରୁ ଯଥାଶୀଘ୍ର ଟ୍ରାଫିକ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।



# ସ୍କୁଲ ନିକଟରେ ବିପଦ ସଂକୁଳ ଲୁହାଖୁଣ୍ଟ

**ଝାରସୁଗୁଡ଼ା, ୨୭।୧୧ (ସମିସ):** ଝାରସୁଗୁଡ଼ା ବ୍ରଜରାଜନଗର ଏମ୍‌ସିଏଲ୍ ଇବ ଭ୍ୟାଲି ଜିଏମ କମ୍ପ୍ଲେକ୍ସ ଡିଏଭି ସ୍କୁଲ ନିକଟରେ ଥିବା ସୁରକ୍ଷା ପୋଷ୍ଟ ବୁମ ବ୍ୟାରିଅରର ଲୁହା ଭାଙ୍ଗି ଖୁଣ୍ଟରେ ଲାଗି ରହିଛି। ଏହି ତୀକ୍ଷ୍ଣ ଲୁହା ଖଣ୍ଡଟି ରାସ୍ତାଦେଇ ଗମନାଗମନ କରୁଥିବା ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ପ୍ରତିଦିନ ଅଭିଭାବକ ଏହିରାସ୍ତାରେ ପିଲାଙ୍କୁ ସ୍କୁଲ ନବାଆଣିବା କରିଥାନ୍ତି। ଛାତ୍ରଛାତ୍ରୀ ସ୍କୁଲ ମୁଖ୍ୟ ଗେଟରୁ ଚାଲିକି ଯିବା ଆସିବା କରିଥାନ୍ତି। ସକାଳେ ଓ ସ୍କୁଲ ଛୁଟି ସମୟରେ ରାସ୍ତାରେ ଭିଡ଼ ଲାଗି ରହିଥାଏ। କଲୋନୀବାସୀ ଓ କୋଇଲା ଖଣି କର୍ମଚାରୀ ମଧ୍ୟ ଏହିରାସ୍ତା ଦେଇ ଯାତାୟତ କରିଥାନ୍ତି। ସାମାନ୍ୟ ଅସାବଧାନ ହେଲେ ତୀକ୍ଷ୍ଣ ଲୁହା ଖଣ୍ଡ ଯୋଗୁଁ ଧନ ଜୀବନ ହାନି ହେବାର ଆଶଙ୍କା ରହିଛି। ଦୈନିକ କୋଇଲା ଖଣି କର୍ତ୍ତୃପକ୍ଷ ଓ କଲୋନୀ ବାସିନ୍ଦା ମଧ୍ୟ ଏହି ବାଟ ଦେଇ ଯାଉଥିଲେ ସୁଦ୍ଧା ଲୁହା ଖଣ୍ଡ କାହାର ଦୃଷ୍ଟିଗୋଚର ନହେବା ଆଶ୍ଚର୍ଯ୍ୟର ବିଷୟ ହୋଇଛି। ଅଘଟଣ ଘଟିବା ପୂର୍ବରୁ ଲୁହା ଖଣ୍ଡକୁ ହଟାଇବା ପାଇଁ ଅଭିଭାବକ ଓ ଜନସାଧାରଣ ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ତୁରନ୍ତ ଏହାକୁ ହଟା ନଗଲେ ବଡ଼ ଦୁର୍ଘଟଣା ଘଟିବାର ପ୍ରବଳ ସମ୍ଭାବନା ରହିଛି।



### ପ୍ରସ୍ତୁତ ଡିପିଆରକୁ ମଞ୍ଜୁରୀ ଦେଲେ ଓଡ଼ିଶା ସରକାର

# ନୂଆ ରୂପ ନେବ ଦେବ୍ରିଗଡ଼ ଅଭୟାରଣ୍ୟ

**ସମ୍ବଲପୁର, ୨୭।୧୧(ସମିସ)**

ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏକ ଆନ୍ତର୍ଜାତୀୟ ଇକୋଟୁରିଜିମ୍ ଡେଷ୍ଟିନେସନ୍ ଭାବରେ ବିକଶିତ କରାଯିବ। ଏଥିପାଇଁ ରାଜ୍ୟ ଜଙ୍ଗଲ ବିଭାଗ ପ୍ରାୟ ୭୧.୧୯ କୋଟି ଟଙ୍କା ମୂଲ୍ୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍)କୁ ମଞ୍ଜୁରୀ ଦେଇଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଏହି ନିଷ୍ପତ୍ତି ଦେବ୍ରିଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ଦେବା ସହିତ ବନ୍ୟଜନ୍ତୁ ସଂରକ୍ଷଣରେ ସହାୟକ ହେବ। ଏହି ଇକୋଟୁରିଜିମ୍ ପ୍ରକଳ୍ପ ସ୍ଥାନୀୟ ନିଯୁକ୍ତି ଏବଂ ପର୍ଯ୍ୟଟନକୁ ବଡ଼ ଗତି ଦେବ। ଅପରପକ୍ଷରେ ଅଭୟାରଣ୍ୟର ପ୍ରାୟ ୧୦୦ କିଲୋମିଟର ପରିସୀମା ଚାରିପାଖରେ ବାଡ଼ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବରେ ଅତିରିକ୍ତ ପ୍ରାୟ ୧୪.୧୮ କୋଟି ଟଙ୍କା ପାଣ୍ଠି ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରାଶିକୁ କାମ୍ପା କିମ୍ବା ଅନ୍ୟାନ୍ୟ ରାଜ୍ୟ ସରକାରୀ ପାଣ୍ଠି ମାଧ୍ୟମରେ ଯୋଗାଇବା ପାଇଁ ପରାମର୍ଶ ଦିଆଯାଇଛି। ଏହି ବାଡ଼ ନିର୍ମାଣ ଦ୍ୱାରା ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ସଂଘର୍ଷ ହ୍ରାସ ହୋଇପାରିବ। ସମ୍ପୃକ୍ତ ବିଭାଗକୁ ତୁରନ୍ତ ଏହି ଡିପିଆର ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକଳ୍ପ ଦେବ୍ରିଗଡ଼ରେ ଇକୋଟୁରିଜିମ୍ ଭିତ୍ତିଭୂମିର ବିକାଶ କରିବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷାକୁ ବଳିଷ୍ଠ କରିବ ବୋଲି ଆଶା ରହିଛି।

**ଅନ୍ତର୍ଜାତୀୟ ଇକୋଟୁରିଜିମ୍ ପାଇଁ ଖର୍ଚ୍ଚ ହେବ ୭୧ କୋଟି**

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଜଙ୍ଗଲମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଧନ୍ୟବାଦ**

# ଜିଏମ୍ୟୁ ପାଇଲା ନାକ୍ 'ଏ'ଗ୍ରେଡ ମାନ୍ୟତା

### ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଆଉ ଏକ ଉପଲବ୍ଧି

**ସମ୍ବଲପୁର, ୨୭।୧୧(ସମିସ):** ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ସମ୍ବଲପୁର ପାଇଁ ଆଉ ଏକ ଉପଲବ୍ଧି। ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ନାକ-ଏ ଗ୍ରେଡ ମାନ୍ୟତା ମିଳିଛି। ୨୦୧୫ରେ ଗଙ୍ଗାଧର ମେହେର ଅଟୋନୋମସ କଲେଜକୁ ନାକ ଏ'ଗ୍ରେଡ ମାନ୍ୟତା ମିଳିଥିଲା। ପରେ ଗଙ୍ଗାଧର ମେହେର ଅଟୋନୋମସ କଲେଜ ୟୁନାଟାରୀ ୟୁନିଭର୍ସିଟି ହୋଇଥିଲା। ନାକ୍ ଟିମ୍ ଜାନୁଆରୀ (୨୩-୨୫) ୨୦୨୫ରେ କଲେଜ ପରିଦର୍ଶନ କରିଥିଲେ।ପୁଣି ଦ୍ୱିତୀୟ ଥର ପାଇଁ ମେ ମାସ ୨୮-୩୦ ତାରିଖରେ ଆସିଥିଲେ। ସେତେବେଳେ ବି++ ଗ୍ରେଡ ଦେଇଥିଲେ। ଜୁନ ରେ ୨.୮୭ ସ୍କୋର ରହିଥିଲା। ଏହି ମାନ୍ୟତା ମିଳିବା ପରେ ସମ୍ବଲପୁବାସୀ କଥା କଲେଜ ଛାତ୍ରଛାତ୍ରୀ ନିରାଶ ହୋଇଥିଲେ। ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜର ସମସ୍ତ ତଥ୍ୟା ଅଗଷ୍ଟ ମାସରେ ଦେଇଥିଲେ। ଏଥିପାଇଁ ଆଜି ନାକ ଟିମ୍ ୪ରୁ ୩.୦୬ ସ୍କୋର ପ୍ରଦାନ କରିବା ସହ ଏ'ଗ୍ରେଡ ମାନ୍ୟତା ଦେଇଛନ୍ତି। ଏହି ଖବର ଅନୁଷ୍ଠାନର ଛାତ୍ରଛାତ୍ରୀ, କର୍ତ୍ତୃପକ୍ଷ ଓ ସମ୍ବଲପୁବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।




# ମହିଳା ମହାବିଦ୍ୟାଳୟରେ ସଡ଼କ ନିରାପତ୍ତା ସପ୍ତାହ



**ସମ୍ବଲପୁର, ୨୭।୧୧(ସମିସ):** ସଡକ ନିରାପତ୍ତା ସପ୍ତାହ ଉପଲକ୍ଷେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ହୋପ ସ୍କୋପ ଡ୍ରାଇଭିଂ ତାଲିମ କେନ୍ଦ୍ରର ସହଭାଗିତାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ସନ୍ଧ୍ୟାମୟୀ ସାହୁ, ସମ୍ବଲପୁର ଟ୍ରାଫିକ୍ ଅଧିକାରୀ ସତୀଶ କୁମାର ପାଢ଼ୀ, ହୋପ ସ୍କୋପର ସହ ପ୍ରବନ୍ଧକ ମନୋରଞ୍ଜନ ପ୍ରଧାନ ଏବଂ ସମ୍ପାଦିକା ଅର୍ଚ୍ଚନା ବେହେରା ଶିବିରରେ ଯୋଗଦାନ କରିଥିଲେ। ପ୍ରଫେସର ଭୋଇ ଦୁର୍ଘଟଣା ଜନିତ ମୃତ୍ୟୁର ପରିସଂଖ୍ୟାନ ଉପସ୍ଥାପନ କରି ଉଦବେଗ ପ୍ରକାଶ କରି କହିଥିଲେ ଯେ କିଶୋର ତଥା ଯୁବକମାନେ ସଚେତନ ନ ହେଲେ ଦୁର୍ଘଟଣାହାର ହ୍ରାସ ସମ୍ଭବ ନୁହେଁ। ଶ୍ରୀ ପାଢ଼ୀ ଟ୍ରାଫିକ୍ ନିୟମର ବିଭିନ୍ନ ଦିଗ ଉପରେ ଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲା। ସୁଶ୍ରୀ ବେହେରା ଛାତ୍ରୀଙ୍କ ଡ୍ରାଇଭିଂ ତାଲିମ୍ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ସଭାର ପ୍ରାରମ୍ଭରେ ସମସ୍ତେ ସଡ଼କ ସୁରକ୍ଷା ଶପଥ ପାଠ କରିଥିଲେ। ଜାତୀୟ ସେବା ଯୋଜନାର ଅନ୍ୟତମ କର୍ମକର୍ତ୍ତା ପ୍ରଫେସର ଶ୍ୱେତଲାନା ତିର୍କୀ, ସୂର୍ଯ୍ୟକାନ୍ତ ଦେହୁରୀ, ସୁଷମା ସୁଇ ଏବଂ ମିହିର କୁମାର ଥାଟି ଶିବିର ପରିଚାଳନାରେ ସହାୟତା କରିଥିଲେ।

### କୁଚିଣ୍ଡା ବିଡିଓଙ୍କ ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତି ଅସମ୍ମାନ ଘଟଣା

# ତୀବ୍ର ନିନ୍ଦା କଲେ ଜିଲ୍ଲା ବିଜେଡି ସଭାପତି ରୋହିତ

**ସମ୍ବଲପୁର, ୨୭।୧୧(ସମିସ):** ଗତକାଲି କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଆମନ୍ତ୍ରଣ ପତ୍ରରେ ବିଜୁ ଜନତା ଦଳର ନିର୍ବାଚିତ ଜନ ପ୍ରତିନିଧି ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଶାନଙ୍କ ନାମ ନ ରହିବା ତାଙ୍କ ପ୍ରତି ଅସମ୍ମାନ।ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ। ତାଙ୍କ ନାମ ନ ରହିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଘୃଣ୍ୟ ମାନସିକତାକୁ ଦର୍ଶାଉଛି ଏବଂ ବିଜେପି ଦଳ ସୁଶାସନର ଡିଣ୍ଡିମ ପିଟୁଥିବା ବେଳେ ଏହି ଘଟଣା ସରକାରଙ୍କ ଅସତ୍ୟତାକୁ ପଦାରେ ପକାଇଛି। ଶ୍ରୀ ପୂଜାରୀ କହିଛନ୍ତି ଏହା କେବଳ ଏକ ତ୍ରୁଟି ନୁହେଁ, ଏହା ଯୋଜନାବଦ୍ଧ ଅବମାନନା, ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଗୌରବକୁ ଚାପି ଦେବାର ଅପରାଧିକ ଚେଷ୍ଟା। ସରକାରୀ କାର୍ଯ୍ୟକ୍ରମରେ ତାଙ୍କର ନାମ ଉପସ୍ଥାପନା ନ କରିବା କିମ୍ବା ତାଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ ନ କରିବା ଲୋକତନ୍ତ୍ରର ଅପମାନ ଏବଂ ସଂସ୍ଥାଗତ ଶିଷ୍ଟାଚାର ଭଙ୍ଗ। ଅପରପକ୍ଷରେ ଦେଖିବାକୁ ମିଳିଥିଲା ଯେ ଶାସକ ଦଳର ମଣ୍ଡଳ ସଭାପତିଙ୍କୁ ମଞ୍ଚାସିନ କରାଯାଇ ସମ୍ମାନିତ କରାଯାଇଥିଲା, ଏହି ଘଟଣାରେ ପ୍ରଶାସନ ସରକାରୀ ଦଳର ଏଜେଣ୍ଟ ସାଜିଥିବା କଥା ସ୍ପଷ୍ଟ ବାରି ହେଉଛି। ଆଗରୁ ମଧ୍ୟ ସମ୍ବଲପୁର ଜିଲ୍ଲାରେ ସରକାର ବଦଳିବା ପରେ ବିଧାୟକ ଏବଂ ଅନେକ ଜନପ୍ରତିନିଧିଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଅଣଦେଖା କରି ଅସମ୍ମାନ କରାଯାଇଛି। ଯଦି କୌଣସି ବିଭାଗ କିମ୍ବା ଅଧିକାରୀ ଭାବୁଛନ୍ତି ଯେ ଲୋକ ପ୍ରତିନିଧିଙ୍କ ନାଁ କାଟିଦେଇ ସେମାନେ ଅଧିକାରୀଶାହୀର ଉଦାହରଣ ବନିବାକୁ ଚାହୁଁଛନ୍ତି, ତାହେଲେ ଅଞ୍ଚଳର ଜନସାଧାରଣ ସେମାନଙ୍କୁ ସଠିକ୍ ଉତ୍ତର ଦେବେ। ଏପରି ଅପମାନକୁ କେବେ ବରଦାସ୍ତ କରାଯିବ ନାହିଁ। ଜିଲ୍ଲାପ୍ରଶାସନ ଏହି ଘଟଣାର ତତ୍କାଳ ସ୍ପଷ୍ଟୀକରଣ ଦେବା ଆବଶ୍ୟକ।ଲୋକ ପ୍ରତିନିଧିଙ୍କ ସମ୍ମାନ ରକ୍ଷା କରିବା ହେଉଛି ପ୍ରତ୍ୟେକ ବିଭାଗର ଦାୟିତ୍ୱ। ଆଗାମୀଦିନରେ ଏପରି ଘଟଣା ପୁନରାବୃତ୍ତି ହେଲେ ବିଜୁ ଜନତା ଦଳ ଜନସାଧାରଣଙ୍କ ସହ ମିଶି ସମ୍ପୃକ୍ତ କାର୍ଯ୍ୟାଳୟ ଏବଂ ବିଭାଗକୁ ଘେରାଉ କରିବା ପାଇଁ ପଛଘୁଞ୍ଚା ଦେବ ନାହିଁ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## 'ସରକାରୀ ବ୍ୟବସ୍ଥା ଶାସକ ଦଳର ହସ୍ତମୁଦି ନୁହେ'

**ସମ୍ବଲପୁର, ୨୭।୧୧ (ସମିସ):** ସରକାର ବଦଳିବା ସହ ପ୍ରଶାସନିକ ସଂହିତା ବଦଳିବା ଆଶ୍ଚର୍ଯ୍ୟଜନକ। ସରକାରୀ ବ୍ୟବସ୍ଥା ଶାସକ ଦଳର ହସ୍ତମୁଦି ବାହାଲ ନୁହେଁ। ଅଘୋସିତ ବ୍ୟବସ୍ଥା ମଧ୍ୟରେ ଶାସକ ଦଳ କିଛିଟା ପଡିଆରା ସ୍ଥଳ ବିଶେଷରେ ଦେଖାଇ ଥାଏ, ଅବଶ୍ୟ ଏହା ଉଚିତ ନୁହ। କିନ୍ତୁ ଶାସନ ବ୍ୟବସ୍ଥାର ରଙ୍ଗ ପରିବର୍ତ୍ତନ ପରେ, ଓଡ଼ିଶା, ବିଶେଷ କରି ସମ୍ବଲପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଶାସକ ବିଜେପି ଦଳର ସାଂଜୁଆ ବାହିନୀ ବନିଛନ୍ତି ବୋଲି ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଇଂ ସିଦ୍ଧାର୍ଥ ଦାସ କହିଛନ୍ତି। ଇଂ ଦାସ କହିଛନ୍ତି ବିଭିନ୍ନ ସମୟରେ ବିଜେଡି ଦଳର ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ, ବ୍ଲକ ଅଧ୍ୟକ୍ଷମାନଙ୍କୁ ସରକାରୀ କାର୍ଯ୍ୟକ୍ରମରେ ଅବହେଳା, ଅସମ୍ମାନ କରାଯାଉଛି। ଫଳକ ତ ଦୂରର କଥା, ଆମନ୍ତ୍ରଣ ପତ୍ର ମଧ୍ୟ ଦିଆ ଯାଉନି। କୁଚିଣ୍ଡା ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ତଥା କୁଚିଣ୍ଡା ଅଞ୍ଚଳର ଅନ୍ୟତମ ଲୋକପ୍ରିୟ ନେତା ଭୁବନେଶ୍ୱର କିଷାନଙ୍କୁ ଅସମ୍ମାନ କରାଯାଇଛି। କିଛି ବାବୁଙ୍କର ହାକିମାତି ସୀମା ବାହାର ହୋଇ ଯାଇଛି। ଏହା ଅତ୍ୟନ୍ତ ଅଗଣତାନ୍ତ୍ରିକ। ଆଜି ଦେଶ ସମ୍ବିଧାନ ଦିବସ ପାଳନ କରୁଥିବା ସମୟରେ ଏଭଳି ଆଚରଣ ନିନ୍ଦନୀୟ ବୋଲି ଶ୍ରୀ ଦାସ ଉଲ୍ଲେଖ କରିବ ସହ କୁଚିଣ୍ଡା ବିଡ଼ିଓ ତୁରନ୍ତ ଲିଖିତ କ୍ଷମା ପାର୍ଥନା କରିବାକୁ ଦାବି କରିଛନ୍ତି।

# କଂଗ୍ରେସ କାର୍ଯ୍ୟାଳୟରେ ସମ୍ବିଧାନ ବଞ୍ଚାଅ ଦିବସ



**ସମ୍ବଲପୁର, ୨୭।୧୧(ସମିସ):** ସମ୍ବଲପୁର କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ଅମିତ କୁମାର ଗୁରୁଙ୍କ ନେତୃତ୍ୱରେ ସମ୍ବିଧାନ ବଞ୍ଚାଅ ଦିବସ ପାଳିତ ହୋଇଛି।କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଜୟଶଙ୍କର ମିଶ୍ର, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ତ୍ରିପାଠୀ, ପ୍ରେମ ପ୍ରକାଶ ସାହାନୀ, ହୀରାକୁଦ ନଗର କଂଗ୍ରେସ ସଭାପତି ଗିରିଜା ନାଏକ, ରେଙ୍ଗାଲି ବିଧାୟକ ପାର୍ଥୀ ଦିଲ୍ଲୀପ ଦୁରିଆ, ରେଙ୍ଗାଲି ବ୍ଲକ ସଭାପତି ଚତୁର୍ଭୁଜ ଝାଙ୍କର, ଅନିଲ ବେହେରା, ବିଜୟ ଲକ୍ଷ୍ମୀ ବେହେରା, ଜିତେନ୍ଦ୍ର ପ୍ରଧାନ, ପିସିସି ସେଲ ସମ୍ପାଦକ ଗଣେଶ ସୋହେଲା, ସଞ୍ଜୟ ଛୁରିଆ, ତାପସ କୁମ୍ଭାର, ଜିତେନ୍ଦ୍ର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବିଧାନ ଦିବସରେ ବିଶାଳ ସମାବେଶ

**ସମ୍ବଲପୁର, ୨୭।୧୧(ସମିସ):** ସମ୍ବଲପୁର କଚେରୀ ଛକ ଓ ଜେଲ ଛକସ୍ଥିତ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବିର୍ସା ଆମ୍ବେଦକର ଫୁଲେ ଚାରିଟେବୁଲ ଫାଉଣ୍ଡେସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରଦୀପକୁ ନାଏକ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଭୀମସାର ରକ୍ତ ଭଣ୍ଡାରରୁ ପିଆରଓ ଦେବାଶିଷ ମିଶ୍ର, ଶ୍ରୀହରି ନାଗ, ଚାଷୀ ନେତା ରାମ ସାହୁ ଉପସ୍ଥିତ ଥିଲେ। ଅନେକ ସଂଗଠନର କର୍ମକର୍ତ୍ତା ମଧ୍ୟ ଯୋଗ ଦେଇଥିଲେ। ଆଗାମୀ ସମ୍ବିଧାନ ଦିବସ ଯାଏଁ ପ୍ରତି ଘରକୁ ସମ୍ବିଧାନ ପହଞ୍ଚେଇବା ସହ ଲୋକଙ୍କୁ ସମ୍ବିଧାନର ମୌଳିକ ଅଧିକାରକୁ ବଜାୟ ରଖିବା ପାଇଁ ସଂକଳ୍ପ ନିଆଯାଇଥିଲା। ଲଙ୍କେଶ୍ ରାବଣ, ବିକାଶ ବୌଦ୍ଧ, ଭୁବନ ବାଗ, ରୋସନ ଆଜାଦ, ଫିରୋଜ ବୁଢ଼ା, ଟିଙ୍କୁ ଜଗତ, ଉମେଶ ଉଗର, ଗୋପୀନାଥ ରୋହିଦାସ, ସୁଦାମ ଭୁସାଗର ସାହିଲ ପ୍ରମୁଖ ଉପସ୍ଥିତ ଥିଲେ।



# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା କାର୍



**କୁଚିଣ୍ଡା, ୨୭ ।୧୧ (ସମିସ):** ବାମରା କୁଚିଣ୍ଡା ମୁଖ୍ୟରାସ୍ତା କେଶାଇବାହାଲସ୍ଥିତ ବିଜିଡି କଲେଜ୍ ନିକଟରେ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ କାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ କାର ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ଅନୁସାରେ ବାମରାସ୍ଥିତ ୟାମାହା ସୋରୁମ୍‌ର ମାଲିକ ସୌରଭ ଶର୍ମା ଓରଫ ଟିନୁ କାର୍ ଯୋଗେ କୁଚିଣ୍ଡା ପଟକୁ ଯାଉଥିବା ବେଳେ କେଶାଇବାହାଲସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ନିକଟରେ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବା ସହ ଗଛରେ ପିଟି ହୋଇଥିଲେ। ଫଳରେ ଉକ୍ତ କାର ଦୁର୍ଘଟଣାଗ୍ରସ୍ତ ହୋଇ ଚୁରମାର୍ ହୋଇଥିବା ବେଳେ କାର୍ ଚାଳକ ଟିନୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ। ସୂଚନା ପାଇ ମହୁଲପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ।

# ବେଆଇନ ମଦ ବିକ୍ରି ବନ୍ଦ ପାଇଁ ଦାବି

**କୁଚିଣ୍ଡା, ୨୭ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ବାମରା ନିକଟ ଗୁର୍ଲା ଗ୍ରାମରୁ ବେଆଇନ ମଦ ବିକ୍ରି ବନ୍ଦ କରିବା ପାଇଁ ଗୋବିନ୍ଦପୁର ଥାନା ଓ ଅବକାରୀ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ଗୁର୍ଲାଗ୍ରାମରେ ବେଆଇନ ମଦ ବିକ୍ରୟ ହୋଇ ଆସୁଥିବା ବେଳେ କେତେକ ଲୋକ ମଦପିଇ ଗଣ୍ଡଗୋଳ କରୁଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ଅଭିଯୋଗ ରହିଛି। ଅନ୍ୟପଟେ ସ୍କୁଲ ନିକଟରେ ମଧ୍ୟ ଖୋଲମଖୋଲା ମଦ ବିକ୍ରି ହେଉଥିବା ଯୋଗୁଁ କେତେକ ସ୍କୁଲ ଛାତ୍ର ମଧ୍ୟ ନିଶାର ବଶବର୍ତ୍ତୀ ହେଉଛନ୍ତି।ଗୁର୍ଲା ଗ୍ରାମ ଅଞ୍ଚଳରେ ବିକ୍ରି ହେଉଥିବା ବେଆଇନ ମଦ ବ୍ୟବସାୟକୁ ବନ୍ଦ କରିବା ଦାବି ନେଇ ଗ୍ରାମର ମହିଳାମାନେ ଗୋବିନ୍ଦପୁର ଥାନା ଓ ଅବକାରୀ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଦୁର୍ଘଟଣାରେ ଜଣେ ଗୁରୁତର

**ରେଢ଼ାଖୋଲ, ୨୭ ।୧୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କେରାଣ୍ଡି କେନାଲ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣଙ୍କ ରେଢ଼ାଖୋଲ ଥାନା ଅଧୀନ ଦଲଖମଣ ଗ୍ରାମର ବାସିନ୍ଦା ସୁନନ୍ଦ କିରେଇ ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଦଲଖମଣ ଗ୍ରାମର ସୁନନ୍ଦ ବାଇକ୍ ଯୋଗେ ରେଢ଼ାଖୋଲ ଅଭିମୁଖେ ଆସୁଥିଲେ। କେନାଲ ଛକ ନିକଟରେ ଭାରସାମ୍ୟ ହରାଇ ପିକଅପ ଭ୍ୟାନ୍ ସହିତ ଧକ୍କା ହୋଇଥିଲା। ଫଳରେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଆମ୍ବେଦକର କୋ-ଅର୍ଡିନେଶନ କମିଟି ପକ୍ଷରୁ ସମ୍ବିଧାନ ଦିବସ

**ରେଢ଼ାଖୋଲ, ୨୭ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଆମ୍ବେଦକର ନଗରର ଆମ୍ବେଦକର କୋଡିନେଶନ କମିଟୀ ପକ୍ଷରୁ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସମ୍ବିଧାନ ଦିବସ ପାଳନ ହୋଇଯାଇଛି।ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ସ୍ଲୋଗାନ ଦେଇ ଦିବସକୁ ଉତ୍ସାହ ସହିତ ପାଳନ କରିଥିଲେ।ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଉପସ୍ଥିତ ରହି ଆମ୍ବେଦକରଙ୍କ ଆଦର୍ଶ ସ୍ୱାଭିମାନ ବ୍ୟକ୍ତିତ୍ୱକୁ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।ଅତିଥି ଭାବେ ଜୟନ୍ତ ଖଡିରତ୍ନ, ସୁଶାନ୍ତ ନାଗ, ରଶ୍ମି ରଞ୍ଜନ ଖଡିରତ୍ନ, ନବ ରଞ୍ଜନ ମିରୀ ପ୍ରମୁଖ ଯୋଗ ଦେଇଥିଲେ।ଉପସଭାପତି ସୁଦର୍ଶନ ନାଏକ, ସହ ସମ୍ପାଦକ ଜିତେନ୍ଦ୍ର ବେହେରା, ପୂର୍ବତନ ସଭାପତି ପ୍ରକାଶ ମୁଖି, ପୂର୍ବତନସହ ସମ୍ପାଦକ ରାଜୁ ମୁଖୀ, ବିକାଶ ବେହେରା, ଦିଲ୍ଲୀପ ମୁଖୀ, ମିଥୁନ ବେହେରା, ଲିପୁନ ବେହେରା, ଟିକୁନ ମୁଖୀ, ଶରତ ସୁନା, ଅଶୋକ ବେହେରା, ବବୁଲୁ ମୁଖୀ ପ୍ରମୁଖ ସମେତ ବହୁ ସଂଖ୍ୟାରେ ଅନ୍ୟସଦସ୍ୟ ଉପସ୍ଥିତ ଥିଲେ।



### ଆୟୁଷ ଛାତ୍ରଛାତ୍ରୀଙ୍କ ଦାବି ଶୁଣିଲେନି ସରକାର

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ସମ୍ବଲପୁର, ୨୭।୧୧(ସମିସ)**

ଆୟୁଷ ସଂଘର କଥା ଶୁଣିଲେନି ରାଜ୍ୟ ସରକାର। ନିଜର ଦାବି ପାଇଁ ପ୍ରଥମେ ଶାନ୍ତିପୂର୍ଣ୍ଣ ଭାବେ କଳାବ୍ୟାଜ୍ ପିନ୍ଧି କଲେଜ ପରିସରରେ ରହିଲେ। କ୍ଲାସ କରି ରୋଗୀଙ୍କୁ ସେବା ମଧ୍ୟ ଦେଲେ। ୧୫ ଦିନ ପରେ ମଧ୍ୟ ସରକାର ଶୁଣିଲେନି। ପରେ କଲେଜ ଗେଟରେ ୪ ଦିନ ତାଲା ପକାଇ ସରକାରଙ୍କୁ ଚେତାଇବାକୁ ଚେଷ୍ଟା କଲେ। ସଂଘର ୮ଦଫା ଦାବି ପୂରଣ ନେଇ ପ୍ରତିବାଦ କରିଥିଲେ। ଏତେ ମାତ୍ରାରେ ପ୍ରତିବାଦ ସତ୍ତ୍ୱେ ସରକାର କିଛି କର୍ଣ୍ଣପାତ କଲେ ନାହିଁ। ତେଣୁ ଛାତ୍ର ସଂଗଠନର ନିର୍ଦ୍ଦେଶ କ୍ରମେ ଆଜି ସମ୍ବଲପୁର ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଆଣ୍ଡ ରିସର୍ଚ୍ଚର ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବି ପତ୍ର ଦେଇଛନ୍ତି। ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନର ନିର୍ଦ୍ଦେଶକ୍ରମେ ଗତ ୬ ତାରିଖରୁ ଏହି ଆନ୍ଦୋଳନ ରାଜ୍ୟର ୭ଟି ସରକାରୀ କଲେଜରେ ଦେଖାଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ ସ୍ୱାସ୍ଥ୍ୟବେସ୍ଥା ପାଇଁ ମାତ୍ର ୬୧୯ ଏଏମଓ ଏବଂ ୫୯୫ଏଚ୍ଏମଓ ରହିଛନ୍ତି। ତେଣୁ ସଂଘ ଉଚ୍ଚଶିକ୍ଷା ସୁବିଧାକୁ ଗୁରୁତ୍ୱ ଦିଆଯାଉ। ହାଉସସର୍ଜନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରାଯାଉ। ରାଜ୍ୟ ସ୍ୱାସ୍ଥ୍ୟସେବା ଯୋଜନାରେ ଆୟୁଷ ଡାକ୍ତରଙ୍କୁ ଅନ୍ତର୍ଭୁକ୍ତ କରାଯାଉ। ଲୋକଙ୍କ ମଧ୍ୟ ଆୟୁଷ ଚିକିତ୍ସା ଉପରେ ସଚେତନ କରାଯାଉ। ଏପରି ଅନେକ ଦାବି ପୂରଣ ନେଇ ପ୍ରତିବାଦ କରିଥିଲା।

**୨୨ ଦିନରେ କଳାବ୍ୟାଜ୍ ପ୍ରତିବାଦ**




# ଜିଏମ୍ ଯୁକ୍ତ ଦୁଇ କଲେଜରେ ବାର୍ଷିକ କ୍ରୀଡ଼ା



**ସମ୍ବଲପୁର, ୨୭।୧୧ (ସମିସ):** ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର କୁଲଦୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କୁଲଦୀପ କ୍ରୀଡ଼ା ପତାକା ଉତ୍ତୋଳନ ଓ ଶପଥ ପାଠ କରି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସମ୍ବଲପୁରର ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ମାନବର ଜୀବନରେ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ଚାରିଜଣ କ୍ରୀଡ଼ା ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା।ଅଧ୍ୟାପିକା ବନଶ୍ରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ କ୍ରୀଡ଼ା ସଂଘର ଉପାଧ୍ୟକ୍ଷ ସତ୍ୟ ପ୍ରକାଶ ପ୍ରଧାନ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀ ଅଧ୍ୟକ୍ଷ ଓ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112



## କଂକ୍ରିଟ୍ ଜଙ୍ଗଲର ବିଡ଼ମ୍ବନା

# ମିଳୁନି ଘାସ; ଭୋକିଲା ଗୋରୁଙ୍କୁ ପଲିଥିନ୍ ଭରସା

ଭୁବନେଶ୍ୱର, ୨୭ ।୧୧(ସମିସ):

**ଗାଈଙ୍କ ପେଟରେ ପଥର ପାଲଟୁଛି ପ୍ଲାଷ୍ଟିକ୍**

**ବୁଲା ଗୋରୁଙ୍କ ଖାଦ୍ୟ ପାଲଟିଛି ପଲିଥିନ୍**



ଯୁଆଡ଼େ ଚାହିଁବ ସିଆଡ଼େ ସିମେଣ୍ଟର କଂକ୍ରିଟ୍ ଜଙ୍ଗଲ ଦେଖିବାକୁ ମିଳୁଛି । ଆଉ ଏହି ଜଙ୍ଗଲରେ ଘାସ ହେଉ କିମ୍ବା ଗଛ ଭାବରେ ଦେଖିବାକୁ ମିଳୁଛି ଏକକ ବ୍ୟବହୃତ ପଲିଥିନ୍ ଓ ପ୍ଲାଷ୍ଟିକ୍ । ଆଗରୁ ବିଭିନ୍ନ ସ୍ଥାନରେ ଘାସ କିମ୍ବା ଛୋଟ ଗଛ ଦେଖିବାକୁ ମିଳିଥିଲା ହେଲେ ଜନସଂଖ୍ୟା ବଢ଼ିବା କାରଣରୁ ଏହି ସବୁ ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାର ବହୁଳମାତ୍ରାରେ ବଢ଼ିଲା । ଫଳରେ ଯେଉଁ ସ୍ଥାନରେ ଘାସ ଉଠିବା କଥା ସେଠାରେ ଏହି ପଲିଥିନ୍ ଓ ପ୍ଲାଷ୍ଟିକ୍ ଗଦା ହୋଇଛି । ଫଳରେ ରାଜଧାନୀର ଗୋରୁଙ୍କ ପାଇଁ ଘାସ ମିଳିଲା ନାହିଁ । ବୁଲାଗୋରୁମାନେ ଏହି ସବୁ ପଲିଥିନ୍ ଓ ପ୍ଲାଷ୍ଟିକ୍‌କୁ ଖାଦ୍ୟ ଭାବେ ଗ୍ରହଣ କରୁଛନ୍ତି । ଏହି ପଲିଥିନ୍ ଓ ପ୍ଲାଷ୍ଟିକ୍ ସମଗ୍ର ପରିବେଶ ଲାଗି ଚିନ୍ତାର କାରଣ ପାଲଟିଛି । ଲୋକମାନେ ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାର କରି ନିଜ ସମେତ ପଶୁପକ୍ଷୀଙ୍କ ପାଇଁ ଅନେକ ରୋଗକୁ ଡ଼ାକୁଛନ୍ତି ।

ଦୈନନ୍ଦିନ ବ୍ୟବହାର ପାଇଁ ଅଣାଯାଉଥିବା ଜିନିଷ ଆଣିଲେ ପଲିଥିନ୍‌ର ବ୍ୟବହାର କରୁଥିବା ବେଳେ ପ୍ଲାଷ୍ଟିକ୍ ମଧ୍ୟ ବ୍ୟବହାର କରାଯାଉଛି । ପଲିଥିନ୍ ଓ ପ୍ଲାଷ୍ଟିକ୍‌କୁ ବ୍ୟବହାର କରିବା ପରେ ତାକୁ ବାହାରେ ପକାଇ ଦେଇଥାଉ । ବୁଲାଗୋରୁ ଘାସ ବଦଳରେ ଏସବୁକୁ ଆହାର ଭାବରେ ଗ୍ରହଣ କରି ମୃତ୍ୟୁ ମୁଖରେ ପଡୁଛନ୍ତି ।

ରାଜଧାନୀରୁ ଗୋଟିଏ ଦିନରେ ୮୦୦ରୁ ୯୦୦ଟନ ବିଭିନ୍ନ ପ୍ରକାରର ଆବର୍ଜନା ବାହାରିଥାଏ ସେଥିମଧ୍ୟରୁ ପଲିଥିନ୍ ହେଉଛି ୧୫ରୁ ୨୦% ଆଉ ପ୍ଲାଷ୍ଟିକ୍ ହେଉଛି ୨୦ ରୁ ୨୫% । ରାଜଧାନୀବାସୀ ନୈନନ୍ଦିନ ବ୍ୟବହାର କରୁଥିବା ହଜାର ହଜାର ସଂଖ୍ୟକ ପ୍ଲାଷ୍ଟିକ୍ ପଲିଥିନ୍ ବାହାରେ ପକାଇ ଦେଉଛନ୍ତି । ଯାହା ଦ୍ୱାରା ଖାଦ୍ୟ ଲାଳସାରେ ବୁଲା କୁକୁର, ଷଣ୍ଢ, ଗୋରୁମାନେ ସେସବୁ ଖାଇ ବିଭିନ୍ନ ପ୍ରକାରର ରୋଗର ଶିକାର ହୋଇଥାନ୍ତି । ବୁଲା ଗୋରୁ, କୁକୁର ବାହାରେ ପଡୁଥିବା ପଲିଥିନ୍ ଓ ପ୍ଲାଷ୍ଟିକ୍‌କୁ ଖାଇବା ଫଳରେ ଏହି ସବୁ ସେମାନଙ୍କ ପେଟରେ ଜମା ହୋଇ ରହେ । ସେଗୁଡ଼ିକ ହଜମ ନ ହୋଇପାରି ପାକସ୍ଥଳୀରେ ଜମା ହୋଇ ରହିଯାଏ ବୋଲି କୁହନ୍ତି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ । ଫଳରେ ସେସବୁ ଗୁଡ଼େଇ ହୋଇ ପେଟ ଭିତରେ ପଥର ପାଲଟିଯାଏ । ଯାହାଦ୍ୱାରା ଆସ୍ତେ ଆସ୍ତେ ସେମାନଙ୍କ ପେଟ ଫୁଲିବା ଆରମ୍ଭ ହୁଏ ଫଳରେ ଏହି ପଶୁମାନେ ଧୀରେ ଧୀରେ ଖାଇବା ଛାଡ଼ିଦିଅନ୍ତି । ଯାହା ଟିକେବି ଖାଇନ୍ତି ସେସବୁ ହଜମ ହୁଏନାହିଁ ବୋଲି ଓୟୁଏଟିର ଭେଟେରେନାରୀ କ୍ଲିନିକାଲୀ କମ୍ପ୍ଲେକ୍ସର ମୁଖ୍ୟ ବିଜୟ କୁମାର ପାତ୍ର କହିଛନ୍ତି । ଏହିପରି ଓୟୁଏଟି କୁହନ୍ତି ଗୋରୁମାନଙ୍କର ରୋଗ ପ୍ରତିରୋଧ ଶକ୍ତି କମିବା ସହିତ କ୍ଷୀର କମିବା ଓ ଜନ୍ମ କରିବା ଶକ୍ତି କମିଥାଏ । ଫଳରେ ପଶୁମାନଙ୍କର ଗୁରୁତ୍ୱ କମିଯାଏ ବୋଲି କହିଛନ୍ତି । ସର୍ଜରୀ ସମୟରେ ଗୋଟେ ଗାଈ ପେଟରୁ ୧୦ ରୁ ୧୨ କିଲୋ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ପାଲିଥିନ୍ ବାହାରୁଛି ବୋଲି ଓୟୁଏଟିର ଆସିଷ୍ଟାଣ୍ଟ ପ୍ରଫେସର ଭେଟନାରୀ ସର୍ଜରୀ ବିଭାଗର ଡ଼.ବିଶ୍ୱଦୀପ ଜେନା କହିଛନ୍ତି ।

● ବିଏମ୍‌ସିର ଜିରୋ ୱେଷ୍ଟକୁ ପ୍ରୋତ୍ସାହନ

# ପ୍ରତିଦିନ ପଶୁଙ୍କୁ ବଣ୍ଟାଯିବ ୧୫ ଟନ୍ ବଳକା ଖାଦ୍ୟ

ଭୁବନେଶ୍ୱର, ୨୭।୧୧(ସମିସ): ଏକ ସ୍ୱଚ୍ଛ, ସବୁଜ ଏବଂ ଦୀର୍ଘ ସ୍ଥାୟୀ ସହର ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସାରା ସହରରେ ଜୈବିକ ବର୍ଜ୍ୟବସ୍ତୁର ବିକେନ୍ଦ୍ରୀକରଣ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ଘୁଷୁରୀ ପାଳନ-ଆଧାରିତ ଓଦା ବର୍ଜ୍ୟବସ୍ତୁ ବ୍ୟବହାରକାରୀଙ୍କ ସମେତ ସାତଟି ଜୈବିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଂଶୀଦାରଙ୍କୁ ତାଲିକାଭୁକ୍ତ କରିଛି । ଏହି ପଦକ୍ଷେପ ବିଏମ୍‌ସି ବର୍ଜ୍ୟ ଭାର କମିବ ।

**୭ଟି ଜୈବ ବର୍ଜ୍ୟବସ୍ତୁ ସଂଗ୍ରହ ଅଂଶୀଦାରଙ୍କ ସହିତ ଚୁକ୍ତି ପାଇଁ ପଦକ୍ଷେପର ଆରମ୍ଭ**

କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ବିଏମ୍‌ସି ଏପରି ପଦକ୍ଷେପ ନେଇଛି । ସହରରୁ ସଂଗୃହିତ ଓଦା ବର୍ଜ୍ୟବସ୍ତୁର ଏକ ସ୍ୱତନ୍ତ୍ର ଅଙ୍ଗ ବଳକା ଖାଦ୍ୟ । ତେବେ ଏହାକୁ ସଦୁପଯୋଗ କରିବାପାଇଁ ଭୁବନେଶ୍ୱର ବାହାରୁ ବିଭିନ୍ନ ଜିଲ୍ଲାର ସାତଗୋଟି ଘୁଷୁରି ପାଳନ ସଂସ୍ଥା ସହିତ ସଂଯୋଗ ସ୍ଥାପନ ପୂର୍ବକ ସେମାନଙ୍କ ସହିତ ସ୍ୱତନ୍ତ୍ର ଚୁକ୍ତି କରିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ । ସହର ରଣନୀତି ଅଧୀନରେ, ପୃଥକ ଖାଦ୍ୟ ଏବଂ ଓଦା ବର୍ଜ୍ୟବସ୍ତୁକୁ ସିଧାସଳଖ ପୁନଃ ଉପଯୋଗ ପାଇଁ ପାଇଁ ପଠାଯାଉଛି । ତେବେ, ବର୍ତ୍ତମାନର ଆକଳନ ଅନୁଯାୟୀ ସହରରୁ ଦୈନିକ ୧୫ଟନ ବଳକା ଖାଦ୍ୟ ବାହାରୁଛି । ଏହି ପଦକ୍ଷେପ ଅଧୀନରେ, ଜୈବିକ ଅଳିଆ (ଓଦା ବର୍ଜ୍ୟବସ୍ତୁ) ହୋଟେଲ, ରେଷ୍ଟୁରାଣ୍ଟ, ଛାତ୍ରାବାସ ଏବଂ ବଡ଼ ପ୍ରତିଷ୍ଠାନ ଭଳି ବଲ୍କ ବର୍ଜ୍ୟବସ୍ତୁ ସୃଷ୍ଟିକାରୀ ଅନୁଷ୍ଠାନଗୁଡ଼ିକୁ ଡିଜିଟାଲ୍ ଟ୍ୟାଗ୍ କରାଯାଇଛି । ସମସ୍ତ ଜୋନରେ ଅଧିକାରପ୍ରାପ୍ତ ଜୈବିକ ଅଳିଆ ସଂଗ୍ରହକାରୀଙ୍କୁ ଆବଣ୍ଟିତ କରାଯାଇଛି । ପ୍ରତ୍ୟେକ ଚିହ୍ନଟ ଘୁଷୁରୀ ପାଳନ ୟୁନିଟ୍ ୫, ୦୦୦ ଟଙ୍କାର ବାର୍ଷିକ ଲାଇସେନ୍ସ ଫି ମାଧ୍ୟମରେ ତାଲିକାଭୁକ୍ତ ହୋଇଛନ୍ତି । ଯାହା ପରେ ସେମାନେ ସ୍ୱୀକୃତିପ୍ରାପ୍ତ ଜୈବିକ ଅଳିଆ ସଂଗ୍ରହ ଅଂଶୀଦାର



ହେବା ପାଇଁ ବିଏମ୍‌ସି ସହିତ ଏକ ସିଧାସଳଖ ବୁଝାମଣାପତ୍ରରେ ସ୍ୱାକ୍ଷରିତ କରିଛନ୍ତି । ଏହି ପଦକ୍ଷେପ ଭୁବନେଶ୍ୱରର ଏକ ବୃତ୍ତାକାର ଅର୍ଥନୀତି ଆଡ଼କୁ ପରିବର୍ତ୍ତନକୁ ସୁଦୃଢ଼ କରେ, ଯେଉଁଠାରେ ଖାଦ୍ୟ ଅପଚୟକୁ ନଷ୍ଟ କରାଯିବା ପରିବର୍ତ୍ତେ ପଶୁ ଖାଦ୍ୟ ଭାବରେ ପୁନଃ ଉପଯୋଗ ହେବ । ଯାହା ମିଥେନ ନିର୍ଗମନ ହ୍ରାସ, ସହରରୁ ବର୍ଜ୍ୟବସ୍ତୁ ବୋଝ ହ୍ରାସ ଏବଂ ପରିବେଶଗତ ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ । ଏହି ପଦକ୍ଷେପ ସହିତ, ବିଏମ୍‌ସି ଜାତୀୟ ବର୍ଜ୍ୟବସ୍ତୁ ପରିଚାଳନା ଲକ୍ଷ୍ୟ ଏବଂ ବିଶ୍ୱ ଜଳବାୟୁ-ପ୍ରତିରୋଧୀ ସହର ମାନଦଣ୍ଡ ସହିତ ସମନ୍ୱୟ ରଖି ନବସୃଜନ-ଚାଳିତ ପରିମଳ ସଂସ୍କାର ଏବଂ ଦୀର୍ଘ ସ୍ଥାୟୀ ସହରାଞ୍ଚଳ ବିକାଶ ପ୍ରତିବଦ୍ଧତା ମୂଲ୍ୟବୋଧର ପ୍ରସାର ଦିଗରେ ଅଣ୍ଟା ଭିଡିଛି । ଅତିରିକ୍ତ କମିଶନର କୈଳାଶ ଚନ୍ଦ୍ର ଦାସ ଏବଂ ଡେପୁଟି କମିଶନର ଏନ୍ ଗଣେଶ ବାବୁ ଏହି ପକ୍ରିୟା ପରିଚାଳନା ଦାୟିତ୍ୱରେ ରହିଛନ୍ତି ।

# ଏସ୍‌ଟିଏଫ୍ ନେଲା ବାଘଛାଲ ଜବତ ମାମଲା

**■ ଖୋଲିବ ଆନ୍ତଃରାଜ୍ୟ ଲିଙ୍କ୍‌ର ଗୁମର**

**■ ଧରାପଡ଼ିଥିଲେ ଆଇଏଏସ୍ ପୁଅ ସମେତ ୩ ଅଭିଯୁକ୍ତ**

ଭୁବନେଶ୍ୱର, ୨୭।୧୧ (ସମିସ): ରାଜଧାନୀରୁ କଲରାପତରିଆ ବାଘଛାଲ ଜବତ ହେବା ମାମଲା କ୍ରାଇମବ୍ରାଞ୍ଚ ହାତକୁ ଯାଇଛି । ମଙ୍ଗଳବାର କ୍ରାଇମବ୍ରାଞ୍ଚର ଏସଟିଏଫ୍ ନିଜଆଡ଼ୁ ମାମଲା ରୁଜୁ କରିଛି । ଏସଟିଏଫ୍ ଡିଏସପି ସରିତା ବେଉରିଆଙ୍କୁ ମାମଲାର ତଦନ୍ତ ଭାର ଦିଆଯାଇଛି । ଏହି ଘଟଣାରେ କମିସନରେଟ ପୁଲିସର ସ୍ୱତନ୍ତ୍ର ଅପରାଧିକ ଶାଖା (ଏସସିୟୁ) ରୋହିତ ମହାପାତ୍ର, ମନଜିତ ସାବତ ଓ ସମ୍ଭୁ ବିଷୋୟୀ ଗିରଫ କରିବା ସହ ବାଘଛାଲ ଜବତ କରିଥିଲା । ଏସଟିଏଫ୍ ହାତକୁ ମାମଲା ଯିବା ପରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଲାଗି ଅଡୁଆ ବଢ଼ିଛି ।

ସୂଚନା ମୁତାବକ, ରୋହିତ, ମନଜିତ ଓ ସମ୍ଭୁ ବାଘଛାଲ ରଖିଥିବା ଖବରପାଇ ଏସସିୟୁ ଟିମ୍ ଖୋଳତାଡ଼ ଆରମ୍ଭ କରିଥିଲା । ବାଘଛାଲ କିଣିବା ଲାଗି ଛଦ୍ମବେଶରେ ସମ୍ଭୁ ଓ ମନଜିତ ସହ ଡିଲ୍ କରିଥିଲା । ବାଘଛାଲ ଜବତ କରିବା ସହ ସେମାନଙ୍କ ତଥ୍ୟ ମୁତାବକ ମୁଖ୍ୟ କାର୍ପଟଦାର ରୋହିତକୁ କାବୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା ।

ରୋହିତର ବାପା ଦିଲ୍ଲୀରେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ହୋଇଥିବାବେଳେ ସେଠାକାର ଜଣେ ବ୍ୟବସାୟୀ ବାଘଛାଲ ଆଣିବାକୁ ରୋହିତକୁ କହିଥିଲେ ବୋଲି ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା । ବରାଦ ପାଇବା ପରେ ରାଉରକେଲାର ଜଣେ ଦଲାଲ ମାଧ୍ୟମରେ କର୍ଣ୍ଣାଟକରୁ କଲରାପତରିଆ ବାଘଛାଲ ମଗାଇଥିଲା ରୋହିତ । ସମ୍ଭୁକୁ ପଠାଇ ରାଉରକେଲାରୁ ବାଘଛାଲକୁ ଭୁବନେଶ୍ୱର ଆଣିଥିଲା । ଏଠାରେ ଡିଲ୍ ଚାଲିଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲା । ଘଟଣାରେ ଆନ୍ତଃରାଜ୍ୟ ଲିଙ୍କ୍ ସାମ୍ନାକୁ ଆସିବା ପରେ ନିଜଆଡ଼ୁ ମାମଲା ରୁଜୁ କରିଛି ଏସଟିଏଫ୍ । କର୍ଣ୍ଣାଟକ ଲିଙ୍କ୍ ଖୋଜିବା ଲାଗି ନିଜଆଡୁ ମାମଲା ରୁଜୁ କରିଛି ।

# ଓଡ଼ିଶାକୁ ବିଶ୍ୱ ମାନ୍ୟତା ଦେଲା 'ମାଳିପୁଟ୍ ମେଲୋଡିଜ୍'

ଭୁବନେଶ୍ୱର, ୨୭।୧୧(ସମିସ): ଆଇଏଫ୍ଏଫ୍ଆଇ ୨୦୨୫: ସାରା ବିଶ୍ୱ ଓଡ଼ିଶାର ଏକ ଅସ୍ପଷ୍ଟ ଗାଁର ଏକ ଚଳଚ୍ଚିତ୍ର ଦେଖୁଛି । ଗାଁ ଲୋକେ ଏକାଠି ଏକ ଚଳଚ୍ଚିତ୍ର ତିଆରି କରିଥିଲେ, ଯେଉଁଥିରେ କାକା-ଭଣଜା, ଭାଉଜ, ଭାଉଜ ଏବଂ ଅନ୍ୟାନ୍ୟ ସମ୍ପର୍କୀୟମାନେ ଅଭିନୟ କରିଥିଲେ ।

'ପ୍ରତ୍ୟେକ ଘାଟରେ ପାଣି ବଦଳେ, ପ୍ରତି ମାଇଲରେ ଭାଷା ବଦଳେ...' ଏବଂ ଏହି ଧାଡିକୁ ଯୋଡିବା ପାଇଁ, 'ପ୍ରତ୍ୟେକ ଗାଁରେ, ଲୋକ ଯେତେ ଅଛନ୍ତି ସେତେ କାହାଣୀ ଅଛି ।' ଏହି ଉକ୍ତି ଓଡ଼ିଆ ସଂକଳନ ଚଳଚ୍ଚିତ୍ର 'ମାଳିପୁଟ ମେଲୋଡିଜ୍' ସହିତ ସମ୍ପୂର୍ଣ୍ଣ ଫିଟ୍ ହୁଏ । ଏହା ସମଗ୍ର ଗାଁକୁ ଏକାଠି କରି ତିଆରି କରାଯାଇଥିବା ଏକ ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରର ଚରିତ୍ରମାନେ ପ୍ରକୃତରେ ସମ୍ପର୍କୀୟ । ପ୍ରଯୋଜକ କୌଶିକ ଦାସ ଏବଂ ନିର୍ଦ୍ଦେଶକ ବିଶାଳ ପଟ୍ଟନାୟକ ଚଳଚ୍ଚିତ୍ରର ସୃଷ୍ଟିର କାହାଣୀ ବର୍ଣ୍ଣନା କରିଥିଲେ ।

**ବିଶ୍ୱ ସିନେ ବିଶେଷଜ୍ଞ ଦେଖିଲେ କୋରାପୁଟର କଥା**

୪ଶହରୁ ଅଧିକ ଚଳଚ୍ଚିତ୍ର ମଧ୍ୟରୁ ମନୋନୀତ, 'ମାଳିପୁଟ ମେଲୋଡିଜ୍' ହେଉଛି ଆଇଏଫ୍ଏଫ୍ଆଇ ଗୋଆ ୨୦୨୫ରେ ଭାରତୀୟ ପାନୋରାମା ପାଇଁ ମନୋନୀତ ଏକମାତ୍ର ଓଡ଼ିଆ ଫିଚର ଫିଲ୍ମ । ଏହାକୁ ଆନୁଷ୍ଠାନିକ ଭାବରେ ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ କରାଯାଇଥିଲା । ଏହା ୪ଶହରୁ ଅଧିକ ଚଳଚ୍ଚିତ୍ର ମଧ୍ୟରୁ ମନୋନୀତ ୨୫ ଟି ଶ୍ରେଷ୍ଠ ଚଳଚ୍ଚିତ୍ର (ମୁଖ୍ୟଧାରାର ସିନେମାରୁ ପାଞ୍ଚଟି ସମେତ) ମଧ୍ୟରେ ଥିଲା ।

ବିଶ୍ୱାସ ହେଉ ନାହିଁ ତଥାପି, ୨୦ ପ୍ରତିଶତ କଳାକାର ନାଟକ କଳାକାର ଅଛନ୍ତି, ଦୀର୍ଘ ଦିନ ଧରି ତାଙ୍କୁ ତାଲିମ ଦିଆଯାଇଥିଲା । କୌଶିକ ଦାସ କୁହନ୍ତି ଯେ 'ମାଳିପୁଟ ମେଲୋଡିଜ୍' ଏକ ଫିଚର ସଂକଳନ ଚଳଚ୍ଚିତ୍ର । ଏହା ଓଡ଼ିଶାର କୋରାପୁଟ ଜିଲ୍ଲାର ଏକ ଛୋଟ ଆଦିବାସୀ ଗାଁର କାହାଣୀ । ଏହି ଚଳଚ୍ଚିତ୍ରଟି ଏହି ଗ୍ରାମ ଏବଂ କୋରାପୁଟର ଅନ୍ୟ କିଛି ସ୍ଥାନରେ ସୁଟିଂ କରାଯାଇଥିଲା । ଚଳଚ୍ଚିତ୍ରର ଅନେକ ମନୋରମ ପ୍ରାକୃତିକ ଦୃଶ୍ୟ ଦେଖି ବିଶ୍ୱାସ କରିବା କଷ୍ଟକର ହୋଇପାରେ । ନିର୍ଦ୍ଦେଶକ ବିଶାଳ ଜେପୋର (ଓଡ଼ିଶା) ସ୍କ୍ରିନିଂରେ ପ୍ରଶ୍ନୋତ୍ତର ଅଧିବେଶନରେ ବ୍ୟାଖ୍ୟା କରିଥିଲେ, 'ଏହି ଚଳଚ୍ଚିତ୍ରର ୫୦ପ୍ରତିଶତ ଚରିତ୍ର ଜଣାଶୁଣା ଲୋକ । କେତେକ ମାମୁ, ମାଉସୀ, ଭାଇଭଉଣୀ, ଭାଉଜ, ଭଉଣୀ ଇତ୍ୟାଦି । ଯେତେବେଳେ ସମସ୍ତେ ଜାଣିଲେ ଯେ ମୁଁ ଚଳଚ୍ଚିତ୍ର ତିଆରି କରୁଛି, ସେମାନେ ସମସ୍ତେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସେମାନଙ୍କୁ ସୁଯୋଗ ଦେବା ଉଚିତ ମନେ କରି ମୁଁ ସମସ୍ତଙ୍କୁ ଗୋଟିଏ ଗୋଟିଏ ଚରିତ୍ରରେ ଅଭିନୟ କରିବା ପାଇଁ ସୁଯୋଗ ଦେଇଥିଲି ।



ପ୍ରଯୋଜକ କୌଶିକ ଦାସ କୁହନ୍ତି, ସମସ୍ତଙ୍କର ଅଭିନୟ କରିବା କଷ୍ଟକର ଥିଲା କାରଣ କେହି କେବେ କ୍ୟାମେରା ସାମ୍ନାରେ କାମ କରିନଥିଲେ । ତେଣୁ, ସମସ୍ତଙ୍କୁ ତାଲିମ ଦିଆଯାଇଥିଲା । ଖର୍ଚ୍ଚ ପ୍ରାୟ ୫୦ଲକ୍ଷ ଟଙ୍କା ହୋଇଥିଲା । ଫିଲ୍ମଟି ଏକ ଗାଁରେ ସୁଟିଂ ହୋଇଥିଲା ଏବଂ ସମସ୍ତ ଅଭିନେତା ମୋତେ ଜଣାଶୁଣା ଥିଲେ । ମୁଁ ଏପର୍ଯ୍ୟନ୍ତ ସାତରୁ ଅଧିକ ଚଳଚ୍ଚିତ୍ର ତିଆରି କରିଛି । ବର୍ତ୍ତମାନ ଆହୁରି କିଛି ଉପରେ କାମ ଚାଲିଛି । ଆମେ ଏହି ଉପାୟରେ ଗ୍ରାମାଞ୍ଚଳର କାହାଣୀଗୁଡ଼ିକୁ ଆଣି ବିଶ୍ୱକୁ ଏକ ସିନେମାଟିକ୍ ଭାରତ ଦେଖାଇବାକୁ ଚେଷ୍ଟା କରୁଛୁ ।

# ମୋବାଇଲ୍ ଚୋର 'ଚଣ୍ଡାଳ' ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୨୭।୧୧ (ସମିସ): ଖଣ୍ଡଗିରି ଥାନା ଅଞ୍ଚଳର ଏକ ମୋବାଇଲ ଚୋରି ମାମଲାର ରାୟ ପ୍ରକାଶ ପାଇଛି । ଭୁବନେଶ୍ୱର ସ୍ଥିତ ଜେଏମଏଫସି ୫ମର ବିଚାରପତି ଇତିଶ୍ରୀ ମହାପାତ୍ର ଆସାମୀ ମନୋଜ ବେହେରା ଓରଫ ଚାଣ୍ଡାଳକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।



ପୁଲିସ ସୂଚନାନୁସାରେ, ଗତ ଏପ୍ରିଲ ମାସ ୧୫ ତାରିଖ ରାତିରେ କସମୋପଲିସ ନିକଟସ୍ଥ ମଧୁସୂଦନ ସମବାୟ ନଗରରେ ରହୁଥିବା ତଥାଗତ ମହାରଣା ଘରେ ଶୋଇଥିବା ସମୟରେ ଚାଣ୍ଡାଳ ସୁଯୋଗ ଦେଖି ସେମାନଙ୍କ ମୋବାଇଲ୍ ଚୋରି କରି ନେଇଥିଲା । ଏନେଇ ତଥାଗତ ଅଭିଯୋଗ କରିବା ପରେ ଖଣ୍ଡଗିରି ଥାନା ପୁଲିସ କେସ୍ ନଂ - ୨୩୭ ରେ ଦଫା ୩୦୫(ଏ) ବିଏନ୍ଏସ୍ ଲଗାଇ ମାମଲା ରୁଜୁ କରିଥିଲା । ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ରାମଚନ୍ଦ୍ର ବିଶ୍ୱାଳ ଅଭିଯୁକ୍ତ ଚାଣ୍ଡାଳକୁ ଗିରଫ କରିବା ସହିତ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ ।

ଅଦାଲତ ୪ ଜଣ ସାକ୍ଷୀଙ୍କ ବୟାନ ଓ ୧୨ଟି ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ଚାଣ୍ଡାଳକୁ ଦଫା ୩୦୫(ଏ) ବିଏନଏସ ଅନୁଯାୟୀ ୭ ମାସର ସଶ୍ରମ କାରାଦଣ୍ଡ ସହିତ ୨ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ଏକ ମାସର କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି । ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ ।

# ଆରମ୍ଭରୁ ଶୌଚାଳୟରେ ପଡ଼ିଛି ତାଲା; ଶ୍ରଦ୍ଧାଳୁ ହନ୍ତସନ୍ତ



ଭୁବନେଶ୍ୱର, ୨୭ ।୧୧(ସମିସ): ପର୍ଯ୍ୟଟନ ଋତୁ ଚାଲିଥିବାରୁ ଏକାମ୍ରରେ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଛି । ଶ୍ରଦ୍ଧାଳୁମାନେ ଲିଙ୍ଗରାଜ ମନ୍ଦିର ଦର୍ଶନ କରିବା ସହିତ ଅନନ୍ତ ବାସୁଦେବ, କେଦାରଗୌରୀ ସମେତ ଅନ୍ୟାନ୍ୟ ମନ୍ଦିର ବୁଲାବୁଲି କରୁଛନ୍ତି । ହେଲେ ଶ୍ରଦ୍ଧାଳୁମାନେ ବୁଲାବୁଲି କରିବା ପରେ ଶୌଚାଳୟ ବ୍ୟବହାର କରିବା ପାଇଁ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଲିଙ୍ଗରାଜ ମନ୍ଦିରର ସୌନ୍ଦର୍ଯ୍ୟକରଣ କରାଯିବା ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିରର ସାମ୍ନା ପଟର ଦକ୍ଷିଣ ପୂର୍ବ କୋଣରେ ଶ୍ରଦ୍ଧାଳୁଙ୍କ ପାଇଁ ନୂତନ ଶୌଚାଳୟ ନିର୍ମାଣ କରାଯାଇଛି । ହେଲେ ଏହି ଶୌଚାଳୟ ଆରମ୍ଭରୁ ଉଦ୍‌ଘାଟନ ନହୋଇ ଅପରିଷ୍କାର ପାଣି ନିଷ୍କାସନର ରାସ୍ତା ନ ଥିବାରୁ ଏହି ଶୌଚାଳୟ ଶ୍ରଦ୍ଧାଳୁଙ୍କ କାମରେ ଆସୁନାହିଁ । ଫଳରେ ଆସୁଥିବା ପର୍ଯ୍ୟଟକ ଶ୍ରଦ୍ଧାଳୁ ଏକାମ୍ରରେ ଶୌଚାଳୟର ଆଭାବ ଥିବାରୁ ଏକ ବିତୃଷ୍ଣା ମନଭାବ ନେଇ ଫେରୁଛନ୍ତି ।

ପୂର୍ବରୁ ଲିଙ୍ଗରାଜ ମନ୍ଦିର ହାଟ ପାଖରେ ଏକ ଶୌଚାଳୟ ରହିଥିଲା ହେଲେ ମନ୍ଦିର ସୌନ୍ଦର୍ଯ୍ୟକରଣ ସମୟରେ ଏହି ଶୌଚାଳୟକୁ ଭଙ୍ଗା ଗଲା କେବଳ ହାଟ ବ୍ୟବସାୟୀଙ୍କ ପାଇଁ ଏକ ଛୋଟ ଶୈଚାଳୟ ତିଆରି ହୋଇଛି । ଏହିପରି ଲୋକଙ୍କ ସୁବିଧା ପାଇଁ ଲିଙ୍ଗରାଜ ମାର୍କେଟ ପାଖରେ ଗୋଟେ ଶୈଚାଳୟ ରହିଚି ହେଲେ ଏହି ଶୈଚାଳୟ କେବେ ଖୋଲା ତ କେବେ ବନ୍ଦ ପଡୁଛି । ଏଥିସହିତ ମନ୍ଦର ପାଖରେ ଥିବା ଇ ଶୈଚାଳୟ ଆଉ ନାହିଁ । ରଥରୋଡ଼ର ଶୀତଳଷଷ୍ଠୀ ରାସ୍ତାରେ ଇ ଟଏଲେଟ୍ ଖତ ଖାଉଛି । ହେଲେ ଶୈଚାଳୟ ନପାଇ ଶ୍ରଦ୍ଧାଳୁମାନେ ହଇରାଣ ହରକତ ହେଉଛନ୍ତି । ଦେବୀ ପାଦହରା ନିକଟରେ ଥିବା ଗୋଟେ ଶୈଚାଳୟରେ ସମସ୍ତ ଶ୍ରଦ୍ଧାଳୁ, ସେବାୟତ, ପର୍ଯ୍ୟଟକ, ସାଧାରଣ ଲୋକମାନେ ନିର୍ଭରଶୀଳ ହେଉଥିବାରୁ ଏହାକୁ ନେଇ ଅନେକ ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀ ବିରକ୍ତି ଭାବ ପ୍ରକାଶ କରିଛନ୍ତି । ବିଶେଷ କରି ବାହାରର ଶ୍ରଦ୍ଧାଳୁମାନେ ରାତି ହେଲେ ଶୌଚାଳୟ ବ୍ୟବହାର କରିବା ପାଇଁ ନାନା ପ୍ରକାରର ସମସ୍ୟା ଭୋଗୁଛନ୍ତି । ରାଜସ୍ଥାନରୁ ଆସିଥିବା ଶ୍ରୀବାସ ପଟେଲ କୁହନ୍ତି ଆମେ ଏହି ଏରିଆ ବିଷୟରେ କିଛି ବି ଜଣାନାହିଁ । ସୌଚ ପାଇଁ ରାସ୍ତା କଡ଼ ହିଁ ଆମ ପାଇଁ ଭରସା ବୋଲି ସେ କହିଛନ୍ତି ।

## ଅନିୟମିତ ପ୍ରାକୃତିକ ଖାଦ୍ୟ ଶୃଙ୍ଖଳ

# ଗାଁ ଦାଣ୍ଡରେ ବାର୍ହା ମାରୁଛନ୍ତି ପଇଁତରା

ଭୁବନେଶ୍ୱର, ୨୭।୧୧ (ସମିସ): ରାଜଧାନୀ ଉପକଣ୍ଠବର୍ତ୍ତୀ ଜଙ୍ଗଲରେ ମାଂସାସୀ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ଯୋଗୁଁ ପ୍ରାକୃତିକ ଖାଦ୍ୟଚକ୍ରରେ ଅହେତୁକ ଅନିୟମିତତା ବୃଦ୍ଧି ପାଇବାରେ ଲାଗିଛି । ଫଳରେ ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ବାର୍ହାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ପରିଣାମ ସ୍ୱରୂପ ବାର୍ହାମାନେ

**■ ଆତଙ୍କରେ ଆତଙ୍କିତ ରାଜଧାନୀ ଉପକଣ୍ଠବାସୀ**

**■ ଭୟରେ ସଞ୍ଜ ହେଲେ ଘରୁ ବାହାରୁ ନାହାନ୍ତି ଲୋକେ**

**■ ଦଳିମକଚି ନଷ୍ଟ କରି ଦେଉଛନ୍ତି ଫସଲ**

ଜଙ୍ଗଲ ଛାଡ଼ି ରାଜଧାନୀ ଉପକଣ୍ଠବର୍ତ୍ତୀ ଗ୍ରାମାଞ୍ଚଳକୁ ପଶି ଆସୁଛନ୍ତି । ରାତି ତ ରାତି ଦିନ ଦୁଇପ୍ରହରରେ ମଧ୍ୟ ବାର୍ହାମାନେ ବିଭିନ୍ନ ଗ୍ରାମରେ ବୁଲୁଥିବା ଦେଖିବାକୁ ମିଳୁଛି ଏବଂ ସେମାନେ ଫସଲ ନଷ୍ଟ କରୁଥିବା ଜଣାପଡ଼ିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି ।

ରାଜଧାନୀ ସହରଠାରୁ ଅନତି ଦୂରକୁ ଲାଗି ରହିଛି ଚନ୍ଦକା-ଡମପଡ଼ା ସଂରକ୍ଷିତ ଜଙ୍ଗଲ । ଉପକଣ୍ଠବର୍ତ୍ତୀ



ଜଙ୍ଗଲ ଚାରିପଟେ ରହିଛି ମଦନପୁର, ଦେଉଳିଆ ପାଟଣା, କାଇମାଟିଆ, ପାଇକରାପୁର, ମେଣ୍ଢାଶାଳ, ଗିରିଙ୍ଗାପୁଟ, ଅନ୍ଧାରୁଆ, ଛତାବର, କଣ୍ଟାବାଡ଼ ଚନ୍ଦକା ଆଦି ଗ୍ରାମ । ଏକଦା ଏହି ଜଙ୍ଗଲରେ ବାଘଭାଲୁ ଆଦି ମାଂସାସୀ ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଥିଲା । କିନ୍ତୁ ମାଂସାସୀ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ଏବଂ କଠୋର ବନ୍ୟପ୍ରାଣୀ ଆଇନ ତଥା ବନବିଭାଗର ୨୪ ଘଣ୍ଟିଆ ପଇଁତରା ଯୋଗୁଁ ଏହି ଅଞ୍ଚଳରେ ପୂର୍ବରୁ କାଁ ଭାଁ ବାରହା ଦେଖା ଦେଉଥିବା ବେଳେ ଏବେ ସେମାନଙ୍କ ସଂଖ୍ୟା ଢେର୍ ବଢ଼ିଛି । ଅପରପକ୍ଷେ ଗୋଟିଏ ବାରହା ଏକକାଳୀନ ୭/୮ ଛୁଆ ଦେଉଥିବାରୁ ବାରହା ବଂଶ ହଠାତ୍ ବୃଦ୍ଧି ପାଇଛି । ଏହାର କୁପ୍ରଭାବ ଉପକଣ୍ଠବାସୀଙ୍କ ଉପରେ ପଡ଼ିଛି । ବାର୍ହା ପଲ ଏବେ ଗାଁ ଦାଣ୍ଡରେ ପଇଁତରା ମାରୁଛନ୍ତି । କାହା ବାଡ଼ିରେ ପସି ଫସଲ ନଷ୍ଟ କରୁଛନ୍ତି ତ କାହା କ୍ଷେତରେ ପଶି ଧାନ ଚାଷକୁ ନଷ୍ଟ କରି ପକାଉଛନ୍ତି । ପରିସ୍ଥିତି ଏମିତି ହେଲାଣି ଯେ, ଦିନବେଳେ ମଧ୍ୟ ଗାଁ ମେଳନ ପଡ଼ିଆ ଠାରୁ ଆରମ୍ଭ କରି ଗାଁ ଭିତରେ ବୁଲୁଛନ୍ତି । ପଲ ପଲ ବାରହା ରାସ୍ତା ଅତିକ୍ରମ କରିବାରୁ ଲୋକମାନେ ଦୁର୍ଘଟଣାର ମଧ୍ୟ ଶିକାର ହେଉଛନ୍ତି । ବାରହାଙ୍କ ଏଭଳି ଉତ୍ପାତ ଯୋଗୁଁ ଉପକଣ୍ଠର ଗ୍ରାମବାସୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି ।

ଜଙ୍ଗଲୀ ବାରହାଙ୍କ ଆତଙ୍କ ଏବେ ଚାଷୀମାନଙ୍କ ନିଦ ହଜାଇ ଦେଇଛି । ପାଚିଲା ଧାନ କିଆରି ଅମଳ ବେଳେ ଦାଉ ସାଧୁଛି । ବାରହା ଧାନ କ୍ଷେତରେ ପଶି ଫସଲ ନଷ୍ଟ କରିଦେଉଥିବା ବେଳେ ନିଜର ପରିଶ୍ରମର ଫଳକୁ ଘରକୁ ଆଣିବା ପାଇଁ ଚାଷୀମାନେ ରାତି ଅନିଦ୍ରା ହେଉଛନ୍ତି । ହାତରେ ବାଡ଼ି ଓ ଟର୍ଚ୍ଚ ଧରି ରାତିସାରା ଫସଲକୁ ଜଗି ରହୁଛନ୍ତି । ବାରହା କବଳରୁ ବର୍ଷକର ଆହାର ରକ୍ଷା କରିବାକୁ ଯାଇ ଧାନ ବିଲ ପାଖରେ ଟିଣ ବାଡ଼ ଦେଉଛନ୍ତି । କେବଳ ବାର୍ହା ଦ୍ୱାରା ଫସଲ ନଷ୍ଟ ହେଉନାହିଁ ବାର୍ହା ଆକ୍ରମଣରେ ବିଭିନ୍ନ ସମୟରେ ଉପକଣ୍ଠବର୍ତ୍ତୀ ଅଞ୍ଚଳବାସୀ ଆହତ ହେଉଥିବା ନଜିର୍ ରହିଛି । ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପାଇକରାପୁର ଥୋଡ଼ିଆ ବନ୍ଧ ନିକଟରୁ ଉଦ୍ଧାର କରାଯାଇଥିଲା । ଏହି ବ୍ୟକ୍ତିଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ବାର୍ହା ଆକ୍ରମଣ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ସ୍ଥାନୀୟ ଅଞ୍ଚଳବାସୀ ବାର୍ହା ଦେଖି ଭୟଭିତ ହେବାର ବହୁ ନଜିର୍ ରହିଛି । ଅନେକ ଲୋକ ସଞ୍ଜ ହେଲେ ଘରୁ ବାହାରୁ ନାହାନ୍ତି ।



# ଭୁବନେଶ୍ୱର ସିଟି

## ୮୩ତମ ପ୍ରତିଷ୍ଠା ଦିବସ

# 'ଗବେଷଣାର ଶକ୍ତିକେନ୍ଦ୍ର ହେବ ଉତ୍କଳ ବିଶ୍ୱବିଦ୍ୟାଳୟ'

ଭୁବନେଶ୍ୱର, ୨୭ ।୧୧(ସମିସ): ଜ୍ଞାନର ବିକାଶ ପାଇଁ ପ୍ରଗତିଶୀଳ ଶିକ୍ଷା ନୀତି ସହ ସମର୍ପଣ ଭାବ ଆବଶ୍ୟକ। ଏହି ମନ୍ତ୍ରରେ ଦୀକ୍ଷିତ ହୋଇ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା ଅନେକ ଛାତ୍ରଛାତ୍ରୀ ବିଶ୍ୱରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଯାହା ବିଶ୍ୱବିଦ୍ୟାଳୟ ପାଇଁ ବିଶ୍ୱରେ ଗର୍ବ ଓ ଗୌରବର ବିଷୟ। ଏହି ଐତିହ୍ୟ ସମ୍ପର୍ଣ୍ଣ ଶିକ୍ଷାନୁଷ୍ଠାନକୁ ନୂତନ ଓ ଅତ୍ୟାଧୁନିକ ଗବେଷଣାର ଶକ୍ତିକେନ୍ଦ୍ର କରି ବିଶ୍ୱର ଶିକ୍ଷାର୍ଥୀଙ୍କ ପାଇଁ ଏକ ସ୍ୱପ୍ନର ଗନ୍ତବ୍ୟସ୍ଥଳ ଭାବେ ଗଢ଼ି ତୋଳିବାକୁ ପ୍ରଚେଷ୍ଟା ଜାରି ରହିଥିବା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି। ଏମ୍‌କେସିଜି ପ୍ରେକ୍ଷାଳୟରେ ଗୁରୁବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସେ ଆହୁରି କହିଛନ୍ତି ଯେ ଗବେଷଣାକୁ ପ୍ରାଥମିକତା ଦେଇ ଛାତ୍ରଛାତ୍ରୀଙ୍କୁ ତୃଣମୂଳସ୍ତରରୁ ଶୀର୍ଷରେ ପହଞ୍ଚାଇବାକୁ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ କରିଛି।



ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପଣ୍ଡିଚେରୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି. ପ୍ରକାଶ ବାବୁ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ବୌଦ୍ଧିକ ଶକ୍ତିକୁ ଆଗକୁ ନେବାରେ ଥିବା ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ସମ୍ଭାବନାର ଗନ୍ତାଘର ଭାବେ ବର୍ଣ୍ଣନା କରିଛନ୍ତି। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠିତ ବୈଜ୍ଞାନିକ ପ୍ରଫେସର ବେଦାଙ୍ଗଦାସ ମହାନ୍ତି ଯୋଗଦେଇ ଉଚ୍ଚଶିକ୍ଷାରେ ଆସୁଥିବା ବିଭିନ୍ନ ଆହ୍ୱାନ ଏବଂ ଉଦ୍ଭାବନ, ଅନ୍ତର୍ଭୁକ୍ତିକରଣ ଓ ଗବେଷଣାର ବିଶ୍ୱସ୍ତରୀୟ ମାନଦଣ୍ଡ ମାଧ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରୀୟ ଉତ୍କର୍ଷତା ହାସଲ କରିବାର ଅପାର ସାମର୍ଥ୍ୟ ରଖିଥିବା କହିଛନ୍ତି। କୁଳସଚିବ ଡ. ସ୍ୱାତୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଛାତ୍ରମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଉତ୍ସବରେ ଶିକ୍ଷା ଓ ଏକ୍ସଟ୍ରା କରିକୁଲାର କାର୍ଯ୍ୟକ୍ରମରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଲୋକ ପ୍ରଶାସନ ବିଭାଗର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀଙ୍କୁ ସମ୍ମାନଜନକ ଲତିକା ସୁନ୍ଦରୀ ରାୟ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବାବେଳେ ମୋଟ୍ ୪୧ ଜଣ ଗବେଷକ ଓ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ଓ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଛି।

## ୨୯ରେ ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ବକ୍ତୃତାମାଳା

ଭୁବନେଶ୍ୱର, ୨୭।୧୧(ସମିସ):ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ନ୍ୟାସର ଅଷ୍ଟମ ସ୍ମାରକୀ ବକ୍ତୃତାମାଳା ଆସନ୍ତା ୨୯ ତାରିଖ ଶନିବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଓ ନ୍ୟାସର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ 'ଗଣମାଧ୍ୟମ, ଗଣତନ୍ତ୍ର ଏବଂ ସୁଶାସନ:ପାରମ୍ପରିକ ବନାମ ନୂତନ ଗଣମାଧ୍ୟମର ଭୂମିକା' ଶୀର୍ଷକରେ ବକ୍ତୃତା ପ୍ରଦାନ କରିବେ ପଦ୍ମଭୂଷଣ, ପୂର୍ବତନ ସାଂସଦ ତଥା ଦେଶର ପ୍ରଖ୍ୟାତ ସାମ୍ବାଦିକ ସ୍ୱପନ ଦାସଗୁପ୍ତା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖିକା ତଥା ସମାଜସେବୀ ନମ୍ରତା ଚଢ଼ା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ନ୍ୟାସ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ଡ. ବିଷ୍ଣୁ ମୋହନଙ୍କୁ ଡ.ହରେକୃଷ୍ଣ ମହତାବ ସମ୍ମାନ



ଭୁବନେଶ୍ୱର, ୨୭।୧୧(ସମିସ): ଶିକ୍ଷା କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ରୟାଲ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ଡ.ବିଷ୍ଣୁମୋହନ ମହାନ୍ତିଙ୍କୁ ଚଳିତ ବର୍ଷର 'ଡ.ହରେକୃଷ୍ଣ ମହତାବ ସମ୍ମାନ' ପ୍ରଦାନ କରାଯାଇଛି। ଡ. ହରେକୃଷ୍ଣ ମହତାବଙ୍କର ୧୨୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମିଳନୀ ଡ. ହରେକୃଷ୍ଣ ମହାତାବ ଜୟନ୍ତୀ କମିଟି ଭୁବନେଶ୍ୱର ଦ୍ୱାରା ଆୟୋଜନ କରାଯାଇଥିଲା। ସୂଚନା ମୁତାବକ ଡ. ଶ୍ରୀ ମହାନ୍ତି ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଅନେକ ସଫଳତା ପାଇଛନ୍ତି। ଡ. ବିଷ୍ଣୁ ମୋହନ ମହାନ୍ତି ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ରୟାଲ କଲେଜ ଅଫ ହାୟର ସେକେଣ୍ଡାରୀ ସ୍କୁଲର ପ୍ରତିଷ୍ଠାତା ଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରୟାଲ କଲେଜ ଅଫ ସାଇନ୍ସ ଏବଂ ଟେକ୍ନୋଲୋଜି (ଯୁକ୍ତ ଦୁଇ ବିଜ୍ଞାନ), ରୟାଲ ପବ୍ଲିକ ସ୍କୁଲ, ରୟାଲ ହାଇ ସ୍କୁଲ ପ୍ରଭୃତି ଶିକ୍ଷାକ୍ଷେତ୍ରରେ ଅନେକ ସୁନାମ ଅର୍ଜନ କରିଛି।

## କ୍ଲାପ୍ ପକ୍ଷରୁ ନୋବେଲ ସିଟିଜେନ ଆୱାର୍ଡ




ଭୁବନେଶ୍ୱର, ୨୭ ।୧୧(ସମିସ): କ୍ଲାପ୍ ପକ୍ଷରୁ ଘର ଘର ସମ୍ବିଧାନ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ଦିକ୍ଷତ କ୍ରିଷ୍ଣା ଶ୍ରୀପଦ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିରୂପେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ବିପି ଚୌଧୁରୀ ଓ ପ୍ରଫେସର ପ୍ରବିର କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। କ୍ଲାପ୍‌ର ସଭାପତି ଡ. ବିକାଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟବାର କାଉନସିଲରର ପୂର୍ବତନ ଅଧ୍ୟକ୍ଷ ଆଡ଼ଭୋକେଟ ମାନସ ରଞ୍ଜନ ମହାପାତ୍ର, ମାନବିକ ଅଧିକାର ପ୍ରବକ୍ତା ସଂଗ୍ରାମ ମଲ୍ଲିକ, ପ୍ରଶାସନିକ ଅଧିକାରୀ ସନ୍ନ୍ୟାସୀ କୁମାର ବେହେରା, ମହିଳା ଅଧିକାର କର୍ମୀ ବୀଣାପାଣି ମଲ୍ଲିକଙ୍କୁ ନୋବେଲ ସିଟିଜେନ ଅଫ୍ ଇଣ୍ଡିଆ ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ପ୍ରଫୁଲ ସାହୁ ବିବରଣୀ ପ୍ରଦାନ କରିଥିଲେ। ମୌଳିକ କର୍ତ୍ତବ୍ୟ ସଂକ୍ରାନ୍ତ ସଚେତନତା ଧର୍ମୀ ପୁସ୍ତକ ମଧ୍ୟ ଲୋକାର୍ପଣ କରାଯାଇଥିଲା। କ୍ଲାପ୍‌ର ପରିଚାଳନା ବୋର୍ଡର ସଦସ୍ୟା ସ୍ନିଗ୍ଧା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଭୁବନେଶ୍ୱର, ୨୭ ।୧୧(ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ବୀରେନ୍ ମିତ୍ର ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ବୁଧବାର ସୂଚନା ଭବନଠାରେ ବୀରେନ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ମାନବାଧିକାର କମିସନ ସଦସ୍ୟ, ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଡ. ବିଆର୍ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ବୀରେନଙ୍କ ପ୍ରତିଭା ଓ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କର ଜଣେ ଘନିଷ୍ଠ ସହଯୋଗୀ ଭାବେ ସ୍ୱର୍ଗତ ବୀରେନ ମିତ୍ର ନବ ଓ ସ୍ୱପ୍ନ ଚରିତାର୍ଥ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କାନୁନଗୋ ପ୍ରକାଶ କରିଥିଲେ। ସେହିପରି ପୂର୍ବତନ ସାଂସଦ ବ୍ରଜକିଶୋର ତ୍ରିପାଠୀ, ଫାଉଣ୍ଡେସନର ସଭାପତି ପିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିଲା ବେଳ ଫାଉଣ୍ଡେସନର ସମ୍ପାଦକ ଅମିତ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାନସଭା ସମ୍ମୁଖରେ ବିକ୍ଷୋଭ କରିବେ ରୋଷେୟା ସେବାୟତ

ଭୁବନେଶ୍ୱର, ୨୭।୧୧(ସମିସ): ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ ପକ୍ଷରୁ ଆସନ୍ତା ଡିସେମ୍ବର ୧ତାରିଖ ଦିନ୧୧ଟାରେ ୮ ଦଫା ଦାବି ନେଇ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡାଙ୍କ ନେତୃତ୍ୱରେ ଓଡ଼ିଶାର ୩୦ ଟି ଜିଲ୍ଲାରୁ ରୋଷେୟାମାନେ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଗୁରୁବାର ଜୟଦେବ ଭବନରେ ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଆବାହକ ଦିଗମ୍ବର ଜେନା ସୂଚନା ଦେଇଛନ୍ତି। ସରକାରଙ୍କ ନିୟମ ଅନୁସାରେ ୬ ବର୍ଷରୁ ଅଧିକ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସ୍ଥାୟୀ କରାଯିବାର ବ୍ୟବସ୍ଥା ଥିବାବେଳେ ସେମାନଙ୍କୁ ଠିକା କର୍ମଚାରୀ ଭାବେ ନିୟୋଜିତ କରାଯାଇଥିବା ସଂଘ ପ୍ରକାଶ କରିଛି। ସେହିପରି ବେତନ ବୃଦ୍ଧି, ପ୍ରତ୍ୟେକ ରୋଷେୟାମାନଙ୍କରଇପିଏଫ୍‌କଟାଯିବାଦାବିନେଇ ସଂଘ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡା, ସାଧାରଣ ସମ୍ପାଦିକା ରିନା ମୁର୍ମୁ ପ୍ରକାଶ କରିଛନ୍ତି।

## 'ପ୍ରାଚୀନ ଓଡ଼ିଆ ସାହିତ୍ୟରେ ରୁଦ୍ର ସୁଧାନିଧି' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୨୭।୧୧(ସମିସ): ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଲକ୍ଷ୍ମୀସାଗର ଆନୁକୂଲ୍ୟରେ 'ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନୁପମ ବିଭବ: ରୁଦ୍ର ସୁଧାନିଧି'ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୁଧବାର କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବରିଷ୍ଠ ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ ଯୋଗଦେଇଥିଲେ। ଏଥିରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ ସଭାପତିତ୍ୱ କରିଥିବା ବେଳେ ଉତ୍କର୍ଷ କେନ୍ଦ୍ରର ଗବେଷକ ଡ. ମନସା ଶ୍ରୀଚନ୍ଦନ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ହିମାଦ୍ରି ତନୟା ମିଶ୍ର, ରୂପଶ୍ରୀ ଧରଙ୍କ ସମେତ ବହୁ ଶିକ୍ଷାବିତ୍ ଓ ଗବେଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ବରିଷ୍ଠଗବେଷକଡ.ଅମ୍ବରୀଶଶତପଥୀଧନ୍ୟବାଦଅର୍ପଣକରିଥିଲେ।

## ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ

ଭୁବନେଶ୍ୱର, ୨୭।୧୧(ସମିସ): ଓଡ଼ିଶା ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଶାସକ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ଜୟନାରାୟଣ ମିଶ୍ର, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରିଥିଲେ।

## ୧୨ ଜଣ ପାଲା ଗାୟକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭।୧୧(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବର ଉଦ୍‌ଯାପନୀ ସମାରୋହ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପାଲାଗବେଷକ ଡ. ସନ୍ତୋଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଭଦ୍ରକ ଜିଲ୍ଲାର ଡ. କଳାକର ନାୟକ ଓ ସାଥୀ, କଟକ ଜିଲ୍ଲାର ଅସୀମା ବରାଳ ଓ ସାଥୀ, ଦୁଷ୍ମନ୍ତ ବେହେରା ଓ ସାଥୀ, ପୁରୀ ଜିଲ୍ଲାର ବସନ୍ତ କୁମାର ମହାରଣା ଓ ସାଥୀ ଏବଂ କେନ୍ଦୁଝର ଜିଲ୍ଲାର ତୁଳସୀ ଚରଣ ମହାନ୍ତ ଓ ସାଥୀ ପାଲା ପରିବେଷଣ କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ସତ୍ୟ ନାୟକ ଓ ସାଥୀ ଦାସକାଠିଆ ପରିବେଷଣ କରିଥିଲେ। ଏହି ଅବସରରେ ୧୨ ଜଣ ପାଲା ଗାୟକ ଓ ଗାୟିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଶ୍ରୀ ନିଳାଚଳ ନିଖିଳ ଉତ୍କଳ ପାଲା ଗାୟକ ସଂଘର ସଭାପତି ଗାୟକ ମଦନ ମୋହନ ଜେନା, ସମ୍ପାଦକ ଗାୟକ ବସନ୍ତ କୁମାର ରାଉତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପରିଚାଳନା କରିଥିଲେ।

## ପୂଜ୍ୟପୂଜାକୁ ଆଗେଇ ନେବା ଆମ ସମସ୍ତଙ୍କର କର୍ତ୍ତବ୍ୟ



ଭୁବନେଶ୍ୱର, ୨୭ ।୧୧(ସମିସ): ଓଡ଼ିଶା ନାଗରିକ ମହାମଞ୍ଚ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ, ପାଇକ ସଂଗଠନର ପ୍ରତିଷ୍ଠାତା ସ୍ୱର୍ଗତ ହଟନାଥ ମଙ୍ଗରାଜଙ୍କ ୧୦୫ ତମ ଜନ୍ମ ବାର୍ଷିକ ଓ ଓଡ଼ିଶା ନାଗରିକ ମହାମଞ୍ଚ, ଅଧ୍ୟକ୍ଷ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ବରିଷ୍ଠ ସାମ୍ବାଦିକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀଙ୍କ ୬୮ ତମ ଜନ୍ମଦିବସ ଗଙ୍ଗନଗରସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଓଡ଼ିଶା ନାଗରିକ ମହାମଞ୍ଚର ଉପସଭାପତି ଡ. ପ୍ରଦୀପ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟ ଓ ମୁଖପାତ୍ର ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଷାପ୍ରାଣ ମୋହନ ଦଳସିଂରାୟ, ସତ୍ୟବାଦୀ ବଳିୟାରସିଂ, ଶିକ୍ଷାବିତ ସୁନୀଲ କୁମାର ମିଶ୍ର, ବିଜୟ ପରିଡ଼ା, ସମିତା ମହାରଣା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ଖୁଣ୍ଟିଆ, ବିଜୟ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## କିମ୍‌ସରେ ଓଡ଼ିଶାର ପ୍ରଥମ ଡିଜିଟାଲ୍ ପାଥୋଲୋଜି ସ୍କାନର୍



ଭୁବନେଶ୍ୱର, ୨୭।୧୧(ସମିସ): କିମ୍‌ସରେ ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ଡିଜିଟାଲ୍ ପାଥୋଲୋଜି ସ୍କାନର କାର୍ଯ୍ୟ ଆରମ୍ଭ କରିଛି। କିମ୍‌ସ ପାଥୋଲୋଜି ବିଭାଗରେ ଅତ୍ୟାଧୁନିକ ଏସ୍‌ଜି୬୦ ଡିଜିଟାଲ୍ ପାଥୋଲୋଜି ସ୍କାନରକୁ କାର୍ଯ୍ୟକ୍ଷମ କରାଯାଇଛି। ଏହାକୁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିମ୍‌ସ ପରାମର୍ଶଦାତା ଡ. ଆର ଏନ ସାମନ୍ତ, ପାଥୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ରଞ୍ଜନା ଗିରିଙ୍କ ସମେତ କିମ୍‌ସର ଅନ୍ୟ ବରିଷ୍ଠ ଡାକ୍ତର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର, ୨୭ ।୧୧(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ଆନୁକୂଲ୍ୟରେ ବୁଧବାର ଠାରୁ ରବିବାର ପର୍ଯ୍ୟନ୍ତ ରାଜ୍ୟ ମୁଖ୍ୟାଳୟ ପରିସରରେ କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ୧୪ଟି ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରୁ ୬୦୦ରୁ ଊର୍ଦ୍ଧ୍ୱ ଜଣ କବ୍ ସ୍କାଉଟ, ବୁଲ୍‌ବୁଲ୍ ଗାଇଡ୍ ସେମାନଙ୍କର ୟୁନିଟ୍ ଲିଡରମାନଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବରେ ଯୋଗଦାନ କରିଛନ୍ତି। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିସନର ଡ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ। ରାଜ୍ୟ ଯୁଗ୍ମ ସମ୍ପାଦକ ଅନାମିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କବ୍ ବୁଲ୍‌ବୁଲ୍‌ମାନଙ୍କୁ ସଭାପତି ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଅତନୁ ସବ୍ୟସାଚୀ ନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ୟାଟେରୀ ଚାଳିତ ବୈଦ୍ୟୁତିକ ଫର୍କଲିଫ୍ଟ ଫ୍ଲିଟ୍‌ର ବିସ୍ତାର କଲା ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, ୨୭।୧୧(ସମିସ): ବେଦାନ୍ତ ଆଲୁମିନିୟମ୍ ଭାରତର ସର୍ବବୃହତ ଲିଥିୟମ-ଆୟନ ବ୍ୟାଟେରୀ ଚାଳିତ ବୈଦ୍ୟୁତିକ ଫର୍କଲିଫ୍ଟ ଫ୍ଲିଟ୍‌ର ବିସ୍ତାର ଘୋଷଣା କରିଛି। ଏହା ଓଡ଼ିଶା ଏବଂ ଛତିଶଗଡ଼ରେ କମ୍ପାନୀର ବିଶ୍ୱସ୍ତରୀୟ କାର୍ଯ୍ୟରେ ନିୟୋଜିତ ୧୪୨ଟି ଯାନକୁ ନେଇ ଅର୍ନ୍ତଭୁକ୍ତ, ଯାହାକି ଏହାର ପୂର୍ବ ମୋଟ ସଂଖ୍ୟା ଦୁଇଗୁଣରୁ ଅଧିକ। ବିଶ୍ୱ ସ୍ଥାୟୀ ପରିବହନ ଦିବସରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଆସିଛି, ଯାହା ଭାରତର ଶିଳ୍ପ ଦୃଶ୍ୟପଟ ମଧ୍ୟରେ କାର୍ଯ୍ୟକୁ ପୁନଃପରିଭାଷିତ କରୁଛି ଏବଂ ସ୍ଥାୟୀ ବ୍ୟବସାୟିକ ଅଭ୍ୟାସଗୁଡ଼ିକୁ ସୁନିଶ୍ଚିତ କରିବା ଉପରେ ଅଧିକ ଧ୍ୟାନ କେନ୍ଦ୍ରିଭୁତ କରିଛି। ବୈଦ୍ୟୁତିକ ଫୋର୍କଲିଫ୍ଟକୁ ପରିବର୍ତ୍ତନ ୨୦୫୦ ସୁଦ୍ଧା ନେଟ୍-ଶୂନ୍ୟ କାର୍ବନ ନିର୍ଗମନ ହାସଲ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତା ସହିତ ସମନ୍ୱିତ ଏବଂ ୨୦୩୦ ସୁଦ୍ଧା ଏହାର ହାଲୁକା ମୋଟର ଯାନ (ଏମଏମଭି) ଫ୍ଲିଟ୍ ଡିକାର୍ବୋନାଇଜେସନ୍ ଲକ୍ଷ୍ୟକୁ ଆଗକୁ ବଢ଼ାଉଥିବା ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି। କେବଳ ଝାରସୁଗୁଡା ସ୍ମେଲ୍ଟରରେ ୧୧୬ଟି ଏପରି ଫୋର୍କଲିଫ୍ଟ ନିୟୋଜିତ ହୋଇଛି। ଏହି ପଦକ୍ଷେପ ବାର୍ଷିକ ପ୍ରାୟ ୪,୪୫୦ ଟନ୍ ସିଓ୨-ସମତୁଲ୍ୟ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକୁ ଦୂର କରିବ ଏବଂ ପ୍ରତିବର୍ଷ ୧୬.୩ ଲକ୍ଷ ଲିଟର ଡିଜେଲ ବ୍ୟବହାର ହ୍ରାସ କରିବ ବୋଲି ଆଶା କରାଯାଉଛି।

## ସବୁଜ ଭାରତର ୧୩ତମ ପ୍ରତିଷ୍ଠା ଦିବସ

# ସଚେତନ ନ ହେଲେ କିଣିବାକୁ ହେବ ଅମ୍ଳଜାନ

■ ବିକାଶ ନାମରେ ଚାଲିଛି ବୃକ୍ଷ ଛେଦନ
■ ସାତ ସପନ ହେଲାଣି ଛଅ ଋତୁର ଅନୁଭୂତି

ଭୁବନେଶ୍ୱର, ୨୭।୧୧(ସମିସ): ସାମ୍ପ୍ରତିକ ସମୟରେ କ୍ରମାଗତ ଭାବରେ ବୃକ୍ଷ ଛେଦନ, ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବା ସହ ପରିବେଶ ପ୍ରଦୂଷଣ ଯୋଗୁଁ ମନୁଷ୍ୟ ଠାରୁ ଆରମ୍ଭ କରି ଜୀବଜଗତ ବିଶେଷ ପ୍ରଭାବିତ ହେଉଛନ୍ତି। ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟ ହେଉ କିମ୍ବା ରାସ୍ତା ସମ୍ପ୍ରସାରଣ ଅବା ବହୁତଳ ପ୍ରାସାଦ ନିର୍ମାଣ ହେଉ, ପ୍ରତିଦିନ ଶହ ଶହ ଗଛ ବଳି ପଡୁଛନ୍ତି। ଯେଉଁ ପରିମାଣରେ ଗଛ କଟାଯାଉଛି, ସେହି ପରିମାଣରେ ଗଛ ଲଗାଯାଉ ନ ଥିବାରୁ ଦିନକୁ ଦିନ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ଅମ୍ଳଜାନର ଅହେତୁକ ଅଭାବ ପରିଲକ୍ଷିତ ହେଉଥିବାରୁ ଆଗକୁ ରାଜ୍ୟରେ ଅକ୍ସିଜେନ ପାର୍ଲର ଖୋଲିବା ସହ ସେଠାରେ ଅମ୍ଳଜାନ ବିକ୍ରି ହେବ ବୋଲି ଜୟଦେବ ଭବନରେ ସବୁଜ ଭାରତର ୧୩ତମ ପ୍ରତିଷ୍ଠା ଦିବସରେ 'ଜଳବାୟୁ ପରିବର୍ତ୍ତନ ଓ ଯୁବ ସମାଜର ଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସବୁଜ ଭାରତର ସଭାପତି ସତ୍ୟବ୍ରତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ




ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଓଡ଼ିଶା ନାଗରିକ ସମାଜର ସଭାପତି ଲଳିତ ମୋହନ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ମତବ୍ୟକ୍ତ କରିଥିଲେ ଯେ, ବର୍ତ୍ତମାନ ବିକାଶ ନାମରେ ଯେଉଁଭଳି ଭାବରେ ଗଛକଟା ଚାଲିଛି ତାହା ଜୀବଜଗତକୁ ବିନାଶ ମୁହଁକୁ ଠେଲିଦେଉଛି। ଛଅ ଋତୁ ଆଜି ସାତ ସପନ ହୋଇଛି। ଠିକ୍ ସମୟରେ ଓଡ଼ିଶାକୁ ମୌସୁମୀ ପ୍ରବେଶ ନ କରିବାରୁ ଚାଷୀଭାଇମାନେ ଚାଷକାର୍ଯ୍ୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଆବଶ୍ୟକ ଅନୁସାରେ ଗଛ ଲଗାଯାଉ ନ ଥିବାରୁ ଭବିଷ୍ୟତରେ ଲୋକମାନେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ। ସମୟ ଆସିବ ଦିଲ୍ଲୀ, ମୁମ୍ବାଇ ଭଳି ସହରରେ ଯେଭଳି ଅକ୍ସିଜେନ ପାର୍ଲରମାନ ଖୋଲି ଅମ୍ଳଜାନ ବିକ୍ରି ହେଉଛି, ଓଡ଼ିଶାରେ ମଧ୍ୟ ଅକ୍ସିଜେନ ପାର୍ଲର ଖୋଲି ଅମ୍ଳଜାନ ବିକ୍ରି ହେବାକୁ ଆଉ ବେଶିଦିନ ଲାଗିବନି। କଥାରେ ଅଛି ଜଙ୍ଗଲ ମେ ମଙ୍ଗଲ୍। ତେଣୁ ଆମ୍ଭେମାନେ ଯେତେ ନୂଆ ନୂଆ ଜଙ୍ଗଲ ସୃଷ୍ଟି କରି ଗଛଗୁଡ଼ିକୁ ସୁରକ୍ଷିତ ଭାବରେ ବଞ୍ଚିବାକୁ ଦେବା, ଜଙ୍ଗଲ ଆମ୍ଭମାନଙ୍କୁ ସୁରକ୍ଷା ପ୍ରଦାନ କରିବ। ବିଶେଷକରି ବୃକ୍ଷରୋପଣ ଦିଗରେ ଯୁବପିଢ଼ିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ନିଜ ନିଜର ଜନ୍ମଦିନରେ ସାଙ୍ଗସାଥୀମାନଙ୍କୁ ଚାରା ଉପହାର ଦେଇ ଏକ ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ।

ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଶୁପକ୍ଷୀମାନଙ୍କ ଶବ ସତ୍କାର କରୁଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମା'ମାନଙ୍କୁ ଶାଢ଼ୀ ବଣ୍ଟନ କରାଯାଇଥିଲା। ଶେଷରେ ସୌମ୍ୟରଞ୍ଜନ ନାଥ, ଶକ୍ତି ମିଶ୍ର, ବର୍ଷା ପ୍ରିୟଦର୍ଶିନୀ, ଦେବାଶିଷ ଦଳେଇ ଏବଂ ସଂଘମିତ୍ରା ଦଳେଇ ପ୍ରମୁଖ ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ନୂଆପଡ଼ା ସହରରେ ଭାଲୁ



**ନୂଆପଡ଼ା, ୨୭ ।୧୧ (ସମିସ):** ନୂଆପଡ଼ା ସହର ନିକଟବର୍ତ୍ତି ସାଲିହା ଜଙ୍ଗଲରେ ଶତାଧିକ ଭାଲୁ ରହୁଥିବା ବେଳେ ବନ ବିଭାଗର ଉଦାସୀନତା ଯୋଗୁଁ ଭାଲୁମାନେ ଆବଶ୍ୟକ ଖାଦ୍ୟପେୟ ଏବଂ ସୁରକ୍ଷା ପାଉନଥିବା ଅଭିଯୋଗ ହେଉଛି । ଫଳରେ ଜଙ୍ଗଲ ଛାଡି ସହର ମୁହାଁ ହେଉଥିବା ଦେଖାଯାଉଛି । ବୁଧବାର ରାତିରେ ନୂଆପଡ଼ା ସହର ଭିତରେ ମିନି ଷ୍ଟାଡିୟମରେ ଗୋଟିଏ ମାଈ ଭାଲୁ ସହ ଦୁଇଗୋଟି ଶାବକ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ପରେ ଗୁରୁବାର ସକାଳେ ମଧ ସହରର ମୁଖ୍ୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଘୁରି ବୁଲୁଥିବା ଦେଖି ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ । ଲୋକଙ୍କ ଚିତ୍କାର ଶୁଣି ଭାଲୁ ତିନୋଟି ଉଠା ଜଳ ସେଚନ ବିଭାଗ କାର୍ଯ୍ୟାଳୟ ପରିସରକୁ ଦୌଡ଼ି ପଳାଇଥିଲେ ।ସେଠାରୁ ସାଲେଭଟା ଗାଁ ନାଲା ଦେଇ ଜଙ୍ଗଲକୁ ଚାଲିଯାଇଥିଲା ।ବିଭାଗ ପକ୍ଷରୁ ଭାଲୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ଘଉଡାଇବାକୁ ପ୍ରୟାସ କରାଯାଇଥିଲା । ସୂଚନା ଯୋଗ୍ୟ ଯେ କିଛି ଦିନ ତଳେ ଭାଲୁ ଦୁଇଟି ରେଳ ଷ୍ଟେସନରେ ବୁଲୁଥିଲେ । ଗତ ବର୍ଷ ଜିଲ୍ଲାପାଳଙ୍କ ନିବାସ କାର୍ଯ୍ୟାଳୟ ଭିତରେ ହଇ ଚଇ ସୃଷ୍ଟି କରିଥିଲେ । ଗତ ବର୍ଷ ପ୍ରାତଃ ଭ୍ରମଣରେ ଥିବା ଲୋକମାନଙ୍କୁ ସ୍ଥାନୀୟ ସ୍ମଶାନଘାଟ ନିକଟରେ ଭାଲୁ ଆକ୍ରମଣ କରିଥିବାରୁ ଆହତ ହୋଇ ଚିକିତ୍ସିତ ହୋଇଥିଲେ ।ଏହାକୁ ବନ ବିଭାଗ ଏହାକୁ ହାଲୁକା ଭାବେ ନ ନେଇ ଗୁରୁତର ସହ ବିଚାର କରିବା ଜରୁରୀ ହୋଇପଡ଼ିଛି । ଜିଲ୍ଲା ପାଳ ହସ୍ତକ୍ଷେପ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି ।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ




**ଭବାନୀପାଟଣା, ୨୭ ।୧୧(ସମିସ):** ଭବାନୀପାଟଣା ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ପ୍ରଥମେ କଂଗ୍ରେସର ସମସ୍ତ କର୍ମକର୍ତ୍ତା ଜିଲ୍ଲପାଳଙ୍କ କାର୍ଯ୍ୟଳୟ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେଠାରୁ ପଦଯାତ୍ରାରେ ବାହାରି କଂଗ୍ରେସ ଭବନ ପର୍ଯ୍ୟନ୍ତ ଯାଇଥିଲେ । ଜିଲ୍ଲା ସଭାପତି ଜଳନ୍ଧର ନାଏକଙ୍କ ସଭାପତିତ୍ୱରେ କଂଗ୍ରେସ ଭବନରେ ଅନୁଷ୍ଠିତ ସଭାରେ ନେତାମାନେ ସମ୍ବିଧାନ ପ୍ରଣେତା ବାବାସାହେବଙ୍କୁ ସ୍ମୃତି ଚାରଣ କରିବାସହ ସମ୍ବିଧାନ ଦ୍ୱାରା ଗଣତନ୍ତ୍ରର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଥିଲେ ।ଉକ୍ତ ସଭାରେ କଂଗ୍ରେସ ଦଳର ସମସ୍ତ ଛାମୁଆ ସଂଗଠନ ମହିଳା କଂଗ୍ରେସ, ଯୁବ କଂଗ୍ରେସ, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ, ସେବାଦଳ, କୃଷକ ସେଲ, ଛାତ୍ର କଂଗ୍ରସ ସହ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଡଷ୍ଟବିନ୍‌ରେ ମା'ମାଣିକେଶ୍ୱରୀଙ୍କ ଚିତ୍ର

**ଭବାନୀପାଟଣା, ୨୭ ।୧୧ (ସମିସ):** ଭବାନୀପାଟଣା ପୌର ସଂସ୍ଥା ତରଫରୁ ପ୍ରତି ସରକାରୀ କାର୍ଯ୍ୟାଳୟ ଏବଂ ରାସ୍ତାଘାଟରେ ଅଳିଆ ଡବା ଯୋଗାଇ ଦିଆଯାଇଛି । ସେ ଅଳିଆଡବାରେ କଳାହାଣ୍ଡିର ଇଷ୍ଟ ଦେବୀ ମା'ମାଣିକେଶ୍ୱରୀ ମନ୍ଦିରର ଫଟୋ ରହିଛି ।ଏହି ଫଟୋକୁ ନେଇ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି ।ଆମେ ହିନ୍ଦୁ କହି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ରହୁଥିବା ହିନ୍ଦୁ ଭାଇଭଉଣୀ ନୀରବ କେତେକ ସାଧାରଣ ନାଗରିକ କହିଛନ୍ତି । ଆମେ ମାଣିକେଶ୍ୱରୀଙ୍କୁ ଆମ ଇଷ୍ଟଦେବୀ ଭାବେ ପୂଜା କରୁ । ଅଳିଆଡବାରେ ଫଟୋ ଥିବାରୁ ମା'ଙ୍କ ଉପରେ ଅପମାନ ସଦୃଶ । ତେଣୁ ଅଳିଆ ଡବାରୁ ତୁରନ୍ତ ମାଣିକେଶ୍ୱରୀଙ୍କ ଫୋଟୋ ହଟାଇବାକୁ ସାଧାରଣରେ ଦାବି ହୋଇଛି ।



## ନୂଆପଡ଼ାରେ ମଣ୍ଡି ଖୋଲିବାରେ ବିଳମ୍ବ

# ଓଡ଼ିଶା ଧାନ ଛତିଶଗଡ଼ ଚୋରା ଚାଲାଣ

**ସିନାପାଲି, ୨୭ ।୧୧(ସମିସ)**

ନୂଆପଡ଼ା ଜିଲ୍ଲାରେ ଖରିଫ ଧାନ ସଂଗ୍ରହରେ ବିଳମ୍ବ ହେଉଛି । କିନ୍ତୁ ପଡୋଶୀ ଛତିଶଗଡ଼ ରାଜ୍ୟରେ ଧାନ ସଂଗ୍ରହ ଆରମ୍ଭ ହୋଇ ସାରିଛି । ଏବେ ଓଡ଼ିଶାର ଧାନ ଛତିଶଗଡ଼ ରାଜ୍ୟକୁ ଚାଲାଣ ହେଉଛି ।ଗରିଆବନ୍ଦ ପ୍ରଶାସନ ଦ୍ୱାରା ଇତି ମଧ୍ୟରେ ୧୬ଟି ପିକ୍‌ଅପ ସହ ୩୫୪କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଜବତ ହୋଇଛି । ଚଳିତ ଖରିଫ ଋତୁଧାନ ସଂଗ୍ରହରେ ନୂଆପଡ଼ା ଜିଲ୍ଲାରେ ଅହେତୁକ ବିଳମ୍ବ ହେଉଛି । ବର୍ତ୍ତମାନ ଜିଲ୍ଲାରେ ଅଧାରୁ ଅଧିକ ଧାନ ଅମଳ ହୋଇ ସାରିଛି ଏବେ ଛୋଟ ଓ ମଧ୍ୟମ କିସମ ଧାନ ଅମଳ ସମ୍ପୁର୍ଣ୍ଣ ସରଛି । ବଡ କିସମର ଧାନ ଅଧା ଅମଳ ହୋଇ ସାରିଲାଣି । ଚଳିତ ବର୍ଷ ଜିଲ୍ଲାର ୫୧, ୨୫୩ ଜଣ ଚାଷୀ ଖରିଫ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଜିଲ୍ଲା ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ବୈଠକ ହୋଇ ସାରିଛି । ଏବେ ଚାଷୀ ଧାନ ଅମଳ ପାଇଁ ପାରିଶ୍ରମିକ, ଟ୍ରାକ୍ଟର ଭଡ଼ା ଓ ଅମଳ ପାଇଁ ଥ୍ରେସର ମେସିନ, ଧାନ କଟା ମେସିନ ଟଙ୍କା ଦେବାକୁ ବାକି ରହିଛି । ଏବେ ଧାନ ବିକ୍ରି ହେଉନଥିବାରୁ ବହୁ ଅସୁବିଧାରେ ପଡୁଛନ୍ତି । ଫଳରେ ଚାଷୀ କଷ୍ଟ ଉପାର୍ଜିତ ଧାନ ଫସଲକୁ କମ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ସରକାରୀ ଭାବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ଶହ ଟଙ୍କା ରହିଛି । କିନ୍ତୁ ଅନେକ ଗାଁରେ ଚାଷୀମାନେ ଅର୍ଥାଭାବ ହେତୁ ବାଧ୍ୟ ହୋଇ ୧୮ଶହରୁ ୨ହଜାର ଟଙ୍କାରେ ବିକ୍ରି କରି ଶୋଷଣର ଶୀକାର ହେଉଛନ୍ତି । ଏହାର ସୁଯୋଗ ନେଇ ବେପାରୀମାନେ ଧାନକୁ କମ ଦରରେ କିଣି ଛତିଶଗଡ଼କୁ ଚାଲାଣ କରି ମାଲାମାଲ ହେଉଛନ୍ତି । ନୂଆପଡ଼ା ଜିଲ୍ଲାକୁ ପଡୋଶୀ ଛତିଶଗଡ଼ ରାଜ୍ୟ ସୀମାନ୍ତ ଲାଗିଛି । ଗତ ନଭେମ୍ବର ୧୫ରୁ ପଡୋଶୀ ଛତିଶଗଡ଼ ରାଜ୍ୟରେ ଧାନ ସଂଗ୍ରହ ଆରମ୍ଭ ହୋଇଛି । ଏହାର ସୁଯୋଗ ନେଇ ବେପାରୀମାନେ ନୂଆପଡ଼ା ଜିଲ୍ଲାରେ କମ ଦରରେ ଧାନ କିଣି ଛତିଶଗଡ଼ରେ ବିକ୍ରି କରି ମାଲାମାଲ ହେଉଛନ୍ତି । ନୂଆପଡ଼ା ଜିଲ୍ଲାର ଚାଷୀ ଶୋଷଣର ଶୀକାର ହେଉଛନ୍ତି । ଏବେ ଓଡ଼ିଶାର ଧାନ ରୋକିବାକୁ ଛତିଶଗଡ଼ ସୀମାନ୍ତରେ ଚେକଗେଟ୍ କରି ଯାଞ୍ଚ କରୁଛନ୍ତି । ନୂଆପଡ଼ା ଜିଲ୍ଲାର ଧାନ ସିନାପାଲି ପଟେ ଛତିଶଗଡ଼ ରାଜ୍ୟ ଗରିଆବନ୍ଦ ଜିଲ୍ଲାକୁ ପ୍ରବେଶ କରୁଛି । ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଧିଙ୍ଗିଆମୁଣ୍ଡା ଓ ଗରିଆବନ୍ଦ ଜିଲ୍ଲା ଦେଭୋଗ ଥାନା ତେତେଲଖୁଟି ଗାଁ ମଧ୍ୟସ୍ଥ ସୀମାନ୍ତରେ ଛତିଶଗଡ଼ ପ୍ରଶାସନ ଚେକଗେଟ ବସାଇଛି । ସେହିପରି ସିଙ୍ଗଝର-କୁସୁମଯୋର ରାସ୍ତା ସୀମାନ୍ତ, କନ୍ଦାମୁଣ୍ଡା ସୀମାନ୍ତ, ତାଳକୋଟ ରାସ୍ତା ସୀମାନ୍ତ ରେ ଚେକ୍ ପୋଷ୍ଟ ଲାଗି ଧର ପଗଡ଼ ଚାଲୁଥିବା ବେଳେ ଓଡ଼ିଶା ପ୍ରଶାସନ ବେଫିକର ହାତ ବାନ୍ଧି ବସିଛି । ଯାହା ଫଳରେ ବେଧଡକ ଛତିଶଗଡ଼କୁ ଚୋରା ଚାଲାଣ ହେଉଛି । ଯାହା କଳାବେପାରୀଙ୍କ ରାଜ ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଗତ ୨୩ ତାରିଖ ଦିନ ଧିଙ୍ଗିଆମୁଣ୍ଡ-ତେତେଲଖୁଣ୍ଟି ଚେକପୋଷ୍ଟରେ ଦୁଇଟି ପିକଅପ୍ ନଂଓଡି୦୮ଇ-୯୧୮୭ ଏବଂ ଓଡି୦୮ବି-୭୬୬୫) ରେ ୧୧୫ ବସ୍ତା (୪୬କୁଇଣ୍ଟାଲ) ବେଆଇନ ଚୋରା ଚାଲାଣ ଧାନକୁ ଗରିଆବନ୍ଧ ପୁଲିସ ଜବତ କରିଥିବା ବେଳେ ଏହି ଧାନର ମୂଲ୍ୟ ୧ଲକ୍ଷ ୪୨ହଜାର ୬ଶହ ଟଙ୍କା ଆକଳନ ହୋଇଛି । ସେହିପରି ଗତ ୧୫ ଦିନରେ ଗରିଆବନ୍ଧ ଜିଲ୍ଲା ପୁଲିସ ବେଆଇନ ଧାନ ପରିବହନ ଓ ବିକ୍ରୟରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୬ଟି ଚାରିଚକିଆ ଗାଡ଼ି ସହ ୩୫୪.୮ କୁଇଣ୍ଟାଲ ଧାନ ଜବତ କରିଛି । ଏହି ଜବତ ଧାନର ମୂଲ୍ୟ ୧୦ଲକ୍ଷ ୯ ୯ହଜାର ୮୮୦ଟଙ୍କା ଆକଳନ ହୋଇଛି ।



**ସୀମାନ୍ତରେ ଛତିଶଗଡ଼ ପ୍ରଶାସନର ଧରପଗଡ଼,**

**୧୫ ଦିନରେ ୧୬ ଚାରି ଚକିଆ ଗାଡ଼ି ସହ ୩୫୪ କୁଇଣ୍ଟାଲ ଧାନ ଜବତ**

# ଓଢ଼ଣୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ଥୁଆମୂଳରାମପୁର, ୨୭ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା କାଣିଗୁମା ପଞ୍ଚାୟତର ପଲାଡୁମେର୍ ଗ୍ରାମର ଜଣେ ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ସାମ୍ନାକୁ ଆସିଛି । ଗ୍ରାମର ନିର୍ବାଚିତ ୱାର୍ଡ ମେମ୍ବର ତଥା ନାଏବ ସରପଞ୍ଚ ଦାୟିତ୍ୱରେ ଥିବା କାରୁମ୍ ମାଝୀ (୪୫) ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିବା ନେଇ ଗୁରୁବାର ଥୁଆମୂଳରାମପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଣିଛନ୍ତି ମୃତକଙ୍କ ମାଆ ଟିପାଙ୍ଗ ଦେଇ । ଏପଟେ ସ୍ୱାମୀ ସାନ ମାଝୀ ଦାଦନ ଖଟି ଯାଇଥିବା ବେଳେ ତାଙ୍କର ଦୁଇ ନାବାଳକ ପୁଅ ପାଠ ପଢ଼ିବା ପାଇଁ ହଷ୍ଟେଲରେ ରହୁଛନ୍ତି । ଘରେ ଆଉ କେହି ନଥିବା ବେଳେ କ'ଣ ପାଇଁ ଆତ୍ମହତ୍ୟା କରିଛନ୍ତି କାରଣ ଅସ୍ପଷ୍ଟ । ଘଟଣାସ୍ଥଳରେ ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ୍ ଓ ତାଙ୍କ ଟିମ୍ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି । ପରେ ଶବ ବ୍ୟବଚ୍ଛେଦ ପାଇଁ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ପରେ ସମ୍ପର୍କୀୟଙ୍କୁ ଶବ ହସ୍ତାନ୍ତର କରିଛି ପୋଲିସ । ପୁଲିସର ସୂଚନା ଅନୁଯାୟୀ ବୁଧବାର ରାତିରେ ଘରେ କେହି ନଥିବା ବେଳେ ଘଟଣା ଘଟିଥିବା ଜଣାପଡ଼ିଛି । ଏନେଇ ଥୁଆମୂଳ ରାମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**କର୍ଲାମୁଣ୍ଡା, ୨୭ ।୧୧(ସମିସ):** କର୍ଲାମୁଣ୍ଡା ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ତଥା ଇକୋ କ୍ଲବ ପ୍ରଦର୍ଶନୀ ରିଷିଡାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମୁଖ୍ୟଅତିଥି, ରିଷିଡା ସରପଞ୍ଚ ସେବତୀ ରଣା, କ'ଜୋନ ଜିଲ୍ଲାପରିଷଦ ସଭ୍ୟ ମହେନ୍ଦ୍ର ରଣା, ଏସ୍‌ଏମସି ସଭାପତି ରାଧାକାନ୍ତ ସେଠ, ଏସଏମସିର ପୂର୍ବତନ ସଭାପତି ନେମିଚାନ୍ଦ ଜୈନ, ବାପୁଜୀ ହାଇସ୍କୁଲ ପ୍ରଧାନଶିକ୍ଷକ ଦିପ୍ତିମୟୀ ଦୋରା, ତେରେସିଂହା ହାଇସ୍କୁଲ ପ୍ରଧାନଶିକ୍ଷକ ଗରୁଡଧ୍ୱଜ ଗହୀର, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ରିଷିଡା ସିଆରସିସି ବିଶିକେସନ ସୁନା, କର୍ଲାମୁଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ବିଏସଆରସି ସଭାପତି ଲଳିତ ମୋହନ ସାହୁ, ସମ୍ପାଦକ ସଞ୍ଜିବ କୁମାର ନାଗ, ରିଷିଡା ସରକାରୀ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ବାପୁଜୀ ହାଇସ୍କୁଲ ଛାତ୍ରୀ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ।ପ୍ରଦର୍ଶନୀରେ ୧୪୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ତନ୍ମଧ୍ୟରୁ ବରିଷ୍ଠ ବିଭାଗରେ ୬୦ଟି ପ୍ରକଳ୍ପ ରହିଥିଲା । ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୭ଟି ସବ ଥିମର ୭ଜଣ ଟପ୍ପର ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ଯିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସେମାନେ ହେଲେ ଏସମାଳପଡ଼ା ହାଇସ୍କୁଲ ଜଗା ସାହୁ, ରେଗଡ଼ା ହାଇସ୍କୁଲ ର କାହ୍ନା ସୁନା, ରିଷିଡା ସରକାରୀ ହାଇସ୍କୁଲର ହିତାଂଶୁ ଗହୀର, ଟକାରୁମାଲ ଉ.ପ୍ରା ବିଦ୍ୟାଳୟର ମୋହିତ ସାହୁ, ସାପଲହରା ହାଇସ୍କୁଲ ତନ୍ମୟୀ ସାହୁ, କର୍ଲାମୁଣ୍ଡା ହାଇସ୍କୁଲର ସୀତୁ ସାହୁ ଓ ରିଷିଡା ବାପୁଜୀ ହାଇସ୍କୁଲର ଅପର୍ଣ୍ଣା ସାହୁ । ସେହିପରି ଇକୋ କ୍ଲବ ପ୍ରଦର୍ଶନୀରେ ଏସମାଳପଡ଼ା ହାଇସ୍କୁଲର ଦେବାଶିଷ ସାହୁ ପ୍ରଥମ, ଏସମାଳପଡ଼ା ହାଇସ୍କୁଲର ଆଦର୍ଶ କୁମାର ସାହୁ ଦ୍ୱିତୀୟ, ରିଞ୍ଝା ହାଇସ୍କୁଲର ଜ୍ୟୋତିର୍ମୟୀ ସାହୁ ତୃତୀୟ, ରିଷିଡା ବାପୁଜୀ ହାଇସ୍କୁଲ ମୁସ୍କାନ ସୁନା, ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବରିଷ୍ଠ ବିଭାଗରେ ରିଷିଡା ସରକାରୀ ହାଇସ୍କୁଲର ଆଦିତ୍ୟ ରଣା ପ୍ରଥମ, ବାଞ୍ଜିପଦର ହାଇସ୍କୁଲର କେତକୀ ବାଗ ଦ୍ୱିତୀୟ ଓ ଡେଜି ବାଗ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ ବାପୁଜୀ ହାଇସ୍କୁଲର ସାଇନା କୁମାର ପ୍ରଥମ, ସରକାରୀ ହାଇସ୍କୁଲ ର ସିହାନ ନାଗାଦତ୍ୟ ଦ୍ୱିତୀୟ, ନିମିସ୍ମିତା ରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସବଜୁନିୟର ଗ୍ରୁପରେ କନ୍ଧପଡ଼ା ପ୍ରାଥମିକ ବିଦ୍ୟାଳୟର ରଚନା ରଣା ପ୍ରଥମ, ତେରେସିଂହା ବସ୍ତି ପ୍ରାଥମିକ ବିଦ୍ୟାଳୟର ପାୟଲ ରଣା ଦ୍ୱିତୀୟ, ଯମୁନାପୁର ପ୍ରାଥମିକ ବିଦ୍ୟାଳୟର ଆଶିଷ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବେ ମହୋନଗିରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିମଳ ସୁନା, ଭୀମକେଲା ହାଇସ୍କୁଲର ରାଜୀବ କିଶୋର ଦାସ, ବେଲଖଣ୍ଡି ହାଇସ୍କୁଲ ତପନ କୁମାର ଭୋଇ, ଆମପାଲି ହାଇସ୍କୁଲର ଚକ୍ରଧର ବାଗ ଯୋଗଦେଇଥିଲେ । ଉଦ୍‌ଯାପନୀ ସମାରୋହରେ ବିଇଓ ବାଞ୍ଛାନିଧି ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜିଲ୍ଲାବିଜ୍ଞାନ ନିରୀକ୍ଷକ ସୁସ୍ମନ୍ତ ଶେଖର ପାଢ଼ୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ଜେନା, ଏସଏମସି ସଭାପତି ରାଧାକାନ୍ତ ସେଠ ସମ୍ମାନିତ ଅତିଥି ଭାବରେ ଯୋଗାଦେଇଥିବା ବେଳେ ଗୋଲାମୁଣ୍ଡା ସର୍ବମଙ୍ଗଳା ଡିଗ୍ରୀ କଲେଜର ରାସାୟନିକବିଭାଗ ଅଧ୍ୟାପକ ନବକୃଷ୍ଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ଶ୍ରେଷ୍ଠ ଗାଇଡ୍ ଶିକ୍ଷକ ଭାବରେ ମାଧ୍ୟମିକସ୍ତରରେ ରିଞ୍ଝା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁରେଶ ଚନ୍ଦ୍ର ମିଶ୍ର ଓ ପ୍ରାଥମିକ ସ୍ତରରେ କଣ୍ଡରେଇ ପ୍ରାଥମିକ ବିଦ୍ୟାଳୟର ଛବିଳ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହିତ ଗତବର୍ଷ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ବାପୁଜୀ ହାଇସ୍କୁଲର ଅମନ କୁମାର ସାହୁ ଓ ଚଳିତବର୍ଷ ରାଜ୍ୟସ୍ତରୀୟ ସୁରଭି ମହୋତ୍ସବରେ ତୃତୀୟ ସ୍ଥାନ ଅଧିକାର କରିଥିବା ସରକାରୀ ହାଇସ୍କୁଲ ରିଷିଡାର ଟିକ୍‌ୱିଲ ସୁନାକୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ।



# ସମ୍ବିଧାନ ଦିବସ ପାଳିତ

**ମ.ରାମପୁର, ୨୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ତରଫରୁ ବ୍ଲକ ସଭା ଗୃହରେ ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି । ବିଡିଓ ଶରତ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ସୁମନ୍ତ ମାଝୀ, ସମ୍ମାନିତ ବକ୍ତା ଅଧ୍ୟାପକ ରଜନୀକାନ୍ତ ଗୋଛାୟତ, ସମ୍ମାନିତ ଅତିଥି ଏଇଇ ବଳ ବିନ୍ଦର ସିଂ ଯାଦବ, ଏବିଡିଓ ଲକ୍ଷ୍ମଣ ପଧାନ ଉପସ୍ଥିତ ରହି ସମ୍ବିଧାନ ଦିବସ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭ ରେ ଆମ୍ବେଦକରଙ୍କ ଫୋଟୋ ଚିତ୍ର ରେ ପୂଜାର୍ଚ୍ଚନା କରା ଯାଇଥିଲା । ସାମ୍ବାଦିକ ହେମନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏହି ଅବସରରେ ସମ୍ବିଧାନଙ୍କୁ ସମ୍ମାନ ଦେବାକୁ ଶପଥ ପାଠ କରାଯାଇଥିଲା । ପଞ୍ଚାୟତିରାଜ ସଦସ୍ୟଙ୍କ ତରଫରୁ ସମିତି ସଭ୍ୟ ଗୋକୁଳାନନ୍ଦ ବିଶ୍ୱାଳ ବକ୍ତବ୍ୟ ରଖିଥିଲେ । ସୁଧୀର କୁମାର ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଜିପିଡିଓ କୁଳମଣି ସିଂହ ରାୟ, ଡ୍ୟୁଇଓ ଶ୍ୟାମ ସୁନ୍ଦର ନାଏକ, ପିରାମଲ୍ ଫାଉଣ୍ଡେସନର କର୍ମୀ ସୁଶ୍ରୀ ଉପାସନା ରାୟ ଓ ବ୍ଲକ କର୍ମଚାରୀମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ଗାତିବେଡ଼ାରେ ମାଣ୍ଡିଆ କ୍ଷେତ୍ର ଦିବସ

**ନୂଆପଡ଼ା/କୋମନା, ୨୭ ।୧୧ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟର ଗାତିବେଡାଠାରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମରେ ସ୍ୱେଚ୍ଛା ସେବୀ ସଂଗଠନ ସିପିଏସଡବ୍ଲୁ କେନ୍ଦୁଭଟାଙ୍କ ତତ୍ତ୍ୱାବଧାନରେ ମାଣ୍ଡିଆ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି । ଉକ୍ତ କ୍ଷେତ୍ର ଦିବସରେ ମୁଖ୍ୟଅତିଥି ଭାବରେ ଉପଜିଲ୍ଲା କୃଷି ଅଧିକାରୀ ସୋମନାଥ ପାତ୍ର, ରିଜିଓନାଲ କୋଅର୍ଡିନେଟର ଉଦୟ ମଣ୍ଡଳ, ସ୍ୱେଚ୍ଛାସେବୀ ସଂଗଠନ ସିପିଏସଡ଼ବ୍ଲୁର ମୁଖ୍ୟ କାର୍ଯ୍ୟନିର୍ବାହୀ ବିରଞ୍ଚି ନାରାୟଣ ମହାପାତ୍ର, ଜିଲ୍ଲା ସଂଯୋଜକ ନରସିଂହ ଜଗତ ଓ ଶତାଧିକ ମିଲେଟ ଚାଷୀ ଉପସ୍ଥିତ ଥିଲେ । ଅତିଥିମାନେ ଉଦ୍‌ବୋଧନ ଦେଇ ମିଲେଟ ଚାଷ ଦ୍ୱାରା ପରିବେଶର ସନ୍ତୁଳନ ତଥା ଖାଇବା ଦ୍ୱାରା ଶରୀରର ଉପକାରିତା ଓ ଆଗାମୀ ଦିନରେ ହେବାକୁ ଥିବା ମାଣ୍ଡିଆ ମଣ୍ଡି ବିଷୟ ରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମକୁ ଶ୍ରୀଅନ୍ନ ଅଭିଯାନ ଓ ସ୍ୱେଚ୍ଛା ସେବୀ ସଂଘଟନ ସିପିଏସଡବ୍ଲୁ, କେନ୍ଦୁଭଟାର ବ୍ଲକ ସଂଯୋଜକ ଉଦେମଣି ନିଆଲ ଓ ଗୌତମ ଦୁରିଆ ପ୍ରମୁଖ ପରିଚାଳନା କରିଥିଲେ ।

# ସିନାପାଲିରେ କୁଷ୍ଠ ଚିହ୍ନଟ ଶିବିର

**ସିନାପାଲି, ୨୭ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ବ୍ୟାପି ଗତ ୧୭ ତାରିଖ ରୁ କୁଷ୍ଠ ରୋଗ ନିରାକରଣ ଅଭିଯାନ ଆରମ୍ଭ ହୋଇସାରିଛି ଯାହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସିନାପାଲି ଅନ୍ତର୍ଗତ ଟିମନପୁର, ରାଣିମୁଣ୍ଡା, ଗୋବିନ୍ଦପୁର ଗଡ଼ରାମାଳ, ଛୋଟ ଦର୍ଲିପଡ଼ା, କୁଲିଆଡୋଙ୍ଗରୀ, ମହାଗାଁ ଠାରେ କୁଷ୍ଠରୋଗ ନିରାକରଣ ପାଇଁ କୁଷ୍ଠ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କୁଷ୍ଠ ରୋଗ ନିରାକାରଣ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀ ଏବଂ ଡିଏଲସି ଅନିତା ସାହୁ ଉପସ୍ଥିତ ରହି ସନ୍ଦେହ ଥିବା ଲୋକଙ୍କ ପରୀକ୍ଷା କରିଥିଲେ । ସେଥିରୁ ୮ଜଣ କୁଷ୍ଠ ରୋଗୀ ଚିହ୍ନଟ କରାଯାଇଥିବା ବେଳେ ଔଷଧ ପ୍ରଦାନ କରାଯାଇଥିଲା ।ମହାଗାଁ ଉଚ୍ଚ ବିଦ୍ୟାଳୟ ଏବଂ ଛୋଟ ଦର୍ଲିପଡ଼ା ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ତନ୍ମୟ ତ୍ରିପାଠୀ ଛାତ୍ର ଛାତ୍ରୀଙ୍କୁ କୁଷ୍ଠ ରୋଗ ନିରାକରଣ ବିଷୟରେ ସଚେତନତା କରିଥିଲେ ।

# ଗୋଲାମୁଣ୍ଡାରେ କୁରାଳ ପୂଜା

**ଗୋଲାମୁଣ୍ଡା, ୨୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରୀତିନୀତି ଅନୁଯାୟୀ କୁରାଳ ପଞ୍ଚମୀ ପୂଜା ଅନୁଷ୍ଠିତ ହୋଇଛି । କଳସ ଯାତ୍ରା ସମୟରେ ଶତାଧିକ ମହିଳା ସାମିଲ ହୋଇ ହୁଳ ହୁଳି ହରିବୋଲ ଶଙ୍ଖ ଘଣ୍ଟ ନାଦରେ ପୋଖରୀ ତୁଠରୁ ପୂଜକଙ୍କ ମନ୍ତ୍ରପାଠ ପରେ ପାଣି ଉଠାଇ ପୂଜା ମଣ୍ଡପରେ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ପୂଜା ୨୭ ତାରିଖରେ ଶେଷ ହେବ ବୋଲି କମିଟି ପକ୍ଷରୁ ପ୍ରକାଶ ପାଇଛି । ଦୁର୍ଗେଶ୍ୱର ରଣା ସଭାପତି କାର୍ଯ୍ୟନିର୍ବାହ କରିଥିବା ବେଳେ ସମ୍ପାଦକ ଭାବରେ କୁମର ରଣା ତୁଲାଇଥିଲେ । ଶୁକଦେବ ମୁଣ୍ଡ ପୂଜକ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ସୁଦୂର ରାଜ୍ୟ ଛତିଶଗଡ଼ର ଡିଙ୍ଗର ପାଣ୍ଡେ ପୁରାଣ ପାଠକ ରୂପେ ଯୋଗ ଦେଇଛି । ପୂଜାରେ ଘନଶ୍ୟାମ ରଣା ଏବଂ ତାଙ୍କ ଧର୍ମପତ୍ନୀ ଗୌରୀ ରଣା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ ବେଳେ ଯୁବଗୋଷ୍ଠୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

## କିଡିଙ୍ଗ-ମାଡିବନ୍ଧା-ମାହେଶ୍ୱରୀପୁର ପୋଲ ଓ ରାସ୍ତା ନିର୍ମାଣ

# ମନ୍ଥର ଗତିରେ ଚାଲିଛି, ୨ ବର୍ଷ ପରେ ବି ସରୁନି କାମ

**ଲାଞ୍ଜିଗଡ଼, ୨୭ ।୧୧(ସମିସ)**

ଲୋକଙ୍କ ବହୁ ଦାବି ରାସ୍ତାରୋକ ଆନ୍ଦୋଳନ ପରେ ପୋଲ ଓ ରାସ୍ତା ଖଣ୍ଡିକ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରକଳ୍ପ ପ୍ରସ୍ତୁତି ଓ ଅନୁଦାନ ରାଶି ଘୋଷଣା ପରେ ବିଧାୟକ ଆସି ଭୂମିପୂଜା କରିଥିଲେ । ଏହାପରେ ଜଣେ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାର ଟେଣ୍ଡର ପାଇବା ସହିତ କାମ ଆରମ୍ଭ କରିଥିଲେ । ସମୁଦାୟ ୬ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ଓ ପୋଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ଭବାନୀପାଟଣା ରାୟଗଡ଼ା ରାଜ୍ୟ ରାଜପଥ କିଡ଼ିଙ୍ଗ ଛକରୁ ମାଡ଼ିବନ୍ଧା ଭାୟା ମାହେଶ୍ୱରୀପୁର-ଲାଞ୍ଜିଗଡ଼ରୋଡ଼ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହିତ ମାଡ଼ିବନ୍ଧା-ମାହେଶ୍ୱରୀପୁର ସାନ୍ଦୁଲ ନଦୀରେ ସୁଉଚ ପୋଲ ନିର୍ମାଣ ପାଇଁ ଏଥିରେ ପ୍ରାବଧାନ ରହିଛି । କିନ୍ତୁ ଦୁଃଖ ଓ କ୍ଷୋଭର ବିଷୟ ହେଲା, ଦୁଇବର୍ଷରୁ ଅଧିକ ସମୟ ହେଲା କେବଳ ସାନ୍ଦୁଲ ନଦୀ ଉପରେ ପୋଲ ନିର୍ମାଣ କାମ ଧୀରମନ୍ଥର ଗତିରେ ଚାଲିଥିବା ବେଳେ ବିଳମ୍ବକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୋଲ ନିର୍ମାଣ ନାମରେ କୋଟିକୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ଏହି ପୋଲର ଉଚ୍ଚତା ଆବଶ୍ୟକ ଉଚ୍ଚତାରୁ ଯଥେଷ୍ଟ କମ୍ ଥିବା ଲୋକେ ଅଭିଯୋଗ କରିଛନ୍ତି । ନିର୍ମାଣାଧିନ ଏହି ପୋଲର ସ୍ଥାୟିତ୍ୱତାକୁ ନେଇ ମଧ ଲୋକେ ପ୍ରଶ୍ନ ଉଠାଇଛନ୍ତି ।ଏପରିକି ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ଏହାର ତଦାରଖ ଦାୟିତ୍ୱ ଥିବାବେଳେ ବିଭାଗର କୌଣସି ଅଧିକାରୀ ଓ ଯନ୍ତ୍ରୀ କାମକୁ ଠିକ୍ ଭାବେ ତଦାରଖ କରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ପୋଲ ସହିତ ରାସ୍ତା ନିର୍ମାଣର ନିର୍ଦ୍ଦେଶ ଥିବାବେଳେ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଆଜି ପର୍ଯ୍ୟନ୍ତ ରାସ୍ତାରେ ମାଟି ମୁଠାଏ ସୁଦ୍ଧା ପକାଇନାହାନ୍ତି । ସୂଚନାଯୋଗ୍ୟ, ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତର କିଡ଼ିଙ୍ଗ ଓ ମାଡ଼ିବନ୍ଧା ଗାଁକୁ ପଞ୍ଚାୟତ କାର୍ଯ୍ୟାଳୟ ସହିତ ଯୋଡିଥାଏ କିଡିଙ୍ଗ-ମାଳିବନ୍ଧା-ମାହେଶ୍ୱରୀପୁର ରାସ୍ତା ଦୀର୍ଘ ବର୍ଷ ହେଲା ଏହା ବ୍ୟାପକ ଖାଲଢିପ, ଧୂଳିଧୂସରିତ ହୋଇ ପଡ଼ି ରହିଥିବାବେଳେ ସାନ୍ଦୁର ନ୍ଦୀ ଏହି ଗାଁଗୁଡିକ ପାଇଁ ଦୁଃଖର କାରଣ ପାଲଟିଛି । ବର୍ଷା ଦିନେ ସାନ୍ଦୁଲ ନ୍ଦୀରେ ପାଣି ଭରିଯିବା ପରେ ଉଭୟ ଗାଁର ଲୋକେ ବିଶେଷ କରି ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ରୋଗୀ ତଥା ଜନସାଧାରଣ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ପୋଲ ନିର୍ମାଣକୁ ତ୍ୱରାନ୍ୱିତ କରିବା ସହିତ ରାସ୍ତା ନିର୍ମାଣ ଆରମ୍ଭ କରାଯିବାକୁ ସାଧାରଣରେ ଦାବି ହେଉଛି । ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଭଗବାନ ଗଉଡ଼ଙ୍କୁ ପଚାରିବାରୁ ପୋଲ କାମ ଦେଢ଼ ମାସ ମଧ୍ୟରେ ସାରିବୁ । ରାସ୍ତା କାମ କିଛି ଦିନ ହୋଇଛି ସେଙ୍କ୍ସନ ହେଲା ବୋଲି ପ୍ରକାଶ କରିଥିଲେ ।କଳାହାଣ୍ଡି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



## ■ ବାରମ୍ବାର ଦାବି ପରେ ବି ଶୁଣିଲାଣି ପ୍ରଶାସନ

# ରାସ୍ତା ମରାମତି ପାଇଁ ଅଣ୍ଟା ଭିଡିଲେ ଚାଷୀ

**କୋକସରା, ୨୭ ।୧୧(ସମିସ):** ବାରମ୍ବାର ଦାବି ପରେ ବି ଶୁଣିଲେନି ପ୍ରଶାସନିକ ଅଧିକାରୀ କିମ୍ବା ନିର୍ବାଚିତ ଜନ ପ୍ରତିନିଧି । ଶେଷରେ ଚାଷ ଜମି ରାସ୍ତା ମରାମତି ପାଇଁ ଅଣ୍ଟା ଭିଡିଲେ କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଁଇଲି ଗ୍ରାମର ଚାଷୀ ଓ ଗ୍ରାମବାସୀ । ଆଁଇଲିଗ୍ରାମ ହେଉଛି ଏକ କୃଷି ବହୁଳ ଗ୍ରାମ । ଏହି ଗ୍ରାମର ଅଧିକାଂଶ ଲୋକ ଚାଷ ଉପରେ ଜୀବନ ଜୀବିକା ନିର୍ବାହ କରୁଥିବାବେଳେ ଚାଷିଙ୍କ ଚାଷଜମିକୁ ସଂଯୋଗ କରୁଥିବା ଚିକିଲିମାଳ ରାସ୍ତା ଅତି ଶୋଚନୀୟ ଓ ଖାଲଖମା ଅବସ୍ଥାରେ ରହିଥିଲା । ବର୍ତ୍ତମାନ ଚାଷ ଜମିକୁ ଟ୍ରାକ୍ଟର କିମ୍ବା ଧାନ କଟା ମେସିନ ଯିବାରେ ଅସୁବିଧା ଭୋଗିବାକୁ ପଡୁଛି । ଆଁଇଲିଗ୍ରାମର ଚାଷୀମାନେ ଅନେକ ସମୟରେ ସ୍ଥାନୀୟ ଲଡୁଗାଁ ପଞ୍ଚାୟତ ସରପଞ୍ଚ ଓ ଅଧିକାରୀଙ୍କୁ ଅଭିଯୋଗ କରିବା ସହ ପଞ୍ଚାୟତ ଅନୁଦାନରେ ଉକ୍ତ ରାସ୍ତା ନିର୍ମାଣ କରିବାକୁ ଦାବି କରି ଆସୁଛନ୍ତି । କିନ୍ତୁ ଅନୁଦାନ ନଥିବା ଦର୍ଶାଇ ପଞ୍ଚାୟତ କର୍ତ୍ତୃପକ୍ଷ ରାସ୍ତା ନିର୍ମାଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗ୍ରାମର ଚାଷୀମାନେ ନିଜେ ପରିଶ୍ରମ କରି ଓ ଜେସିବି ଟ୍ରାକ୍ଟର ଲଗାଇ ପ୍ରାୟ ୨ କିମି ରାସ୍ତା ମରାମତି କରୁଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟରେ ଚାଷି ସୁବ୍ରତ କୁମାର ସାହୁ, ରସିକ ଲାଲ ମାଝୀ, କୁଳମଣି ସାହୁ, ଭାରତ ରାଉତ, ନୀଳମାଧବ ସାହୁ, ମୀନକେତନ ମାଝୀ, ଜୀମୂତ ବାହାନ ମାଝୀ, ଚିତ୍ତ ରଞ୍ଜନ ସାହୁ ସମେତ ଗ୍ରାମବାସୀ ମିଳିତ ସହଯୋଗରେ ଗାଡିମୋଟର ଓ ପରିଶ୍ରମ କରି ରାସ୍ତା ରେ ମୁରୁମ ଦେଇ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି ।

